ସେବା

(ତାଙ୍କ ପାଦପଦ୍ମରେ ଅର୍ପିତ ପୁଷ୍ପ)

ସେବା

ତାଙ୍କ ପାଦପଦ୍ମରେ ଅର୍ପିତ ପୁଷ୍ପ

(ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ସଂଭାଷଣମାନଙ୍କରୁ ସଂକଳିତ)

ସଂକଳନ

ଗ୍ରେସ୍ ଜେ. ମାକ୍. ମାର୍ଟିନ୍

ଭାଷାନ୍ତର

ଡଃ ସୁଧାଂଶୁ କୁମାର ନାୟକ

ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ, ଓଡ଼ିଶା

ଭୁବନେଶ୍ୱର

ସେବା : ତାଙ୍କ ପାଦପଦ୍ମରେ ଅର୍ପିତ ପୁଷ୍ପ

(SEVA : TANKA PADAPADMARE ARPIT PUSPA)

ସଂକଳନ :

ଗ୍ରେସ୍ ଜେ. ମାକ୍. ମାର୍ଟିନ

ଓଡ଼ିଆ ଭାଷାନ୍ତର :

ଡଃ ସୁଧାଂଶୁ କୁମାର ନାୟକ

ପ୍ରକାଶକ:

ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ

ଓଡ଼ିଶା, ଭୁବନେଶ୍ୱର-୭୫୧୦୦୧

ପ୍ରଥମ ସଂସ୍କରଣ : ୨୦୦୦ (୨୦୦୦)

ଦ୍ୱିତୀୟ ସଂସ୍କରଣ : ୨୦୧୧(୨୦୦୦)

ମୁଦ୍ରଣ :

ଶ୍ରୀ ସତ୍ୟସାଇ ପ୍ରେସ୍

ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧

ମୂଲ୍ୟ : ୬୦.୦୦

(SEVA : A Flower at His Lotus Feet)

Compiled by :
Grace J. Martin

Translated into Oriya by
Dr. Sudhansu Kumar Nayak

All Rights Reserved :
Sri Sathya Sai Sadhana Trust
Publication Division
Prasanthi Nilayam-515134
Anantapur Dist.(AP)

Published by
Sri Sri Sathya Sai Books &
Publication Trust
Orissa, Bhubaneswar

First Edition : 2000
Second Edition : 2011

Printed by :
Sri Sathya Sai Press,
Unit-III,Bhubaneswar-751001
0674-2396269

Price : Rs. 60/-

ମୁଖବନ୍ଧ

ଏହି ପୁସ୍ତକଟି ଭଗବାନଙ୍କ ପାଦପଦ୍ମରେ ପ୍ରେମ ଓ ଭକ୍ତିର ସହିତ ସମର୍ପିତ ।

ମୋର ସୌଭାଗ୍ୟ ଯେ ସେବା ବିଷୟରେ ଏହି ପୁସ୍ତକଟି ସଂକଳନ କରିବାକୁ ସାଇବାବା ଅନୁମତି ଦେଇଛନ୍ତି ।

ନଭେମ୍ବର ୧୯୮୪ ରେ ସାଇବାବା ପ୍ରଶାନ୍ତିନିଳୟମ୍‌ଠାରେ ପ୍ରଥମ ଆନ୍ତର୍ଜାତୀୟ ସେବାଦଳ ସମ୍ମିଳନୀ ଆୟୋଜନ କରିଥିଲେ । ସେହି ସମ୍ମିଳନୀରେ ବାବାଙ୍କ ସମ୍ଭାଷଣରୁ ଗୋଟିଏ ଉକ୍ତି ଏହି ପୁସ୍ତକର ପ୍ରେରଣା ଅଟେ । (ତାହା ହେଲା **"ତୁମର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେବା କରି ଚାଲ"**- ୨୦.୧୧.୧୯୮୪)

ବର୍ତ୍ତମାନର ଅବତାର ସତ୍ୟସାଇ ବାବାଙ୍କ ଉପଦେଶରେ ସେବାର ପ୍ରକୃତ ଅର୍ଥ ନିହିତ ଅଛି । ଏହି ପୁସ୍ତକଟି ପାଠକମାନଙ୍କର ସହାୟକ ହେବ ବୋଲି ଆଶା କରାଯାଏ, କାରଣ ସେବା ହେଉଛି ପ୍ରଭୁଙ୍କ ପ୍ରତି ଉତ୍ସର୍ଗଭାବ । ବାବା କହନ୍ତି, "ଉତ୍ସର୍ଗ ଭାବରେ ଫଳ ପାଇଁ କାମନା ନ ଥାଏ; କାମଟି କରିବାରେ ହିଁ ତାହା ନିହିତ । ସେହି ଉତ୍ସର୍ଗ ଭାବର ଅନୁଶୀଳନ ପାଇଁ ପ୍ରତ୍ୟେକ ଭଗବତ୍ ଚିନ୍ତନ କରିବା, ଭଗବତ୍ ସ୍ମରଣ କରିବା ଏବଂ ଭଗବତ୍ ବିଶ୍ୱାସକୁ ଗଭୀର କରିବା ଉଚିତ ।"

ପ୍ରେମ, ଭକ୍ତି ଓ କୃତଜ୍ଞତାର ସହ
ତାଙ୍କ ପାଦପଦ୍ମରେ
ଗ୍ରେସ୍ ଜେ. ମାକ୍. ମାର୍ଟିନ୍

ସନ୍ଦେଶ

ଶାନ୍ତି ଦେବା, ନିସ୍ତାର କରିବା ବା ପୁନରୁଜ୍ଜୀବିତ କରିବା ପାଇଁ ନିଜକୁ ତାଲିମ ଦିଅ । ସେବା ତପସ୍ୟାର ସବୁଠାରୁ ଅଧିକ ଫଳପ୍ରଦ, ସନ୍ତୋଷଜନକ ଓ ଆନନ୍ଦପ୍ରଦ ରୂପ ଅଟେ । ଏହା ପ୍ରେମରୁ ଜାତ ହୁଏ ଏବଂ ଏହା ପ୍ରେମ ବିଚ୍ଛୁରଣ କରେ । ଏହା ପଥରରେ ମଞ୍ଜି ପୋତି ତାହା ଅଙ୍କୁରିତ ହେବାର ଦେଖି ପୁଲକିତ ହୁଏ । ପ୍ରେମର ସହିତ ତାହା ବପନ କର, ତାହେଲେ ମଞ୍ଜିଟି ପଥର ଭିତରେ ପ୍ରେମର ଆବିଷ୍କାର କରିବ ଏବଂ ସେଥିରୁ ପୁଷ୍ଟିସାର ସଂଗ୍ରହ କରିବ ।

ତୁମେ ବିଚ୍ଛୁରଣ କରୁଥିବା ଆନ୍ତରିକ ଆନନ୍ଦ, ପ୍ରେମ ହିଁ ଗୁରୁତ୍ୱପୂର୍ଣ୍ଣ । ଖାଲି ସମ୍ବେଦନା ଓ ସହାନୁଭୂତିର କିଛି ମୂଲ୍ୟ ନାହିଁ; ସେଗୁଡ଼ିକ ବୁଦ୍ଧିଦ୍ୱାରା ନିୟମିତ ହେବା ଉଚିତ । ଦୁଃଖୀଙ୍କୁ ଆନନ୍ଦ ଦିଅ; ବାଟବଣାମାନଙ୍କୁ ଆଶ୍ରୟ ଦିଅ; ଅନ୍ୟମାନଙ୍କର ଦୋଷ ପ୍ରତି ଆଖି ବୁଜିଦିଅ; ନିଜର ଦୋଷ ଖୋଜିବା ପାଇଁ ସେଗୁଡ଼ିକୁ ଖୋଲା ରଖ । ଏ ସବୁ କଠିନ କାର୍ଯ୍ୟ । ଅଭ୍ୟାସ ହିଁ ତୁମକୁ ପରିପୂର୍ଣ୍ଣ କରିପାରିବ । କେବଳ ସେବାଭ୍ୟାସ ନୁହେଁ, ଧ୍ୟାନାଭ୍ୟାସ । ଜପ ଓ ଧ୍ୟାନ ତୁମକୁ ସେବା କ୍ଷେତ୍ରରେ ଅଧିକାଧିକ ନିପୁଣ କରିବ ।

–ବାବା

ସୂଚୀପତ୍ର

	ବିଷୟ	ପୃଷ୍ଠା
୧.	**ସତ୍ୟସାଇ ସେବା**	୮
୨.	**ସେବା**	୧୮
	ତାଙ୍କ ପାଦପଦ୍ମରେ ଅର୍ପିତ ପୁଷ୍ପ	୧୯
	ସେବା ସଂକଳ୍ପ	୨୩
	ମାନବସେବା ହିଁ ମାଧବସେବା	୨୭
	ଦିବ୍ୟସଂକଳ୍ପର ସ୍ୱରୂପ ଭାବରେ ସମସ୍ତଙ୍କର ସେବା କର	୩୩
	ସମାଜସେବା	୩୬
	ମାନବ ସେବା ଭଗବାନଙ୍କ ଉପହାର	୪୧
	ନିଷ୍କାମ କର୍ମ	୪୫
	ସ୍ୱତଃସ୍ଫୂର୍ତ୍ତ ସେବା	୫୦
	ଦେହ ଥାଇ ଲାଭ କ'ଣ?	୫୪
	ମହତ୍ତମ ସେବା	୫୮
	ଭେଦଭାବରହିତ ସେବା	୬୨
	ସେବା : ମହାନ୍ ଆଧ୍ୟାତ୍ମିକ ସାଧନା	୬୪
	ସେବାର ମହିମା	୬୬
	ସେବା : ସର୍ବୋଚ୍ଚ ଆଧ୍ୟାତ୍ମିକ ସାଧନା	୬୬
	ସେବା : ସୂକ୍ତିମାଳା	୬୬
୩.	**ସ୍ୱେଚ୍ଛାସେବୀ**	୭୫
	ମନୋନୀତମାନଙ୍କୁ ଉପଦେଶ	୭୬
	ଆତ୍ମୀୟ-ସ୍ୱଜନଙ୍କୁ ସମ୍ମାନ ଦିଅ	୮୦
	ସ୍ୱୟଂସେବକ	୮୪
	ଦିବ୍ୟ ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ	୯୦
	ପ୍ରଭୁଙ୍କର ଅସଂଖ୍ୟ ପାଦ	୯୬
	ଲୋକ ନୁହେଁ, ଲୋକେଶ	୧୦୦
	ସ୍ୱେଚ୍ଛାସେବୀ : ସୂକ୍ତିମାଳା	୧୦୬
	ଶ୍ରୀ ରମଣ ମହର୍ଷି	୧୧୨
୪	**ବ୍ୟାଙ୍କ୍**	୧୧୩
	ବ୍ୟାଙ୍କ୍‌ର ବୋଝ	୧୧୪

	ବିଷୟ	ପୃଷ୍ଠା
	ଦୁର୍ଲ୍ଲଭ ସୁଯୋଗ	୧୨୦
	ହୃଦୟରେ ଅଙ୍କିତ	୧୨୫
	ଅଦୃଶ୍ୟ ବ୍ୟାଜ୍	୧୨୮
	ଚଳନ୍ତା ଦେବାଳୟ	୧୩୧
	ବ୍ୟାଜ୍ : ସୂକ୍ତିମାଳା	୧୩୫
୫	**ସେବାଦଳ**	୧୩୮
	ତୁମେ ସମସ୍ତେ ମୁଁ	୧୩୯
	ସେ ମଧ୍ୟ ସେ	୧୪୩
	ଅନ୍ତଃଶୁଦ୍ଧି	୧୪୯
	ଆଘାତ ନୁହେଁ କି ଲମ୍ଫ ନୁହେଁ	୧୫୦
	ତୃଷା ଶାନ୍ତ କର	୧୫୬
	ସେବାଦଳ	୧୬୩
	ନିଃସ୍ୱାର୍ଥପର କାର୍ଯ୍ୟ	୧୬୪
	ସେବାଦଳ : ସୂକ୍ତିମାଳା	୧୬୫
୬.	**ସମାଜ ସେବା**	୧୬୬
	ସେବା ହୃଦୟରୁ ଆସିବା ଉଚିତ	୧୬୭
	ହୃଦୟର ହୃଦୟ ସହିତ ମିଳନ	୧୭୧
	ହାତୀ ଓ ସିଂହ	୧୭୬
	ଆଜି ଜଗତରେ ଯାହା ଦରକାର	୧୮୦
	ଭଲ ପାଅ ଓ ସେବା କର	୧୮୧
୭	**ନାରାୟଣ ସେବା**	୧୮୫
	ନାରାୟଣ ସେବା	୧୮୬
	ନିର୍ଦ୍ଧନ ଧନୀ ବାଳିକା	୧୮୯
	ବଡ଼ଦିନ	୧୯୦
	ନାରାୟଣ ସେବା : ସୂକ୍ତିମାଳା	୧୯୧
୮	**ପ୍ରଶାନ୍ତିନିଳୟମ୍**	୧୯୨
	ପ୍ରଶାନ୍ତିନିଳୟମ୍	୧୯୩
	ସୂକ୍ତିମାଳା	୧୯୯
	ଗୀତା କହେ	୨୦୬

♦ ♦ ♦

ସତ୍ୟସାଇ ସେବା

ସେବାର ଗୋଟିଏ ତରଙ୍ଗ ଯଦି ପ୍ରତ୍ୟେକଙ୍କୁ ଉତ୍ସାହର ସହିତ ସ୍ପର୍ଶ କରି ପୃଥିବୀରେ ବ୍ୟାପିଯାଏ ତେବେ ଏହା ପୃଥିବୀକୁ ଆକ୍ରାନ୍ତ କରୁଥିବା ତୁମ ହୃଦୟକୁ ପ୍ରଲୁବ୍ଧ କରୁଥିବା ଗଦା ଗଦା ଈର୍ଷା, ଦ୍ୱେଷ ଓ ଲୋଭକୁ ପୋଛି ଦେବାକୁ ସକ୍ଷମ ହେବ, ଯଦ୍ଦ୍ୱାରା ଏହା ତୁମର ସାଥୀ-ମନୁଷ୍ୟମାନଙ୍କର ଦୁଃଖ ଓ ସୁଖରେ ସହାନୁଭୂତିର ସହିତ ସ୍ପନ୍ଦିତ ହେବ, ଜଗତକୁ ପ୍ରେମରେ ଭରି ଦେବ ।

-ବାବା

ସତ୍ୟସାଇ ସେବା ସମିତିଗୁଡ଼ିକ ପ୍ରେମରେ ନିର୍ମିତ ହୋଇଛନ୍ତି । ସେଗୁଡ଼ିକ ପ୍ରେମରେ ତିଷ୍ଠି ରହିଛନ୍ତି, ସେଗୁଡିକ ପ୍ରେମ ପ୍ରସାରଣ କରନ୍ତି । ସେଥିରେ ଅନ୍ୟ କୌଣସି ଆବେଗ ବା ମନୋଭାବର ସ୍ଥାନ ନାହିଁ । ଦିବ୍ୟତ୍ୱ ହେଉଛି ଚୁମ୍ବକ । ମାନବିକତା ହେଉଛି ଲୁହା । ପ୍ରେମ ହେଉଛି ସେମାନଙ୍କୁ ଏକାଠି କରୁଥିବା ଶକ୍ତି । ସତ୍ୟସାଇ ସେବା ସମିତିଗୁଡିକର ମୁଖ୍ୟ ଲକ୍ଷ୍ୟ, ସେଗୁଡିକର ପ୍ରାଣବାୟୁ ହେଉଛି ଏକ ଭାବରେ ସମସ୍ତଙ୍କର ଏକତ୍ୱର ଚେତନା ।

-ବାବା

ସତ୍ୟସାଇ ସେବା

ବେଦମାନେ ଦିବ୍ୟ କୃପାର ପବିତ୍ର ଆତ୍ମା ଦ୍ୱାରା ପ୍ରେରିତ; ସେମାନେ ମାନବଜାତିକୁ ଇହଲୋକରେ ସୁଖୀ ଜୀବନର ରହସ୍ୟ ଏବଂ ଚିରଦିନ ପାଇଁ ମୋକ୍ଷ ପ୍ରଦାନ କରିବାକୁ ଉଦ୍ଦିଷ୍ଟ । ସେମାନେ ଦିବ୍ୟ ମହିମାର ସାର ପ୍ରକଟ କରନ୍ତି । ସେମାନେ ହଜାର ହଜାର ବର୍ଷ ଧରି ସମଗ୍ର ମାନବଜାତି ପାଇଁ ଆଧ୍ୟାତ୍ମିକ ଜ୍ଞାନର ଉତ୍ସ ହୋଇ ରହିଛନ୍ତି । ଖରାପରୁ ଭଲକୁ ପୃଥକ୍ କରିବା ସକାଶେ ଭଗବାନଙ୍କଠାରୁ ଉପହାର ରୂପରେ ମନୁଷ୍ୟ ଲାଭ କରିଥିବା ବୁଦ୍ଧି ଏବଂ ବେଦ ହେଉଛନ୍ତି ସାଧନ ଯାହା ଦ୍ୱାରା ଏ ଦେଶର ସଂସ୍କୃତିର ସୁରକ୍ଷା ଓ ବିକାଶ କରିବାକୁ ହେବ । ବୁଦ୍ଧି ଦ୍ୱାରା ବୈଦିକ ରତ୍ନ ଭଣ୍ଡାରର ଲୁଣ୍ଠନ କରାଗଲେ ଦିବ୍ୟତତ୍ତ୍ୱ ସ୍ପଷ୍ଟ ହୁଏ ଏବଂ ତାହା ଜଣାଗଲେ ମନୁଷ୍ୟ ନିତ୍ୟାନନ୍ଦଲାଭ କରେ ଓ ଶାନ୍ତିପୂର୍ଣ୍ଣ ହୁଏ । ଜୀବନର ବହିର୍ଦେଶୀୟ ଧାରା ପ୍ରତି ପ୍ରଲୋଭନର ଫଳସ୍ୱରୂପ ଏହି ରତ୍ନର ଉପେକ୍ଷା ଓ ଅବହେଳା କରାଯାଇଛି । କିନ୍ତୁ କେତେ ବର୍ଷ ହେଲା ପ୍ରତ୍ୟାଗମଶୀଳ ଭାବନା ଏବଂ ଅନୁତାପ କରିବାର ପ୍ରବୃତ୍ତି ଲୋକମାନଙ୍କ ମଧ୍ୟରେ ଦେଖାଦେଇଛି ।

ଏହି ସମ୍ମିଳନୀ ପୁନରୁତ୍ଥାନର ପ୍ରତୀକ । ସାମର୍ଥ୍ୟ ଓ ଆନ୍ତରିକ ଏକତାର ସନ୍ଦେଶ ଲୋକମାନଙ୍କ ଘରକୁ ପୁଣି ଥରେ ଆଣିବାର ଦାୟିତ୍ୱ ତୁମମାନଙ୍କୁ ଦିଆଯାଇଛି । ମାନବକୁ ମାଧବରେ ରୂପାନ୍ତରିତ କରିବା ଏବଂ ସେହି ଆନନ୍ଦ ଅନୁଭୂତି କରିବା ହିଁ ଏକ ଓ ଏକମାତ୍ର ଉପଲବ୍ଧି ଯେଉଁଥିପାଇଁ ଜୀବନ ଉତ୍ସର୍ଗିତ ହେବା ଉଚିତ । ତୁମେ ତୁମ ନିଜ ନିଜ ସ୍ଥାନମାନଙ୍କରେ କରୁଥିବା ଉଦ୍ୟମ ପ୍ରତ୍ୟେକ ବ୍ୟକ୍ତିର ଚେତନାରେ ଏହି ଲକ୍ଷ୍ୟକୁ ଆଣିବା ପାଇଁ ଅଭିପ୍ରେତ । ଅବଶ୍ୟ ନିଜ ନିଜ ଅଞ୍ଚଳରେ ଆଧ୍ୟାତ୍ମିକ ରୋଗର ଆରୋଗ୍ୟ ପାଇଁ ବିଭିନ୍ନ ପ୍ରକାର ଚିକିତ୍ସା ବିତରଣ କରିବାରେ ଅନେକ ସଂଗଠନ ଓ ସମାଜ ନିୟୋଜିତ ଅଛନ୍ତି ଏବଂ ସେଥିପାଇଁ ଏହି ଅତିରିକ୍ତ ଅନୁଷ୍ଠାନର ଆବଶ୍ୟକତା ବିଷୟରେ ପ୍ରଶ୍ନ ଉଠିପାରେ । ମୌଳିକ ଓ ଆବଶ୍ୟକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବା ପାଇଁ ହିଁ ଆବଶ୍ୟକତା ଅନୁଭୂତ ହୋଇଛି, ଯାହା ମନୁଷ୍ୟଠାରେ ଦିବ୍ୟତ୍ୱର ପ୍ରକଟନ ପାଇଁ ଯୁଗ ଯୁଗ ଧରି ନିର୍ଦ୍ଧାରିତ ହେବା ପରି ବ୍ୟାବହାରିକ ଓ ବିଶ୍ୱଜନୀନ ।

ବେଦମାନଙ୍କ ଦ୍ୱାରା ସମଗ୍ର ବିଶ୍ୱକୁ ବିଷ୍ଣୁଙ୍କ ଶରୀର ଭାବେ ଚିହ୍ନିତ କରାଯାଇଛି । ଆଉ ଭାରତ ହେଉଛି ଏହି ବିଶ୍ୱର ଚକ୍ଷୁପରି, କାରଣ ସମୟ ପ୍ରସଙ୍ଗରେ ଏହାର ସବୁଠାରୁ ଠିକ୍ ବିଶ୍ୱ-ଦୃଷ୍ଟି ରହିଛି । ମାଆ ଚାହେଁ ଯେ ପୁଅ ପରିବାରର

ସମ୍ମାନ ରକ୍ଷା କରୁ; ପୁଅ ମାତା ଓ ପିତାଙ୍କର ସୁନାମ ରକ୍ଷା କରିବା ଉଚିତ । ତେଣୁ ପ୍ରତ୍ୟେକ ଭାରତୀୟ ଏହି ଦେଶର ମୁନି-ଋଷିମାନେ ପରୀକ୍ଷା-ନିରୀକ୍ଷା ଓ ଆବିଷ୍କାର କରିଥିବା ଆଧ୍ୟାତ୍ମିକ ବିଜ୍ଞାନର ଶିକ୍ଷା ଓ ଅନୁଶୀଳନ କରିବା ଉଚିତ । ଅବଶ୍ୟ ବିରୋଧୀ ଶକ୍ତି, ଅସତ୍‌ସଙ୍ଗ, ଅଜ୍ଞାନତାପୂର୍ଣ୍ଣ ପ୍ରଲୋଭନ ଯୋଗୁଁ ଭାରତୀୟମାନେ ଏହି ସର୍ବପ୍ରଥମ କର୍ତ୍ତବ୍ୟର ଅବହେଳା କରିଛନ୍ତି । ସଂକ୍ରାମକ ରୋଗ ମାଡି ଆସିଛି; ଏହା ଅଙ୍ଗପ୍ରତ୍ୟଙ୍ଗରେ ଭଲ ଭାବରେ ବ୍ୟାପି ଯାଇଛି । ତୁମେ ପ୍ରତିନିଧିତ୍ୱ କରୁଥିବା ସମ୍ମିଳନୀ ଓ ସଂଗଠନ ସେହି ରୋଗକୁ ଆରୋଗ୍ୟ କରିବା ପାଇଁ ଏକ ପ୍ରୟାସ । ପ୍ରଶାନ୍ତି ବିଦ୍ୱାନ-ମହାସଭା, ସତ୍ୟସାଇ ସେବା ସମିତି, ସତ୍ୟସାଇ ସେବା ଦଳ ବା ସତ୍ୟସାଇ ଭକ୍ତ ମଣ୍ଡଳୀ, ନାମ ଯାହା ହେଉନା କାହିଁକି ଅଭିପ୍ରାୟ ସମାନ ।

ପ୍ରଥମ ଲକ୍ଷ୍ୟ ହେଲା ଭାରତୀୟ ସଂସ୍କୃତିର ପୋଷଣ ଓ ଅନୁଶୀଳନ । ପ୍ରକୃତ ଜୀବନ ଶୈଳୀ ଏବଂ ଏହାର ମୂଲ୍ୟବୋଧ ସମ୍ବନ୍ଧରେ ନିଜସ୍ୱ ଆବିଷ୍କାର ମାଧ୍ୟମରେ ଏହାର ଯଥାର୍ଥ ପରୀକ୍ଷିତ ହେଉ ଏବଂ ଯେଉଁମାନେ ଏଥିରୁ ଉପଲଭ୍ୟ ଶାନ୍ତି ଓ ଆନନ୍ଦର ଅନୁଭୂତି କରିଛନ୍ତି ସେମାନଙ୍କ ଦ୍ୱାରା ଏହା ଅନ୍ୟମାନଙ୍କ ନିକଟକୁ ସଞ୍ଚରିତ ହେଉ । ଯେଉଁମାନେ ନିଜେ ଆରୋଗ୍ୟ ହୋଇ ନାହାନ୍ତି ସେମାନଙ୍କ ଦ୍ୱାରା ଔଷଧର ପ୍ରଶଂସା ମୁଁ ଚାହେଁ ନାହିଁ । ଯେଉଁଠାରେ ଏହି ସଂସ୍କୃତି ବର୍ଦ୍ଧିତ ଓ ବିକଶିତ ହୋଇଥିଲା ସେହି ଦେଶରେ ଆଜି ଅନୈତିକତା ଓ ଦୁର୍ନୀତି ସୁଖ ଓ ଶାନ୍ତି ନଷ୍ଟ କରି ପକାଇଛି । ଅନେକ ଏହି କଥାର ନିନ୍ଦା କରୁଛନ୍ତି, କିନ୍ତୁ ସେହି ଲୋକମାନେ ହିଁ ସେମାନେ ନିଜେ ନିନ୍ଦା କରୁଥିବା ଭୁଲ କରୁଛନ୍ତି । ଯେଉଁମାନେ ଲୋକମାନଙ୍କର ନେତୃତ୍ୱ ନେବାର ଦାବୀ କରୁଛନ୍ତି ସେମାନେ ନିଜେ ପତନର ପ୍ରଲୋଭନ ଦ୍ୱାରା ପଥଚ୍ୟୁତ ହେଉଛନ୍ତି । ତେଣୁ ଏପରି ସଙ୍ଗଠନମାନ ଆରମ୍ଭ ଓ ପରିଚାଳନା କରିବା ବେଳେ ତୁମେ ମନ ଭିତରେ ଯେଉଁ ପ୍ରଥମ ଆଦର୍ଶଟି ରଖିବା ଉଚିତ ତାହା ହେଲା - ସମ୍ମାନ, ଅଧିକାର ବା ପଦବୀ ପାଇଁ ଲାଳାୟିତ ହୁଅ ନାହିଁ; କୌଣସି ପ୍ରକାର ଆଡମ୍ବର ବା ପ୍ରଦର୍ଶନକୁ ଅନୁମତି ଦିଅ ନାହିଁ; ପ୍ରଚାର ବା ସ୍ୱୀକୃତି ବା ପ୍ରଶଂସା ପାଇଁ ପ୍ରତିଦ୍ୱନ୍ଦ୍ୱିତା କର ନାହିଁ । କର୍ତ୍ତବ୍ୟ ହିଁ ଭଗବାନ । ତାହା କର ଓ ସନ୍ତୁଷ୍ଟ ହୁଅ । ତୁମର ଆତ୍ମ-ଶ୍ଳାଘା ପାଇଁ ଅଭିଳାଷ ଏବଂ ସେଗୁଡିକୁ ପୂରଣ କରିବାର ଯୋଜନା ଥାଇପାରେ । ମୁଁ ଜାଣିଛି ଯେ ଅନେକ ଲୋକ ଅଧିକୃତ ପଦବୀ ପାଇବା ପାଇଁ ଯୋଜନା କରି ସାରିଲେଣି, କିନ୍ତୁ ତୁମେ ଏହି କାମନାଗୁଡିକର ଦମନ ଓ ବିଧ୍ୱଂସ କରିବା ଉଚିତ । ବିନା ଦ୍ୱିଧାରେ ମୋର ନିର୍ଦ୍ଦେଶ ପାଳନ କରିବା ହିଁ ସର୍ବୋତ୍ତମ ଯୋଜନା । ସେବାରେ ନିୟୋଜିତ ଥିବା ବେଳେ ହୀନତର କାମନା କରିବା ବା

ନିଜ କାମନାର ଅବିବେକୀ ଅନୁସରଣ କରିବା ଭୁଲ । ବେଦମାନଙ୍କରେ "ତ୍ୟାଗେନୈକେ ଅମୃତତ୍ୱଂ ଆନଶୁଃ" ବୋଲି କୁହାଯାଇଛି ।

ଭାରତର ଇତିହାସରେ, ତୁମେ ଲକ୍ଷ୍ୟ କରିଥିବ ଯେ ସମସ୍ତ ମହାନ ଆନ୍ଦୋଳନ ଓ ସାମ୍ରାଜ୍ୟ ଆଧ୍ୟାତ୍ମିକ ଅନ୍ତଃପ୍ରବାହ ଦ୍ୱାରା ପ୍ରେରିତ, ରାଜନୈତିକ ଓ ଅର୍ଥନୈତିକ ଚାପ ଦ୍ୱାରା ନୁହେଁ । ଇଷ୍ଟଇଣ୍ଡିଆ କମ୍ପାନୀର ଆବିର୍ଭାବ ପରେ ହିଁ ରାଜନୀତି ଓ ରାଜନୈତିକ କ୍ଷମତା ପାଇଁ ସଂଘର୍ଷର ପ୍ରାଧାନ୍ୟ ଦେଖାଗଲା । ତୁମେ ରାଜନୀତିକୁ ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱର ବିକାଶ ଓ ସୁରକ୍ଷାର ଆବଶ୍ୟକତା ପୂରଣ ପାଇଁ ଅଭିପ୍ରେତ କରିବା ଉଚିତ ।

ବିଶ୍ୱ ଭଗବାନଙ୍କର ଶରୀର । ସେହି ଶରୀରରେ ଏକତ୍ୱ ଚେତନା ହେଉଛି ଭାରତ; ମାତ୍ର ଏକ ଅଛି; ଏହି କଥା ଯୁଗ ଯୁଗ ପୂର୍ବେ ବେଦରେ ଘୋଷଣା କରାଯାଇଥିଲା । ତାହା ହେଉଛି ଆଜି ଭାରତର ହୃଦ୍‌ସ୍ପନ୍ଦନ । ସେଥିପାଇଁ ମୁନି, ଋଷି, ଦିବ୍ୟାତ୍ମା ଓ ଭଗବାନଙ୍କ ଅବତାରମାନେ ଏଠାରେ ଆବିର୍ଭୂତ ହୁଅନ୍ତି ଏବଂ ଏହି ଦେଶରୁ ମାନବିକତାକୁ ସେମାନଙ୍କର ସନ୍ଦେଶ ପ୍ରଦାନ କରନ୍ତି । ମୂଲ୍ୟବାନ ସନ୍ଦେଶ ବର୍ତ୍ତମାନ ରପ୍ତାନୀ କରାଯାଉଛି, କିନ୍ତୁ ଦେଶ ଭିତରେ ଖୁବ୍‌ କମ୍ ଉପଯୋଗ ହେଉଛି । ତାହା ହିଁ ଦୁଃଖର କଥା । ଅଧିକୃତ ପଦବୀମାନଙ୍କରୁ ମିଳୁଥିବା ପ୍ରଭାବ ସକାଶେ କ୍ଷମତା ଆହରଣ ଓ ସଂଗ୍ରହ କରିବା ପାଇଁ ଲୋକମାନେ ଅନ୍ୟମାନଙ୍କର ନିନ୍ଦା କରୁଛନ୍ତି ଓ ଘୃଣା ସୃଷ୍ଟି କରୁଛନ୍ତ । ଆଜି ସକାଳୁ ସଞ୍ଜ ଯାଏ ଓ ସଞ୍ଜରୁ ସକାଳ ଯାଏ ଲୋକମାନଙ୍କର ମୁଖ୍ୟ ବୃତ୍ତି ହେଲା ଅନ୍ୟମାନଙ୍କର ଦୋଷ ଦେଖିବା, ଅନ୍ୟମାନଙ୍କର ଦୋଷର ପ୍ରଚାର କରିବା । ଏ ପ୍ରକାର ସ୍ଥିତି ଆମର ଶୁଭ୍ର ସଂସ୍କୃତି ମୁହଁରେ ଏକ ଅପମାନ । ଏହା ଶସ୍ତା ଲୋକପ୍ରିୟତା ଓ ଅସ୍ଥାୟୀ ଯଶ ପାଇଁ ଲାଳସାରୁ ଜାତ ।

ତୁମର ସଙ୍ଗଠନ ଭଗବତ୍ ବିଶ୍ୱାସ ବଢାଇବା ପାଇଁ ପ୍ରୟାସ କରିବା ଉଚିତ । ଏହି ମୂଳଦୁଆର ଅଭାବ ହେଲେ ଉପାସନା, ଭଜନ, ପୂଜା, ସତ୍‌କର୍ମ ସବୁ ସାମାଜିକ ବାଧ୍ୟବାଧକତା ଯୋଗୁଁ କରାଯାଉଥିବା ଅର୍ଥହୀନ ସ୍ୱତଃସ୍ଫୂର୍ତ୍ତ ଆଚାରବିଧି ହେବ । ଏଗୁଡିକ ବିଶ୍ୱାସର ସହିତ କରାଗଲେ ହିଁ ଏହାର ଫଳ ହେବ ଆନ୍ତରିକ ରୂପାନ୍ତରଣ । ଅନୁସନ୍ଧାନର ମୂଳରୁ ହିଁ ବିଶ୍ୱାସ ବଢିପାରିବ । ବିଶ୍ୱାସ ଅନୁସନ୍ଧାନ ଦ୍ୱାରା ଦୃଢତର ହୁଏ । ତୁମେ ତୁମ ସଂସର୍ଗରେ ଆସୁଥିବା ସଦସ୍ୟମାନଙ୍କୁ ଅନୁସନ୍ଧାନ ପାଇଁ ଉତ୍ସାହିତ କରିବା ଉଚିତ ଏବଂ ପ୍ରତ୍ୟକ୍ଷ ଅନୁଭୂତି ଲାଭ ପାଇଁ ସେମାନଙ୍କର ଉଦ୍ୟମକୁ ସ୍ୱାଗତ କରିବା ଉଚିତ ।

ମଣିଷ ଶରୀର ପାଇଁ ନିଜକୁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇବାକୁ ଚେଷ୍ଟା କରିଥାଏ । ସେ ମନକୁ ସୁସ୍ଥ ଓ ସୁଖୀ ରଖିବା ପାଇଁ ମଧ୍ୟ ନିଜକୁ କିଛି ଯୋଗାଇବା ଉଚିତ । ମନ ଏକ ଉପକରଣ, ଚଳାଇବା ଚକ୍ର, ମନୁଷ୍ୟର ନିକଟତମ ସାଥୀ । ଏହା ମାଧ୍ୟମରେ ଜଣେ ନିଜକୁ ଧ୍ୱଂସ କରିପାରେ । ଠିକ୍ ଭାବରେ ନିୟମିତ, ନିୟନ୍ତ୍ରିତ ଓ ପରିଚାଳିତ ହେଲେ ଏହା ମୁକ୍ତି ଦେଇପାରେ; ପଥଚ୍ୟୁତ ଓ ହୁଗୁଳା ହେଲେ ଏହା ଛନ୍ଦି ଦେଇପାରେ ଓ ଦୃଢ଼ ଭାବରେ ବାନ୍ଧିପାରେ । ମଣିଷକୁ ଠିକ୍ କେତେବେଳେ ଶାନ୍ତି, ପୂର୍ଣ୍ଣ ଅବିଚଳିତ ଶାନ୍ତି ମିଳୁଛି ତାହା ଖୋଜିବାକୁ ଚେଷ୍ଟା କର । କେବଳ ସୁଷୁପ୍ତି ଅବସ୍ଥାରେ ସେ ଶାନ୍ତିରେ ଅଛି ବୋଲି ତୁମେ ଜାଣି ପାରିବ । କାରଣ ସେସମୟରେ ଇନ୍ଦ୍ରିୟମାନେ ନିଷ୍କ୍ରିୟ ଥାନ୍ତି, ମନ ଜଡ ଏବଂ ଇନ୍ଦ୍ରିୟ ବା ସେମାନଙ୍କ ଲକ୍ଷ୍ୟ ପ୍ରତି ଅନାସକ୍ତ ଥାଏ । ଅତଏବ ମନକୁ ବାହାରକୁ ଟାଣିବା ପାଇଁ ଇନ୍ଦ୍ରିୟମାନେ ଯେତେବେଳେ ନିଷ୍କ୍ରିୟ ହୋଇଯାନ୍ତି ସେତେବେଳେ ମନୁଷ୍ୟ ଶାନ୍ତି ଲାଭ କରିପାରେ ।

ତାହା ହିଁ ପ୍ରକୃତ ଆଧ୍ୟାତ୍ମିକ ସାଧନା, ମୌଳିକ ଆଧ୍ୟାତ୍ମିକ ଶୃଙ୍ଖଳା - ବସ୍ତୁ ଜଗତରୁ ଇନ୍ଦ୍ରିୟମାନଙ୍କର ଅପସାରଣ । ମନକୁ ବାହ୍ୟ ଆକର୍ଷଣ ଅପେକ୍ଷା ଅନ୍ତଃକରଣରେ କେନ୍ଦ୍ରିତ ହେବାକୁ ତାଲିମ ଦିଅ । ଭାବନା, ଆବେଗ, ମନୋଭାବ, ପ୍ରବୃତ୍ତି ଓ ଚେତନାର ସ୍ତରଗୁଡିକୁ ନିର୍ମଳ କରିବାରେ ମନର ଉପଯୋଗ କର । ଏହା ବାହ୍ୟ ଜଗତରୁ ମଇଳା ସଂଗ୍ରହ କରି ସେଗୁଡିକୁ ନିଜ ଭିତରେ ଜମା ନ କରୁ । ଏହା କର୍ମ ପ୍ରତି ଆସକ୍ତ ହେଲେ କର୍ମର ଫଳ ମଧ୍ୟ ଏହା ସହିତ ସଂଲଗ୍ନ ହୋଇଯିବ । ଅନାସକ୍ତ କର୍ମ ହିଁ ନିର୍ମଳତମ; ଏହା ମନକୁ ଆହ୍ଲାଦ ବା ବିଷାଦ ଦ୍ୱାରା ବ୍ୟତିବ୍ୟସ୍ତ କରେ ନାହିଁ । ଅହଂକାର ଓ ମମକାର - ଏହି ଦୁଇ ବିଷଦାନ୍ତ ମନୁଷ୍ୟକୁ ବିଷାକ୍ତ କରି ପକାନ୍ତି । ବିଷଦାନ୍ତକୁ ଉପାଡିଦିଅ; ସାପ ସହିତ ପୋଷା ଜୀବ ପରି ବ୍ୟବହାର କରି ହେବ ଓ ଖେଳି ହେବ । ଅହଂକାର ଓ ମମକାର, ଗର୍ବ ବା ଉପଲବ୍ଧି ଯେପରି ଆକ୍ରମଣ ନ କରେ ସେଥିପ୍ରତି ଏହି ସଙ୍ଗଠନଗୁଡିକ ସତର୍କ ହେବା ଉଚିତ । ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖିବାକୁ ହେବ ।

ସଙ୍ଗଠନଟିଏ ଆରମ୍ଭ କରାଯିବାବେଳେ ଏହା ନିଜ ପାଇଁ କେତେକ ନିୟମକାନୁନ ନିର୍ଦ୍ଧାରଣ କରିବା ଦରକାର । କିନ୍ତୁ ଆମର ନିୟମଗୁଡିକ ପୂରାପୂରି ଭିନ୍ନ ଧରଣର । ଆମର ନିୟମ ଗୁରୁତ୍ୱ ଦିଏ ଯେ ସଦସ୍ୟମାନେ ପ୍ରଥମେ ସେମାନଙ୍କର ଆଦର୍ଶର ଅନୁଶୀଳନ କରିବା ଉଚିତ । ଅନ୍ୟମାନେ ଯାହା କରନ୍ତୁ ବୋଲି ତୁମେ ଚାହୁଁଛ ତାହା ତୁମେ ପ୍ରଥମେ ଆନ୍ତରିକତା ଓ ସ୍ଥିରତାର ସହିତ ଦୈନନ୍ଦିନ ଜୀବନରେ

ଅଭ୍ୟାସ କରିବା ଉଚିତ । ଅନ୍ୟମାନଙ୍କୁ ଭଜନର ମହତ୍ତ୍ୱ ବିଷୟରେ ଉପଦେଶ ଦେବା ପୂର୍ବରୁ ତୁମେ ନିୟମିତ ଓ ଶୃଙ୍ଖଳିତ ଭାବରେ ଭଜନ କରିବା ଆବଶ୍ୟକ । ତୁମେ ଅନ୍ୟମାନଙ୍କ ଦ୍ୱାରା ସମ୍ମାନିତ ହେବାକୁ ଚାହୁଁଥିବା ବେଳେ ପ୍ରଥମେ ସେମାନଙ୍କୁ ସମ୍ମାନ କରି ଶିଖିବା ଦରକାର । ସେବା ଶବ୍ଦ ଏକ ସାଧାରଣ ମୁଦ୍ରାରେ ପରିଣତ ହୋଇଛି, କିନ୍ତୁ ବ୍ୟବହାରକାରୀମାନଙ୍କର ଭଣ୍ଡାମି ଯୋଗୁଁ ମୂଲ୍ୟ ବହୁତ ହ୍ରାସ ପାଇଛି । ପ୍ରକୃତରେ କହିବାକୁ ଗଲେ, ଯେଉଁମାନେ ଦୁଃଖ ଓ ଦୁର୍ଦ୍ଦଶା, ବିପତ୍ତି ବା ରୋଗର ଦୃଶ୍ୟ ଦେଖି ବେଦନା, ସମାନ ବେଦନା ଦ୍ୱାରା ଆକ୍ରାନ୍ତ ହୁଅନ୍ତି, କେବଳ ସେମାନଙ୍କର ହିଁ ସେବା କରୁନାହାନ୍ତି, ସେମାନେ ନିଜର ସେବା କରୁଛନ୍ତି, ଯଥାସମ୍ଭବ ଶୀଘ୍ର ଓ ବୁଦ୍ଧିମତ୍ତାର ସହ ସେମାନଙ୍କର ନିଜର ବେଦନା ଦୂର କରିବା ପାଇଁ ସେବା କରୁଛନ୍ତି । ଅନ୍ୟଜଣଙ୍କର ଦୁର୍ଦ୍ଦଶାର ଦୃଶ୍ୟ ଦେଖି ନିଜେ ଅନୁଭବ କରୁଥିବା ପୀଡାକୁ ପ୍ରଶମିତ କରିବା ପାଇଁ ଆବଶ୍ୟକ ଔଷଧ ହେଉଛି ଅନ୍ୟମାନଙ୍କର ସେବା କରିବା । ଭାବ ଯେ ତୁମେ ନିଜର ସେବା କରୁଛ ତୁମେ ତୁମ ନିଜର ଅହଂକାର ଦମନ କରୁଛ । ଅନ୍ୟଥା ସେବା ତୁମର ସ୍ୱାଭିମାନ ବଢାଇବ ଏବଂ ଉଚ୍ଚମନ୍ୟତା ବୃଦ୍ଧି କରିବ; ଉଭୟ ଆଧ୍ୟାତ୍ମିକତା ପାଇଁ କ୍ଷତିକାରକ । ଖାଦ୍ୟ କ୍ଷୁଧା ରୋଗର ଔଷଧ, ପାନୀୟ ତୃଷା ରୋଗର ଔଷଧ; ଜନ୍ମ-ମୃତ୍ୟୁଚକ୍ର ରୋଗ ପାଇଁ ଭଗବାନ ହେଉଛନ୍ତି ଔଷଧ; କାମନା ରୋଗ ପାଇଁ ଜ୍ଞାନ ହେଉଛି ନିର୍ଦ୍ଧାରିତ ଔଷଧ । ଉଚ୍ଚାକାଂକ୍ଷୀମାନଙ୍କର ବୃତ୍ତିଗତ ରୋଗ, ସଂଶୟ, ହତାଶା ଓ ଦ୍ୱିଧା ରୋଗ ପାଇଁ ସବୁଠାରୁ ଫଳପ୍ରଦ ଚିକିତ୍ସା ହେଉଛି ସେବା । ମହାନ୍ ସଂକ୍ରାମକ ରୋଗ ଉଦ୍‌ବେଗ ପାଇଁ ଚିକିତ୍ସା ପଦ୍ଧତି ହେଲା ଭଜନ । ରୋଗୀମାନଙ୍କୁ ଏହି ସବୁ ଚିକିତ୍ସା ଯୋଗାଇବା ପାଇଁ ସଙ୍ଗଠନ ନିଜକୁ ସମର୍ପିତ କରିବା ଉଚିତ ।

ଆଧ୍ୟାତ୍ମିକ ସଙ୍ଗଠନ ପ୍ରକୃତରେ ସବୁ ନୀତି-ନିୟମର ଊର୍ଦ୍ଧ୍ୱରେ, ଆତ୍ମାର ରାଜ୍ୟ ନିୟମ-କାନୁନ ସୀମାର ବହିର୍ଭୂତ। ଏହି ଅର୍ଥରେ ନିୟମଗୁଡିକ ସତ୍ୟସାଇ ସଙ୍ଗଠନରେ ଅର୍ଥହୀନ ବା ଉପରଠାଉରିଆ, କିନ୍ତୁ ଏ ପ୍ରକାର ଅନୁଷ୍ଠାନଗୁଡିକ ସହିତ କାରବାର କରୁଥିବା ଦେଶର କାନୁନ୍‌କୁ ସନ୍ତୁଷ୍ଟ କରିବା ପାଇଁ ଅନ୍ତତଃ କେତେକ ନିୟମ ଗ୍ରହଣ କରିବାକୁ ହେବ । ଉଦାହରଣସ୍ୱରୂପ, କେଉଁମାନେ ଏହି ସଙ୍ଗଠନଗୁଡ଼ିକର ସଦସ୍ୟ ହୋଇ ପାରିବେ ଏବଂ ସେମାନଙ୍କର ଯୋଗ୍ୟତା କ'ଣ ? (୧) ସେମାନେ ଆଧ୍ୟାତ୍ମିକ ପ୍ରଗତି ପାଇଁ ଆଗ୍ରହୀ ଓ ଅଭିଳାଷୀ ହେବା ଉଚିତ । (୨) ସଙ୍ଗଠନ ବହନ କରିଥିବା ନାମ ଉପରେ ଏବଂ ସେହି ନାମର ସନ୍ଦେଶ ଓ ଗରିମା ଅନୁସାରେ ତାହାକୁ ପ୍ରସାରିତ କରିବାରେ ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିବା ଉଚିତ । (୩) ଅଧିକନ୍ତୁ, ସଦସ୍ୟମାନେ ଉତ୍ତମ ବ୍ୟକ୍ତି ଭାବରେ ପରିଚିତ ହୋଇଥିବା

ଉଚିତ । ଏହିସବୁ ଯୋଗ୍ୟତା ଆବଶ୍ୟକ; ଅନ୍ୟ କିଛି ଗଣନୀୟ ନୁହେଁ । ଧନ ବା ଜମି ବା ବିଦ୍ୱତ୍ତା, ପ୍ରଭାବ ବା ଅଧିକାର ବା ପଦବୀର କୌଣସି ଆବଶ୍ୟକତା ନାହିଁ । ତୁମର ଉପରୋକ୍ତ ତିନୋଟି ଯୋଗ୍ୟତା ଥିଲେ ମୁଁ ତୁମକୁ ପ୍ରତିଶ୍ରୁତି ଦେଉଛି, ମୋ ନାମ ଥିବା କୌଣସି ସଙ୍ଗଠନରେ ତୁମର ସ୍ଥାନ ନ ରହିଲେ ବି ଏଠାରେ (ବାବା ତାଙ୍କ ହୃଦୟକୁ ସଙ୍କେତ କରି କହିଲେ) ତୁମର ସ୍ଥାନ ରହିବ । ସଙ୍ଗଠନ ଏପରି ହେବା ଉଚିତ ଯେ ସଦସ୍ୟମାନେ ନିଜର ଆଧ୍ୟାତ୍ମିକ ସାଧନା ଗଭୀର କରିବାକୁ, ସେମାନଙ୍କର ସଦ୍‌ଗୁଣ ବଢାଇବାକୁ ଏବଂ ଅହଂକାର ଭଳି ମାରାତ୍ମକ ବିଷୟର ସର୍ବନିମ୍ନ ସଙ୍କେତରୁ ମୁକ୍ତ କର୍ମୀମାନଙ୍କ ସଂସ୍ପର୍ଶରେ ଆସି ନିଜର ଅହଂକାରକୁ ଅତିକ୍ରମ କରିବାକୁ ଏକ ଅନୁକୂଳ ସ୍ଥାନ ଏଠାରେ ପାଇବେ । ଏହା ଲାଭ ହେଲେ ସେମାନଙ୍କର ସଫଳତା ସୁନିଶ୍ଚିତ ।

ଦ୍ୱିତୀୟତଃ ସଦସ୍ୟ ଓ କର୍ମକର୍ତ୍ତାମାନଙ୍କର କର୍ତ୍ତବ୍ୟ କ'ଣ ? ତୁମେ ଜାଣିଛ ଯେ କୌଣସି ପଦ ଗ୍ରହଣ କରିବା ବେଳେ ବା କୌଣସି ଦାୟିତ୍ୱରେ ପ୍ରବେଶ କରିବା ବେଳେ ତୁମେ ଏକ ପବିତ୍ର ଶପଥ ନେବା ପାଇଁ ଦେଶ ଆବଶ୍ୟକ କରେ । ସେହିପରି ପ୍ରତ୍ୟେକ ସଦସ୍ୟ ଓ କର୍ମକର୍ତ୍ତା କାର୍ଯ୍ୟକଳାପରେ ନିୟୋଜିତ ହେବା ପୂର୍ବରୁ ହୃଦୟର ଗଭୀରତମ ପ୍ରଦେଶରୁ ଶପଥ ନେବା ଉଚିତ । "ସ୍ୱାମୀ, ତୁମେ ନିର୍ଦ୍ଧାରିତ କରିଥିବା ଏହି ତିନୋଟି ଯୋଗ୍ୟତାର ବିରୁଦ୍ଧାଚରଣ କରିବା ଭଳି କୌଣସି ଭୁଲଭଟକାରୁ ମୋତେ ରକ୍ଷା କର । ମୁଁ ମୋର ନିଜର ଉତ୍‌ଥାନ କରିବା ପାଇଁ ନିଜକୁ ସମର୍ପିତ କରିଥିବା କାର୍ଯ୍ୟ ସକାଶେ ଆବଶ୍ୟକ ଦକ୍ଷତା, ବୁଦ୍ଧି ଓ ଉତ୍ସାହ ମୋତେ ପ୍ରଦାନ କର । ମୋତେ ଠିକ୍ ବାଟରେ ଚଲାଅ; ମୋ ଉପରେ ତୁମର କୃପା ଅଜାଡି ଦିଅ, ଯଦ୍ୱାରା ମୁଁ ଏହି ପ୍ରୟାସରେ ସୁନାମ ଅର୍ଜନ କରି ପାରିବି; ପ୍ରଲୋଭନ ଓ ଭୁଲ ପଦକ୍ଷେପରୁ ମୋତେ ରକ୍ଷା କର ।" ତୁମେ ସକାଳେ ବିଛଣାରୁ ଉଠିବା ବେଳେ ଏହିପରି ପ୍ରାର୍ଥନା କର । ରାତିରେ ଶୋଇବାକୁ ଯିବାବେଳେ ତୁମର ଦିନଯାକର କାର୍ଯ୍ୟକଳାପ ବିଷୟରେ ଅନୁସନ୍ଧାନ କର; ସେଗୁଡ଼ିକ ପରୀକ୍ଷା କରି ଦେଖ, ତୁମେ ସଦସ୍ୟତାର ସର୍ତ୍ତ ବିରୁଦ୍ଧରେ କିଛି କରିଛ କି; ଯଦି ଅଜାଣତରେ କିଛି ଭୁଲ କରିଥାଅ ତେବେ ଏହା ଯେପରି ଆଉ ଥରେ ନ ଘଟେ, ସେଥିପାଇଁ ପ୍ରାର୍ଥନା କର । ଏହିପରି ଭାବରେ ଆଗାମୀ କାମ ପାଇଁ ଏଗୁଡିକୁ ଆଦର୍ଶ କରି ନିଜକୁ ସମର୍ପିତ କରିବାକୁ ସ୍ଥିର କର ।

ଆଉ ଗୋଟିଏ କଥା ଉପରେ ମୁଁ ଗୁରୁତ୍ୱ ଦେବାକୁ ଚାହୁଁଛି । ଏ ଦେଶରେ ଆଧ୍ୟାତ୍ମିକ ଆଭିମୁଖ୍ୟ ଥିବା ଅନ୍ୟ ଅନେକ ସଂସ୍ଥା ରାମ, କୃଷ୍ଣ ଆଦି ଭଗବାନଙ୍କର

ଅନ୍ୟ ନାମ ଓ ରୂପ ସହିତ ସଂପୃକ୍ତ ହୋଇ ବିଭିନ୍ନ ନାମରେ ଚାଲିଛି । ଭାରତୀୟ ସଂସ୍କୃତି ଏକ ଭଗବାନଙ୍କର ନାମ ଓ ରୂପଗୁଡ଼ିକୁ ସମ୍ମାନ କରିବା ଉପରେ ଗୁରୁତ୍ୱ ଦିଏ ବୋଲି ତୁମେ ଜାଣିଛ । ତୁମ ସଂଗଠନରେ ଏପରି କେହି ଥାଇ ପାରନ୍ତି ଯେ ଜିଦ୍ କରିବେ ଯେ କେବଳ ସାଇ ଭଜନ ବୋଲାଯିବ ଏବଂ କେବଳ ସତ୍ୟସାଇଙ୍କ ନାମ ଓ ରୂପ ପ୍ରୟୋଗ କରାଯିବ । ଏହା ମସ୍ତବଡ଼ ଭୁଲ । ତଦ୍ୱାରା ତୁମେ ସାଇଙ୍କର ଅସମ୍ମାନ କରୁଛ । ତୁମେ ଯଦି ନିଜକୁ ସାଇଙ୍କ ସହିତ ସଂଯୁକ୍ତ କର ଏବଂ କୃଷ୍ଣଙ୍କଠାରୁ ବିଯୁକ୍ତ କର ତେବେ ତୁମେ ସେଠାରେ ଗୋଟିଏ ଯୁକ୍ତ ଓ ଏଠାରେ ଗୋଟିଏ ବିଯୁକ୍ତ ପାଅ; ପରିଣତି ହେଲା ଶୂନ୍ । ଏ ବିଷୟରେ ଧର୍ମାନ୍ଧତା ବା ସାମ୍ପ୍ରଦାୟିକତା ବଢ଼ାଅ ନାହିଁ । ଅନ୍ୟମାନଙ୍କର ଏହା ଥାଇପାରେ, କିନ୍ତୁ ଏହା କାରଣ ନୁହେଁ ଯେ ତୁମେ ସେମାନଙ୍କୁ ସମାନ ବିଫଳତାର ସହିତ ଭେଟିବ । ଏପରି ସଂକ୍ରମଣ ପରିହାର କରିବାକୁ ଯଥାସାଧ୍ୟ ଚେଷ୍ଟା କର । ଅନ୍ୟ ସଂଗଠନ ସାହାଯ୍ୟ ଲୋଡୁଥିବା ବେଳେ ଯାଅ ଓ ସେମାନଙ୍କୁ ସାହାଯ୍ୟ କର । ଏହା ସେମାନଙ୍କୁ ତୁମ ମନୋଭାବର ପ୍ରେମପୂର୍ଣ୍ଣ ସାର୍ବଜନୀନ ସ୍ୱଭାବ ଉପଲବ୍ଧି କରାଇବ ।

ପୁନଶ୍ଚ, ଅଞ୍ଚଳ, ଭାଷା, ଧର୍ମ ବା ଏପରି ଅନ୍ୟ ତୁଚ୍ଛ କାରଣ ଉପରେ ଆଧାରିତ ପାର୍ଥକ୍ୟକୁ ଉତ୍ସାହିତ କର ନାହିଁ । ଉଦାହରଣ ସ୍ୱରୂପ, ଏହି ପାର୍ଥକ୍ୟକୁ ଅତିରଂଜିତ କରୁଥିବା ଲୋକମାନେ ତର୍କ କରିଛନ୍ତି ଯେ ମାନ୍ଦ୍ରାଜରେ କେବଳ ତାମିଲ ଗୀତ ବୋଲାଯିବ ବା ଆନ୍ଧ୍ରପ୍ରଦେଶରେ କେବଳ ତେଲୁଗୁ ଗୀତ ବୋଲାଯିବ । ଏପରି ଧାରଣାକୁ ପ୍ରଶ୍ରୟ ଦେଲେ ତାହା ଆଧ୍ୟାତ୍ମିକ ଦୃଷ୍ଟିକୋଣ, ଏକତ୍ୱ ମନୋଭାବ ଏବଂ ଆତ୍ମାର ମୂଳତତ୍ତ୍ୱ, ଏକତ୍ୱର ଅବମୂଲ୍ୟନ କରିବ । ଏହା ଏକ କ୍ଷେତ୍ର ଯେଉଁଠି ଆନ୍ତରିକ ସୁଖ, ଆନ୍ତରିକ ସନ୍ତୋଷ, ଆନ୍ତରିକ ଶୁଚିତା ବାହ୍ୟ ଅଭିବ୍ୟକ୍ତିଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ମୁଁ ଅର୍ଥ ସଂଗ୍ରହକୁ ପସନ୍ଦ କରେ ନାହିଁ । କିନ୍ତୁ ଯେହେତୁ କିଛି ଖର୍ଚ୍ଚ କରିବାକୁ ପଡ଼ିବ, ମୁଁ ଏହାକୁ ଅତି ବାଧ୍ୟବାଧକ ସ୍ଥିତିରେ ଅନୁମତି ଦେଇପାରେ । ପ୍ରତି ସମିତିରେ ପ୍ରାୟ ୧୦-୧୫ ଜଣ ସଦସ୍ୟ ଅଛନ୍ତି । ସେମାନେ ସଂଗଠନ କାମ ପାଇଁ ଯାହା ଖର୍ଚ୍ଚ କରିବାକୁ ସ୍ଥିର କରିବେ ସେଥିପାଇଁ ବାହାରୁ ସାହାଯ୍ୟ ନ ମାଗି ନିଜ ଭିତରେ ଆଦାୟ କରିବେ । ସେମାନେ ଅବଶ୍ୟ ନିଜର ସାମର୍ଥ୍ୟ ଅନୁସାରେ ଦେବା ଉଚିତ ଏବଂ ସେମାନେ ନିଜ ଭିତରେ ସଂଗ୍ରହ କରିପାରୁଥିବା ସମ୍ବଳ ଅନୁସାରେ କାମକୁ ସୀମିତ କରିବା ଉଚିତ । ତୁମର ସାମର୍ଥ୍ୟ ବହିର୍ଭୂତ ଯୋଜନା କର ନାହିଁ କି ଅର୍ଥ ସଂଗ୍ରହ କରିବା ସକାଶେ ତାଲିକା ଧରି ଲୋକମାନଙ୍କ ପାଖକୁ ଯାଅ ନାହିଁ । ଏହା ଦ୍ୱାରା ସଂସ୍ଥାର ଦୁର୍ନାମ ହେବ ଏବଂ ତୁମେ ମଧ୍ୟ ଖସି ପାରିବ

ନାହିଁ । ତୁମେ କହିପାର, "କିନ୍ତୁ ସ୍ୱାମୀ ଆମ ସ୍ଥାନକୁ ଆସିଲେ ଆମେ ନିଶ୍ଚୟ ସ୍ୱାଗତ ସମ୍ବର୍ଦ୍ଧନାରେ ବହୁତ ଖର୍ଚ୍ଚ କରିବୁ ।" ନା, ମୁଁ ମହାନ୍ ସାଜସଜା, ବିଶାଳ ପେଣ୍ଡାଲ, ତୋରଣ, ପତାକା ଏବଂ ଏପରି ଅନ୍ୟ ଔପଚାରିକତା ଚାହେଁ ନାହିଁ । ଲୋକମାନଙ୍କୁ ଉପଦେଶ ଦେବା ପାଇଁ ମୋର କେବଳ ମାଇକଟିଏ ଦରକାର, ଚୌକି ମଧ୍ୟ ଅନାବଶ୍ୟକ । ମୁଁ ଠିଆହୋଇ କହିପାରିବି । ସର୍ବନିମ୍ନ ଆବଶ୍ୟକତା ପାଇଁ ଦେଖି ଚାହିଁ ଖର୍ଚ୍ଚ କର । ନିଜକୁ ବ୍ୟୟବହୁଳ ବ୍ୟସନରେ ଲିପ୍ତ କର ନାହିଁ । ପଇସା ଅଧିକ ହେଲେ ଗରିବମାନଙ୍କୁ ଭୋଜନ ଦେବାରେ ବା ଏପରି ଅନ୍ୟ କୌଣସି ହିତକର କାର୍ଯ୍ୟରେ ତାହା ଖର୍ଚ୍ଚ କର ବୋଲି ମୁଁ ଚାହେଁ ।

ଅନେକ ସ୍ଥାନରେ ସତ୍ୟସାଇ ମନ୍ଦିର ନିର୍ମାଣ କରିବାକୁ ଚେଷ୍ଟା କରାଯାଉଛି । କିନ୍ତୁ ତୁମ ହୃଦୟରେ ତାଙ୍କୁ ସ୍ଥାପନ କଲେ ସତ୍ୟସାଇ ଖୁସି ହେବେ, ସେହି ମନ୍ଦିର ମୁଁ ପସନ୍ଦ କରେ । ତୁମେ ଅନ୍ୟ ମନ୍ଦିର ନିର୍ମାଣ କରିବାକୁ ବାହାରିବା ବେଳେ ତୁମକୁ ଚାନ୍ଦା ଆଦାୟ କରି ଯିବାକୁ ପଡ଼ିବ । ଏହି ଚାନ୍ଦା ଆଦାୟ ଓ ଚାନ୍ଦା ପ୍ରଦାନ ଯୋଗୁଁ ଏ ଦେଶରେ ଧର୍ମ ସଂକୁଚିତ ହୋଇ ଯାଇଛି । ପ୍ରକୃତରେ କହିବାକୁ ଗଲେ ସବୁଠାରୁ ମୂଲ୍ୟବାନ୍ ଚାନ୍ଦା ହେଉଛି ନିର୍ମଳ ମନ; ତାହା ସଂଗଠନକୁ ଦିଅ ଏବଂ ଏହା ଦୀପ୍ତିମନ୍ତ ହେବ ।

ସମିତି ଦ୍ୱାରା କୌଣସି କାର୍ଯ୍ୟ ପାଇଁ ଅତିରିକ୍ତ ରାଶି ସଂଗ୍ରହ କରିବାର ଗୋଟିଏ ଉପାୟ ମୁଁ ତୁମକୁ କହିବି । କେତେ ଖର୍ଚ୍ଚ ହେବ ତାହା ଆଗରୁ ଅଟକଳ କର । ମନେକର ହଜାରେ ଟଙ୍କା ଖର୍ଚ୍ଚ ହେବ । ସେହି ସୂଚନା ୧୫ ଜଣ ସଦସ୍ୟଙ୍କୁ ଦେଇଦିଅ ଏବଂ ସେମାନେ ଏକାଠି ହେବା ସକାଶେ ଗୋଟିଏ ଦିନ ସ୍ଥିର କର । ସେଦିନ ଉପରେ ଜଳାଥିବା ଗୋଟିଏ ବାକ୍ସରେ ଚାବି ପକାଇ ରଖିଦିଅ । ବାକ୍ସକୁ ଭିତର କୋଠରୀରେ ରଖ । ପ୍ରତ୍ୟେକ ସେ କୋଠରୀକୁ ଏକୁଟିଆ ଯାଆନ୍ତୁ ଏବଂ ନିଜର ସାମର୍ଥ୍ୟ ଅନୁସାରେ ସେ ବାକ୍ସରେ ପଇସା ପକାନ୍ତୁ । ସେ କିଛି ଜମା ନ କରି ମଧ୍ୟ ଆସିପାରନ୍ତି; ତାଙ୍କର ଏପରି କରିବା ପାଇଁ ସ୍ୱାଧୀନତା ଅଛି । କୌଣସି ବାଧ୍ୟବାଧକତା ନାହିଁ । ଯଦି ଅନ୍ୟମାନଙ୍କ ସାମନାରେ ଅର୍ଥ ସଂଗ୍ରହ କରାଯାଏ ତେବେ ଅନ୍ୟଜଣକ ପରି ଦାନ କରିବାକୁ ଅସମର୍ଥ ବ୍ୟକ୍ତିଜଣକ ଲଜ୍ଜିତ ହୋଇପାରେ; ତେଣୁ ଏହା ହେଉଛି ସର୍ବୋତ୍ତମ ପଦ୍ଧତି । ସମସ୍ତଙ୍କର ପାଳି ସରିବା ପରେ ବାକ୍ସ ଖୋଲାଯାଉ ଓ ଟଙ୍କା ଗଣାଯାଉ । ଯଦି ତାହା ଅଟକଳ ଅନୁସାରେ କମ୍ ହୁଏ ତେବେ ଯାହା ନିଅଣ୍ଟ ହେଉଛି ତାହା ସବୁ ସଦସ୍ୟମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିଦିଅ ଏବଂ ପ୍ରତ୍ୟେକଙ୍କଠାରୁ ଆଦାୟ କର, ଯଦି କିଛି ବଳକା ହୁଏ

ତେବେ ତାହାକୁ ପରବର୍ତ୍ତୀ ଅବସର ପାଇଁ ସାଇତି ରଖ । ତାଲିକା, ନିବେଦନ, ରସିଦ ବହି ଏବଂ ଚାନ୍ଦା ଆଦାୟ ଅଭିଯାନ ଆଦି ଅଯଥା ଜଟିଳତା ରଖ ନାହିଁ । ତାହା ତୁମକୁ ଷଡଯନ୍ତ୍ର ଓ ମିଥ୍ୟାଚାର, ପ୍ରତିଦ୍ୱନ୍ଦ୍ୱିତା ଓ ନିନ୍ଦା ଆଡ଼କୁ ଘେନିଯିବ । ତୁମର ପବିତ୍ର ଆଭିମୁଖ୍ୟକୁ ସୁହାଇବା ଭଳି ଏପରି ଶାନ୍ତି ଓ ପବିତ୍ର ଭାବରେ ଏହା କର ।

କେତେକ ପ୍ରତିନିଧି ସବ୍-କମିଟି ଗଠନ ଓ ସ୍ୱୀକୃତି ପାଇଁ ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ତାହା ସଂଖ୍ୟା ବୃଦ୍ଧି କରିବ ଏବଂ ଅଧିକ ଭୁଲ ପାଇଁ ଅବସର ସୃଷ୍ଟି କରିବ । ଅଳ୍ପ କେତେଜଣ ଉତ୍ସର୍ଗବାନ୍ ଲୋକଙ୍କ ଉପରେ ଦାୟିତ୍ୱ ରହୁ । ଗାଁମାନଙ୍କର ଛୋଟ ଛୋଟ ଅନୁଷ୍ଠାନମାନଙ୍କ ଦ୍ୱାରା ଗୃହୀତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଯେପରି ଉପଯୁକ୍ତ ଦିଗ୍‌ଦର୍ଶନ ଓ ସାହାଯ୍ୟ ଦିଆଯାଏ, ତାହା ଜିଲ୍ଲା ସଭାପତି ଦେଖିବା ଉଚିତ ଏବଂ ସେମାନଙ୍କୁ ଶିକ୍ଷା ଓ ପ୍ରେରଣା ଦେବା ସକାଶେ ସେହି ଗ୍ରାମମାନଙ୍କୁ ବୈଦିକ ସଂସ୍କୃତିର ପ୍ରବକ୍ତା ପଠାଇବା ଉଚିତ । ଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜ୍ଞାନର ପ୍ରସାର ଏବଂ ଆଧ୍ୟାତ୍ମିକ ସାଧନା ପାଇଁ ଉତ୍କଣ୍ଠା ବପନ ସକାଶେ ମଧ୍ୟ ପ୍ରୟାସ କରାଯିବା ଉଚିତ ।

ସତ୍ୟସାଇ ସେବା ସମିତିଗୁଡ଼ିକ 'ସେବା' ଶବ୍ଦଟିକୁ ମନେରଖିବା ଉଚିତ ଏବଂ ଉତ୍ସାହର ସହିତ ସେବା କାର୍ଯ୍ୟ କରିବା ଉଚିତ । ସେବା ଶାରୀରିକ ଦୁର୍ଦ୍ଦଶାର ଦୂରୀକରଣ, ମାନସିକ ବେଦନାର ଉପଶମ ଏବଂ ଆଧ୍ୟାତ୍ମିକ ଆକୁଳତାର ପରିପୂରଣ ପାଇଁ ନିର୍ଦ୍ଦେଶିତ ହେବା ଉଚିତ । କେତେକ ଅଞ୍ଚଳ ବନ୍ୟା ଦ୍ୱାରା, କେତେକ ଅଞ୍ଚଳ ଦୁର୍ଭିକ୍ଷ ଦ୍ୱାରା ପ୍ରପୀଡ଼ିତ । ଏଗୁଡ଼ିକ ଦ୍ୱାରା ତଥା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସିମିତ ଚେଷ୍ଟା କରିବା ଉଚିତ । ବର୍ତ୍ତମାନ ପ୍ରତିଷ୍ଠା କରାଯାଇଥିବା ଭଜନମଣ୍ଡଳୀ, ସତ୍‌ସଙ୍ଗ, ଭକ୍ତମଣ୍ଡଳୀଗୁଡ଼ିକ ସବୁ ସମୟରେ ଓ ସବୁ ସ୍ଥାନରେ ଭଗବତ୍ ନାମ ସଂକୀର୍ତ୍ତନ, ଭଜନର ସନ୍ଦେଶ ପ୍ରସାରିତ କରିବା ଉଚିତ । ଜୟଦେବ, ଗୌରାଙ୍ଗ, ତ୍ୟାଗରାଜ - ଏମାନେ ଗଳିକନ୍ଦିରେ ବୁଲି ଭଜନ ଓ ଭଗବାନଙ୍କ ମହିମା ଗାନ କରୁଥିଲେ ଏବଂ ସେମାନଙ୍କର ଆହ୍ଲାଦ ଲକ୍ଷ ଲକ୍ଷ ଲୋକଙ୍କ ମଧ୍ୟରେ ଦିବ୍ୟ ଉଷ୍ମା ଭରିଦେଇଥିଲା ।

ଗତକାଲି କେହି ଜଣେ ସଂଗଠନଗୁଡ଼ିକ ଦ୍ୱାରା ପାଳିତ ହେବାକୁ ଥିବା ପବିତ୍ର ଦିବସଗୁଡ଼ିକର ଏକ ତାଲିକା ପାଠ କରିଥିଲେ । ତାଲିକାରେ ଶିବରାତ୍ରି, ନବରାତ୍ରି, ସ୍ୱାମୀଙ୍କ ଜନ୍ମଦିନ ଓ ଗୁରୁପୂର୍ଣ୍ଣମାର ଉଲ୍ଲେଖ ଅଛି । କିନ୍ତୁ ତୁମେ ମଣିଷକୁ ନିଜ ଭିତରେ ଅନ୍ତର୍ନିହିତ ଭଗବାନଙ୍କ ଆଡ଼କୁ ବାଟ ଦେଖାଇଥିବା ମହାତ୍ମାମାନଙ୍କର ଜନ୍ମଦିନ ଏବଂ ତୁମର ଭାଇମାନଙ୍କ ଦ୍ୱାରା ପବିତ୍ର ମନେ କରାଯାଉଥିବା ଦିନଗୁଡ଼ିକର

ମଧ୍ୟ ପାଳନ କରିବା ଉଚିତ । ପ୍ରତ୍ୟେକ ଦିନକୁ ଗୋଟିଏ ପବିତ୍ର ଦିବସ କର ଏବଂ ତାହାକୁ ଭଗବାନ ତଥା ତାଙ୍କର ବାର୍ତ୍ତାବହମାନଙ୍କର ସ୍ମରଣରେ ଭରିଦିଅ ।

ପ୍ରଥମେ ତୁମ ଭିତରେ ଏକତା ପ୍ରତିଷ୍ଠା କର, ଅନ୍ୟମାନଙ୍କର ଦୋଷ ବା ନିଜର ପ୍ରତିଭା ଖୋଜ ନାହିଁ । ଭଗବାନଙ୍କ ପିତୃତ୍ୱ ଓ ମନୁଷ୍ୟର ଭ୍ରାତୃତ୍ୱ - ଏଥିରେ ପୂର୍ଣ୍ଣ ବିଶ୍ୱାସ ରଖ ଏବଂ ତୁମର ପ୍ରତ୍ୟେକ କାର୍ଯ୍ୟକୁ ଭକ୍ତି ଓ ପ୍ରେମରେ ଭରିଦିଅ । ସପ୍ତାହରେ ଥରେ ବା ପକ୍ଷରେ ଥରେ କିମ୍ବା ଅନ୍ତତଃ ମାସରେ ଥରେ ସମସ୍ତେ ଏକାଠି ହୁଅ; କେହି ଜଣେ ତୁମକୁ ପ୍ରବଚନ ଦେଉ କିମ୍ବା ତୁମେ ଭଜନ ବା ଅଧ୍ୟୟନ ବା ଧ୍ୟାନରେ ନିୟୋଜିତ ହୁଅ; ଆଧ୍ୟାତ୍ମିକ ମୈତ୍ରୀର ରୋମାଞ୍ଚ ଅନୁଭବ କର । ସଂଘର ପ୍ରତ୍ୟେକ ସଦସ୍ୟକୁ କିଛି କାମ କରିବାକୁ ଦିଆଯିବା ଉଚିତ ଏବଂ ସେ ଏହି ସଭା ଆୟୋଜିତ ହେବାବେଳେ, ଶାରୀରିକ ଦୃଷ୍ଟିରୁ କଷ୍ଟକର ନ ହେଲେ, ନିଶ୍ଚୟ ଯୋଗଦେବା ଉଚିତ ।

ମୁଁ ଆଉ ଗୋଟିଏ କଥା ମଧ୍ୟ ତୁମକୁ କହିବା ଉଚିତ । ତୁମେ ଯେଉଁଠି ଥାଅନା କାହିଁକି, ଯେ କୌଣସି କାର୍ଯ୍ୟ କରନା କାହିଁକି ତାହାକୁ ଉପାସନା ଭାବରେ, ଉତ୍ସର୍ଗ ଭାବରେ, ପ୍ରେରକ, ସାକ୍ଷୀ, ପ୍ରଭୁ, ଭଗବାନଙ୍କର ଯଶକୀର୍ତ୍ତନ ଭାବରେ କର । ତୁମର କାର୍ଯ୍ୟକଳାପକୁ "ଏଗୁଡ଼ିକ ମୋ ପାଇଁ" ଓ "ଏଗୁଡ଼ିକ ଭଗବାନଙ୍କ ପାଇଁ" - ବୋଲି ବିଭାଜିତ କର ନାହିଁ । ତୁମେ ଶୂନ୍‌କୁ ଶୂନ୍‌ରେ ହରିଲେ ବି ଏକ୍ ପାଅ । ତୁମେ କାମ କରିବା ବେଳେ କିଛି ଅବଶେଷ, କିଛି ବାକି ରହିବା ଉଚିତ ନୁହେଁ । ସବୁ କାମକୁ ସମାନ ଭାବରେ ଦେଖ । ଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ତୁମେ୍ ଋଣ ପରିଶୋଧରେ, ରୋଗରେ, ଶତ୍ରୁ ଉପରେ ପ୍ରତିଶୋଧ ନେବାରେ, ଜନ୍ମ-ମୃତ୍ୟୁର ଚକ୍ରରେ କିଛି ବାକି ବା ଅବଶେଷ ରଖିବା ଉଚିତ ନୁହେଁ । ମୂଳରୁ ଚୂଳ ପର୍ଯ୍ୟନ୍ତ ସବୁ ଶେଷ କର । ସେଗୁଡ଼ିକ ପୁଣି ବାହାରିବା ଉଚିତ ନୁହେଁ । ତୁମେ ସମସ୍ତ କାର୍ଯ୍ୟକଳାପକୁ ପ୍ରଭୁଙ୍କ ପାଦପଦ୍ମରେ ସମର୍ପଣ କଲେ ଏବଂ ସେଗୁଡ଼ିକୁ ସମସ୍ତ ପ୍ରକାର ଅହଂକାର - ଅଭିମାନରୁ ମୁକ୍ତ ରଖିଲେ ପରିଣାମ ତୁମକୁ ବାନ୍ଧିବ ନାହିଁ । ତୁମେ ମୁକ୍ତ ହେବ, ମୋକ୍ଷ ଲାଭ କରିବ ।

ଭଗବାନ ଶ୍ରୀ ସତ୍ୟସାଇ ସେବା ସଂଗଠନମାନଙ୍କର
ପ୍ରଥମ ଅଖିଳ ଭାରତୀୟ ସମ୍ମିଳନୀ, ମାନ୍ଦ୍ରାଜ
୨୧/୪/୬୭

ସେବା

ସେବା ପ୍ରକୃତରେ କ'ଣ? ଏହା ଭକ୍ତିର ନିର୍ଯ୍ୟାସ, ଭକ୍ତର ପ୍ରାଣବାୟୁ, ତା'ର ସ୍ୱଭାବ । ଏହା ଭକ୍ତର ପ୍ରକୃତ ଅନୁଭୂତିରୁ ଜାତ ହୁଏ, ଯେଉଁ ଅନୁଭୂତି ତାକୁ ନିଶ୍ଚିତ କରେ ଯେ ସମସ୍ତେ ଭଗବାନଙ୍କର ସନ୍ତାନ, ସବୁ ଶରୀର ହେଉଛି ଦେବାଳୟ, ସବୁ ସ୍ଥାନ ତାଙ୍କର ବାସସ୍ଥଳୀ ।

-ବାବା

ସେବାର ପ୍ରଥମ ପାଠ ପରିବାର ଭିତରେ ହିଁ ଶିଖିବାକୁ ହେବ । ପିତା, ମାତା, ଭାଇ, ଭଉଣୀ- ଏହି ସୁସମ୍ବନ୍ଧ ସୀମିତ ଦଳରେ ପ୍ରେମପୂର୍ଣ୍ଣ ସେବାରେ ନିୟୋଜିତ ହୋଇ ଘର ବାହାରେ ଅପେକ୍ଷା କରି ରହିଥିବା ପ୍ରଶସ୍ତତର ସେବା ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତିଗତ ସଦସ୍ୟର ଚରିତ୍ର ପରିବାରର ଶାନ୍ତି ଓ ସମୃଦ୍ଧି ନିର୍ଦ୍ଧାରିତ କରେ; ପ୍ରତ୍ୟେକ ପରିବାରର ଚରିତ୍ର ଗ୍ରାମ ଓ ସମାଜର ସୁଖ ଓ ଆନନ୍ଦ ନିର୍ଦ୍ଧାରିତ କରୁଥିବା ମୌଳିକ ତତ୍ତ୍ୱ ଅଟେ । ଆଉ ରାଷ୍ଟ୍ରର ପ୍ରଗତି ଏହାର ଅଙ୍ଗ ହୋଇଥିବା ସମାଜର ସାମର୍ଥ୍ୟ ଓ ସୁଖ ଉପରେ ଆଧାରିତ । ଦେଶ ଓ ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ସେବାଭାବ, ପ୍ରାଣବନ୍ତ ଉତ୍ସାହ, ରଚନାତ୍ମକ କଳ୍ପନା, ବିଶୁଦ୍ଧ ପ୍ରେରଣା ଓ ନିଃସ୍ୱାର୍ଥପର ଜାଗରଣ ଅତି ଜରୁରୀ ।

-ବାବା

କେବଳ ମଣିଷ ହିଁ ସେବା କରିବାକୁ ସମର୍ଥ; ତାହା ତାର ବିଶେଷ ଗରିମା, ଅନନ୍ୟ ଦକ୍ଷତା ।

-ବାବା

ତାଙ୍କ ପାଦପଦ୍ମରେ ଅର୍ପିତ ପୁଷ୍ପ

ମୁଁ ତୁମକୁ ଆଗରୁ ଅନେକ ଥର ସେବାର ଆଦର୍ଶ ଓ କଳା ବିଷୟରେ କହିଛି ଏବଂ ପୁଣି ଥରେ ତଜ୍ଜନିତ ଆନନ୍ଦ ଅନୁଭବ କରିବା ପାଇଁ ତୁମକୁ ଆହ୍ୱାନ କରୁଛି । ଏଠାରେ ତୁମକୁ ବର୍ତ୍ତମାନ ମିଳିଥିବା ସୁଯୋଗର ଅନନ୍ୟତା ବିଷୟରେ ମୁଁ ପୁଣି ବୁଝାଇବା ଦରକାର ନାହିଁ । ତୁମର ହୃଦୟକୁ ଶୀତଳ ଓ ଆନନ୍ଦମୟ କର; ସେହି ଆନନ୍ଦରେ ଅନ୍ୟମାନଙ୍କୁ ଭାଗ ଦିଅ, ଏହି ପ୍ରକଟିତ ରୂପରେ ଭଗବାନଙ୍କର ଉପାସନା କର । ସେବା ପାଇଁ ଆବଶ୍ୟକ ଯୋଗ୍ୟତା ଭିତରକୁ ଗଲେ ତୁମେ ଜାଣିବ ଯେ ଅହଂକାର, ଲୋଭ, ଅସୂୟା, ଦ୍ୱେଷ ବା ପ୍ରତିଦ୍ୱନ୍ଦ୍ୱିତା ଦ୍ୱାରା ଅସଂକ୍ରମିତ ଏକ ନିର୍ମଳ ହୃଦୟ ଆବଶ୍ୟକ; ପ୍ରାଣବତ୍ତା, ସଦ୍‌ଗୁଣ ଓ ନ୍ୟାୟର ନିର୍ଝର ଭାବରେ ଭଗବତ୍ ବିଶ୍ୱାସ ମଧ୍ୟ ଆବଶ୍ୟକ । ସେବା ହେଉଛି ପ୍ରତ୍ୟେକଙ୍କ ହୃଦୟରେ ତୁମେ ଭଗବାନଙ୍କୁ ଅର୍ପଣ କରୁଥିବା ଉପାସନା । ତୁମେ କେଉଁ ଦେଶ, ଜାତି ବା ମତବାଦର ବୋଲି ଅନ୍ୟ ଜଣକୁ ପଚାର ନାହିଁ । ସେହି ଅନ୍ୟ ବ୍ୟକ୍ତିଠାରେ ତୁମ ପାଇଁ ଭଗବାନଙ୍କର ପ୍ରିୟ ରୂପକୁ ଦେଖ, ବସ୍ତୁତଃ ସେ ଆଦୌ ଅନ୍ୟ ନୁହେଁ । ସେ ଠିକ୍ ତୁମରି ପରି ତାଙ୍କର ପ୍ରତିରୂପ । ତୁମେ କୌଣସି ଜଣେ ବ୍ୟକ୍ତିକୁ ସାହାଯ୍ୟ କରୁନାହଁ, ତୁମେ ତା' ଭିତରେ ମୋର ପୂଜା କରୁଛ । ମୁଁ ସେହି ରୂପରେ ତୁମ ଆଗରେ ଅଛି । ତେଣୁ ତୁମ ଭିତରେ ଅହଂକାର ଫଣା ଟେକିବା ପାଇଁ ସ୍ଥାନ କାହିଁ ?

କର୍ତ୍ତବ୍ୟ ହିଁ ଈଶ୍ୱର; କର୍ମ ହେଉଛି ଉପାସନା । କ୍ଷୁଦ୍ରତମ କାର୍ଯ୍ୟ ମଧ୍ୟ ଭଗବାନଙ୍କ ପାଦରେ ନିବେଦିତ କୁସୁମ । ଉତ୍ସବ ପାଇଁ ଏଠାକୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କ ପାଖକୁ ପ୍ରେମର ସମ୍ପତ୍ତିରେ ପରିପୂର୍ଣ୍ଣ ହୃଦୟରେ ଯାଅ ।

ନିଳୟମ୍‌ରେ ଏପରି ଲୋକ ଅଛନ୍ତି, ଯେଉଁମାନେ କି ଏଠାରେ ୧୦, ୧୫, ୨୦ ବର୍ଷ ବା ଏପରି ଦୀର୍ଘ ସମୟ ରହିଛନ୍ତି, କିନ୍ତୁ କେବଳ ସେମାନଙ୍କର ଶରୀର ବଡ଼ ହୋଇଛି; ସେବା ପାଇଁ ସେମାନଙ୍କର ଆକୁଳତା ବଢ଼ିନାହିଁ । ପ୍ରଶାନ୍ତି ନିଳୟମ୍‌ରେ ଜୀବନ ମୋକ୍ଷ ପାଇଁ ସେବା ମାର୍ଗରେ ବିଶ୍ୱାସକୁ ଗଭୀରତର କରିବା ଉଚିତ । ମନୋଭାବ ହିଁ ଆବଶ୍ୟକ । ସେବାର ନିର୍ଦ୍ଦିଷ୍ଟ ରୂପ ଛୋଟ ହୋଇପାରେ । ଲକ୍ଷ ଲକ୍ଷ ଲୋକ ଉପକୃତ ହେବା ଭଳି ସେବାର କୌଣସି ବିରାଟ ଯୋଜନାରେ ଅଂଶ ଗ୍ରହଣ କରିବାର ସୁଯୋଗ ହୁଏତ ତୁମେ ନ ପାଇ ପାର; ତୁମେ ଗୋଟିଏ ଛୋଟା ଛେଳିଛୁଆକୁ ଧଡ଼ି ପାର କରାଇ ଦେଇପାର କିମ୍ବା ଅନ୍ଧ ପିଲାକୁ ଗହଳି ରାସ୍ତା ପାର କରାଇ ଦେଇପାର । ତାହା ମଧ୍ୟ ଉପାସନାର ଏକ ରୂପ ।

ଖଣ୍ଡିଏ ଗୀତା ୨୫ ପଇସାରେ ମିଳିପାରେ; ଖଣ୍ଡିଏ ତୁଚ୍ଛ ଉପନ୍ୟାସର ଦାମ ଦଶଟଙ୍କା ହୋଇପାରେ । କେଉଁଟି ଅଧିକ ମୂଲ୍ୟବାନ? କ'ଣ ଅଶୋଧିତ ଧାତୁକୁ ସୁନାରେ ରୂପାନ୍ତରିତ କରିପାରିବ? ଆଧ୍ୟାତ୍ମିକ ସାଧକମାନଙ୍କ ପାଇଁ ସାଧାରଣତଃ ସୁପାରିଶ କରାଯାଉଥିବା ଜପ, ଧ୍ୟାନ, ଯାଗ ଓ ଯଜ୍ଞ ଅପେକ୍ଷା ସେବା ଅଧିକ ଫଳପ୍ରଦ । କାରଣ ଏହା ଦୁଇଟି ଅଭିପ୍ରାୟ ସାର୍ଥକ କରେ- ଅହଂକାରର ନିର୍ବାପନ ଓ ଆନନ୍ଦପ୍ରାପ୍ତି ।

ତୁମ ପାଖରେ ବସିଥିବା ଜଣେ ଲୋକ ଶୋକାଭିଭୂତ ହୋଇଥିଲେ ତୁମେ ସୁଖରେ ରହିପାରିବ କି? ନା । ହୋଇପାରେ ଯେ ତୁମେ ଶୁଣି ପାରୁଥିବା ଭଳି ସ୍ଥାନରେ ଶିଶୁଟିଏ ଅତି ବିକଳ ହୋଇ କାନ୍ଦୁଛି । ତୁମ ଆଖିରେ ସମବେଦନାର ଲୁହ ଝରି ଆସିବ । କାହିଁକି? ଦୁହିଁଙ୍କ ମଧ୍ୟରେ ଏକ ଅଦୃଶ୍ୟ ବନ୍ଧନ ରହିଛି । କେବଳ ମଣିଷଠାରେ ସହାନୁଭୂତି ଗୁଣ ଅଛି, ଅନ୍ୟମାନେ ସୁଖୀ ହେଲେ ହିଁ ସେ ସୁଖୀ ହେବ ଏବଂ ଅନ୍ୟମାନେ ଦୁଃଖୀ ହେଲେ ସେ ଦୁଃଖୀ ହେବ । ସେଥିପାଇଁ ସେ ସୃଷ୍ଟିର ମୁକୁଟମଣି, ପ୍ରାଣୀମାନଙ୍କର ବିବର୍ତ୍ତନର ଚରମ ସୀମା । କେବଳ ମଣିଷ ହିଁ ସେବା କରିବାକୁ ସମର୍ଥ; ତାହା ତାର ବିଶେଷ ଗରିମା, ଅନନ୍ୟ ଦକ୍ଷତା ।

ପ୍ରତିବର୍ଷ ଦଶହରା, ଜନ୍ମଦିନ ଓ ଶିବରାତ୍ରି ଉତ୍ସବ ପୂର୍ବରୁ ମୁଁ ତୁମକୁ ଆଧ୍ୟାତ୍ମିକ ସାଧନା ଭାବରେ ସେବାର ଶପଥ ନେବାକୁ ଉପଦେଶ ଦେଉଛି; ମୁଁ କହି ଦେଉଛି ଯେ ଏ ପର୍ଯ୍ୟନ୍ତ ମୁଁ ତୁମର କାର୍ଯ୍ୟରେ ସନ୍ତୁଷ୍ଟ ନୁହେଁ । ତଥାପି ମୁଁ ତୁମକୁ ଶିକ୍ଷା ଦେବା ଛାଡ଼ିନାହିଁ ଏବଂ ତୁମକୁ ଉପଦେଶ ଦେଇ ଚାଲିଛି, କାରଣ ମୁଁ ଆଶା କରୁଛି ଯେ ତୁମେମାନେ ଦିନେ ନା ଦିନେ ଆଦର୍ଶର ଅନୁଶୀଳନ କରିପାରିବ । ଏହା କୃପାର ଏକ ଦୃଷ୍ଟାନ୍ତ, ଯାହା ମୋ ପକ୍ଷରେ ସ୍ୱାଭାବିକ । ସେହି ଗୁଣ ଯୋଗୁଁ ସେବାର ଆଦର୍ଶରେ ତୁମେ କରୁଥିବା ଏତେ ଟିକିଏ ଉଦ୍ୟମକୁ ମୁଁ ପ୍ରଶଂସା କରୁଛି ।

ଯାତ୍ରାରେ ଏତେ ପଇସା ଖର୍ଚ୍ଚ କରି ଓ ଏତେ କଷ୍ଟ ସହି ତୁମେ କାହିଁକି ଏତେ ଦୂରରୁ ଆସିଛ? ମୋ ଉପସ୍ଥିତିରେ ରହିବାକୁ ଓ ମୋର ଅନୁଗ୍ରହ ଲାଭ କରିବାକୁ; ନୁହେଁ କି? ତେବେ ଥରେ ଏହି ସ୍ଥାନରେ ପହଞ୍ଚି ଯିବା ପରେ ତୁମେ କାହିଁକି ଅନ୍ୟମାନଙ୍କ ସହିତ ସମ୍ପର୍କ କରୁଛ, ଅନ୍ୟମାନଙ୍କର ଅନୁଗ୍ରହ ଲୋଡୁଛ? ମୋର ଉପସ୍ଥିତି ଓ କରୁଣାରେ ବାଧକ ହେଉଥିବା ଖାତରେ କାହିଁକି ପଡୁଛ? ଅନ୍ୟସବୁ କଥା ଭୁଲିଯାଅ ଏବଂ ମୁଁ ଦେଉଥିବା ଆଦେଶ ପାଳନ କର । ମୁଁ ତୁମକୁ ସେବା ଓ ପ୍ରେମର ଆଧ୍ୟାତ୍ମିକ ମାର୍ଗରେ ଦୀକ୍ଷିତ କରିବାକୁ ହିଁ ଚାହୁଁଛି । ତୁମକୁ ଜୋତା ଜଗିବାକୁ ବା ତୃଷାର୍ତ୍ତମାନଙ୍କୁ ପାଣି ଦେବାକୁ କିମ୍ବା ଫାଟକଠାରେ ଠିଆ ହେବାକୁ କୁହାଯାଇଛି ବୋଲି ଲଜ୍ଜାବୋଧ କର ନାହିଁ । ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ନିଜର ଶକ୍ତି

ଓ ସମୟକୁ ଉପଯୋଗ କରିବାରେ ହିଁ ସୌଭାଗ୍ୟ ଓ ଆନନ୍ଦ ନିହିତ । ତୁମେ ମୋର ସେବା କରିବାକୁ ଚାହୁଁଛ । ମୁଁ ତୁମକୁ କହି ଦେଉଛି, ଯେଉଁମାନେ ମୋର ସେବା କରୁଛନ୍ତି ସେମାନଙ୍କର ସେବା କଲେ ମୁଁ ମୋତେ ସେବା କରିବା ପରି ସନ୍ତୋଷ ଲାଭ କରେ । ଯେ କୌଣସି ଲୋକର ସେବା କରିବା ହେଉଛି ମୋର ସେବା କରିବା, କାରଣ ମୁଁ ସମସ୍ତଙ୍କ ଭିତରେ ଅଛି ।

ରୋଗୀ ଓ ଦୁଃଖୀଙ୍କୁ ତୁମେ ଦେଉଥିବା ସାହାଯ୍ୟ ଓ ଆନନ୍ଦ ମୋ ପାଖରେ ପହଞ୍ଚିଥାଏ, କାରଣ ମୁଁ ସେମାନଙ୍କ ହୃଦୟରେ ଅଛି ଏବଂ ମୋତେ ହିଁ ସେମାନେ ଡାକ ପକାଇଥାନ୍ତି । ଭଗବାନ ତୁମର ସେବା ଦରକାର କରନ୍ତି ନାହିଁ । ତାଙ୍କର ଗୋଡ଼ବିନ୍ଧା ବା ପେଟବଥା ହୁଏ କି ? ଦିବ୍ୟାତ୍ମାମାନଙ୍କର ସେବା କର, ଭଗବାନଙ୍କର ଦାସାନୁଦାସ ହୁଅ । ମାନବସେବା ହିଁ ମାଧବସେବାର ଏକମାତ୍ର ଉପାୟ ।

ତୁମ ପ୍ରତ୍ୟେକଙ୍କର ପାଦସେବା ପାଇଁ ଆଗ୍ରହ ଅଛି ବୋଲି ମୁଁ ଜାଣେ । ଆଉ ଏଥିପାଇଁ ଆଗ୍ରହୀ ସମସ୍ତଙ୍କୁ ଯଦି ମୁଁ ଏହି ସୁଯୋଗ ଦିଏ ତେବେ ମୋ ପାଦର ଅବସ୍ଥା କ'ଣ ହେବ ? ଆଉ ମୋ ଚାରିପଟେ କେତେ ଠେଲାପେଲା ହେବ । ଯେଉଁମାନେ ଅଭିଳାଷା କରନ୍ତି ସମସ୍ତଙ୍କୁ ସନ୍ତୁଷ୍ଟ କରି ହେବ ନାହିଁ । କିନ୍ତୁ ମୋର ପାଦ ଚାରିଆଡ଼େ ଅଛି ବୋଲି ଜାଣ । **"ସର୍ବତଃ ପାଣିପାଦ"** ବୋଲି ଗୀତା କହେ । ବେଦର ପୁରୁଷସୂକ୍ତ କହେ, "ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହ ସହସ୍ରପାତ୍ ।" ଏଠାରେ ସମବେତ ହୋଇଥିବା ହଜାର ହଜାର ଲୋକମାନଙ୍କର ମୁଣ୍ଡ, ଆଖି ଓ ପାଦ ମୋରି ମୁଣ୍ଡ, ମୋରି ଆଖି ଓ ମୋରି ପାଦ । ସେମାନଙ୍କର ସେବା କର, ସେମାନଙ୍କୁ ଆଦର କର, ସେମାନଙ୍କର ଆବଶ୍ୟକତା କଥା ବୁଝ - ତୁମେ ଜପ, ଧ୍ୟାନ ଓ ଉପାସନା କରୁଛ । ମନ୍ତ୍ର କହେ, "ସର୍ବଦେବନମସ୍କାରଂ କେଶବଂ ପ୍ରତିଗଚ୍ଛତି ।" ମୁଁ ଏହାକୁ ଆଉ ଟିକିଏ ବୁଝାଇବି ଓ ତୁମକୁ ଏହି ନୂଆ ମନ୍ତ୍ର ଦେବି । ତୁମେ ପ୍ରତ୍ୟେକ ଜୀବକୁ ଅର୍ପଣ କରୁଥିବା ସମ୍ମାନ, ସେବା ଆପେ ଆପେ ଏକ ଅର୍ଥାତ୍ କେଶବଙ୍କ ପାଖକୁ ଚାଲିଯାଏ । କେଶବ ଅର୍ଥ କ'ଣ ? ଏହା ଅର୍ଥ ପରମାତ୍ମା ଯାହାଙ୍କର ଗୋଟିଏ କେଶ ଦିବ୍ୟତ୍ୱର ସୃଜନାତ୍ମକ, ପାଳନାତ୍ମକ ଓ ସଂହାରାତ୍ମକ ଶକ୍ତି, ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ତ୍ରିମୂର୍ତ୍ତିର ପ୍ରତିନିଧିତ୍ୱ କରେ ।

ପ୍ରେମ ଓ ବୁଦ୍ଧିମତ୍ତା, ବିନୟ ଓ ଦକ୍ଷତାର ସହ ଏଠାକୁ ଆସିଥିବା ଲୋକମାନଙ୍କର ସେବା କର । ତାହେଲେ ସେମାନେ ନିଜ ନିଜ ଗାଆଁକୁ ଫେରିଯିବା ବେଳେ ସେମାନଙ୍କର ଜ୍ଞାତିକୁଟୁମ୍ବଙ୍କୁ କହିବେ, "ପ୍ରଶାନ୍ତି ନିଳୟମ୍‌ରେ ଆମେ ଭେଟିଥିବା ଲୋକମାନେ ଆମ ସହିତ ଯେ କୌଣସି ନିକଟ ସମ୍ପର୍କୀୟ ଅପେକ୍ଷା ଅଧିକ ପ୍ରେମପୂର୍ଣ୍ଣ ବ୍ୟବହାର କରିଥିଲେ । ସେମାନେ ଆମକୁ ଛାଇରେ ବସାଇଥିଲେ,

ସେମାନେ ଆମର ଦିହମୁଣ୍ଡ କଥା ବୁଝିବା ପାଇଁ ବହୁଥର ଆମ ପାଖକୁ ଆସିଥିଲେ, ସେମାନେ ଆମ ପାଖକୁ ଡାକ୍ତର ଡାକି ଆଣିଥିଲେ; କେହି ରୋଗରେ ପଡିବା ବେଳେ ସେମାନେ ଔଷଧ ଦେଇଥିଲେ; ଆମେ କୌଣସି କଥା ପଚାରିଲେ ସେମାନେ କୋମଳ ଓ ମଧୁର ସ୍ୱରରେ କହୁଥିଲେ ।

ତୁମେ ଏଠାରେ ଯେଉଁ ସେବା କରି ପାରିବ, ସେ ବିଷୟରେ ମୁଁ ଟିକିଏ ବିଶଦ ଭାବରେ କହୁଛି । ବୁଢା ଓ ରୋଗୀମାନେ ଯେପରି ଖରାରେ ନ ବସନ୍ତି ସେଥିପ୍ରତି ଦୃଷ୍ଟି ଦିଅ; ହୋ-ହଲ୍ଲା ନ କରି ଯେଉଁମାନଙ୍କର ଦରକାର ହେଉଛି ସେମାନଙ୍କୁ ପାନୀୟ ଜଳ ଦିଅ; ଅସାମାଜିକ ଲୋକ ଓ ପକେଟମାରଙ୍କ ପ୍ରତି ଦୃଷ୍ଟି ରଖ; ସେମାନେ ପୂର୍ବଜନ୍ମରେ ଦେଇଥିବା ଋଣ ଆଦାୟ କରିବା ପାଇଁ ଭକ୍ତମାନେ ଆସିବା ପୂର୍ବରୁ ବି ପହଞ୍ଚି ଯାଇଥାନ୍ତି । ସବୁକଥା ଠିକ୍‌ଠାକ ଓ ନିରାପଦ ଅଛି ବୋଲି ଦେଖିବା ସକାଶେ ରାତିରେ ଶେଡ୍ ଓ ଅନ୍ୟାନ୍ୟ ଅଞ୍ଚଳ ଚାରିପଟେ ବୁଲିବା ପାଇଁ ଦଳ ଠିକ୍ କର । ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କର ଏବଂ ଚାରିଆଡେ ନୀରବତା ମଧ୍ୟ ରକ୍ଷା କର । ନୀରବତା ରକ୍ଷା କରିବା ପାଇଁ ଚେଷ୍ଟା କରିବା ବେଳେ ପାଟିତୁଣ୍ଡ କରୁଥିବା ଲୋକମାନଙ୍କୁ ପାଟି କରି କହ ନାହିଁ । ନିଜେ ଧୀର ସ୍ୱରରେ କଥା କହ ଏବଂ ଅନ୍ୟମାନଙ୍କୁ ଧୀର ସ୍ୱରରେ କହିବାକୁ ଉପଦେଶ ଦିଅ । ଯେଉଁମାନେ ବଡ ପାଟିରେ କଥା କହୁଛନ୍ତି ସେମାନେ କାହିଁକି ଧୀର ସ୍ୱରରେ କହିବା ଉଚିତ ସେକଥା ସେମାନଙ୍କୁ ବୁଝାଇ ଦିଅ । କାରଣଟି ବୁଝାଇ ଦେଲେ ସେମାନେ ତୁମ ପ୍ରତି ସହାନୁଭୂତିଶୀଳ ହେବେ ଏବଂ ଉଦ୍ଦେଶ୍ୟ ବୁଝି ପାରିବେ । ପ୍ରତ୍ୟେକଙ୍କୁ ସମ୍ମାନ କର ଏବଂ ଏପରି ଭାବରେ କଥା କହ ଯେପରି ସେମାନେ ତୁମର ସର୍ବୋଚ୍ଚ ସମ୍ମାନ ପାଇଁ ଯୋଗ୍ୟ । କେହି ଛୋଟ ବା ହୀନ ନୁହେଁ । ସାଇ ସମସ୍ତଙ୍କ ଭିତରେ ଅଛନ୍ତି ଏବଂ ତୁମେ କାହାରି ଅସମ୍ମାନ କଲେ ତାହା ସାଇଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ ଅସମ୍ମାନ ହେବ । ବଡ ପାଟିରେ କାନ୍ଦୁଥିବା ପିଲାମାନଙ୍କୁ ଟାଣି ନିଅ ନାହିଁ, ସେମାନଙ୍କୁ କୋମଳ ଭାବରେ ଶାନ୍ତ କର । ଶାରୀରିକ ଦୃଷ୍ଟିରୁ ଅସୁସ୍ଥ ଥିବା ଲୋକମାନଙ୍କୁ ଆଶ୍ୱାସନା ଦେବାରେ ନିୟୋଜିତ ହୁଅ । ମୁଁ ମାନସିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଅସୁସ୍ଥ ଲୋକମାନଙ୍କୁ ଆଶ୍ୱାସନା ଦେବାରେ ନିୟୋଜିତ ହେବି । ସେମାନେ ଭୁଲିଯାନ୍ତି ଯେ ସେବା ହେଉଛି ଉପାସନା; ପ୍ରତ୍ୟେକ ସେବାକାର୍ଯ୍ୟ ପ୍ରଭୁଙ୍କର ପାଦରେ ଅର୍ପିତ ପୁଷ୍ପ ଅଟେ ।

ପ୍ରଶାନ୍ତି ନିଳୟମ୍
୪-୩-୧୯୭୦

ସେବା ସଂକଳ୍ପ

ମନ ଖୁବ୍ ଶୀଘ୍ର ଗୋଟିଏ ଭାବନାରୁ ଆଉ ଗୋଟିଏ ଭାବନାକୁ ଚାଲିଯାଏ; ଏହା ମୁହୂର୍ତ୍ତକ ପାଇଁ ଉଲ୍ଲସିତ ହୁଏ ଓ ପର ମୁହୂର୍ତ୍ତରେ ତ୍ୟାଗ କରେ । ତୁମେ ତୁମର ପାଟିକୁ ବନ୍ଦ ରଖିପାର, କିନ୍ତୁ ମନକୁ ବନ୍ଦ ରଖିବା ଅସମ୍ଭବ । ମନ ସେହି ସ୍ୱଭାବର; ଏହା କାମନାର ସୂତାରେ ଏହିପରି ବୁଣାଯାଇଛି । ଏହାର ଲକ୍ଷଣ ହେଉଛି ଇନ୍ଦ୍ରିୟମାନଙ୍କ ବାଟ ଦେଇ ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧର ବାହ୍ୟ ଜଗତ ଭିତରକୁ ଡେଇଁବା, ଇତସ୍ତତଃ ହେବା । କିନ୍ତୁ ଏହାକୁ ମଣିଷ ଦ୍ୱାରା ଦମନ କରିହେବ ଓ ସଦୁପଯୋଗ କରିହେବ । ଆମେ ଏହାକୁ ଉତ୍ତମ ଅନ୍ୱେଷଣ ଓ ଉତ୍ତମ ଅଭିଯାନ, ବିଶେଷକରି ଭଗବତ୍ ଚିନ୍ତନରେ ନିୟୋଜିତ ରଖିଲେ ଏହା ପଥଚ୍ୟୁତ ହେବ ନାହିଁ ଓ ମଣିଷକୁ ଧ୍ୱଂସ କରିବ ନାହିଁ, କାରଣ ଭଗବାନ ଅସରନ୍ତି ଶକ୍ତି, ଚିରନ୍ତନ ଆନନ୍ଦ ଓ ଗଭୀରତମ ଜ୍ଞାନର ଉତ୍ସ ଅଟନ୍ତି ।

୧୬ରୁ ୩୦ବର୍ଷ ବୟସ ସୀମା ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ଏହି ସମୟରେ ଜୀବନରେ ମଧୁରତାର ସଂଯୋଗ ହୁଏ, ପ୍ରତିଭା, ନିପୁଣତା ଓ ମନୋଭାବ ସଂଗୃହୀତ, ପର୍ଯ୍ୟୁତ୍ଥିତ ଓ ପବିତ୍ରୀଭୂତ ହୁଏ । ଏହି ସମୟରେ ମନକୁ ଯଦି ନିଃସ୍ୱାର୍ଥପର ସେବାର ଟନିକ ଦିଆଯାଏ ତେବେ ଜୀବନର ସଂକଳ୍ପ ପରିପୂର୍ଣ୍ଣ ହୁଏ, କାରଣ ଏହି ଟନିକ୍ ଦ୍ୱାରା ପର୍ଯ୍ୟୁତ୍ଥାନ ଓ ପବିତ୍ରୀକରଣର ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ପୁରସ୍କାର ଆଶାରେ, ଦୃଷ୍ଟି ଆକର୍ଷଣ କରିବା ପାଇଁ ବା କୃତଜ୍ଞତା ଅର୍ଜନ କରିବା ପାଇଁ କିମ୍ବା ଦକ୍ଷତା, ଧନ, ପଦ ବା ଅଧିକାରରେ ତୁମ ନିଜର ବରିଷ୍ଠତା ପାଇଁ ଗର୍ବ ଦୃଷ୍ଟିରୁ ସେବା କର ନାହିଁ । ପ୍ରେମ ଦ୍ୱାରା ପ୍ରେରିତ ହୋଇ ସେବା କର । ସଫଳ ହେଲେ ସଫଳତା ପାଇଁ ତୁମ ଭିତରେ ପ୍ରେମରୂପରେ ତୁମକୁ ପ୍ରେରିତ କରିଥିବା ଭଗବାନଙ୍କର କରୁଣାକୁ ଦାୟୀ କର । ବିଫଳ ହେଲେ ବିଫଳତା ପାଇଁ ତୁମର ଅପରିପକ୍ୱତା, ନିଷ୍ଠାହୀନତା ବା ଅଜ୍ଞାନତାକୁ ଦାୟୀ କର । କର୍ମର ସ୍ଫୁର୍ତ୍ତିକୁ ପରୀକ୍ଷା କର, ସେଗୁଡ଼ିକୁ ଅହଙ୍କାରର ସମସ୍ତ ଚିହ୍ନରୁ ପୃଥକ୍ କର, ସେବା ଗ୍ରହଣ କରୁଥିବା ଲୋକମାନଙ୍କୁ କିମ୍ବା ତୁମର ସଂଯୋଜକ ବା ସହକର୍ମୀମାନଙ୍କୁ କିମ୍ବା ଭଗବାନଙ୍କୁ ଦୋଷ ଦିଅ ନାହିଁ ।

ସେବା ସାରା ପୃଥିବୀରେ ମୁଖ୍ୟତଃ ଆଧ୍ୟାତ୍ମିକ ସାଧନା ଅଟେ । ଏହା ଆଧ୍ୟାତ୍ମିକ ସାଧନା, ମାନସିକ ପରିଚ୍ଛନ୍ନତା ଅଟେ । ସେହି ମନୋଭାବ ଦ୍ୱାରା ପ୍ରଦତ୍ତ ପ୍ରେରଣା ବିନା ଅଭିଳାଷା ନିଶ୍ଚୟ ହ୍ରାସ ପାଇବ ଓ ଶୁଷ୍କ ହୋଇଯିବ କିମ୍ବା ଏହା ଗର୍ବ ଓ ଜାକଜମକକୁ ଖସି ଆସିବ । କ୍ଷଣକ ପାଇଁ ଭାବ, ତୁମେ ଭଗବାନଙ୍କର ସେବା

କରୁଛ କି ? ନା ଭଗବାନ ତୁମର ସେବା କରୁଛନ୍ତି ? ଯେତେବେଳେ ଜଣେ ତୀର୍ଥଯାତ୍ରୀ ଗଙ୍ଗାରେ ଅଣ୍ଟାଏ ପାଣିରେ ଠିଆ ହୁଏ, ଆଞ୍ଜୁଳାରେ ପବିତ୍ର ଜଳ ନିଏ ଏବଂ ସ୍ତୁତି ପାଠ କରି ଆରାଧ୍ୟକୁ ଜଳ ଅର୍ପଣ କରେ ସେତେବେଳେ ସେ ଯାହା କରେ ତାହା ହେଉଛି ଗଙ୍ଗାକୁ ଗଙ୍ଗାରେ ଅଜାଡିବା । ତୁମେ ଗୋଟିଏ ଭୋକିଲା ପିଲାକୁ କ୍ଷୀର ଦେବା ବେଳେ ବା ରାସ୍ତା କଡ଼ରେ ଥରୁଥିବା ଭାଇକୁ କମ୍ବଳ ଦେବାବେଳେ ଭଗବାନଙ୍କର ଗୋଟିଏ ଉପହାରକୁ ଭଗବାନଙ୍କର ଆଉ ଗୋଟିଏ ଉପହାର ହାତରେ ଅର୍ପଣ କରିଥାଅ ! ତୁମେ ଭଗବାନଙ୍କ ଉପହାରକୁ ଦିବ୍ୟତତ୍ତ୍ୱର ଏକ ଭଣ୍ଡାରରେ ଗଚ୍ଛିତ କରିଥାଅ, ଭଗବାନ ସେବା କରନ୍ତି; ତୁମେ ସେବା କରିଛ ବୋଲି ଦାବି କରିବାକୁ ସେ ତୁମକୁ ଅନୁମତି ଦିଅନ୍ତି । ତାଙ୍କ ଇଚ୍ଛା ବିନା ଘାସ ପାତ୍ରଟିଏ ବି ପବନରେ ହଲି ପାରିବ ନାହିଁ । ପ୍ରତ୍ୟେକ କ୍ଷଣକୁ ସବୁ ଉପହାରର ଦାତା ଓ ଗ୍ରହୀତାଙ୍କ ପ୍ରତି କୃତଜ୍ଞତାରେ ଭରିଦିଅ ।

ତୁମର ସେବାକୁ ମୁଁ ଯେତେବେଳେ ବମ୍ବେରେ ରହୁଛି ସେହି ସମୟ ପାଇଁ ବା ଧର୍ମକ୍ଷେତ୍ରର ପରିସର ଭିତରେ ସୀମିତ କର ନାହିଁ । ସବୁ ସ୍ଥାନ ଓ ସବୁ ସମୟର ଆହ୍ୱାନ ପାଇଁ ସତର୍କ ହୁଅ; ସ୍ମିତହାସ୍ୟ, କୋମଳ ଶବ୍ଦ, ଉପଯୋଗୀ ପରାମର୍ଶ, ଜ୍ଞାନପୂର୍ଣ୍ଣ ଯତ୍ନ, ସୁଖକର ଉତ୍ତର ସହିତ ପ୍ରସ୍ତୁତ ରହ । ସାହାଯ୍ୟ କରିବା, ରକ୍ଷା କରିବା ବା ପୁନଃସତେଜ କରିବାର ସୁଯୋଗକୁ ଚାହିଁ ବସ । ନିଜକୁ ତାଲିମ ଦିଅ, ଯଦ୍ୱାରା ତୁମେ ଶୀଘ୍ର ଓ ଭଲ ଭାବରେ ସେବା କରି ପାରିବ । ସେବା ତପଶ୍ଚରଣର ସର୍ବାଧିକ ସଫଳ, ସନ୍ତୋଷଜନକ ଓ ସୁଖକର ରୂପ ଅଟେ ! ଏହା ପ୍ରେମରୁ ଜାତ ହୁଏ ଏବଂ ବହୁ ପରିମାଣରେ ପ୍ରେମ ବିତରଣ କରେ । ଏହା ପଥର ଉପରେ ବୀଜ ବପନ କରେ ଏବଂ ତାହାକୁ ଅଙ୍କୁରିତ ହେବାର ଦେଖି ଆନନ୍ଦିତ ହୁଏ । ଏହା ପ୍ରେମର ସହିତ ବପନ କର ଏବଂ ବୀଜ ପଥର ଭିତରେ ପ୍ରେମ ଆବିଷ୍କାର କରିବ ଏବଂ ସେଥିରୁ ପୁଷ୍ଟିସାର ଶୋଷଣ କରିବ ।

ଡଃ ମିସ୍ତ୍ରୀ ତାଙ୍କ ବିବରଣୀରେ ଉଲ୍ଲେଖ କଲେ ଯେ ତୁମେମାନେ ବମ୍ବେରେ ଭଲ କାମ କରୁଛ, ରକ୍ତଦାନ କରୁଛ, ଚିକିତ୍ସାଳୟକୁ ଯାଉଛ, ତୁମ ଅଞ୍ଚଳରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିଚାଳନା କରୁଛ, ଭଜନ ବୋଲୁଛ, ବାଳବିହାରର ବିକାଶ କରୁଛ ଇତ୍ୟାଦି । କିନ୍ତୁ ପରିମାଣ କିମ୍ବା ବିବିଧତା ବଡ କଥା ନୁହେଁ । ତୁମେ ବିଚ୍ଛୁରଣ କରୁଥିବା ଆନ୍ତରିକ ଆନନ୍ଦ, ପ୍ରେମ ହିଁ ମହତ୍ତ୍ୱପୂର୍ଣ୍ଣ । କେବଳ ସଂବେଗ ଓ ସହାନୁଭୂତିରେ କିଛି ଲାଭ ନାହିଁ; ସେଗୁଡ଼ିକ ବୁଦ୍ଧି ଦ୍ୱାରା ନିୟମିତ ହେବା ଉଚିତ । ଦୁଃଖୀ ଉପରେ ଆନନ୍ଦ ବର୍ଷା କର, ବାଟବଣାମାନଙ୍କୁ ସାନ୍ତ୍ୱନା ଦିଅ, ଅନ୍ୟମାନଙ୍କର ଦୋଷ ପ୍ରତି ଆଖି ବୁଜିଦିଅ; କିନ୍ତୁ ତୁମ ନିଜର ଦୋଷ ଖୋଜିବା

ପାଇଁ ସେଗୁଡ଼ିକୁ ଖୋଲା ରଖ । ଏସବୁ କଠିନ କାମ । କେବଳ ଅଭ୍ୟାସ ହିଁ ତୁମକୁ ଠିକ୍ କରିପାରିବ; କେବଳ ସେବା ନୁହେଁ ମାତ୍ର ଭଗବାନଙ୍କ ଉପରେ ଧ୍ୟାନ ଅଭ୍ୟାସ କର । ପ୍ରାର୍ଥନା ଓ ଧ୍ୟାନ ତୁମକୁ ସେବା କ୍ଷେତ୍ରରେ ଅଧିକାଧିକ ଦକ୍ଷ କରିବ ।

ଧ୍ୟାନ ଆବଶ୍ୟକ, କାରଣ ଏହା ଧାରଣା ଓ ସମାଧି ଆଡ଼କୁ ଘେନିଯାଏ । ତୁମେ ରାତିରେ ଖୋଲା ଛାତ ଉପରେ ଶୋଇବା ବେଳେ ତୁମ ମୁଣ୍ଡ ଉପରେ ଚମକୁଥିବା ତାରା ଉପରେ ଦୃଷ୍ଟି ନିବଦ୍ଧ କରି ଧାରଣା ଅଭ୍ୟାସ କର । ସେବା ଅଭ୍ୟାସ ମନକୁ ନିର୍ମଳ କରିବ ଓ ଏକାଗ୍ରତା ବଢାଇବ । ସେବାଦଳର ଅନେକ ସଦସ୍ୟ ମୋତେ କହିଛନ୍ତି ଯେ ସେମାନେ ବର୍ତ୍ତମାନ ଦୀର୍ଘତର ଓ ସ୍ଥିରତର ଧ୍ୟାନ କରିପାରୁଛନ୍ତି । ଅନେକ ଅଛନ୍ତି ଯେଉଁମାନେ ଧ୍ୟାନ ପାଇଁ ଆଗ୍ରହୀ ଲୋକମାନଙ୍କୁ ଔଷଧ ଆଦି ସୁପାରିଶ କରିଥାନ୍ତି, କିନ୍ତୁ ଔଷଧ ପ୍ରବଞ୍ଚନାକାରୀ, ଦୁର୍ବଳକାରୀ ଓ ବିପଜ୍ଜନକ ବୋଲି ସେମାନେ ଜାଣନ୍ତି ନାହିଁ; ସେଗୁଡ଼ିକର ହାନିକାରକ ପ୍ରଭାବ ଅଛି । ମୁଁ ସେବା ପାଇଁ ପରାମର୍ଶ ଦେଉଛି ।

ସେବା କରିବା ପାଇଁ ତୁମର ପୂର୍ଣ୍ଣ ଆଗ୍ରହ ଥାଇପାରେ, କିନ୍ତୁ ସତର୍କତା ଓ ବୁଦ୍ଧିମତ୍ତା ବିନା ସେବା ସଫଳ ହୋଇପାରିବ ନାହିଁ । ପ୍ରତ୍ୟେକ ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେବାକୁ ହେବ । ଉଦାହରଣ ସ୍ୱରୂପ, ତୁମେ କେତେଜଣ ଲୋକଙ୍କୁ ଠିଆ ହୋଇ ଅନ୍ୟମାନଙ୍କର ଦୃଷ୍ଟିକୁ ବାଧା ଦେବା ପରିବର୍ତ୍ତେ ବସି ପଡ଼ିବା ପାଇଁ ବାଧ୍ୟ କରୁଛ । କେତେ ଜଣ ଲୋକ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ତଳେ ଚକା ପକାଇ ବସିପାରିବେ ନାହିଁ ବୋଲି ତୁମେ ଉପଲବ୍ଧି କରୁଛ । ତୁମେ ସମାବେଶର ମଧ୍ୟଭାଗକୁ ଛାଡିଦେଇ ସାଧାରଣତଃ ପଛପଟେ ଓ ପାର୍ଶ୍ୱମାନଙ୍କରେ ଅଧିକ ବୁଲିଥାଅ । ତୁମେ ମୋ ଚାରିପଟେ ଗହଳି କରିବା ଦରକାର ନାହିଁ; ବରଂ ବୁଢା, ରୋଗୀ, ପିଲା, ଖରାରେ ବସିଥିବା ଲୋକ, ତୃଷାର୍ତ୍ତ, କ୍ଲାନ୍ତ ଲୋକମାନଙ୍କର ଆବଶ୍ୟକତା ପ୍ରତି ଧ୍ୟାନ ଦିଅ । ରୁକ୍ଷ ବ୍ୟବହାର କରି କାହାରି ଭାବନାକୁ ଆଘାତ ଦିଅ ନାହିଁ । ଦର୍ଶନ ପାଇଁ କାହାରି ସୁଯୋଗରେ ବାଧା ଦିଅ ନାହିଁ । ତୁମେ ତୁମର ନିଜ ଘରକୁ ଆସୁଥିବା ଅତିଥିମାନଙ୍କୁ ଦେଖାଉଥିବା ସୌଜନ୍ୟ ପ୍ରତ୍ୟେକଙ୍କୁ ଦେଖାଅ । ଏହା ତୁମର ଘର ଓ ସେମାନେ ତୁମର ଅତିଥି । ଧର୍ମକ୍ଷେତ୍ରକୁ ସେମାନଙ୍କର ଆଗମନ ଓ ସେବାଦଳ ବିଷୟରେ ସେମାନଙ୍କର ମଧୁର ସ୍ମୃତି ରହୁ ।

ଏହା ନିଜକୁ ନିର୍ମଳ କରିବାରେ ଲାଗିଥିବା ଏକ ଆଧ୍ୟାତ୍ମିକ ସେନା, ଏକ ଆଧ୍ୟାତ୍ମିକ ବାହିନୀ । ଏହି ଆନ୍ଦୋଳନ-ଭାରତରେ ଶୀଘ୍ର ପ୍ରସାରିତ ହେବା ଉଚିତ ଏବଂ ଜଲ୍‌ଦି ବିଦେଶକୁ ଯିବା ଉଚିତ । ଏହି ବ୍ୟାବହାରିକ ବେଦାନ୍ତରେ

ଅନ୍ୟମାନଙ୍କୁ ତାଲିମ ଦେବା ସକାଶେ ଦଳର ସଦସ୍ୟମାନଙ୍କୁ ଅନ୍ୟସ୍ଥାନମାନଙ୍କୁ ପଠାଯାଇପାରେ । କାରଣ ଯଦି ଜଣେ ବ୍ୟକ୍ତି ସେବା କରିବାର ଆକାଂକ୍ଷାରେ ପରିପୂର୍ଣ୍ଣ ଥାଏ ଏବଂ ସମସ୍ତଙ୍କୁ ଦିବ୍ୟତତ୍ତ୍ୱର ସ୍ୱରୂପ ବୋଲି ବିଶ୍ୱାସ କରୁଥାଏ ତେବେ ତାହା ହିଁ ସବୁଠାରୁ ଶକ୍ତିଶାଳୀ ଜପମାଳା, ସବୁଠାରୁ ହିତକର ଧ୍ୟାନ । ଆସକ୍ତିର ମୌଳିକ ଅସଙ୍ଗତ ଉପଲବ୍ଧି କରିବା ପାଇଁ ଶୀଘ୍ରତମ ଓ ସହଜତମ ଉପାୟ ହେଲା ସେବାମାର୍ଗ । ପ୍ରତିଦାନ ମିଳୁ ବା ନ ମିଳୁ, ପରିଣତି ସଫଳତାପୂର୍ଣ୍ଣ ହେଉ ବା ନ ହେଉ, ପ୍ରେମ ଅର୍ପଣ କର । ପ୍ରେମ ସର୍ବଦା ସେବାରେ, ହିତକର କାର୍ଯ୍ୟ, ଆଶ୍ୱାସନା, ଉପଶମ ଓ ସାହସର ମଧୁର ବଚନ ଏବଂ କରୁଣା ଓ ସହାନୁଭୂତିର ଚିନ୍ତାରେ ଅନୂଦିତ ହେଉ । ଭକ୍ତି ବା ଜ୍ଞାନ ଆଦି ଅନ୍ୟ ମାର୍ଗଗୁଡ଼ିକ ଉପଯୋଗୀ ନୁହେଁ ବୋଲି ମୁଁ କହୁନାହିଁ ।

ମନ୍ଦିର ଓ ଦେବାଳୟମାନଙ୍କରେ ଭଗବାନଙ୍କ ଉପାସନାର ସମୟକୁ ପବିତ୍ର କରିବାରେ ଏବଂ ଆବେଗ ଓ ବାସନାଗୁଡ଼ିକୁ ପର୍ଯ୍ୟୁତ୍ଥିତ କରିବାରେ ନିଜସ୍ୱ ଭୂମିକା ରହିଛି । ସନ୍ଦେହର କୁହୁଡ଼ିକୁ ନିର୍ମଳ କରିବାରେ ଆତ୍ମାନୁସନ୍ଧାନର ଉପଯୋଗିତା ରହିଛି । କିନ୍ତୁ ପ୍ରେମପୂର୍ଣ୍ଣ ସେବାକାର୍ଯ୍ୟ ସମସ୍ତ ଭଗବତ୍ ଅଭିମୁଖୀ ମାର୍ଗର ଲକ୍ଷ୍ୟ ପୂରଣ କରେ ବୋଲି ଗୀତା କହେ । ସବୁ ହାତ ତାଙ୍କର, ସବୁ ଆଖି, ସବୁ ମୁହଁ ଓ ସବୁ ପାଟି ତାଙ୍କର । ସେ ସବୁ ହାତରେ କାମ କରନ୍ତି, ସେ ସବୁ ପାଦରେ ଚାଲନ୍ତି; ସେ ପ୍ରତ୍ୟେକ ଆଖିରେ ଦେଖନ୍ତି, ସେ ପ୍ରତ୍ୟେକ ପାଟିରେ ଖାଆନ୍ତି ଓ କଥା କହନ୍ତି । ସେ ସବୁ କିଛି । ପ୍ରତ୍ୟେକ ପଦକ୍ଷେପ ତାଙ୍କର; ପ୍ରତ୍ୟେକ ଚାହାଣୀ, ପ୍ରତ୍ୟେକ କଥା, ପ୍ରତ୍ୟେକ କାମ ତାଙ୍କର । ସେବା ଏହି ପାଠ ଶିକ୍ଷା ଦିଏ ।

♦♦♦

ମାନବସେବା ହିଁ ମାଧବସେବା

ଅନେକ ପବିତ୍ର ସ୍ଥାନକୁ ଯିବା ଦ୍ୱାରା କେହି ଏହି ଜନ୍ମ-ମୃତ୍ୟୁ-ଚକ୍ର ରୂପକ ସଂସାର ସାଗରକୁ ଅତିକ୍ରମ କରି ପାରିବ ନାହିଁ । ମାଳା ଜପ ଓ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ମଧ୍ୟ କରି ହେବ ନାହିଁ । କେବଳ ସେବା ଦ୍ୱାରା ହିଁ ଏହା ସମ୍ଭବ ।

ପବିତ୍ରାତ୍ମସ୍ୱରୂପ ବିଦ୍ୟାର୍ଥୀଗଣ! ଆଧ୍ୟାତ୍ମିକ ମାର୍ଗର ଅନୁସରଣ କରିବା ସମସ୍ତଙ୍କର କାମନା, କିନ୍ତୁ ଆଶ୍ଚର୍ଯ୍ୟର କଥା ରାଜା ଓ ପ୍ରଜା ନିରର୍ଥକ ଓ ନୂତନ ଉପାୟ ଅବଲମ୍ବନ କରୁଛନ୍ତି । ଏହା ମହାନ୍ ବିସ୍ମୟ ଓ ଉପହାସର କାରଣ ହେଉଛି, ବ୍ୟକ୍ତିମାନେ ପଦାଧିକାର ଲାଭ କରିବା ପାଇଁ ଖୁବ୍ ଲାଳାୟିତ; ସେମାନେ ନିଜର କୌଣସି ଦାୟିତ୍ୱ ପୂରଣ କରିବାର ଆବଶ୍ୟକତା କଥା ବିଚାର କରୁନାହାନ୍ତି । ଯେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ହୃଦୟଙ୍ଗମ କରୁଛି ତା ପାଇଁ ଏହା ସ୍ୱାଭାବିକ ଯେ ସେ କାଳକ୍ରମେ ପଦ ଓ ଅଧିକାର ଲାଭ କରିବ । କିନ୍ତୁ ଯେ ନିଜର କର୍ତ୍ତବ୍ୟକୁ ହୃଦୟଙ୍ଗମ କରୁନାହିଁ ସେ କଦାପି ପଦଲାଭ କରିବାକୁ ସକ୍ଷମ ହେବ ନାହିଁ । ନିଜକୁ ଏକ ସନ୍ତୁଳିତ ବ୍ୟକ୍ତିରେ ପରିଣତ କରିବା ପାଇଁ ସେବା ଏକ ଆବଶ୍ୟକ ଗୁଣ । ଏହି ସେବା ଆଦର୍ଶର ମନୁଷ୍ୟଠାରୁ ଅହଂକାର ଦୂର କରିବାର ଉତ୍ତମ ଗୁଣ ଅଛି । ଏହା ପ୍ରେମ ଓ ସ୍ନେହ ବଢ଼ାଏ । ଏହା ତାକୁ ସାଂସାରିକ ଆସକ୍ତିରୁ ଦୂରେଇ ନିଏ ଏବଂ ଦିବ୍ୟ ମାର୍ଗରେ ଅବସ୍ଥାପିତ କରେ । ଏହି ସେବା ଭାବ ମଧ୍ୟ ତାକୁ ଦିବ୍ୟତ୍ୱର ଅର୍ଥ ବୁଝାଇଥାଏ । ଏହା ସମଗ୍ର ମାନବଜାତିକୁ ବିସ୍ତୃତ ସୁଖ ଓ ଆନନ୍ଦ ଦେଇପାରେ । ସେବା ବସ୍ତୁତଃ ଆଧ୍ୟାତ୍ମିକ ମାର୍ଗର ପ୍ରଥମ ସୋପାନ ଅଟେ । ଆଜି ଏହି ପବିତ୍ର ସେବାର ଠିକ୍ ଭାବରେ ଅନୁଶୀଳନ କରାଯାଉ ନ ଥିବାରୁ ଏ ଦେଶର ଲୋକମାନେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେଉଛନ୍ତି । ଯେ ସେବା କରିବା ପାଇଁ ଆଗ୍ରହୀ, ତା କ୍ଷେତ୍ରରେ ଦେଶ ତା ନିୟନ୍ତ୍ରଣକୁ ଚାଲି ଆସେ । ଯେ ସେବା କରିବାକୁ ଚାହେଁ ନାହିଁ, ମାତ୍ର ନେତୃତ୍ୱ ନେବାକୁ ଇଚ୍ଛା କରେ, ତା କ୍ଷେତ୍ରରେ ଦେଶ କଦାପି ତା' ନିୟନ୍ତ୍ରଣକୁ ଆସେ ନାହିଁ । ସେବାଭାବକୁ ହୃଦୟଙ୍ଗମ କରୁଥିବା ବ୍ୟକ୍ତି ଯଦି ନାୟକ ହୁଏ ସେହି ନାୟକ ସେବା ବେଳେ ତାର ନାୟକତ୍ୱର ସର୍ବଦା ସୁରକ୍ଷା ଓ ମନୋରଂଜନ କରିବ । ସେବାକୁ ନ ବୁଝି ଓ ପ୍ରଥମେ ସେବକ ନ ହୋଇ କେହି ନାୟକ ହୋଇ ପାରିବ ନାହିଁ । ସେହିପରି ଧ୍ୱଂସ କରିବାକୁ ନ ଜାଣି କେହି ସ୍ରଷ୍ଟା ହୋଇ ପାରିବ ନାହିଁ ।

ମଣିଷ ସମାଜରେ ଜନ୍ମ ନିଏ । ସେ ସମାଜରେ ବାସ କରେ । ସମାଜର ସେବା କରିବା ଦ୍ୱାରା ସେ ସମୃଦ୍ଧ ହୁଏ । ଏହି ପରିସ୍ଥିତିରେ ମନୁଷ୍ୟ ଯଦି ସମାଜରୁ ଦୂରେଇ ଯାଏ ତେବେ ସେ ସବୁଥିରୁ ଦୂରେଇ ଯିବ । ଶିଶୁ ମାଆର କ୍ଷୀର ପାଇଁ କାନ୍ଦିବ; ତେଣୁ ଶିଶୁକୁ ମାଆର ସେବା, ସମ୍ମାନ ରାକ୍ଷା ଓ ଅନୁସରଣ କରିବାକୁ ହେବ । ତାକୁ ମାଆର ଉପାସନା କରିବାକୁ ହେବ । ଏହାଦ୍ୱାରା ସେ ବଢିପାରିବ ଓ ବଞ୍ଚି ପାରିବ । ଏହିପରି ଭାବରେ ପ୍ରତ୍ୟେକ ବ୍ୟକ୍ତିର ଜଣେ ମାତା ଅଛନ୍ତି ଏବଂ ମାତା ହିଁ ମହତ୍ୱପୂର୍ଣ୍ଣ । ଆମେ ଦେଶକୁ ସବୁ ନାଗରିକମାନଙ୍କର ମାତା ରୂପେ ଦେଖିବା ଉଚିତ । ସେ ହେଉଛି ଦିବ୍ୟ ମାତା ଏବଂ ଆମେ ଏହି ଦିବ୍ୟ ମାତାଙ୍କର ସେବା କରିବା ଉଚିତ । ସେବା ମାଧ୍ୟମରେ ଆମେ ଆମ ଜୀବନର ଅଭିପ୍ରାୟ ପୂରଣ କରି ପାରିବା । ଆମର ଏହି ପବିତ୍ର ଦେଶରେ ସେବାଭାବ ଆମକୁ ଋଷି ଓ ଗୁରୁମାନଙ୍କ ଦ୍ୱାରା ଦିଆଯାଇଛି । ଆମେ ଆମ ଜୀବନକୁ ସେବା ଦ୍ୱାରା ପରିପୂର୍ଣ୍ଣ କରିବା ଉଚିତ ବୋଲି ସେମାନେ ଆମକୁ ଉପଦେଶ ଦେଇଛନ୍ତି । ସବୁ ତପୋବନମାନଙ୍କରେ ନୈତିକତା ଓ ନୀତିଶାସ୍ତ୍ର ଶିକ୍ଷା ଦିଆଯାଉଥିଲା । ଉତ୍ତମ କଥା ଶିକ୍ଷା ଦେବା ଓ ମହାନ୍ ଆଦର୍ଶ ପ୍ରଚାର କରିବା ସେମାନଙ୍କର ଦୈନନ୍ଦିନ ଧାରା ଥିଲା । କିପରି ପବିତ୍ର ଆଦର୍ଶର ଅନୁଶୀଳନ କରିବ ଓ ଉତ୍ତମ ଜୀବନ ଯାପନ କରିବ ତାହା ମନୁଷ୍ୟକୁ ଶିକ୍ଷା ଦିଆଯାଉଥିଲା ।

ସେବା କଥା ଭାବିବା ବେଳେ ଆମେ ସାଧାରଣତଃ ଚାକର ଦ୍ୱାରା କରାଯାଉଥିବା ହୀନ କାର୍ଯ୍ୟ କଥା ଭାବିଥାଉ । ସେବାକୁ ହୀନ ମନେ କରାଯାଉଥିବା ଧାରଣା ଠିକ୍ ନୁହେଁ । ସେବା ପ୍ରସଙ୍ଗରେ ଆମେ ଉପଲବ୍ଧି କରିବା ଉଚିତ ଯେ ଭଗବାନ ନିଜେ ବହୁ ପ୍ରକାରେ ଜଗତର ଅନେକ ସେବା କରନ୍ତି । ଆମେ ଅବତାରବାଦ ବିଷୟରେ ସୁପରିଚିତ । ଧର୍ମର ପୁନଃପ୍ରତିଷ୍ଠା ପାଇଁ କିମ୍ବା ଧର୍ମକୁ ଏହାର ଉଚ୍ଚ ସ୍ଥାନରେ ପୁନର୍ବାର ରଖିବା ପାଇଁ ଭଗବାନ ମନୁଷ୍ୟ ରୂପରେ ଜନ୍ମ ଗ୍ରହଣ କରନ୍ତି, ଏହିପରି ଭାବରେ ସେ ଜଗତର ସେବା କରନ୍ତି । ସର୍ବବ୍ୟାପୀ ପ୍ରଭୁ ଶ୍ରୀକୃଷ୍ଣ ରୂପରେ ସାରଥି ଭାବରେ ଅର୍ଜ୍ଜୁନଙ୍କର ସେବା କରିଥିଲେ । ଖାଲି ଏତିକି ନୁହେଁ, କିନ୍ତୁ ସାରଥି ଭାବରେ ତାଙ୍କର ଦିନକର କାମ ଶେଷ କରିବା ପରେ ସେ କ୍ଲାନ୍ତ ଘୋଡାମାନଙ୍କୁ ନଦୀକୁ ନେଉଥିଲେ ଓ ସେମାନଙ୍କୁ ଗାଧୋଇ ଦେଉଥିଲେ । ଏହିପରି ଭାବରେ ସେ କ୍ଲିନର କାମ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ସେହି ସମୟରେ ବ୍ୟାସ ପ୍ରଭୁଙ୍କ ଆଡ଼କୁ ଚାହିଁ ଅନୁଭବ କରିଥିଲେ ଯେ ଦିବ୍ୟ ହସ୍ତରେ ଘୋଡାମାନେ ଯେଉଁ ସୁଯୋଗ ପାଉଛନ୍ତି ତାହା ଅନେକ ମହାତ୍ମା ପାଇ ନ ଥିଲେ ।

ରାଜସୂୟ ଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ କୃଷ୍ଣ ଆସି ପହଞ୍ଚିଲେ ଏବଂ ତାଙ୍କୁ କିଛି କାମ ଦେବାକୁ ଧର୍ମରାଜଙ୍କୁ କହିଲେ । ଧର୍ମରାଜ କୃଷ୍ଣଙ୍କୁ ଚାହିଁଲେ ଏବଂ କହିଲେ ଯେ କୃଷ୍ଣଙ୍କ ପାଇଁ ଉପଯୁକ୍ତ କାର୍ଯ୍ୟ କିଛି ନାହିଁ, କିନ୍ତୁ କୃଷ୍ଣ ଯଦି ନିଜେ ତାଙ୍କ ପାଇଁ ଉପଯୁକ୍ତ କୌଣସି କାର୍ଯ୍ୟର ସଙ୍କେତ ଦିଅନ୍ତି ତେବେ ତାହା ତାଙ୍କୁ ନିଶ୍ଚୟ କରିବାକୁ ଦିଆଯିବ । କୃଷ୍ଣ ଧର୍ମରାଜଙ୍କ ପାଖକୁ ଲାଗିଗଲେ, ତାଙ୍କ ପିଠି ଥାପୁଡେଇଲେ ଏବଂ କହିଲେ ଯେ ତାଙ୍କର ଏକ ବିଶେଷ ଯୋଗ୍ୟତା ଅଛି ଏବଂ ସେ ସେହି ଯୋଗ୍ୟତା ଅନୁସାରେ ଉପଯୁକ୍ତ କାର୍ଯ୍ୟ କରିବାକୁ ପସନ୍ଦ କରିବେ । ଧର୍ମରାଜ ଏଥିରୁ କିଛି ବୁଝି ପାରିଲେ ନାହିଁ । ତେଣୁ କୃଷ୍ଣଙ୍କର ବିଶେଷ ଯୋଗ୍ୟତା କ'ଣ ତାହା କହିବାକୁ ଧର୍ମରାଜ ପଚାରିଲେ, ଯଦ୍ଵାରା ସେ କୃଷ୍ଣଙ୍କୁ ଉପଯୁକ୍ତ କାମ ଦେଇ ପାରିବେ । ସେ କହିଲେ ଯେ ଲୋକମାନେ ଖାଇ ସାରିବା ପରେ ପତ୍ର ଉଠାଇବା ପାଇଁ ସେ ଯୋଗ୍ୟ । କାରଣ ଲୋକମାନେ ପତ୍ରରେ ଖାଇ ସାରିବା ପରେ ସେଗୁଡ଼ିକ ଅପରିଷ୍କାର ହୋଇଯାଏ ଏବଂ ସେହି ପତ୍ରଗୁଡ଼ିକ ଉଠା ନ ଗଲେ ତାହା ଲୋକମାନଙ୍କ ମନରେ ଅରୁଚି ସୃଷ୍ଟି କରେ । ତେଣୁ କୃଷ୍ଣ ଏହି କାମ ନେଲେ ଯଦ୍ଵାରା ସେ ଲୋକମାନଙ୍କୁ ଆନନ୍ଦ ଓ ସଦ୍‌ଭାବନା ଦେଇ ପାରିବେ । ଯଦି ଅନ୍ୟମାନେ କୌଣସି ପ୍ରକାର ଆଘାତ ବା କ୍ଷତି ପାଆନ୍ତି ତେବେ ଆମେ କିଛି ସେବା କରି ସେମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବା ଉଚିତ । କେବଳ କାମ କରିବା ଦ୍ଵାରା ଓ ପରିବେଶ ନିର୍ମଳ ରଖିବା ଦ୍ଵାରା ଯେ ତୁମେ ସେବା କରି ପାରିବ, ତାହା ନୁହେଁ, ତୁମେ ତୁମର ବଚନ ଦ୍ଵାରା ମଧ୍ୟ ସେବା କରି ପାରିବ । ଉତ୍ତମ ବଚନ ଦ୍ଵାରା ତୁମେ ସେମାନଙ୍କର ହୃଦୟକୁ ସାନ୍ତ୍ଵନା ଦେଇ ପାରିବ ଏବଂ ଉତ୍ତମ କାର୍ଯ୍ୟ କରିବା ଦ୍ଵାରା ସେମାନଙ୍କ ମନକୁ ଆରାମ ଦେଇ ପାରିବ । ଅତଏବ ଉତ୍ତମ ବଚନ କହିବା ଦ୍ଵାରା ଏବଂ ଉତ୍ତମ କାର୍ଯ୍ୟ କରିବା ଦ୍ଵାରା ତୁମେ ଅନ୍ୟମାନଙ୍କୁ ଉତ୍ତମ ସୁବିଧା ଦେଇ ପାରିବ ଏବଂ ଏହା ଏକ ଉତ୍ତମ ସେବା ହେବ ।

ଆଜି ନିଜକୁ ନେତା ବୋଲାଉଥିବା ଲୋକମାନେ ଉତ୍ତମ ସେବା କରୁନାହାନ୍ତି; ଫଳରେ ପୃଥିବୀର ଚାରିଆଡ ଅତି ବିଶୃଙ୍ଖଳିତ ହୋଇ ପଡ଼ିଛି ।

ଯଦି ଆମ ଘରେ ଆମେ କିଛି ଗଛ ଲଗାଉ ତେବେ ଆମେ ବାଡ ଘେରିବାକୁ ଓ ସେଗୁଡ଼ିକୁ ରକ୍ଷା କରିବାକୁ କାମ କରୁ । ଯଦି କେହି ବାହାରୁ ଆସେ ଓ ଆମକୁ କାମ କରୁଥିବାରୁ ଦେଖେ ତେବେ ଆମେ ଚାକର ପରି କାମ କରୁଛୁ ବୋଲି ସେ ଭାବିବ ବୋଲି ଡରିଯାଉ । ଆମ ଜୀବନକୁ ଆମେ ଏପରି ଗଢ଼ିବା ଉଚିତ ନୁହେଁ । ଆମେ ଆମ ଜୀବନକୁ ଆମର ନିଷ୍ପତ୍ତି ଅନୁସାରେ ଏବଂ ଅନ୍ୟମାନେ

ଆମ ବିଷୟରେ କ'ଣ ଭାବିବେ ସେଥିପ୍ରତି ଚିନ୍ତା ନ କରି ଗଢିବା ଉଚିତ । ଆମେ ଯାହା କରୁଛୁ ସେ ବିଷୟରେ ଆମେ ଅତି ଯତ୍ନବାନ ହେବା ଉଚିତ ଏବଂ ତାହା ଭଲ କି ଖରାପ, ତାହା ଆମେ ହିଁ ସ୍ଥିର କରିବା ଉଚିତ । ନିଷ୍ପତ୍ତି ଆମ ନିଜର ଗୁଣ ବା ଚିନ୍ତା ଉପରେ ଆଧାରିତ ହେବା ଉଚିତ । ଅନ୍ୟମାନେ ଦେଉଥିବା ସମ୍ମାନ ବା ଅସମ୍ମାନର କିଛି ଅର୍ଥ ନାହିଁ । ଏଗୁଡ଼ିକ କେବଳ କଥା । ସ୍ୱପ୍ନରେ ରାଜା ନିଜକୁ ଜଣେ ଭିକାରୀ ବୋଲି ଅନୁଭବ କରିପାରେ ଏବଂ ଭିକାରୀ ନିଜକୁ ଜଣେ ରାଜା ବୋଲି ଅନୁଭବ କରିପାରେ । ଏହି ରାଜା ଓ ଭିକାରୀ ଉଠି ପଡ଼ିବା ମାତ୍ରେ ନିଜକୁ ସ୍ୱାଭାବିକ ରୂପରେ ଦେଖନ୍ତି । ରାଜା ଭିକାରୀ ହୋଇନାହିଁ କି ଭିକାରୀ ରାଜା ହୋଇନାହିଁ । ସେମାନେ ସ୍ୱପ୍ନରେ ପାଇଥିବା ଏହି ସମ୍ମାନ ବା ଅସମ୍ମାନର କିଛି ମୂଲ୍ୟ ନାହିଁ ଏବଂ ଏଗୁଡ଼ିକ ଚଲା ମେଘ ପରି । ଆମକୁ କେତେକ ଗୁଣର ଅନୁଶୀଳନ କରିବାକୁ ହେବ ଏବଂ ଅନ୍ୟ କେତେକ ଧ୍ୱଂସ କରିବାକୁ ହେବ । ଆମେ ସେବା ପାଇଁ ଯୋଗ୍ୟ ହେବା ପ୍ରତି ଦୃଷ୍ଟି ରଖି ଏହା କରିବା ଉଚିତ । ଆମେ ସେବା କରିବା ପାଇଁ ଏ ପୃଥିବୀରେ ଜନ୍ମ ହୋଇଛୁ । ଏହି ପ୍ରସଙ୍ଗରେ ମୁଁ ତୁମକୁ କେତେକ ଉପଦେଶ ଦେବାକୁ ଚାହୁଁଛି । କିନ୍ତୁ ଶିକ୍ଷାଦାନ ମୁଖ୍ୟତଃ ଏକ ସେବା କାର୍ଯ୍ୟ ଏବଂ ତୁମକୁ କିଛି ବୈରାଗ୍ୟର ଅନୁଶୀଳନ କରିବାକୁ ହେବ । ତୁମେ ତୁମ ଦାୟିତ୍ୱରେ ଥିବା ବିଦ୍ୟାଳୟଗୁଡ଼ିକୁ ଫେରିଯିବା ବେଳେ ତୁମକୁ ଏଠା ଅପେକ୍ଷା ଅଧିକ ପରିଶ୍ରମ କରିବାକୁ ହେବ ଏବଂ ସେଥିପାଇଁ ତୁମେ ଅଧିକ ଦରମା ମାଗିବାକୁ ଚାହିଁପାର । ଏପରି କରିବା ଭୁଲ ନୁହେଁ । କିନ୍ତୁ ମୁଁ ତୁମକୁ ଗୋଟିଏ କଥା କହୁଛି ଯେ ତୁମେ ମାଗ ବା ନ ମାଗ, ଏବଂ ସେମାନେ ଦିଅନ୍ତୁ ବା ନ ଦିଅନ୍ତୁ ତୁମେ ଏହି କାର୍ଯ୍ୟକୁ ସେବା ଭାବରେ କରିବା ଉଚିତ । କେବଳ ଜଣେ ସେବକ ନାୟକ ହୋଇପାରେ । ସେବା କର, ତଦ୍ୱାରା ନାୟକର ପଦ ଲାଭ କର । ଜଣେ କିଙ୍କର ହିଁ ଶଙ୍କର ହୋଇପାରେ ଏବଂ ଜଣେ ଉତ୍ତମ ସେବକ ହିଁ ମହାନ ନାୟକ ହୋଇପାରେ ।

ଆମ ଜୀବନରେ ଆମକୁ ହଜାର ହଜାର ଲୋକଙ୍କ ଦ୍ୱାରା ପ୍ରଦତ୍ତ ସାହାଯ୍ୟ ଗ୍ରହଣ କରିବାକୁ ପଡ଼ିଥାଏ । ଆମକୁ ଅନ୍ତତଃ ଯଥାସାଧ୍ୟ ଅନେକ ଲୋକମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଏହି ଋଣ ପରିଶୋଧ କରିବାକୁ ହେବ । ଅନ୍ୟମାନଙ୍କର ସେବା କରିବା ପାଇଁ ପ୍ରକୃତ ଆଗ୍ରହ ବା ପ୍ରସ୍ତୁତି ଥିଲେ ହିଁ ତୁମେ ଯେ କୌଣସି ଦଳ ବା ସମାଜରେ ସୁଖୀ ହୋଇ ପାରିବ । କୌଣସି ପ୍ରତିଦାନର କାମନା ନ ଥାଇ କରାଯାଉଥିବା ସେବା ମାଧ୍ୟମରେ ଆନନ୍ଦ ଆହରଣ କର । ଯେତେବେଳେ ତୁମେ କାହାରିକୁ ସେବା କରିବାର ସୁଯୋଗ ପାଉଛ ସେତେବେଳେ ଏହି ସୌଭାଗ୍ୟ

ପାଇଁ ଆହ୍ଲାଦିତ ହୁଅ ! ଅନ୍ୟମାନଙ୍କର ସେବା କରିବାର ଆଗ୍ରହ ହିଁ ତୁମକୁ ସେହି ସେବା ପାଇଁ ଆବଶ୍ୟକ ଶକ୍ତି ଓ ଦକ୍ଷତା ପ୍ରଦାନ କରିବ । ମାନବସେବା ହିଁ ମାଧବସେବା । ଭଗବାନ ମନୁଷ୍ୟର ସେବା କରିବା ପାଇଁ ମନୁଷ୍ୟ ରୂପରେ ଆସୁଥିବା ବେଳେ ସେ ସ୍ୱୟଂ ମନୁଷ୍ୟକୁ ସେହି ଭୂମିକାର ଅନୁଶୀଳନ କରି ତାର ଭାଇ ମନୁଷ୍ୟକୁ ରୋଗ, ବିପଦ ବା ସଂଶୟରୁ ମୁକ୍ତ କରୁଥିବାର ଦେଖିଲେ କେତେ ଖୁସି ନହେବେ !

ଆଜି ଆମେ ସେବା କରିବାକୁ ଅପମାନ ବୋଲି ଭାବୁଛୁ । ଯେଉଁମାନେ ଅନ୍ୟମାନଙ୍କର ସେବା କରିବାକୁ ଚାହୁଁଛନ୍ତି ଆମେ ସେମାନଙ୍କୁ ଥଟ୍ଟା କରୁଛୁ । କିନ୍ତୁ ସେବାରେ ମହାନ୍ ମୂଲ୍ୟ ଅଛି । ସେବା ଆମକୁ ଭାରାକ୍ରାନ୍ତ କରୁଥିବା ଅହଂକାରର ଉନ୍ମୁଳନରେ ସାହାଯ୍ୟ କରେ । ଅହଂକାର ଏକ ପତନକାରୀ ଦୁର୍ଗୁଣ ଅଟେ । ଆମେ ସମସ୍ତେ ହିରଣ୍ୟାକ୍ଷ, ହିରଣ୍ୟକଶିପୁ, ରାବଣ ଓ କୁମ୍ଭକର୍ଣ୍ଣ ଭଳି ଉର୍ଚ୍ଚ ଶକ୍ତିଶାଳୀ ଲୋକଙ୍କ ଚରମ ଭାଗ୍ୟ ବିଷୟରେ ଜାଣିଛୁ । ଏହି ଲୋକମାନେ ଗଭୀର ତପଶ୍ଚରଣ କରିଥିଲେ ଏବଂ ତଦ୍ୱାରା ଅନେକ ନିପୁଣତା ଓ ସିଦ୍ଧି ଅର୍ଜନ କରିଥିଲେ, କିନ୍ତୁ ସେମାନେ ନିଜର ଅହଂକାର ଯୋଗୁଁ ନଷ୍ଟ ହୋଇଗଲେ । ଅହଂକାର ଭଳି ଦୁର୍ଗୁଣ ମନୁଷ୍ୟର ପତନକୁ ଡାକିଆଣେ । ଅହଂକାରର ଅନୁପସ୍ଥିତିରେ ଆତ୍ମା ଉଜ୍ଜ୍ୱଳ ଭାବରେ ଦୀପ୍ତିମନ୍ତ ହୁଏ । ଆତ୍ମା ହିଁ ଆନନ୍ଦ । ଏହା ସୌନ୍ଦର୍ଯ୍ୟ ଓ ଜ୍ଞାନ, କିନ୍ତୁ ଆମେ ଏହାକୁ ଅହଂକାର ଦ୍ୱାରା କଳୁଷିତ ହେବାକୁ ଦେଉଛୁ । ବିନମ୍ର ସେବାରେ ନିୟୋଜିତ ହୁଅ, ତାହେଲେ ଅହଂକାର ଅପସରି ଯିବ ।

ତୁମେ ଗପ ପଢିଥିବ ଯାହାର ନୀତି ଶିକ୍ଷା ହେଉଛି ଯେ ଯେଉଁ ଲୋକମାନେ ନିଜ ଚାରିପଟେ ଥିବା ଲୋକମାନଙ୍କୁ ଭଲ ପାଆନ୍ତି, ଭଗବାନ ସେମାନଙ୍କୁ ଭଲ ପାଆନ୍ତି । ଥରେ ଆବୁବେନ୍ ଆଦମ୍ ତା ଘରକୁ ଫେରୁଥିଲା । ତା ଶୋଇବା ଘର ଝରକାରୁ କିଛି ଆଲୋକ ଆସୁଥିବାର ସେ ଦେଖିଲା । ସେ ସେହି ଝରକା ବାଟଦେଇ ଚାହିଁବା ବେଳେ ଗୋଟିଏ ପରୀକୁ ତା' ଶୋଇବା ଘରେ ବସିଥିବାର ଏବଂ ଗୋଟିଏ ବହି ଲେଖିବା ପାଇଁ ସୁନା କଲମ ବ୍ୟବହାର କରୁଥିବାର ଦେଖିଲା । ଆବୁବେନ୍ ଆଦମ୍ ଧୀରେ ଧୀରେ ଘର ଭିତରେ ପ୍ରବେଶ କଲା ଓ ପଚାରିଲା, "ମାଆ, ତୁମେ କ'ଣ କରୁଛ ?" ତାକୁ ଉତ୍ତର ମିଳିଲା, "ମୁଁ ଜଣେ ପରୀ, ମୁଁ ଭଗବାନଙ୍କ ବାର୍ତ୍ତାବହ । ଯେଉଁମାନେ ଭଗବାନଙ୍କ ପ୍ରତି ପ୍ରେମଭାବ ପ୍ରଦର୍ଶନ କରିଛନ୍ତି ମୁଁ ସେମାନଙ୍କର ନାମ ତାଲିକା କରୁଛି ।" ସେହି ତାଲିକାରେ ତା' ନାମ ଅଛି କି ବୋଲି ଆବୁବେନ ଆଦମ ପଚାରିଲା । ସେ କହିଲେ, "ନା, ନାହିଁ" । ଆବୁବେନ

ଆଦମ୍ ନିଜକୁ କହିଲା, "ମୁଁ ଭଗବାନଙ୍କ ପ୍ରତି ଉତ୍ସର୍ଗିତ ନୁହେଁ କି ? ମୋର ସୀମା କ'ଣ ?" ସେ ସେତିକିରେ ଛାଡ଼ିଦେଇ ତା କୋଠରୀକୁ ଚାଲିଗଲା ।

ପରଦିନ କେତେ ଜଣଙ୍କୁ ଭେଟିବା ପାଇଁ ସେ ତା' ଘରୁ ବାହାରିଗଲା । ସେ ଫେରିବା ବେଳେ ପୁଣି ସେହି ଆଲୋକ ତା ଝରକାରୁ ବାହାରୁଥିବାର ଦେଖିଲା । ସେ ପୁଣି ପଚାରିଲା, "ମାତା, ତୁମେ ଆଜି କ'ଣ ଲେଖୁଛ ?" ପରୀ ଉତ୍ତର ଦେଲା, "ଆଜି ମୁଁ ଭଗବାନଙ୍କର ପ୍ରିୟ ଲୋକମାନଙ୍କର ତାଲିକା କରୁଛି ।" ସେ ପଚାରିଲା, "ସେ ତାଲିକାରେ ମୋ ନାମ ଅଛି କି ?" ପରୀ ଉତ୍ତର ଦେଲା, "ସଂପୂର୍ଣ୍ଣ ତାଲିକାରେ ମୁଁ କେବଳ ତୁମରି ନାମ ଦେଖୁଛି ।" ସେ ପୁଣି ପ୍ରଶ୍ନ କଲା, "କେଉଁ କାରଣରୁ ଭଗବାନ ମୋତେ ଭଲ ପାଉଛନ୍ତି ?" ଭଗବାନଙ୍କର ବାର୍ତ୍ତାବହ ପରୀଟି ଉତ୍ତର ଦେଲା, "ମାନବସେବା ହିଁ ମାଧବସେବା ବୋଲି ତୁମେ ବିଶ୍ୱାସ କରୁଛ । ତୁମେ ଲୋକମାନଙ୍କ ଭିତରେ ଭଗବାନଙ୍କୁ ଦେଖୁଛ ଏବଂ ତୁମେ ଭଗବାନଙ୍କ ସହିତ ଲୋକମାନଙ୍କୁ ଅଭିନ୍ନ ମନେ କରିଛ । ତେଣୁ ଭଗବାନ ତୁମକୁ ଭଲ ପାଉଛନ୍ତି, କାରଣ ତୁମେ ଭଗବାନ ସର୍ବବ୍ୟାପୀ ବୋଲି ଭାବୁଛ ।" ତୁମର ଦୈନନ୍ଦିନ ଜୀବନରେ ତୁମେ ଭଗବାନ ସର୍ବବ୍ୟାପୀ ବୋଲି କହୁଛ, କିନ୍ତୁ ତୁମେ ଏହାକୁ ଅଭ୍ୟାସରେ ପରିଣତ କରୁନାହଁ । ତୁମେ ଯାହା କରିବା ଉଚିତ ତାହା ହେଲା ଭଗବାନ ପ୍ରତ୍ୟେକଙ୍କ ଭିତରେ ଓ ପ୍ରତ୍ୟେକ ସ୍ଥାନରେ ବିଦ୍ୟମାନ ବୋଲି ମନେ କରିବା ଏବଂ ତୁମେ ଭଗବାନଙ୍କୁ ଭଲ ପାଇବା ପରି ସମସ୍ତଙ୍କୁ ଭଲ ପାଇବା ଉଚିତ । ଠିକ୍ କଥା ହେଉଛି ପ୍ରଶସ୍ତ ଭଗବତ୍ ଦୃଷ୍ଟି ରଖିବା ଏବଂ ସେ ସର୍ବତ୍ର ବିଦ୍ୟମାନ ବୋଲି ଅନୁଭବ କରିବ ।

ମାନବସେବା ମାଧବସେବାଠାରୁ ଅଧିକ ମୂଲ୍ୟବାନ ! ଭଗବାନ ତୁମର ସେବା ଲୋଡନ୍ତି ନାହିଁ । ମନୁଷ୍ୟକୁ ଆନନ୍ଦ ଦିଅ, ଭଗବାନ ଖୁସି ହେବେ । ପୁରୁଷ ସୂକ୍ତରେ ଭଗବାନଙ୍କୁ **"ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍"** ବୋଲି କୁହାଯାଇଛି । ଅର୍ଥାତ୍ ଯେଉଁମାନଙ୍କର ମୁଣ୍ଡ, ହାତ ଓ ଆଖି ଅଛି ସେ ସବୁ ଜୀବମାନେ ହେଉଛନ୍ତି ସେ । ସେମାନେ ପୃଥକ୍ ନୁହନ୍ତି । ମନେରଖ, ସେ ସହସ୍ର ହୃଦୟ ବୋଲି ଉଲ୍ଲେଖ କରାଯାଇନାହିଁ । ହୃଦୟ ମାତ୍ର ଗୋଟିଏ । ଏକା ରକ୍ତ ସବୁ ହାତ ଓ ମୁଣ୍ଡ ଦେଇ ପ୍ରବାହିତ ହେଉଛି । ପ୍ରତ୍ୟେକ ଜୀବ ଏକ ଅଙ୍ଗ । ତୁମେ ଅଙ୍ଗର ପାଳନ କରିବା ବେଳେ ଜୀବର ପାଳନ କରିଥାଅ । ତୁମେ ମନୁଷ୍ୟର ସେବା କରିବା ବେଳେ ଭଗବାନଙ୍କର ସେବା କରିଥାଅ ।

♦♦♦

ଦିବ୍ୟ ସଂକଳ୍ପର ସ୍ୱରୂପ ଭାବରେ ସମସ୍ତଙ୍କର ସେବା କର

ସ୍ୱୟଂସେବକ ଭାବରେ ତୁମର କାର୍ଯ୍ୟ ସେତିକିବେଳେ ସମ୍ପନ୍ନ ହେବ, ଯେତେବେଳେ ତୁମେ ଭଲ ଭାବରେ ଜାଣିବ କେଉଁ କାମ ପାଇଁ ତୁମେ ସମସ୍ତ ସାମର୍ଥ୍ୟ ଓ ସମ୍ଭାବନା ସହିତ ମନୁଷ୍ୟ ଶରୀର ଲାଭ କରିଛ । ଏହାକୁ ପ୍ରେମରେ ବଢ଼ିବାକୁ ହେବ । ସେହି ପ୍ରେମକୁ ପ୍ରସାରିତ କର, ସେହି ପ୍ରେମର ଅଭ୍ୟାସ କର ଓ ପ୍ରେମକୁ ଶକ୍ତିମନ୍ତ କର ଏବଂ ଶେଷରେ ପ୍ରେମ ହୁଅ ଓ ଅସୀମ ପ୍ରେମରେ ବିଲୀନ ହୋଇଯାଅ, ତାହା ହିଁ ଭଗବାନ । ଜୀବନ ସାରା ତୁମେ ପ୍ରେମ ହୁଅ, ପ୍ରେମରେ ରହ । ଅର୍ଥାତ୍ ତୁମଠାରୁ ପ୍ରେମ ଆହରଣ କରୁଥିବା ଏବଂ ସେହି ଆହରଣ ଦ୍ୱାରା ତାହାକୁ ବଢାଇବା ଓ ଗଭୀର କରିବାରେ ସାହାଯ୍ୟ କରୁଥିବା ଲୋକମାନଙ୍କ ପ୍ରତି ସେବା ମାଧ୍ୟମରେ ଅଭିବ୍ୟକ୍ତ ପ୍ରେମ । ଆଧ୍ୟାତ୍ମିକ ସାଧନା ସେହି ପ୍ରେମକୁ ପ୍ରବାହିତ କରିବା ପାଇଁ ଉଦ୍ଦିଷ୍ଟ, ଯଦ୍ଦ୍ୱାରା ତାହା ହୃଦୟକୁ ସିଞ୍ଚନ କରି ପାରିବ, ନହେଲେ ତାହା ଶୁଖିଯିବ ।

ପ୍ରଶାନ୍ତି ନିଳୟମ୍‌ରେ କାମ କରିବାର ସୁଯୋଗ ପାଉଥିବା ସ୍ୱୟଂସେବକମାନେ ସାରା ପୃଥିବୀରେ ଏପରି ସେବକମାନଙ୍କର ଆଦର୍ଶ ହେବା ଉଚିତ, କାରଣ ଏଠାରେ ସେବା, ଜୀବନର ଅର୍ଥ ଓ ଅଭିପ୍ରାୟର ପ୍ରକୃତ ବୁଝାମଣାରୁ ନିଃସୃତ । ତାହା ଜାଣିଗଲେ ପ୍ରତ୍ୟେକ ପଦକ୍ଷେପ ଧର୍ମ ଆଡ଼କୁ ଠିକ୍ ପଦକ୍ଷେପ ହେବ । ଧର୍ମ ତୁମର ଦୟାର ପରିସରକୁ ପ୍ରସାରିତ କରିବାରେ ନିହିତ । ଏହା ନିଶ୍ଚିତ ଭାବରେ ମନୁଷ୍ୟର ଆନନ୍ଦ ବୃଦ୍ଧି କରିବ ।

ଧନ ଚରିତ୍ରର ତିନି-ଚତୁର୍ଥାଂଶ । ଯଦି କେହି କେବଳ ବିଧି-ବିଧାନ ପାଳନ କରୁଥାଏ ଏବଂ ସରଳ ଦୟାଳୁ ହେବାରେ ବିଫଳ ହେଉଥାଏ ତେବେ ସେ ଧାର୍ମିକ ବୋଲି ଦାବି କରିପାରିବ ନାହିଁ । କେବଳ ଚରିତ୍ର ହିଁ ବ୍ୟକ୍ତିକୁ ସୁଖ ଓ ଦୁଃଖର ବାଧା ସମ୍ମୁଖରେ ଦୃଢ଼ କରିପାରେ । ମୁଁ କେବଳ ମଣିଷକୁ କୁହାଇ ପାରିବି- "ମୃତ୍ୟୁ ମୋ ପାଇଁ ଏକ କୌତୁକ; ଜନ୍ମ ମୋତେ ଭୟଭୀତ କରି ପାରିବ ନାହିଁ ।" ସ୍ୱୟଂସେବକ ଭାବରେ ତୁମେ ଏଠାରେ କଟାଇଥିବା ସପ୍ତାହଟି ଚରିତ୍ର-ଗଠନ, ଆଧ୍ୟାତ୍ମିକ ସାଧନାର ସପ୍ତାହ ଅଟେ । ସ୍ୱୟଂ ଅର୍ଥ ନିଜେ, ସେବକ ଅର୍ଥ ସେବାକାରୀ । ଏହି ଦିନଗୁଡ଼ିକରେ ତୁମେ ନିଜର ସେବା କରୁଥିଲ ।

ତୁମେ ତୁମର ଗାଆଁ ଓ ବୃତ୍ତିକୁ ଫେରିଯିବା ବେଳେ ଏହି ମନୋଭାବକୁ ବଜାୟ ରଖ । ତୁମର ଲାଭ ତ୍ୟାଗ କର ନାହିଁ ଏବଂ ହାନିକାରକ କାର୍ଯ୍ୟ ପଛରେ

ଧାଅଁ ନାହିଁ । ଦିବ୍ୟ ସଂକଳ୍ପର ସ୍ୱରୂପ ଭାବରେ ସମସ୍ତଙ୍କର ସେବା କର । ତାହା ତୁମକୁ ଅତିଶୟ ଆନନ୍ଦ ଦେବ, ଯେଉଁ ଆନନ୍ଦ ଅନ୍ୟ କୌଣସି କାର୍ଯ୍ୟ ଦେଇ ପାରିବ ନାହିଁ । ଚକୋର ପକ୍ଷୀ ଆକାଶରୁ ପଡୁଥିବା ପ୍ରଥମ ବର୍ଷାବିନ୍ଦୁ ପାଇଁ ଚଞ୍ଚୁ ମେଲି ଅପେକ୍ଷା କରି ରହିଥାଏ; ଏହା ଅନ୍ୟ କେଉଁଥିରେ ଖୁସି ହୁଏ ନାହିଁ । ସେହିପରି ତୁମେ ମଧ୍ୟ ଚାହିଁ ବସିଥିବା ଲୋକକୁ ସାନ୍ତ୍ୱନା, ଆରାମ, ଉତ୍ସାହ, ଆରୋଗ୍ୟ, ସାହାଯ୍ୟ ଦେବାର ସୁଯୋଗ ପାଇଁ ଆକାଂକ୍ଷା କରିବା ଉଚିତ । ତା ଭିତରେ ତୁମେ ନିଜକୁ ଦେଖ; ତାର ଖୁସିକୁ ତୁମ ନିଜର ଖୁସି ବୋଲି, ତାର ଦୁଃଖକୁ ତୁମ ନିଜର ଦୁଃଖ ବୋଲି ଅନୁଭବ କର ।

ସେବିତ ବ୍ୟକ୍ତିକୁ ତୁମ ନିଜର ମାତା, ଭାରତ ମାତାର ସନ୍ତାନ ଭାବରେ, ତୁମ ନିଜର ଭାଇ ବା ଭଉଣୀ ପରି ଦେଖ । ଏହି ଅନ୍ୟମାନଙ୍କ ପରି ତୁମର ଭାଇ-ଭଉଣୀମାନଙ୍କର ତୁମଠାରୁ ଭିନ୍ନ ଶରୀର ଅଛି, ନୁହେଁ କି ? ତଥାପି ତୁମେ ସେମାନଙ୍କ ପ୍ରତି ଏକ ବିଶେଷ ଆସକ୍ତି ଅନୁଭବ କର, କାହିଁକି ? ତାହା ହେଉଛି ପ୍ରେମର ପରିଣତି । ଏହି ଅନ୍ୟମାନଙ୍କ ପ୍ରତି ମଧ୍ୟ ସେହି ପ୍ରେମ ଭାବ ରଖ । ତୁମେ ମୋତେ ଭଲ ପାଉଛ ଓ ମୋର ପୂଜା କରୁଛ, ନୁହେଁ କି ? ଆଚ୍ଛା ମୋତେ ସବୁ ଜୀବ ଭିତରେ ଦେଖ, କାରଣ ମୁଁ ସବୁ ଜୀବ ଭିତରେ ଅଛି । ଯେତେ କମ୍ ବା ଅଧିକ ଶକ୍ତିସମ୍ପନ୍ନ ହେଲେ ବି ପ୍ରତ୍ୟେକ ବଲ୍‌ବକୁ ପ୍ରଜ୍ୱଳିତ କରୁଥିବା ବିଦ୍ୟୁତ୍ ଶକ୍ତି ପରି ତୁମର ଭଗବାନ ପ୍ରତ୍ୟେକ ଜୀବ ଭିତରେ ଅଛନ୍ତି । ସେମାନଙ୍କ ଭିତରେ ଓ ମଧ୍ୟରେ ବିଚରଣ କରୁଥିବା ମୋତେ ଉପାସନା କରି ଅନୁଗ୍ରହ ଲାଭ କର ।

ତୁମ ପାଖରେ ଯଦି ରୂପାର ଗୋଟିଏ ଗଣପତି ମୂର୍ତ୍ତି ଥାଏ ଏବଂ ତୁମେ ତାହା ବଦଳରେ କୃଷ୍ଣଙ୍କର ମୂର୍ତ୍ତିଟିଏ ଚାହୁଁଥାଅ ତେବେ ମୂର୍ତ୍ତିଟିକୁ କନାରେ ଗୁଡାଇ ତାହା କୃଷ୍ଣ ମୂର୍ତ୍ତିରେ ରୂପାନ୍ତରିତ ହୋଇଯାଉ ବୋଲି ପ୍ରାର୍ଥନା କରିବା ନିର୍ବୋଧତା । ତୁମକୁ ତାହା ଖଣ୍ଡ ଖଣ୍ଡ କରି ଭାଙ୍ଗିବାକୁ ହେବ, ରୂପାକୁ ତରଳାଇବାକୁ ହେବ ଏବଂ ନୂଆ ଛାଞ୍ଚ, କୃଷ୍ଣ ଛାଞ୍ଚରେ ଢାଳିବାକୁ ହେବ । ସେହିପରି ତୁମେ ଯଦି ନିଜକୁ ଭଗବାନରେ ରୂପାନ୍ତରିତ କରିବାକୁ ଚାହୁଁଥାଅ ତେବେ ମନକୁ ଜ୍ଞାନର ଅଗ୍ନିରେ ପକାଇ ତରଳାଇ ଦିଅ । ବୈରାଗ୍ୟର ତୀକ୍ଷ୍ଣ ଧାର ଥିବା ସେବା, ଭଜନ, ଜପ, ଧ୍ୟାନ ପ୍ରଭୃତି ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ଖଣ୍ଡ ଖଣ୍ଡ କରିବା ପରେ ହିଁ ମନକୁ ବଦଳାଯାଇ ପାରିବ ।

ମନୁଷ୍ୟ ଜୀବନ ବର୍ତ୍ତମାନ କଳୁଷିତ, ବକ୍ର, ଭଗ୍ନ, ରୁଗ୍‌ଣ, ଦୁର୍ଦ୍ଦଶାଗ୍ରସ୍ତ, ହତାଶ ହୋଇ ଗତି କରି ଚାଲିଛି । ଏହି ଜୀବନକୁ ମହତ୍ କରିବାକୁ ଏବଂ ମାନବୀୟ ଐତିହ୍ୟକୁ ସାର୍ଥକ କରିବାକୁ ମୁଁ ଆସିଛି । ତୁମକୁ ସେବାର ପ୍ରକୃତ ମନୋଭାବ ଶିକ୍ଷା ଦେବା ସକାଶେ ମୁଁ ଏସବୁ ଆଗ୍ରହ ପ୍ରଦର୍ଶନ କରୁଛି, କାରଣ ପ୍ରେମ ନିଜକୁ ସେବା ରୂପରେ ପ୍ରକଟ କରେ; ପ୍ରେମ ସେବା ଦ୍ୱାରା ଅଭିବୃଦ୍ଧ ହୁଏ; ପ୍ରେମ ସେବା ଗର୍ଭରୁ ଜାତ ହୁଏ ଏବଂ ଭଗବାନ ହିଁ ପ୍ରେମ । ଅବତାର ପିଲାମାନଙ୍କ ପାଇଁ

ପିଲା, ବାଳକମାନଙ୍କ ପାଇଁ ବାଳକ, ପୁରୁଷମାନଙ୍କ ମଧ୍ୟରେ ପୁରୁଷ, ନାରୀମାନଙ୍କ ମଧ୍ୟରେ ନାରୀ; ତଦ୍ଦ୍ୱାରା ଅବତାରଙ୍କ ସନ୍ଦେଶ ପ୍ରତ୍ୟେକ ହୃଦୟରେ ପହଞ୍ଚି ପାରିବ ଏବଂ ଆନନ୍ଦ ଭାବରେ ଉତ୍କଣ୍ଠିତ ପ୍ରତ୍ୟୁତ୍ତର ଲାଭ କରି ପାରିବ । ଅବତାରଙ୍କର କରୁଣା ହିଁ ତାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ପ୍ରେରିତ କରେ ।

ପଶୁ, ପକ୍ଷୀ ଓ ବୃକ୍ଷଲତା ସେମାନଙ୍କର ସ୍ୱଭାବରୁ ବିଚ୍ୟୁତ ହୋଇନାହାନ୍ତି, ସେମାନେ ଏବେ ବି ତାହା ଯଥାବତ୍ ରଖିଛନ୍ତି । କେବଳ ମନୁଷ୍ୟ ଏହାକୁ ଉନ୍ନତ କରିବା ପାଇଁ ଚେଷ୍ଟା କରି ବିକୃତ କରି ପକାଇଛି । ତେଣୁ ଅବତାରଙ୍କୁ ମଣିଷମାନଙ୍କ ଭିତରେ ମଣିଷ ପରି ଆସି ବନ୍ଧୁ, ଶୁଭେଚ୍ଛୁ, ଜ୍ଞାତି, ମାର୍ଗଦର୍ଶକ, ଗୁରୁ, ଆରୋଗ୍ୟକାରୀ ଓ ପ୍ରତିଭାଗୀ ଭାବରେ ବୁଲିବାକୁ ପଡ଼ିଛି । ସେ ଧର୍ମର ପୁନରୁଦ୍ଧାର ପାଇଁ ଆସିଛନ୍ତି । ତେଣୁ ମଣିଷ ଧର୍ମର ଅନୁସରଣ କରିବା ବେଳେ ସେ ଖୁସି ଓ ସନ୍ତୁଷ୍ଟ ହୁଅନ୍ତି । ଏପରି କାମ କର, ଯଦ୍ଦ୍ୱାରା ମନୁଷ୍ୟ ଭାବରେ ତୁମର ଜୀବନ ଅଧଃପତିତ, ଅପବିତ୍ର ନ ହୁଏ । ହାତକୁ ଛାତିରେ ରଖି କହ, "ମୁଁ ମଣିଷ; ମୁଁ ମାନବ; ମୁଁ ଉଜ୍ଜ୍ୱଳ ମାନବିକତାରେ ଓତପ୍ରୋତ ।" ଭଗବାନ ତୁମକୁ ପାଖକୁ ଆଣନ୍ତି ନାହିଁ କି ଦୂରରେ ରଖନ୍ତି ନାହିଁ; ତୁମେ ତାଙ୍କ ପାଖକୁ ଯାଅ ବା ତାଙ୍କଠାରୁ ଦୂରେଇ ଯାଅ । ଭଗବାନଙ୍କର କୌଣସି ରୁଚି ବା ଅରୁଚି ନାହିଁ । ତୁମେ ତୁମ ସ୍ୱଭାବର ସର୍ବୋଚ୍ଚ ଆବଶ୍ୟକତା ଅନୁସାରେ ଜୀବନ ଯାପନ କର, ଆଉ ତୁମେ ତାଙ୍କର ନିକଟବର୍ତ୍ତୀ ହୁଅ ।

ସେବା ହିଁ ପ୍ରାଥମିକ ଉପାୟ ଯାହା ଦ୍ୱାରା ହୃଦୟ ନିର୍ମଳ ହୁଏ । ଆଉ ଜଣେ କଷ୍ଟ ଭୋଗିବା ବେଳେ ତୁମକୁ ଯେଉଁ ଦୁଃଖ ଲାଗେ ସେଥିରୁ ସେବା ତୁମକୁ ରକ୍ଷା କରେ । ଏହା ତୁମର ଦୃଷ୍ଟିକୁ ପ୍ରସାରିତ କରେ, ଚେତନାକୁ ବିକଶିତ କରେ, କରୁଣାକୁ ଗଭୀର କରେ । ସବୁ ଢେଉ ସେହି ସମୁଦ୍ର ଉପରେ, ସେହି ସମୁଦ୍ରରୁ ଆସିଥାନ୍ତି । ସେବା ତୁମକୁ ଏହି ଜ୍ଞାନରେ ଦୃଢ଼ ହେବାକୁ ଶିକ୍ଷା ଦିଏ ।

ସମସ୍ତଙ୍କ ପ୍ରତି ସମାନ ପ୍ରେମଭାବର ଅନୁଶୀଳନ କରିବାକୁ ଚେଷ୍ଟା ନ କରି ତୁମେ ଯଦି ଖାଲି ମୋର ନାମ ଓ ରୂପର ଉପାସନା କର ତେବେ କି ଲାଭ ?

ଅନ୍ୟମାନଙ୍କର ସେବା କର, କାରଣ ସେମାନେ ସେହି ସତ୍ତାର ପ୍ରତିବିମ୍ବ, ଯାହାର ତୁମେ ହେଉଛ ଆଉ ଗୋଟିଏ ପ୍ରତିବିମ୍ବ । ଆଦିମୂଳଙ୍କ ସମ୍ମତି ବିନା ତୁମର କାହାର କୌଣସି ପ୍ରମାଣିକତା ନାହିଁ । ସର୍ବଦା ସମଗ୍ର ସୃଷ୍ଟି ପ୍ରତି ଆତ୍ମୀୟତା ଅନୁଭବ କର । ଭଗବାନ ଓ ସୃଷ୍ଟି ରୂପରେ ନିଜକୁ ଅଭିବ୍ୟକ୍ତ କରୁଥିବା ଏକ ନିର୍ବିକଳ୍ପଙ୍କୁ ଉପଲବ୍ଧି କରିବା ପାଇଁ ସେବାଠାରୁ ବଳି ମୂଲ୍ୟବାନ ଓ ଅବ୍ୟର୍ଥ ସାଧନା ଆଉ କିଛି ନାହିଁ ।

ବ୍ୟକ୍ତିଗତ ଆତ୍ମାମାନଙ୍କର ଉପାସନା, ଯାହା କି ସେବାର ଅନ୍ୟ ଏକ ନାମ, ତାହା ହୃଦୟ ନିର୍ମଳ ହେଲେ ହିଁ କିଛି ଲାଭ ସହିତ କରାଯାଇପାରେ ।

◆◆◆

ସମାଜସେବା

ଦିବ୍ୟାତ୍ମାସ୍ୱରୂପଗଣ !

ଆଜି ସକାଳେ ତୁମେମାନେ ଅସରନ୍ତି ଅସୀମ ଉତ୍ସାହ ଏବଂ କୃତଜ୍ଞତା ଓ ଆଶାରେ ଆପ୍ଲାବିତ ହୃଦୟର ସହିତ ମହାବିଦ୍ୟାଳୟ ଭବନ ଉଦ୍‌ଘାଟନର ଆହ୍ଲାଦରେ ଅଂଶଗ୍ରହଣ କଲ । ସାଧାରଣତଃ କହିବାକୁ ଗଲେ ପ୍ରତ୍ୟେକ ସ୍ଥାନରେ ଏପରି ଉତ୍ସବ ତିନୋଟି ଅବାଞ୍ଛନୀୟ କଥାରେ ପରିପୂର୍ଣ୍ଣ ଥାଏ । ଆତ୍ମ ପ୍ରଶଂସା, ପରନିନ୍ଦା ଓ ନିରୁଦ୍ଦେଶ୍ୟ ଶୃଙ୍ଖଳା କଥା । କିନ୍ତୁ ଉତ୍ତମ ଜୀବନ ଓ ଦୃଢ଼ ଆନନ୍ଦ ଲାଭ ପାଇଁ ଯାହା କହିବା ଓ କରିବା ଉଚିତ ତାହା ଆତ୍ମାର ପରିସରରେ ଦେଖାଯାଇ ପାରେ, ତାହା ହିଁ ବ୍ୟକ୍ତି ଓ ସମାଜକୁ ଆଚ୍ଛାଦିତ କରି ରଖିଥିବା ଦୁର୍ଗୁଣକୁ ଧୀରସ୍ଥିର ଭାବରେ ଭିତରୁ ସୁଧାରି ପାରିବ ।

ଆମେ ଯେତେବେଳେ ସମାଜ ବା ସଂପ୍ରଦାୟ କଥା କହୁ ଆମେ କେବଳ ସଦସ୍ୟମାନଙ୍କ ସଂଖ୍ୟା ଗଣତି କରୁ, ସଂପର୍କର କୌଣସି ପତଳା ସୂତ୍ରରେ ଏକାଠି ହୋଇଥିବା ଲୋକମାନଙ୍କର ଦଳକୁ ଚିତ୍ରିତ କରୁ । କିନ୍ତୁ ସଂସ୍କୃତରେ ବ୍ୟବହୃତ ସମାଜ ଶବ୍ଦଟି ପ୍ରତି ଦୃଷ୍ଟି ଦିଅ । ଆମେ ଏହାକୁ ସମାଜ କହୁ; ସମ ଅର୍ଥ ସମାନ, ଏକା, ଅବିଚ୍ଛନ୍ନ- ତାହା ହିଁ ଏହାର ଅର୍ଥର ଚାବିକାଠି । ଯେଉଁ ଲୋକମାନେ ସମାନତାର ଭାବନା, ଏକତ୍ୱର ଭାବନା, ପ୍ରତ୍ୟେକ ଏକ ଦିବ୍ୟତତ୍ତ୍ୱର ଏକ ପ୍ରତିରୂପ, ଏକ ପ୍ରତିଫଳନ ବୋଲି ଭାବନାରେ ପରିପୂର୍ଣ୍ଣ ସେହିମାନେ ହିଁ ସମାଜ ବୋଲାଇବା ପାଇଁ ଯୋଗ୍ୟ; ଅନ୍ୟମାନେ ନୁହନ୍ତି । ଏହା ହିଁ ଏକର ଉପଲବ୍ଧି, ଯାହା ଅନେକରେ ପ୍ରସ୍ଫୁଟିତ ହେଲେ ବି ନିଜର ଅନନ୍ୟତା ହରାଏ ନାହିଁ, କାରଣ ଅନେକ କେବଳ ଦୃଶ୍ୟମାତ୍ର, ସତ୍ ଉପରେ ନାମ ଓ ରୂପର ଅସତ୍ ପ୍ରତିସ୍ଥାପନ- ଏହା ହିଁ ଅଦ୍ୱୈତ ଅନୁଭୂତି । ସମାଜ ଅଦ୍ୱୈତ ଲକ୍ଷ୍ୟ ଆଡ଼କୁ ଘେନି ଯାଉଥିବା ଏହି ସୂକ୍ଷ୍ମ ପ୍ରଭାବଗୁଡ଼ିକ ମନ ଭିତରେ ପ୍ରେରିତ କରେ । ଅହଂକାର ପୃଥକ ଭାବନାର ଭ୍ରମରେ ଆସିଥାଏ । ସତ୍‌ର ଆଲୋକ ପଡ଼ିଲେ ଅହଂକାର ମିଳେଇଯାଏ, ଗୁରୁ ଶବ୍ଦରେ 'ଗୁ' ଅହଂକାର ଅନ୍ଧକାରକୁ ସୂଚିତ କରେ । ଦ୍ୱିତୀୟ ଅକ୍ଷର 'ରୁ' ଅର୍ଥ ଅନ୍ଧକାରର ଦୂରୀକରଣ, ଯେଉଁ ଆଲୋକ ନିର୍ବିକଳ୍ପ (ରଜ୍ଜୁ)କୁ ସ୍ପଷ୍ଟ କରେ, ଯାହା ସର୍ପର ଭ୍ରମ ସୃଷ୍ଟି କରି ଭୟ ଓ ଉଦ୍‌ବେଗର କାରଣ ହୋଇଥାଏ । ପ୍ରକୃତ ଗୁରୁ ବତାଇଲେ ଅନେକ ଏକରେ ବିଲୀନ ହୋଇଯାଏ । ଏକ ରହିଲେ ଭୟ ପ୍ରବେଶ କରିବ କିପରି ? କାମନା ଓ ଆହରଣ କରିବାକୁ ଆଉ ରହିବ କ'ଣ ? ଏହି ଗୁରୁପୂର୍ଣ୍ଣିମା ଦିନ

ଏହି ସବୁ ସତ୍ୟର ମନନ କର ଏବଂ ନିର୍ଭୀକ ଅନୁସନ୍ଧାନର ରାଜ୍ୟରେ ଦୃଢ ଭାବରେ ପ୍ରବେଶ କରିବାକୁ ସ୍ଥିର କର ।

ଦୃଷ୍ଟି ଥିବା କଳାକାର ଯଦି ଚିତ୍ର କରିବାକୁ ନ ବାହାରେ ତେବେ କପଡା ଓ ରଙ୍ଗ ଥାଇ ଲାଭ କ'ଣ ? ଉତ୍ସର୍ଗୀପୂତ ଶିଳ୍ପୀର ହୃଦୟରେ ପ୍ରତିବିମ୍ବ ସୃଷ୍ଟି ନହେଲେ ହାତୁଡି ଓ ଶଙ୍ଖ ମଲମଲ ପଥର ଥାଇ ଲାଭ କ'ଣ ? ସେହି ଦୃଷ୍ଟି ଓ ସେହି ପ୍ରତିବିମ୍ବ ହେଉଛି ଦିବ୍ୟ ସ୍ଫୁଲିଙ୍ଗ । ତୁମେ ସମସ୍ତେ ମଣିଷର ଚମଡା ଓ ହାଡରେ ବନ୍ଧା ହୋଇଥିବା ଦିବ୍ୟତ୍ୱ; କ୍ଷଣସ୍ଥାୟୀ ମାଂସ ଭିତରେ ଥିବା ଆତ୍ମା । ଏହା ଜାଣିଲେ ତୁମେ ଅସୀମ ଭାବରେ ନିର୍ଭୀକ ଓ ଆନନ୍ଦିତ ହେବ । ଅହଂକାରର ଆଚ୍ଛାଦନରୁ ମୁକ୍ତ ହୁଅ, ଯାହା ଭିତରେ ତୁମେ ବର୍ତ୍ତମାନ ବନ୍ଦୀ ହୋଇ ରହିଛ ବୋଲି ଭାବୁଛ, ତା ହେଲେ ତୁମେ ଅସତ୍ୟ କାରାଗାରରୁ ମୁକ୍ତ ହେବ, ଯାହା ତୁମକୁ ବର୍ତ୍ତମାନ ସତ୍ୟ ପରି ଜୋରରେ ବାନ୍ଧି ରଖିଛି ? ଏହା ହିଁ ଉଚ୍ଚତର ପ୍ରଜ୍ଞା, ଆତ୍ମଜ୍ଞାନ । ନିମ୍ନତର ଜ୍ଞାନ ହେଉଛି ଯାହା ମନକୁ ଧରି ରଖେ, ଯାହା ମନକୁ ନିର୍ବଳ କରେ ଓ ଏହାର ଉତ୍ତେଜନାକୁ ପ୍ରଶମିତ କରେ; ଜପ, ଧ୍ୟାନ, ଭଜନ ଓ ଏତାଦୃଶ ଅନ୍ୟ ପୁଣ୍ୟ କାର୍ଯ୍ୟ ଦ୍ୱାରା ଅର୍ଜିତ ହୁଏ ।

ମୁଁ ତୁମକୁ କହିବା ଉଚିତ ଯେ ସେବା ହିଁ ପ୍ରକ୍ରିୟା, ଯାହା ମାଧ୍ୟମରେ ନିମ୍ନତର ଜ୍ଞାନ ଏବଂ ତାହା ପରେ ଉଚ୍ଚତର ପ୍ରଜ୍ଞା ଲାଭ କରାଯାଇ ପାରେ ।

ସେବା ଅନ୍ୟ ଯେ କୌଣସି କାର୍ଯ୍ୟକଳାପ ଅପେକ୍ଷା ଅଧିକ ଗଭୀର ଭାବରେ ମୌଳିକ ଏକର ଭାବନା ବପନ କରିପାରେ । ବସ୍ତୁତଃ କେବଳ ଆନ୍ଧ୍ର ପ୍ରଦେଶ ନୁହେଁ, ମାତ୍ର ସାରା ଦେଶର ସେବାଦଳ ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିବା ସେବା ବିଷୟରେ ମୁଁ ତୁମ ଆଗରେ ବର୍ଣ୍ଣନା କରିବାକୁ ଚାହୁଁ ନାହିଁ, କାରଣ ମୁଁ କେବଳ ବର୍ଣ୍ଣନାରେ ସନ୍ତୁଷ୍ଟ ହୋଇ ପାରିବି ନାହିଁ । ସେବାଠାରୁ ଶ୍ରେଷ୍ଠତର ତପ କିଛି ନାହିଁ, ଅଧିକ ଫଳପ୍ରଦ କିଛି ନାହିଁ । ସେବା ସୃଷ୍ଟିର ସାମୂହିକ ଉପଯୋଗିତା ପ୍ରତି ମନୁଷ୍ୟର ଆଖି ଖୋଲିଦିଏ । ତୁମେ ଆଖି ଖୋଲିବା ମାତ୍ରେ ଅନ୍ତରିକ୍ଷର ଗଭୀରତାରେ ବ୍ୟାପି ରହିଥିବା ପୃଥିବୀ, ତାରା, ନକ୍ଷତ୍ରପୁଞ୍ଜ ଦେଖ । ତୁମେ ଆଖି ବୁଜିବା ମାତ୍ରେ ଦୃଶ୍ୟ ଅପସରିଯାଏ, କେବଳ ଅନ୍ଧକାର, ଶୂନ୍ୟତା ରହେ । ଆଖି ତାଙ୍କୁ ନୀଳ ବିଶ୍ୱ, ବ୍ୟାପକତା, ମହାନତା, ଶୃଙ୍ଖଳା, ସୌନ୍ଦର୍ଯ୍ୟ, ଶକ୍ତି - ବିରାଟ ସ୍ୱରୂପ ଭାବରେ ଦର୍ଶନ କରେ । ଏହା ଗୋଟିଏ ଛବି ପରି ଦେଖାଯାଏ; ଏହା ଗୋଟିଏ ଛବି ପରି ଅପସରିଯାଏ । ଚାହାଣୀ ସୃଷ୍ଟି କରେ; ଦୃଷ୍ଟି ହେଉଛି ସୃଷ୍ଟି । ନେତ୍ର ହିଁ ଉଦ୍‌ଭାସିତ କରୁଥିବା ଶାସ୍ତ୍ର । ତୁମେ କେବଳ ତୁମର ସୁଖ ଓ ଦୁଃଖ ବିଷୟରେ ସଚେତନ ହେଲେ ଅନ୍ୟମାନଙ୍କର ସୁଖ ଓ ଦୁଃଖ ଦେଖ ନାହିଁ, ତୁମ ଆଖି ବନ୍ଦ ହୋଇଯାଏ । ତୁମେ ପୃଥକ୍ ହୋଇଯାଅ, ଅନ୍ୟମାନେ ଦୂରେଇ ଯାଆନ୍ତି । ଏକ

ଅଛି । ଅସମାନ ସତ୍ତାଗୁଡ଼ିକ ପ୍ରତ୍ୟେକ ଛାଇ-ଆଲୁଅରେ ଭୟଭୀତ ହୋଇ କୁହୁଡ଼ିରେ ଭାସିଯାଆନ୍ତି ।

ମନୁଷ୍ୟ ଆଧାତ୍ମିକ ସାଧନା ଭାବରେ ସେବାର ଏକ ଉଚ୍ଚ ଆଦର୍ଶ ଦ୍ୱାରା ପ୍ରେରିତ ହେବାକୁ ହେଲେ ଶିକ୍ଷା ଆବଶ୍ୟକ । ସୂଚନା ବା ଦକ୍ଷତା ଆହରଣ ନୁହେଁ, ମାତ୍ର ଆବେଗ, ପ୍ରବୃତ୍ତି ଓ ବାସନାଗୁଡ଼ିକର ପର୍ଯ୍ୟୁତ୍‌ଥାନ, ପଥଭ୍ରଷ୍ଟ ମନ ଉପରେ ପ୍ରଭୁତ୍ୱ, ଶାଶ୍ୱତ ଆତ୍ମାରେ ବ୍ୟକ୍ତିକୁ ଦଣ୍ଡାୟମାନ କରିବା । ତୁମେ ତୁମର ନିଜର ସତ୍ତାର ଅନ୍ୱେଷଣ କରିବାକୁ ଏବଂ ତୁମର ଅସୀମ ଶକ୍ତି ଆବିଷ୍କାର କରିବାକୁ ଉତ୍ସାହିତ ହେବା ଉଚିତ । ଆପେକ୍ଷିକ ସତ୍ୟରେ ନିଜକୁ ଛନ୍ଦି ଦିଅ ନାହିଁ; ନିର୍ବିକଳ୍ପ ସତ୍ୟ ଉପରେ ନିଜକୁ ସ୍ଥାପିତ କର । ଏହି ଶିକ୍ଷା ଆବଶ୍ୟକ । ଏହା ତୁମକୁ ବିଶ୍ୱର ପ୍ରଭୁଙ୍କ ସହିତ ଏକ କରିବ । ତୁମେ ସେଥିରୁ ସମସ୍ତ ପ୍ରେମ, ଶକ୍ତି ଓ ଜ୍ଞାନ ଆହରଣ କରିବ । ତୁମେ ମାତୃତ୍ୱ ଲାଭ ନ କଲେ ମାତୃ ସ୍ନେହର ଗଭୀରତାକୁ ମାପି ପାରିବ ନାହିଁ । ତୁମେ ଦିବ୍ୟ ନ ହେଲେ ଭଗବାନଙ୍କର ପରମ ଆହ୍ଲାଦକୁ ଜାଣିପାରିବ ନାହିଁ ।

ମୁଁ ଗୋଟିଏ ସଂକଳ୍ପ ନେଇ ଆସିଛି ଏବଂ ସେହି ସଂକଳ୍ପର ପୂର୍ତ୍ତି ପାଇଁ ସର୍ବପ୍ରଥମ କାର୍ଯ୍ୟ ହେଉଛି ଅନ୍ତର୍ନିହିତ ତାତ୍ପର୍ଯ୍ୟର ବ୍ୟାଖ୍ୟା ସହିତ ବେଦ ଓ ବୈଦିକ କର୍ମକାଣ୍ଡର ପୁନରୁଦ୍ଧାର । ଦ୍ୱିତୀୟ ପଦକ୍ଷେପ ହେଉଛି ଏପରି ଜ୍ୟୋତି ପ୍ରଜ୍ୱଳନ କରିବା ଯାହା ଅନ୍ଧକାର ଥିବା ସବୁ କୋଣରେ ଆଲୋକ ପ୍ରସାରଣ କରିବ । ତୁମମାନଙ୍କ ମଧ୍ୟରୁ କେତେଜଣ ଯେପରି ଭାବୁଛ, ଏହି ମହାବିଦ୍ୟାଳୟ ଆର୍ଥିକ ବ୍ୟବସ୍ଥାର ଅଭିବୃଦ୍ଧି ପାଇଁ ପ୍ରତିଷ୍ଠା କରାଯାଇନାହିଁ । କିମ୍ବା ଏହା ପ୍ରଚାରର ଉପକରଣ ହେବାକୁ ଉଦ୍ଦିଷ୍ଟ ନୁହେଁ । ଏହା ଶିକ୍ଷାବିତ୍‌ମାନଙ୍କ ପାଇଁ ହୃଦୟ ଭିତରେ ମାନବଜାତିର ଭବିଷ୍ୟତ ଥିବା ସେ ସମସ୍ତଙ୍କ ପାଇଁ ଏକ ଆଦର୍ଶ, ପ୍ରେରଣାର ଦୀପସ୍ତମ୍ଭ, ଅଗ୍ରଦୂତ, ଶିକ୍ଷା ହେବ । "ମହାବିଦ୍ୟାଳୟ ଶିକ୍ଷା କାହିଁକି ?" ବୋଲି ପ୍ରଶ୍ନର ସାଧାରଣ ଉତ୍ତର ହେଲା "ଚାକିରି ପାଇବାରେ ସାହାଯ୍ୟ କରିବା ।" "ଏ ମହାବିଦ୍ୟାଳୟ କାହିଁକି ?" ପ୍ରଶ୍ନଟିର ଉତ୍ତର ହେଲା "ଏ ଦେଶର ଭାବୀ ମାତାମାନଙ୍କର ହୃଦୟକୁ ବିନୟ, ବିଶ୍ୱାସ, ବିବେକ ଓ ପାପ ଭୀତିରେ ମଧୁର କରିବା । ସତ୍ୟ ଓ ଧର୍ମ ଆଡ଼କୁ ଯାଉଥିବା ସେମାନଙ୍କର ମାର୍ଗକୁ ଆଲୋକିତ କରିବା ।" ଶିକ୍ଷିତା ନାରୀ ନିଜେ ତାର ଘର ଚଳାଉ ଏବଂ ପରିବାରର ସଦସ୍ୟମାନଙ୍କର ସେବା ଓ ଲାଳନପାଳନର ସମସ୍ତ ଭାର ବହନ କରୁ ବୋଲି ମୁଁ ଗୁରୁତ୍ୱ ଦେବି । ପ୍ରେମର ନିଃସ୍ୱାର୍ଥପର ପ୍ରସାରଣ ଦ୍ୱାରା ମିଳିପାରୁଥିବା ଆନନ୍ଦ ଏକ ଦୁର୍ଲ୍ଲଭ ଆହ୍ଲାଦକର ଅନୁଭୂତି ଅଟେ । ଏହା ଏକ ଅତ୍ୟନ୍ତ ମୂଲ୍ୟବାନ ଆଧାତ୍ମିକ ସାଧନା । ତୃତୀୟ ଆବଶ୍ୟକତା ହେଲା ଯେ ସେବାର ଆଦର୍ଶ ଛାତ୍ରୀମାନଙ୍କ ହୃଦୟରେ ବପନ କରାଯିବା ଉଚିତ । ସେମାନେ କେବଳ ସେବା କରିବାରେ ଆଗ୍ରହ ନୁହେଁ ମାତ୍ର ସେବାକାର୍ଯ୍ୟରେ ନିପୁଣତା ହାସଲ କରିବା

ଉଚିତ । ଗତ ସାତ ବା ଦଶ ଦିନ ଧରି ହାଇଦ୍ରାବାଦ ଏବଂ ପଶ୍ଚିମ ଓ ପୂର୍ବ ଗୋଦାବରୀ ଜିଲ୍ଲା, କୃଷ୍ଣା ଓ ଗୁଣ୍ଟୁର ଜିଲ୍ଲା, ଓଡ଼ିଶା, ଗୁଜୁରାଟ, ପଞ୍ଜାବ ଓ ପଶ୍ଚିମବଙ୍ଗ ତଥା ମହୀଶୂର, କେରଳ, ଆସାମ ଓ ଭାରତର ଅନ୍ୟ ଅଂଶ ଏବଂ ବିଦେଶରୁ, ପୂର୍ବ ଆଫ୍ରିକା ଓ ଆମେରିକାରୁ ଆସିଥିବା ସ୍ୱୟଂସେବକମାନେ ନିଜକୁ ସମ୍ପୂର୍ଣ୍ଣ ରୂପେ ଓ ଆନ୍ତରିକତାର ସହିତ ସମର୍ପି ଦେଇଛନ୍ତି ଏବଂ ଦିନରାତି କଠୋର ପରିଶ୍ରମ କରି ନିଜକୁ କ୍ଲାନ୍ତ କରି ପକାଇଛନ୍ତି । ତଦ୍ଦ୍ୱାରା ଗୋଡ଼ି ଓ ପଥରର ଏହି ବିଶାଳ ଅସମତଳ ଅଂଚଳ ଆଜି ସକାଳେ ସରଳ କୋମଳ ମୈଦାନରେ ପରିଣତ ହୋଇଛି ଯେଉଁଠି ହଜାର ହଜାର ଲୋକ ଆରାମରେ ବସି ପାରିବେ । ସେବାରେ ରୂପାନ୍ତରିତ ହୋଇଥିବା ପ୍ରେମ ବସ୍ତୁତଃ ବର୍ଣ୍ଣନାତୀତ । ଏ କଥା ବିଦିତ ଯେ ଯଥେଷ୍ଟ ବିଳମ୍ବ ହୋଇ ଯାଇଥିଲା ଏବଂ ତୁମେ ସବୁ ଖରାରେ ସିଝୁଥିଲ ବୋଲି ମୁଁ ମୋର ଆନନ୍ଦର ଅଭିବ୍ୟକ୍ତି ପାଇଁ ଏହି ପ୍ରେମ ବିଷୟରେ କହିପାରି ନ ଥିଲି । କିନ୍ତୁ ବର୍ତ୍ତମାନ ମୁଁ ଏ ବିଷୟରେ ଆନନ୍ଦରେ ଉଲ୍ଲେଖ କରିପାରେ ।

ବିଶ୍ୱ ଦେଖାଯାଉଛି; ଏହା ବିଷୟରେ ଜାଣି ହେବ; ଏହାର ଅନୁଭୂତି ଓ ଉପଭୋଗ କରି ହେବ । କିନ୍ତୁ ଭଗବାନ ଅଦୃଶ୍ୟ । ତାଙ୍କୁ ତାଙ୍କର କୃତିରୁ ଜାଣିବାକୁ ହେବ । ସେହିପରି ସମାଜସେବା କରାଯାଉଥିବା ସମାଜକୁ ଦେଖି ହେବ ନାହିଁ । ଆମେ କେବଳ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ କରି ପାରିବା । କିନ୍ତୁ ବ୍ୟକ୍ତି ମାଧ୍ୟମରେ ତୁମେ ଦିବ୍ୟତ୍ୱର ଅସ୍ତିତ୍ୱକୁ ଜାଣି ପାରିବ । ସମସ୍ତେ ତାଙ୍କ ନାଟକର ବିଶ୍ୱ ରଙ୍ଗମଞ୍ଚରେ ଅଭିନେତା । ପ୍ରତ୍ୟେକ ଅଣୁ ତାଙ୍କ ଶକ୍ତି, ତାଙ୍କ ଶୌର୍ଯ୍ୟ, ତାଙ୍କର ଗରିମାରେ ପରିପୂର୍ଣ୍ଣ । ପ୍ରତ୍ୟେକ ଜୀବ ତାଙ୍କର ଆନନ୍ଦ, ତାଙ୍କର ସୌନ୍ଦର୍ଯ୍ୟ, ତାଙ୍କର ଶିବତ୍ୱରେ ପରିପୂର୍ଣ୍ଣ । ତୁମେ ନିଜର କୌଣସି ଦକ୍ଷତା ବା ଶକ୍ତିର ପ୍ରୟୋଗ କରୁଛ ବୋଲି ଦାବି କର ନାହିଁ । ଏହା ତାଙ୍କରି କୃପାରୁ, ତାଙ୍କରି କରୁଣାରୁ ଆସିଛି । ଲୋକମାନେ ଏକାନ୍ତ ସ୍ଥାନକୁ ଯାଇ ଭଗବାନଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରନ୍ତି; କିନ୍ତୁ ଚରିତ୍ର ଓ ଆଚରଣଗତ ଦୋଷ ଖୋଜିବା ଓ ସୁଧାରିବାରେ ଏକାନ୍ତର ସର୍ବୋତ୍ତମ ଉପଯୋଗ କରାଯାଇଥାଏ । ଭଗବାନଙ୍କ ସହିତ ସମ୍ପର୍କ କରିବା ପାଇଁ ଆଖି ଖୋଲିବାକୁ ହେବ । ସେ ହିଁ ଭଗବାନଙ୍କର ଅବତାର ଯାହାଙ୍କର ହୃଦୟଭରା ଉପାସନା ଓ ପୂଜା କରି ହେବ । ସର୍ବଶ୍ରେଷ୍ଠ ଆନନ୍ଦ ମହତ୍ତମ ତ୍ୟାଗରୁ ମିଳିଥାଏ । ତାହା ହିଁ ସର୍ବୋତ୍ତମ ଲାଭ, ଯଦିଓ ଏହାକୁ ବୈରାଗ୍ୟ ବୋଲି କୁହାଯାଏ ।

ଏହା ସର୍ବଶ୍ରେଷ୍ଠ ଉପଲବ୍ଧି । ଦେବା ହିଁ ପାଇବା । ଏହା ସର୍ବଶ୍ରେଷ୍ଠ ଯୋଗ ବା ଏକାତ୍ମଭାବ ଆଡ଼କୁ ଘେନିଯାଏ । ଏ ପ୍ରକାର ଲାଭ ହେଉଛି ସର୍ବୋତ୍ତମ; ଅନ୍ୟସବୁ ଲାଭ ନୁହେଁ, ଶୋକ । ଆଉ ସେବା କେବଳ ଏଠାରେ ବା ଏପରି ବିଶେଷ ଅବସରମାନଙ୍କରେ କରାଯିବ ନାହିଁ । କିନ୍ତୁ ତୁମେ ଯେଉଁଠି ଥାଅନା କାହିଁକି,

ଆବଶ୍ୟକତା ଅନୁଭବ କରିବା ମାତ୍ରେ ତୁମର ଶକ୍ତି ଓ ସାମର୍ଥ୍ୟ ଅନୁସାରେ ସେବା କର । ଭଗବାନ ତୁମକୁ ସୁଯୋଗ, ପ୍ରେରଣା ଓ ଶାନ୍ତି ଦେଇଛନ୍ତି ବୋଲି ଭାବ- ତାହା ହିଁ ଆଧ୍ୟାତ୍ମିକ ସାଧନାର ଗଣ୍ଡି ।

ରଚନାତ୍ମକ ଚିନ୍ତା, ଆଶ୍ୱାସନାମୂଳକ ବଚନ, ଦୟାପୂର୍ଣ୍ଣ କାର୍ଯ୍ୟର ଅଧିକାରୀ ହୁଅ । ଅଶ୍ରୁପୂର୍ଣ୍ଣ ନୟନ, ଦୀର୍ଘଶ୍ୱାସପୂର୍ଣ୍ଣ ହୃଦୟକୁ ଖୋଜିବୁଲ । ମୁଁ ନିଶ୍ଚିତ ଯେ ସେବାକାର୍ଯ୍ୟ କରିବାକୁ ବାହାରିବା ବେଳେ ମୋର ବଚନ ତୁମକୁ ହାତୀର ଶକ୍ତି ଦେବ । ସେଥିରେ ଏହି ଶକ୍ତି ଅଛି ବୋଲି ମୁଁ ଜାଣେ । ତୁମେ ପ୍ରତ୍ୟେକ ଏହି କଥାର ସାକ୍ଷୀ । ତୁମେ ଯାହା କରିଛ ଓ ପାଇଛ ମୁଁ ସେ ସବୁର ସାକ୍ଷୀ । ତୁମେ ମୋତେ ଜଣାଇବା ଦରକାର ନାହିଁ; ତୁମର ଆନନ୍ଦକୁ ମାପିବାକୁ ତୁମେ କାହାରିକୁ ଲୋଡା ନାହିଁ । ଆନ୍ଧ୍ର ପ୍ରଦେଶର ଅରାଜପତ୍ରିତ ଅଧିକାରୀମାନେ ମାସରୁ ଅଧିକ ସମୟ ଧର୍ମଘଟ କରିବା ବେଳେ ଚିକିତ୍ସାଳୟମାନଙ୍କରେ ପରିଚାଳକ ଓ ସହାୟକ ରହିଲେ ନାହିଁ । ବିଜୟୱାଡ଼ା, ହାଇଦ୍ରାବାଦ, ବିଶାଖାପାଟଣା ଓ ଅନ୍ୟ ସ୍ଥାନର ସେବାଦଳ ସଦସ୍ୟମାନେ ଚିକିତ୍ସାଳୟର ଶଯ୍ୟାମାନଙ୍କରେ ଅସହାୟ ଭାବରେ ପଡ଼ିଥିବା ରୋଗୀମାନଙ୍କର ଦୁର୍ଦ୍ଦଶା ଦ୍ୱାରା ବିଗଳିତ ହେଲେ । ସେମାନେ ପରମ ପ୍ରେମ ଓ ଆଦରର ସହିତ ସେମାନଙ୍କର ସେବା କଲେ ।

ଏକରେ ଅନେକ- ତାହା ହିଁ ସମାଜର ପ୍ରକୃତ ସ୍ୱଭାବ । ସମସ୍ତେ ଏକ ପାଇଁ, ଏକ ସମସ୍ତଙ୍କ ପାଇଁ । ଏହା ତଥ୍ୟ ଅପେକ୍ଷା ଏକ ସ୍ଲୋଗାନ ହୋଇଛି । ତୁମେ ଯଦି ଏହା ପ୍ରକୃତରେ ଉପଲବ୍ଧି କରନ୍ତ ତେବେ ତୁମେ ଏହାକୁ ପ୍ରକୃତି ଦ୍ୱାରା ପ୍ରକଳ୍ପିତ ଏବଂ ଅଗ୍ରଗାମୀ ସଂସ୍କୃତିର ଏକ ସଂକେତ ଭାବରେ ଦେଖନ୍ତ । ନିଜର ସମସ୍ତ ସମ୍ବଳ, ଶକ୍ତି, ଦକ୍ଷତା ଓ ଉପଲବ୍ଧିରେ ଅନ୍ୟମାନଙ୍କୁ ଭାଗ ଦେବା ସକାଶେ ଏହି ସମ୍ମିଳନୀ ସମସ୍ତଙ୍କୁ ଆହ୍ୱାନ କରେ, କାରଣ ମାନବସେବା ହିଁ ପ୍ରକୃତରେ ମାଧବସେବା ।

ଭଗବାନଙ୍କଠାରେ ସମସ୍ତଙ୍କର ଏକତ୍ୱ ଏବଂ ଭଗବାନଙ୍କ ସହିତ ନିଜର ଏକତ୍ୱ ଉପଲବ୍ଧି କରିବା ପାଇଁ ଏକ ଆଧ୍ୟାତ୍ମିକ ସାଧନା ଭାବରେ ସେବାର ମୂଲ୍ୟ ଉପରେ ମୁଁ ସର୍ବଦା ଗୁରୁତ୍ୱ ଦେଉଛି । ତୁମର କର୍ତ୍ତବ୍ୟ ହେଉଛି ଏହିସବୁ ଦୃଶ୍ୟମାନ ବହୁବିଧତା ପଛରେ ଏକର ଚେତନା ଲାଭ କରିବା ପାଇଁ ପ୍ରୟାସ କରିବା । ପ୍ରେମ, କରୁଣା, ସେବା ଓ ପାରସ୍ପରିକ ସହନଶୀଳତାର କେନ୍ଦ୍ର ହୁଅ ଏବଂ ସୁଖୀ, ବହୁତ ବହୁତ ସୁଖୀ ହୁଅ ।

ନିଜକୁ ଭଗବାନ ଓ ସୃଷ୍ଟି ରୂପରେ ଅଭିବ୍ୟକ୍ତ କରିଥିବା ଏକ, ନିର୍ବିକଳ୍ପ ସତ୍ତାର ଉପଲବ୍ଧି କରିବା ପାଇଁ ସେବାଠାରୁ ବଳି ଅଧିକ ମୂଲ୍ୟବାନ ଓ ଅଧିକ ଫଳପ୍ରଦ ସାଧନା ଆଉ କିଛି ନାହିଁ ।

ମାନବସେବା ଭଗବାନଙ୍କ ଉପହାର

ନ ଶ୍ରେୟୋ ନିୟମଂ ବିନା । ନିୟନ୍ତ୍ରଣ ଶକ୍ତି ବଢ଼ାଏ, ନିୟମ ଏହାର ସର୍ବୋତ୍ତମ ଉପଯୋଗ କରେ । ତାଲିମପ୍ରାପ୍ତ ତଥା ସୁଯୋଗ ମିଳିବା ମାତ୍ରେ ସେବା କରିବା ପାଇଁ ଆଗ୍ରହୀ ସ୍ୱୟଂସେବକ ଭାବରେ ସେବା କର । ତୁମେମାନେ ଋଷିକୁଳରେ ଋଷିମାନଙ୍କର ପ୍ରେମପୂର୍ଣ୍ଣ ଯତ୍ନରେ ବଢୁଥିବା ତରୁଣମାନଙ୍କ ପରି ।

ପୃଥିବୀ ଯେତେବେଳେ ତୁମ ଆଡ଼କୁ ଘୃଣା ବା ବିଦ୍ୱେଷର ଅନ୍ଧକାର ବନ୍ୟା ଭାବରେ ପ୍ରବାହିତ ହୁଏ କିମ୍ବା ତୁମେ ଯେଉଁମାନଙ୍କ ଉପରେ ବିଶ୍ୱାସ ରଖିଛ ସେମାନେ ଯେତେବେଳେ ସମ୍ପର୍କ କାଟି ଦିଅନ୍ତି ଓ ଖସି ଯାଆନ୍ତି, ସେହି ସଂକ୍ରାନ୍ତି କାଳରେ ଶୃଙ୍ଖଳା ତୁମକୁ ସାହାଯ୍ୟ କରେ, ଶୃଙ୍ଖଳା ବିନା ମନୁଷ୍ୟର ମନ ଧୀରେ ଧୀରେ ବଣ୍ୟ ହାତୀରେ ପରିଣତ ହୁଏ । ତୁମକୁ ଏହାକୁ ଛୋଟବେଳୁ ଧରି ତାଲିମ ଦେବାକୁ ହେବ ଯଦ୍ଦ୍ୱାରା ଏହାର ଶକ୍ତି ଓ ଦକ୍ଷତା ମନୁଷ୍ୟ ପାଇଁ ଉପଯୋଗୀ ଓ ଚତୁଃପାର୍ଶ୍ୱସ୍ଥ ଜୀବନ ପାଇଁ ଅହିଂସକ ହୁଏ ।

ଜୀବନର ଏହି ସମୟରେ, ଯେତେବେଳେ କି ତୁମର ଶାରୀରିକ, ବୌଦ୍ଧିକ ଓ ମାନସିକ ସାଧନ ଠିକ୍‌ଠାକ୍ ଥାଇ ତୁମେ ଯୌବନର ପରିପୂର୍ଣ୍ଣତାରେ ରହିଛ ସେତେବେଳେ ତୁମେ ଏହାକୁ ନିଜର ବା ଚାଳକର କ୍ଷତି ନ କରି ଠିକ୍ ବାଟରେ ଚଳାଇବା ପାଇଁ ସଂକଳ୍ପ କରିବା ଉଚିତ । ଶୃଙ୍ଖଳାକୁ ସ୍ୱାଗତ କରାଯିବା ଉଚିତ୍; ଏହା ସମିତି ବା ତୁମର ପିତାମାତା ବା ବନ୍ଧୁବାନ୍ଧବଙ୍କ ଭଳି ବାହ୍ୟ କର୍ତ୍ତୃତ୍ୱ ଦ୍ୱାରା ବଳପୂର୍ବକ କରାଯିବା ଉଚିତ ନୁହେଁ । ଏହାର ସ୍ୱତଃସ୍ଫୂର୍ତ୍ତ ଭାବରେ ଅନ୍ୱେଷଣ ଓ ଆନ୍ତରିକତାର ସହ ଅଭ୍ୟାସ କରାଯିବା ଉଚିତ ।

ଏହି ସଂକଳ୍ପ ପାଇଁ ହିଁ ତୁମେ ଏହି ଜନ୍ମ ଗ୍ରହଣ କରିଛ; କରୁଣାର କ୍ରୁଶରେ ତୁମର ଅହଂକାରକୁ କ୍ରୁଶବିଦ୍ଧ କରିବା ପାଇଁ । ନିଜର ସାଥୀ ମନୁଷ୍ୟମାନଙ୍କର ସେବା କରିବାର ସୁଯୋଗ ତୁମ ପାଖକୁ ଭଗବାନଙ୍କର ଉପହାର ରୂପରେ ଆସିଥାଏ । ସେହି କୃତଜ୍ଞତା ଭାବର ସହ ସେବା କର, କାରଣ ଭଗବାନ ହିଁ ତାହା ତୁମଠାରୁ ଗ୍ରହଣ କରିଥା'ନ୍ତି । ଅନ୍ୟମାନଙ୍କର ସେବା କରିବା ପାଇଁ ନିଜକୁ ପ୍ରସ୍ତୁତ କର । କେବଳ ପ୍ରାଥମିକ ଚିକିତ୍ସାରେ ଦକ୍ଷତା, ରାସ୍ତାର ନିୟମ, ରକ୍ତଦାନର କୌଶଳ, ମାଇକ୍ ଓ ଲାଉଡ୍ ସ୍ପିକର, ବିଜୁଳିତାର ଓ ଫିଟିଙ୍ଗର କଳା ଆଦି ଶିଖିବା ଦ୍ୱାରା ନୁହେଁ ମାତ୍ର ତୁମେ ଯେତେବେଳେ କୌଣସି କାର୍ଯ୍ୟକଳାପରେ ସକ୍ରିୟ ଭାବରେ ବ୍ୟସ୍ତ ନୁହଁ ସେତେବେଳେ ଜପ, ଧ୍ୟାନ ବା ଅବିରତ ପ୍ରଭୁଙ୍କ ନାମ କୀର୍ତ୍ତନରେ ନିଜକୁ

ବୁଡ଼ାଇ ରଖ; ନିଜକୁ ଦୈବତ୍ୱରେ ଭରିଦିଅ, ନହେଲେ ତୁମେ ଶୁଷ୍କ ଓ ନିଷ୍ଠୁର ହୋଇଯିବ ।

ମନକୁ ଏସବୁରେ ନିୟୋଜିତ ରଖ, କାରଣ ଥରେ ଏହା ସଂସାରର ଗଳିକନ୍ଦିରେ ପଶିଗଲେ ଦୁର୍ଗୁଣ ଦ୍ୱାରା ସଂକ୍ରମିତ ହୋଇଯିବ । କରୁଣାର କ୍ଷୁଦ୍ର ଶିଖାକୁ କଷ୍ଟର ସହିତ ସମାଲୋଚନା ଓ ଲୋଭର ଝଞ୍ଜା ପବନରୁ ରକ୍ଷା କର । ପରୋପକାର ହେଉଛି ସମାଜ ପ୍ରତି ତୁମର କର୍ତ୍ତବ୍ୟ ଯାହା ତୁମର ପୁଷ୍ଟି ପାଇଁ ସଂସ୍କୃତି, ଜୀବନ ପାଇଁ ଶ୍ୱାସ, ତୁମେ ଚାହୁଁଥିବା ଉଷ୍ମତା ଏବଂ ତୁମେ ଲୋଡୁଥିବା ନିରାପତ୍ତା ପ୍ରଦାନ କରିଛି । ମନୁଷ୍ୟ ଅସହାୟ ହୋଇ ଜନ୍ମ ହୋଇଛି ଏବଂ ସମାଜର କୋଳରେ ଶୋଇଛି । ସମାଜ ତାକୁ ନାମ ଓ ରୂପ, ବ୍ୟକ୍ତିତ୍ୱ, ବୈଶିଷ୍ଟ୍ୟ, ବିଶ୍ୱାସର ସାଞ୍ଜୁ, ସଂଶୟ ଓ ବିଚ୍ୟୁତିର ଖେଳ ପଡ଼ିଆ ପ୍ରଦାନ କରିଛି । ମଣିଷ ହିଁ ଏକମାତ୍ର ପଶୁ ଯେ ମରିବ ବୋଲି ଜାଣେ ଏବଂ ମୃତ୍ୟୁକୁ ଅତିକ୍ରମ କରିବାକୁ ବା ମୃତ୍ୟୁର ବେଦନାକୁ ଅତିକ୍ରମ କରି ଯିବାକୁ ଆକାଂକ୍ଷା କରେ । ମନୁଷ୍ୟର ହିଁ ଅମରତ୍ୱ ପ୍ରଦାନ କରୁଥିବା ଅମୃତ ପାଇଁ ବିଚିତ୍ର ତୃଷ୍ଣା ରହିଛି । ତାହା ତାର ବିଶେଷ କାର୍ଯ୍ୟ, ବିଶେଷ ଅନ୍ୱେଷଣ; ଉଦ୍ଧାର କରୁଥିବା ସତ୍ୟାନ୍ୱେଷଣ ।

ସେବାର ଗଭୀର ତାତ୍ପର୍ଯ୍ୟ ବୁଝ; ଏହା ତୁମକୁ ଆଦର୍ଶ ନେତା ହେବା ପାଇଁ ବାଟ ଦେଖାଇବ, ଯେଉଁମାନଙ୍କର କି ଆଜି ସାରା ପୃଥିବୀରେ ଅତି ଆବଶ୍ୟକତା ରହିଛି । ତୁମେ ଅନ୍ୟମାନଙ୍କୁ ଦେବା ଦ୍ୱାରା ନିଜକୁ ପରିପୂର୍ଣ୍ଣ କରିଥାଅ; ତୁମେ ଲୁଚାଇ ରଖିବା ଦ୍ୱାରା ନିଜକୁ ଶୂନ୍ୟ କରି ଦେଇଥାଅ । ଏପରି ବ୍ୟବହାର କର ନାହିଁ ଯଦ୍ଦ୍ୱାରା ଲୋକମାନେ ତୁମ ପ୍ରତି ବିରକ୍ତ ହେବେ; ହାନିକାରକ ଚକ୍ଷୁ, ଲମ୍ପଟୀ କାନ, ମିଥ୍ୟା ଜିଭ, ଅପବିତ୍ର ମନ ଓ ଅପକାରୀ ହାତରୁ ମୁକ୍ତ ହୁଅ । ତୁମର ଆଖି ସହଜରେ ତୁମକୁ ସମର୍ପିଦିଏ; କାମ ବା କୁତ୍ସାର ଦୋଷ ନ ରଖି ସମସ୍ତଙ୍କୁ ଚାହଁ; ଆଦର୍ଶରେ ଉନ୍ମୀଳିତ ହୋଇ ପ୍ରେମର ସହିତ ସମସ୍ତଙ୍କୁ ସମସ୍ତଙ୍କ ବିଷୟରେ କହ । ତୁମର ହାତ ଦାନ କରୁ; ଯାହା ତୁମର ନୁହେଁ ତାହା କଦାପି ନିଅ ନାହିଁ । ଦୁଃଖୀ, ରୋଗୀ, ବୃଦ୍ଧ, ଅସହାୟ, ଶିଶୁମାନଙ୍କର ପରମ ଆଦର ଓ ବୁଦ୍ଧିମତ୍ତାର ସହ ସେବା କର ।

ତେଣୁ ତୁମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସବୁଠାରୁ ଲାଭଜନକ ଭାବରେ, ଯଥାସାଧ୍ୟ ତୁମର ସାଥୀ ମନୁଷ୍ୟମାନଙ୍କର ସେବା କରିବାରେ, ସମଗ୍ର ମାନବଜାତି ପ୍ରତି ପ୍ରେମର ଅନୁଶୀଳନ କରିବାରେ, ଈର୍ଷା ଓ ଦ୍ୱେଷ ତ୍ୟାଗ କରିବାରେ ବିନିଯୋଗ କରିବାକୁ ମୁଁ ତୁମକୁ ଉପଦେଶ ଦେଉଛି । ବିଶ୍ୱାସ କର ଯେ ତୁମର ଭଗବାନ, ତୁମର ଆରାଧ୍ୟ ପ୍ରତ୍ୟେକଙ୍କ ଭିତରେ ଅଛନ୍ତି ଏବଂ ସେହି ଆରାଧ୍ୟଙ୍କର ଉପାସନା ଭାବରେ ପ୍ରତ୍ୟେକ କର୍ମକୁ ପବିତ୍ରୀଭୂତ କର ।

ଆମେ ଦେଖୁଛୁ ଅତି ଉଚ୍ଚଶିକ୍ଷିତ, ଆଇ.ଏ.ଏସ୍. ଓ ଆଇ.ପି.ଏସ୍ ପ୍ରଭୃତିଙ୍କ ମଧ୍ୟରେ ବି ଖୁବ୍ କମ୍ ଲୋକ ସେମାନଙ୍କର ବୃଦ୍ଧ ପିତାମାତାଙ୍କୁ ସାହାଯ୍ୟ କରୁଛନ୍ତି । ନିଜେ ପାଉଥିବା ସୁଖ-ସୁବିଧାରୁ କାଣିଚାଏ ବି ସେମାନଙ୍କୁ ଦେବାକୁ ଖୁବ୍ କମ୍ ଲୋକ ଚେଷ୍ଟା କରୁଛନ୍ତି । ପ୍ରତ୍ୟେକ ନିଜ ଜୀବନର ପ୍ରତିଷ୍ଠା ସୁନିଶ୍ଚିତ କରିବାରେ ବୁଡ଼ି ରହୁଛନ୍ତି । କେତେ ପର୍ଯ୍ୟନ୍ତ ସେ ସେହି ପ୍ରତିଷ୍ଠାରେ ରହିବ ? ଦିନ ଆସିବ ଯେତେବେଳେ କି ସେ ଅନେକଙ୍କୁ ଦୁଃଖ ଓ କଷ୍ଟ, ଅସନ୍ତୋଷ ଓ ଦୁର୍ଦ୍ଦଶା ଦେଇ ଚାଲାକି ଓ ଚତୁରତାର ସହିତ ଜମା କରିଥିବା ସବୁକୁ ବିଦାୟ ଜଣାଇବ । ପିତାମାତା, ଗୁରୁଜନ ଓ ଦୁଃଖୀରଙ୍କଙ୍କ ସେବା ସମସ୍ତଙ୍କୁ ଆନନ୍ଦ ଓ ସନ୍ତୋଷ ପ୍ରଦାନ କରେ । ବିଚାର ଦିବସରେ ସତ୍ୟ ଓ ଧର୍ମ- ଏ ଦୁଇଟି ତୁମ ତରଫରୁ ସାକ୍ଷ୍ୟ ଦେବେ । ତୁମର ବ୍ୟାଙ୍କ ଜମା ବା ତୁମର ଆୟକର ହିସାବ ତୁମ ପାଇଁ କିଛି କହିବେ ନାହିଁ । କିମ୍ବା ଏହି ପୃଥିବୀରେ ମନୁଷ୍ୟମାନଙ୍କ ଉପରେ କ୍ଷମତା ପାଇଁ ତୁମେ ଧାରଣ କରିଥିବା ପଦବୀ ମଧ୍ୟ ନୁହେଁ ।

ଉପାସନାର ଅନ୍ୟ ସବୁ ରୂପ ଅପେକ୍ଷା ବଡ଼ ହେଉଛି ସେବା- ନିଃସ୍ୱାର୍ଥପର ଓ ସମର୍ପିତ ଭାବରେ ନିଜର ପ୍ରତିବେଶୀମାନଙ୍କ ପ୍ରତି କରାଯାଉଥିବା ସେବା । ଜପ, ଧ୍ୟାନ ଆଦି ଉପାସନାମାନଙ୍କରେ ସ୍ୱାର୍ଥଭାବ ରହିଛି । ସ୍ୱତଃସ୍ଫୂର୍ତ୍ତ ଭାବରେ ସେବା କରାଯିବା ଉଚିତ ।

ଭଗବାନଙ୍କ ସହିତ ନିରବଚ୍ଛିନ୍ନ ସମ୍ପର୍କ ରଖ, ତୁମର ଟ୍ୟାପ ସହିତ ଲାଗିଥିବା ପାଇପ୍‌ଟି ତାଙ୍କର କୃପାସାଗର ସହିତ ସଂଯୁକ୍ତ ହେଉ । ତାହେଲେ ତୁମର ଜୀବନ ଅବାଧ ସନ୍ତୋଷରେ ପରିପୂର୍ଣ୍ଣ ହେବ । ନିରବଚ୍ଛିନ୍ନ ଉପସ୍ଥିତିର ସେହି ଚେତନା ବିନା ତୁମେ ଅନ୍ୟମାନଙ୍କ ପ୍ରତି କରୁଥିବା ଯେ କୌଣସି ସେବା ଶୁଷ୍କ, ଅନୁର୍ବର ହେବ । ଏ ବିଷୟରେ ସତର୍କ ହୁଅ; ତାହେଲେ ଯେତେ ଛୋଟ ସେବା କାମ ବି ପ୍ରଚୁର ଫଳ ଧାରଣ କରିବ । ପ୍ରତ୍ୟେକ ବ୍ୟକ୍ତି ଭଗବତ୍ ଜ୍ୟୋତିର ସ୍ଫୁଲିଙ୍ଗ ଅଟେ; ଭଗବାନ ପ୍ରତ୍ୟେକ ଜୀବର ପ୍ରତିଟି କୋଷରେ ବିଦ୍ୟମାନ । ଏଥିରେ ସଂଦେହ କର ନାହିଁ ବା ଉପେକ୍ଷା କର ନାହିଁ ବା ଏଥିରେ ବିବାଦ କର ନାହିଁ । ଏହା ହିଁ ସତ୍ୟ; ଏହା ସମ୍ପୂର୍ଣ୍ଣ ସତ୍ୟ; ଏହା ହିଁ ଏକମାତ୍ର ସତ୍ୟ । ବିଶ୍ୱ ବିଷ୍ଣୁସ୍ୱରୂପ । ସବୁ କିଛି ସେ, ତାଙ୍କ ଶରୀର । ଆନ୍ଧ୍ରପ୍ରଦେଶରେ ଚିକିତ୍ସାଳୟମାନଙ୍କରେ ଶଯ୍ୟାଗୃହରେ ଯେତେବେଳେ ପରିଚାରକ ଓ ସହାୟକମାନେ ନ ଥିଲେ ସେତେବେଳେ ଚିକିତ୍ସାଳୟ ଶଯ୍ୟାରେ ଅସହାୟ ଭାବରେ ପଡ଼ିଥିବା ରୋଗୀମାନଙ୍କର ଦୁର୍ଦ୍ଦଶା ଦ୍ୱାରା ସେବାଦଳ ସଦସ୍ୟମାନେ ବିଗଳିତ ହୋଇଥିଲେ । ସେମାନେ ଅତି ପ୍ରେମ ଓ ଆଦରର ସହିତ ସେମାନଙ୍କର ସେବା କରିଥିଲେ ।

କୌଣସି ସେବା ଅତି ହୀନ ବା ଛୋଟ ନୁହେଁ; ପ୍ରତ୍ୟେକ ଜରୁରୀ ଅବସ୍ଥାକୁ ସଙ୍ଗେ ସଙ୍ଗେ ଲକ୍ଷ୍ୟ କରାଯାଇଥିଲା । ଏହି ଦିନମାନଙ୍କରେ ସେମାନଙ୍କର ଧ୍ୟାନ ବା

ଜପ କରିବାକୁ କିମ୍ବା ଭଜନକୁ ଯିବାକୁ ବେଳ ନ ଥିଲା ବୋଲି ସେମାନେ ଦୁଃଖୀ ହେବା ଉଚିତ ନୁହେଁ । କାହିଁକି ? କାରଣ ତୁମେ ରାସ୍ତା ଓଳେଇବା ବେଳେ ବା ଶବକୁ ମଶାଣିକୁ ନେବା ବେଳେ କିମ୍ବା ତୁମେ ପ୍ରପୀଡ଼ିତ ଅଞ୍ଚଳକୁ ଯିବାବେଳେ ବା ସେଠାରୁ ଆସିବା ବେଳେ ଏଠାରେ ନାମ ନେଇପାରେ । ଲୋକମାନେ ତୁମକୁ ପାଗଳ ବୋଲି କହି ପାରନ୍ତି । କିନ୍ତୁ ଖୁସି ହୁଅ ଯେ ସେମାନେ ଯେଉଁ ପାଗଳାମି ଭୋଗୁଛନ୍ତି ତୁମେ ତାହା ଦ୍ୱାରା ସମ୍ପର୍କିତ ନୁହଁ ।

ମୁଁ ତୁମକୁ କହିବାକୁ ଚାହୁଁଛି ଯେ ସେବାରୁ ତୁମେ ଲାଭ କରୁଥିବା ଆନନ୍ଦ ଏପରି, ଯାହା ତୁମେ ଅନ୍ୟ କୌଣସି କାର୍ଯ୍ୟ ଦ୍ୱାରା କେବେ ପାଇ ପାରିବ ନାହିଁ । ପଦେ ଦୟାପୂର୍ଣ୍ଣ ବଚନ, ଗୋଟିଏ ଛୋଟ ଉପହାର, ଏକ ଉତ୍ତମ ଭଙ୍ଗୀ, ସହାନୁଭୂତିର ଦୀର୍ଘଶ୍ୱାସ, କରୁଣାର ସଙ୍କେତ ଦୁର୍ଦ୍ଦଶାଗ୍ରସ୍ତ ହୃଦୟରେ ଯେଉଁ ପୁଲକ ଆଣି ପାରିବ ତାହା ଭାଷାରେ ବର୍ଣ୍ଣନା କରି ହେବ ନାହିଁ ।

ତୁମେ ଅନ୍ୟଜଣକୁ ସାହାଯ୍ୟ କରିବା ପାଇଁ ସକ୍ଷମ ହେବା ବେଳେ ଗର୍ବ ଅନୁଭବ କରିବାର କୌଣସି କାରଣ ନାହିଁ, କାରଣ ସେବା କରିବା ପାଇଁ ତୁମକୁ ସୁଯୋଗ ଦେଇଥିବା ତୁମର ଦକ୍ଷତା ବା ଧନ ବା ଶକ୍ତି, ସାହସ ବା ପଦବୀ, ତୁମେ ଜାଣ ବା ନ ଜାଣ ଭଗବାନଙ୍କର । ଏହି ଉପହାର ଭଗବାନଙ୍କର ଆଉ ଏକ ଉପହାର, ଯଥା - ଗରିବ, ନିରକ୍ଷର, ଦୁର୍ବଳ, ରୋଗୀ, ଦୁଃଖୀ, ହତାଶ ଅସହାୟକୁ ପ୍ରଦାନ କରୁଛ । ଗଙ୍ଗା ବା ଗୋଦାବରୀ ନଦୀର ଆଣ୍ଠୁଏ ପାଣିରେ ଠିଆହୋଇ ଏବଂ ନଦୀର ସ୍ତୁତିରେ ବେଦମନ୍ତ୍ର ପାଠ କରି ଜଣେ ଲୋକ ନଦୀର ପବିତ୍ର ଜଳକୁ ତାର ଆଞ୍ଜୁଳାରେ ଉପରକୁ ଉଠାଇ ପୁଣି ସେହି ନଦୀକୁ ଅର୍ପଣ କରିଥାଏ । ତାହାରି ଜଳ ତାହାରି ପାଖକୁ ଯାଏ - ଭଗବାନଙ୍କ ଉପହାର ପାଇଁ ଭଗବାନଙ୍କ ଉପହାର - ତାହା କରିବା ପାଇଁ ହିଁ ଜଣେ ସମର୍ଥ; ତାହା ହିଁ ଜଣେ କରିବା ଦରକାର ।

♦♦♦

ନିଷ୍କାମ କର୍ମ

କ୍ଷମତାଲିପ୍ସୁ ବ୍ୟକ୍ତି ନିର୍ମଳ-ହୃଦୟ ହୋଇପାରେ କି ?

ଦେଶର ସେବକ ନାୟକ ହେଲେ ହିଁ ସେବା କରିପାରିବ ।

ଦିବ୍ୟାତ୍ମସ୍ୱରୂପଗଣ !

ଭାରତ ହିଁ ସେହି ଦେଶ ଯେ କର୍ମର ରହସ୍ୟକୁ ଠିକ୍ ଭାବରେ ବୁଝିଛି ଏବଂ ସେଥିପାଇଁ କର୍ମକ୍ଷେତ୍ର ଭାବରେ ପରିଚିତ ହୋଇଛି । ଆତ୍ମଜ୍ଞାନ ସହିତ କରାଯାଇଥିବା କର୍ମ ଜୀବନକୁ ସୁରକ୍ଷା ଦିଏ । ଏପରି କର୍ମ ହୃଦୟକୁ ପ୍ରଶସ୍ତ କରେ ଏବଂ ବ୍ୟକ୍ତିକୁ ଦୀପ୍ତିମନ୍ତ କରେ । ଏହା ଅହଂକାରର ବିଧ୍ୱଂସ କରେ ଏବଂ ମନୁଷ୍ୟକୁ ଆତ୍ମାନନ୍ଦ ପ୍ରଦାନ କରେ । କର୍ମର ଏହି ପବିତ୍ରତା ଜାଣିବା ପାଇଁ ଆମେ ଆମର ହୃଦୟକୁ ନିର୍ମଳ କରିବା ଉଚିତ । କର୍ମ ନଦୀ ପରି ନିରବଚ୍ଛିନ୍ନ ଭାବରେ ପ୍ରବାହିତ । ଜଡ ଓ ଚେତନ, ସମଗ୍ର ସୃଷ୍ଟି ଏହା ଭିତରେ ବିଲୀନ ହୋଇଛି ।

'କର୍ମ' ଶବ୍ଦଟି ଛୋଟ ମନେ ହୋଇପାରେ, କିନ୍ତୁ ଏହାର ଅର୍ଥ ବିଶାଳ । କର୍ମକୁ ପରିଭାଷିତ କରିବା ସମ୍ଭବ ନୁହେଁ । ଏହାର ଆଦି ନାହିଁ କି ଅନ୍ତ ନାହିଁ । ଜୀବନ ଯେପରି ଅନାଦି କର୍ମ ମଧ୍ୟ ସେହିପରି ଅନାଦି । ଅତଏବ କର୍ମର ସ୍ୱଭାବ ରହସ୍ୟାବୃତ; ଏହାର ତାତ୍ପର୍ଯ୍ୟକୁ ବୁଝିବା ପାଇଁ ଚେଷ୍ଟା କରିବା ବେଳେ ବ୍ୟକ୍ତିକୁ ସ୍ଥିର ଓ ନିଷ୍ପାପର ହେବାକୁ ପଡ଼ିବ । ସାଧାରଣ ଭାଷାରେ ଯେ କୌଣସି କାମ କରିବାକୁ କର୍ମ ବୋଲି ବିଚାରିବା ସ୍ୱାଭାବିକ । କିନ୍ତୁ ଏହା ଠିକ୍ ନୁହେଁ । ଉଦାହରଣ ସ୍ୱରୂପ, ଜଣେ କ'ଣ କରୁଛି ବୋଲି ପ୍ରଶ୍ନ କଲେ ଆମେ ଉତ୍ତର ପାଉ ଯେ ସେ ଲେଖୁଛି । ସେହିପରି ଆଉ ଜଣକ ବିଷୟରେ ସେହି ଏକା ପ୍ରଶ୍ନ ପଚାରିଲେ ଆମେ ଉତ୍ତର ପାଉ ଯେ ସେ କିଛି କରୁନାହିଁ, ଖାଲି ଚାହିଁଛି । ଚାହିଁବା ମଧ୍ୟ ଲେଖିବା ପରି ଏକ କର୍ମ । ସେହିପରି ଶୋଇବା ଓ ଚିନ୍ତା କରିବା ମଧ୍ୟ କର୍ମ । ମଣିଷଠାରେ ପ୍ରାଣ ଥିବାଯାଏ ସେ କର୍ମରୁ ନିବୃତ୍ତ ହୋଇ ପାରିବ ନାହିଁ । ବସ୍ତୁତଃ ନିଃଶ୍ୱାସ ନେବା ଓ ଛାଡିବା ମଧ୍ୟ କର୍ମ । ଏପରି କର୍ମ କରିବା ପାଇଁ କୌଣସି ବିଶେଷ ପ୍ରୟାସ କରିବା ଦରକାର ନାହିଁ । ସେହିପରି ସକାଳୁ ରାତିଯାଏ ଆମର ନିତିଦିନିଆ ଅନ୍ୟ ଅନେକ କାର୍ଯ୍ୟରେ ପ୍ରକୃତ ପ୍ରୟାସ କମ୍ ଦରକାର ।

ଏହି ସବୁ କାର୍ଯ୍ୟକଳାପ ମାନବ ଜୀବନର ଅଂଶବିଶେଷ ହେଲେ ବି ଏଗୁଡ଼ିକୁ ଆଧ୍ୟାତ୍ମିକ ପ୍ରୟାସ ଭାବରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ବରଂ ଆମେ ଆଜି ନିଷ୍କାମ କର୍ମ ଭାବରେ ବିଦିତ କାର୍ଯ୍ୟ କରିବା ଉଚିତ । ଅଧଃପତିତ,

ଅକ୍ଷମ ଓ ରୁଗ୍‌ଣମାନଙ୍କର ସେବା ମଧ୍ୟ ଦୈନନ୍ଦିନ ଜୀବନର ଏକ ବାଧ୍ୟବାଧକତା; ଏଗୁଡ଼ିକୁ ନିଷ୍କାମ କର୍ମ ଭାବରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଏହାର କାରଣ ବିଶ୍ୱ ପାଇଁ ମନୁଷ୍ୟର ପ୍ରେମ ସ୍ୱାର୍ଥରହିତ ନୁହେଁ । ମନୁଷ୍ୟ କୌଣସି ବସ୍ତୁକୁ ଭଲ ପାଇବା ବେଳେ ସେ ତାହା ନିଜ ପାଇଁ ଓ ନିଜର ଖୁସି ପାଇଁ କରିଥାଏ । ସେହିପରି ଜଣେ ଲୋକ କୌଣସି ବସ୍ତୁକୁ ଏକ ନିରାପଦ ସ୍ଥାନରେ ଲୁଚାଇ ରଖିବା ବେଳେ ଏହାର କାରଣ ବସ୍ତୁ ପ୍ରତି ତାର ପ୍ରେମ ନୁହେଁ, ମାତ୍ର ନିଜ ପାଇଁ ତାର ପ୍ରେମ । ଅତଏବ, ପୃଥିବୀରେ ସବୁ ପ୍ରକାର ପ୍ରେମ ନିଜ ପ୍ରତି ପ୍ରେମରୁ ଜାତ, ଅନ୍ୟମାନଙ୍କ ପ୍ରତି ପ୍ରେମରୁ ନୁହେଁ । ସେବାଦଳ ସଦସ୍ୟମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି କୌଣସି ସେବାକାର୍ଯ୍ୟର ନିଜ ପାଇଁ କି ଉପଯୋଗିତା ଅଛି, ସେହି ଚିନ୍ତା ତ୍ୟାଗ କରିବା ଏବଂ ସେବାକୁ ପ୍ରକୃତରେ ନିଃସ୍ୱାର୍ଥପର ଭାବରେ କେବଳ ଅନ୍ୟମାନଙ୍କର ହିତ ପାଇଁ ବୋଲି ବିଚାରିବା ।

ମଣିଷକୁ ଚିନ୍ତା ଓ ଭାବନାର ଏକ ସମାହାର ବୋଲି ବର୍ଣ୍ଣନା କରାଯାଇପାରେ । ପ୍ରତିଟି ଛୋଟ ଚିନ୍ତା ତା' ଜୀବନର ଅଭିନ୍ନ ଅଙ୍ଗ ହୋଇଥାଏ । ତା'ର ଭାବନାଗୁଡ଼ିକର ଗୁଣ ହିଁ ତା'ର ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ । ସୁତରାଂ, ସେ ତା' ହୃଦୟରେ ପବିତ୍ର ଭାବନା ସ୍ଥାପନ କରବା ଉଚିତ । ଶୁଦ୍ଧ ଚିନ୍ତାର ଅନୁଶୀଳନ ଆମ ହୃଦୟରେ ନିଃସ୍ୱାର୍ଥପର ସେବାଭାବ ବିକଶିତ କରିବ । ନିଃସ୍ୱାର୍ଥପର ସେବା ମନୁଷ୍ୟ ଭିତରେ ପଶୁତ୍ୱର ଉନ୍ମୂଳନ କରେ ଏବଂ ତାକୁ ଦିବ୍ୟତ୍ୱ ପ୍ରଦାନ କରେ । ନିଃସ୍ୱାର୍ଥପର ସେବା ଧ୍ୟାନ, ଭଜନ ବା ଯୋଗ ଭଳି ଅନ୍ୟ ଉପାୟ ଅପେକ୍ଷା ଆଧ୍ୟାତ୍ମିକ ପ୍ରଗତିର ଅଧିକ ଆହ୍ଲାଦକର ସାଧନ ଅଟେ । କାରଣ ଆମେ ଧ୍ୟାନ, ଜପ ବା ଯୋଗ କରିବାବେଳେ ତାହା ଆମ ନିଜର କଲ୍ୟାଣ ପାଇଁ କରିଥାଉ; ଅନ୍ୟମାନଙ୍କର ମଙ୍ଗଳ ପାଇଁ ନୁହେଁ । ଏଗୁଡ଼ିକର ଲକ୍ଷ୍ୟ ହେଉଛି ବ୍ୟକ୍ତିଗତ କାମନାର ପରିପୂରଣ ଏବଂ ଆନନ୍ଦଲାଭ । ଆମେ ଯେଉଁଥିପାଇଁ ଅଭିଳାଷା କରିବା ଉଚିତ ତାହା ହେଲା ବ୍ୟକ୍ତିଗତ ଲାଭ ପାଇଁ କୌଣସି କାମନା ନ ରଖି ଅନ୍ୟମାନଙ୍କର କଲ୍ୟାଣ କରିବା ।

ନିଷ୍କାମ କର୍ମ ନିଃସ୍ୱାର୍ଥପର ପ୍ରେମର ସୁବାସିତ ପୁଷ୍ପ ଅଟେ । ଏହା ସେବା କରୁଥିବା ବ୍ୟକ୍ତି ବା ନିର୍ଦ୍ଦେଶ ଦେଇଥିବା ବ୍ୟକ୍ତିର ସନ୍ତୋଷ ପାଇଁ କରାଯିବା ଉଚିତ ନୁହେଁ । ମନୁଷ୍ୟ ନିଷ୍କାମ କର୍ମକୁ ତା' ଜୀବନର ଅଭିପ୍ରାୟ ବିଚାରିବା ଉଚିତ । ଏହି ଭାବନା ତାର ଶିରା-ପ୍ରଶିରାରେ ପ୍ରବାହିତ ହୋଇ ତା'ର ଶରୀରର ପ୍ରତିଟି କୋଷରେ ପରିବ୍ୟାପ୍ତ ହୋଇଯିବା ଉଚିତ । ଆମେ ଯେ କୌଣସି କାମ କରୁ ନା କାହିଁକି ତାହା ଭଗବାନଙ୍କୁ ନୈବେଦ୍ୟ ଭାବରେ ଓ ତାଙ୍କର ଖୁସି ପାଇଁ କରିବା ଉଚିତ ।

ସତ୍ୟସାଇ ସେବାଦଳର ସଦସ୍ୟ ଓ କର୍ମକର୍ତ୍ତାମାନେ ନୀତି-ନିୟମ ସେମାନଙ୍କୁ ବାଧ୍ୟ କରୁଛି ବୋଲି ଭାବି ସେବା କରିବା ଉଚିତ ନୁହେଁ । ନିୟମ ସେମାନଙ୍କୁ ସେବା କରିବାକୁ ବାଧ୍ୟ କରୁଛି ବୋଲି ଭାବିବା ଉଚିତ ନୁହେଁ । ନୀତି-ନିୟମ ଦ୍ୱାରା ବାଧ୍ୟ ନ ହୋଇ ଆମେ ଆମ ନିଜର ଚିତ୍ତଶୁଦ୍ଧି ପାଇଁ ସେବା କରିବା ଉଚିତ ।

ଠିକ୍ ଯେପରି ସବୁ ପାର୍ଥିବ ବିଷୟ ସିଧା ରାଜାଙ୍କ ପାଖକୁ ଯାଏ ନାହିଁ ମାତ୍ର ପଦକ୍ଷେପ ନିମନ୍ତେ ସମ୍ପୃକ୍ତ ମନ୍ତ୍ରୀମାନଙ୍କ ନିକଟରେ ଉପସ୍ଥାପନ କରଯାଏ ସେହିପରି ମନୁଷ୍ୟର ସବୁ ପ୍ରାର୍ଥନା ସ୍ୱୟଂ ଭଗବାନଙ୍କ ପାଖରେ ପହଞ୍ଚେ ନାହିଁ । ସେଗୁଡ଼ିକ ତାଙ୍କର ମନ୍ତ୍ରୀ ଇନ୍ଦ୍ର, ବରୁଣ ପ୍ରଭୃତିଙ୍କ ଦ୍ୱାରା ଦେଖା ଯାଇଥାଏ । ଯେଉଁ ପ୍ରାର୍ଥନାଗୁଡ଼ିକର ମୂଳ ନିଷ୍କାମ କର୍ମ, ଅସୀମ ଓ ନିର୍ମଳ ପ୍ରେମ ଏବଂ ଅନାବିଳ ହୃଦୟରେ ଥାଏ କେବଳ ସେଗୁଡ଼ିକ ସିଧା ପ୍ରଭୁଙ୍କ ପାଖରେ ପହଞ୍ଚେ । ଅନ୍ୟ କୌଣସି ପ୍ରକାର ପ୍ରାର୍ଥନା ସିଧା ତାଙ୍କ ପାଖରେ ପହଞ୍ଚିବା ସମ୍ଭବ ନୁହେଁ । ସୁତରାଂ, କେବଳ ଏହି ତିନୋଟି ମାଧ୍ୟମ ଅର୍ଥାତ୍ ନିଷ୍କାମ କର୍ମ, ଅସୀମ ପ୍ରେମ ଓ ଅନାବିଳ ହୃଦୟ ଜରିଆରେ ଆମେ ପ୍ରଭୁଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାକୁ ଏବଂ ଆମର ପ୍ରାର୍ଥନାରେ ତାଙ୍କର ଦିବ୍ୟ ସ୍ୱୀକୃତି ଲାଭ କରିବାକୁ ଆଶା କରି ପାରିବା ।

ଏହି ତିନୋଟି ମଧ୍ୟରେ ନିଷ୍କାମ କର୍ମ ଅତି ଗୁରୁତ୍ୱପୂର୍ଣ୍ଣ । ତେଣୁ ସେବାଦଳ ସଦସ୍ୟମାନେ ସ୍ୱାର୍ଥ ଭାବନାରେ ନିମଜ୍ଜିତ ନ ହୋଇ ସେବାକାର୍ଯ୍ୟରେ ଅଂଶଗ୍ରହଣ କରିବା ଉଚିତ । ନିଜକୁ ସତ୍ୟସାଇ ସେବାଦଳର ସ୍ୱେଚ୍ଛାସେବୀ କହିବା ଏବଂ ସ୍ୱାର୍ଥସିଦ୍ଧିର ଲକ୍ଷ୍ୟ ରଖିବା ଭଗବାନଙ୍କୁ ଠକିବା ପାଇଁ ଚେଷ୍ଟା କରିବା ସହିତ ସମାନ । ତୁମର କର୍ମ, ଅନୁଷ୍ଠାନ ସହିତ ସମ୍ପୃକ୍ତ ନାମର ଅନୁକୂଳ ହେବା ଉଚିତ ।

ନିଷ୍କାମ କର୍ମରେ ନିୟୋଜିତ ହେବା ଦ୍ୱାରା 'ମନିଷୀ' ମହର୍ଷିରେ ରୂପାନ୍ତରିତ ହୁଏ । ପ୍ରକୃତରେ କହିବାକୁ ଗଲେ, ସେବାରୁ ମିଳି ପାରୁଥିବା ପୁଣ୍ୟ କଠୋର ତପଶ୍ଚରଣରୁ ମଧ୍ୟ ମିଳିପାରିବ ନାହିଁ । ସେବା ମନୁଷ୍ୟମାନଙ୍କୁ ପରସ୍ପରର ସନ୍ନିକଟ କରେ ଏବଂ ସ୍ନେହ ଓ ମୈତ୍ରୀ ବଢାଏ । ନିଜର ପ୍ରତିବେଶୀ ପ୍ରତି ଏହି ମୈତ୍ରୀ ଓ ପ୍ରେମଭାବ ବିନା କେହି ପ୍ରଭୁଙ୍କ ସହିତ ଆତ୍ମୀୟତା ଲାଭ କରି ପାରିବ ନାହିଁ, ଯାହା କି ଭଗବାନଙ୍କ ପ୍ରତି ନବଧା ଭକ୍ତି ମଧ୍ୟରେ ଆତ୍ମନିବେଦନର ପୂର୍ବ ଅବସ୍ଥା ।

ଭଗବଦ୍‌ଗୀତା ନିଷ୍କାମ କର୍ମକୁ ପୂର୍ଣ୍ଣତାର ରାଜପଥ ବୋଲି ଘୋଷଣା କରିଛି । କର୍ମଫଳ ପ୍ରତି ଲାଳସା ନ କରିବାକୁ ଏବଂ ଫଳକୁ ପ୍ରଭୁଙ୍କ ଉପରେ ଛାଡି ଦେଇ ଅନାସକ୍ତ ଭାବରେ କେବଳ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଯିବାକୁ ଏହା ମନୁଷ୍ୟକୁ ଉପଦେଶ ଦିଏ । ଭଗବାନ ମନୁଷ୍ୟକୁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଆଦେଶ ଦିଅନ୍ତି ନାହିଁ; ସେ କେବଳ ମନୁଷ୍ୟମାନଙ୍କ ଦ୍ୱାରା କରାଯାଉଥିବା କର୍ମର

ଫଳପ୍ରଦାତା ଅଟନ୍ତି । ମନୁଷ୍ୟ ଦ୍ୱାରା କରାଯାଇଥିବା କର୍ମର ପ୍ରକାର ଅନୁସାରେ ସେ କର୍ମଫଳ ପ୍ରଦାନ କରନ୍ତି । ତୁମେ ଯଦି ସତ୍‌କର୍ମ ନ କରି ବ୍ୟକ୍ତିଗତ ଲାଭ ପାଇଁ ପ୍ରାର୍ଥନା କର ତେବେ ଭଗବାନ ଖାଲି ତୁମର ନିବେଦନ ଶୁଣନ୍ତି, କିନ୍ତୁ ତାଙ୍କର ଆଶୀର୍ବାଦ ପ୍ରଦାନ କରନ୍ତି ନାହିଁ ।

ଦିବ୍ୟାତ୍ମସ୍ୱରୂପଗଣ ! ତୁମେ ନିଷ୍କାମ କର୍ମ କରିବାକୁ ପ୍ରସ୍ତୁତ ହେବା ଉଚିତ । ତୁମେ ଅନ୍ୟମାନଙ୍କ ଦ୍ୱାରା ସେବିତ ହେବା କଥା ଭାବିବା ଉଚିତ ନୁହେଁ । ଏ ବୟସରେ ତୁମ ଶରୀର, ମନ ଓ ଆତ୍ମାର ଶକ୍ତି ଅଛି । ତେଣୁ ତୁମେ ବର୍ତ୍ତମାନ ହିଁ ଅନ୍ୟମାନଙ୍କର ସେବା କରିବା ଉଚିତ । ତୁମେ ବୃଦ୍ଧ, କ୍ଷୁଧାର୍ତ୍ତ ଓ ଦୁର୍ବଳ ଲୋକମାନଙ୍କର ସେବା କରିବା ଉଚିତ । ଏପରି କରିବାକୁ ତୁମେ ଭଗବାନଙ୍କର ସେବା ବୋଲି ବିଚାରିବା ଉଚିତ । ଅପର ପକ୍ଷରେ କେହି ତୁମର ସେବା କରୁ ବୋଲି ଯଦି ତୁମେ ଆଶା କରୁଥାଅ ତେବେ ତୁମର ଜୀବନ ଅନ୍ଧକାର ମାର୍ଗରେ ଗତି କରିବ । ଅନେକ ଧନୀ ଲୋକ ଚାକରମାନଙ୍କ ଦ୍ୱାରା କାମ କରାଇବାରେ ଅଭ୍ୟସ୍ତ । ଆମେ ପଦାଧିକାର ଅନୁଭବ କରୁ ଏବଂ ଆମେ ସେବାର ଅଧିକାରୀ ବୋଲି ଭାବୁ, କିନ୍ତୁ ଏହା ଏପରି ପରିସ୍ଥିତି ସୃଷ୍ଟି କରିବ ଯେତେବେଳେ ତୁମକୁ ଅନ୍ୟମାନଙ୍କୁ ସେବାର ଋଣ ପରିଶୋଧ କରିବାକୁ ପଡ଼ିବ । ତୁମେ ଯାହା ଦେଖ, ତୁମେ ଯାହା କର ଏବଂ ତୁମେ ଯାହା କହ ତାହା ସବୁବେଳେ ତୁମ ପାଖକୁ ପ୍ରତିଧ୍ୱନି ଓ ପ୍ରତିଫଳନ ରୂପରେ ଫେରି ଆସେ । ଆମେ ନିଜ କାମ ନିଜେ କରିବା ପାଇଁ ନିଜକୁ ତାଲିମ ଦେବା ଉଚିତ । ତା'ପରେ ଆମେ ଆମର ପିତାମାତାଙ୍କର ସେବା କରିବାକୁ ପ୍ରସ୍ତୁତ ହେବା ଉଚିତ । ଏହି ସେବା ଭାବ ଭିତରୁ ମୁକ୍ତ ଭାବରେ ଓ ସ୍ୱେଚ୍ଛାରେ ଆସିବା ଦରକାର । ଆମେ ଅନ୍ୟମାନଙ୍କୁ ଦେଖାଇବା ସକାଶେ କାମ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ଉଚିତ ନୁହେଁ । ଏହା କେବଳ ପ୍ରେମ ପାଇଁ, ଆମେ କାମ କରିବା ଉଚିତ କେବଳ ପ୍ରେମ ପାଇଁ । ଆମେ ସମଗ୍ର ମାନବଜାତି ସହିତ ଆମର ଏକତ୍ୱ ଉପଲବ୍ଧି କରିବାର ପରିଣତି ସ୍ୱରୂପ କାମ କରିବାକୁ ପ୍ରସ୍ତୁତ ହେବା ଉଚିତ । ଯଦି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଲୋକର ଯତ୍ନ ନେବାକୁ କେହି ନ ଥାନ୍ତି ଏବଂ ତାର କେହି ବନ୍ଧୁ ନ ଥାନ୍ତି ତେବେ ସେହି ପରିସ୍ଥିତିରେ ତୁମ ଭିତରୁ କେହି ଡାକ୍ତରଖାନା ଯାଇ ତା ସହିତ ମଧୁର ଭାବରେ କଥାବାର୍ତ୍ତା କଲେ ତୁମେ ତୁମ ଦୁହିଁଙ୍କ ମଧ୍ୟରେ ଏକ ନିବିଡ ସମ୍ପର୍କ ପ୍ରତିଷ୍ଠା କରିବ । ଏହା ତୁମକୁ ତାର ନିଜ ସମ୍ପର୍କୀୟମାନଙ୍କ ଅପେକ୍ଷା ମଧ୍ୟ ଘନିଷ୍ଠ ବନ୍ଧୁ କରିବ । ସେ ତୁମର ଠିକଣା ନେବ ଏବଂ ତୁମ ପାଖକୁ ଚିଠି ଲେଖିବାକୁ ଚାହିଁବ । ଏହା ଏକ ପ୍ରକାର ହୃଦୟରୁ ହୃଦୟକୁ ସମ୍ପର୍କ, ଯାହା ନିଷ୍କାମ କର୍ମ ପ୍ରତିଷ୍ଠା କରି ପାରିବ । ଏହା ହୃଦୟରୁ ସ୍ୱତଃସ୍ଫୂର୍ତ୍ତ

ଭାବରେ ଆସିଥାଏ । କେହି ଅନ୍ୟ କୌଣସି ଉପାୟରେ ଏ ପ୍ରକାର ଅନୁରାଗ ସୃଷ୍ଟି କରି ପାରିବ ନାହିଁ ।

ତୁମେ ନିଜକୁ ସେବା ପାଇଁ ଉତ୍ସର୍ଗ କରିଛ, ଏହା ନିଃସ୍ୱାର୍ଥ ପ୍ରେମରେ ଓତପ୍ରୋତ ହେବା ଉଚିତ । ସବୁଠାରୁ ବାଞ୍ଛନୀୟ ପ୍ରେମ ସୂର୍ଯ୍ୟକିରଣ ପରି ସଦା ନିର୍ମଳକାରୀ, କ୍ରିୟାଶୀଳ, ପ୍ରକାଶକାରୀ, ବିଭେଦରହିତ । ଏହି ପ୍ରେମ ମନୁଷ୍ୟଙ୍କୁ ସର୍ବଦା ପ୍ରଭୁଙ୍କ ପ୍ରତି ଉତ୍ସର୍ଗଭାବର ସହିତ କର୍ମତତ୍ପର କରିବ । ତେଣୁ କର୍ମଗୁଡ଼ିକ ମଧ୍ୟ ଉତ୍‌ଥାନକାରୀ ଓ ପବିତ୍ର ହେବ ।

ଉତ୍ସର୍ଗ ସେବାଠାରୁ ଭିନ୍ନ; ସେବାରେ ଅହଂଭାବ ଅଛି । "ମୁଁ ସେବା କରୁଛି, ସେ ମାଲିକ, ସେ ମୋର ସେବା ଆବଶ୍ୟକ କରୁଛନ୍ତି, ମୁଁ ତାଙ୍କ ପାଇଁ ଆବଶ୍ୟକ ।" କିନ୍ତୁ ଉତ୍ସର୍ଗ ଭାବରେ ଅହଂଭାବ ନିର୍ବାପିତ ହୋଇଥାଏ । ଫଳ ପାଇଁ କାମନା ନ ଥାଏ; କାମ କରିବାର ଆନନ୍ଦ ନିହିତ ଥାଏ ।

ଗୋକକ ପୂର୍ବରୁ କହିଛନ୍ତି ଯେ ସ୍ୱାମୀ ହେଉଛନ୍ତି ସବୁଠାରୁ ବଡ ସ୍ୱେଚ୍ଛାସେବୀ ଓ ସେବାଦଳର ସବୁଠାରୁ ବଡ ନେତା । ତୁମେ ତୁମ ନେତା, ସ୍ୱାମୀଙ୍କର ଅନୁସରଣ କରିବା ଉଚିତ । କାରଣ ସକାଳୁ ରାତି ଯାଏ ସ୍ୱାମୀ ଅତି ଛୋଟ ଛୋଟ କାମ ମଧ୍ୟ ନିଜେ କରନ୍ତି; ଆଉ ତାଙ୍କର ସବୁ କାମ ଜଗତର କଲ୍ୟାଣ ପାଇଁ । ଏହି ପ୍ରସଙ୍ଗରେ ମୁଁ ବହୁ ସମୟରେ କହିଥାଏ, "ମୋ ଜୀବନ ହିଁ ମୋର ବାର୍ତ୍ତା ।" ଭଗବାନ ଓ ଭଗବାନଙ୍କ ସ୍ୱର ଏକ ଓ ସମାନ । ଅତଏବ ସ୍ୱାମୀ ଯାହା କରୁଛନ୍ତି ତଥା ସ୍ୱାମୀ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହା କରିବା ହିଁ ତାଙ୍କୁ ଆନନ୍ଦ ଦେଉଥିବା କର୍ମ । ସ୍ୱାର୍ଥଚିନ୍ତା ବିନା ଏବଂ ନାମ ବା କ୍ଷମତାର ଲାଳସା ତ୍ୟାଗ କରି କରାଯାଉଥିବା କର୍ମ ତାଙ୍କୁ ସବୁଠାରୁ ବେଶୀ ଆନନ୍ଦ ଦିଏ ।

ଆନନ୍ଦରେ ଓତପ୍ରୋତ ହୃଦୟ ଓ ପ୍ରେମରେ ପରିପୂର୍ଣ୍ଣ ମନରେ, ଯେ କୌଣସି ନିଃସ୍ୱାର୍ଥପର ସେବା କର । ତୁମେ ଯେଉଁଠି ଥିଲେ ବି ସେବା କର । ଅନ୍ୟମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ଖୋଜ । ଦୁଃଖ, କଷ୍ଟ ବା ଦୁର୍ଦ୍ଦଶା ଉପଶମ କରିବା ପାଇଁ ତୁମର ଦକ୍ଷତା ଓ ଉତ୍ସାହ ଉପଯୋଗ କରିବାର ସୁଯୋଗ କଦାପି ହରାଅ ନାହିଁ । ନିଃସ୍ୱାର୍ଥପର ମନୋଭାବର ସହିତ କରାଯାଇଥିବା ସେବା ମନୁଷ୍ୟର ଅନ୍ତର ଭିତରର ଅନ୍ଧକାରକୁ ଆଲୋକିତ କରେ, ଏହା ହୃଦୟକୁ ପ୍ରଶସ୍ତ କରେ, ବାସନାକୁ ନିର୍ମଳ କରେ ଏବଂ ଚିରନ୍ତନ ଆନନ୍ଦ ପ୍ରଦାନ କରେ ।

♦♦♦

ସ୍ୱତଃସ୍ଫୂର୍ତ୍ତ ସେବା

ଆଜି ସକାଳେ ମୁଁ ତୁମକୁ ସତ୍ୟସାଇ ସଂଗଠନର ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ବେଳେ ତୁମର କି ମୌଳିକ ଦୃଷ୍ଟିକୋଣ ରହିବା ଉଚିତ, ସେ ବିଷୟରେ କହିଥିଲି । ବର୍ତ୍ତମାନ ମୁଁ ଅଧିକ ବିଶଦ ଭାବରେ କହିବି ଯଦ୍ଦ୍ୱାରା ତୁମେ ତୁମର ନିଜ ସ୍ଥାନମାନଙ୍କରେ ସମିତି, ସଂଘ ଓ ମଣ୍ଡଳୀ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରି ପାରିବ ।

ସଦସ୍ୟମାନେ ବର୍ତ୍ତମାନ ଛାତ୍ରମାନଙ୍କର ଅସମ୍ମାନଜନକ ଓ ବର୍ଜ୍ୟ କାର୍ଯ୍ୟକଳାପ ଏବଂ ସେମାନଙ୍କୁ ଉପଯୋଗୀ ଓ ସାର୍ଥକ ନାଗରିକ ରୂପେ ଗଢ଼ିବା ଦିଗରେ ସେମାନଙ୍କର କାର୍ଯ୍ୟକଳାପ ଓ ଅଭିଯାନକୁ ଅଗ୍ରସର କରାଇବା ବିଷୟରେ କହିଲେ । ସେମାନେ ଗୁରୁଜନ ଓ ନେତାମାନଙ୍କର ହିଁ ଅନୁକରଣ କରୁଛନ୍ତି । ସେମାନେ ସେମାନଙ୍କର ପିତାମାତା ଓ ଶିକ୍ଷକମାନଙ୍କୁ କୌଣସି ଲାଭ ପାଇଁ ଅନ୍ୟମାନଙ୍କ ସହିତ କଳହ କରୁଥିବାର କିମ୍ବା ମହତ୍ତ୍ୱ ବା କ୍ଷମତା ଲାଭ କରିବା ପାଇଁ ପରସ୍ପର ସହିତ ଝଗଡା କରୁଥିବାର ଦେଖୁଛନ୍ତି । ତେଣୁ ସେମାନେ ମଧ୍ୟ ଅନ୍ୟମାନଙ୍କ ସହିତ ଓ ନିଜ ନିଜ ମଧ୍ୟରେ କଳି କରୁଛନ୍ତି । ପିତାମାତା, ଶିକ୍ଷକ ଓ ଗୁରୁଜନମାନେ ଉତ୍ତମ ଆଦର୍ଶ ପ୍ରଦର୍ଶନ କରିବା ଉଚିତ । ନହେଲେ ଏ ସବୁ ସ୍କୁଲ ଓ କଲେଜ ପାଠପଢା ପୂରାପୂରି ଅପଚୟ ହେବ ଓ ନିଶ୍ଚିତ ଭାବରେ କ୍ଷତିକାରକ ହେବ ।

ମନୁଷ୍ୟ ଭିତରେ ଠିକ୍ ଉପଦେଶ ଦେଉଥିବା, ଅନୁଚିତ କାର୍ଯ୍ୟକୁ ସଂଯତ କରୁଥିବା ଏକ ବିବେକ ଅଛି, ଯାହାକୁ ଚୁପ୍ କରି ଦେବାରେ ମନ ପ୍ରାୟ ସଫଳ ହୋଇଛି, କିନ୍ତୁ ଏହା ହେଉଛି ଭଗବାନଙ୍କ ସ୍ୱର; ଏହାକୁ କଦାପି ମୂକ କରାଯାଇ ନ ପାରେ । ପିଲାମାନଙ୍କୁ ଏ ବିଷୟରେ ଅବଗତ ହେବାକୁ ଦିଅ । କେରଳର ଗ୍ରାମାଞ୍ଚଳମାନଙ୍କରେ ଏବେ ବି ଏକ ଚଳଣି ଅଛି ଯେ ଗୁରୁଜନମାନେ ପ୍ରତିଦିନ ସକାଳେ ପିଲାମାନଙ୍କୁ ନିଜ ଚାରିପଟେ ବସାନ୍ତି ଏବଂ ପ୍ରାୟ ଘଣ୍ଟାଏ କାଳ ଉଚ୍ଚ ସ୍ୱରରେ ଭଗବାନଙ୍କର ସ୍ତୋତ୍ରପାଠ କରନ୍ତି । ଏହାର ପୁନରୁଦ୍ଧାର କରାଯିବା ଆବଶ୍ୟକ । ଏପରି ଭାବରେ ଅତିବାହିତ ସମୟ ହିଁ ସୁପ୍ରଯୁକ୍ତ ସମୟ । ଏହା ପରମ ଶାନ୍ତି ଓ ଆନନ୍ଦ ପ୍ରଦାନ କରିବ । ଗୋଟିଏ ଫଳ ଗଛ ଲଗାଇଲେ ତୁମେ ସେଥିରୁ ଫଳ ପାଅ । ନିମ୍ବ ଗଛ ଲଗାଇଲେ ତୁମେ ସେଥିରୁ କମଳା ଆଶା କରିପାରିବ ନାହିଁ । ମିଥ୍ୟା, ଭୟ, ବିବାଦ ବପନ କର, ତୁମେ ତାହା ହିଁ ପାଇବ । ସମିତିମାନେ ପିଲାମାନଙ୍କ ପାଇଁ ଶ୍ରେଣୀ ଆରମ୍ଭ କରି ପାରନ୍ତି ଏବଂ ସେମାନଙ୍କୁ ଉପନିଷଦ୍ ଓ

ପୁରାଣରୁ ଗପ କହିପାରନ୍ତି, ଭଜନ ଶିଖାଇ ପାରନ୍ତି, ସେମାନଙ୍କ ଦ୍ୱାରା ପୌରାଣିକ ବିଷୟବସ୍ତୁ ଉପରେ ନାଟକ ମଞ୍ଚସ୍ଥ କରିପାରନ୍ତି । ସେମାନେ ପିତାମାତା, ଗୁରୁ ଓ ଗୁରୁଜନମାନଙ୍କ ପ୍ରତି ମଧ୍ୟ ଆଦର ବଢ଼ାନ୍ତୁ । ଘରର ବାତାବରଣ ନିର୍ମଳତର ଓ ପବିତ୍ରତର ହେବା ଉଚିତ । ପିଲାମାନେ ଲକ୍ଷ୍ୟ କରି ଶିଖନ୍ତୁ ଯେ ସେମାନଙ୍କ ପିତାମାତାମାନେ ସୁଖୀ ଓ ଉଦ୍‌ବେଗରହିତ, କାରଣ ସେମାନଙ୍କର ଭଗବାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ଏବଂ ଯାହା କିଛି ଘଟୁଛି ସବୁ ସେମାନଙ୍କର ଭଲ ପାଇଁ ବୋଲି ସେମାନେ ଜାଣନ୍ତି । ରବିବାର ଦିନମାନଙ୍କରେ ତୁମେ ପିଲାମାନଙ୍କୁ ଏକାଠି କରି ସେମାନଙ୍କୁ ଆକର୍ଷଣୀୟ ଶୈଳୀରେ ଧାର୍ମିକ ବିଷୟ ଶିକ୍ଷା ଦେଇପାର । ତୁମେ ସେତେବେଳେ ସେମାନଙ୍କୁ କିଛି ପୁଷ୍ଟିକର ଦୁଗ୍ଧ ମଧ୍ୟ ଦେଇପାର, ଯଦ୍ୱାରା ସେମାନେ ଉଭୟ ଦୁଗ୍ଧ ଓ ସର ପାଇ ପାରିବେ ।

ତୁମମାନଙ୍କ ମଧ୍ୟରେ ଥିବା ଡାକ୍ତରମାନେ ପଇସା ଦାବି ନ କରି ଚିକିତ୍ସା କରିବା ଦ୍ୱାରା ଗରିବମାନଙ୍କର ସେବା କରିପାରିବେ । ଧନୀ, ପଇସା ଦେଉଥିବା ରୋଗୀମାନଙ୍କ ପରି ଗରିବମାନଙ୍କୁ ସବୁ ପ୍ରକାର ଦୃଷ୍ଟି ଓ ଯତ୍ନ ଦିଅ । ଏହା ଭଗବାନଙ୍କ ପାଇଁ କର; ଭାବ ଯେ ଏହା ହେଉଛି ତୁମେ ତାଙ୍କୁ ନିବେଦିତ କରୁଥିବା ଉପାସନା । ତୁମମାନଙ୍କ ମଧ୍ୟରେ ଥିବା ଓକିଲମାନେ ସେମାନଙ୍କୁ ସାହାଯ୍ୟ କରିପାରିବେ, ଯେଉଁମାନେ ଦକ୍ଷ ଅଧିବକ୍ତାଙ୍କ ଅଭାବ ଯୋଗୁଁ ଅସୁରକ୍ଷିତ ହୋଇଛନ୍ତି ବା ଅବିବେକୀ ଲୋକମାନଙ୍କ ହାତରେ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ଦୟାମୂଳକ କାର୍ଯ୍ୟଗୁଡ଼ିକର ପ୍ରଚାର କର ନାହିଁ; କୌଣସି ହୋ-ହଲ୍ଲା ନ କରି ସ୍ୱତଃସ୍ଫୂର୍ତ୍ତ ଭାବରେ ସେଗୁଡ଼ିକୁ କର । ତୁମ ସେବାକୁ ମୁଖ୍ୟ ସମ୍ବାଦ ଓ ଛବି ମାଧ୍ୟମରେ ପ୍ରଦର୍ଶନ କରିବା ଅପେକ୍ଷା ତାହା ଅଧିକ ମୂଲ୍ୟବାନ । ଏଗୁଡ଼ିକ ଦୟାଭାବର ମୂଲ୍ୟ କମାଇ ଦିଅନ୍ତି । ତୁମ ଚାରିପଟେ ଥିବା ଲୋକମାନେ ଦୁଃଖୀ ହେବା ବେଳେ ତୁମେ ଦୁଃଖୀ ହେବା ଉଚିତ । ସେମାନଙ୍କର ଅସୁବିଧାକୁ ସୁଧାରି ଦେଲେ ତୁମେ ସେମାନଙ୍କୁ ସୁଖୀ କରିବ ଓ ନିଜକୁ ସୁଖୀ କରିବ, ନୁହେଁ, କି ? ସେହିପରି ତୁମ ଚାରିପଟେ ଥିବା ଲୋକମାନେ ସୁଖୀ ହେବା ବେଳେ ତୁମେ ସୁଖୀ ହେବା ଉଚିତ । ଏହା ପୂର୍ବ ଅପେକ୍ଷା ଅଧିକ କଷ୍ଟକର, କିନ୍ତୁ ଏହା ପ୍ରକୃତରେ ଉତ୍ତମତାର ଲକ୍ଷଣ । ତୁମର କର୍ତ୍ତବ୍ୟ ହେଉଛି ସବୁ ଲୋକଙ୍କୁ ଆପଣାର ମନେ କରିବା । ତୁମର ଦକ୍ଷତା ଏକ ଟ୍ରଷ୍ଟ ପରି, ଯାହା ସମସ୍ତଙ୍କୁ ସାହାଯ୍ୟ କରିବା ଉଚିତ । ଅକ୍ଷମ, ଦୁର୍ବଳ, କ୍ଷୀଣମନା, ଅପରାଧୀ, ଅନାଥ, ଶରଣାଗତଙ୍କ ଆଶ୍ରୟସ୍ଥଳରେ କରାଯାଉଥିବା ସେବା ବସ୍ତୁତଃ ଅତି ଲାଭଜନକ ଓ ଏକ ଉତ୍ତମ ଆଧ୍ୟାତ୍ମିକ ସାଧନା । ସେହିପରି ଜେଲ ଓ ଚିକିତ୍ସାଳୟରେ ମଧ୍ୟ । ଏହି ସ୍ଥାନଗୁଡ଼ିକୁ

ବାରମ୍ବାର ଯାଅ, ସାନ୍ତ୍ୱନା ଓ ସାମର୍ଥ୍ୟ ଦିଅ; ଅନ୍ତେବାସୀମାନଙ୍କଠାରେ ଭକ୍ତିର ପ୍ରଦୀପ ଜଳାଅ । ଭଜନ କର, ସେମାନଙ୍କୁ ଘରକୁ ଚିଠି ଲେଖିବାରେ ସାହାଯ୍ୟ କର; ପଢ଼ିବା ପାଇଁ ସେମାନଙ୍କୁ ବହି ଦିଅ ବା ସେମାନଙ୍କୁ ବହି ପଢି ଶୁଣାଅ, ଯେଉଁମାନଙ୍କର ନିଜର ବୋଲି କେହି ନାହାନ୍ତି ସେମାନଙ୍କର ଜ୍ଞାତି ସମ୍ପର୍କୀୟ ହୁଅ । ତୁମର ଦମ୍ଭ ସେମାନଙ୍କର ଅନ୍ଧକାରରେ ଏକ ଜଳନ୍ତା ପ୍ରଦୀପ ହେବ ।

ଆଗ୍ରହ ଓ ସୁବିଧା ଥିଲେ ମହିଳା ଭକ୍ତମାନେ କେବଳ ଭଜନ ଓ ପବିତ୍ର ଗ୍ରନ୍ଥ ପାଠ ପାଇଁ ନୁହେଁ, ମାତ୍ର ମହିଳାମାନଙ୍କର ସେବା ପାଇଁ ମହିଳା ସତ୍‌ସଙ୍ଗ ଆରମ୍ଭ କରିପାରିବେ । ବସ୍ତି ଅଞ୍ଚଳର ଗରିବମାନଙ୍କ ପାଖକୁ ଯାଅ ଏବଂ ସେଠାରେ ଆଲୋକ ଓ ଆନନ୍ଦ ପ୍ରସାରିତ କର । ଅସହାୟ ବାଳିକାମାନଙ୍କୁ ଏକାଠି କରି ଏବଂ ସେମାନଙ୍କୁ ସମ୍ମାନଜନକ ଭାବରେ ଜୀବିକା ଅର୍ଜନ ପାଇଁ କିଛି ଉପାୟ ଯୋଗାଇବାକୁ ଚେଷ୍ଟା କର । ଭଜନ ଓ ଆଧାତ୍ମିକ ସାଧନା ଏବଂ ଜପ ଓ ଧ୍ୟାନ ଦ୍ୱାରା ସେମାନଙ୍କ ଜୀବନକୁ ମଧୁମୟ କର ।

ମହିଳାମାନଙ୍କର ମଧ୍ୟ ଏକଥା ଜାଣିବାର ଅଧିକାର ଅଛି ଯେ ସେମାନେ ହେଉଛନ୍ତି ମାନବ ରୂପରେ ଆଚ୍ଛାଦିତ ଆତ୍ମା ଏବଂ ସେମାନେ ମଧ୍ୟ ଆତ୍ମାଠାରେ ଥିବା ଶକ୍ତି, ଆନନ୍ଦ ଓ ଶାନ୍ତି ଲାଭ କରିପାରିବେ । ସେମାନଙ୍କଠାରେ ପ୍ରାର୍ଥନା ଅଭ୍ୟାସ ବପନ କର; ତାହା ମନକୁ ସବୁ ପ୍ରକାର ଆବିଳତାରୁ ମୁକ୍ତ କରିବ ଏବଂ ଭଗବାନଙ୍କୁ ପୂର୍ଣ୍ଣ ଆଭାରେ ଦୀପ୍ତିମନ୍ତ କରିବ ।

ଆଜି ଏହି ମୁହୂର୍ତ୍ତରୁ ପ୍ରେମପୂର୍ଣ୍ଣ ସେବା ଆରମ୍ଭ କର । ପ୍ରତ୍ୟେକ କାର୍ଯ୍ୟ ତୁମକୁ ଅନ୍ୟଟି ପାଇଁ ପ୍ରେରିତ କରିବ, କାରଣ ତାହାର ଉତ୍ତେଜନା ଅତ୍ୟନ୍ତ ପ୍ରେରଣାଦାୟୀ ଅଟେ ।

ଥରେ ଜଣେ ରାଜା ଥିଲେ । ସେ ତାଙ୍କ ରାଜସଭାକୁ ଆସୁଥିବା ଅନେକ ବିଦ୍ୱାନ ଓ ଋଷିଙ୍କୁ ପଚାରୁଥିଲେ, "କେଉଁଟି ସର୍ବୋତ୍ତମ ସେବା ଏବଂ ତାହା କରିବା ପାଇଁ କେଉଁ ସମୟ ସର୍ବୋତ୍ତମ ?" ସେ ସେମାନଙ୍କଠାରୁ ସନ୍ତୋଷଜନକ ଉତ୍ତର ପାଇପାରୁ ନ ଥିଲେ । ଦିନେ ଜଣେ ଶତ୍ରୁ ରାଜାଙ୍କ ସେନାବାହିନୀ ପଛରେ ଘୋଡ଼ାଇବା ବେଳେ ସେ ତାଙ୍କ ସେନାବାହିନୀରୁ ଅଲଗା ହୋଇଗଲେ ଓ ଏକ ତପୋବନରେ ପହଞ୍ଚିଲେ । ଜଣେ ବୃଦ୍ଧ ତପସ୍ୱୀ ତାଙ୍କୁ ଆଦରର ସହିତ ସ୍ୱାଗତ କଲେ ଏବଂ ଗିଲାସେ ଶୀତଳ ଜଳ ଦେଲେ । କିଛି ସମୟ ବିଶ୍ରାମ କରିବା ପରେ ରାଜା ଋଷିଙ୍କୁ ତାଙ୍କ ମୁଣ୍ଡରେ ଘୂରୁଥିବା ପ୍ରଶ୍ନଟି ପଚାରିଲେ, "କେଉଁଟି ସର୍ବୋତ୍ତମ ସେବା ?" ଋଷି କହିଲେ, "ତୃଷାର୍ତ୍ତଙ୍କୁ ଗିଲାସେ ପାଣି ଦେବା ।" "ଆଉ ତାହା

କରିବା ପାଇଁ କେଉଁଟି ସର୍ବୋତ୍ତମ ସମୟ ?" ଉତ୍ତର ହେଲା, "ଯେତେବେଳେ ସେ ଦୂରରୁ ଓ ଏକୁଟିଆ ତାହା ପାଇବା ପାଇଁ ଖୋଜି ଖୋଜି ଆସିଥିବ ।" ସେବାକୁ ତାହାର ମୂଲ୍ୟ ବା ପ୍ରଚାର ଅନୁସାରେ ମାପିବା ଉଚିତ ନୁହେଁ, ଏହା ଘଞ୍ଚ ଜଙ୍ଗଲ ଭିତରେ ଗିଲାସେ ମାତ୍ର ଜଳ ଦେବା ହୋଇପାରେ । କିନ୍ତୁ ଗ୍ରହୀତାର ଆବଶ୍ୟକତା, ଦାତାର ମନୋଭାବ - ଏଗୁଡ଼ିକ ନିର୍ଦ୍ଧାରିତ କରେ କାର୍ଯ୍ୟଟି ସୁନା ନା ସିସା ।

ତୁମର ପ୍ରତ୍ୟେକ କାର୍ଯ୍ୟକୁ ପ୍ରେମରେ ଭରି ଦିଅ । ତୁମର ଚିନ୍ତା, ବଚନ ବା କର୍ମ ଯୋଗୁଁ କେହି ଟିକିଏ ହେଲେ କଷ୍ଟ ନ ପାଉ । ଏହା ତୁମର ଆଧ୍ୟାତ୍ମିକ ସାଧନା ହେଉ । ଏହା ନିଶ୍ଚୟ ତୁମକୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

♦♦♦

ଦେହ ଥାଇ ଲାଭ କ'ଣ ?

ଯେଉଁ ବୈଦିକ ମନ୍ତ୍ରରେ ଦେବତାଙ୍କୁ ନୈବେଦ୍ୟ ଅର୍ପଣ କରାଯାଏ ତାହା ହେଲା, "ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍ ।" ତ୍ର୍ୟମ୍ବକ ଦିବ୍ୟତ୍ୱରେ ଅନ୍ତର୍ନିହିତ ଥିବା ଅନେକ ତତ୍ତ୍ୱକୁ ସୂଚିତ କରେ - ଏକର ବିବିଧ ଅଭିବ୍ୟକ୍ତିର ପ୍ରତୀକ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି; ଏକ ସାର୍ବଭୌମ ଶକ୍ତିର ବିଭିନ୍ନ କାର୍ଯ୍ୟ ପଦ୍ଧତିର ପ୍ରତୀକ ଇଚ୍ଛା ଶକ୍ତି, କ୍ରିୟା ଶକ୍ତି ଓ ଜ୍ଞାନ ଶକ୍ତି ଅନେକରେ ଏକର ଛାୟା ରୂପେ ଅହମ୍‌ର ପ୍ରତୀକ କର୍ତ୍ତା, କର୍ମ ଓ କାର୍ଯ୍ୟ ।

ମନ ଯୋଜନା ଓ ସଂକଳ୍ପର ଟାଣି ଓ ଭରଣିର ସମାହାର, କାମନାଗୁଡ଼ିକର ଏକ ବୁଜୁଳିମାତ୍ର । ବହୁବିଧ ଛବି ସୃଷ୍ଟି କରିବାକୁ ଏହାର ଅମାପ ଶକ୍ତି ଅଛି, ଯାହାକୁ କଳ୍ପନା ବୋଲି କୁହାଯାଏ । କଳ୍ପନା ସତ୍ୟକୁ ଘୋଡ଼ାଇ ପକାଏ । ଏହା ବୁଦ୍ଧିକୁ ଅନ୍ଧାରୁଆ କରିଦିଏ, ଦୃଷ୍ଟିକୁ ବିକୃତ କରି ପକାଏ । ସାଧକର ସିଧା ବାଟକୁ ଅଙ୍କାବଙ୍କା କରିଦିଏ । କାମନା ଏକ ମରୀଚିକା ସୃଷ୍ଟି କରେ, ଯେଉଁଠି ପୂର୍ବରୁ କିଛି ନ ଥିଲା । କାମନା ସୌନ୍ଦର୍ଯ୍ୟର ଅଧ୍ୟାରୋପ କରେ ଯେଉଁଠି ପୂର୍ବରୁ କିଛି ନ ଥିଲା; ଏହା ବସ୍ତୁଗୁଡ଼ିକୁ ବାଞ୍ଛନୀୟତାରେ ଆଚ୍ଛାଦିତ କରି ପକାଏ । କ୍ରୋଧ, ଦ୍ୱେଷ, ମାତ୍ସର୍ଯ୍ୟ, ଲୋଭ, ଈର୍ଷା, ବିବାଦ, ମିଥ୍ୟା ଆଦିର ଶାବକକୁ ଜନ୍ମ ଦେଉଥିବା କାମନାର ପଞ୍ଝାରୁ ମୁକ୍ତି ପାଇବା ପାଇଁ ପ୍ରାର୍ଥନା ଓ ଉତ୍ତମ କାର୍ଯ୍ୟକଳାପ, ନିଃସ୍ୱାର୍ଥପର ନିଷ୍କାମ କର୍ମ ଦ୍ୱାରା ନିଜର ଚେତନାକୁ ନିର୍ମଳ କରିବାକୁ ହେବ । କାମନା ଆଡ଼କୁ ମନର ହୀନ ଆକର୍ଷଣକୁ ଦୂର କରିବା ପାଇଁ ସେବା ହେଉଛି ସର୍ବୋତ୍ତମ ଆଧ୍ୟାତ୍ମିକ ସାଧନା ।

ରାମ ହନୁମାନଙ୍କୁ ସେ କିପରି ତାଙ୍କ ସହିତ ସମ୍ପୃକ୍ତ ବୋଲି ପଚାରିଲେ । ହନୁମାନ ଉତ୍ତର ଦେଲେ, "ମୁଁ ଏହି ଶରୀର ବୋଲି ଅନୁଭବ କରିବା ବେଳେ ଆପଣଙ୍କ ସହିତ ପ୍ରଭୁ ପାଖରେ ଦାସ ଭଳି ସମ୍ପୃକ୍ତ । ମୁଁ ନିଜକୁ ଜୀବାତ୍ମା ବୋଲି ଅନୁଭବ କରିବା ବେଳେ ଆପଣଙ୍କ ସହିତ ଦର୍ପଣରେ ପ୍ରତିଫଳିତ ପ୍ରତିବିମ୍ବ ପରି ସମ୍ପୃକ୍ତ । ମୁଁ ଯେତେବେଳେ ଜାଣେ ଯେ ମୁଁ ହେଉଛି ବିଶ୍ୱାତ୍ମା ଏବଂ ଅନ୍ୟସବୁ ଦୃଶ୍ୟ ଅଳୀକ ଓ ମିଥ୍ୟା ସେତେବେଳେ ମୁଁ ଆପଣଙ୍କ ସହିତ ସମ୍ପୃକ୍ତ, ନା, ମୁଁ ହିଁ ଆପଣ, ଆପଣ ହେଉଛନ୍ତି ମୁଁ ।'' ଅତଏବ, ତୁମର ନାମ ଭାବରେ ଦିଆଯାଇଥିବା ନାମ ଓ ଅନ୍ୟମାନେ ତୁମକୁ ଦେଖୁଥିବା ରୂପ ପାଇଁ ଦିଆଯାଇଥିବା ରୂପ ସହିତ ଦେହକୁ ତୁମେ ବୋଲି ଅନ୍ଧବିଶ୍ୱାସ ଦ୍ୱାରା ତୁମେ ବନ୍ଧା ହୋଇଥିବା ଯାଏ ତୁମେ

ଭଗବାନଙ୍କୁ ପ୍ରଭୁ, ଅନ୍ୟ ସମସ୍ତଙ୍କୁ ପ୍ରଭୁ ଭାବି ସେବକର ମନୋଭାବ ବଢ଼ାଇବା ଉଚିତ ଏବଂ ଅହଂକାରର କାମନାକୁ ନିରନ୍ତର ଅବଜ୍ଞା କରି ଏହାକୁ ଦୂର କରିବା ଉଚିତ । ସେଥିପାଇଁ ମୁଁ ଅଖିଳ ଭାରତୀୟ ସତ୍ୟସାଇ ସେବାଦଳ ସମ୍ମିଳନୀ ଆହୂତ କରିଥିଲି, ଯଦ୍ୱାରା ସେମାନେ ମୋଠାରୁ ସେବାର ମୌଳିକ ତତ୍ତ୍ୱ ଜାଣି ପାରିବେ ।

ଜଣେ ଧନୀ ଲୋକ ମାସକୁ ୩୦ ଟଙ୍କା ଦେଇ ଜଣେ ଚାକର ରଖିଲେ ସର୍ବଦା ପାରିତୋଷିକକୁ ଦୃଷ୍ଟିରେ ରଖି ସେ କାମ ଆଦାୟ କରେ ଓ ଚାକର କାମ କରେ। ସେମାନଙ୍କ ମଧ୍ୟରେ ସେବକସେବ୍ୟ ବନ୍ଧନ ରହି ନ ପାରେ । ଟଙ୍କାର ସମ୍ପର୍କ ହିଁ ସେମାନଙ୍କୁ ବାନ୍ଧିଥାଏ । କିନ୍ତୁ ଯେତେବେଳେ ଗୋଟିଏ ପକ୍ଷରେ କୌଣସି ବାଧ୍ୟବାଧକତା ନ ଥାଏ ଓ ଅନ୍ୟ ପକ୍ଷରେ କୌଣସି କ୍ଷତି ପୂରଣ ଦରକାର ନ ଥାଏ, ସେତେବେଳେ ତାହା ପ୍ରକୃତରେ ସେବା ହୁଏ । ପ୍ରତ୍ୟେକ ପରମାତ୍ମା, ତ୍ର୍ୟମ୍ବକ, ତ୍ରିଲୋକରେ ପରିବ୍ୟାପ୍ତ, ତ୍ରିଗୁଣାତୀତ ବୋଲି ଅନୁଭବ କର ଏବଂ କୌଣସି ପ୍ରକାର ଲାଭ ଚିନ୍ତା ନ କରି ଯଥାସାଧ୍ୟ ସେବା କର; ତାହା ହିଁ ପ୍ରକୃତ ସେବା । ତୁମେ ଯଦି ଚଳାଇବାର କୌଶଳ ଜାଣି ନ ଥାଅ ତେବେ କାର୍‌ଟିଏ ରଖି ଲାଭ କ'ଣ ? ତୁମେ ଯଦି ବଜାଇବା ଓ ତଦ୍ୱାରା ଲାଭାନ୍ୱିତ ହେବାର ଉପାୟ ବିଷୟରେ ଅନବଗତ ଥାଅ ତେବେ ରେଡ଼ିଓଟିଏ ରଖି ଲାଭ କ'ଣ ? ତୁମେ ଯଦି ସର୍ବୋତ୍ତମ ଉପଯୋଗ ଜାଣିବାକୁ ଚେଷ୍ଟା ନ କର ତେବେ ଦେହ ଥାଇ ଲାଭ କ'ଣ ? ତୁମେ ଯେଉଁ ମାର୍ଗରେ ଚାଲିବ ଓ ଯେଉଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବ ସେ ବିଷୟରେ ସତ୍ୟର ଉପଲବ୍ଧି କରିଥିବା ସାଧୁ-ସନ୍ଥମାନଙ୍କଠାରୁ ଶିକ୍ଷା କର । ସେହି ଲକ୍ଷ୍ୟ ହିଁ ଭଗବାନ । ସେ ହିଁ ସତ୍ୟ, ସେ ହିଁ ଜ୍ଞାନ, ସେ ହିଁ ଆନନ୍ଦ । ତାହା ହିଁ ଆସ୍ୱାଦନ କରିଥିବା ଲୋକମାନଙ୍କର ଅନୁଭୂତି ।

ଅନ୍ୟମାନଙ୍କର ସେବା କରିବା ପାଇଁ କିମ୍ବା ଆତ୍ମୋପଲବ୍ଧି ପାଇଁ ଶରୀରର ସୁରକ୍ଷା ଓ ପୋଷଣ କରାଯିବା ଉଚିତ । ଲୋକ ଅଛନ୍ତି ଯେଉଁମାନେ ଆଧ୍ୟାତ୍ମିକ ସାଧନାରେ କଠୋର ଶୃଙ୍ଖଳା ପାଳନ କରନ୍ତି, ଜପ ଓ ଧ୍ୟାନରେ ଦୃଢ଼ ନିୟମାନୁବର୍ତ୍ତିତାର ଅନୁଶୀଳନ କରନ୍ତି । ଅବଶ୍ୟ ଏହା ଉତ୍ତମ ଅଭ୍ୟାସ, କିନ୍ତୁ ଅତିଶୟ ଓ ଜରୁରୀ ଭାବରେ ସେବା ଆବଶ୍ୟକ କରୁଥିବା କୌଣସି ଲୋକକୁ ସାହାଯ୍ୟ କରିବାକୁ ଯିବା ପାଇଁ ତୁମକୁ ଡାକରା ପଡ଼ିବା ବେଳେ ବି ସେହି ନିୟମାନୁବର୍ତ୍ତିତା ବା ସେହି କାର୍ଯ୍ୟକ୍ରମରେ ଲାଖି ରହ ନାହିଁ । ତୁମେ ଯଦି ତୁମର ଧ୍ୟାନ ଛାଡି ସେ ଲୋକର ସେବା କର ତେବେ ତୁମେ ଧ୍ୟାନରୁ ଯେଉଁ ଲାଭ ପାଇଥାନ୍ତ ତା'ଠାରୁ ଅଧିକ ସେବାରୁ ପାଇବ । ତୁମ ପାଖରେ କଷ୍ଟ ଭୋଗୁଥିବା ଓ ଉପଶମ ଆବଶ୍ୟକ

କରୁଥିବା ଲୋକଟି ତୁମ ପାଇଁ ଏକ ବିଘ୍ନ ବୋଲି ଯଦି ତୁମେ ଭାବ ଏବଂ ଏପରି ସ୍ଥାନକୁ ଚାଲିଯାଅ ଯେଉଁଠାରେ ତୁମର ଧ୍ୟାନ ବାଧାପ୍ରାପ୍ତ ହେବ ନାହିଁ ତେବେ ତୁମେ ନିଶ୍ଚିତ ଭାବରେ ସେହି ଧ୍ୟାନରୁ କିଛି ପୁଣ୍ୟ ଲାଭ କରିବ ନାହିଁ । ଏହା ନିଶ୍ଚିତ ଭାବରେ ଏକ ଭୁଲ ଏବଂ ତୁମେ କୃପା ପାଇଁ ଯୋଗ୍ୟ ନୁହଁ । ଭଗବାନ ନିଜେ ଯେତେବେଳେ ଅବତରଣ କରିଛନ୍ତି ଏବଂ ମଣିଷର ସେବା କରିବା ପାଇଁ ଅବତରଣ କରିଛନ୍ତି, ତୁମେ ମଧ୍ୟ ମନୁଷ୍ୟର ସେବା କଲେ ସେ ଅବଶ୍ୟ ପ୍ରୀତ ହେବେ । ତୁମକୁ ଆନନ୍ଦ ଦେଉଥିବା କାର୍ଯ୍ୟକଳାପରେ ନିୟୋଜିତ ହେବା ଅପେକ୍ଷା ଏପରି କାର୍ଯ୍ୟକଳାପରେ ନିୟୋଜିତ ହୁଅ ଯାହା ଭଗବାନଙ୍କୁ ପ୍ରୀତ କରିବ, ଯାହା ଭଗବାନ ଭଲ ପାଇବେ ବୋଲି ତୁମେ ଭାବୁଛ ଓ ଜାଣିଛ । ଭଗବାନ ସତ୍ୟରେ, ଧର୍ମରେ ଖୁସି ହୁଅନ୍ତି । ଧର୍ମୋ ରକ୍ଷତି ରକ୍ଷିତଃ । ତୁମର ଧର୍ମକୁ ଜାଣ ଓ ତାହାର ଅନୁସରଣ କର ।

ସେ ତୁମକୁ ବିସ୍ମୟକର ଶରୀର, ମଧୁର ଜିହ୍ୱା, ମନ ନାମକ ଏକ ଆଶ୍ଚର୍ଯ୍ୟଜନକ ଉପକରଣ ଦେଇଛନ୍ତି । ସେ ତୁମକୁ ବୁଦ୍ଧି, ବିଶ୍ଳେଷଣ ଓ ସଂଶ୍ଳେଷଣ ଶକ୍ତି, ଗ୍ରହଣ ଓ ତ୍ୟାଗ କରିବା, ମନେ ରଖିବା ଓ ଭୁଲି ଯିବାର ସାମର୍ଥ୍ୟ ଦେଇଛନ୍ତି । କୃତଜ୍ଞତାର ସହ ଏଗୁଡ଼ିକୁ ସ୍ୱୀକାର କର ଏବଂ ଏଗୁଡ଼ିକର ସର୍ବୋତ୍ତମ ଉପଯୋଗ କର । ଜୀବନର ସମସ୍ତ ଉତ୍‌ଥାନ ଓ ପତନ, ସୁଖ ଓ ଦୁଃଖ, ସନ୍ଦେହ ଓ ନିର୍ଣ୍ଣୟ ମାଧ୍ୟମରେ ତାଙ୍କୁ ଖୋଜୁଥିବା ସବୁ ଜୀବ ଭିତରେ ସବୁ ସ୍ଥାନରେ ତାଙ୍କୁ ଦେଖିବା ସକାଶେ ସେଗୁଡ଼ିକ ଉପଯୋଗ କର ।

ତୁମେ ଦେହ ସହିତ ଅଭିନ୍ନତାରୁ ମୁକ୍ତ ହେଲେ ହିଁ ଅନ୍ୟମାନଙ୍କର ସେବା କରିବା ପାଇଁ ପ୍ରକୃତ ଉତ୍ସାହ ଓ ପ୍ରେରଣା ପାଇ ପାରିବ । ଜଣେ ଲୋକର ଭୀଷଣ ପେଟବଥା ହେଲେ ତା ଆଖିରୁ ଲୁହ ବାହାରେ, କାହିଁକି ? କାରଣ ଆଖି, ପେଟ ଆଦି ବିଭିନ୍ନ ଅଙ୍ଗସବୁ ଏକା ଶରୀରର । ସେହିପରି ଜଣେ ଲୋକ କଷ୍ଟ ପାଇବା ବେଳେ ତୁମର ଆଖି ଲୁହ ଝରାଇବା ଉଚିତ ଏବଂ ତୁମେ ତାହା ଉପଶମ କରିବା ପାଇଁ ଉତ୍କଣ୍ଠିତ ହେବା ଉଚିତ । ତୁମେ ଓ ସେ ଏକ ଦିବ୍ୟ ଶରୀରର ଅଙ୍ଗ ବୋଲି ଜାଣିଲେ ହିଁ ଏପରି ହୋଇପାରିବ । ସତ୍ୟ ପ୍ରତି ଅଜ୍ଞାନତା ଯୋଗୁଁ ପାର୍ଥକ୍ୟ ଭାବନା ଜାତ ହୋଇଥାଏ । ଲୋକମାନେ ରାଗିଗଲେ ସେମାନେ ଦାନ୍ତ କଡମଡ କରନ୍ତି, କିନ୍ତୁ ସେମାନେ ଜିଭକୁ ନ କାମୁଡିବା ଦିଗରେ ଯତ୍ନବାନ ଥାଆନ୍ତି, କାରଣ ଜିଭ ସେମାନଙ୍କର । ଯଦି ଦୈବାତ୍ ଜିଭ କାମୁଡି ହୋଇଯାଏ ତେବେ ସେମାନେ ଦାନ୍ତକୁ ଉପାଡି ପକାନ୍ତି ନାହିଁ, କାରଣ ଦାନ୍ତ ସେମାନଙ୍କର । ସେହିପରି ରୋଗୀ, ଗରିବ,

ଅସହାୟ, ନିରକ୍ଷର୍, ଦୁଷ୍ଟ - ସମସ୍ତେ ଏକ ଶରୀରର ଅଙ୍ଗପ୍ରତ୍ୟଙ୍ଗ, ଯାହାର ଆମେମାନେ ମଧ୍ୟ ଅଂଶବିଶେଷ । ସମାନ ବିଦ୍ୟୁତ୍ ଶକ୍ତି ସମସ୍ତଙ୍କୁ ସକ୍ରିୟ କରେ । ଏ କଥା ଉପଲବ୍ଧି କରିବା ଏବଂ ସେହି ଏକତ୍ୱରେ ବିଲୀନ ହେବା ମାନବ ଶରୀରରେ ଏହି ଜୀବନର ଅଭିପ୍ରାୟ ।

ଦେହ ଏକ ଅସ୍ଥାୟୀ ବାସଗୃହ; ଏହା ସବୁ ପ୍ରକାର ରୋଗ ଓ ଆଘାତର ବିଷୟ । ତଥାପି ଶରୀର ଏକ ନୌକା, ଯାହା ଉପରେ ହିଁ ଆମେ ପରିବର୍ତ୍ତନର ସମୁଦ୍ରକୁ ପାର କରିପାରିବା । ନୌକାଟିକୁ ଠିକ୍‌ଠାକ୍ ଓ ବ୍ୟବହାରଯୋଗ୍ୟ କରି ରଖିବାକୁ ହେବ । ଏହା ଆମର ଦୃଷ୍ଟିକୁ ନିଜର ସୁରକ୍ଷା ପାଇଁ ସର୍ବନିମ୍ନ ଆବଶ୍ୟକତାରୁ ଅଧିକ ବିକଶିତ କରିବା ଉଚିତ ନୁହେଁ । ଅନ୍ୟମାନଙ୍କର ବୋଝ କମାଇବା ପାଇଁ ଏହା ବ୍ୟବହୃତ ହେବା ଦରକାର ଏବଂ ଏହା ଆମ ଉପରେ ଏକ ବୋଝ ହେବା ଉଚିତ ନୁହେଁ । ଏହା ଅନ୍ୟମାନଙ୍କର ସେବା କରିବା ଉଚିତ; ସେମାନଙ୍କଠାରୁ ସେବା ଦାବି କରିବା ଉଚିତ ନୁହେଁ । ସେବା ହିଁ ଏହି ଦେଶର ଜୟଧ୍ୱନି ହେଉ । ସେବା ସେମାନଙ୍କ ପାଇଁ ନୁହେଁ ଯେଉଁମାନଙ୍କର ସେବା କରିବା ପାଇଁ ଅନେକ ଲୋକ ଅଛନ୍ତି, ନିଜକୁ ସାହଯ୍ୟ କରିବା ପାଇଁ ଯେଉଁଠି ସମସ୍ତେ ଅଛନ୍ତି, ବରଂ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ଯେଉଁମାନଙ୍କର ସେବା କରିବାକୁ, ପୋଷଣ କରିବାକୁ କିମ୍ବା ହସଟିଏ ବା ଫୁଲଟିଏ ଦେବାକୁ, କିମ୍ବା ସେମାନଙ୍କ ପାଇଁ ଘରକୁ ଚିଠି ଖଣ୍ଡିଏ ଲେଖି ଦେବାକୁ କେହି ନାହାନ୍ତି ।

♦♦♦

ମହତ୍ତମ ସେବା

ପ୍ରତ୍ୟେକ ଜୀବ ପ୍ରେମ ଆବଶ୍ୟକ କରେ, ପ୍ରେମର ନିଃଶ୍ୱାସ-ପ୍ରଶ୍ୱାସ ନିଏ । କାରଣ ପ୍ରେମ ହେଉଛି ମୂଳ ପ୍ରାଣବାୟୁ; ପ୍ରତ୍ୟେକ ପ୍ରେମସ୍ୱରୂପ । ପ୍ରେମର ଭୟ ନାହିଁ, ତେଣୁ ପ୍ରେମ ନିଜର ସମର୍ଥନ ପାଇଁ ମିଥ୍ୟା ଲୋଡେ ନାହିଁ । କେବଳ ଭୟ ହିଁ ଲୋକମାନଙ୍କୁ ସତ୍ୟର ମୁହଁକୁ, ସେମାନେ ଭୟ କରୁଥିବା ଲୋକମାନଙ୍କ ପାଇଁ ମଧୁର କରିବା ସକାଶେ ବିକୃତ କରିବାକୁ ବସିଥାଏ । ପ୍ରେମ ମଧ କୌଣସି ପୁରସ୍କାର ଲୋଡ଼େ ନାହିଁ; ପ୍ରେମ ହିଁ ପ୍ରେମର ପୁରସ୍କାର । ତାହା ହିଁ ମୁଖ୍ୟଲାଭ, ଭଲ ପାଇବା ଓ ପ୍ରିୟ ହେବାର ଆନନ୍ଦ । ଏହା ଭଗବତ୍ ଅଭିମୁଖୀ ହେବା ବେଳେ ଏହାକୁ ଭକ୍ତି ବୋଲି କୁହାଯାଏ । ପ୍ରଭୁଙ୍କର ମହିମା, ଗରିମା, ଶକ୍ତି ଓ ଅନୁଗ୍ରହ ବିଷୟରେ ଥରେ ଅବଗତ ହେଲେ କିଏ ବା ତାଙ୍କୁ ଭଲ ନ ପାଇବ ? ପ୍ରେମ ସମସ୍ତ ଅହଂକାର ଦୂର କରେ; ସ୍ୱାର୍ଥ ବିସ୍ମୃତ ହୋଇଯାଏ ଓ ପଛରେ ପଡ଼ିଯାଏ, ଅତିକ୍ରାନ୍ତ ହୋଇଯାଏ । ଲାଭ ପାଇଁ ଲୋଭ ଥିବା ଯେ କୌଣସି ସଙ୍କେତ ପ୍ରେମକୁ ମୂଳଚାଲ ସ୍ତରକୁ ଖସାଇ ନିଏ । ପ୍ରିୟ ଯାହା କିଛି କରେ ବା ଦିଏ ତାହା ପ୍ରେମିକ, ଉପାସକ ପାଇଁ ସନ୍ତୋଷଜନକ ହୋଇଥାଏ ।

ପ୍ରେମ ହିଁ ସେବା ଓ ଉତ୍‌ଥାନର ଯୋଜନାକୁ ସଫଳତାର ସହିତ ସମ୍ପାଦନ କରିପାରେ । ପ୍ରେମ ସହାନୁଭୂତି ସୃଷ୍ଟି କରେ; ପ୍ରେମ ବାଟ ଦେଖାଏ, କିନ୍ତୁ ଦ୍ୱେଷ କେବଳ ବିଭ୍ରାନ୍ତ କରେ ।

ତୁମେମାନେ ବମ୍ବେ ନଗରୀର ବିଭିନ୍ନ ସମାଜସେବା ସଂଗଠନର ପ୍ରତିନିଧି ଏବଂ ମୋଠାରୁ ଏକ ସନ୍ଦେଶ ଚାହୁଁଛ ବୋଲି ମୋତେ ତୁମର ପରିଚୟ ଦିଆଯାଇଛି; ଏ କଥା ଉଲ୍ଲେଖ କରାଯାଇଛି ଯେ ତୁମେମାନେ ନୈରାଶ୍ୟ ଓ ନିରୁତ୍ସାହ ଯୋଗୁଁ ଆସ୍ଥା ଓ ବିଶ୍ୱାସ ହରାଉଛ । ଅନ୍ୟମାନଙ୍କ ଜୀବନର ମାନ ଉନ୍ନତ କରିବାର ଯୋଜନା ବିଫଳ ହେବାର ଦେଖିବା ବେଳେ ଲୋକମାନେ ନିରାଶ ହୋଇଯା'ନ୍ତି । ବିଫଳତାର କାରଣ ଦୋଷପୂର୍ଣ୍ଣ ନିଦାନ ବା ଭୁଲ ନିର୍ଦ୍ଧାରଣ ହୋଇପାରେ । ଅଧିକନ୍ତୁ, ଜଣେ ପ୍ରେମରେ ଓତପ୍ରୋତ ହେବା ଆବଶ୍ୟକ, ଯଦ୍ୱାରା ଗ୍ରହୀତା ବିନା ଦ୍ୱିଧାରେ ଓ ପୂର୍ଣ୍ଣ ଆସ୍ଥାର ସହିତ ସାହାଯ୍ୟ ଲାଭ କରି ପାରିବ । ବଡ଼ପଣିଆ ବା ପୃଷ୍ଠପୋଷକତାର ଭାବନା ରହିବା ଉଚିତ ନୁହେଁ । ସେବା କରିବାର ପ୍ରୟାସ ଅନ୍ୟମାନଙ୍କର ଦୁର୍ଦ୍ଦଶା

ପ୍ରତି ବେଦନାରୁ ଜାତ ହେବା ଉଚିତ ଏବଂ ସେହି ପୀଡ଼ାରୁ ମୁକ୍ତି ପାଇବା ପାଇଁ ସେବା ଅକୃତ୍ରିମ ହେବା ଉଚିତ । ଆଉ ଗୋଟିଏ କଥା ମଧ ମନେ ରଖିବାକୁ ହେବ, ଫଳ ବିଷୟରେ ଚିନ୍ତା କର ନାହିଁ । ଯଥାସାଧ ବହୁ ମାତ୍ରାରେ, ଦକ୍ଷତାର ସହିତ, ନୀରବ ଭାବରେ, ପ୍ରେମପୂର୍ଣ୍ଣ ଭାବରେ ସାହାଯ୍ୟ କର; ଆଉ ସବୁ ଭଗବାନଙ୍କ ଉପରେ ଛାଡ଼ି ଦିଅ, ଯେ ତୁମକୁ ସେବା କରିବାର ସୁଯୋଗ ଦେଇଛନ୍ତି ।

ଖାଦ୍ୟ, ବସ୍ତ୍ର ଓ ବାସଗୃହ ଯୋଗାଇ ଦେଲେ ଲୋକମାନେ ସୁଖୀ ହେବେ ବୋଲି ତୁମେ ଭାବୁଛ । ତାହା ଏକ ଭ୍ରମ; କାରଣ ସୁଖ ହେଉଛି ମନର ଏକ ଗୁଣ । ଧନୀ ଓ ସୁପ୍ରତିଷ୍ଠିତ ଲୋକମାନଙ୍କର ମନକୁ ମଧ ସୁଖ ଓ ଶାନ୍ତିରେ ରହିବା ପାଇଁ ତାଲିମ ଦେବାକୁ ହେବ । ଏହି ତାଲିମ ବିନା ଅତି ପ୍ରାଚୁର୍ଯ୍ୟପୂର୍ଣ୍ଣ ଅବସ୍ଥାରେ ବି ମନୁଷ୍ୟ ଅସହାୟ ହୋଇଥାଏ ।

ଅନେକ ଦେଶ ଭୌତିକ ସଭ୍ୟତାର ଶିଖରରେ ଅଛନ୍ତି । ସେମାନେ ସେମାନଙ୍କର ଜୀବନର ମାନ ପାଇଁ ଗର୍ବ କରୁଛନ୍ତି ଏବଂ ସେମାନେ ପହଞ୍ଚିଥିବା ଉଚ୍ଚତାକୁ ଉଠିବା ସକାଶେ ସଂଘର୍ଷ କରିବାକୁ ଗରିବ ଦେଶମାନଙ୍କୁ ଆହ୍ୱାନ କରୁଛନ୍ତି । କିନ୍ତୁ ଏହି ଧନୀ ରାଷ୍ଟ୍ରମାନେ ମାନସିକ ଶାନ୍ତି ପାଇଛନ୍ତି କି ? ସେମାନେ ଭୟ, ଉତ୍ତେଜନା, ଉଦ୍‌ବେଗ ବା ଅସନ୍ତୋଷରୁ ମୁକ୍ତ ହୋଇଛନ୍ତି କି ? ନା, ଏସବୁ ଦ୍ୱାରା ଚିନ୍ତିତ ନ ହେବା ବେଳେ ହିଁ ମନୁଷ୍ୟ ଧନୀ ହୋଇଥାଏ ।

ସୁବିଧା ବଢ଼ାଉଥିବା, ଉନ୍ମତ୍ତ କରୁଥିବା, ଆନନ୍ଦର ଭ୍ରାନ୍ତ ଧାରଣା ଦେଉଥିବା କଥା ଲାଭ କରିବା ଜୀବନର ଲକ୍ଷ୍ୟ ନୁହେଁ । ସେହି ରାସ୍ତାର ଶେଷ ନାହିଁ; ଏହା ସବୁବେଳେ ଆଗକୁ ଆଗକୁ ଯାଇଥାଏ । କାମନାଗୁଡ଼ିକ ଅସରନ୍ତି ଭାବରେ ବହୁଗୁଣିତ ହୁଏ; ସନ୍ତୋଷ ଜ୍ଞାନୀମାନଙ୍କର ସଂକଳ୍ପ ଅଟେ । ଅହଂକାରର ଚେର ଖୁବ୍ ଗଭୀରତାକୁ ମାଡ଼ିଥାଏ ଫଳରେ ଭୁଲରୁ ଠିକ୍‌କୁ ପୃଥକ କରିବାର ସାମର୍ଥ୍ୟ କମିଯାଏ । ପ୍ରତିଟି ଢୋକରେ ତୃଷା ବଢ଼ିଚାଲେ; ପ୍ରତିଟି ଗୁଣ୍ଡାରେ କ୍ଷୁଧା ଅଧିକାଧିକ ବଢ଼ିଚାଲେ ।

ମଣିଷର ସେବା କରାଯାଇପାରେ, କିନ୍ତୁ ଦୃଷ୍ଟାନ୍ତ ଦ୍ୱାରା ତା'ର ସେବା କରିବା ସର୍ବୋତ୍ତମ । ତୁମର ପଡ଼ୋଶୀ ବା ପରିବାରର ସଦସ୍ୟମାନଙ୍କ ପାଇଁ ଏକ ଖରାପ ଦୃଷ୍ଟାନ୍ତ ହୁଅ ନାହିଁ । ଉତ୍ତମ ହୁଅ ଓ ଉତ୍ତମତା ବିଚ୍ଛୁରଣ କର । ପିତା ଓ ମାତାଙ୍କଠାରୁ ଉତ୍ତମତା ଅଭ୍ୟାସ ଆରମ୍ଭ କର । ସେମାନଙ୍କର ସେବା କର, ସେମାନଙ୍କୁ ସୁଖୀ କର, ସେମାନଙ୍କର ସ୍ମୃତିକୁ ସମ୍ମାନ କର, ସେମାନଙ୍କ ପ୍ରତି କୃତଜ୍ଞ ହୁଅ । ପ୍ରେମ ଓ ସେବାକୁ ଏହାର ବଳୟ ଭିତରକୁ ସବୁ ଜୀବଙ୍କୁ ଆଣିବା ପର୍ଯ୍ୟନ୍ତ ପ୍ରସାରିତ କରି ଚାଲ, କାରଣ ସମସ୍ତେ ଏକ ଭଗବାନଙ୍କର ପୂଜାସ୍ଥଳ ।

ପ୍ରେମ ଅର୍ଥ ସେବା, ଯାହାର ଅର୍ଥ ଆଧ୍ୟାତ୍ମିକ ସାଧନା, ପ୍ରସାରଣ, ଆତ୍ମ ବିସ୍ତୃତି, ସମସ୍ତେ ମୁଁ ହେବା ପର୍ଯ୍ୟନ୍ତ ପ୍ରତ୍ୟେକର ବଳୟ ଭିତରେ ପହଞ୍ଚିବା।

ସେବା ଧ୍ୟାନ ଅପେକ୍ଷା ମଧ୍ୟ ଏକ ମହତ୍ତର ସାଧନା ବୋଲି ଜାଣ । ତୁମ ପାଖରେ ଥିବା କୌଣସି ଲୋକ କଷ୍ଟ ଭୋଗୁଥିବା ବେଳେ ତୁମେ ତା ପ୍ରତି ଦୟାର୍ଦ୍ର ନ ହେଲେ, ତାକୁ ସାହାଯ୍ୟ କରିବାକୁ କୌଣସି ପ୍ରୟାସ ନ କଲେ ଭଗବାନ କିପରି ତୁମର ଧ୍ୟାନକୁ ପସନ୍ଦ କରିବେ? ଜପ ଓ ଧ୍ୟାନ ଦ୍ୱାରା ନିଜର ମୋକ୍ଷ ଉପରେ କେନ୍ଦ୍ରିତ ହୋଇ ନିଜକୁ ଅଲଗା ରଖ ନାହିଁ । ସାହାଯ୍ୟ କରିବାର ସୁଯୋଗ ଖୋଜି ନିଜର ଭାଇ-ଭଉଣୀମାନଙ୍କ ଭିତରେ ବୁଲ; କିନ୍ତୁ ଜିଭରେ ଭଗବାନଙ୍କର ନାମ ରଖ ଏବଂ ମାନସଚକ୍ଷୁ ଆଗରେ ଭଗବାନଙ୍କର ରୂପ ରଖ । ତାହା ହିଁ ସର୍ବାଙ୍ଗ ଆଧ୍ୟାତ୍ମିକ ସାଧନା । "ଦିଲ ମେଁ ରାମ, ହାଥ ମେଁ କାମ ।" ସେହି ଭାବ ନେଇ ଆଗେଇ ଚାଲ । ଭଗବତ୍ କୃପା ତୁମ ଉପରେ ପୂର୍ଣ୍ଣ ମାତ୍ରାରେ ଅଜାଡ଼ି ହୋଇପଡ଼ିବ ।

ଆସକ୍ତିର ମୌଳିକ ଅସଙ୍ଗତିକୁ ଉପଲବ୍ଧି କରି ପାରିବାର ଶୀଘ୍ରତମ ଓ ସହଜତମ ମାର୍ଗ ହେଲା ସେବା ମାର୍ଗ । ପ୍ରତିଦାନ ମିଳୁ ବା ନ ମିଳୁ, ପରିଣତି ସଫଳ ହେଉ ବା ନ ହେଉ ପ୍ରେମ ଅଜାଡ଼ି ଦିଅ । ପ୍ରେମ ସେବାରେ, ହିତକର କାର୍ଯ୍ୟ, ସାନ୍ତ୍ୱନା, ଉପଶମ ଓ ସାହସର ମଧୁର ଶବ୍ଦ ଏବଂ ସମବେଦନା ଓ ସହାନୁଭୂତିର ଚିନ୍ତାରେ ସଦା ଅନୂଦିତ ହେଉ ।

ଭକ୍ତି ବା ଜ୍ଞାନ ଆଦି ଅନ୍ୟ ମାର୍ଗଗୁଡ଼ିକର କୌଣସି ଉପଯୋଗିତା ନାହିଁ ବୋଲି ମୁଁ କହୁନାହିଁ । ମନ୍ଦିର ଓ ଦେବାଳୟରେ ଭଗବାନଙ୍କର ଉପାସନା ସମୟକୁ ପବିତ୍ର କରିବାରେ ଏବଂ ଆବେଗ ଓ ବାସନଗୁଡ଼ିକୁ ପର୍ଯ୍ୟୁତ୍ଥିତ କରିବାରେ ସ୍ୱକୀୟ ସ୍ଥାନ ଅଛି । ସତ୍ତାର ଅନୁସନ୍ଧାନ ସଂଶୟର କୁହେଳିକା ଦୂର କରିବା ପାଇଁ ଉପଯୋଗୀ, କିନ୍ତୁ ପ୍ରେମରେ ଓତପ୍ରୋତ ସେବା ଭଗବତ୍ ଅଭିମୁଖୀ ସବୁ ମାର୍ଗର ଲକ୍ଷ୍ୟ ପୂରଣ କରେ ।

ଗୀତା କହେ, "ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।" ସେ ସବୁ ହାତରେ କାମ କରନ୍ତି, ସେ ସବୁ ପାଦରେ ଚାଲନ୍ତି, ସେ ପ୍ରତ୍ୟେକ ଆଖିରେ ଦେଖନ୍ତି, ସେ ପ୍ରତ୍ୟେକ ମୁହଁରେ ଖାଆନ୍ତି ଓ କଥା କହନ୍ତି । ସବୁ କିଛି ସେ, ପ୍ରତ୍ୟେକ ପଦକ୍ଷେପ ତାଙ୍କର, ପ୍ରତ୍ୟେକ ଚାହାଣି, ପ୍ରତ୍ୟେକ ବଚନ, ପ୍ରତ୍ୟେକ କାର୍ଯ୍ୟ ତାଙ୍କର । ସେହି ଶିକ୍ଷା ସେବା ପ୍ରଦାନ କରିଥାଏ ।

ତା'ପରେ ସେବାର ଉପହାର କଥା । ଆଦରର ସହିତ ଦିଅ, ପ୍ରଚୁର ମାତ୍ରାରେ ଦିଅ; ବିନୟର ସହିତ ଦିଅ; ବନ୍ଧୁ ଭାବରେ ଦିଅ, ପୁରସ୍କାରର କୌଣସି ଚିନ୍ତା ନ

ରଖି ଦିଅ । ଆଡ଼ମ୍ବର ଦେଖାଇ ଦିଅ ନାହିଁ । ଚିକିତ୍ସାଳୟରେ ସେବା, ଭଜନ ମଣ୍ଡଳୀରେ ସେବା- ସବୁ ବିନୟ ଓ ଆଦର ସହକାରେ କରାଯିବା ଉଚିତ । ତାହାହେଲେ ହିଁ ତାହା ସ୍ୱଚ୍ଛତା ଧାରଣ କରିବ, ଯାହା କି ସେବାରୁ ମିଳୁଥିବା ମୁଖ୍ୟ ଲାଭ ଅଟେ ।

ଆଧ୍ୟାତ୍ମିକ ଯାତ୍ରାରେ ଗୋଟିଏ ମାତ୍ର ରାଜପଥ ଅଛି- ପ୍ରେମ; ପ୍ରତ୍ୟେକଙ୍କର ଅନ୍ତର୍ଯ୍ୟାମୀ ଏକ ଦିବ୍ୟତ୍ୱର ଅଭିବ୍ୟକ୍ତି ଭାବରେ ସବୁ ଜୀବଙ୍କ ପ୍ରତି ପ୍ରେମ । ପୃଥିବୀରେ ମନୁଷ୍ୟ ଜୀବନର ସାର୍ଥକତା ନିଜକୁ ଭଗବତ୍ ସ୍ୱରୂପ ମନୁଷ୍ୟର ସେବାରେ ରୂପାନ୍ତରିତ କରିବାରେ ନିହିତ । ମଣିଷଠାରେ ଯଦି ପ୍ରେମ ନ ଥାଏ ଏବଂ ସେ ଯଦି ତାହା ଅନ୍ୟମାନଙ୍କୁ ବିତରଣ କରୁ ନ ଥାଏ, ତେବେ ସେ ପୃଥିବୀ ପାଇଁ ଏକ ଭାରସଦୃଶ । ତୁମ ଚିନ୍ତାକୁ ମହତ୍ତର କର ଏବଂ କୌଣସି କଠୋର କାର୍ଯ୍ୟରେ ନିୟୋଜିତ ହୁଅ । ତୁମେ ଯେତେ ଅଧିକ ଅଳସୁଆ ହେବ ସେତେ ଅଧିକ ସମୟ ସେବା, ଆଧ୍ୟାତ୍ମିକ ସାଧନା ଓ ଅନ୍ତଃସତ୍ୟର ଚିନ୍ତାରୁ ବିଚ୍ୟୁତ ହୋଇଯିବାର ସୁଯୋଗ ପାଇବ । ପ୍ରତିଟି ମୁହୂର୍ତ୍ତକୁ ଅଦୃଶ୍ୟ ଓ ଅନିବାର୍ଯ୍ୟ ଭାବରେ ପ୍ରତ୍ୟେକ କାର୍ଯ୍ୟକୁ ନିର୍ଦ୍ଦେଶିତ କରୁଥିବା ପ୍ରଭୁ ଭଗବାନଙ୍କୁ ସମର୍ପିତ କରି କୌଣସି ରଚନାତ୍ମକ, ହିତକର କାର୍ଯ୍ୟରେ ନିୟୋଜିତ କର ।

ସମଗ୍ର ମାନବଜାତିର ଅନ୍ତେବାସୀ ସର୍ବଶକ୍ତିମାନ ପ୍ରଭୁଙ୍କୁ ଭଲପାଅ, ଆଦର କର; ସେବା କର । ସେହି ପ୍ରେମ, ଆଦର ଓ ସେବା ମାଧ୍ୟମରେ ତାଙ୍କୁ ଉପଲବ୍ଧି କର । ତାହା ହିଁ ସର୍ବୋଚ୍ଚ ଆଧ୍ୟାତ୍ମିକ ସାଧନା । ଈଶ୍ୱର ଭାବରେ ମନୁଷ୍ୟର ସେବା କର । କ୍ଷୁଧାର୍ତ୍ତଙ୍କୁ ଅନ୍ନ ଦିଅ; ସେହି ଅନ୍ନ ପ୍ରକୃତି ମାତାଙ୍କର ଉପହାର; ପ୍ରେମ ଓ ବିନମ୍ରତାର ସହିତ ତାହା ଦିଅ । ଏହାକୁ ପ୍ରଭୁ ନାମରେ ମଧୁର କରିଦିଅ ।

ସେବା ହେଉଛି ଆଧ୍ୟାତ୍ମିକ ସାଧନା, ଧନୀ ଓ ସୁପ୍ରତିଷ୍ଠିତ ବ୍ୟକ୍ତିଙ୍କର ବିନୋଦ ନୁହେଁ । ସେମାନେ ଅସହାୟ, ରୋଗୀ, ଦୁଃଖୀ, ରଙ୍କି ଓ ନିରକ୍ଷରଙ୍କର ସେବା କରିବା ଉଚିତ । ସେମାନଙ୍କର ସେବା ଲୋକଦେଖାଣିଆ ହେବା ଉଚିତ ନୁହେଁ । ଏହା କୌଣସି ପୁରସ୍କାର ଆଶା କରିବା ଉଚିତ ନୁହେଁ; ଗ୍ରହୀତାଠାରୁ କୃତଜ୍ଞତା ବା ଧନ୍ୟବାଦ ମଧ୍ୟ ନୁହେଁ ।

ପ୍ରେମ ଭାବ ବଢ଼ାଅ । ପ୍ରେମ ବିତରଣ କର, ପ୍ରେମ ଅମଳ କର ଏହାଠାରୁ ବଳି ବଡ଼ ଧନ କିଛି ନାହିଁ । ତାହା ହିଁ ମହତ୍ତମ ସେବା ।

♦♦♦

ଭେଦଭାବରହିତ ସେବା

ଅନେକ ପଥର ମୂର୍ତ୍ତି ପୂଜା କରିବାରେ ଏବଂ ତଦ୍ଦ୍ୱାରା ଲୋକମାନଙ୍କର ପ୍ରଶଂସା ଲାଭ କରିବାରେ ଦକ୍ଷ ଅଟନ୍ତି; କିନ୍ତୁ ଖୁବ୍ କମ୍ ଲୋକ ନିସ୍ୱାର୍ଥପର ସେବା ପ୍ରଦାନ କରିବାକୁ ଚେଷ୍ଟା କରନ୍ତି, ଯାହା ଭଗବାନ ଶିବଙ୍କର ଅନୁମୋଦନ ଲାଭ କରିବ ।

ସତ୍‌କର୍ମ ବଳରେ ଚିତ୍ତଶୁଦ୍ଧି ଲାଭ ହୁଏ ଯାହା ଜ୍ଞାନଲାଭ ଆଡ଼କୁ ଘେନିଯାଏ । ସତ୍‌କର୍ମ ଜ୍ଞାନ ସହିତ ମିଳିତ ହେବା ହିଁ ପ୍ରକୃତ ସେବା । ଜଣେ ନିଜ କର୍ମର ଏକମାତ୍ର ଭୋକ୍ତା ହେବା ଉଚିତ ବୋଲି ଭାବିବା ସ୍ୱାର୍ଥପରତାର ସଂକେତ । ନିଜେ ହିଁ ନିଜ କର୍ମର କର୍ତ୍ତା ବୋଲି ଭାବିବା ସରଳତା । ପୃଥିବୀର ସବୁ କଥା କୌଣସି ଜଣେ ବ୍ୟକ୍ତିର ଏକମାତ୍ର ଉପଭୋଗ ପାଇଁ ଉଦ୍ଦିଷ୍ଟ ନୁହେଁ । ସେଗୁଡ଼ିକ ସମସ୍ତଙ୍କୁ ବିତରିତ ହେବା ଉଚିତ ।

ନିଜ କର୍ମର ଫଳ ପ୍ରତି ଆସକ୍ତି ଦୂର ହେଲେ ହିଁ ତାହା କର୍ମଯୋଗରେ ପରିଣତ ହୁଏ । ସେବାଦଳର ସଦସ୍ୟମାନେ ନିଜ-ପର ଭାବନାକୁ ଅତିକ୍ରମ କରିବା ଉଚିତ । ସେମାନେ ସେବାକାର୍ଯ୍ୟରେ ପ୍ରବୃତ୍ତ ହେବା ବେଳେ ଏହାକୁ ପରୋପକାର ପାଇଁ ଏକ ସୁଯୋଗ ମନେ କରିବା ଉଚିତ ଏବଂ ଏହାକୁ ଭଗବତ୍ ଉପାସନାର ଏକ ରୂପ ଭାବରେ ଦେଖିବା ଉଚିତ । ସେମାନେ ସମାଜସେବାକୁ ଜୀବନରେ ଆତ୍ମ-ପୂର୍ତ୍ତିର ଏକ ସାଧନ ରୂପ ଦେଖିବା ଉଚିତ । ଯାହା ସମସ୍ୟା ଦେଖାଦେଲେ ବି ସେମାନେ ବିଶ୍ୱାସ ଓ ସାହସର ସହିତ ସେଗୁଡ଼ିକର ସମ୍ମୁଖୀନ ହେବା ଉଚିତ ଏବଂ ହୋ-ହଲ୍ଲା ନ କରି ବିନୟ ଓ ଉତ୍ସର୍ଗ ଭାବର ସହିତ ସେମାନଙ୍କର ସେବାକାର୍ଯ୍ୟ କରାଯିବା ଉଚିତ ।

ସାଇ ସଙ୍ଗଠନରେ ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ ବା ସମ୍ପ୍ରଦାୟଗତ ପାର୍ଥକ୍ୟ ପାଇଁ ସ୍ଥାନ ନାହିଁ । ସମସ୍ତେ ନିଜକୁ ଏକ ଭଗବାନଙ୍କର ସନ୍ତାନ ମନେ କରିବା ଉଚିତ । ସେମାନେ ଦିବ୍ୟ ସମ୍ପର୍କ ଭାବରେ ଏକାଠି ହେଲେ ସମସ୍ତଙ୍କ ପ୍ରତି ପ୍ରେମର ସହିତ କାର୍ଯ୍ୟ କରିବେ । ସେମାନେ ସମସ୍ତ ସଂକୀର୍ଣ୍ଣ ଓ ସୀମିତ ଭାବନା ଦୂର କରି ସମସ୍ତଙ୍କ ପ୍ରତି ପ୍ରେମପୂର୍ଣ୍ଣ ହୃଦୟରେ ସେବାକାର୍ଯ୍ୟରେ ପ୍ରବୃତ୍ତ ହେବା ଉଚିତ । ପ୍ରକୃତ ସେବା ଶୁଦ୍ଧ ଓ ପ୍ରେମପୂର୍ଣ୍ଣ ହୃଦୟରୁ ହିଁ ଆସି ପାରିବ ।

ପୃଥିବୀରେ ବହୁସଂଖ୍ୟକ ସେବା ସଂସ୍ଥା ଅଛି । ସତ୍ୟସାଇ ସଙ୍ଗଠନର ଅନନ୍ୟତା ଏହି କଥାରେ ନିହିତ ଯେ ଏହା ସେବାକୁ ପ୍ରତ୍ୟେକ ଜୀବ ଭିତରେ ଥିବା ଦିବ୍ୟତ୍ୱର ସେବା ଭାବରେ ଦେଖେ । ଏପରି ସେବାରୁ ମିଳୁଥିବା ଆନନ୍ଦ ଅତୁଳନୀୟ । ଏହା ଏକ ଆଧ୍ୟାତ୍ମିକ ଅନୁଭୂତି । ତୁମେ ଏଯାଏ ଯାହା ଲାଭ କରିଛ ସେଥିରେ ତୃପ୍ତ ହେବା ଉଚିତ ନୁହେଁ । ତୁମେ ଏହି ମହାନ ଦେଶକୁ ଏହାର ମୁନି-ଋଷିମାନଙ୍କର ମହାନ୍ ଆଦର୍ଶର ଦୃଷ୍ଟାନ୍ତ ରୂପେ ପୃଥିବୀ ଆଗରେ ଠିଆ କରିବାକୁ ବହୁତ ଅଧିକ ସେବା କରିବା ଉଚିତ । ଭାରତକୁ ତ୍ୟାଗଭୂମି କରିବା ଉଚିତ, ଭୋଗଭୂମି ନୁହେଁ । ତ୍ୟାଗ ହେଉଛି ଯୋଗ । ଭୋଗ ହେଉଛି ରୋଗ । ଆଜି ତ୍ୟାଗର ଆଦର୍ଶ ଅନୁସାରେ ଜୀବନଯାପନ କରିବା ତୁମର କର୍ତ୍ତବ୍ୟ ।

ଆଜିର ପୃଥିବୀରେ କୌଣସି ସ୍ଥାନରେ ଏକତା ବା ପ୍ରେମ ଦେଖାଯାଉନାହିଁ । ଜୀବନ ସମ୍ପୂର୍ଣ୍ଣ ଭାବରେ ଏକ ଯାନ୍ତ୍ରିକ କାରବାର ପରି ମନେ ହେଉଛି । ମନୁଷ୍ୟ କହିଲେ କେବଳ ମଣିଷର ବାହ୍ୟ ରୂପକୁ ବୁଝାଏ ନାହିଁ । ସେ ଦେହ ଭିତରେ ଅନ୍ତର୍ନିହିତ ଆତ୍ମା ବୋଲି ଆମର ଦୃଢ଼ ଆସ୍ଥା ରହିବା ଉଚିତ । ଏହା ବିଶ୍ୱାସର କଥା ହୋଇପାରେ । କିନ୍ତୁ ଏହି ବିଶ୍ୱାସ ବିନା ଜୀବନର କିଛି ଅର୍ଥ ନାହିଁ । ଆଜି ଆମେ ଏପରି କଥାକୁ ବିଶ୍ୱାସ କରୁଛୁ ଯାହା ବିଶ୍ୱାସ କରିବା ଉଚିତ ନୁହେଁ ଏବଂ ଯାହା ବିଶ୍ୱାସ କରିବା ଉଚିତ ତାହା ଆମେ ବିଶ୍ୱାସ କରୁନାହୁଁ । ଆମର ନିଜ ଉପରେ ବିଶ୍ୱାସ ରହିବା ଉଚିତ । ଆମେ ଆମର ପ୍ରକୃତ ସ୍ୱଭାବ ବୁଝିବା ଉଚିତ ଏବଂ ଆମର ଦୁର୍ବଳତାକୁ ସୁଧାରିବା ଦରକାର । ନିଜ ଆତ୍ମାର ଆବିଷ୍କାର କରି ଆମେ ଏହାର ଆବଶ୍ୟକତା ଅନୁସାରେ ଜୀବନଯାପନ କରିବା ଉଚିତ ।

♦♦♦

ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ, ୧୮.୧୧.୮୪

ସେବା: ମହାନ୍ ଆଧ୍ୟାତ୍ମିକ ସାଧନା

ସେବାଠାରୁ ବଳି ବଡ ଆଧ୍ୟାତ୍ମିକ ସାଧନା ଆଉ କିଛି ନାହିଁ । ଭୟ ଓ ଉଦ୍‌ବେଗ ଦ୍ୱାରା ଆବିଷ୍ଟ ମନୁଷ୍ୟ ପାଇଁ ନିର୍ଭୀକ ହେବାର ଏକମାତ୍ର ଉପାୟ ହେଉଛି ସାଂସାରିକ ବିଷୟ ପ୍ରତି ବୈରାଗ୍ୟର ଅନୁଶୀଳନ । ବୈରାଗ୍ୟର ବିକାଶ ପାଇଁ ମନୁଷ୍ୟକୁ ପୃଥିବୀରେ ବିବିଧତାରେ ଅନ୍ତର୍ନିହିତ ଏକତାର ଦର୍ଶନ କରିବାକୁ ହେବ । ଏହି ଏକତାର ଉପଲବ୍ଧ ପାଇଁ ମନୁଷ୍ୟକୁ ଅହଂକାର, ନିଜ-ପର ଭାବନା ଦୂର କରିବାକୁ ହେବ । ହୃଦୟ ନିର୍ମଳ ହେଲେ ଏହା ସମ୍ଭବ ହେବ । ହୃଦୟକୁ ନିର୍ମଳ କରିବା ପାଇଁ ସେବା ହେଉଛି ପ୍ରାଥମିକ ଉପାୟ । ସବୁ ବିଦ୍ୟାର ସାର ହେଉଛି ବୈରାଗ୍ୟ । ସବୁ ଶିକ୍ଷାର ମୂଳଭିତ୍ତି ହେଉଛି ନିର୍ଭୀକତା । ସବୁ ଶିକ୍ଷାର ଲକ୍ଷ୍ୟ ହେଉଛି ପୂର୍ଣ୍ଣତା । ବୈରାଗ୍ୟ ମାଧ୍ୟମରେ ପୂର୍ଣ୍ଣତାର ଉପଲବ୍ଧି ହୁଏ । ଏହାର ଅର୍ଥ ସାଂସାରିକ ଜୀବନ ତ୍ୟାଗ କରିବା ନୁହେଁ, ମାତ୍ର ସମସ୍ତ ଦୁର୍ଗୁଣ ଓ ଦୁଷ୍ପ୍ରବୃତ୍ତି ତ୍ୟାଗ କରିବା । ଏପରି ବୈରାଗ୍ୟ ହିଁ ପ୍ରକୃତ ଯୋଗ ।

ସେବା ମାଧ୍ୟମରେ ମନୁଷ୍ୟ ଜୀବନରେ ପୂର୍ଣ୍ଣତା ଲାଭ କରିବା ଉଚିତ । ପୂର୍ବଜମାନେ ସୁଶିକ୍ଷିତ ଓ ସେବାରେ ନିୟୋଜିତ ବ୍ୟକ୍ତିକୁ 'ସାକ୍ଷାର' ବୋଲି ବର୍ଣ୍ଣନା କରୁଥିଲେ । ଯାହାର ନିଜର ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ ଅଛି ତାକୁ 'ଦମ' ବୋଲି ବର୍ଣ୍ଣନା କରାଯାଇଛି । ଆଜି ନିଜର ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ ହରାଇଥିବା ଲୋକମାନେ 'ମଦ'ରେ ପରିପୂର୍ଣ୍ଣ ଅଛନ୍ତି । ଯେଉଁମାନେ ସେମାନଙ୍କର 'ଦମ' ହରାଇଛନ୍ତି ସେମାନେ 'ସାକ୍ଷର'ର ବିପରୀତ 'ରାକ୍ଷସ'ରେ ପରିଣତ ହୋଇଛନ୍ତି । ଆଜି ପ୍ରଧାନ କାମ ହେଲା ଶୁଦ୍ଧ ଓ ପବିତ୍ର ଜୀବନ ଯାପନ କରି ମଦ ଓ ରାକ୍ଷସ ପ୍ରବୃତ୍ତିରୁ ମୁକ୍ତ ହେବା । ଏହା ଗୋଟିଏ କାମ ନୁହେଁ, ମାତ୍ର ଏକ ପ୍ରକ୍ରିୟା । ତୁମେ ଆଜି କରୁଥିବା ସତ୍‌କର୍ମ ପୁନରାବୃତ୍ତି ଯୋଗୁଁ ଏକ ବିଧାନରେ ପରିଣତ ହୁଏ । ଆଜିର ବିଧାନ ଆସନ୍ତାକାଲିର ଅଭ୍ୟାସ ହୁଏ । ଆଉ ଅଭ୍ୟାସ କାଳକ୍ରମେ ଆଧ୍ୟାତ୍ମିକ ସାଧନା ହୁଏ । ଆଧ୍ୟାତ୍ମିକ ସାଧନା ତୁମକୁ ତୁମ ଜୀବନର ଲକ୍ଷ୍ୟ ଆଡ଼କୁ ଘେନିଯାଏ । ତେଣୁ ଲକ୍ଷ୍ୟର ଉପଲବ୍ଧି ତୁମର କର୍ମ ଉପରେ ନିର୍ଭର କରେ ।

ଜୀବନ ଏକ ପବିତ୍ର ଓ ମୂଲ୍ୟବାନ୍ ଉପହାର । ସମସ୍ତ କର୍ମ ଏହି ତଥ୍ୟକୁ ଆଧାର କରି କରାଯିବା ଉଚିତ । ଜୀବନର ବିଭୀଷିକା ଦ୍ୱାରା ଡରିଯିବା ଉଚିତ ନୁହେଁ ।

ସାଇସେବକମାନେ ସାହସ ଓ ବିଶ୍ୱାସର ସହିତ ସବୁ ଅସୁବିଧାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେବା ଉଚିତ । ଭଗବାନ ସବୁବେଳେ ଦିଅନ୍ତି ଓ କେବେ ନିଅନ୍ତି ନାହିଁ ବୋଲି ସେମାନେ ଉପଲବ୍ଧି କରିବା ଉଚିତ । ସେହିପରି ସେମାନେ ଦେବା ଓ କିଛି ନ ନେବା ପାଇଁ ସେମାନଙ୍କର ପ୍ରସ୍ତୁତି ଦ୍ୱାରା ସେମାନଙ୍କ ଭିତରେ ଦିବ୍ୟତ୍ୱର ଅଭିବ୍ୟକ୍ତି କରିବା ଉଚିତ । ସେବା କରିବା ବେଳେ ସେମାନେ ପ୍ରତିଦାନରେ କିଛି ସେବା ପାଇବା କଥା ଚିନ୍ତା କରିବା ଉଚିତ । ସର୍ବୋପରି, ସେମାନେ ତ୍ୟାଗଭାବର ଅନୁଶୀଳନ କରିବା ଉଚିତ । ଅର୍ବାଚୀନ ମନୁଷ୍ୟ ଗ୍ରହଣଶୀଳ ଏବଂ ତାର ହୃଦୟ ତ୍ୟାଗ ଓ ପ୍ରେମରେ ପୂର୍ଣ୍ଣ । ତା ହେଲେ ସେବା ଯୋଗରେ ପରିଣତ ହୁଏ ।

ତୁମର ସେବା ମାଧ୍ୟମରେ ଗ୍ରାମବାସୀମାନଙ୍କର ପ୍ରେମ ଅର୍ଜନ କର । ସାଇ ସେବାଦଳ ସଦସ୍ୟମାନେ ସତ୍ୟସାଇଙ୍କ ଆଦର୍ଶ ଅନୁସାରେ ଜୀବନଯାପନ କରିବା ଉଚିତ । ତୁମର ହୃଦୟକୁ ଦୟାରେ ଭରି ଦିଅ । ମିଳାମିଶା ଭାବ ବଢ଼ାଅ ଓ ଏକତା ବୃଦ୍ଧି କର । ଏକ ଯୁକ୍ତ ଏକ ମିଶି ଏକତା ଓ ଶକ୍ତି । ବିଯୁକ୍ତ ଅନ୍ୟମନସ୍କତା ଆଡ଼କୁ ଘେନିଯାଏ ।

ସେବା ଅଧାପନ୍ତରା ବା ଆକସ୍ମିକ ହେବା ଉଚିତ ନୁହେଁ । ଏହା ନିରବଚ୍ଛିନ୍ନ ଭାବରେ କରାଯିବା ଉଚିତ । ସାଇ ସଂଗଠନରେ ଉତ୍ତମ ସେବକମାନେ ଅଛନ୍ତି । କିନ୍ତୁ ସବୁ ନେତା ଯଥେଷ୍ଟ ସକ୍ରିୟ ନୁହନ୍ତି । କେତେକ ଆଗରେ ନେତୃତ୍ୱ ନେବା ଅପେକ୍ଷା ପଛରୁ ଠେଲିବାକୁ ପସନ୍ଦ କରନ୍ତି । ଏ ପ୍ରକାର ଦୋଷ ସଂଶୋଧିତ ହେବା ଉଚିତ । ସମସ୍ତ ସାଇ କାର୍ଯ୍ୟକଳାପରୁ ରାଜନୀତିକୁ ପୂରାପୂରି ଦୂର କରିବାକୁ ହେବ । "ସମସ୍ତଙ୍କୁ ଭଲ ପାଅ, ସମସ୍ତଙ୍କର ସେବା କର"- ସେମାନଙ୍କର ନୀତିବାକ୍ୟ ହେବା ଉଚିତ । ସେମାନଙ୍କର ରାଜନୈତିକ ବା ଅନ୍ୟ ପୂର୍ବାଗ୍ରହ ରହିବା ଉଚିତ ନୁହେଁ । ଗୋଟିଏ ନୂଆ ଧର୍ମ ବା ଏକ ନୂଆ ଅନୁଷ୍ଠାନ ପ୍ରତିଷ୍ଠା କରିବାର ଆବଶ୍ୟକତା ନାହିଁ । ପୃଥିବୀ ପାଇଁ କେବଳ ଉତ୍ତମ ଗୁଣସମ୍ପନ୍ନ ନରନାରୀ ଦରକାର ।

♦♦♦

-ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ, ୨୦.୧୧.୮୪

ସେବାର ମହିମା

ଯେଉଁ ଅବାଞ୍ଛନୀୟ ଗୁଣଗୁଡ଼ିକୁ ପ୍ରକୃତ ସେବକ ତ୍ୟାଗ କରିବା ଉଚିତ । ସେଗୁଡ଼ିକ ହେଲା ଆସକ୍ତି, ଅଧିକାର ଭାବନା ଓ ପ୍ରଭୁତ୍ୱ । ଏଗୁଡ଼ିକର ଅନୁପସ୍ଥିତି ହିଁ ସେବକର ପରିଚୟ, ସେବାରୁ ମିଳୁଥିବା ଲାଭ ଅପରିମିତ । ସର୍ବପ୍ରଥମେ ଏହା ଚିତ୍ତଶୁଦ୍ଧି ଆଣେ । ଏହା ମନକୁ ଦୃଢ଼ କରେ । ଏହା ସ୍ୱାର୍ଥଭାବନାକୁ ହତ୍ୟା କରେ । ଏହା ଦୃଷ୍ଟିକୋଣକୁ ମହତ୍ କରେ; ସଙ୍ଘ ଓ ଏକତାଭାବ ମାନବିକତାର ସାର ବୋଲି ଏହା ପ୍ରଦର୍ଶନ କରେ । ଏପରି ଦିବ୍ୟାନୁଭୂତି ଉପଭୋଗ କରିବାବେଳେ ହିଁ ମାନବୀୟ ଅଭିଯାନର ଶକ୍ତି ଜାଣିହୁଏ । ଏପରି ଭାବରେ ହିଁ ମାନବସେବା ମାଧବ ସେବାରେ ପରିଣତ ହୁଏ ।

୧୮-୧୧-୮୪

ସେବା: ସର୍ବୋଚ୍ଚ ଆଧ୍ୟାତ୍ମିକ ସାଧନା

ଏଣିକି ସାଇ ଆନ୍ଦୋଳନରେ ସେବା ଉପରେ ଗୁରୁତ୍ୱ ଦିଆଯିବ- ଏକ ସମାଜ କଲ୍ୟାଣ ସିଦ୍ଧାନ୍ତ ଭାବରେ, ସମାଜର ଅଭାଗା ଲୋକମାନଙ୍କର ସେବା କରିବା ଅର୍ଥରେ ସେବା ନୁହେଁ, ମାତ୍ର ଆବଶ୍ୟକ କରୁଥିବା ଯେ କୌଣସି ଲୋକ ପ୍ରତି ସ୍ୱତଃସ୍ଫୂର୍ତ୍ତ ଓ ନିଃସ୍ୱାର୍ଥପର ଭାବରେ ଦିବ୍ୟତ୍ୱର ଉପାସନା ଭାବରେ ଏବଂ ଭଗବାନଙ୍କୁ ନୈବେଦ୍ୟ ଭାବରେ କରାଯାଉଥିବା ପ୍ରେମପୂର୍ଣ୍ଣ ସେବା ।

ଆବଟସବରୀ, ୨୦-୧-୮୫

ସେବା: ସୂକ୍ତିମାଳା

↑ ସେବା ହେଉଛି ସର୍ବୋଚ୍ଚ ଆଧ୍ୟାତ୍ମିକ ସାଧନା, କାରଣ ମାନବଜାତିର ସେବା କରିବାକୁ ଏବଂ ତାକୁ ଉପେକ୍ଷିତ ଆଦର୍ଶ ଆଡ଼କୁ ଘେନିଯିବାକୁ ଭଗବାନ ନିଜେ ମନୁଷ୍ୟରୂପ ଧାରଣ କରି ଅବତରଣ କରନ୍ତି । ଅତଏବ, କଳ୍ପନା କର, ମନୁଷ୍ୟ ମନୁଷ୍ୟର ସେବା କରିବା ବେଳେ ଭଗବାନ କେତେ ଆନନ୍ଦିତ ନ ହେବେ ।

↑ ସେବା ଭଗବାନଙ୍କୁ ସମସ୍ତଙ୍କର ଅନ୍ତର୍ଯ୍ୟାମୀ ରୂପରେ ଦେଖିବା ପାଇଁ ଏକ ମହାନ୍ ସୁଯୋଗ ।

↑ ସେବା ଗୋଟିଏ ଛୋଟ ଶବ୍ଦ, କିନ୍ତୁ ଏହା ଅସୀମ ଆଧ୍ୟାତ୍ମିକ ତାତ୍ପର୍ଯ୍ୟରେ ପରିପୂର୍ଣ୍ଣ ।

↑ ସେବାକୁ ଆଧ୍ୟାତ୍ମିକ ସାଧନାର ଶ୍ରେଷ୍ଠ ରୂପ ଭାବରେ ଦେଖିବା ଉଚିତ ।

↑ ସେବା ସୃଷ୍ଟିର ବ୍ୟାପକ ଏକତ୍ୱ ପ୍ରତି ମଣିଷର ଆଖି ଖୋଲିଦିଏ ।

↑ ସେବା ଶରୀରର ପ୍ରତ୍ୟେକ ନାଡ଼ୀରେ ପ୍ରବାହିତ ହେବା ଉଚିତ, ପ୍ରତ୍ୟେକ ହାଡ଼ରେ ଅନୁପ୍ରବେଶ କରିବା ଉଚିତ ଏବଂ ପ୍ରତ୍ୟେକ କୋଷକୁ ସକ୍ରିୟ କରିବା ଉଚିତ ।

↑ ସେବା ତପସ୍ୟାର ସର୍ବାଧିକ କଲ୍ୟାଣକାରୀ, ସର୍ବାଧିକ ସନ୍ତୋଷଜନକ ଓ ସର୍ବାଧିକ ଆନନ୍ଦପ୍ରଦ ରୂପ ।

↑ ସେବା ଜପ, ଧ୍ୟାନ ଓ ଯଜ୍ଞ ଅପେକ୍ଷା ଅଧିକ ଫଳପ୍ରଦ ।

↑ ସେବା ଏହାର ସବୁ ରୂପରେ ସାରା ପୃଥିବୀରେ ମୁଖ୍ୟତଃ ଆଧ୍ୟାତ୍ମିକ ସାଧନା ଅଟେ ।

↑ ସେବା ଓ ପ୍ରେମ ହିଁ ମଣିଷକୁ ଭଗବାନରେ ରୂପାନ୍ତରିତ ହେବାରେ ସାହାଯ୍ୟ କରି ପାରେ ।

↑ ସେବା ଖାଦ୍ୟର ଅଭାବ ଯୋଗୁ ଅହଂକାରକୁ କ୍ଷୀଣ କରି ପକାଏ । ଏହା ତୁମକୁ ଅନ୍ୟମାନଙ୍କର କଷ୍ଟ ଆଗରେ ବିନୟୀ କରିଦିଏ । ଆଉ ତୁମେ ସାହାଯ୍ୟ କରିବାକୁ ଧାଇଁଯିବା ବେଳେ ତା'ର ସାମାଜିକ ବା ଅର୍ଥନୈତିକ ମାନ କେତେ ଉଚ୍ଚ ବା ନୀଚ ତାହା ହିସାବ କର ନାହିଁ ।

↑ ସେବା ମନକୁ ଆହ୍ଲାଦିତ କରୁଥିବା ପ୍ରେମ ପୁଷ୍ପର ଉନ୍ମୀଳନ ଅଟେ । ଅନପକାରିତା ହେଉଛି ସେହି ପୁଷ୍ପର ସୁରଭି ।

↑ ତୁମର ହୃଦୟପୁଷ୍ପ ତୁମେ କରୁଥିବା ସେବା ମାଧ୍ୟମରେ ସୁଗନ୍ଧ ଲାଭ କରେ, ତେଣୁ ଏହା ମୋ ପାଇଁ ଅଧିକ ଗ୍ରାହ୍ୟ ହୁଏ । ପ୍ରେମ ସେହି ସୁଗନ୍ଧର ସାର ଅଟେ ।

↑ ସେବା ହେଉଛି ଉପାସନା । ପ୍ରତ୍ୟେକ ସେବାକାର୍ଯ୍ୟ ପ୍ରଭୁଙ୍କ ପାଦରେ ନିବେଦିତ ପୁଷ୍ପ ଅଟେ ।

↑ ସେବା ମୂଳତଃ ପ୍ରଭୁକୃପା ଲାଭ କରିବା ପାଇଁ ଆକୁଳତାରୁ ସୃଷ୍ଟ କାର୍ଯ୍ୟ ଅଟେ ।

↑ ଅନ୍ୟଜଣକଠାରେ ତୁମେ ଦେଖୁଥିବା ଭଗବାନଙ୍କ ପ୍ରତି ନିବେଦିତ ଗୋଟିଏ ସେବାକାର୍ଯ୍ୟ, ଭଗବାନଙ୍କ ପାଇଁ ବର୍ଷ ବର୍ଷର ଆକୁଳତା ସହିତ ସମାନ ।

↑ ନିଜର ପ୍ରତିବେଶୀମାନଙ୍କର କୌଣସି ସେବା କରିବାର ସୁଯୋଗ ଭଗବାନଙ୍କଠାରୁ ଉପହାର ରୂପରେ ତୁମ ପାଖକୁ ଆସିଥାଏ ।

↑ ଆଧ୍ୟାତ୍ମିକ ସାଧନା ରୂପରେ ଗ୍ରହଣ କରାଯାଇଥିବା ସେବା ସହିଷ୍ଣୁତା ଶିକ୍ଷା ଦିଏ ।

↑ ଅହଂକାର ଦୂର କରିବା ପାଇଁ ସେବା ସବୁଠାରୁ ଉପଯୁକ୍ତ ସାଧନା ଅଟେ ।

↑ ସେବା ଅହଂକାର ଦୂର କରେ; ଏହା ଆନନ୍ଦ ପ୍ରଦାନ କରେ ।

↑ ଅହଂକାର ଦମନ କରିବାକୁ ଓ ହୃଦୟକୁ ପ୍ରକୃତ ଆନନ୍ଦରେ ଭରି ଦେବାକୁ ସେବାର ସମକକ୍ଷ ସାଧନା କିଛି ନାହିଁ ।

↑ ମଣିଷଠାରେ ଅହଂକାର ଦୂର କରିବାର ସଦ୍‌ଗୁଣ ସେବାର ଅଛି । ଏହା ପ୍ରେମ ଓ ସ୍ନେହ ବିକଶିତ କରେ । ଏହା ତାକୁ ସାଂସାରିକ ଆସକ୍ତିରୁ ଦୂରେଇ ନିଏ ଏବଂ ଦିବ୍ୟାଭିମୁଖୀ ମାର୍ଗରେ ଚାଳିତ କରେ ।

↑ ସେବା ମାଧ୍ୟମରେ ପ୍ରେମର ଅନୁଶୀଳନ କର । ଏହି ସାଧନା ଦ୍ୱାରା ତୁମେ ଏକତ୍ୱ ଉପଲବ୍ଧି କରିବ ଏବଂ ହାନିକାରକ ଅହଂକାରରୁ ମୁକ୍ତ ହେବ ।

↑ ସେବା ସେବକ ଉପରେ ସମଗ୍ର ମାନବଜାତିର ଏକତାର ଛାପ ମଧ୍ୟ ପକାଏ ।

↑ ସେବା ମାଧ୍ୟମରେ ତୁମେ ଅହଂକାରକୁ ଜୟ କର ଏବଂ ସୃଷ୍ଟିରେ ଅନ୍ତର୍ନିହିତ ଏକତ୍ୱ ବିଷୟରେ ନିଜକୁ ସୁନିଶ୍ଚିତ କର ।

↑ ସେବା ଭାବ ତୁମ ଭିତରୁ ମୁକ୍ତ ଭାବରେ ଓ ସ୍ୱେଚ୍ଛାରେ ଆସିବା ଉଚିତ ।

↑ ସେବା କରିବାର ପ୍ରୟାସ ଅନ୍ୟମାନଙ୍କର ଦୁର୍ଦ୍ଦଶାର ବେଦନାରୁ ଜାତ ହେବା ଉଚିତ ।

↑ ଅନ୍ୟଜଣକର ଦୁର୍ଦ୍ଦଶା ଦେଖି ଯେଉଁ ବେଦନା ହୁଏ ତାହା ଦୂର କରିବା ପାଇଁ ଆବଶ୍ୟକ ଔଷଧ ହେଉଛି ଅନ୍ୟମାନଙ୍କର ସେବା ।

↑ ଅନ୍ୟମାନଙ୍କୁ ସମଗୋତ୍ରୀୟ ଆତ୍ମା ଭାବରେ ଦେଖି ସେମାନଙ୍କର ସେବା କର ।

↑ ଗରିବମାନଙ୍କର ସେବା କରିବା ହିଁ ଆଧ୍ୟାତ୍ମିକ ସାଧନାର ସର୍ବୋତ୍ତମ ରୂପ ।

↑ ନାରାୟଣ ରୂପରେ ନରର ସେବା କର । କ୍ଷୁଧାର୍ତ୍ତଙ୍କୁ ଅନ୍ନ ଦିଅ; ଅନ୍ନ ହେଉଛି ପ୍ରକୃତି ମାତାର ଉପହାର; ପ୍ରେମ ଓ ବିନୟର ସହ ତାହା ଦିଅ । ପ୍ରଭୁଙ୍କ ନାମରେ ମଧୁର କରି ତାହା ଦିଅ ।

↑ ସମସ୍ତଙ୍କର ଅନ୍ତେବାସୀ ଭଗବାନଙ୍କୁ ନୈବେଦ୍ୟ ରୂପରେ ଉତ୍ସର୍ଗିତ କାର୍ଯ୍ୟ ସର୍ବୋଚ୍ଚ ସେବା ପରି ପବିତ୍ର ଅଟେ ।

↑ ଯାହାର ସେବା କଲେ ବି ମୋର ସେବା କରିବା ପରି, କାରଣ ମୁଁ ସମସ୍ତଙ୍କ ଭିତରେ ଅଛି ।

↑ ମାନବସେବା ହିଁ ଏକମାତ୍ର ଉପାୟ ଯଦ୍ଦ୍ୱାରା ତୁମେ ମାଧବସେବା କରିପାରିବ ।

↑ ତୁମେ ମାନବସେବା କରିବା ବେଳେ ମାଧବସେବା କରିଥାଅ । ପ୍ରକୃତ ସେବା ନିର୍ମଳ ଓ ପ୍ରେମପୂର୍ଣ୍ଣ ହୃଦୟରୁ ହିଁ ଆସିଥାଏ ।

↑ ସେବା ମାଧ୍ୟମରେ ହିଁ ମନୁଷ୍ୟ ଜୀବନରେ ପରିପୂର୍ଣ୍ଣତା ଲାଭ କରିପାରେ ।

↑ ସେବା ଆଧ୍ୟାତ୍ମିକ ମାର୍ଗର ପ୍ରଥମ ସୋପାନ ।

↑ ନିଜକୁ ସ୍ମରଣ କରାଇ ଦିଅ ଯେ ତୁମେ ହେଉଛ ଜଣେ ସାଧକ ଏବଂ ସେବା ହେଉଛି ଆଧ୍ୟାତ୍ମିକ ମାର୍ଗ ଯାହାକୁ ତୁମେ ସହଜତମ ଓ ସର୍ବୋତ୍ତମ ଭାବି ଗ୍ରହଣ କରିଛ ।

↑ ସେବା ଏକ ଜୀବନବ୍ୟାପୀ କାର୍ଯ୍ୟକ୍ରମ; ଏହା ବିଶ୍ରାମ ବା ବିରାମ ଜାଣେ ନାହିଁ ।

↑ ଯେ ସେବା ପାଇଁ ନିଜର ସମୟ, ଦକ୍ଷତା ଓ ଶକ୍ତି ଉତ୍ସର୍ଗ କରେ ସେ କଦାପି ପରାଜୟ, ଦୁଃଖ ବା ହତାଶାର ସମ୍ମୁଖୀନ ହେବ ନାହିଁ, କାରଣ ସେବା ହେଉଛି ସେବାର ପୁରସ୍କାର । ତା'ର ବଚନ ସର୍ବଦା ମଧୁର ଓ କୋମଳ ହେବ, ତା'ର ଅଙ୍ଗଭଙ୍ଗୀ ସର୍ବଦା ସମ୍ମାନଜନକ ଓ ବିନୟପୂର୍ଣ୍ଣ ହେବ । ତା'ର କୌଣସି ଶତ୍ରୁ, କ୍ଲାନ୍ତି, ଭୟ ରହିବ ନାହିଁ ।

↑ ସେବା ଗୋଟିଏ ଏକମୁହାଁ ରାସ୍ତା ନୁହେଁ । ସେବା ଦିଅ ଓ ପ୍ରେମ ପାଅ ।

↑ ସେବା ପ୍ରେମରୁ ଜାତ ହୁଏ ଏବଂ ଏହା ପ୍ରଚୁର ମାତ୍ରାରେ ପ୍ରେମ ବିଚ୍ଛୁରଣ କରେ ।

↑ ସେବାରେ ତୁମେ ବିକିରଣ କରୁଥିବା ଆନ୍ତରିକ ଆନନ୍ଦ ଓ ପ୍ରେମ ହିଁ ଗୁରୁତ୍ୱପୂର୍ଣ୍ଣ ।

↑ ସେବା ଅଧାପନ୍ତରା ବା ଆକସ୍ମିକ ହେବା ଉଚିତ ନୁହେଁ । ଏହା ନିରବଚ୍ଛିନ୍ନ ଭାବରେ କରାଯିବା ଉଚିତ । "ସମସ୍ତଙ୍କୁ ଭଲ ପାଅ, ସମସ୍ତଙ୍କର ସେବା କର" - ନୀତିବାକ୍ୟ ହେବା ଉଚିତ ।

↑ ତୁମେ ସମସ୍ତଙ୍କୁ ଭଲ ପାଇବାବେଳେ ଓ ସମସ୍ତଙ୍କର ସେବା କରିବା ବେଳେ ତୁମେ ନିଜର ହିଁ ସର୍ବାଧିକ ସେବା କରିଥାଅ, ନିଜକୁ ହିଁ ସର୍ବାଧିକ ଭଲ ପାଇଥାଅ ।

↑ କୃତଜ୍ଞତାର ସହିତ ସେବା କର, କାରଣ ଭଗବାନ ତାହା ତୁମଠାରୁ ଗ୍ରହଣ କରନ୍ତି ।

↑ ସେବାକୁ ପ୍ରତ୍ୟେକ ଜୀବ ଭିତରେ ଥିବା ଭଗବାନଙ୍କର ସେବାର ଏକ ରୂପ ଭାବରେ ଦେଖ ।

↑ ସବୁ ଜୀବ ଦିବ୍ୟତ୍ୱ-ସାଗରର ତରଙ୍ଗ ବୋଲି ତୁମେ ସେବା ମାଧ୍ୟମରେ ଉପଲବ୍ଧି କର । ଅନ୍ୟ କୌଣସି ଆଧ୍ୟାତ୍ମିକ ସାଧନା ତୁମକୁ ସବୁ ଜୀବଙ୍କର ଏକତ୍ୱର ନିରବଚ୍ଛିନ୍ନ ସ୍ମରଣ କରାଇବ ନାହିଁ ।

↑ ଭଗବାନଙ୍କଠାରେ ସମସ୍ତଙ୍କର ଏକତ୍ୱ ଏବଂ ଭଗବାନଙ୍କ ସହିତ ନିଜର ଏକତ୍ୱର ଉପଲବ୍ଧି ପାଇଁ ଏକ ଆଧ୍ୟାତ୍ମିକ ସାଧନା ଭାବରେ ସେବାର ମୂଲ୍ୟ ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦେଇ ଆସିଛି ।

- ସମଗ୍ର ମାନବଜାତିର ଏକତ୍ୱ ଉପଲବ୍ଧିର ପରିଣତି ସ୍ୱରୂପ ସେବା କରିବା ଉଚିତ ।
- ସେବା କରିବା ବେଳେ ପ୍ରତିଦାନରେ କୌଣସି ସେବା ପାଇବାର ଚିନ୍ତା ରହିବା ଉଚିତ ନୁହେଁ ।
- ପୁରସ୍କାରର କୌଣସି ଚିନ୍ତା ନ ରଖି ଯଥାସାଧ୍ୟ ସେବା କରିଚାଲ- ତାହା ହିଁ ପ୍ରକୃତ ସେବା ।
- ସେବା ଆତ୍ମ-ନିବେଦନ ପୂର୍ବରୁ ଆସେ । ପୁରସ୍କାର ବା ପ୍ରଶଂସାର ଆଶା ନ ରଖି ସେବା କରାଗଲେ ଭଗବାନଙ୍କ ଅନୁଗ୍ରହ ମିଳିବ ।
- ଏପରି ସେବାରୁ ମିଳୁଥିବା ଆନନ୍ଦ ଅତୁଳନୀୟ । ଏହା ଏକ ଆଧ୍ୟାତ୍ମିକ ସାଧନା ।
- ବର୍ତ୍ତମାନ ତୁମେ ଯେଉଁ ସେବାର ମାର୍ଗ ବାଛିଛ ତାହା ଧୀରେ ଧୀରେ ଏକାତ୍ମବୋଧ ଆଡ଼କୁ ଘେନିଯିବ ।
- ତୀର୍ଥଯାତ୍ରା, ମାଳାଜପ ବା ଶାସ୍ତ୍ରାଧ୍ୟୟନ ଦ୍ୱାରା କେହି ଜନ୍ମ ଓ ମୃତ୍ୟୁର ଚକ୍ର ରୂପକ ସାଗରକୁ ଅତିକ୍ରମ କରିପାରିବ ନାହିଁ । କେବଳ ସେବା କରିବା ଦ୍ୱାରା ଏହା ସମ୍ଭବ ହୋଇ ପାରିବ ।
- ସେବା ହେଉଛି ଭଗବତ୍ ଉପାସନାର ସବୁଠାରୁ ନିଷ୍ପାପର ରୂପ ।
- ସେବାକୁ ନବଧା ଭକ୍ତିରେ ଗୋଟିଏ ସୋପାନ ଭାବରେ ନିର୍ଦ୍ଧାରିତ କରାଯାଇଛି ।
- ସେବା ହେଉଛି ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ନିମ୍ନତର ଜ୍ଞାନ ଓ ପରେ ପରେ ଉଚ୍ଚତର ଜ୍ଞାନ ଲାଭ କରାଯାଇପାରେ ।
- ସେବାର ଅନୁଶୀଳନ ମନକୁ ନିର୍ମଳ ଓ ଏକାଗ୍ରତାକୁ ତୀକ୍ଷ୍ଣ କରିବ ।
- ବେଳେ ବେଳେ ସେବା ସମୟରେ ଅହଂକାର ଓ ଅଭିମାନ ମୁଣ୍ଡ ଟେକିଥାଆନ୍ତି । ଏଗୁଡ଼ିକୁ ପୂରାପୂରି ନିଶ୍ଚିହ୍ନ କରିବାକୁ ହେବ ।
- ସେବା ଏକ ଆଧ୍ୟାତ୍ମିକ ସାଧନା, ମାନସିକ ଶୁଦ୍ଧି ପ୍ରକ୍ରିୟା ।
- ସେବା ସଂକଳ୍ପ ଓ ଉପାସନା ଅପେକ୍ଷା ମଧ୍ୟ ଅଧିକ ବନ୍ଦନୀୟ ।

↑ ସେବା ତୁମ ଭିତରେ ଥିବା ସ୍ୱାର୍ଥପରତାକୁ ଅଲଗା କରିଦିଏ; ଏହା ହୃଦୟକୁ ପ୍ରଶସ୍ତ ଭାବରେ ଉନ୍ମୁକ୍ତ କରେ; ଏହା ହୃଦୟକୁ ମୁକୁଳିତ କରେ ।

↑ ନିଃସ୍ୱାର୍ଥପର ଭାବରେ ନିଜର ପ୍ରତିବେଶୀଙ୍କ ପ୍ରତି କରାଯାଉଥିବା ସେବାଠାରୁ ବଳି ବଡ଼ ଆଧ୍ୟାତ୍ମିକ ସାଧନା ଆଉ କିଛି ନାହିଁ ।

↑ ଅନ୍ୟମାନଙ୍କର ଦୁର୍ଦ୍ଦଶାକୁ ଉପେକ୍ଷା କରି ତୁମେ ଯଦି ଧ୍ୟାନ ବା ଅନ୍ୟ ଭକ୍ତ୍ୟାତ୍ମକ କାର୍ଯ୍ୟରେ ବସ ତେବେ ତାହାର କୌଣସି ଆଧ୍ୟାତ୍ମିକ ମୂଲ୍ୟ ନାହିଁ । ଏହା ସ୍ୱାର୍ଥପରତାର ଗୋଟିଏ ରୂପ ମାତ୍ର ।

↑ ସେବା ପାଇଁ ତୁମେ ଯଦି ଧ୍ୟାନ ପରିହାର କର ତେବେ ତୁମେ ଧ୍ୟାନରୁ ଯାହା ଲାଭ କରିଥାଆନ୍ତ ତାହାଠାରୁ ଅଧିକ ଲାଭ ସେବାରୁ ପାଇବ ।

↑ ସେବା ଆନ୍ତରିକ ଉତ୍ତମତାର ବାହ୍ୟ ଅଭିବ୍ୟକ୍ତି ହେବା ଉଚିତ ।

↑ ଉପହାର ଓ ଚାନ୍ଦା ଅପେକ୍ଷା ଆଗ୍ରହ ଓ ଉତ୍ସାହ ସେବା ପାଇଁ ଅଧିକ ଦକ୍ଷ ସାଧନ । ତାହା ମଣିଷକୁ ଦଶଜଣଙ୍କର ଶକ୍ତି ଦିଏ ।

↑ ସେଠାରେ ସଂକୀର୍ଣ୍ଣ ସ୍ୱାର୍ଥପରତାର ଟିକିଏ ହେଲେ ଚିହ୍ନ ରହିବା ଉଚିତ ନୁହେଁ । ସେତିକି ଯଥେଷ୍ଟ ନୁହେଁ । ସେବାର ଭାବନା ପ୍ରେମରୁ ଜାତ ହୁଏ ଏବଂ ଏହା ପ୍ରଚୁର ମାତ୍ରାରେ ପ୍ରେମ ବିଚ୍ଛୁରିତ କରେ ।

↑ ଯେ କୌଣସି ଜୀବର ସେବା କରିବା ହେଉଛି ଭଗବାନଙ୍କର ସେବା କରିବା ।

↑ ସେବାରୁ ମିଳୁଥିବା ଆନନ୍ଦ ଶରୀର ଉପରେ ପ୍ରତିକ୍ରିୟା ସୃଷ୍ଟି କରେ ଏବଂ ତୁମକୁ ରୋଗମୁକ୍ତ କରେ ।

↑ ମଣିଷ କେବଳ ଉପକାରୀର ନୁହେଁ, ମାତ୍ର ଅପକାରୀର ମଧ୍ୟ ସେବା କରିବା ଉଚିତ ।

↑ ଆମର ଉପକାର କରୁଥିବା ଲୋକମାନଙ୍କର ସେବା କରିବା ଏକ ସ୍ୱାଭାବିକ ପ୍ରତିକ୍ରିୟା । ଯେଉଁମାନେ ଆମର କ୍ଷତି କରୁଛନ୍ତି ସେମାନଙ୍କର ସେବା କରିବା ହିଁ ମହତ୍ତର ଗୁଣ ।

↑ ଅନ୍ୟ ସମସ୍ତଙ୍କୁ ନିଜ ଭଳି ଦେଖିବା ଏବଂ ନିଜକୁ ସମସ୍ତଙ୍କ ଭିତରେ

ଦେଖିବା - ଏହା ହିଁ ଆଧ୍ୟାତ୍ମିକ ସାଧନା, ସେବାର କେନ୍ଦ୍ରବିନ୍ଦୁ ।

↑ ସେବାରେ ବଡ଼ ଓ ଛୋଟ କିଛି ନାହିଁ, କାରଣ ସାଇ ସମସ୍ତଙ୍କ ଭିତରେ ଅଛନ୍ତି ।

↑ ତୁମେ ଯାହାକୁ ଅର୍ପଣ କଲେ ବି ସାଇ ତୁମର ସେବା ଗ୍ରହଣ କରିବେ ।

↑ ତୁମେ ଯେ କୌଣସି ସେବା କର ନା କାହିଁକି ଯେ କୌଣସି ଲୋକକୁ ତାହା ଅର୍ପଣ କର ନା କାହିଁକି, ତାହା ସେହି ଲୋକ ଭିତରେ ଥିବା ଭଗବାନଙ୍କ ପାଖରେ ପହଞ୍ଚେ ବୋଲି ଜାଣ ।

↑ କଷ୍ଟ ଭୋଗୁଥିବା ବ୍ୟକ୍ତି ପାଇଁ କରାଯାଉଥିବା ଯେ କୌଣସି ସେବା ସ୍ୱୟଂ ଭଗବାନଙ୍କ ନିକଟରେ ପହଞ୍ଚିଥାଏ ଏବଂ ତାହା କେବେ ହେଲେ ପାପ ହୋଇ ନ ପାରେ ।

↑ ଜୀବସେବା ହିଁ ଦେବସେବା ।

↑ ମାନବସେବା ହିଁ ମାଧବସେବା ।

↑ ଅନ୍ୟ ବ୍ୟକ୍ତିଠାରେ ଥିବା ସାଇଙ୍କର ସେବା ତୁମର ଦୈନନ୍ଦିନ ଉପାସନା ହେବା ଉଚିତ ।

↑ ସଚ୍ଚୋଟ, ପ୍ରେମପୂର୍ଣ୍ଣ ଓ ସକ୍ରିୟ ହୋଇ ଏବଂ ଅନ୍ୟମାନଙ୍କ ଆଗରେ ସତ୍ୟ, ପ୍ରେମ ଓ ସେବାର ଆଦର୍ଶ ହୋଇ ମୋର ସେବା କର, ତୁମ ନିଜର ସେବା କର ।

↑ ସୂରଦାସ କହିଥିଲେ, "ପ୍ରଭୁ ମୋର ସେବା ଆବଶ୍ୟକ କରନ୍ତି ନାହିଁ; ତାଙ୍କର ସବୁ ଅଛି । ମୋ ଅପେକ୍ଷା ତାଙ୍କର ଅନେକ ଦକ୍ଷ ଭକ୍ତ ଅଛନ୍ତି । କିନ୍ତୁ ତାଙ୍କର ଏହି ଭକ୍ତମାନେ ଦୁଃଖରେ ଅଛନ୍ତି, ସେମାନଙ୍କର ଯତ୍ନ ନେବା ଦରକାର । ମୁଁ ସେମାନଙ୍କର ସେବା କରିବି ଓ ନିଜର ଉତ୍ଥାନ କରିବି ।"

↑ ସୂରଦାସ କୃଷ୍ଣଙ୍କୁ କହିଥିଲେ, "ତୁମେ ସଦାନନ୍ଦ, ସଦାପୂର୍ଣ୍ଣ, ସଦାମୁକ୍ତ । ମୁଁ କାହିଁକି ତୁମର ସେବା କରିବି ? ଯେଉଁମାନଙ୍କର ସେବା ଦରକାର ମୁଁ ସେମାନଙ୍କର ସେବା କରିବି ।"

↑ ସେବାର ପ୍ରକୃତ ମୂଲ୍ୟ, ଏହାର ସବୁଠାରୁ ଦୃଶ୍ୟମାନ ପରିଣତି ହେଉଛି ଯେ ଏହା ତୁମକୁ ସଂସ୍କାର କରେ, ତୁମକୁ ପୁନର୍ଗଠନ କରେ ।

↑ ସେବା ମନୁଷ୍ୟମାନଙ୍କୁ ପରସ୍ପରରେ ନିକଟତର କରେ ଏବଂ ସ୍ନେହ ଓ ସଖ୍ୟ ବଢ଼ାଏ । ନିଜ ସାଥୀ ମନୁଷ୍ୟମାନଙ୍କ ପ୍ରତି ଏହି ସଖ୍ୟ ଓ ସ୍ନେହ ବିନା ମନୁଷ୍ୟ ପ୍ରଭୁଙ୍କ ପ୍ରତି ଆନ୍ତରିକତା ବଢ଼ାଇ ପାରିବ ନାହିଁ । ଏହା ଭଗବାନଙ୍କ ପ୍ରତି ନବଧା ଭକ୍ତି ମଧ୍ୟରେ ଆତ୍ମ-ନିବେଦନର ପୂର୍ବବର୍ତ୍ତୀ ଅବସ୍ଥା ।

↑ ହୃଦୟରେ ପ୍ରେମର ବୀଜ ବପନ କର, ତାହା ସେବାର ବୃକ୍ଷରେ ପରିଣତ ହେଉ ଓ ଆନନ୍ଦର ମଧୁର ଫଳ ଧାରଣ କରୁ । ସମସ୍ତେ ଆନନ୍ଦ ଉପଭୋଗ କର ।

↑ ପ୍ରେମ ସେବା ଭାବରେ ପ୍ରକଟ ହେବା ଉଚିତ । ସେବା କ୍ଷୁଧାର୍ତ୍ତ ପାଇଁ ଅନ୍ନ, ହତଭାଗ୍ୟ ପାଇଁ ସାନ୍ତ୍ୱନା, ରୋଗୀ ଓ ଦୁଃଖୀଙ୍କ ପାଇଁ ଉପଶମର ରୂପ ଗ୍ରହଣ କରିବା ଉଚିତ ।

↑ ନିଃସ୍ୱାର୍ଥପର ସେବା ପରୋପକାରୀ ପ୍ରେମର ସୁଗନ୍ଧିତ ପୁଷ୍ପ । ଏହା ସେବକ ବା ନିର୍ଦ୍ଦେଶକର ସନ୍ତୋଷ ପାଇଁ କରାଯିବା ଉଚିତ ନୁହେଁ ।

ସ୍ୱେଚ୍ଛାସେବୀ

ମୋତେ ପ୍ରୀତ କରିବାର ସର୍ବୋତ୍ତମ
ଉପାୟ ହେଉଛି ମୋତେ ସବୁ ଜୀବ
ଭିତରେ ଦେଖିବା ଏବଂ ସେମାନଙ୍କର
ଠିକ୍ ସେପରି ସେବା କରିବା ଯେପରି
ତୁମେ ମୋର ସେବା କରିବାକୁ ଚାହିଁଥାଅ ।

-ବାବା

ଯେତେ ଦୂର ପାରୁଛ, ଯେତେ ଦକ୍ଷତାର
ସହ ପାରୁଛ, ଯେତେ ନୀରବ ଭାବରେ
ପାରୁଛ, ଯେତେ ପ୍ରେମପୂର୍ଣ୍ଣ ଭାବରେ
ପାରୁଛ ସାହାଯ୍ୟ କର । ଆଉ
ସବୁ ଭଗବାନଙ୍କ ଉପରେ ଛାଡ଼ିଦିଅ,
ଯେ ତୁମକୁ ସେବା କରିବାର ସୁଯୋଗ
ଦେଇଛନ୍ତି ।

- ବାବା

ମନୋନୀତମାନଙ୍କୁ ଉପଦେଶ

ଦେହ ହେଉଛି ଦେବାଳୟ; ଦେଶ ହେଉଛି ଦେବତାଙ୍କ ଦେହ । ଦେହ ପଞ୍ଚମହାଭୂତ - ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶରେ ଗଢ଼ା । ଦେଶ ପଞ୍ଚପ୍ରାଣରେ ଗଠିତ । ଦେଶର ଯତ୍ନ ଦେହର ଯତ୍ନ ପରି ଗୁରୁତ୍ୱପୂର୍ଣ୍ଣ । କାରଣ ସୁଖ ଓ ଦୁଃଖ, ସ୍ୱାସ୍ଥ୍ୟ ଓ ରୋଗ, ଆନନ୍ଦ ଓ ବିଷାଦ, ଉଦ୍‌ବେଗ ଓ ଶାନ୍ତି ଦେଶର ସ୍ୱାସ୍ଥ୍ୟ ଓ ରୋଗ ଉପରେ ନିର୍ଭର କରେ । ପ୍ରଶାନ୍ତିନିଳୟମ୍‌ରେ ସ୍ୱେଚ୍ଛାସେବୀ ଭାବରେ ଆଗାମୀ କେତେଦିନ ତୁମେମାନେ କେବଳ ନିଜର ନୁହେଁ, ମାତ୍ର ଦେଶର ସେବା କରିବାର ମହାନ୍ ସୁଯୋଗ ପାଇବ, କାରଣ ଦେଶର ସବୁ ରାଜ୍ୟରୁ ଏବଂ ଏପରିକି ଦେଶ ବାହାରୁ ଲୋକମାନେ ଏଠାରେ ଦଶହରା ଉତ୍ସବ ପାଇଁ ସମବେତ ହେଉଛନ୍ତି । ସେମାନେ ଯେଉଁ ଭାଷା କହନ୍ତୁ ବା ଯେଉଁ ମତବାଦର ହୁଅନ୍ତୁ ନା କାହିଁକି ସମସ୍ତେ ହୃଦୟରେ, ଅଭିଳାଷାରେ ଓ ଆଗ୍ରହରେ ଏକ ଅଟନ୍ତି । ସେମାନେ ସ୍ୱେଚ୍ଛାସେବୀ ଭାବରେ ସେବା କରିବାର ଏହି ସୁଯୋଗକୁ ଅନାଇ ବସିଛନ୍ତି, କିନ୍ତୁ ମନେରଖ, କେବଳ ତୁମେମାନେ ମୋର ଦୃଷ୍ଟି ଆକର୍ଷିତ କରିବାର ଏବଂ ମୋର ଆଶୀର୍ବାଦ ପାଇବାର ସୌଭାଗ୍ୟ ଅର୍ଜନ କରିଛ । ତେଣୁ ଏହା ଏକ ମହାନ୍ ଦାୟିତ୍ୱ ।

ଏଠାରେ ସମବେତ ହେଉଥିବା ହଜାର ହଜାର ଲୋକମାନଙ୍କର ତୁମେ ଯେଉଁ ସେବା କରି ପାରିବ ତାହା ତୁମେ ଅନ୍ୟମାନଙ୍କ ପାଇଁ କରୁଥିବା ସେବା ନୁହେଁ, ଏହା ତୁମେ ନିଜ ପାଇଁ କରୁଥିବା ସେବା ଅଟେ । ସାହାଯ୍ୟ ତୁମ ନିଜ ପାଇଁ । ଜଣେ ଭିକାରୀ ଜଣେ ଧନୀ ଲୋକର ଘର ଆଗରେ ଭିକ ମୁଠାଏ ପାଇଁ ବିକଳ ହେଲା; ଆରାମ ଚୌକିରେ ଆଉଜି ବସିଥିବା ଗୃହସ୍ୱାମୀ ତାକୁ ରୁକ୍ଷ ଭାବରେ ଗାଳି ଦେଇ ଘଉଡ଼ାଇ ଦେଲେ, କିନ୍ତୁ ଭିକାରୀଟି ଜିଦ୍ ଧରିଲା । ସେ ଅନ୍ତତଃ କିଛି ବାସି ଖାଦ୍ୟ ପାଇଁ କହିଲା । ଏକଥା ଶୁଣି ଘର ଭିତରେ ଖାଉଥିବା ବୋହୂ ଉତ୍ତର ଦେଲା, "ଆରେ ଭାଇ ! ଆମେ ତ ଏବେ ବାସି ଖାଦ୍ୟ ଖାଉଛୁ ।" ସେ ବୁଝି ପାରିଲା ଯେ ବୋହୂ ତାର ଶଶୁରଙ୍କ କଥା କହୁଛି ଯେ ସେ ତାଙ୍କର ଔଦ୍ଧତ୍ୟ ଓ ନିଷ୍ଠୁରତା ଦ୍ୱାରା ଦୟନୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି, କିନ୍ତୁ ତାଙ୍କର ବର୍ତ୍ତମାନର ଉଚ୍ଚମାନର ଜୀବନଧାରା ପୂର୍ବଜନ୍ମମାନଙ୍କର ସେ କରିଥିବା ଦାନ-ଧର୍ମ ଜନିତ ପୁଣ୍ୟରୁ ଆହୃତ ହୋଇଛି । ଆମେ ବାସି ଖାଦ୍ୟ ଖାଉଛୁ, ଅର୍ଥାତ୍ ପୂର୍ବଜନ୍ମର କର୍ମଫଳ ଭୋଗୁଛୁ । ଆମେ ଆମର ଭବିଷ୍ୟତ ପାଇଁ ମଧ୍ୟ ଖାଦ୍ୟ ରାନ୍ଧୁଛୁ । ଅତଏବ, ଏହି

ସେବା ଦ୍ୱାରା ତୁମେ ଭବିଷ୍ୟତରେ ଏକ ସୁନ୍ଦର ଭୋଜି ପ୍ରସ୍ତୁତ କରୁଛ; ବର୍ତ୍ତମାନ ତୁମେ ଖାଉଥିବା ଖାଦ୍ୟ ଯାହା ହେଉନା କାହିଁକି ତୁମେ ପୂର୍ବ କର୍ମର ଫଳ ଭାବରେ ଭୋଗ କରୁଛ ।

ଗୋଟିଏ ଲାଭ ପାଇଁ ତୁମେମାନେ ଏଠାକୁ ଆସିଛ ଏବଂ ଅନ୍ୟମାନେ ମଧ୍ୟ ଆସୁଛନ୍ତି । ତୁମେ ଆମ ଦେଶରେ ବିଭିନ୍ନ ରଥଯାତ୍ରା ଦେଖିଥିବ । ଶୋଭାଯାତ୍ରା ବହୁତ ବିସ୍ତୃତ ଓ ଦୀର୍ଘ ହୋଇଥାଏ । ଢୋଲ, ଗିନି, ଭଜନ, ସଙ୍ଗୀତଜ୍ଞ ଦଳ, ଏପରିକି ବିଦୂଷକମାନେ ଆଗେ ଆଗେ ଚାଲୁଥା'ନ୍ତି । ରଥ ଯାଉଥିବା ବାଟରେ ପତାକା ଓ ଖିଲଣ, ତୋରଣ ଓ ମଂଚ ନିର୍ମିତ ହୋଇଥାଏ । ହାତୀମାନଙ୍କୁ ସୁସଜ୍ଜିତ କରାଯାଇଥାଏ, ଘୋଡ଼ାମାନଙ୍କ ଉପରେ ରୂପେଲୀ ଆଚ୍ଛାଦନ ପକାଯାଇଥାଏ, ବଳଦ ଓ ଗାଈଙ୍କ ସିଙ୍ଗରେ ରୂପା ଘୁଙ୍ଗୁର ବନ୍ଧାଯାଇଥାଏ ଏବଂ ଗ୍ରାମବାସୀମାନେ ମଧ୍ୟ ଲୋକନୃତ୍ୟ କରୁଥା'ନ୍ତି । କିନ୍ତୁ ଏସବୁ କେଉଁଥିପାଇଁ ? ଯାତ୍ରୀମାନେ ଦୂରଦୂରାନ୍ତରୁ ବହୁ ପଇସା ଖର୍ଚ୍ଚ କରି ଆସିଛନ୍ତି ବୋଲି ନୁହେଁ । ଏସବୁ ବହୁତଳ ରଥକୁ ଆକର୍ଷଣୀୟ କରିବା ପାଇଁ, ଯାହା ଭଗବାନଙ୍କର ପ୍ରତୀକ ସ୍ୱରୂପ ବିଗ୍ରହଙ୍କର ଯାନ, ଯାହାଙ୍କୁ ପୂଜା କରିବା ପାଇଁ ସମସ୍ତେ ଆସିଥାଆନ୍ତି । ସେହିପରି ମନେରଖ ଯେ ଜୀବନର ସମସ୍ତ ଆଡ଼ମ୍ବର ଓ ପ୍ରଦର୍ଶନ, ହସ-କୌତୁକ ଓ ନୃତ୍ୟ, ରଙ୍ଗ-ରହସ୍ୟ ଓ ଅଭିନୟ, ଶୋଭାଯାତ୍ରା ଓ ବିନୋଦ କେବଳ ପ୍ରଭୁଙ୍କର ଉପାସନା ପାଇଁ । ଜୀବନ ଏକ ଦୀର୍ଘ ବିସ୍ତୃତ ରଥଯାତ୍ରା । ସେହି ପୃଷ୍ଠଭୂମିରେ ପ୍ରତ୍ୟେକ କାର୍ଯ୍ୟକଳାପର ବିଚାର ଓ ମୂଲ୍ୟାୟନ କରିବାକୁ ହେବ । ଜୀବନର କେନ୍ଦ୍ରୀୟ ତତ୍ତ୍ୱ ଉପରେ ଏକାଗ୍ର ହୁଅ, ପରିଧି ଓ ଧାର ଉପରେ ନୁହେଁ ।

ମନେରଖ ଯେ ଏଠାକୁ ଆସୁଥିବା ପ୍ରତ୍ୟେକ ଲୋକର ମନ ଭିତରେ ଏହି କେନ୍ଦ୍ରୀୟ ତତ୍ତ୍ୱ ସବା ଉପରେ ରହିଛି; ସେମାନଙ୍କୁ ନିରୁତ୍ସାହିତ କର ନାହିଁ । ଭଦ୍ରୋଚିତ ଭାବରେ ଦୃଷ୍ଟାନ୍ତ ଓ ଉପଦେଶ ମାଧ୍ୟମରେ ସେମାନଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବା ଦିଗରେ ଯଥାସାଧ୍ୟ ସାହାଯ୍ୟ କର ।

ପ୍ରତ୍ୟେକ ଗତିଶୀଳ ମୁହୂର୍ତ୍ତ ଭଗବାନଙ୍କର ମୂଲ୍ୟବାନ ଉପହାର; ସର୍ବୋତ୍ତମ ଓ ଦୀର୍ଘସ୍ଥାୟୀ ଲାଭ ପାଇଁ ତୁମକୁ ଏହାର ବିନିଯୋଗ କରିବାକୁ ହେବ । ଅନ୍ୟମାନଙ୍କର ସେବା କରିବା ଦ୍ୱାରା ଏବଂ ସେମାନଙ୍କର ଜରୁରୀ ଆବଶ୍ୟକତା ପୂରଣ କରିବା ଦ୍ୱାରା ତୁମେ ଏହା କରି ପାରିବ ବୋଲି ଜାଣି ଖୁସି ହୁଅ । ବାଜେ ଗପ, ପରନିନ୍ଦା, ଦୁର୍ବଳକାରୀ ଉପନ୍ୟାସ ପାଠ, ସିନେମା ଦେଖା ବା ବାଚାଳ ସାଙ୍ଗମାନଙ୍କ ସହିତ ମିଶି ସମୟ ନଷ୍ଟ କର ନାହିଁ । ଇନ୍ଦ୍ରିୟମାନଙ୍କର ଦାସ ହୁଅ ନାହିଁ, ଅବିବେକୀ

ସ୍ୱାତନ୍ତ୍ର୍ୟ ପାଇଁ ସେମାନଙ୍କର ଦାବିକୁ ସାହସର ସହିତ ପ୍ରତିରୋଧ କର । ତୁମର ଆତ୍ମାରେ ଆନନ୍ଦର ଅବ୍ୟର୍ଥ ନିର୍ଝର ରହିଛି; ଯାହା କି ତୁମର ସତ୍ତା; ତେବେ ତୁମକୁ ଅଳୀକ ଅସ୍ଥାୟୀ ଆନନ୍ଦ ଅନ୍ୱେଷଣରେ ବସ୍ତୁଜଗତ ଭିତରକୁ ଟାଣି ନେଉଥିବା ଇନ୍ଦ୍ରିୟମାନଙ୍କ ପଛରେ ଧାଇଁ ତୁମର ସ୍ୱାସ୍ଥ୍ୟ, ତୁମର ମାନସିକ ଶାନ୍ତି କାହିଁକି ନଷ୍ଟ କରିବ ?

ଏହା ତୁମ ପ୍ରତ୍ୟେକଙ୍କ ପାଇଁ ଜୀବନବ୍ୟାପୀ ଆଧ୍ୟାତ୍ମିକ ସାଧନାର ଅୟମାରମ୍ଭ । ବୈରାଗ୍ୟ ଆଧ୍ୟାତ୍ମିକ ସାଧନାର ପ୍ରଥମ ସୋପାନ । ନୀରବତା ତୁମକୁ ଅନ୍ୟର କାର୍ଯ୍ୟକଳାପରେ ଛନ୍ଦି ନ ହେବା ପାଇଁ ସାହାଯ୍ୟ କରେ; ସେଥିପାଇଁ ଏହାକୁ ପ୍ରଥମ ସୋପାନ ଭାବରେ ଉତ୍ସାହିତ କରାଯାଏ । ପିମ୍ପୁଡ଼ି ପରି ହୁଅ; ପିମ୍ପୁଡ଼ି ବାଲି ଓ ଚିନିର ମିଶ୍ରଣ ପାଇବା ବେଳେ ତାହା କେବଳ ଚିନିକୁ ବାଛେ, ବାଲିକୁ ଉପେକ୍ଷା କରେ । ଅନ୍ୟମାନଙ୍କଠାରେ କେବଳ ଭଲ ଦେଖ; ଖରାପ ପ୍ରତି ଆଦୌ ଦୃଷ୍ଟି ଦିଅ ନାହିଁ । ସେମାନେ ତୁମର ସମାଲୋଚନା ଓ ନିନ୍ଦା କରିପାରନ୍ତି; କେତେଜଣ ତୁମ ସହିତ ଆହୁରି ଖରାପ ବ୍ୟବହାର କରି ପାରନ୍ତି; କିନ୍ତୁ ନିଜର ଶାନ୍ତି ବଜାୟ ରଖ ଏବଂ ସେଗୁଡ଼ିକୁ ହୃଦୟକୁ ନିଅ ନାହିଁ । ସେଗୁଡ଼ିକୁ ବାହାରେ ରଖ; ସେସବୁ ବାଲିକଣା ।

ତୁମମାନଙ୍କ ମଧ୍ୟରେ ଥିବା ଡାକ୍ତରମାନେ, ଯେଉଁମାନଙ୍କୁ ଲୋକମାନଙ୍କ ଭିତରେ ବୁଲି ତୁମର ଧ୍ୟାନ ଆବଶ୍ୟକ କରୁଥିବା ଲୋକମାନଙ୍କୁ ଖୋଜିବାର ଦାୟିତ୍ୱ ଦିଆଯାଇଛି, ସେମାନେ ଅଧିକ ଭଦ୍ର ଓ ଉଦାର ହେବା ଉଚିତ । ରୋଗୀମାନଙ୍କୁ ଭୁକିବା ପରି ପ୍ରଶ୍ନ ପଚାର ନାହିଁ; ଧୀର ଭାବରେ ସେମାନଙ୍କର କଥା ଶୁଣ; ଦୟା, କୋମଳତା ଓ ସହାନୁଭୂତି ଦ୍ୱାରା ସେମାନେ ଅଧା ଆରୋଗ୍ୟ ହୋଇଥା'ନ୍ତି । ଶାସ୍ତ୍ର କହେ, **"ବୈଦ୍ୟୋ ନାରାୟଣୋ ହରିଃ ।"** ସେହି ଭାବ, ସେହି ବିଶ୍ୱାସ ଓ ଆଦର ନେଇ ଲୋକମାନେ ତୁମ ପାଖକୁ ଆସନ୍ତି ଏବଂ ତୁମେ ଦେଉଥିବା ଔଷଧ ଗ୍ରହଣ କରନ୍ତି । ତୁମେ ସେହି ମୂଲ୍ୟ ଅନୁସାରେ ଜୀବନଯାପନ କର । ଆଜିକାଲି ଡାକ୍ତରମାନେ କୋମଳମଧୁର ବାକ୍‌ଶୈଳୀ ହରାଇ ବସିଛନ୍ତି; ସମବେଦନାର ସହିତ କଥା କହିବାକୁ ଶିଖ; ସବୁ ପ୍ରକାର ରୋଗର ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ତୁମ ବ୍ୟାଗ ଭିତରେ ରଖ; ଔଷଧର ଅଭାବ ସକାଶେ ବିଳମ୍ବ ବା ଉପେକ୍ଷା କର ନାହିଁ । ସ୍ୱେଚ୍ଛାସେବୀମାନେ ମଧ୍ୟ ରୋଗୀମାନଙ୍କୁ ଡାକ୍ତରଙ୍କ ପାଖକୁ ନେବା ଉଚିତ କିମ୍ବା ଯଦି ସେମାନଙ୍କୁ ନେଇ ନ ହୁଏ ତେବେ ଡାକ୍ତରଙ୍କୁ ସେମାନଙ୍କ ପାଖକୁ ଆଣିବା ଉଚିତ । କାଉ ମଇଁଷି ପିଠି ଉପରେ ବସେ ଏବଂ ତା'ର କଞ୍ଚା ଘାଆକୁ ଖୁମ୍ପେ ।

ଖୁମ୍ପିବା ଯୋଗୁଁ ଯେଉଁ କଷ୍ଟ ହୁଏ ସେ ବିଷୟରେ ତା'ର କିଛି ଧାରଣା ନ ଥାଏ । ଅବହେଳା ଦ୍ୱାରା ବା ରାଗିଯିବା ଦ୍ୱାରା ଡାକ୍ତରମାନେ ଯେଉଁ କଷ୍ଟ ଦିଅନ୍ତି ସେ ବିଷୟରେ ସେମାନେ ସଚେତନ ନୁହଁନ୍ତି । ସ୍ୱେଚ୍ଛାସେବୀମାନେ ରୁକ୍ଷ ଶବ୍ଦ ଦ୍ୱାରା କିମ୍ବା ଘୃଣା ବା ବିରକ୍ତିର ସଂକେତ ଦ୍ୱାରା ଯେଉଁ କଷ୍ଟ ଦିଅନ୍ତି ସେ ବିଷୟରେ ସେମାନେ ସଚେତନ ନୁହନ୍ତି । ତୁମେ ଯଦି ସେହି ସ୍ଥାନରେ ଥାଆନ୍ତ ତେବେ ଏପରି ବ୍ୟବହାର ତୁମକୁ କିପରି ଲାଗିଥାଆନ୍ତା, କଳ୍ପନା କର ଏବଂ ତାହା ପରିହାର କର । ସବୁବେଳେ, ନିଜକୁ ଅନ୍ୟର ସ୍ଥାନରେ ରଖିବାକୁ ଚେଷ୍ଟା କର ଏବଂ ସେହି ପୃଷ୍ଠଭୂମିରେ ତୁମ କର୍ମର ବିଚାର କର ।

ବଚନ ଓ କର୍ମରେ ନିର୍ମଳ ହୁଅ ଏବଂ ଅଶୁଦ୍ଧ ଚିନ୍ତା ଦୂର କର । ମୁଁ ତୁମ ପ୍ରତ୍ୟେକଙ୍କ ଭିତରେ ଅଛି; ତେଣୁ ମୁଁ ତୁମର ଚିନ୍ତାର ସାମାନ୍ୟତମ ତରଙ୍ଗ ବିଷୟରେ ଅବଗତ । ଲୁଗାପଟା ମଇଳା ହେଲେ ତୁମେ ତାହା ସଫା କରିବାକୁ ଧୋବାକୁ ଦିଅ । ତୁମର ମନ ମଇଳା ହେଲେ ତାହା ସଫା କରିବା ପାଇଁ ତୁମକୁ ପୁଣି ଜନ୍ମ ନେବାକୁ ପଡ଼େ । ଧୋବା କଠିନ ପଥର ଉପରେ ଲୁଗା କାଚେ ଏବଂ ତାହାର ଭାଙ୍ଗ ଠିକ୍ କରିବା ପାଇଁ ତା'ଉପରେ ଉତ୍ତପ୍ତ ଇସ୍ତ୍ରୀ ଚଲାଏ । ସେହିପରି ଭଗବାନଙ୍କ ପାଖକୁ ଯିବା ପାଇଁ ଯୋଗ୍ୟ ହେବା ସକାଶେ ତୁମକୁ ଅନେକ ପରୀକ୍ଷା ନିରୀକ୍ଷା ଦେଇ ଗତି କରିବାକୁ ପଡ଼ିବ । ମୋତେ ପ୍ରତ୍ୟେକଙ୍କର ଅନ୍ତେବାସୀ ଭାବରେ ଦେଖ; ସେମାନେ ଆବଶ୍ୟକ କରୁଥିବା ସେବା ପାଇଁ ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କର । ମଧୁର ଶବ୍ଦ, ସାହାଯ୍ୟକାରୀ ହସ୍ତ, ସାନ୍ତ୍ୱନାଦାୟୀ ହାସ, ସୁଖକର ସାନ୍ନିଧ୍ୟ, ଉପଶମକାରୀ ବାର୍ତ୍ତାଳାପକୁ ଅଟକାଇ ରଖ ନାହିଁ ।

♦♦♦

ପ୍ରଶାନ୍ତିନିଳୟମ୍, ୧୧-୧୦-୧୯୬୯

ଆତ୍ମୀୟ-ସ୍ୱଜନଙ୍କୁ ସମ୍ମାନ ଦିଅ

ଦିବ୍ୟ ଆତ୍ମାସ୍ୱରୂପ, ସ୍ୱେଚ୍ଛାସେବକମାନେ ମଣିଷର ଆଧ୍ୟାତ୍ମିକ ଅଭ୍ୟୁଦୟର ପ୍ରଥମ ପଦକ୍ଷେପ ହେଲା ନିଃସ୍ୱାର୍ଥପର ସେବା । କାରଣ ଇତିହାସ ଓ ଭୂଗୋଳ ଦ୍ୱାରା ତୁମ ଉପରେ ଆରୋପିତ କୃତ୍ରିମ ସଂକୀର୍ଣ୍ଣତାକୁ ଅତିକ୍ରମ କରି ମନୁଷ୍ୟ ସମାଜର ଅଭେଦ୍ୟତା ଏବଂ ଐକ୍ୟ ଉପଲବ୍ଧି କରିବାରେ ଏହା ତୁମକୁ ତାଲିମ ଦେଇଥାଏ । ଏହି ସତ୍ୟ ପ୍ରଥମେ ଶିଖ, ଆଉ ତା'ପରେ କାମ ମଧ୍ୟରେ ଏହାକୁ ଉପଲବ୍ଧି କର । ତାହା ହିଁ ସେବାଦଳ ସଂଗଠନଗୁଡ଼ିକର କର୍ତ୍ତବ୍ୟ । ବ୍ୟକ୍ତି ନିଜକୁ ଏହି ଐକ୍ୟାନୁଭୂତିରେ ପ୍ରତିଷ୍ଠିତ କରୁ ନ ଥିଲେ, ତାକୁ କିପରି ଈଶ୍ୱରସ୍ୱରୂପ (ଯାହା ପ୍ରତ୍ୟେକ ଲୋକର ପ୍ରକୃତ ଆତ୍ମସତ୍ତା) ବୋଲି କହି ହେବ ? ଏହି ଏକତ୍ୱର ଉପଲବ୍ଧିରୁ ଯେଉଁ ପ୍ରଶାନ୍ତି ଜାତ ହୁଏ, ତାହା ପ୍ରତ୍ୟେକ ଲୋକର ଜନ୍ମଗତ ଅଧିକାର, ଆଉ ଏହି ଅଧିକାରକୁ ଉପଭୋଗ କରିବା ନିମନ୍ତେ ହିଁ ମନୁଷ୍ୟକୁ ସଂସାରକୁ ପଠାଯାଇଛି । ତେଣୁ ଯେଉଁସବୁ କର୍ମ ବ୍ୟକ୍ତି ଉଦ୍ଦେଶ୍ୟରେ ଅଭିପ୍ରେତ, ସେସବୁ ନିଷ୍ଫଳ, କାରଣ ବ୍ୟକ୍ତି ନିମନ୍ତେ, ବ୍ୟକ୍ତିର ବଂଚି ରହିବା ପାଇଁ ସମାଜ ଏକାନ୍ତ ଆବଶ୍ୟକ । ତେଣୁ ତୁମର ସେବା, ତୁମର ଓ ତୁମେ ବାସ କରୁଥିବା ସମାଜର ଅଶେଷ ଉପକାର କରିବ; ଆଉ ଏହା ସହିତ ତୁମକୁ ଆଉ ଏକ ଅଦୃଶ୍ୟ ଏବଂ ଅପରିମେୟ ଉପକାର ପ୍ରଦାନ କରିବ, ତାହା ହେଉଛି ଈଶ୍ୱରକୃପା । ସେବା ନବଧା ଭକ୍ତିର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଯେଉଁମାନେ ତୁମର ଆତ୍ମୀୟ, ସେମାନଙ୍କୁ ତୁମେ ଦେଖୁଛ, ଜାଣୁଛ, ସେମାନଙ୍କ ଅସୁବିଧାରେ ସେମାନଙ୍କ ପ୍ରତି ସହାନଭୂତି ଦେଖାଉଛ । ଏଣୁ ସେମାନଙ୍କୁ ସାହାଯ୍ୟ ଓ ସେବା କରିବା ତୁମ ପକ୍ଷରେ ଅଧିକ ଯୁକ୍ତିସମ୍ମତ । ମଣିଷର ଦୁଃଖ, ଦୁର୍ବିପାକ, ରୋଗ, ଶୋକ ଆଉ ଭକ୍ତି ଦେଖି ତାର ଆହ୍ୱାନ ଯଦି ତୁମ ହୃଦୟକୁ ସ୍ପର୍ଶ କରୁନାହିଁ, ତେବେ ଅଦୃଶ୍ୟ, ଅଜ୍ଞେୟ, ରହସ୍ୟମୟ ଈଶ୍ୱରଙ୍କ ସେବା ପାଇଁ ଆବଶ୍ୟକ ଦୃଢ଼ ସଙ୍କଳ୍ପ ଏବଂ ନିଷ୍ଠା କିପରି ଆହରଣ କରିବ ? ତୁମେ ଯେତେବେଳେ ମଣିଷକୁ ଭଲ ପାଇ ପାରୁନାହିଁ, ତୁମର ହୃଦୟ ଈଶ୍ୱରଙ୍କୁ ଭଲ ପାଇ ପାରିବ ନାହିଁ । ମଣିଷଭାଇକୁ ଘୃଣା କରି ତୁମେ ଈଶ୍ୱରଙ୍କୁ କଦାପି ଆରାଧନା କରିପାରିବ ନାହିଁ । ତୁମେ ଯଦି ତାହା କର ତେବେ ଈଶ୍ୱର କଦାପି ଏ ଶଠତାକୁ ଗ୍ରହଣ କରିବେ ନାହିଁ । ଈଶ୍ୱର ପ୍ରତ୍ୟେକ ହୃଦୟର ଅଧିବାସୀ, ଏଣୁ ତୁମେ ଯାହାର ସେବା କଲେ ମଧ୍ୟ ତାହା ମଧ୍ୟରେ ଥିବା ଈଶ୍ୱର ହିଁ ସେବା ପାଇଥାନ୍ତି । ଏହା ତୁମକୁ ଈଶ୍ୱରଙ୍କ କୃପା ପ୍ରଦାନ

କରିଥାଏ । ଅଜ୍ଞାନ, ବ୍ୟାଧିଗ୍ରସ୍ତ ଓ ଅବହେଳିତ ମଣିଷକୁ ଦେଖି ଯାହାର ହୃଦୟ ତରଳି ଯାଏନା, ସେ ହୃଦୟ ନିଶ୍ଚୟ ଆସୁରୀ ହୃଦୟ ବୋଲି କହିବାକୁ ହେବ । ଏପରି ହୃଦୟକୁ ପାଶବିକ ବୋଲି କହିଲେ ମଧ୍ୟ ପଶୁମାନଙ୍କ ପକ୍ଷରେ ଲଜ୍ଜାର କାରଣ ହେବ ! ଅହଂକାର, ଇନ୍ଦ୍ରିୟଲାଳସା ଓ ଲୋଭ ପରିହାର କର; ହୃଦୟକୁ ନିରାସକ୍ତି ବା ସନ୍ନ୍ୟାସ ଭାବ, ଆତ୍ମାର ମହତ୍ତ୍ୱ ଏବଂ ପ୍ରେମରେ ଭରପୂର କରିଦିଅ । ଏହା କଲେ ଯାଇ ତୁମେ ଜଣେ ଜଣେ ଦକ୍ଷ ସେବାଦଳ କର୍ମୀ ହୋଇ ପାରିବ ।

ଉତ୍ସବ ସମୟରେ ପ୍ରଶାନ୍ତିନିଲୟମ୍‌କୁ ହଜାର ହଜାର ଲୋକ ଆସନ୍ତି । ସେମାନଙ୍କ ମଧ୍ୟରେ ଅନେକ ରୁଗ୍ଣ, ବୟସ୍କ ଓ ଛୋଟ ପିଲା ଥାଆନ୍ତି । ଏହି ଆଗନ୍ତୁକମାନଙ୍କୁ ତୁମେ ବିଶେଷ ଯତ୍ନ ଓ ପ୍ରେମର ସହ ସେବା କରିବାକୁ ହେବ । ଗୋଟିଏ ବ୍ୟାଜ ଓ ସ୍କାର୍ଫ ପକାଇଛ ବୋଲି ବେକ ଫୁଲାଇ ଚାଲ ନାହିଁ; ହୃଦୟରେ ପ୍ରେମ, କଥାବାର୍ତ୍ତାରେ କୋମଳତା ଓ କର୍ମରେ ମଧୁରତା ନେଇ ବିନୟ ଭାବରେ ଲୋକମାନଙ୍କ ମଧ୍ୟରେ ଚାଲବୁଲ କର । ଏହି ବ୍ୟାଜ୍‌ଟି ପିନ୍ଧିବାର ଅଧିକାର ଅଛି କେବଳ 'ସେବକ'ର, ଅନ୍ୟମାନଙ୍କ ଉପରେ ହୁକୁମ ଜାରି କରୁଥିବା ପ୍ରଭୁର ନୁହେଁ । ବ୍ୟାଜଗୁଡ଼ିକ ତୁମର ଛାତିରେ ଝୁଲୁଛି, ନୁହେଁ ? ଯଦି ତୁମ ହୃଦୟରେ ଗର୍ବ ଓ ବ୍ୟାଜ ପାଇ ନଥିବା ଲୋକଙ୍କ ଉପରେ ବଡ଼ପଣ ଜାହିର କରିବାର କୁଭାବନା ଜାତ ହେଲା, ତାହା ତୁମ ହୃଦୟକୁ ବିଷାକ୍ତ କରିଦେବ । ତୁମେ ଯେତେବେଳେ ଏହି ବ୍ୟାଜ୍‌ର ଅବମାନନା ବା ଅସମ୍ମାନ କରୁଛ, ସେତେବେଳେ ତୁମେ ନିଜ ଅନ୍ତଃସତ୍ତାର ହିଁ ଅବମାନନା ଓ ଅସମ୍ମାନ କରୁଛ । ବାହାରେ ବଜାର ଭିତରେ ବୁଲଚାଲ କରିବା ବା ନିଲୟମ୍ ବାହାରେ ହୋଟେଲ ବାରଣ୍ଡାରେ ବସି ଆରାମ କରିବା ବେଳେ ନୀଚ, ହୀନ କଥାବାର୍ତ୍ତାରେ ଏବଂ ଘୃଣ୍ୟ ଅଭ୍ୟାସ ମେଣ୍ଟାଇବାରେ ମନ ଦେବା ସକାଶେ ଏହି ବ୍ୟାଜ୍ ଓ ସ୍କାର୍ଫ ତୁମକୁ ଅଧିକାର ଦେଇନାହିଁ । ଅନ୍ୟ କାହା ଉପରେ ତୁମ ବଡ଼ପଣ ସାବ୍ୟସ୍ତ କରିବା କିମ୍ବା ଅନ୍ୟ କାହା ଜିନିଷ ଅପହରଣ କରିବା ପାଇଁ ଏହା ତୁମକୁ ଅନୁମତି ଦିଏନା ।

ଅନ୍ୟମାନଙ୍କ ପାଇଁ ସୁଖସୁବିଧାର ବ୍ୟବସ୍ଥା କରିବା, ସାନ୍ତ୍ୱନା ଦେବା ଏବଂ କି ଉପାୟରେ ତୁମେ ଅନ୍ୟମାନଙ୍କର ଅଧିକ ଫଳପ୍ରଦ ସେବା କରି ସେମାନଙ୍କୁ ଅଧିକ ଆନନ୍ଦ ପ୍ରଦାନ କରିପାରିବ ତାହା ଅନ୍ୱେଷଣ ନିମନ୍ତେ ଏହା ଗୋଟିଏ ଆହ୍ୱାନ ଏବଂ ଉଦ୍ଦୀପନା ।

କୃପା-ଉପହାରର ଯୋଗ୍ୟ କରି ନିଜକୁ ଗଢ଼ । ସେବାଦଳ ଅନୁଷ୍ଠାନର ଉନ୍ନତ ଆଦର୍ଶକୁ ଅବ୍ୟାହତ, ଅନାହତ ରଖ । କେବଳ ଅଯାଚିତ କୃପା ଫଳରେ ହିଁ ତୁମେ ଆଜି ଏହି ସୁଯୋଗ ଲାଭ କରିଛ । ତୁମର କୌଣସି କର୍ମଫଳ ବା ଯୋଗ୍ୟତାର

ଦାବିରେ ଏହା ତୁମକୁ ଦିଆଯାଇନାହିଁ । ଏହା ତୁମକୁ ବନ୍ଧନ କରେନା, ଏହା ତୁମକୁ ଖ୍ୟାତି ଓ ଦାୟିତ୍ୱ ତଥା କର୍ତ୍ତବ୍ୟ ଉଭୟ ପ୍ରଦାନ କରିଥାଏ । ନିଜ ହାତରେ ଏହି କୃପାକୁ ଧରି ତୁମେ ଯଦି ସେବାରୁ ଅପସରି ଯାଅ, କିମ୍ବା ଏଥିରେ କୁଣ୍ଠିତ ହୁଅ, ତେବେ ତୁମେ ଭୁଲ ବାଟରେ ଯାଉଛ । ଲୋକେ ଏଠାକୁ ଈଶ୍ୱର ସାନ୍ନିଧ୍ୟକୁ ଆସନ୍ତି ପାପ କ୍ଷୟ କରି କିଛି ଆଧ୍ୟମ୍ତିକ ପୁଣ୍ୟ ସଂଚୟ କରି ଯିବାକୁ ; ମାତ୍ର ତୁମେ ଯଦି ଏହି ବ୍ୟାଜ୍‌କୁ ଅବହେଳା କରିବ, ତେବେ ତୁମେ କେବଳ ସେଇ ପାପତକ ନୁହେଁ, ଆହୁରି ଅନେକ ପାପ ଧରି ଏଠାରୁ ଫେରିବ । ମନେରଖ, ପ୍ରେମ ଓ ସେବାର ପ୍ରତ୍ୟେକଟି କର୍ମ ତୁମକୁ ଏହି ଈଶ୍ୱର ସାନ୍ନିଧ୍ୟର ନିକଟରୁ ନିକଟତର କରେ, ଆଉ ଘୃଣା ଓ ଲୋଭପୂର୍ଣ୍ଣ ପ୍ରତ୍ୟେକଟି କର୍ମ ତୁମକୁ ଦୂରରୁ ଦୂରକୁ ନେଇଯାଏ । ଯେଉଁମାନଙ୍କର ଅଧିକାର ଓ ପ୍ରତିଷ୍ଠା ଅଛି, ଧନ ଅଛି, କୌଶଳ, ବୁଦ୍ଧି, ସ୍ୱାସ୍ଥ୍ୟ ଓ ଅବସର ଅଛି ସେମାନଙ୍କୁ ସେବାର ଏହି ଆଦର୍ଶ ଅନୁପ୍ରାଣିତ କରିବା ଦରକାର । ସମାଜର ସେବା କର, ଆଉ ସମାଜ ତୁମର ସେବା କରିବ । ମାତ୍ର ଏହାକୁ ଶୋଷଣ କଲେ ସେ ତୁମକୁ ଶେଷ କରିଦେବ । ତୁମର ଆଳସ୍ୟକୁ ବିଦାୟ ଦିଅ, ସର୍ବଦା ପାଟିତୁଣ୍ଡ କରୁଥିବା ଅହଙ୍କାରକୁ ଏବଂ କ୍ଷମତା ଓ ସଂପଦର ଲୋଭକୁ ପୋତି ପକାଅ । ତାହାହେଲେ ସେବାଦଳର କର୍ମୀ ହେବାର ଯୋଗ୍ୟତା ହାସଲ କରିବ ।

ମୁଁ ଜାଣେ କେତେକ ଲୋକ ସେମାନଙ୍କୁ ଦିଆ ଯାଇଥିବା ବ୍ୟାଜ୍ ଓ ସ୍କାର୍ଫକୁ ଅନ୍ୟମାନଙ୍କୁ ବ୍ୟବହାର କରିବାକୁ ଦେଉଛନ୍ତି । ସେମାନେ କାମରୁ ରକ୍ଷା ପାଇବାକୁ କିମ୍ବା କୌଣସି ବନ୍ଧୁକୁ ଖୁସି କରିବାକୁ ଏହା କରୁଛନ୍ତି । ଏହା ନିତାନ୍ତ ଭୁଲ କାମ । ତୁମକୁ ସେବାର ଏହି ଯେଉଁ ପ୍ରତୀକ ଦିଆଯାଇଛି, ତାହା ତୁମ ପ୍ରତ୍ୟେକଙ୍କର ପ୍ରାଣବାୟୁ ତୁଲ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ତୁମେ ଜାଣିବା ଦରକାର । ତୁମେ ଯେତେବେଳେ ତାକୁ ଅନ୍ୟ କାହାକୁ ଦେଉଛ ସେତେବେଳେ ତୁମେ ନିଜ ପ୍ରାଣର ଘୋର ଅନିଷ୍ଟ କରୁଛ । ଆହୁରି କେତେକ ଅଛନ୍ତି ଯେଉଁମାନେ ମଦ୍ୟପାନ କଲାବେଳେ, ଜୁଆ ଖେଳିଲାବେଳେ, ସିଗାରେଟ୍ ଟାଣିଲାବେଳେ ବା ଏପରି କିଛି ଅନିଷ୍ଟକର, ଲଜ୍ଜାଜନକ କାମ କଲାବେଳେ ସ୍କାର୍ଫ ଓ ବ୍ୟାଜ୍‌କୁ ଲୁଚାଇ ରଖିଦିଅନ୍ତି । ଏହା ମଧ୍ୟ ନିତାନ୍ତ ଅବାଞ୍ଛିତ ଘୃଣ୍ୟ କର୍ମ ।

ଏଠାକୁ ଯେଉଁମାନେ ଆସନ୍ତି ଓ ଉତ୍ସବ ଦେଖିବାକୁ ରହନ୍ତି, ସେମାନଙ୍କର ସେବା କଲାବେଳେ ତୁମକୁ କେତୋଟି କଥା ମନେରଖିବାକୁ ହେବ । ତୃଷାର୍ତ୍ତ ଲୋକକୁ ପାଣି ଦିଅ, ବୃଦ୍ଧ ଲୋକକୁ ଖରାରୁ ବା ବର୍ଷାରୁ ହାତ ଧରି ନେଇ ଶୁଖିଲା ଜାଗାରେ ଓ ଛାଇରେ ବସାଅ । ଲୋକେ ଉତ୍ସବ ସ୍ଥାନରେ ଯେଉଁଠି ଏକାଠି ବସନ୍ତି, ସେଠାରେ ବହୁଦୂରରୁ ପ୍ରଥମ ଥର ପାଇଁ ଆସିଥିବା ଓ ଦର୍ଶନ ପାଇଁ ବ୍ୟାକୁଳ ହେଉଥିବା ଲୋକମାନଙ୍କୁ ଆଗରେ ଏବଂ ସୁବିଧାଜନକ ଧାଡ଼ିରେ ବସାଅ, ଯେପରି ସେମାନେ

ସୁବିଧାରେ ସବୁ ଦେଖି ଆନନ୍ଦ ଅନୁଭବ କରିବେ । ଯଦି କାହାର ଦେହ ଖରାପ ହେଲା, ସଙ୍ଗେ ସଙ୍ଗେ ତାକୁ ଡାକ୍ତର ପାଖକୁ ନେଇ ତା ଯନ୍ତ୍ରଣା ଲାଘବ କରିବାରେ ସାହାଯ୍ୟ କର । ଏଥିରେ ଡେରି କର ନାହିଁ । କୌଣସି ସ୍ଥାନରେ ତୁମର ସେବା ଦରକାର ପଡ଼ିଲେ ବହୁଲୋକ ଏକାବେଳେ ଧାଇଁ ଯାଅ ନାହିଁ; ଯେତିକି ଦରକାର ସେତିକି ସଂଖ୍ୟାର କର୍ମୀ ଯାଅ । ଗୁଡ଼ିଏ ଉତ୍ସାହୀ ଲୋକ ଏକାଠି ଜମା ହେଲେ କାମରେ ବିଘ୍ନ ଘଟାନ୍ତି, ଆଉ ଅନ୍ୟ କୌଣସି ସ୍ଥାନରେ କାମ ବ୍ୟାହତ ହୁଏ ।

ମୁଁ ପ୍ରେମ, ତେଣୁ ତୁମେମାନେ ସେବା କରିବାର ଉପାୟ ଭାବରେ ପ୍ରେମକୁ ହିଁ ଜାବୁଡ଼ି ଧର । କୋମଳ ଭାଷା ହୃଦୟକୁ ଶୀଘ୍ର ଛୁଏଁ ଓ ଗଭୀର ଭାବରେ ଛୁଏଁ । ତୁମେ କାହିଁକି କୌଣସି କାମ କରିବାକୁ କାହାକୁ ମନା କରୁଛ, ତାହା ଧୀର, କୋମଳ ଓ ଭଦ୍ର ଭାବରେ ତାଙ୍କୁ ବୁଝାଇଦିଅ । ଲୋକେ ଆଗ୍ରହର ସହ ତୁମର ସହଯୋଗ କରିବା ତୁମର ଲକ୍ଷ୍ୟ ହେଉ, ସେମାନେ ଅନିଚ୍ଛାରେ ବାଧ୍ୟ ହୋଇ ତୁମ କଥା ମାନିନେବା ତୁମର ଲକ୍ଷ୍ୟ ନ ହେଉ । କଠୋର ବ୍ୟବହାର ବା ଜୋର୍ ଜବରଦସ୍ତ କରିବା ଉପରେ କଦାପି ନିର୍ଭର କରନା । ଅନେକ ଖୁବ୍ ସହଜରେ ସେ ବାଟକୁ ଖସି ଯାଆନ୍ତି; ମାତ୍ର ସେମାନେ ବୁଝନ୍ତି ନାହିଁ ଯେଉଁମାନେ ସେମାନଙ୍କର ଏହି ଯନ୍ତ୍ରଣାଦାୟକ ସେବାର ଶିକାର ହୁଅନ୍ତି ସେମାନେ କିପରି ଏହି ସେବକମାନଙ୍କୁ ଆଲ୍‌ସିସିଆନ୍ କୁକୁର ବା ବୁଲଡଗ୍ ବୋଲି କହି ପରିହାସ କରିଥାନ୍ତି । ତୁମର ଆତ୍ମୀୟସ୍ୱଜନ ବା ବନ୍ଧୁବାନ୍ଧବଙ୍କୁ କିଛିଟା ସୁବିଧା କରିଦେବା ପାଇଁ ତୁମ ପଦବୀର କୌଣସି ଅପବ୍ୟବହାର କର ନାହିଁ । ସାଇ ପରିବାରର ସମସ୍ତେ ତୁମର ଆତ୍ମୀୟସ୍ୱଜନ ।

ଏଇଟା ତୁମର ନିଜ ଘର, ଆଉ ଏଠାକୁ ଆସୁଥିବା ହଜାର ହଜାର ଲୋକ ତୁମର ଆତ୍ମୀୟସ୍ୱଜନ । ତୁମେ ନିଜର ନିକଟତମ ଓ ପ୍ରିୟତମ ଆତ୍ମୀୟକୁ ଯେପରି ସ୍ୱାଗତ ଜଣାଅ, ସେମାନଙ୍କୁ ସୁଖସୁବିଧାରେ ରଖାଇ ଦେବା ପାଇଁ ସେତିକି ଚେଷ୍ଟା କର । ଏହି ସ୍କାର୍ଫ ଓ ବ୍ୟାଜ୍ ପ୍ରଶାନ୍ତି ନିଳୟମ୍‌କୁ ନିଜ ଘର ବୋଲି ଘୋଷଣା କରିବା ପାଇଁ ତୁମକୁ ଅଧିକାର ଦେଇଥାଏ । ଏକଥା ମନେ ରଖ ଓ ତୁମର ଏହି ଘୋଷଣାର ବିରୋଧ କଲା ଭଳି, ଏହାର ମହତ୍ତ୍ୱ କଳଙ୍କିତ କରିବା ଭଳି କିଛି କର ନାହିଁ । ଏହି ସାମର୍ଥ୍ୟ ଓ ଅଧିକାର ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ ଦାନ । ସଂଗଠନ ଦ୍ୱାରା ନିର୍ଦ୍ଧାରିତ ବିଧିବିଧାନ ଲଂଘନ କର ନାହିଁ, ନିରୂପିତ ଆଦର୍ଶରୁ ବିଚ୍ୟୁତ ହୁଅ ନାହିଁ । ସିଧା ଆଗେଇ ଚାଲ ଓ ଲକ୍ଷ୍ୟଠରେ ଉପନୀତ ହୁଅ ।

♦♦♦

ପ୍ରଶାନ୍ତିନିଳୟମ୍, ୧୬. ୧୦. ୧୯୭୪

ସ୍ୱୟଂସେବକ

ମନ୍ତ୍ରୀ ସାଓ୍ୱନ୍ତ ଓ ମୁକୁନ୍ଦ ପ୍ରଭୁ ତୁମମାନଙ୍କୁ ସ୍ୱେଚ୍ଛାସେବକର କାର୍ଯ୍ୟ ବିଷୟରେ ବୁଝାଇଲେ । କିନ୍ତୁ ସେଗୁଡ଼ିକ ବିଷୟରେ ରୋମନ୍ଥନ କରିବା ବେଳେ ତୁମେ ପ୍ରତ୍ୟେକ ଚାରୋଟି ପ୍ରଶ୍ନର ଉତ୍ତର ଖୋଜିବା ଉଚିତ । ମୁଁ କାହିଁକି ସ୍ୱେଚ୍ଛାସେବୀ ଭାବରେ ବଛାଯାଇଛି ? ମୋତେ କ'ଣ କରିବାକୁ ହେବ ? କେଉଁ ତାତ୍କାଳିକ ଅଭିପ୍ରାୟରେ ? ଚରମ ଲକ୍ଷ୍ୟ କ'ଣ ? ଏଗୁଡ଼ିକ ବିଷୟରେ ଭଲ ଭାବରେ ଚିନ୍ତା କରିବାକୁ ହେବ ।

ସ୍ୱେଚ୍ଛାସେବୀ ପାଇଁ ବ୍ୟବହୃତ ଶବ୍ଦ ହେଉଛି "ସ୍ୱୟଂସେବକ", ଅର୍ଥାତ୍ ସେବକ ହେବା ପାଇଁ ତୁମେ ନିଜକୁ ବାଛିଛ । କାହାର ସେବକ ? ସ୍ୱୟଂ, ଅର୍ଥାତ୍ ତୁମ ନିଜର । ତୁମେ ଅନ୍ୟମାନଙ୍କର ସେବା କରିବା ଦ୍ୱାରା ତୁମ ନିଜର ସର୍ବୋଚ୍ଚ ସ୍ୱାର୍ଥ ସାଧନ କରିଥାଅ । ତୁମେ ଅନ୍ୟମାନଙ୍କର ସେବା କର ନାହିଁ , ତୁମେ ନିଜର ହିଁ ସେବା କରିଥାଅ । ଅନ୍ୟର କ୍ଷତି କଲେ ତୁମେ ନିଜର ହିଁ କ୍ଷତି କରିଥାଅ, କାରଣ ଅନ୍ୟ ବୋଲି କେହି ନାହିଁ । ସେ ଓ ତୁମେ ଏକ ସମୁଦ୍ରର ଦୁଇଟି ତରଙ୍ଗ । ତୁମ ଭିତରେ ଥିବା ଏକ ଭଗବାନ ତା ଭିତରେ ମଧ୍ୟ ଅଛନ୍ତି ।

ଏ ଲୋକ ବା ସେ ଲୋକଟି କିଏ, ତାହା ଜାଣିବା ପାଇଁ ତୁମ ଭିତରେ ବ୍ୟଗ୍ରତା ଅଛି । ସେମାନଙ୍କର ନାମ ଓ ଠିକଣା, ସେମାନଙ୍କର ପଦମର୍ଯ୍ୟାଦା, ସେମାନଙ୍କର ଅବସ୍ଥା ଆଦି ଟିପି ରଖି ତୁମେ ନିଜର କୌତୂହଳ ତୃପ୍ତ କରିଥାଅ । କିନ୍ତୁ ତୁମେ ଏସବୁ ଜାଣିବାକୁ ଆସିନାହଁ; ତୁମର ଏସବୁ ଜାଣିବାର କିଛି ଆବଶ୍ୟକତା ନାହିଁ । ତୁମେ ମାତ୍ର ଦୁଇଟି ପ୍ରଶ୍ନର ଉତ୍ତର ଜାଣିବା ଦରକାର -ବାବା କିଏ ? ମୁଁ କିଏ ? ଆଉ ଉତ୍ତର ହେଲା- ମୁଁ ହେଉଛି ବାବାଙ୍କର ପ୍ରତିବିମ୍ବ; ବାବା ହେଉଛନ୍ତି ମୂଳ ରୂପ, ଯାହାର ମୁଁ ହେଉଛି ପ୍ରତିବିମ୍ବ । ତାହା ହିଁ ସମ୍ପର୍କ; ତୁମେ ଜାଣ ବା ନ ଜାଣ, ପ୍ରତିବିମ୍ବ ବିକୃତ ହେଉ ବା ଠିକ୍ ହେଉ, ତାହା ହିଁ ସମ୍ବନ୍ଧ ।

ତୁମେ ସକାଳେ ଓ ସଂଧ୍ୟାରେ ଧ୍ୟାନ କରୁଛ; ଜପ କରୁଛ; ତୁମେ ଏକ ପ୍ରତିବିମ୍ବ ବୋଲି ଉପଲବ୍ଧି କରି ପ୍ରଭୁଙ୍କଠାରେ ବିଲୀନ ହେବା ପାଇଁ ସ୍ୱଚ୍ଛ ଓ ନିର୍ମଳ ହେବା ସକାଶେ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସ୍ନେହ ଓ ଆତ୍ମନିବେଦନ ଆଦି ସବୁକିଛିରେ ନିୟୋଜିତ ରହୁଛ ।

ସେବା ହେଉଛି ବିଶ୍ୱବିରାଟ ରୂପ ଭାବରେ ପ୍ରଭୁଙ୍କର ଉପାସନା । ଉତ୍ସବ ପାଇଁ ଏଠାକୁ ଆସିଥିବା ହଜାର ହଜାର ଲୋକ ତାଙ୍କର, ସେହି ପ୍ରଭୁଙ୍କର । ତାଙ୍କର

ଉପାସନା କର; ତାହା ହିଁ ତୁମ ସେବାର ଅଭିପ୍ରାୟ । ଆଉ ସେ ତୁମ ନିଜର ଆତ୍ମା ଛଡା ଅନ୍ୟ କେହି ନୁହଁନ୍ତି । ବ୍ୟକ୍ତିକୁ ଜଣେ ସାଧାରଣ ବ୍ୟକ୍ତି ଭାବରେ ଦେଖ ନାହିଁ; ତା' ଭିତରେ ନିଜର ଆତ୍ମା ରୂପରେ ଭଗବାନ ଅଛନ୍ତି । ଏ ବିଷୟରେ ସଚେତନ ହୁଅ ।

ମୁଁ କେତେ ବର୍ଷ ଧରି ତୁମମାନଙ୍କୁ ସେବା ବିଷୟରେ ଉପଦେଶ ଓ ନିର୍ଦ୍ଦେଶ ଦେଇ ଆସୁଛି, କିନ୍ତୁ ତୁମେ ସେଗୁଡ଼ିକୁ ଯେତେ ଦୂର ଅଭ୍ୟାସ କରୁଛ, ସେଥିରେ ମୁଁ ସନ୍ତୁଷ୍ଟ ନୁହେଁ । ମୋତେ ପ୍ରୀତ କରିବା, ମୋତେ ସନ୍ତୋଷ ଦେବା, ମୋ ନିର୍ଦ୍ଦେଶ ପାଳନ କରିବା ତୁମର ଲକ୍ଷ୍ୟ ହେବା ଉଚିତ । ମୁଁ ମୋର ବ୍ରତ ଭାବରେ କେତୋଟି କାମ ନେଇ ଆସିଛି । ମୋର କେତୋଟି ସଂକଳ୍ପ ମଧ୍ୟ ପୂରଣ କରିବାର ଅଛି । ସେଗୁଡ଼ିକ ଭଗବତ୍ ଗୀତାରେ ମଧ୍ୟ ଉଲ୍ଲେଖ କରିଯାଇଛି । ମୋତେ ଧର୍ମର ସଂସ୍ଥାପନା କରିବାକୁ ହେବ । ଯେଉଁମାନେ ମୋର ଅନନ୍ୟ ଚିନ୍ତା କରୁଛନ୍ତି ସେମାନଙ୍କର ଯୋଗକ୍ଷେମ ମୋତେ ବହନ କରିବାକୁ ହେବ । ତେଣୁ ମୋତେ ପ୍ରୀତ କରିବାର ସର୍ବୋତ୍ତମ ଉପାୟ ହେଲା ମୋତେ ସବୁ ଜୀବମାନଙ୍କ ଭିତରେ ଦେଖିବା ଏବଂ ତୁମେ ମୋର ଯେପରି ସେବା କରନ୍ତ ସେପରି ସେମାନଙ୍କର ସେବା କରିବା । ତାହା ହିଁ ସର୍ବୋତ୍ତମ ଉପାସନା, ଯାହା ମୋ ପାଖରେ ପହଞ୍ଚିବ ।

ପ୍ରଭୁଙ୍କର ଦୁଇ ବା ଦୁଇଶହ ସଂକଳ୍ପ ଥାଇ ପାରେ; ତାହା ତାଙ୍କର ଇଚ୍ଛା । କିନ୍ତୁ ଭକ୍ତର ମାତ୍ର ଗୋଟିଏ ସଂକଳ୍ପ ରହିବା ଦରକାର - ନିଜକୁ ରକ୍ଷା କରିବା; ପୂର୍ଣ୍ଣ ଶରଣାଗତିର ସଂକଳ୍ପ । ତୁମର ଯଦି ପ୍ରତ୍ୟେକ ଜୀବର ଦିବ୍ୟତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ଥାଏ ତେବେ ଶରଣାଗତି ଭାବ ଆପେ ଆପେ ତୁମଠାରେ ସ୍ଥିର ହୋଇଯିବ । ସେମାନଙ୍କୁ ମନୁଷ୍ୟ ଭାବରେ ଦେଖ ନାହିଁ, ସେମାନଙ୍କୁ ସ୍ୱୟଂ ଭଗବାନ ଭାବରେ ଦେଖ । ତୁମେ ସେହି ଅନ୍ୟ ଲୋକର ଦୁଃଖ ଦୂର କରୁନାହଁ, ତୁମେ ସେହି ରୂପରେ, ସେହି ଶରୀରରେ ପ୍ରଭୁଙ୍କର ଉପାସନା କରୁଛ ।

ଏଠାରେ ତୁମକୁ ଯେଉଁମାନେ ଦେଖୁଛନ୍ତି ସେମାନେ ଆସନ୍ତାକାଲି ପଚାରି ପାରନ୍ତି, ଯେହେତୁ ଏହି ଲୋକମାନଙ୍କ ଦ୍ୱାରା ନିର୍ଦ୍ଦେଶ ଦୃଢ଼ ଭାବରେ ପାଳନ କରାଯାଉନାହିଁ ଏବଂ ସେବାକୁ ଉପାସନାରେ ପର୍ଯ୍ୟୁତ୍ଥିତ କରାଯାଉନାହିଁ ତେବେ ସେମାନଙ୍କୁ ବର୍ଷ ପରେ ବର୍ଷ ବ୍ୟାଜ୍ କାହିଁକି ଦିଆଯାଉଛି ? ଆଚ୍ଛା, ତୁମେ ଯେତେବେଳେ ଧାଡ଼ିଗୁଡ଼ିକୁ ଆବୃତ୍ତି କରୁଛ ଏବଂ ସେଗୁଡ଼ିକୁ ଗାଇବାକୁ ଚେଷ୍ଟା କରୁଛ, ଦିନେ ତୁମେ ସେଗୁଡ଼ିକୁ ଭଲ ଭାବେ ଗାଇବାରେ ସଫଳ ହୋଇପାର । ଦିନକୁ ଦିନ ତୁମେ ସବୁ କଥା ଭଲ ଭାବରେ ଜାଣିବ ଏବଂ ଅଧିକାଧିକ ଭଲ

ହେବ ବୋଲି ଆଶା କରି ମୁଁ ତୁମକୁ ଅଭ୍ୟାସ ଦ୍ୱାରା ଶିକ୍ଷା କରିବାକୁ ଉତ୍ସାହିତ କରୁଛି; ମୁଁ ତୁମକୁ ତ୍ୟାଗ କରେ ନାହିଁ । ଏହା ମୋର ଅନୁଗ୍ରହର ସଙ୍କେତ ।

ଆଜ୍ଞା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମୁଁ ତୁମକୁ ଯେତେବେଳେ ଗୋଟିଏ କାମ କରିବାକୁ କହୁଛି ତାହା ତତ୍‌କ୍ଷଣାତ୍ ଓ ଆଗ୍ରହର ସହିତ ପାଳନ କରାଯିବା ଉଚିତ । ତୁମେ ଧ୍ୟାନ ବା ଜପ ଛାଡି ଦେଇପାର, ସେଥିରେ କିଛି ଯାଏ ଆସେ ନାହିଁ । ଆଜ୍ଞାନୁବର୍ତ୍ତିତାର ପରିଣାମ ସେହି ସାଧନାଗୁଡ଼ିକ ଅପେକ୍ଷା ଅଧିକ ମୂଲ୍ୟବାନ । ଏହି ଉଦାହରଣ ଦେଖ; ତୁମେ ଧ୍ୟାନ କରୁଛ । ତୁମେ ପାଖରେ ଥିବା ଜଣେ ଲୋକ କଷ୍ଟରେ ବିକଳ ହେଉଛି । ତୁମେ ତାହା ଶୁଣୁଛ ଏବଂ ତୁମ ମନରେ କ୍ରୋଧ ଜାତ ହେଉଛି, କାରଣ ସେ ତୁମର ଏକାଗ୍ରତାରେ ବାଧା ଦେଉଛି । କ୍ରୋଧ ବା ବିରକ୍ତି ବଢ଼ାଅ ନାହିଁ , ଉଠ ଓ ତାକୁ ସାହାଯ୍ୟ କର, ତାକୁ ଏପରି ସ୍ଥାନକୁ ନିଅ ଯେଉଁଠାରେ ତାର ଚିକିତ୍ସା କରାଯାଇ ପାରିବ । ତାହେଲେ ତୁମେ ହରାଇଥିବା ଜପ, ଧ୍ୟାନରୁ ଯେଉଁ ଲାଭ ପାଇଥାନ୍ତ, ଏବଂ ତାଠାରୁ ମଧ ଅଧିକ ସେହି କାର୍ଯ୍ୟ ଦ୍ୱାରା ପାଇବ ।

ଶଙ୍କରାଚାର୍ଯ୍ୟଙ୍କ ପ୍ରିୟ ଶିଷ୍ୟ ପଦ୍ମପାଦ ଗୁରୁସେବାକୁ ତାଙ୍କ ପାଇଁ ଯଥେଷ୍ଟ ବିଦ୍ୱତ୍ତା ବୋଲି କହିଥିଲେ । ଉନ୍ନତି ଓ ଶୋକମୁକ୍ତି ପାଇଁ ନାରାୟଣଙ୍କ ନାମ ଯଥେଷ୍ଟ ବୋଲି ପ୍ରହ୍ଲାଦ କହିଥିଲେ । ମାନସିକ ଶାନ୍ତି ଓ ଇନ୍ଦ୍ରିୟସଂଯମ ବିନା ବିଶ୍ୱବିଦ୍ୟାଳୟ ଉପାଧି ପ୍ରତିବନ୍ଧକ ଅଟେ; ମୁକ୍ତ ଓ ସୁଖୀ ହେବା ପାଇଁ ଅତିକ୍ରମ କରିବାକୁ ପଡୁଥିବା ବାଧାବିଘ୍ନ ଅତିରିକ୍ତ ଭାର ଅଟେ । ତୁମେ ଯଦି ହୀନ କାମନାଗୁଡ଼ିକୁ ପୂରଣ କରିବାକୁ ଚାହୁଁଛ ତେବେ ଏଠାକୁ କାହିଁକି ଆସୁଛ ? ଅନୁଗ୍ରହ ଲାଭ କରିବାକୁ ଚାହୁଁଥିଲେ ହିଁ ଏଠାକୁ ଆସ । ଡାକ୍ତର ବତାଉଥିବା ଔଷଧ ଖାଇବାକୁ ଓ ତାର ନିର୍ଦ୍ଦେଶ ଅନୁସାରେ ପଥ୍ୟ କରିବାକୁ ସ୍ଥିର କଲେ ହିଁ ତୁମେ ଡାକ୍ତରଖାନାକୁ ଯାଅ । ସେହିପରି ଅନ୍ୟମାନେ ଯାହା କହନ୍ତୁ ବା ଯେତେ କଷ୍ଟକର ମନେ ହେଉ ମୁଁ ଦେଉଥିବା ନିର୍ଦ୍ଦେଶ ପାଳନ କର । ତୁମେ ସେହି ଅନ୍ୟମାନଙ୍କୁ ପ୍ରସନ୍ନ କରିବା ପାଇଁ ପ୍ରଶାନ୍ତିନିଳୟମ୍ ଆସିନାହଁ, ତୁମେ ମୋତେ ପ୍ରସନ୍ନ କରିବାକୁ ଆସିଛ ।

ମୁଁ ଉପଚାର ପାଳନ, ଭକ୍ତିର ବାହ୍ୟ ସଙ୍କେତ ଦ୍ୱାରା ପ୍ରୀତ ହୁଏ ନାହିଁ । ମୁଁ ପ୍ରକୃତ ବିଶ୍ୱାସ, ଆନ୍ତରିକ ଅନୁଶୀଳନ ଓ ହୃଦୟଭରା ଭକ୍ତି ଉପରେ ଗୁରୁତ୍ୱ ଦିଏ । ତୁମେ ଅନ୍ୟମାନଙ୍କୁ ଯେଉଁ ନୀତି-ନିୟମ ପାଳନ କରିବାକୁ କହୁଛ ସେସବୁ ତୁମେମାନେ ପାଳନ କରିବା ଉପରେ ମୁଁ ଗୁରୁତ୍ୱ ଦିଏ । ତୁମେ ମଧୁର ଭାବରେ କଥା ନ କହିଲେ ଅନ୍ୟମାନେ ତୁମ ପ୍ରତି ମଧୁର ହୁଅନ୍ତୁ ବୋଲି ତୁମେ କିପରି ଆଶା କରି ପାରିବ ? ପ୍ରତିକ୍ରିୟା କ୍ରିୟା ଉପରେ ନିର୍ଭର କରେ । ବ୍ୟାଜ୍ ଲଗାଇ

ତୁମେ ଯଦି ଧୂମପାନ କର ତେବେ ତୁମେ ନିଜର ତଥା ବ୍ୟାଜ୍‌ର ଅପମାନ କରିବ । ଏହା ଏକ ଆତ୍ମପ୍ରବଞ୍ଚନା, ଯାହା ତୁମକୁ ତୁମ ନିଜର ମୂଲ୍ୟାୟନରେ ତଳକୁ ଖସାଇ ଦିଏ । ଶୃଙ୍ଖଳା ଉପରେ ଶ୍ରଦ୍ଧା ରଖ ଓ ତାହା ନିର୍ଦ୍ଧାରଣ କର; ତାହାକୁ କାର୍ଯ୍ୟକାରୀ କରିବାକୁ ମନୋବଳ ରଖ । **ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍** । ଯାହାର ଶ୍ରଦ୍ଧା ଅଛି ସେ ଜ୍ଞାନ ବଳରେ ମୋକ୍ଷ ଲାଭ କରିପାରେ । ଭକ୍ତି ନାମକ କୋମଳ ଲତା ଶ୍ରଦ୍ଧା ବୃକ୍ଷକୁ ଆଶ୍ରୟ କରିଥାଏ ।

ତୁମର ବିଛଣା ଓ ବାକ୍‌ସ ଏପରି ଭାବରେ ପକାଅ ନାହିଁ ଯଦ୍ୱାରା ପରେ ଆସୁଥିବା ଲୋକମାନେ ସେମାନଙ୍କର ଜିନିଷପତ୍ର ରଖିବାକୁ ଜାଗା ପାଇବେ ନାହିଁ । କେହି ଏଠାକୁ ସୁବିଧା ଖୋଜି ଆସନ୍ତି ନାହିଁ । ଯେତିକି ଜାଗା ପାଉଛ ସେଥିରେ ଅନ୍ୟମାନଙ୍କୁ ଭାଗ ଦିଅ; ସମସ୍ତେ ସମାନ ଭାବରେ ତୁମର ଆତ୍ମୀୟ-ସ୍ୱଜନ । ତୁମେ ଏଠାରେ ବୈରାଗ୍ୟ ଶିଖିବାକୁ ଓ ଅଭ୍ୟାସ କରିବାକୁ ଆସିଛ । ଅନ୍ୟମାନଙ୍କର ସେବା କରିବା ବେଳେ ବର୍ଷାରେ ଓଦା ହୋଇପାର; ସେଥିରେ କିଛି ଯାଏ ଆସେ ନାହିଁ । ସେବା କରିବା ବେଳେ ମୃତ୍ୟୁ ଆସିଲେ ବି ଅଟକି ଯାଅନା; ତୁମେ ଯଦି ସଂକଳ୍ପବଦ୍ଧ ହୋଇଥାଅ ତେବେ ଭଗବାନ ତାହାକୁ ତୁମ ପାଖକୁ ଆସିବାକୁ ଦେବେ ନାହିଁ ! ତୁମେ ଆପତ୍ତି କରିଥାଅ, "ସ୍ୱାମୀ ମୋ ପ୍ରତି କୋମଳ ନୁହନ୍ତି ।" ହୋଉ ତାଙ୍କ ହୃଦୟକୁ ତରଳାଅ । ବ୍ୟାକୁଳ ହୁଅ ! ଅନୁତପ୍ତ ହୃଦୟ, ଦୁଃଖ ଦୂର କରିବା ପାଇଁ ଆଗ୍ରହୀ ଦୟାଳୁ ହୃଦୟର ଉଷ୍ମତା ତାଙ୍କୁ ଦେଖାଇ ଦିଅ । ଗଭୀର ବୈରାଗ୍ୟ ମାଧ୍ୟମରେ ଐନ୍ଦ୍ରିୟ ସୁଖ ପ୍ରତି କାମନା ଦୂର ହେବା ଉଚିତ, ତାହା ଚିତ୍ତଶୁଦ୍ଧି କରିବ । ତାପରେ ଭଗବାନ ସ୍ପଷ୍ଟ ଭାବରେ ପ୍ରତିବିମ୍ବିତ ହେବେ ଏବଂ ସତ୍ୟ ଜଣା ପଡ଼ିବ; ଏହା ଶାନ୍ତିରେ ପରିଣତ ହେବ, ଯାହା ପରମାନନ୍ଦ ଅଟେ ।

ସେବା କର, କାରଣ ତୁମେ କରିବା ଉଚିତ, କାରଣ ତୁମର ହୃଦୟର ଆବେଗ ତାହା କରିବାକୁ କହୁଛି, କାରଣ ତୁମେ ଏଥିରୁ ଆନନ୍ଦ ପାଉଛ । ଯେତେବେଳେ ତୁମେ ଦେଖୁଛ ଯେ ରୋଗୀଟିଏ ଯେଉଁ ଔଷଧ ଦ୍ୱାରା ଆରୋଗ୍ୟ ହୋଇ ପାରିବ ତାହା କିଣିବା ପାଇଁ ସେ ଖୁବ୍ ଗରିବ, ଯଦି ଡାକ୍ତର କହନ୍ତି ଯେ ତା'ର ଜୀବନ ରକ୍ଷା କରିବା ପାଇଁ ଏହା ଅତି ଜରୁରୀ ଓ ଆବଶ୍ୟକ ତେବେ ଟଙ୍କା ଧାର ଆଣିବାକୁ ବା ଧାର ଦେବାକୁ ଦ୍ୱିଧା କର ନାହିଁ । ସମିତିର ସଦସ୍ୟ ବା ଅନ୍ୟ କାହାରିକୁ କହ, କାରଣ ଜୀବନ ଅତି ମୂଲ୍ୟବାନ । ଅତି ଆବଶ୍ୟକ ସମୟରେ ସେବା ଅତି ହିତକର ଅଟେ । ଚିକିତ୍ସାଳୟମାନଙ୍କରେ ଅବହେଳିତ ହୋଇ କଷ୍ଟ ଭୋଗୁଥିବା ଗରିବ ଲୋକମାନଙ୍କ ପାଇଁ ଦୁଗ୍ଧ ଗୁଣ୍ଡ ଆଣିବାକୁ ଏବଂ ଦୁଗ୍ଧ ଓ

ଫଳ ଯୋଗାଇ ଦେବାକୁ ଚେଷ୍ଟା କର । ଭଗବାନ କରୁଣାର ପୁଷ୍ପରେ ଉପାସିତ ହେବାକୁ ଭଲ ପାଆନ୍ତି ।

ନିରାନନ୍ଦ ଶୁଷ୍କ ହୃଦୟରେ ପ୍ରେମର ବୀଜ ବପନ କର; ତାହେଲେ ପ୍ରେମର ଅଙ୍କୁର ପଡ଼ିଆ ଜମିକୁ ଆନନ୍ଦରେ ହରିତ କରିଦେବ, ପ୍ରେମର ପୁଷ୍ପ ବାୟୁକୁ ସୁଗନ୍ଧିତ କରିଦେବ, ପ୍ରେମର ନଦୀ ଉପତ୍ୟକା ଦେଇ ପ୍ରବାହିତ ହେବ ଏବଂ ପ୍ରତ୍ୟେକ ପକ୍ଷୀ; ପଶୁ ଓ ଶିଶୁ ପ୍ରେମର ଗୀତ ଗାନ କରିବେ । ବର୍ତ୍ତମାନ କେବଳ କେତେକ ଗ୍ରାମ ଓ ସହରରେ ଆମର ସେବାଦଳ ଅଛନ୍ତି । ସବୁ ଗ୍ରାମ ଓ ସବୁ ସହରମାନଙ୍କରେ ସେବାଦଳ ରହିବା ଉଚିତ, ତାହେଲେ ମନୁଷ୍ୟ ଦ୍ୱାରା ମନୁଷ୍ୟର ସେବା ମନୁଷ୍ୟ ଦ୍ୱାରା ତାର ନିଜର ସତ୍ତା ଭଗବାନଙ୍କର ଆବିଷ୍କାର ଆଡ଼କୁ ଘେନିଯାଇ ପାରିବ ।

ଏହା ତୁମମାନଙ୍କ ପାଇଁ ଏକ ଉତ୍ତମ ବିଦ୍ୟାଳୟ; ଏଠାରୁ ଯିବା ପୂର୍ବରୁ ସଫଳତା ହାସଲ କର । ଏହି ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି ଆଉ ସେ ହେଉଛନ୍ତି ମୁଁ ନିଜେ । ମୋର କେହି ପ୍ରବନ୍ଧକ, ସମ୍ପାଦକ ବା ଅଧ୍ୟକ୍ଷ ନାହାନ୍ତି । ମୁଁ ହେଉଛି ଆଦର୍ଶ, ନାୟକ, ପଥପ୍ରଦର୍ଶକ । ମୋତେ ବାଧ କରିବାକୁ କେହି ନାହିଁ କିମ୍ବା ମୁଁ କିଛି ଲାଭ ପାଏ ନାହିଁ । ତଥାପି ମୁଁ ବାଟ ଦେଖାଇବାକୁ ଓ ଶିକ୍ଷା ଦେବାକୁ କାମ କରେ । ମୁଁ ଯଦି ନିଷ୍କ୍ରିୟ ରହେ ତେବେ ପୃଥିବୀର ଚକ୍ର ଘୂରିବ କିପରି ? ମୁଁ ଏଠାରେ ଅତି ସୂକ୍ଷ୍ମାତିସୂକ୍ଷ୍ମ କଥା, ପ୍ରତ୍ୟେକ ବ୍ୟବସ୍ଥା ତଦାରଖ କରିଥାଏ – ମଣ୍ଡପ, ମଞ୍ଚ, ତାରପୋଲିନ୍, ଶେଡ୍, ପାଣିଟାଙ୍କି, ପମ୍ପ, ସବୁ କିଛି । ମୁଁ ନିଜ ପାଇଁ ମଧ୍ୟ ସବୁ କଥା କରେ । ତେଣୁ ମୁଁ ତୁମର ସେବା ଲୋଡ଼େ ନାହିଁ । ତୁମେ ଏଠାରେ ସମବେତ ହୋଇଥିବା ଲୋକମାନଙ୍କର ସେବା କଲେ ତାହା ମୋତେ ଆନନ୍ଦ ଦିଏ । ମୁଁ ଆନନ୍ଦ ଛଡ଼ା ଅନ୍ୟ କିଛି ଆହାର ଦରକାର କରେ ନାହିଁ ।

ମୁଁ ଆନନ୍ଦ ସ୍ୱରୂପ; ଆନନ୍ଦ ମୋର ସ୍ୱଭାବ; ଆନନ୍ଦ ମୋର ଲକ୍ଷଣ । ଶତାବ୍ଦୀ ଶତାବ୍ଦୀ ଧରି ଭାଗବତ, ରାମାୟଣ, ଭଗବତ୍ ଗୀତା, ମହାଭାରତର ପାରାୟଣ ଓ ମୁଖସ୍ଥ ହେଉଥିଲେ ବି ସେଥିରେ ନିର୍ଦ୍ଧାରିତ ଆଜ୍ଞା, ନୀତି ଓ ସାଧନା ପ୍ରତି ମନୋଯୋଗ ଦିଆଯାଇନାହିଁ । ବର୍ତ୍ତମାନ ନିର୍ଗୁଣ, ନିରାକାର ବ୍ରହ୍ମ ମାନବ ରୂପରେ ଆସିଛନ୍ତି; ତୁମ ନିଜର ମୋକ୍ଷ ପାଇଁ ଦିଆଯାଉଥିବା ଆଦେଶ ପାଳନ କରିବାରେ ନିଷ୍ଠାବାନ୍ ହୁଅ ।

ହନୁମାନଙ୍କୁ ସୀତାଙ୍କ ଅନୁସନ୍ଧାନ କରିବା ପାଇଁ ଆଦେଶ ଦିଆଯାଇଥିଲା ଏବଂ ସେ ବିନା ଦ୍ୱିଧାରେ ନିଷ୍ଠାର ସହ ତାହା ପାଳନ କରିଥିଲେ ଏବଂ ସଫଳ ହୋଇଥିଲେ । ସେ ଯାତ୍ରାର ବିପଦ କଥା ହିସାବ କରି ପଶ୍ଚାତ୍‌ପଦ ହୋଇ ନ ଥିଲେ । ତାଙ୍କୁ ଏହି ଉଚ୍ଚ ଅଭିଯାନ ପାଇଁ ବଛାଯାଇଥିବାରୁ ସେ ଗର୍ବ ଅନୁଭବ କରି

ଅତ୍ୟଧିକ ଉତ୍ସାହୀ ହୋଇ ନ ଥିଲେ । ସେ ଶୁଣିଲେ, ବୁଝିଲେ, ମାନିଲେ, ବିଜୟୀ ହେଲେ । ତଦ୍ଦ୍ୱାରା ସେ ଯେଉଁ ରାମଦୂତ ଆଖ୍ୟାଲାଭ କଲେ ତାହା ତାଙ୍କୁ ଅମର କରିଦେଲା । ତୁମେ ସାଇରାମଦୂତ ଆଖ୍ୟା ଅର୍ଜନ କରିବା ଉଚିତ । ସହିଷ୍ଣୁ ଓ ଆତ୍ମ-ସଂଯମୀ ହୁଅ, କୋମଳ ଓ ମଧୁର ବଚନ ପ୍ରୟୋଗ କର, ମୋର ରୁଚିର କଷଟି ପଥରରେ ତୁମର ପ୍ରତ୍ୟେକ କାମକୁ ପରୀକ୍ଷା କର । ତୁମେ ନିଜକୁ ପଚାରିବା ଉଚିତ, "ସ୍ୱାମୀ, ଏହା ଅନୁମୋଦନ କରିବେ ତ ?" ଏହି ତପସ୍ୟାରେ ହିଁ ତୁମକୁ ଦୀକ୍ଷିତ କରାଯାଉଛି । ଏହା ଜୀବନବ୍ୟାପୀ ତପସ୍ୟା, ଦଶହରାର ଏହି ଦଶଦିନ ପାଇଁ ନୁହେଁ ।

ତୁମେ ଘରକୁ, ତୁମ୍ଭ ନିଜ ଗାଆଁକୁ ଫେରିଯିବା ବେଳେ ତୁମେ ଏହି ଶୃଙ୍ଖଳା ପାଳନ କରିବା ଉଚିତ୍ ଏବଂ ଅନ୍ୟମାନଙ୍କର ମାର୍ଗକୁ ଆଲୋକିତ କରିବା ପାଇଁ ଉଜ୍ଜ୍ୱଳ ଆଲୋକ ହେବା ଉଚିତ । ମୁଁ ତୁମଠାରେ ଦୁଇଟି କଥା ସବୁଠାରୁ ବେଶି ପସନ୍ଦ କରେ - (୧) ନୀରବତା - ନୀରବତାର ଗଭୀରତାରେ ହିଁ ଭଗବାନଙ୍କ ସ୍ୱର ଶୁଣି ହେବ । ଯଥାସମ୍ଭବ ଧୀର, ମଧୁର ଭାବରେ କମ୍ କଥା କହ । ପରସ୍ପର ମଧ୍ୟରେ ଫୁସ୍‌ଫାସ୍ ହୁଅନା, କାରଣ କାହା ପଛରେ ଚକ୍ରାନ୍ତ କରିବା ବେଳେ ସେପରି କରାଯାଇଥାଏ । ମୋଠାରୁ ଦୂରରେ ରହିବା ବେଳେ ବଡ଼ ପାଟିରେ କଥାବାର୍ତ୍ତା କର ନାହିଁ, କାରଣ ମୋ ପାଇଁ କିଛି ଦୂର ନୁହେଁ । (୨) ନାମସ୍ମରଣ - ତୁମେ ଅନ୍ୟ ଯେ କୌଣସି କାର୍ଯ୍ୟ କରୁଥିବା ବେଳେ ବି ପ୍ରଭୁଙ୍କ ନାମ ସ୍ମରଣ କରୁଥାଅ । ନାମ ତୁମର ସବୁ କାର୍ଯ୍ୟକଳାପର ସ୍ଥାୟୀ ପୃଷ୍ଠଭୂମି ହେଉ ।

♦♦♦

ପ୍ରଶାନ୍ତି ନିଳୟମ୍, ୨୨.୦୯.୧୯୬୮

ଦିବ୍ୟ ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ

ତୁମମାନଙ୍କୁ ସେବକ ବୋଲି କୁହାଯାଏ, କାରଣ ତୁମେମାନେ ସେବାରେ ନିୟୋଜିତ । ସେବା ପ୍ରକୃତରେ କ'ଣ? ଏହା ଭକ୍ତି ପ୍ରକଟ ହେବାର ମାର୍ଗ, ଭକ୍ତିର ପରିଣାମ କି? ନା, ଏହା ଭକ୍ତିର କାରଣ, ଭକ୍ତି ଅଭିବ୍ୟକ୍ତି ଓ ବିକଶିତ ହେଉଥିବା ଗୋଟିଏ ଉପାୟ? ଏଥିରୁ କୌଣସିଟି ନୁହେଁ । ଏହା ଭକ୍ତିର କାରଣ ବା ପରିଣାମ ନୁହେଁ । ଏହା ଭକ୍ତିର ସାରତତ୍ତ୍ୱ, ଭକ୍ତର ପ୍ରାଣବାୟୁ, ତାର ସ୍ୱଭାବ । ଏହା ଭକ୍ତର ପ୍ରକୃତ ଅନୁଭୂତିରୁ ଜାତ- ସେହି ଅନୁଭୂତି, ଯାହା ତାକୁ ନିଶ୍ଚିତ କରାଏ ଯେ ସବୁ ଜୀବ ଭଗବାନଙ୍କର ସନ୍ତାନ, ସବୁ ଶରୀର ଭଗବାନ ଅବସ୍ଥାପିତ ହୋଇଥିବା ବେଦୀ, ସବୁ ସ୍ଥାନ ତାଙ୍କର ଆବାସ ।

ସେବାକୁ ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ସାଧନା ଭାବରେ ଦେଖ । ଏହା ତୁମେ ଲାଭ କରିଥିବା ଏକ ପରମ ସୌଭାଗ୍ୟ । ଏହି ବିଶାଳ ସମାବେଶରେ ତୁମର କାର୍ଯ୍ୟ ତୁମର ଆଧ୍ୟାତ୍ମିକ ଉନ୍ନତି ପାଇଁ ଜପ ବା ଧ୍ୟାନ ଅପେକ୍ଷା ଅଧିକ ହିତକର। କିନ୍ତୁ ସେବା ଦ୍ୱାରା ତୁମେ ଜଗତର ପୁନର୍ନିର୍ମାଣ ବା ପୁନର୍ଗଠନ କରି ପାରିବ ବୋଲି ଭାବ ନାହିଁ । ତୁମେ କରିପାର ବା ନ ପାର । ସେବାର ପ୍ରକୃତ ମୂଲ୍ୟ, ଏହାର ଦୃଶ୍ୟମାନ ପରିଣାମ ହେଉଛି ଯେ ଏହା ତୁମର ସଂସ୍କାର କରେ, ତୁମକୁ ସୁଧାରେ । ଏକ ଆଧ୍ୟାତ୍ମିକ ସାଧନା ଭାବରେ ସେବା କର, ତାହେଲେ ତୁମେ ବିନୟୀ ଓ ସୁଖୀ ହେବ । ତୁମେମାନେ ଅନ୍ୟମାନଙ୍କୁ ଉନ୍ନତ କରୁଛ ବୋଲି କହି ବୁଲ ନାହିଁ; ନିଜକୁ ଉନ୍ନତ କର । ଜପ ଓ ଧ୍ୟାନର ବିସ୍ତାର ଭାବରେ ସେବା ଅର୍ଥାତ୍ ବ୍ୟାବହାରିକ ଜପ ଓ ଧ୍ୟାନ କର । କିଏ କିପରି ଗରିବ ଓ ନିଃସ୍ୱଙ୍କୁ ଦେଖି ଚୁପ୍ ରହି ପାରିବ?

ମୁଁ ରୁଦ୍ଧ ଦ୍ୱାର ଭିତରେ ଜପ କରିବାକୁ, ସାହାଯ୍ୟ କରିବା ଜାଣି ନ ଥିବା ହାତ ଦ୍ୱାରା ମାଳି ଗଡ଼ାଇବାକୁ କୌଣସି ମୂଲ୍ୟ ଦିଏ ନାହିଁ । ଯନ୍ତ୍ରଣାର ଆକୁଳତା ପ୍ରତି ତୁମକୁ ବଧିର କରି ଦେଉଥିବା ଧ୍ୟାନକୁ ମୁଁ ପସନ୍ଦ କରେ ନାହିଁ । ଧ୍ୟାନ ହୃଦୟକୁ କଠୋର କରିବା ଉଚିତ ନୁହେଁ; ଏହା ଲହୁଣି ପରି କୋମଳ ହେବା ଦରକାର, ଯାହା ଉତ୍ତାପର ସାମାନ୍ୟ ସଂସ୍ପର୍ଶ ପାଇଲେ ତରଳି ଯାଏ । ସେବା ସମସ୍ତଙ୍କ ଭିତରେ ଅନ୍ତର୍ନିହିତ ଭଗବାନଙ୍କୁ ଦେଖିବା ପାଇଁ ଏକ ମହାନ ସୁଯୋଗ । ରାମ ସୀତାଙ୍କୁ ବିନା ସହାୟତାରେ ଉଦ୍ଧାର କରି ପାରିଥାଆନ୍ତେ, କିନ୍ତୁ ସେ ବାନର ସେନାଙ୍କୁ ସେବାର ସୁଯୋଗ ଦେବାକୁ ଚାହିଁଥିଲେ, କାରଣ ସେମାନେ ଥିଲେ ସେହି ସୁଯୋଗ ଦାବି କରିବାକୁ ଆସିଥିବା ଦେବତାଗଣ ।

ତୁମେ ସେବକ ଭାବରେ ରହିଥିବା ବେଳେ ଏହି ଦିନମାନଙ୍କରେ ଏକଥା ନିଶ୍ଚୟ ଅନୁଭୂତି କରିଥିବ - ତୁମେ ସବୁ ପ୍ରକାର ଲୋକଙ୍କୁ ଭେଟିଥିବ; କେତେଜଣ ଅତି ସହଯୋଗଶୀଳ, କେତେ ଜଣ କହଳପ୍ରିୟ, କେତେଜଣ ବାଧା ଦିଅନ୍ତି, କେତେଜଣ ଯୁକ୍ତି କରନ୍ତି, କେତେ ଜଣ ଧମକ ଦିଅନ୍ତି, କେତେ ଜଣ ତୁମର ମନୋଭାବ ବା ଅଧିକାରକୁ ପ୍ରଶ୍ନ କରନ୍ତି । ସେମାନଙ୍କ ସହିତ ସମ୍ପର୍କ ଏକ ସୁନ୍ଦର ଶିକ୍ଷା ଅଟେ । ସେମାନେ ତୁମ ଚରିତ୍ରକୁ ଦୃଢ଼ କରନ୍ତି ଏବଂ ମାନ ଓ ଅପମାନକୁ ସମାନ ଆନନ୍ଦରେ ସ୍ୱାଗତ କରିବାକୁ ତୁମକୁ ତାଲିମ ଦିଅନ୍ତି । ମୁଁ ତୁମକୁ ପଚାରୁଛି; କେଉଁ ଗୋଟିଏ ଜିନିଷ ପାଇଁ ତୁମେ ସବୁଠାରୁ ବେଶି ଅଭିଳାଷା କରିଥାଅ ? କୃପା, ନୁହେଁ କି ? ତୁମର ବଚନ ଓ କର୍ମ ସତ୍ୟ ଓ ଧର୍ମର ସମତାଳ ହୋଇଥିବା ଯାଏ, ତୁମର ବଚନ ଓ କର୍ମ ପ୍ରେମ ଦ୍ୱାରା ମଧୁର ଓ ଶାନ୍ତି ଦ୍ୱାରା ହାଲୁକା ହୋଇଥିବା ଯାଏ ତୁମ ପାଇଁ ଚିନ୍ତା କରିବା ଦରକାର ନାହିଁ; ତୁମର ଯଥେଷ୍ଟ ପରିମାଣରେ କୃପା ରହିଛି ।

ଏତେ ବିକଳ ଭାବରେ ଦର୍ଶନ ପାଇଁ ଆସିଥିବା ଲୋକମାନଙ୍କୁ ଦର୍ଶନ ପାଇବାରେ ସାହାଯ୍ୟ କରିବା ଏକ ପ୍ରଶଂସନୀୟ ସେବା । ତୁମେମାନେ ଏଠାରେ ସ୍ୱେଚ୍ଛାସେବୀ ହୋଇଛ ବହୁ ସଂଖ୍ୟାରେ ଭିଡ଼ କରୁଥିବା ଲୋକମାନଙ୍କୁ ଦର୍ଶନ ପାଇବା ପାଇଁ ସାହାଯ୍ୟ କରିବା ସକାଶେ, ଏଥିରୁ ସେମାନଙ୍କୁ ବାଧା ଦେବା ସକାଶେ ନୁହେଁ । ସେମାନେ ଯେପରି ଚାରିପଟେ ଗଦା ନ ହୁଅନ୍ତି ବା ଆଗକୁ ମାଡ଼ି ନ ଯା'ନ୍ତି କିମ୍ବା ବୃଦ୍ଧ ଓ ଦୁର୍ବଳ ଲୋକମାନଙ୍କୁ ଠେଲି ନ ପକାନ୍ତି, ତାହା ତୁମେ ଦେଖିବା ଉଚିତ । ସେମାନେ ଯେପରି ନୀରବ ଭାବରେ ଧାଡ଼ିରେ ବସନ୍ତି ସେଥିପ୍ରତି ଦୃଷ୍ଟି ଦିଅ, ତା'ହେଲେ ମୁଁ ବୁଲିବା ବେଳେ ସେମାନେ ପୂର୍ଣ୍ଣ ଦର୍ଶନ ପାଇ ପାରିବେ । ନିର୍ବିଘ୍ନରେ ଭିତରକୁ ଆସି ନିଜ ନିଜ ଆସନ ଗ୍ରହଣ କରିବା ଦିଗରେ ଅକ୍ଷମ, ବୃଦ୍ଧ ଓ ରୋଗୀମାନଙ୍କୁ ତୁମେ ସାହାଯ୍ୟ କରିବା ଉଚିତ । ତୁମକୁ ଦିଆଯାଇଥିବା କାମ ଛାଡ଼ି ଦର୍ଶନ ପାଇଁ ମାଡ଼ି ଆସନା, ତୁମମାନଙ୍କ ମଧ୍ୟରୁ କେତେଜଣ ଏପରି କରୁଥିବାର ମୁଁ ଦେଖିଛି । ରାଗି ଯାଅ ନାହିଁ; ଯେତେ ଉତ୍ତେଜିତ ହେଲେ ବି ମଧୁର ଓ କୋମଳ ହୁଅ । ତୁମ ମୁହଁ ସବୁବେଳେ ହସ ହସ ହେଉ । ଦର୍ଶନ ପାଇବା ପାଇଁ ଉତ୍ସୁକ ଲୋକ ଓ ମୋ ମଝିକୁ ଆସ ନାହିଁ । ସେମାନେ ଉତ୍ତେଜିତ ହୋଇ ତୁମକୁ ଠେଲି ପେଲି ପାରନ୍ତି; ସେତେବେଳେ ତୁମର ପ୍ରତିକ୍ରିୟା ପ୍ରକାଶ କରିବାର କୌଣସି ଅଧିକାର ନାହିଁ । ତୁମେ ହାତ ଯୋଡ଼ି, ନମସ୍କାର କରି ସ୍ମିତହାସ୍ୟ, ବିନୟ ଓ ଧୀରତାର ସହିତ ଉତ୍ତର ଦେବା ଉଚିତ ।

ମୁଁ ଜାଣେ ଯେ ତୁମମାନଙ୍କ ମଧ୍ୟରୁ ଯେଉଁମାନଙ୍କୁ ବାହାର ଫାଟକ ବା ବଗିଚା, ଭୋଜନାଳୟ ବା ଓ ଜୋତା ଷ୍ଟାଣ୍ଡରେ କାମ ଦିଆଯାଇଛି ସେମାନେ ବଙ୍ଗଳା ଭିତରେ କାମ କରୁଥିବା ଲୋକମାନଙ୍କ ପ୍ରତି ଈର୍ଷା ଅନୁଭବ କରୁଛନ୍ତି । ତୁମ ଭିତରୁ କେତେ ଜଣ ନଗରକୁ କାମରେ ଯାଉଛ ଏବଂ ଭଜନ ଆଦିରେ ଅନୁପସ୍ଥିତ ରହୁଛ । ମୁଁ ତୁମକୁ ଏ କଥା କହିବା ଉଚିତ ଯେ ଯେଉଁମାନେ ମୋ ଦ୍ୱାର ପାଖରେ ଅଛନ୍ତି ସେମାନଙ୍କ ପାଇଁ ମୋର କିଛି ବିଶେଷ କୃପା ନାହିଁ କି ଫାଟକ ପାଖରେ ଥିବା ଲୋକକୁ ମୁଁ ଅବହେଳା କରେ ନାହିଁ । ବସ୍ତୁତଃ ମୋର କୌଣସି ଭୌଗୋଳିକ “ଦୂର” ବା “ନିକଟ” ନାହିଁ; ମୋର “ଦୂର” ବା “ନିକଟ” ମାଇଲ ବା ଗଜରେ ହିସାବ ହୁଏ ନାହିଁ । ମୋର ସାମୀପ୍ୟ ପାର୍ଥିବ ସମୀପ୍ୟ ଦ୍ୱାରା ଆହତ ହୁଏ ନାହିଁ । ତୁମେ ମୋ ପାର୍ଶ୍ୱରେ ଥାଇପାର, କିନ୍ତୁ ଦୂର ହୋଇପାର; ତୁମେ ଦୂର, ବହୁ ଦୂରରେ ଥାଇପାର, କିନ୍ତୁ ମୋର ଅତି ନିକଟ ଓ ପ୍ରିୟ ହୋଇପାର । ତୁମେ କେତେ ଦୂରରେ ଥାଅ ନା କାହିଁକି ତୁମେ ଯଦି ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ଅନୁଶୀଳନ କର ତେବେ ତୁମେ ମୋର ନିକଟ ଓ ମୁଁ ତୁମର ନିକଟ । ଏଗୁଡ଼ିକ ହିଁ ମୋ ଆଡ଼କୁ ପଡ଼ିଥିବା ରାସ୍ତାର ମାଇଲ ଖୁଣ୍ଟି ।

ତୁମ ଆଖି ଗଛରେ ପାଚିଲା ଆମ୍ବଟିଏ ଦେଖିବାବେଳେ ଜିଭ ସ୍ୱାଦକୁ ସ୍ମରଣ କରେ, ମନ ସେଥିପାଇଁ ଲାଳାୟିତ ହୁଏ, ପିଠି ନଇଁ ପଡ଼େ, କାନ୍ଧ ବଙ୍କା ହୁଏ; ହାତ ପଥର ଖୋଜେ, ଆଙ୍ଗୁଠି ଧରେ, ହାତ ଫୋପାଡ଼େ ଏବଂ ଫଳଟି ତଳେ ପଡ଼ିବାବେଳେ ପାପୁଲି ତାହା ଉଠାଏ, ଦାନ୍ତ କାମୁଡ଼େ, ଗଳା ତାକୁ ଢୋକି ପାକସ୍ଥଳୀକୁ ପଠାଏ; ସେଠାରେ ଏବଂ ତାହା ପରେ ତାହା ସମସ୍ତଙ୍କର ପ୍ରୟାସର ପୁରସ୍କାର ସ୍ୱରୂପ ପୁଷ୍ଟିସାରରେ ପରିଣତ ହୁଏ ଏବଂ ଶକ୍ତି ରୂପରେ ଆଖି ଓ କାନ୍ଧ, ହାତ ଓ ପାପୁଲି ଓ ଆଙ୍ଗୁଠି, ଦାନ୍ତ ଓ ଜିଭକୁ ଯାଏ । ସେହିପରି ତୁମେ ସମସ୍ତେ ମୋତେ ଆନନ୍ଦ ଦେବା ପାଇଁ ସହଯୋଗ କଲେ କୃପା ପୁରସ୍କାର ସମସ୍ତଙ୍କୁ ଦିଆଯିବ ।

ତୁମେ ସମସ୍ତେ ମୋ ଦ୍ୱାରା ପରିପୁଷ୍ଟ ମୋର ଅଙ୍ଗ-ପ୍ରତ୍ୟଙ୍ଗ । ତୁମେ ସାଇ ଶରୀର ଗଠନ କରିଛ । ତୁମେ ଯେଉଁଠି ଥାଅ, ଯାହା କିଛି କରୁଥାଅ ନା କାହିଁକି ସାଇ ତୁମ ପାଖକୁ ପୁଷ୍ଟିସାର ପଠାଇବେ; କଥା ହେଲା ସଦ୍‌ଗୁଣ, ବିଶ୍ୱାସ, ଶୃଙ୍ଖଳା ଓ ବିନମ୍ରତା ଆଦି ଯାହାକୁ ସାଇ ମଧୁର ଓ ବାଞ୍ଛନୀୟ ମନେ କରୁଛନ୍ତି ତାହା ତୁମେ ସାଇଙ୍କୁ ଦେବା ଦରକାର । ଖୁସି ହୁଅ ଯେ ତୁମେ ହେଉଛ ସାଇ ଶରୀରର ଅଂଶବିଶେଷ । ଆପତ୍ତି କର ନାହିଁ ଯେ ତୁମେ ହେଉଛ ପାଦ ଏବଂ ତୁମକୁ କଠିନ ଭୂମି ଉପରେ ଚାଲିବାକୁ ପଡୁଛି । ତୁମେ ହେଉଛ ମୁଣ୍ଡ, ତେଣୁ ଉପରକୁ ରହୁଛ

ବୋଲି ଗର୍ବ କର ନାହିଁ । ସମାନ ରକ୍ତପ୍ରବାହ, ପ୍ରେମର ପ୍ରବାହ ଉଭୟରେ ସଞ୍ଚାଳିତ । ପ୍ରତ୍ୟେକର କାର୍ଯ୍ୟ ଅନ୍ୟ ପ୍ରତ୍ୟେକ ଅଙ୍ଗର କାର୍ଯ୍ୟ ପରି ମୂଲ୍ୟବାନ । ମନେରଖ, ପ୍ରତ୍ୟେକ ଅଙ୍ଗର କାର୍ଯ୍ୟ ମଧ୍ୟ ଅନନ୍ୟ; ତେଣୁ ନୈରାଶ୍ୟକୁ ସ୍ଥାନ ଦିଅ ନାହିଁ । ତୁମର ଭୂମିକାରେ ଏକ ବୈଶିଷ୍ଟ୍ୟ ଅଛି, ଯାହା କେବଳ ତୁମେ ହିଁ ଅଭିନୟ କରି ପାରିବ । ତୁମେ ତୁମର ମୁଣ୍ଡରେ ଚାଲି ପାରିବ ନାହିଁ, ତୁମେ ତୁମର ପାଦରେ ଭାବି ପାରିବ ନାହିଁ । ତୁମର ସ୍ଥାନ ଯାହା ହେଉ ନା କାହିଁକି ତୁମର ସଦ୍‌ଗୁଣ ଦ୍ୱାରା କୃପାଲାଭ କର, ତାହା ହିଁ ମୁଖ୍ୟ ଲାଭ ।

ସନ୍ତୋଷଠାରୁ ବଳି ବଡ଼ ଧନ ନାହିଁ । ପେଟପୂରା ଖାଅ, ତା'ଠାରୁ ଅଧିକ ଖାଇ ପାରିବ ନାହିଁ । ତୁମକୁ ଯଦି ଅଧିକ ଖାଇବାକୁ ବାଧ୍ୟ କରାଯାଏ, ତାହା ତୁମ ପାଇଁ ଏକ ଯନ୍ତ୍ରଣା ହେବ । ଗୋଟିଏ ସୀମା ଅଛି, ଯାହାକୁ ତୁମେ ନିଜର କ୍ଷତି ନ କରି ଅତିକ୍ରମ କରିପାରିବ ନାହିଁ । ତୁମର ଶକ୍ତି, ତୁମର ପ୍ରତିବନ୍ଧକ ତୁମର ସୀମାକୁ ଦେଖ ଏବଂ କାର୍ଯ୍ୟ କର; ଅନ୍ୟମାନଙ୍କ ପ୍ରତି ଈର୍ଷାଳୁ ହୁଅ ନାହିଁ, ଯେଉଁମାନଙ୍କର ଶକ୍ତି ଅଧିକ, ଯେଉଁମାନଙ୍କର ପ୍ରତିବନ୍ଧକ କମ୍, ସୀମାର ସଂକୀର୍ଣ୍ଣତା କମ୍ । ଆଧ୍ୟାତ୍ମିକ ସାଧନାରେ ତୁମେ ଯେଉଁ ସୋପାନରେ ପହଞ୍ଚିଛ ତାହାକୁ ଦୃଢ଼ ଭାବରେ ଧରି ରଖ; ତା ପରେ ଅନ୍ୟଟି ପ୍ରତି ଦୃଷ୍ଟି ପକାଅ । ଲକ୍ଷ୍ୟସ୍ଥଳକୁ ସ୍ପଷ୍ଟ ଭାବରେ ଦେଖ । ଆଗେଇ ଚାଲ ।

ସାଇଙ୍କର ସେବା ଓ ସାଇଭକ୍ତମାନଙ୍କର ସେବା ସମାନ । ସାଇଭକ୍ତ ବୋଲି ତୁମେ ଯେତେବେଳେ ସେମାନଙ୍କର ସେବା କର ସେତେବେଳେ ତୁମେ ସେମାନଙ୍କ ଭିତରେ ସାଇଙ୍କୁ ଦେଖ, ସେମାନଙ୍କ ଭିତରେ ଥିବା ସାଇଙ୍କୁ ପ୍ରସନ୍ନ କରିବାକୁ ଚେଷ୍ଟା କର, ସେମାନଙ୍କ ଭିତରେ ଥିବା ସାଇଙ୍କୁ ଆଦର କର । ଏହା ସାଇ ଅବସ୍ଥାପିତ ମନ୍ଦିର, ସାଇଙ୍କ ଛବି ପୂଜା ପାଉଥିବା କୋଠରୀର ସେବା କରିବା ପରି । ଏହି ସେବା ସମୟରେ ତୁମେ କେବଳ ସାଇଙ୍କ କଥା ଚିନ୍ତା କର; ତେଣୁ ଏହି ତାଲିମ ତୁମକୁ ଆବେଗଗୁଡ଼ିକୁ ନିର୍ମଳ କରିବାରେ, ତୁମର ଚିନ୍ତାକୁ ପ୍ରତ୍ୟାଖ୍ୟାତ କରିବାରେ, ତୁମର ଭକ୍ତିକୁ ପ୍ରବାହିତ ହେବାରେ ଏବଂ ତୁମର ପ୍ରେମକୁ ପ୍ରସାରିତ କରିବାରେ ସାହାଯ୍ୟ କରେ । ଏଗୁଡ଼ିକ ଆଧ୍ୟାତ୍ମିକ ସାଧନାରେ ବଡ଼ ବଡ଼ ସୋପାନ, ପ୍ରଶଂସନୀୟ ବିଜୟ । ତୁମେ ଛୁଞ୍ଚିରେ ସୂତା ପୂରାଇବା ଭଳି ସରଳ କାମରେ ନିୟୋଜିତ ଥିବା ବେଳେ ଲକ୍ଷ୍ୟ କର ଏଥିରେ ସଫଳତା ପାଇଁ ତୁମର ଏକାଗ୍ରତା ଦରକାର । ଆଙ୍ଗୁଠିଗୁଡ଼ିକ ସ୍ଥିର, ଆଖିଗୁଡ଼ିକ ସ୍ଥିର ଓ ସ୍ପଷ୍ଟ, ସୂତାର ଅଗ ମୁନିଆଁ, ଛୁଞ୍ଚିର କଣା ଅଚଳ ରହିବା ଦରକାର । ଅନ୍ୟ ଯେ କୌଣସି କାର୍ଯ୍ୟରେ ସଫଳତା ପାଇଁ ସେହିପରି ଯତ୍ନ ନେବାକୁ ହେବ । ପ୍ରଭୁଙ୍କ ନାମ ହେଉଛି ଧନୁ, ଯାହା ତୁମେ ଉଚ୍ଚ ସ୍ୱରରେ

ଭଜନ ବୋଲିବା ବେଳେ ଉଠାଇଥାଅ । ମନ ହେଉଛି ତୁମେ ସ୍ଥିର ରଖୁଥିବା ଶର । ତେଣୁ ତୁମର ଆଖିକୁ ଲକ୍ଷ୍ୟସ୍ଥଳ ପରବ୍ରହ୍ମଠାରେ ସ୍ଥିର ରଖ ଏବଂ ଏକାଗ୍ର ପ୍ରୟାସରେ ଶର ମାର । ତାହେଲେ ଲକ୍ଷ୍ୟସ୍ଥଳ ଭେଦ ହେବ ।

ମୁଁ ଏଠାରେ ଅନେକ ଯୁବକଙ୍କୁ ଦେଖୁଛି । ମୁଁ ଖୁସି ଯେ ସେବା ସମିତି ସେମାନଙ୍କୁ ଏହି ମୂଲ୍ୟବାନ ଅନୁଭୂତି ପ୍ରଦାନ କରିଛି । ପୁରୁଷ ସ୍ୱେଚ୍ଛାସେବୀ ଓ ମହିଳା ସ୍ୱେଚ୍ଛାସେବୀ ଅଛନ୍ତି; ତେଣୁ ମୁଁ ତୁମକୁ ଆଉ ଗୋଟିଏ କଥା କହୁଛି, ଯେଉଁ ବିଷୟରେ ମୁଁ ଖୁବ୍ ଗୁରୁତ୍ୱ ଦିଏ । ତୁମେ ଅନ୍ୟମାନଙ୍କୁ ତୁମ ନିଜର ଭାଇ ଓ ଭଉଣୀ ମନେ କରିବା ଉଚିତ । ମୋତେ ପ୍ରଗଲ୍‌ଭ କଥାବାର୍ତ୍ତା, ବାଜେ ଗପସପ, ଅଯଥା ବାର୍ତ୍ତାଳାପ ଏବଂ ଏପରି କି ପୁରୁଷ ଓ ମହିଳାମାନେ ସାମନାସାମନି ହେବା କୌଣସି ସମୟରେ, ବିଶେଷକରି ଆଧ୍ୟାତ୍ମିକ ସମାବେଶ ବା ଅବସରମାନଙ୍କରେ ଭଲ ଲାଗେ ନାହିଁ । ତୁମେ ସରଳ ଓ ଭଦ୍ରୋଚିତ ବ୍ୟବହାରର ଆଦର୍ଶ ହେବା ଉଚିତ । ତୁମେ ଭଲ ହେବା ଉଚିତ ଓ ପ୍ରତ୍ୟେକଙ୍କୁ ଭଲ ଜଣା ପଡ଼ିବା ଉଚିତ । ବାହ୍ୟ ସୌନ୍ଦର୍ଯ୍ୟ ଓ ଲାବଣ୍ୟ କ୍ଷଣସ୍ଥାୟୀ, ସେଗୁଡ଼ିକ ନଶ୍ୱର । ପ୍ରକୃତ ସୌନ୍ଦର୍ଯ୍ୟ ଶୀଳ, ଆତ୍ମ-ସଂଯମ ଓ ନିଃସ୍ୱାର୍ଥରେ ନିହିତ । ସୁନ୍ଦରମ୍ ଶିବମ୍‌ରୁ ଓ ଶିବମ୍ ସତ୍ୟମ୍‌ରୁ ଜାତ ହୁଏ । ଏହି ନୀତିରେ ପରିଚାଳିତ ହୁଅ । ସ୍ୱେଚ୍ଛାସେବୀମାନଙ୍କର ଗୋଟିଏ ସ୍ଥାୟୀ ସଙ୍ଗଠନ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି, ଯେଉଁମାନଙ୍କୁ ମୁଁ ଯେତେବେଳେ ଏଠାକୁ ଆସିବି, ଡାକି ହେବ । ତଦ୍ୱାରା ମୁଁ ସମ୍ଭାଷଣ ଦେଉଥିବା ସଭା ଏବଂ ମୁଁ ଉପସ୍ଥିତ ରହୁଥିବା ଭଜନ ଅଧିବେଶନ ସମସ୍ତଙ୍କ ପାଇଁ ସର୍ବନିମ୍ନ ଅସୁବିଧାରେ ପରିଚାଳିତ କରି ହେବ । ଅଭିପ୍ରାୟ ଅଧିକ ପ୍ରଶସ୍ତ ଓ ପ୍ରସାରିତ ହେବା ଉଚିତ ବୋଲି ମୁଁ ପ୍ରସ୍ତାବ ଦେଉଛି । ସତ୍ୟସାଇ ସେବାଦଳ ଅନ୍ୟସବୁ ନଗର ପାଇଁ ଆଦର୍ଶ ହେବ । ସଦସ୍ୟମାନେ ଭଗବାନ ଓ ମନୁଷ୍ୟ ପ୍ରତି ଭକ୍ତିରେ ଓତପ୍ରୋତ ହେବା ଉଚିତ । ସେମାନଙ୍କର ଦକ୍ଷତା ରହିବା ଉଚିତ, ଯାହା ସେମାନଙ୍କୁ ଉତ୍ତମତର ଉପକରଣ କରି ପାରିବ ।

ମୁଁ ସେମାନଙ୍କୁ ସବୁ ସମୟରେ, ସବୁ ସ୍ଥାନରେ ସେବକ ହେବା ପାଇଁ ଚାହୁଁଛି, କେବଳ ମୁଁ ଯେତେବେଳେ ନଗରକୁ ଆସିବି ସେତେବେଳେ ବା ମୁଁ ଯେଉଁ ସ୍ଥାନମାନଙ୍କରେ ସଭାରେ ଭାଷଣ ଦେବି, ସେଠାରେ ନୁହେଁ । ମୁଁ ବମ୍ବେରେ ନାହିଁ ବୋଲି କହି ସେମାନେ କିପରି ସେବା ବନ୍ଦ କରି ପାରିବେ ? ଏହି ପୃଥିବୀରେ ଯେ କୌଣସି ସ୍ଥାନରେ ଯେ କୌଣସି ଅସହାୟ ଲୋକ ପ୍ରତି ସହାନୁଭୂତି ଓ ଦକ୍ଷତାର ସହ କରାଯାଉଥିବା ସେବା ସତ୍ୟସାଇ ସେବା ଅଟେ । ଜଣେ ସତ୍ୟସାଇ ସେବାଦଳ

ସଦସ୍ୟ ବା ସଦସ୍ୟା କଲେଜ ବା ଅଫିସ ଯାଉଥିବା ବେଳେ ରାସ୍ତାରେ ଜଣେ ଲୋକକୁ ଅଚେତ ହୋଇ ପଡ଼ିଥିବାର କିମ୍ବା କଷ୍ଟ ବା ଯନ୍ତ୍ରଣାରେ ଛଟପଟ ହେଉଥିବାର ଦେଖିଲେ ତା'ର କଷ୍ଟ ଦୂର କରିବା ପାଇଁ ଯଥାସମ୍ଭବ ସବୁ ପ୍ରକାର ସାହାଯ୍ୟ କରିବା ତା'ର କର୍ତ୍ତବ୍ୟ । ତାକୁ ଏଡ଼ାଇ ଦେଇ ଚାଲିଯାଅ ନାହିଁ । ଦଳ ସେବା କରିବାକୁ ଆଗ୍ରହୀ ଓ ସେବା ପାଇଁ ପ୍ରଶିକ୍ଷିତ ହେବା ଉଚିତ, କାରଣ ମୋ ନାମ ନେଇ କରୁଥିବା ସେବା ବୁଦ୍ଧିମତ୍ତାପୂର୍ଣ୍ଣ ଓ ନିଷ୍ଠାପର ହେବା ଉଚିତ ।

ସେବକ ଆହ୍ଲାଦିତ ବା ହତାଶ ହେବା ଉଚିତ ନୁହେଁ । ସେ ମଧ୍ୟମ ମାର୍ଗର ଅନୁଶୀଳନ କରିବା ଉଚିତ । ରାମ ଯେତେବେଳେ ହନୁମାନଙ୍କୁ ଦକ୍ଷିଣ ଦିଗକୁ ଯିବାକୁ କହିଲେ ଏବଂ ବାଟର ବିପତ୍ତି ସବୁ ବର୍ଣ୍ଣନା କଲେ ସେ ନିରୁତ୍ସାହିତ ହୋଇ ନ ଥିଲେ; ସେ ଯେତେବେଳେ ତାଙ୍କୁ ସୀତାଙ୍କୁ ଦେବା ସକାଶେ ମୁଦ୍ରିକା ଦେଲେ ସେ ଏହି ମହାନ କାର୍ଯ୍ୟ ପାଇଁ ବଛା ଯାଇଛନ୍ତି ଓ ଗୌରବବୟ ସୁଯୋଗ ପାଇଛନ୍ତି ବୋଲି ଆହ୍ଲାଦିତ ହୋଇ ନ ଥିଲେ । ସେ ଖାଲି ମାନିଥିଲେ । "ଯାଅ" ବୋଲି ପ୍ରଭୁଙ୍କର ଆଦେଶ ତାଙ୍କ ପାଇଁ ଯଥେଷ୍ଟ ଥିଲା । ହନୁମାନ ଜଣେ ଆଦର୍ଶ ସେବକ ଥିଲେ, ଦକ୍ଷ, ବିନୟୀ, ନୀରବ, ସେବାକାରୀ, ବୁଦ୍ଧିମାନ, ଆଗ୍ରହୀ, ନିଷ୍ଠାପର ।

ନିରନ୍ତର ପ୍ରଭୁଙ୍କ ନାମ ସ୍ମରଣ ଓ ଜପ ଦ୍ୱାରା ଭକ୍ତି ଓ ଶ୍ରଦ୍ଧା ବଢ଼ାଅ; ନୀରବତା ଓ ମଧୁରତା ଅଭ୍ୟାସ କର । ସାଇସ୍ୱରୂପ ଭାବରେ ସମସ୍ତଙ୍କର ଉପାସନା କର; ତାହା ହିଁ ତୁମ ଭିତରେ ଥିବା ସାଇଙ୍କୁ ଉପଲବ୍ଧି କରିବାର ସର୍ବୋତ୍ତମ ଯୋଜନା ।

♦♦♦

-ବମ୍ବେ, ଅନ୍ଧେରୀ, ୨୯.୦୩.୧୯୬୬

ପ୍ରଭୁଙ୍କର ଅସଂଖ୍ୟ ପାଦ

ପ୍ରଶାନ୍ତିନିଳୟମ୍‌ରେ ପ୍ରତ୍ୟେକ ଉତ୍ସବରେ ଘୋଷଣାକାରୀ ପ୍ରଥମ ସଭାଟି ହେଉଛି ଦେଶର ସବୁ ଅଂଚଳରୁ ଆସିଥିବା ସତ୍ୟସାଇ ସେବାଦଳର ସଦସ୍ୟମାନଙ୍କର ସଭା । ଯେତେବେଳେ ହଜାର ହଜାର ଲୋକ ଏହି ସ୍ଥାନକୁ ଆସନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ନୂଆ ଓ ଅପରିଚିତ, ଅଜଣା ଅନୁଭୂତିରେ ପରିପୂର୍ଣ୍ଣ, ସେତେବେଳେ ତୁମମାନଙ୍କ ଭଳି ଯୁବକମାନଙ୍କର କର୍ତ୍ତବ୍ୟ ହେଉଛି ଉତ୍ସର୍ଗ ଭାବ ନେଇ ସେମାନଙ୍କର ସେବା କରିବା, ଯଦ୍ୱାରା ସେମାନେ ଅନୁଭବ କରିବେ ଯେ ସେମାନଙ୍କୁ ଭାଇ ଓ ଭଉଣୀ ମନେ କରି ପ୍ରେମର ସହିତ ସେମାନଙ୍କର ଯତ୍ନ ନିଆଯାଉଛି, ସେମାନେ ନିଜ ଘରକୁ ଆସିଛନ୍ତି । ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦେଖିବା ଏବଂ ଗରିବ ବା ଧନୀ, ଶିକ୍ଷିତ ବା ନିରକ୍ଷର, ସ୍ୱଦେଶୀ ବା ବିଦେଶୀ ବୋଲି ବାଛିବା ଆଧ୍ୟାତ୍ମିକ ଦୁର୍ବଳତାର ଚିହ୍ନ । ସେମାନେ ସମସ୍ତେ ସାଧକ ଓ ଅନୁସନ୍ଧିତ୍ସୁ; ତେଣୁ ସେମାନେ ଏଠାରେ ଯେଉଁ ଆନନ୍ଦ ଅନୁଭବ କରିବାକୁ ଯୋଜନା କରିଛନ୍ତି ସେଥିରେ ଅଂଶ ଗ୍ରହଣ କରିବାକୁ ଓ ତାହା ପାଇବାକୁ ସେମାନଙ୍କୁ ସ୍ୱାଗତ ଓ ସାହାଯ୍ୟ କରାଯିବା ଉଚିତ । ସେମାନେ ପ୍ରତ୍ୟେକ ଆନନ୍ଦର ଗନ୍ତାଘର, ଆଉ ସେଇଥିପାଇଁ ଏହାକୁ ଅଧିକ ମାତ୍ରାରେ ଚାଖିବା ପାଇଁ ସେମାନଙ୍କର ଆଗ୍ରହ ଅଛି । ପ୍ରତ୍ୟେକଙ୍କ ହୃଦୟରେ ସାଇ ଅଛନ୍ତି, ତେଣୁ ସମସ୍ତେ ଭାଇ, ସ୍ୱଜନ । ତେଣୁ ଗର୍ବର ବିଷ ଦ୍ୱାରା ତୁମ ସେବାକୁ ପ୍ରଦୂଷିତ କର ନାହିଁ । ତୁମ ଜୀବନର ଏହି ଦିନଗୁଡ଼ିକ ଏହି ମହତ କାର୍ଯ୍ୟରେ ବିନିଯୋଗ କରିବାର ପବିତ୍ର ସୁଯୋଗ ପାଇଛ ବୋଲି ବିନୟୀ ହୁଅ, ଭକ୍ତିର ନଅଟି ସୋପାନ ଅଛି; ପୂର୍ଣ୍ଣ ଆତ୍ମ ନିବେଦନ ଓ ଦିବ୍ୟ ଆଦର୍ଶରେ ବିଲୀନ ହେବା ପୂର୍ବରୁ ସାଧକକୁ ଏଗୁଡ଼ିକୁ ଚଢ଼ିବାକୁ ହୁଏ । ଏଗୁଡ଼ିକ ମଧ୍ୟରେ ସପ୍ତମ ସୋପାନ ହେଲା ପ୍ରଭୁଙ୍କର ସେବା କରିବା । ଆଉ ତୁମେ ବର୍ତ୍ତମାନ ସେହି ସୋପାନ ପାଇଁ ଯୋଗ୍ୟ ହେବାର ସୁଯୋଗ ପାଇଛ । ପ୍ରଭୁଙ୍କର ପାଦ ଅସଂଖ୍ୟ; ଏହି ପ୍ରାଙ୍ଗଣ ଭିତରକୁ ମାଡ଼ି ଆସୁଥିବା ପାଦଗୁଡ଼ିକ ପ୍ରଭୁଙ୍କର ପାଦ । ସେମାନଙ୍କର ସେବା କର, ତାହେଲେ ତୁମେ ଆଉ ଦୁଇଟି ସୋପାନକୁ ଯାଇ ପାରିବ ଏବଂ ତୁମର ଲକ୍ଷ୍ୟ ଉପଲବ୍ଧି କରି ପାରିବ ।

ଆଜିଠାରୁ ତୁମେ ବିଶାଳ ସତ୍‌ସଙ୍ଗରେ ଅଂଶ ଗ୍ରହଣ କରିବାର ମହାନ୍ ସୁଯୋଗ ପାଉଛ । ହଜାର ହଜାର ଲୋକ ଏହି ସ୍ଥାନକୁ ଦିବ୍ୟତ୍ୱର ଦର୍ଶନ, ଶ୍ରବଣ

ଓ ସଂଯୋଗର ଆନ୍ତରିକ କାମନା ଦ୍ୱାରା ପ୍ରେରିତ ହୋଇ ଆସୁଛନ୍ତି । ଆଉ ଯେଉଁମାନଙ୍କର ଆନ୍ତରିକ କାମନା ଅଛି ସେମାନଙ୍କ ପାଇଁ ଏହି ଆତ୍ମାର ସମୁଦ୍ରରେ ବିଚରଣ କରିବାର ସୁଯୋଗ ବସ୍ତୁତଃ କୃପାର ସଂକେତ ଅଟେ । ଏହା ହିଁ ପବିତ୍ର ସ୍ଥାନମାନଙ୍କରେ ହେଉଥିବା ମେଳା-ମଉଛବର ଲାଭ; ଆହ୍ଲାଦ, ଉତ୍କଣ୍ଠା, ପୁଲକର ତରଙ୍ଗ ଲୋକମାନଙ୍କୁ ପବିତ୍ର ପରମାନନ୍ଦର ବିରଳ ସମୀପକୁ ଉତ୍ଥିତ କରିଥାଏ ।

ଦୁଇଟି ଉପଲବ୍ଧି ହେଉଛି ସେବକ, ବିଶେଷକରି ସତ୍ୟସାଇ ସେବକର ଚିହ୍ନ - ଦମ୍ଭର ଅନୁପସ୍ଥିତି ଓ ପ୍ରେମର ଉପସ୍ଥିତି । ସାହାଯ୍ୟ ଆବଶ୍ୟକ କରୁଥିବା ଲୋକମାନଙ୍କର ସେବା ଅନ୍ୟସବୁ କାରଣ ନିର୍ବିଶେଷରେ ତୁମକୁ ସମସ୍ତଙ୍କର ସାଥୀ କରିଥାଏ । ସବୁ ସମୟରେ ତୁମ ଚାରିପଟେ, ଏପରିକି ତୁମକୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ କାମ ବାହାରେ କରିବାର କୌଣସି ଅତିରିକ୍ତ ସୁଯୋଗକୁ ଚାହିଁବସ । ବୁଢ଼ା ଲୋକଟିଏ ଖରାରେ କଷ୍ଟ ପାଉଥିବ, ଜଣେ ପକ୍ଷାଘାତ ରୋଗୀ ଚୌକିଟିଏ ପାଇଁ ଆଖି ପକାଉଥିବ, ପିଲାଟିଏ ତାର ବାପ-ମା'ଙ୍କ ପାଇଁ କାନ୍ଦୁଥିବ, ମାଆଟିଏ ତାର ଶୋଷ ଦୂର କରିବା ପାଇଁ ପାଣି ମାଗୁଥିବ, ଆଉ ଜଣେ ମଞ୍ଚରେ କ'ଣ ହେଉଛି ତାହା ଦେଖିପାରିବା ସକାଶେ ଠିକ୍ ଜାଗା ପାଇ ନ ଥିବା ଯୋଗୁ ବିକଳ ହେଉଥିବ - ଏଗୁଡ଼ିକ ପ୍ରତି ଲକ୍ଷ୍ୟ କର ଏବଂ ହସହସ ମୁହଁ ଓ ମଧୁର ବଚନ ନେଇ ସେମାନଙ୍କ ପାଖକୁ ଧାଇଁଯାଅ । କିମ୍ବା ଏହା ବି ହୋଇପାରେ ଯେ କେହି ଜଣେ ବେହୋସ ବା ଅଚେତ ହୋଇ ଯାଇଛି । ଡାକ୍ତରଙ୍କୁ ଡାକ କିମ୍ବା ରୋଗୀଠାରେ ପ୍ରେମପୂର୍ଣ୍ଣ ଯତ୍ନ ଓ ଧୀର ତତ୍ପରତାର ସହିତ ସାହସ ଓ ଆସ୍ଥା ସଂଚାର କରି ଡାକ୍ତରଖାନାକୁ ନେଇଯାଅ । ସେମାନେ ସେମାନଙ୍କର ନିଜ ନିଜ ସ୍ଥାନକୁ ଫେରି ଯାଆନ୍ତୁ ଏବଂ କହନ୍ତୁ ଯେ ତୁମେ ଯେପରି ପ୍ରେମପୂର୍ଣ୍ଣ ଭାବରେ ଓ ବୁଦ୍ଧିମତ୍ତାର ସହ ପରିସ୍ଥିତିର ମୁକାବିଲା କଲ ସେପରି ସେମାନଙ୍କର ନିକଟତମ ସ୍ୱଜନ ମଧ କରିପାରି ନ ଥାନ୍ତେ । ଦୟା, ପ୍ରେମ, ବ୍ୟକ୍ତିଗତ ସୁଖ ତ୍ୟାଗ କରିବା ପାଇଁ ପ୍ରସ୍ତୁତି ଓ ଧୈର୍ଯ୍ୟ ରଖ - ତାହେଲେ ତୁମେ ସଫଳ ସେବାଦଳ ସଦସ୍ୟ ହୋଇ ପାରିବ ।

ଏହାର ଅର୍ଥ ତୁମେ ନିରନ୍ତର ଭଗବାନଙ୍କ ନାମଜପରେ ନିୟୋଜିତ ହେବା ଉଚିତ ଯଦ୍ୱାରା ତୁମେ ମନୁଷ୍ୟର ସେବା କରିବା ପାଇଁ ଦାବି କରୁଥିବା ବେଳେ ଭଗବାନଙ୍କର ପ୍ରକୃତ ସେବକ ହୋଇ ରହିପାରିବ କିମ୍ବା ତଦ୍ୱାରା ତୁମେ ମନୁଷ୍ୟ ଭିତରେ ତା'ର ପ୍ରକୃତ ସ୍ୱରୂପ ଭଗବାନଙ୍କୁ ଦେଖିପାରିବ । ତୁମେ ଯଦି ସେ ଦୃଷ୍ଟି ଆହରଣ କରି ନ ଥାଅ ତେବେ ତୁମେ ଦିବ୍ୟତ୍ୱର ଏହି ବିବିଧ ପ୍ରତିନିଧିତ୍ୱ ମଧ୍ୟରେ ଏକତ୍ୱ ଦେଖି ପାରିବ ନାହିଁ । ତୁମେ ବିବିଧତା ଦ୍ୱାରା ବିଭ୍ରାନ୍ତ ହୋଇଯିବ ।

ଆଦେଶ ପାଳନ କର, ତାହା ହିଁ ଭକ୍ତର ପ୍ରକୃତ ମାର୍ଗ । କଦାପି ସଂଶୟ ବା ଦ୍ୱିଧା କର ନାହିଁ । ତୁମକୁ ଭୋଜନାଳୟ ବା ଚିକିତ୍ସାଳୟଠାରେ କାମ ଦିଆଯାଇଥିଲେ ତୁମେ ସବୁ ସମୟରେ ଦର୍ଶନ ପାଇବ ନାହିଁ ବୋଲି ହତାଶ ହୁଅ ନାହିଁ । ମୋର ଏପରି କୌଣସି ପ୍ରତିବନ୍ଧକ ନାହିଁ; ତୁମେ ଯେଉଁଠି ଥିଲେ ବି ଦର୍ଶନ ପାଇ ପାରିବ । ତୁମେ ଧ୍ୟାନ କରୁଥିବା ବେଳେ କେହି ଜଣେ ତୁମ ପାଖରେ ବିକଳ ହେଉଥିବାର ଶୁଣିଲେ ଉଠିପଡ ଓ ଅନୁସନ୍ଧାନ କର; ଗାଳି ଦିଅ ନାହିଁ ବା ଉପେକ୍ଷା କର ନାହିଁ । ତୁମର ଆସନ ବା ମୃଗଚର୍ମକୁ ସ୍ୱାର୍ଥପର ଭାବରେ ଲାଗି ରହିବା ଅପେକ୍ଷା ଏହି ଉପାୟରେ ତୁମେ ଅଧିକ ଆଧ୍ୟାତ୍ମିକ ଲାଭ ପାଇଥାଅ ।

କୋମଳ ହୃଦୟ ଓ ମଧୁର ବଚନ ରଖ । ଅନ୍ୟମାନଙ୍କୁ ବଡ ପାଟିରେ କଥା କହୁଥିବା ଯୋଗୁଁ ଭର୍ତ୍ସନା କରିବା ବେଳେ ନିଜେ ଚିତ୍କାର କର ନାହିଁ । ଅନ୍ୟମାନଙ୍କର ଆଦର୍ଶ ହୁଅ, କେବଳ ସମାଲୋଚକ ନୁହେଁ; ଆଦର୍ଶ ହିଁ ସର୍ବୋତ୍ତମ ଶିକ୍ଷକ । ଅନ୍ୟମାନେ ସେମାନଙ୍କର ଅଜ୍ଞତା ଯୋଗୁଁ ତୁମ ପ୍ରତି ପ୍ରୟୋଗ କରୁଥିବା ରୁକ୍ଷ ଶବ୍ଦ ପ୍ରତି ବଧିର ହୁଅ । ମୋ ଦ୍ୱାରା ଏଠାରେ କାହିଁକି ଏପରି ଶୃଙ୍ଖଳା ଓ ନିୟମ ନିର୍ଦ୍ଧାରଣ କରାଯାଇଛି ତାହା ସେମାନଙ୍କୁ ବୁଝାଇ ଦେଲେ ସେମାନେ ମଧ୍ୟ କୋମଳ ହୋଇଯିବେ । ତୁମ ଉପରେ ରାଗୁଥିବା ଜଣେ ଲୋକ ପ୍ରତି ତୁମେ କୋମଳ ଓ ମଧୁର ବଚନ କହିଲେ ତୁମେ ତୁମ ଭିତରେ ଆନନ୍ଦର ପ୍ରବାହ ଅନୁଭବ କରିବ । ତା' ଭିତରେ ତୁମେ ଯେଉଁ ଅନୁତାପ ସୃଷ୍ଟି କରିବ ତାହା ହେଉଛି ତୁମେ ପାଉଥିବା ପୁରସ୍କାର ।

ଆଉ ଗୋଟିଏ କଥା । ତୁମେ ସରଳ ପୋଷାକ ପିନ୍ଧିବା ଉଚିତ ଏବଂ ନୂଆ ଫେସନରେ ବିଦେଶୀ ବୁଶ୍ ସାର୍ଟ ଓ ନଳୀ ପ୍ୟାଣ୍ଟ ପିନ୍ଧି ଛାତି ଫୁଲାଇ ଚାଲିବା ଉଚିତ ନୁହେଁ । ଏହି ଜଗତର ଲୋକ ଭଳି ଦେଖା ନ ଗଲେ ଜଣେ ସରଳ ଗ୍ରାମବାସୀ କିପରି ସାହାଯ୍ୟ ମାଗି ପାରିବ ? ତୁମର ମୁଖ, ରୂପ, ଚାହାଣି ଓ ପୋଷାକ ଦୟା ଓ ବିନୟ ବିଚ୍ଛୁରିତ କରୁଥିବା ଆସ୍ଥା ସଞ୍ଚାର କରିବା ଉଚିତ; ତାହେଲେ ଅସହାୟ ଓ ଦୁଃଖୀ, ବୃଦ୍ଧ ଓ ଅକ୍ଷମ ତୁମ ପାଖକୁ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସାହାଯ୍ୟ ସକାଶେ ଖୁସିରେ ଆସି ପାରିବେ । ଏହା ସେବାଦଳର ମହିଳା ସଦସ୍ୟମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ସେମାନେ ଭୟଙ୍କର ମୁଣ୍ଡଖୋଷା ଓ ପୋଷାକ ଦ୍ୱାରା ଲୋକମାନଙ୍କୁ ଦୂରେଇ ଦେଇ ପାରନ୍ତି ।

ସର୍ବୋପରି ମନେରଖ ଯେ ତୁମେମାନେ ସତ୍ୟସାଇ ସେବା ଦଳର ସଦସ୍ୟ, ସତ୍ୟସାଇ ଯୁଗର ସୈନିକ ଓ ଶ୍ରମିକ । ତୁମକୁ ସମସ୍ତଙ୍କ ପ୍ରତି ସମାନ ଓ ସାର୍ବଜନୀନ

ପ୍ରେମରେ ଓତପ୍ରୋତ ହେବାକୁ ପଡ଼ିବ । ତୁମେ ଦୁର୍ଭାଗ୍ୟ ଓ ସୌଭାଗ୍ୟରେ ସ୍ଥିର ହେବା ଉଚିତ । ଜରୁରୀକାଳୀନ ପରିସ୍ଥିତିରେ ଅନ୍ୟମାନଙ୍କର ସେବା କରିବା ପାଇଁ ଆବଶ୍ୟକ ଜ୍ଞାନରେ ତୁମେ ଦକ୍ଷ ହେବା ଉଚିତ । ମୋ ନାମ ବାବା, B.A, B.A ମୁଁ ଡବଲ ବି.ଏ, ଯାହା ତୁମେ ଦେଖିପାରୁଥିବ । ଏହି ଅକ୍ଷରଗୁଡ଼ିକର ଅର୍ଥ କ'ଣ ? B ଅର୍ଥ Being (ସତ୍); A ଅର୍ଥ Awareness (ଚିତ୍); ଦ୍ୱିତୀୟ B ଅର୍ଥ Bliss, (ଆନନ୍ଦ) ଏବଂ ଦ୍ୱିତୀୟ A ଅର୍ଥ Atman, (ଆତ୍ମା) । ସଂପୂର୍ଣ୍ଣ ଶବ୍ଦଟିର ଅର୍ଥ ମୁଁ ସଚ୍ଚିଦାନନ୍ଦ ଆତ୍ମା ! ଆଉ ତୁମେମାନେ ମଧ୍ୟ ସଚ୍ଚିଦାନନ୍ଦ ଆତ୍ମା; କେବଳ ତୁମେ ଏ ବିଷୟରେ ଅବଗତ ନୁହଁ, ତୁମେ ଏହା ଆବିଷ୍କାର କରିନାହଁ ଓ ପ୍ରକଟ କରିନାହଁ । ମୁଁ ଯେଉଁ ସେବାଭାବ କଥା ସୂଚିତ କରିଛି ତାହା ହେଉଛି ଗୋଟିଏ ଉପାୟ, ଯାହା ଦ୍ୱାରା ତୁମେ ସେହି ଆବିଷ୍କାର କରିପାରିବ ।

♦♦♦

-ପ୍ରଶାନ୍ତିନିଳୟମ୍, ୨୧.୨.୧୯୭୧

ଲୋକ ନୁହେଁ, ଲୋକେଶ

ତୁମେ ଜାଣ ଆଜି ପ୍ରଶାନ୍ତି ନିଳୟମ୍‌ଠାରେ ଗୋଟିଏ ପବିତ୍ର ଉତ୍ସବ ପାଳିତ ହେଉଛି ଏବଂ ଏଥିରେ ଅଂଶଗ୍ରହଣ କରିବାକୁ ହଜାର ହଜାର ଲୋକ ଆସିଛନ୍ତି । ଅନେକଙ୍କର ଦୁଃଖର ବୋଝ ଅଛି ଯାହାକୁ ସେମାନେ ଏଠାରେ ଅଜାଡି ଦେବାକୁ ଆଶା କରନ୍ତି । ବହୁ ଲୋକ ଶାରୀରିକ ବା ମାନସିକ ରୋଗରୁ ମୁକ୍ତି ପାଇବାକୁ ପ୍ରାର୍ଥନା କରୁଛନ୍ତି । କେତେକ ଦୁଃଖ କଷ୍ଟରେ ନଇଁ ପଡିଛନ୍ତି । ଅଧିକାଂଶଙ୍କର କିଛି ନା କିଛି କଷ୍ଟ ଅଛି, କିଛି ନା କିଛି କ୍ଷତି ହୋଇଛି ଏବଂ ସେଥିପାଇଁ ସେମାନେ କିଛି ଅନୁଗ୍ରହ ଭିକ୍ଷା କରୁଛନ୍ତି । ମୋର କାମ ହେଲା ସେମାନଙ୍କ ଦୁଃଖକୁ ଲାଘବ କରିବା । "ବୈଦ୍ୟ ନାରାୟଣୋ ହରିଃ ।" ନାରାୟଣ ଡାକ୍ତର ହୋଇ ରୋଗ ଭଲ କରିବେ, ଏକଥା ବେଦ କହିଛି । ସୁତରାଂ ମୁଁ ସେହି କାମ କରିବି ।

ଡାକ୍ତର ରୋଗ ନିର୍ଣ୍ଣୟ କରନ୍ତି, ପ୍ରତିକାର ବତାନ୍ତି ବା ଅପରେସନ୍ କରନ୍ତି, ବାକି ସବୁ କାମ ନର୍ସମାନେ କରନ୍ତି, ନୁହେଁ କି ? ନର୍ସମାନେ ରୋଗୀମାନଙ୍କ ସେବା କରନ୍ତି, ଖାଦ୍ୟ ଯୋଗାନ୍ତି, ତାଙ୍କ ଉତ୍ତାପ ଦେଖନ୍ତି, ତାଙ୍କର ଚାଲିଚଳଣ ଲକ୍ଷ୍ୟ କରି ଏବଂ ସସ୍ନେହ ଯତ୍ନ ନେଇ ତାଙ୍କୁ ସଂପୂର୍ଣ୍ଣ ଆରୋଗ୍ୟ କରିବାରେ ସାହାଯ୍ୟ କରନ୍ତି । ମୁଁ ଆଜି ସେହି ପ୍ରକାରର କାମ ତୁମକୁ ଦେଇଛି । ଯଦି ଆଜି ଏ ରୋଗୀମାନଙ୍କ ଯତ୍ନ ନ ନିଅ, ଯଦି ଡାକ୍ତରଙ୍କ ଉପଦେଶ ଅନୁଯାୟୀ କାମ ନ କର ତାହାହେଲେ ନାନା ଜଟିଳତା ସୃଷ୍ଟି ହେବ ଏବଂ ସେମାନଙ୍କର ପ୍ରଭୂତ କ୍ଷତି ଘଟାଇବ । **"ନ କର୍ମଣା ନ ପ୍ରଜୟା ଧନେନ ତ୍ୟାଗେନୈକେ ଅମୃତତ୍ୱଂ ଆନଶୁଃ"**– ଅର୍ଥାତ୍ ପୌରାଣିକ କର୍ମକର୍ମାଣି, ଉଚ୍ଚ କୁଳରେ ଜନ୍ମ ବା ଧନ ଦ୍ୱାରା ଅମରତ୍ୱ ଲାଭ ହୁଏ ନାହିଁ, ତାହା ଲାଭ ହୁଏ କେବଳ ତ୍ୟାଗ ଦ୍ୱାରା । ବେଦରେ ଏ କଥା ବ୍ୟକ୍ତ ହୋଇଛି । ଯେଉଁ ସେବାକାର୍ଯ୍ୟରେ ତୁମେ ଆଜି ଅଭିଷିକ୍ତ ହେଉଛ ସେହି ସେବାକାର୍ଯ୍ୟ ହିଁ ତ୍ୟାଗ ପାଇଁ ଶିକ୍ଷା । ସେବା ହିଁ ସର୍ବୋତ୍କୃଷ୍ଟ ସାଧନା, କାରଣ ଭଗବାନ ନିଜେ ମନୁଷ୍ୟ ରୂପ ଧରନ୍ତି ମାନବଜାତିର ସେବା କରିବା ପାଇଁ ଏବଂ ସେମାନେ ଭୁଲିଯାଇଥିବା ଉତ୍ତମ ଆଦର୍ଶରେ ପୁଣି ସେମାନଙ୍କୁ ଚାଳିତ କରିବା ପାଇଁ । ସୁତରାଂ ବିଚାର କର ମନୁଷ୍ୟ ଯଦି ମନୁଷ୍ୟର ସେବା କରେ ଭଗବାନ୍ କେତେ ପ୍ରୀତ ହେବେ । ଅନେକ ଲୋକ ବୃଦ୍ଧ ଓ ରୁଗ୍‌ଣ ହେଲେ ହେଁ ପ୍ରଶାନ୍ତିନିଳୟମ୍‌କୁ ଏକଲା ଆସନ୍ତି, କାରଣ ତାଙ୍କର ଅନ୍ୟ କେହି ନାହିଁ ବା ଦରିଦ୍ର

ହୋଇଥିବାରୁ ସାଙ୍ଗସାଥୀଙ୍କୁ ମଧ୍ୟ ଆଣି ପାରନ୍ତି ନାହିଁ । ସେପରି ଲୋକଙ୍କୁ ଆଜି ତୁମେ ସାହାଯ୍ୟ କରିବା ଉଚିତ । ସେମାନେ ସଂଜ୍ଞାହୀନ ହେବା ବା ପଡିଯିବା ପର୍ଯ୍ୟନ୍ତ ଅପେକ୍ଷା କରନା, ସେମାନଙ୍କୁ ଛାଇରେ ବା ଛାତ ତଳେ ବସାଅ ଏବଂ ସେମାନଙ୍କର ତୃଷା ଓ ପଥଶ୍ରାନ୍ତି ଯେତେ ଶୀଘ୍ର ପାର ଦୂର କର । ଏପରି ବୃଦ୍ଧ, ରୁଗ୍ଣଙ୍କ ପାଇଁ ଛାତ ତଳେ ଜାଗା ଛାଡିଦେବା ପାଇଁ ସବୁ ସବଳ ଲୋକଙ୍କୁ ପ୍ରବର୍ତ୍ତାଅ । ତୁମେ ନିଜେ ଆଗ ଧାଡିମାନଙ୍କରେ ବସ ନାହିଁ । ବ୍ୟାଜ ତୁମର ସୁବିଧା ବଢାଇବାକୁ ହୋଇନାହିଁ; ତୁମକୁ ବେଶୀ ଦାୟିତ୍ୱ ଦେଇଛି ମାତ୍ର । ମୋତେ ପାଖରେ ଦେଖିବା ପାଇଁ ଠେଲାପେଲା କରି ଆଗକୁ ଆସ ନାହିଁ । ଅତି ଦୂରରେ ରହି ମଧ୍ୟ ଯଦି ତୁମର କର୍ତ୍ତବ୍ୟ ପାଳନ କର ତାହାହେଲେ ମୁଁ ତୁମ ପାଖରେ ପହଞ୍ଚିବି, ଏଥିରେ ସନ୍ଦେହ କର ନାହିଁ । ବ୍ୟାଜ୍ ଉପରେ ମୋର ଛବି ରହିଛି, ତାକୁ ତୁମେ ପିନ୍ଧିଛ କିନ୍ତୁ ସବୁବେଳେ ମୁଁ ତୁମ ହୃଦୟ ଭିତରେ ରହିଛି ।

ଆଜିକାଲି ପାଗ ଭାରି ଗରମ । ସୁତରାଂ ତୃଷାର୍ତ୍ତଙ୍କୁ ପାଣି ଯୋଗାଇବା ମୋର ଗୋଟିଏ ଅଧିକ କାମ । ଦେହ ତୃଷା ନିବାରଣ ପାଇଁ ଜଳ ଲୋଡେ, ଏହାକୁ ତୃଷ୍ଣା କହନ୍ତି । ଅନ୍ତରର ତୃଷ୍ଣା ବଡ ଧରଣର, ଏହା କୃଷ୍ଣଙ୍କ ପାଇଁ । ବାସନା କ୍ଷତିକାରକ, ଏହାକୁ ପୂରଣ କରିବାକୁ ଯାଇ ମନୁଷ୍ୟ ପଶୁତ୍ୱ ଆଚରଣ କରେ । ପୃଥିବୀଟି ଛୋଟ ଆକାରର ହୋଇଥିଲେ ବୋଧହୁଏ ମନୁଷ୍ୟ ତାକୁ ଗିଳି ପକାଇଥାନ୍ତା । ସୌଭାଗ୍ୟବଶତଃ ପୃଥିବୀ ଟିକିଏ ବଡ ।

କିନ୍ତୁ ତୁମେ ସଂସାର ସଙ୍ଗରେ ସଂଯୁକ୍ତ ନୁହଁ । ବର୍ତ୍ତମାନ୍ ତୁମର ସଂପର୍କ 'ଲୋକ'ଙ୍କ ସାଙ୍ଗରେ ନୁହେଁ, ଜଗତର ପ୍ରଭୁ 'ଲୋକେଶ'ଙ୍କ ସଙ୍ଗରେ । ତାଙ୍କର ଆଦେଶ ମାନ, ଆଜ୍ଞା ହିଁ ଯଥେଷ୍ଟ । ଜପ, ଧ୍ୟାନ, ପୂଜା ବା ପ୍ରାର୍ଥନା ପାଇଁ ସମୟ ମିଳିଲା ନାହିଁ ବୋଲି ଚିନ୍ତା କର ନାହିଁ । ଆଚାର୍ଯ୍ୟପୁଙ୍ଗବ ଶଙ୍କରଙ୍କର ଚାରିଜଣ ପଟ୍ଟଶିଷ୍ୟ ଥିଲେ ଯଥା- ତ୍ରୋଟକ, ହସ୍ତାମଳକ, ସୁରେଶ୍ୱର ଏବଂ ପଦ୍ମପାଦ । ପଦ୍ମପାଦଙ୍କ ପ୍ରତିଜ୍ଞା ଥିଲା ଗୁରୁସେବା, ସୁତରାଂ ସେ ପାଠ ପ୍ରତି ଧ୍ୟାନ ଦେଇ ପାରୁ ନ ଥିଲେ । ସେ ଭଲ ପଢୁନଥିଲେ ବୋଲି ଅନ୍ୟମାନେ ତାଙ୍କ ପ୍ରତି ତାଚ୍ଛଲ୍ୟ ଭାବ ପ୍ରଦର୍ଶନ କରୁଥିଲେ, କିନ୍ତୁ ଗୁରୁଙ୍କ ପ୍ରତି ତାଙ୍କର ପ୍ରଗାଢ ଭକ୍ତି ଥିବାରୁ ତାଙ୍କର ସେ ଅଭାବ ପୂରଣ ହୋଇ ଯାଉଥିଲା । ଦିନେ ସେ ଗୁରୁଙ୍କ ପରିଧେୟ ଧୋଇ ନଦୀ ଭିତରେ ଖଣ୍ଡେ ପଥର ଉପରେ ଶୁଖାଇ ଦେଇଥିଲେ । କିନ୍ତୁ ତାକୁ ସଜାଡି ଆଣୁ ଆଣୁ ନଈ ବଢି ଆସିଲା ଏବଂ ସ୍ରୋତ ଏତେ ପ୍ରଖର ହେଲା ଯେ ସେ ପଥର ଉପରେ ଠିଆ ହୋଇ ରହି ପାରିଲେ ନାହିଁ । ଏଣେ ଗୁରୁଙ୍କ ଲୁଗା ବଦଳାଇବା

ସମୟ ଡେରି ହୋଇ ଯାଉଛି । ତେଣୁ ପଦ୍ମପାଦ ନିଶ୍ଚୟ କଲେ ପାଣି ଉପରେ ଚାଲିଯିବେ । ସେ ଜାଣିଥିଲେ ଗୁରୁଙ୍କ ଆଶୀର୍ବାଦ ତାଙ୍କୁ ରକ୍ଷା କରିବ । ତାହା ହିଁ ହେଲା । ସେ ପାଦ ପକାଇଲା ମାତ୍ରକେ ପଦ୍ମ ଫୁଲ ଫୁଟି ଉଠି ତାଙ୍କ ଗୋଡ଼କୁ ଟେକି ଧରୁଥାଏ । ସେଥିପାଇଁ ତାଙ୍କୁ ପଦ୍ମପାଦ ନାମ ଦିଆଗଲା । ଗୁରୁଙ୍କ ଦୟାରେ ସେ ସବୁ ଜ୍ଞାନ ହାସଲ କରି ପ୍ରାଚୀନ ଜ୍ଞାନର ଜଣେ ବିଖ୍ୟାତ ପଣ୍ଡିତ ହୋଇ ପାରିଲେ ।

ଜୀବନ କ୍ଷଣସ୍ଥାୟୀ, ଯେ କୌଣସି ମୁହୂର୍ତ୍ତରେ ଏହା ଶେଷ ହୋଇ ଯାଇପାରେ । ଅତର୍କିତ ଭାବରେ ଶରୀର ନଷ୍ଟ ହୋଇ ଯାଇପାରେ । ସୁତରାଂ ଯିଏ ତୁମ୍ଭଙ୍କୁ ହୃଦୟ ଦାନ କରି ଅଛନ୍ତି ତାଙ୍କୁ ଯେତେବେଳେ ପାରୁଛ ହୃଦୟ ଅର୍ପଣ କରିବା ଉଚିତ । ତୁମର ହୃଦୟ ହିଁ ତୁମର ସାକ୍ଷୀ, ତାକୁ ପଚାର ତୁମେ ଭଗବାନଙ୍କ ନିର୍ଦ୍ଦେଶ ପାଳନ କରିଛ କି ? ହଜାରେ ଲୋକ କହି ପାରନ୍ତି ଯେ ତୁମେ କରିନାହଁ, କିନ୍ତୁ ତୁମ ବିବେକ ଯଦି ଦୃଢ ଭାବରେ କହୁଛି ଯେ ତୁମେ କରିଛ, ତାହାହେଲେ ତୁମର ଭୟ କରିବାର କିଛି କାରଣ ନାହିଁ । ଏକଦା ଗୋଟିଏ ଚତୁର କୃପଣ ଥିଲା । ତାର ଯୁକ୍ତି ଥିଲା ଯେ ଭଗବାନଙ୍କ ଦେହରେ ଅମୃତ ଥିବାରୁ ତାଙ୍କର କ୍ଷୁଧା ତୃଷା ନାହିଁ, ସୁତରାଂ ତାଙ୍କୁ କିଛି ଭୋଗ ଦେବା ଦରକାର ନାହିଁ । ସେ ମଧ୍ୟ ଆହୁରି ଯୁକ୍ତି କରୁଥିଲା ସେ ଠାକୁରଙ୍କ ଉପରେ ପାଣି ଢାଳିବା ଏକ ଅପରାଧ । କାରଣ ଗଙ୍ଗା ତାଙ୍କ ପାଦରୁ ନିର୍ଗତ ହୋଇଛନ୍ତି ଏବଂ ଯେଉଁ ପାଣି ପାଦରୁ ବାହାରୁଅଛି ତାକୁ ମୁଣ୍ଡରେ ଢାଳିବା ଅପରାଧ ହେବ । ଠାକୁରଙ୍କୁ ପଦ୍ମଫୁଲ ଦେବା ମଧ୍ୟ ଉଚିତ ନୁହେଁ ବୋଲି ସେ କହୁଥିଲା କାରଣ ପଦ୍ମଫୁଲ ଭଗବାନଙ୍କ ନାଭିରୁ ନିର୍ଗତ ହୋଇଅଛି । ଏସବୁ ଛଳନା ମାତ୍ର । ଏସବୁ ଯୁକ୍ତିରେ ବିବେକ ପ୍ରତାରିତ ହୋଇ ପାରେନା । ଗୋଡ଼ର ବଳା ହୋଇଥିବା ସୁନା ପାଉଜିକୁ ଭାଙ୍ଗି ସେଥିରେ ପୁଣି ମୁକୁଟ ତିଆରି କରି ଲୋକମାନେ ଠାକୁରଙ୍କୁ ପିନ୍ଧାନ୍ତି ନାହିଁ କି ? ଭକ୍ତି ଥିଲେ ଯେ କୌଣସି ଜିନିଷକୁ ପବିତ୍ର କରାଯାଇପାରେ । ଭଗବାନଙ୍କର ସେବା ନ କରିବା ପାଇଁ ମିଥ୍ୟା କାରଣ ଦର୍ଶାଅ ନାହିଁ । ଭକ୍ତମାନଙ୍କର ସେବା କର । ଭଗବାନ ସେପରି ସେବାକୁ ସବୁଠାରୁ ବେଶୀ ପସନ୍ଦ କରନ୍ତି । ସେବାର ଅତ୍ୟୁତ୍ତମ ଫଳ ହେଲା ଅହମିକାର ବିନାଶ । ସୁରଦାସ ଭଗବାନଙ୍କର ଦାସାନୁଦାସ ହେବା ଲାଗି ପ୍ରାର୍ଥନା, କରୁଥିଲେ, କାରଣ ତଦ୍ଦ୍ୱାରା ତାଙ୍କର ଅହଙ୍କାର ପୂର୍ଣ୍ଣ ଭାବରେ ଦୂରୀଭୂତ ହେବ । ଏହି କାରଣରୁ ଶିଷ୍ୟ ଗୋଟିଏ ଭିକ୍ଷା ପାତ୍ର ନେଇ ଗୁରୁଙ୍କ ଖାଦ୍ୟ ଲାଗି ଭିକ୍ଷା କରିବାକୁ ଯାଆନ୍ତି । ସୁରଦାସ କହିଥିଲେ, "ଭଗବାନ, ମୋର ସେବା କିଛି ଦରକାର କରନ୍ତି ନାହିଁ, କାରଣ

ତାଙ୍କର ସବୁ ଅଛି । ତାଙ୍କର ମୋଠାରୁ ଭଲ ବହୁ ଭକ୍ତ ଅଛନ୍ତି । କିନ୍ତୁ ସେ ଭକ୍ତମାନଙ୍କର ନାନା ଦୁଃଖ ଅଛି ଓ ସେମାନେ ସାହାଯ୍ୟ ଚାହାନ୍ତି । ସେମାନଙ୍କର ସେବା କରି ମୁଁ ନିଜକୁ ଉନ୍ନତ କରିବି ।"

ତୁମେମାନେ ବର୍ତ୍ତମାନ ପ୍ରକୃତ ଆର୍ତ୍ତ ଲୋକଙ୍କର ସେବା କରୁଛ । ତୁମ ଘରେ ଯେତେବେଳେ ବିବାହ ଉତ୍ସବ ହୁଏ ସେତେବେଳେ ତୁମେ ଲୋକଙ୍କୁ ଜବରଦସ୍ତ ବେଶୀ ବେଶୀ ଖୁଆଇ ଖାଦ୍ୟ ନଷ୍ଟ କର, କେତେକ ସ୍ୱଚ୍ଛଳ ଲୋକଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ତୁମେ ବେଶୀ ଖାଇବାକୁ ଦେଇଥାଅ; ପ୍ରକୃତ କ୍ଷୁଧାର୍ତ୍ତ ଲୋକ ଦୁଆର ସେପଟେ ଗଣ୍ଡେ ଖାଇବାକୁ ଆର୍ତ୍ତନାଦ କରୁଥିଲେ ସୁଦ୍ଧା ତୁମେ ତାଙ୍କୁ କର୍କଶ ବାକ୍ୟ କହି ଘଉଡାଇ ଦିଅ । ସୁରଦାସ କୃଷ୍ଣଙ୍କୁ କହିଲେ, "ତୁମେ ଚିର ସନ୍ତୁଷ୍ଟ, ପୂର୍ଣ୍ଣ ଏବଂ ମୁକ୍ତ । ତୁମର ସେବା ମୁଁ କାହିଁକି କରିବି ? ଯେଉଁମାନଙ୍କର ସେବା ଆବଶ୍ୟକ ମୁଁ କେବଳ ତାଙ୍କରି ସେବା କରିବି ।" ସମସ୍ତଙ୍କ ମଧ୍ୟରେ ବିଶ୍ୱସ୍ରଷ୍ଟାଙ୍କୁ ଦେଖ । ସମସ୍ତଙ୍କୁ ଏକ ସମୁଦ୍ରର ଢେଉ ବୋଲି ବିଚାର କର ଏବଂ ସେଇ ଅନୁସାରେ ତୁମର ଆତ୍ମୀୟତା ଗଢ ଏବଂ ପ୍ରେମ ଓ ସ୍ନେହ ବର୍ଷଣ କର । ଅନ୍ୟମାନଙ୍କୁ ପର ମନେକରି ସେବା କର ନାହିଁ । ଭଗବାନଙ୍କୁ ପୂଜା କରିବା ପରି ଅନ୍ୟମାନଙ୍କ ସେବା କର । ଅନ୍ୟ ପ୍ରତ୍ୟେକଙ୍କ ଦେହରେ ଭଗବାନ ବିରାଜିତ । ଏକଥା ବିଚାର କରି କୌଣସି ଗୋଟିଏ ସେବାକାର୍ଯ୍ୟ କଲେ ବର୍ଷ ବର୍ଷ ଧରି ଭଗବାନଙ୍କୁ ଡାକିବା ସଙ୍ଗେ ସମାନ ହେବ ।

ତୁମର କର୍ତ୍ତବ୍ୟ ହେଲା ସେବା କରିବା; ଦୋଷ ବାଛିବା ନୁହେଁ । ପୂର୍ଣ୍ଣ ପ୍ରାଣରେ ସେବା କର ଏବଂ ପବିତ୍ର ଓ ନିଷ୍କଳଙ୍କ ସେବା ସହିତ ପ୍ରେମ କର । ମୋର ଅଦୃଶ୍ୟ ନିରୀକ୍ଷଣ ଓ ନିର୍ଦ୍ଦେଶନାରେ ତୁମେ ସେପରି ଲୋକଙ୍କ ସେବା କରି ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୂରୀଭୂତ କର । ପ୍ରଶାନ୍ତି ନିଲୟମ୍ ସମସ୍ତଙ୍କର ଏବଂ ବାବା ମଧ୍ୟ ସମସ୍ତଙ୍କର । ଯେପରି ଡାକ୍ତରଖାନାରୁ ଔଷଧ ନେବାକୁ ଏବଂ ଚିକିତ୍ସିତ ହେବାକୁ ସବୁ ରୋଗୀଙ୍କର ଅଧିକାର ଅଛି, ସେହିପରି ଏଠାକୁ ଯିଏ ଆସିବ ସେ ଅଭ୍ୟର୍ଥିତ ହେବା ଏବଂ ତାର ତତ୍ତ୍ୱ ନିଆଯିବା ଉଚିତ ।

ଯଦି କୌଣସି ତୃଷାର୍ତ୍ତ ବ୍ୟକ୍ତି ଜଳ ମାଗେ ତୁମେ ହଠାତ୍ ରାଗି ଯାଇ କହ ନାହିଁ, "ତୁମେ ଯେତେବେଳେ ପାଣି ମାଗିବ ମୁଁ ତାହା ଦେବାକୁ ଏଠାରେ ନାହିଁ । କିଛି କ୍ଷଣ ଅପେକ୍ଷା କର, ସ୍ୱାମୀ ବର୍ତ୍ତମାନ ଏ ପ୍ରକୋଷ୍ଠକୁ ଆସିବେ ମୁଁ ବର୍ତ୍ତମାନ ଘୁଞ୍ଚି ପାରିବ ନାହିଁ ।" ଏପରି କର୍କଶ ବ୍ୟବହାର କରି ସ୍ୱାମୀଙ୍କୁ ଦର୍ଶନ କଲେ ତୁମର କୌଣସି ମଙ୍ଗଳ ହେବ ନାହିଁ ।

ସେବା କରିବା ପାଇଁ ସବୁ ସୁବିଧା ପାଇବା ଲାଗି ସର୍ବଦା ଚେଷ୍ଟା କର । ଏହା ସ୍ୱାମୀଙ୍କୁ ଆନନ୍ଦ ଦେବ । ଧୀର ଭାବରେ କଥା କୁହ, ପରିଚ୍ଛନ୍ନ ରୁହ ଏବଂ ଯେଉଁମାନେ ତୁମର ସେବା ଚାହାନ୍ତି ସେମାନଙ୍କର ଉପକାରରେ ଲାଗ । ଅନ୍ୟମାନଙ୍କର ଆଦର୍ଶ ହୁଅ । ଯେଉଁମାନେ ବଡ ପାଟିରେ ଗପ କରୁଥିବେ ସେମାନଙ୍କ ପାଖକୁ ଦୌଡି ଯାଇ ହଠାତ୍ ତାଙ୍କ ଗପ ବନ୍ଦ କରିଦିଅ ନାହିଁ; ସେମାନଙ୍କ ନିକଟକୁ ଯାଅ ଏବଂ ସେମାନଙ୍କୁ ଭଦ୍ର ଭାବରେ ବୁଝାଅ ଯେ ନୀରବତା ସାଧନାର ପ୍ରଥମ ସୋପାନ । ସେମାନେ ଖାଲି ଏଠାରେ ନୁହେଁ, ଯେଉଁ ଯେଉଁ ଜାଗାକୁ ଯିବେ ସେଠାରେ ପ୍ରଶାନ୍ତି ଅବଲମ୍ବନ କରିବା ଉଚିତ । ଏ ସ୍ଥାନରେ ଜିଭର କୌଣସି କାମ ନାହିଁ, ଯାହା ଅଛି କେବଳ ଚକ୍ଷୁ ଓ କର୍ଣ୍ଣର । ଏ ସବୁର କାରଣ ବୁଝିଲେ ଲୋକମାନେ ଅବଶ୍ୟ ତୁମର ଉପଦେଶ ମାନିବେ । ସେମାନଙ୍କୁ କୁହ ଯେ ବଡ ପାଟିରେ ଗପ କରିବା ଦ୍ୱାରା ସେମାନେ ତାଙ୍କ ନିଜର ତଥା ଅନ୍ୟର ଶାନ୍ତି ନଷ୍ଟ କରୁଛନ୍ତି । ଯେତିକି ଶବ୍ଦ କରିବା ଦରକାର ତା ଅପେକ୍ଷା ବେଶୀ କର ନାହିଁ । ଯେତେବେଳେ ତୁମେ ବିଛଣା ପକେଇ ଶୋଇବାକୁ ଯିବ ସେତେବେଳେ ବିଛଣାଗୁଡ଼ିକ ଦୁମ୍ କରି ଘରେ ପକାଅ ନାହିଁ ।

ଏକଥା ମୁଁ ଜୋର ସହିତ ପୁରୁଷ ସ୍ୱେଚ୍ଛାସେବକମାନଙ୍କୁ କହିବି । ତୁମ୍ଭମାନେ ନିଳୟମ୍ ବାହାରକୁ ଯାଇ ଦୋକାନ ଓ ହୋଟେଲମାନଙ୍କରେ ବାଜେ କଥା ଗପୁଛ । ଏତେ ପଇସା ଖର୍ଚ୍ଚ କରି ଏଠାକୁ ଆସିଛ କିଛି ଶାନ୍ତି ପାଇବା ଆଶାରେ । କିନ୍ତୁ ଯେମିତି ବଜାରକୁ ଯାଉଛ ସେମିତି ତୁମର ପୁରୁଣା ଅଭ୍ୟାସଗୁଡ଼ିକ ତୁମକୁ ପୁଣି ସଂସାରର ଘୂର୍ଣ୍ଣିବାୟୁକୁ ଟାଣି ନେଉଛି । ଯଦି ତୁମେ ସ୍ୱାଚ୍ଛନ୍ଦ୍ୟ ଚାହଁ ତାହା ହେଲେ ତୁମ ଘରେ ରହି ପାରିଥାନ୍ତ । ଯଦି ଭଗବାନଙ୍କ ଅନୁକମ୍ପା, ଶାନ୍ତି, ଜ୍ଞାନ ଏବଂ ସତ୍‌ସଙ୍ଗ ଚାହଁ ତାହାହେଲେ ନିଳୟମ୍‌ର ଶୃଙ୍ଖଳା ଭିତରେ ରୁହ ଏବଂ ତଦ୍ୱାରା ଚାଳିତ ହୁଅ । ମୁଁ ତୁମକୁ ସେବାକାର୍ଯ୍ୟ ପାଇଁ ବାଛିଛି । ଏହା ଯେ ତୁମ ପକ୍ଷରେ କେତେ ବଡ ସୌଭାଗ୍ୟ ତାହା ହୃଦୟଙ୍ଗମ କର । ବାହାରେ ହଜାର ହଜାର ଲୋକ ଥାଇ ମୋଠାରୁ ଗୋଟିଏ ମାତ୍ର ଶବ୍ଦ ଶୁଣିବାକୁ କେତେ ବ୍ୟାକୁଳ ! ତୁମକୁ ଯେଉଁ ବ୍ୟାଜ ଦିଆଯାଇଅଛି ତାହା ତୁମ ଭିତରେ ଥିବା ସାଇଙ୍କର ପ୍ରତୀକ । ଏହା ତୁମକୁ ସୂଚାଇ ଦେଉଅଛି ଯେ ତୁମେ କେବଳ କେତେଗୁଡ଼ିଏ ଭାବ ଓ ପ୍ରବୃତ୍ତିର ସମଷ୍ଟି ନୁହଁ, କିନ୍ତୁ ତୁମେ ଭଗବାନଙ୍କର ପ୍ରତିବିମ୍ବ, ଯେହେତୁ ଭଗବାନ ନିଜେ ବିମ୍ବ । ବ୍ୟାଜ ଉପରେ ପ୍ରଣବ ବା ଓଁ ଲେଖା ଅଛି । ଏହାକୁ ସମ୍ମାନ କର ଏବଂ ଏହାର ଅର୍ଥ କ'ଣ ଧ୍ୟାନ କର । ଏହାକୁ ଏକ ଦୀକ୍ଷା ବୋଲି ଗ୍ରହଣ କର । ଯେତେବେଳେ

ଶୋଇବାକୁ ଯାଉଛ ବା ସକାଳେ ଉଠୁଛ ଏହାକୁ ତୁମ ଆଖି ଉପରେ ଲଗାଇ ପ୍ରାର୍ଥନା କର, "ହେ ଭଗବାନ ମୋର ସବୁ କାର୍ଯ୍ୟ ନିର୍ମଳ ଓ ପବିତ୍ର ହେଉ ।"

ଏଠାରେ ଯେତେ ଲୋକ ସମବେତ ହୋଇଛନ୍ତି ସେମାନେ ସମସ୍ତେ ତୁମର ଆତ୍ମୀୟ, ଭାଇ ବା ଭଉଣୀ । ତୁମର ଦୈନନ୍ଦିନ ଜପ, ଧ୍ୟାନ ବା ପୂଜା ଏଠାରେ ଠିକ୍ ଭାବରେ ନ ହୋଇ ପାରିଲେ ଚିନ୍ତା କରନା । ଆଉ ମଧ୍ୟ ନିୟମିତ ଆହାର, ବିଶ୍ରାମ, ନିଦ୍ରା ଗୋଳମାଳ ହୋଇଗଲେ ଚିନ୍ତା କରନା । ଶିବରାତ୍ରିର ଉପବାସ ଓ ଜାଗରଣ ନ କରି ପାରିଲେ ଯେ ତୁମେ ସ୍ୱର୍ଗବାସ ହରାଇବ ଏପରି ନୁହେଁ । ଶିବ ଥରେ ପାର୍ବତୀଙ୍କୁ ଦେଖାଇ ଦେଇଥିଲେ ଯେ କାଶୀରେ ଶହ ଶହ ଲୋକ ଗଙ୍ଗାରେ ଗାଧୋଇ ବିଶ୍ୱେଶ୍ୱରଙ୍କ ଉପରେ ଢାଳିବା ଲାଗି ପବିତ୍ର ଗଙ୍ଗାଜଳ ନେଉଥିଲେ ସୁଦ୍ଧା ଗୋଟିଏ ମୁମୂର୍ଷୁ ଭିକ୍ଷୁକର ସ୍ତ୍ରୀ ତାଙ୍କ ସ୍ୱାମୀଙ୍କର ତୃଷା ନିବାରଣ ପାଇଁ ପାଣି, ପାଣି ଚିତ୍କାର କରି କୌଣସି ଲୋକର ଟିକିଏ ହେଲେ ସହାନୁଭୂତି ପାଇଲେ ନାହିଁ । ଗୋଟିଏ ଚୋର ସହାନୁଭୂତି ଦେଖାଇ ପାଣି ଦେଲା ଏବଂ ଭଗବାନଙ୍କର ଅନୁଗ୍ରହ ପାଇଲା । କିନ୍ତୁ ଯେଉଁମାନେ ମନ୍ତ୍ରଯନ୍ତ୍ର ଜାଣନ୍ତି ସେମାନେ ବୈଦିକ ମନ୍ତ୍ର ଉଚ୍ଚାରଣ କରି ବିଶ୍ୱେଶ୍ୱରଙ୍କ ଉପରେ ସେହି ଶିବରାତ୍ରି ଦିନ ଗଙ୍ଗାଜଳ ଢାଳିଲେ ସୁଦ୍ଧା କିଛି ଅନୁଗ୍ରହ ପାଇଲେ ନାହିଁ ।

କାଲି ସକାଳେ ଆମର ପତାକା ଉତ୍ତୋଳନ ଉତ୍ସବ ହେବ । ସଂଧ୍ୟା ସମୟରେ ଲିଙ୍ଗୋଦ୍‌ଭବ ହେବ । ସୁତରାଂ ହଜାର ହଜାର ଆସି ଅଛନ୍ତି ଏବଂ ଆହୁରି ହଜାର ହଜାର ଆସିବେ । ପ୍ରହୃଷ୍ଟ ଚିତ୍ତରେ ଏବଂ ଦକ୍ଷତାର ସହିତ ସେମାନଙ୍କର ସେବା କର, ସେମାନଙ୍କର ଏପରି ସେବା କର ଯାହାଦ୍ୱାରା ସେମାନେ ପ୍ରଶାନ୍ତିନିଳୟମ୍ ଏବଂ ସ୍ୱେଚ୍ଛାସେବକଙ୍କ ବିଷୟରେ ମଧୁର ସ୍ମୃତି ବହନ କରି ଫେରିବେ ।

♦♦♦

ପ୍ରଶାନ୍ତି ନିଳୟମ୍, ୮.୩.୧୯୬୭

ସ୍ୱେଚ୍ଛାସେବୀ : ସୂକ୍ତିମାଳା

↑ ତୁମେ ନିଜେ ଆଗ ଧାଡ଼ି ଅଧିକାର କର ନାହିଁ । ବୃଦ୍ଧ ବା ଅକ୍ଷମ ବା ଅଧିକ ଯୋଗ୍ୟ ପାଇଁ ତୁମର ଆସନ ଛାଡ଼ିଦିଅ - ତାହା ହିଁ ସେବା ।

↑ ତୁମର କର୍ତ୍ତବ୍ୟ ହେଉଛି ସେବା କରିବା, ଦୋଷ ଖୋଜିବା ନୁହେଁ । ପୂର୍ଣ୍ଣ ହୃଦୟରେ ସେବା କର, ନିର୍ମଳ ଅନାବିଳ ପ୍ରେମର ସହିତ ସେବା କର । ମୋର ଅଦୃଶ୍ୟ ନିରୀକ୍ଷଣ ଓ ନିର୍ଦ୍ଦେଶନାରେ ତୁମକୁ ସେମାନଙ୍କର ସେବା କରିବାକୁ ହେବ ଏବଂ ସେମାନଙ୍କର ଦୁଃଖ ଓ କଷ୍ଟ ଦୂର କରିବାକୁ ହେବ ।

↑ ତୁମେ ପୂର୍ଣ୍ଣ ହୃଦୟରେ ସେବା କଲେ ତାହାର ପରିଣାମ ତୁମ ପାଇଁ ଆନନ୍ଦ ହେବ; ଅଧାପନ୍ତରା କାମ କେବଳ ଉପରଠାଉରିଆ ଆନନ୍ଦ ବା ଯଶ ଦେବ ।

↑ ଅନ୍ୟମାନଙ୍କୁ ପର ବୋଲି ନ ଭାବି କେବଳ ଭଗବାନଙ୍କର ଉପାସନା ମନୋଭାବ ରଖି ସେବା କର ।

↑ ବଡ଼-ଛୋଟ ଭାବନା ନ ରଖି ଲୋକମାନଙ୍କର ସେବା କର । କୌଣସି ସେବା ବଡ଼ ନୁହେଁ, କୌଣସି ସେବା ଛୋଟ ନୁହେଁ । ପ୍ରତ୍ୟେକ ସେବାକାର୍ଯ୍ୟ ଭଗବାନଙ୍କ ଆଖିରେ ସମାନ । ତାଲିମପ୍ରାପ୍ତ ଓ ସେବା କରିବାକୁ ଆଗ୍ରହୀ ସ୍ୱେଚ୍ଛାସେବୀ ଭାବରେ ଯେଉଁଠି ସୁଯୋଗ ମିଳୁଛି, ଲୋତକଭରା ଆଖି, ଦୀର୍ଘଶ୍ୱାସପୂର୍ଣ୍ଣ ହୃଦୟକୁ ଖୋଜି ବୁଲ ।

↑ ଜଣେ ଲୋକ କଷ୍ଟ ପାଉଥିବା ବେଳେ ତା'ପାଖକୁ ଯାଅ ଏବଂ ମଧୁର ଭାବରେ ଓ ସାନ୍ତ୍ୱନାକାରୀ ସ୍ୱରରେ କହ, "ମୁଁ ତୁମ ପାଇଁ କ'ଣ ଆଣିବି ? ବ୍ୟସ୍ତ ହୁଅ ନାହିଁ, ଆମେ ତୁମର ଯତ୍ନ ନେବୁ ।" ଏହି ପ୍ରେମପୂର୍ଣ୍ଣ ବଚନ କଷ୍ଟ ଲାଘବ କରି ଦେବ ।

↑ ତୁମେ କରୁଥିବା ସେବା ତୁମକୁ ପୁରସ୍କୃତ କରିବା ଉଚିତ କେବଳ ତୁମରି ସନ୍ତୋଷ ଦ୍ୱାରା ନୁହେଁ ମାତ୍ର ତୁମେ ଯେଉଁମାନଙ୍କର ସେବା କରୁଛ ସେମାନଙ୍କର ସନ୍ତୋଷ ଓ ଉପଶମ ଦ୍ୱାରା ।

↑ ଯେତେବେଳେ ତୁମେ ଜଣେ ରୋଗୀ, ନିରାଶ, ଅସହାୟ ଲୋକକୁ ଦେଖୁଛ ତାହା ହିଁ ତୁମର ସେବାର କ୍ଷେତ୍ର ।

↑ ସବୁବେଳେ ତୁମ ଚାରିପଟେ, ଏପରିକି ତୁମକୁ ଦିଆଯାଇଥିବା କାର୍ଯ୍ୟର ପରିସର ବାହାରେ ସେବା କରିବାର ଯେ କୌଣସି ଅତିରିକ୍ତ ସୁଯୋଗ ଖୋଜୁଥାଅ ।

↑ ସେବା କରିବାର ସୁଯୋଗ ଖୋଜ; ଭାବ ନାହିଁ ଯେ ତୁମର ସେବା କରିବାର ନିର୍ଦ୍ଦିଷ୍ଟ ସୀମା ଅଛି ଏବଂ ତୁମେ ତାହା ଅତିକ୍ରମ କରିବା ଉଚିତ ନୁହେଁ ।

↑ ସ୍ୱେଚ୍ଛାସେବୀମାନେ ସେମାନଙ୍କ ପାଖକୁ ସେବାର ସୁଯୋଗ ଆସିବା ପାଇଁ ଅପେକ୍ଷା କରିବା ଉଚିତ ନୁହେଁ । ସେମାନେ ସେଗୁଡ଼ିକୁ ଖୋଜିବା ଉଚିତ, ସଜାଗ ଓ ପ୍ରସ୍ତୁତ ରହିବା ଉଚିତ ।

↑ ତୁମେ ଯଦି କୋମଳ ଜୀବନରେ ଅଭ୍ୟସ୍ତ ତେବେ ତୁମେ ସ୍ୱେଚ୍ଛାସେବୀ ଭାବରେ ବା ଅନ୍ୟ ଯେ କୌଣସି କାର୍ଯ୍ୟ ପାଇଁ ଅନୁପଯୋଗୀ ।

↑ ଅନ୍ୟମାନଙ୍କର ସେବା କରିବା ଦ୍ୱାରା ଏବଂ ସେମାନଙ୍କର ଜରୁରୀ ଆବଶ୍ୟକତା ପୂରଣ କରିବା ଦ୍ୱାରା ତୁମେ ଏହା କରି ପାରୁଛ ବୋଲି ଖୁସି ହୁଅ ।

↑ ମୋତେ ପ୍ରତ୍ୟେକଙ୍କର ଅନ୍ତର୍ଯ୍ୟାମୀ ଭାବରେ ଦେଖ । ସେମାନଙ୍କୁ ସେମାନେ ଆବଶ୍ୟକ କରୁଥିବା ସମସ୍ତ ସାହାଯ୍ୟ, ସମସ୍ତ ସେବା ଯଥାସମ୍ଭବ ପ୍ରଦାନ କର; ଏବଂ ମଧୁର ବଚନ, ସୁଖକର ସଙ୍ଗତି, ସାନ୍ତ୍ୱନାଦାୟୀ ବାର୍ତ୍ତାଳାପ ଅଟକାଇ ରଖ ନାହିଁ ।

↑ ସେବାରେ ଉଚ୍ଚ-ନୀଚ କିଛି ନାହିଁ , କାରଣ ସାଇ ସମସ୍ତଙ୍କ ଭିତରେ ଅଛନ୍ତି । ତୁମେ ଯାହାକୁ ଦେଲେ ବି ସାଇ ତୁମର ସେବା ଗ୍ରହଣ କରନ୍ତି ।

↑ ଅନ୍ୟ ବ୍ୟକ୍ତି ଭିତରେ ଥିବା ସାଇଙ୍କର ସେବା ତୁମର ଦୈନନ୍ଦିନ ଉପାସନା ହେବା ଉଚିତ ।

↑ ମନେରଖ, ତୁମେ ଯେଉଁ ଲୋକମାନଙ୍କର ସେବା କରୁଛ ସେମାନେ ହେଉଛନ୍ତି ଦେବାଳୟ, ଯେଉଁଠାରେ ଦେବତା ଅବସ୍ଥାପିତ ହୋଇଛନ୍ତି । ଉତ୍ତମ ବଚନ, ଯଥାସମୟରେ ସାହାଯ୍ୟ ଏବଂ ସତର୍କ ଯତ୍ନର ଫୁଲରେ ସେମାନଙ୍କୁ ପୂଜା କର ।

↑ ମାନବଜାତିକୁ ହୀନ ଦୃଷ୍ଟିରେ ଦେଖି ଓ ସାଇଙ୍କୁ ଉଚ୍ଚ ଦୃଷ୍ଟିରେ ଚାହିଁ କୃପାଲାଭ କରିବାର ଆଶା କର ନାହିଁ ।

↑ ସ୍ୱେଚ୍ଛାସେବୀ ମଧ୍ୟ କୃପାପ୍ରାର୍ଥୀ ଓ ଆନନ୍ଦ ଅଭିଳାଷୀ ଅଟେ ।

↑ ଭଗବାନ ତୁମର ପ୍ରତ୍ୟେକ କାର୍ଯ୍ୟର ସାକ୍ଷୀ ଭାବରେ ପ୍ରତ୍ୟେକ ସ୍ଥାନରେ ଅଛନ୍ତି; ତୁମେ ଭେଟୁଥିବା ଓ ସେବା କରୁଥିବା ପ୍ରତ୍ୟେକଙ୍କ ଭିତରେ ଭଗବାନ ଅଛନ୍ତି - ତୁମେ ଏହି ମନୋଭାବର ଅନୁଶୀଳନ କଲେ ନିଶ୍ଚୟ ପଭୁଙ୍କ ଦର୍ଶନ ଦ୍ୱାରା ପୁରସ୍କୃତ ହେବ ।

↑ ସେବା ତୁମକୁ ମୋର ନିକଟତର କରେ ।

↑ ତୁମେ ମୋ ଚାରିପଟେ ଭିଡ଼ କରିବା ଉଚିତ ନୁହେଁ; ବରଂ ବୃଦ୍ଧ, ରୋଗୀ, ଶିଶୁ, ଖରାରେ ବସିଥିବା ଲୋକ, ତୃଷାର୍ତ୍ତ, କ୍ଳାନ୍ତଲୋକମାନଙ୍କର ଆବଶ୍ୟକତା କଥା ବୁଝ ।

↑ ହୃଦୟରେ ଭଗବାନ ଅବସ୍ଥାପିତ ହୋଇଥିବା ମନୁଷ୍ୟର ସେବା କରିବା ଦ୍ୱାରା ଭଗବାନଙ୍କର ସେବା କରିବା ପାଇଁ ନିଜକୁ ତାଲିମ ଦିଅ ।

↑ ମାନବସେବା ହିଁ ମାଧବସେବା ବୋଲି ବିଶ୍ୱାସ କର ।

↑ ଏହି କାମ ଦ୍ୱାରା ତୁମେ ଉପାସନା କରୁଥିବା ଭଗବାନ ତୁମ ନିଜ ହୃଦୟ ଭିତରେ ଅଛନ୍ତି ବୋଲି ମନେରଖ ।

↑ ସବୁ ମଣିଷଙ୍କ ଭିତରେ ଭଗବାନଙ୍କୁ ଦେଖିବାପାଏ ମଣିଷର ସେବା କର; ତାହେଲେ ତୁମେ ଯାହା କରିବ ତାହା ପୂଜାକୁ ଉନ୍ନୀତ ହେବ ।

↑ ସବୁ ଜୀବ ଦିବ୍ୟସାଗରର ତରଙ୍ଗ ବୋଲି ସେବା ମାଧ୍ୟମରେ ଉପଲବ୍ଧି କର ।

↑ ତୁମେ ଅନ୍ୟଜଣକୁ ସାହାଯ୍ୟ କରିବାକୁ ସକ୍ଷମ ହେବା ବେଳେ ଗର୍ବ ଅନୁଭବ କରିବାର କୌଣସି କାରଣ ନାହିଁ ।

↑ ତୁମେମାନେ ସ୍ୱେଚ୍ଛାସେବୀ ହୋଇଛ ଏଠାରେ ବହୁ ସଂଖ୍ୟାରେ ଭିଡ଼ କରୁଥିବା ଲୋକମାନଙ୍କୁ ଦର୍ଶନ ପାଇବାରେ ସାହାଯ୍ୟ କରିବା ପାଇଁ, ସେମାନଙ୍କୁ ବାଧା ଦେବା ପାଇଁ ନୁହେଁ ।

↑ ଏତେ ଆକୁଳ ଭାବରେ ଦର୍ଶନ ପାଇଁ ଇଛା କରୁଥିବା ଲୋକମାନଙ୍କୁ ଦର୍ଶନ ପାଇବାରେ ସାହାଯ୍ୟ କରିବା ଏକ ପ୍ରଶଂସନୀୟ ସେବା ।

↑ ଯେଉଁମାନେ ଦର୍ଶନ ପାଇବା ପାଇଁ ଉତ୍କଣ୍ଠିତ ସେମାନଙ୍କର ଓ ମୋର ମଝିକୁ ଆସ ନାହିଁ ।

↑ ତୁମେ ନିଜେ ଦର୍ଶନ ପାଇଁ ଧାଅଁ ନାହିଁ; ମୁଁ ତୁମ ଭିତରୁ କେତେକଙ୍କୁ ଏପରି

କରିବାର ଦେଖିଛି ।

- ଉତ୍ସବ ପାଇଁ ଏଠାକୁ ଆସୁଥିବା ଯାତ୍ରୀମାନଙ୍କୁ ପ୍ରେମପୂର୍ଣ୍ଣ ହୃଦୟରେ ଭେଟ ।
- ତୁମେମାନେ ପ୍ରଶାନ୍ତି ନିଳୟମ୍‌ର ପ୍ରତିନିଧି ଭାବରେ ରହିଛ । ଏଠାକୁ ଆସୁଥିବା ସ୍ୱଜନମାନଙ୍କ ପ୍ରତି ସୌଜନ୍ୟର ଅତିରିକ୍ତ ଦାୟିତ୍ୱ ତୁମକୁ ଦିଆଯାଇଛି । ତେଣୁ ପ୍ରଶାନ୍ତି ନିଳୟମ୍ ତୁମ ହୃଦୟରେ ରହିବା ଉଚିତ ।
- ବର୍ଷ ବର୍ଷର ଆକୁଳତା ଏବଂ ମାସ ମାସର ପ୍ରସ୍ତୁତି ଓ ଆନନ୍ଦର ଆଶା ନେଇ ନିଳୟମ୍‌କୁ ଆସୁଥିବା ସେମାନଙ୍କ ସ୍ଥାନରେ ତୁମେ ଥିଲେ ଯେପରି ବ୍ୟବହାର ଇଚ୍ଛା କରିଥାନ୍ତ ସେମାନଙ୍କ ସହିତ ସେହିପରି ବ୍ୟବହାର କର ।
- ଅନ୍ୟମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କର । କାହାରିକୁ ପର ବୋଲି ଭାବ ନାହିଁ । ମନେରଖ ମୁଁ ସମସ୍ତଙ୍କର ଅଭିଭାବକ ଓ ସମର୍ଥକ ଭାବରେ ରହିଛି ।
- ଅତିଥିମାନଙ୍କୁ ଯେପରି ସୌଜନ୍ୟର ସହ ସତ୍କାର କରାଯାଏ ତାହା ତୁମେମାନେ ଦେଖିବା ଉଚିତ ।
- ପ୍ରତ୍ୟେକଙ୍କୁ ସେପରି ସୌଜନ୍ୟ ଦେଖାଅ ଯାହା ତୁମେ ତୁମ ଘରେ ଅତିଥିଙ୍କୁ ଦେଖାଇଥାଅ । ଏହା ତୁମର ଘର ଏବଂ ସେମାନେ ତୁମର ଅତିଥି ।
- ଲୋକମାନେ ସେମାନଙ୍କ ଘରକୁ ଫେରନ୍ତୁ ଏବଂ ଏକଥା ଦେଖି ପୁଲକିତ ହୁଅନ୍ତୁ ଯେ ପ୍ରଶାନ୍ତି ନିଳୟମ୍‌ରେ ସେମାନଙ୍କର ଆତ୍ମୀୟ ସ୍ୱଜନ ଅଛନ୍ତି ଯେଉଁମାନେ ସେମାନଙ୍କୁ ଏପରି ଆଦର ଓ ସ୍ନେହ କରନ୍ତି ଯାହା ଏଯାଏ କୌଣସି ସମ୍ପର୍କୀୟ କରି ନ ଥିଲେ ।
- ରୁକ୍ଷ ବ୍ୟବହାର ଦ୍ୱାରା କାହାରି ଭାବନାକୁ ଆଘାତ ଦିଅ ନାହିଁ । ତୁମେ କାହା ସହିତ ରୁକ୍ଷ ବ୍ୟବହାର କରିବା ବେଳେ ମୋ ସହିତ ରୁକ୍ଷ ବ୍ୟବହାର କରିଥାଅ ।
- ବଡପଣିଆ ଭାବ ନେଇ ବା ବିରକ୍ତି ସହ ଏଡ଼େ ବଡ଼ ମୁହଁ କରି ସେବା କର ନାହିଁ ।
- ସ୍ୱେଚ୍ଛାସେବୀ ଜଣେ ବଡ଼ ଲୋକ, ଅନ୍ୟମାନଙ୍କ ଅପେକ୍ଷା ବଡ଼ ଭକ୍ତ ବୋଲି ଭାବ ନାହିଁ । ଅନ୍ୟମାନଙ୍କୁ ବିଶୃଙ୍ଖଳ ଓ ଦୁଷ୍ଟ ବୋଲି ହୀନ ଦୃଷ୍ଟିରେ ଦେଖ ନାହିଁ ।
- ତୁମର ଆତ୍ମୀୟ ସ୍ୱଜନ ବା ବନ୍ଧୁମାନଙ୍କୁ କୌଣସି ପ୍ରକାରେ ସୁବିଧା ଦେବା

ପାଇଁ ତୁମ ପଦମର୍ଯ୍ୟାଦାର ଉପଯୋଗ ମଧ୍ୟ କର ନାହିଁ । ସାଇ ପରିବାରରେ ସମସ୍ତେ ତୁମର ଆତ୍ମୀୟ ସ୍ୱଜନ ।

↑ ସବୁ ସମୟରେ ଆନନ୍ଦ ପ୍ରସାରିତ କର, ମୁହଁକୁ ହସହସ କର, ତାହେଲେ ତୁମକୁ ଦେଖୁଥିବା ପ୍ରତ୍ୟେକ ଲୋକ ଆହ୍ଲାଦ ଅନୁଭବ କରି ପାରିବ ।

↑ ତୁମେ ସାହାଯ୍ୟ କରିବାର ସୁଯୋଗ ପାଇ ପ୍ରକୃତରେ ଖୁସି ବୋଲି ଲୋକମାନେ ଜାଣନ୍ତୁ ।

↑ ବସ୍ତୁତଃ ତୁମେ ଅନ୍ୟମାନଙ୍କର ଯେଉଁ ସେବା କରୁଛ ତାହା ପ୍ରକୃତରେ ତୁମେ ନିଜ ପାଇଁ କରୁଛ ।

↑ ଏଠାରେ ସମବେତ ହୋଇଥିବା ହଜାର ହଜାର ଲୋକଙ୍କର ତୁମେ ଯେଉଁ ସେବା କରୁଛ ତାହା ପ୍ରକୃତରେ ତୁମେ ଅନ୍ୟମାନଙ୍କ ପାଇଁ କରୁନାହଁ, ଏହି ସେବା ତୁମ ନିଜ ପାଇଁ ।

↑ ତୁମେ ଯେତେବେଳେ ଅନୁଭବ କରିବ ଯେ ତୁମେ ଯାହାର ସେବା କରୁଛ ସେ ପର ନୁହେଁ, କିନ୍ତୁ ତୁମେ ନିଜେ, ସେତେବେଳେ ତୁମର ସେବା ଉତ୍ତମ ଓ ଅଧିକ ଫଳପ୍ରଦ ହେବ ।

↑ ଏଠାରେ ସମବେତ ହେବାକୁ ଥିବା ଲୋକମାନଙ୍କର 'ପ୍ରେମ, ବୁଦ୍ଧିମତ୍ତା, ବିନୟ ଓ ଦକ୍ଷତାର ସହ ସେବା କର ।

↑ ହନୁମାନ ହେଉଛନ୍ତି ଦକ୍ଷ, ବିନୟୀ, ନୀରବ, ସେବାର୍ହ, ବୁଦ୍ଧିମାନ, ଉତ୍ସାହୀ, ନିଷ୍ଠାପର ଆଦର୍ଶ ସ୍ୱେଚ୍ଛାସେବୀ ।

↑ କୃତଜ୍ଞତାର ଭାବ ନେଇ ସେବା କର, କାରଣ ଭଗବାନ ହିଁ ତୁମଠାରୁ ତାହା ଗ୍ରହଣ କରିଥାନ୍ତି ।

↑ ସେମାନଙ୍କୁ ମଣିଷ ଭାବରେ ଦେଖ ନାହିଁ, ସେମାନଙ୍କୁ ସ୍ୱୟଂ ଭଗବାନ ଭାବରେ ଦେଖ । ତୁମେ ଅନ୍ୟ ଲୋକର ଦୁଃଖ ଦୂର କରୁଛ; ତୁମେ ସେହି ରୂପରେ, ସେହି ଶରୀରରେ ପ୍ରଭୁଙ୍କୁ ଉପାସନା କରୁଛ ।

↑ ସେବା କରିବାବେଳେ ମୃତ୍ୟୁ ଆସିଲେ ବି ଅଟକି ଯାଅନା; ତୁମେ ଯଦି ଦୃଢ଼ସଂକଳ୍ପ ହୋଇଥାଅ ତେବେ ସମସ୍ତଙ୍କର ସେବା କରିବା ଉଚିତ ।

↑ ସେବକ ହୁଅ, ଭଗବାନଙ୍କର ସେବକ, ତାହେଲେ ସମସ୍ତ ଶକ୍ତି ଓ ଆନନ୍ଦ ତୁମଠାରେ ସଂଯୁକ୍ତ ହେବ ।

↑ ତୁମେ ତାଙ୍କ ହାତର ଏକ ଉପକରଣ ବୋଲି ଅନୁଭବ କର; ସେ ଯେପରି ଠିକ୍ ମନେକରୁଛନ୍ତି ସେପରି ତୁମକୁ ଗଢନ୍ତୁ ଏବଂ ତୁମର ପ୍ରୟୋଗ କରନ୍ତୁ ।

↑ ସାଇଙ୍କର ସେବା ଓ ସାଇଭକ୍ତମାନଙ୍କର ସେବା ସମାନ ଅଟେ । ତୁମେ ସାଇଭକ୍ତମାନଙ୍କର ସେମାନେ ସାଇଭକ୍ତ ବୋଲି ସେବା କରୁଥିବା ବେଳେ ସାଇଙ୍କୁ ସେମାନଙ୍କ ଭିତରେ ଦେଖ, ସେମାନଙ୍କ ଭିତରେ ଥିବା ସାଇଙ୍କୁ ପ୍ରୀତ କରିବାକୁ ଚେଷ୍ଟା କର, ସେମାନଙ୍କ ଭିତରେ ଥିବା ସାଇଙ୍କୁ ସମ୍ମାନ କର ।

↑ ସତ୍ୟବ୍ରତ, ପ୍ରେମପୂର୍ଣ୍ଣ ଓ ସକ୍ରିୟ ହୋଇ ଏବଂ ଅନ୍ୟମାନଙ୍କ ଆଗରେ ସତ୍ୟ, ପ୍ରେମ ଓ ସେବାର ଆଦର୍ଶ ହୋଇ ମୋର ସେବା କର, ତୁମ ନିଜର ସେବା କର ।

↑ ତୁମେ ମୋର ସେବା କରିବାକୁ ଚାହୁଁଛ । ମୁଁ ତୁମକୁ କହିଦେଉଛି, ଯେଉଁମାନେ ମୋର ସେବା କରୁଛନ୍ତି ସେମାନଙ୍କର ସେବା କରିବା ମୋତେ ମୋର ସେବା କରିବା ପରି ସନ୍ତୋଷ ଦିଏ । ଯେ କୌଣସି ଲୋକର ସେବା କରିବା ହେଉଛି ମୋର ସେବା କରିବା, କାରଣ ମୁଁ ସମସ୍ତଙ୍କ ଭିତରେ ଅଛି । ଯେଉଁମାନେ ସେବା କରୁଛନ୍ତି ଓ ଯେଉଁମାନେ ସେବା ପାଉଛନ୍ତି, ସମସ୍ତେ ମୋର । ମୁଁ ସମସ୍ତଙ୍କର । ତାହା ହିଁ ଏକ ଦୁର୍ଲ୍ଲଭ ସୌଭଗ୍ୟ ।

ଶ୍ରୀ ରମଣ ମହର୍ଷି

ରମଣ ମହର୍ଷି ଦକ୍ଷିଣ ଭାରତର ଜଣେ ମହାନ ସନ୍ଥ ଥିଲେ । ଭାରତର ସବୁ ଅଞ୍ଚଳରୁ ଏପରିକି ଅନ୍ୟ ଦେଶମାନଙ୍କରୁ ମଧ ଭକ୍ତମାନେ ତାଙ୍କର ଦର୍ଶନ କରିବାକୁ ଏବଂ ତାଙ୍କର ଆଶୀର୍ବାଦ ଲାଭ କରିବାକୁ ଆସୁଥିଲେ ।

ଦିନେ ଜଣେ ଭକ୍ତ ମହର୍ଷିଙ୍କୁ ଶୁଖିଲା ପତ୍ର ସିଲେଇ କରୁଥିବାର ଦେଖିଲା, ଯାହା ଆଶ୍ରମରେ ଲୋକମାନେ ଖାଇବା ପାଇଁ ଥାଳୀ ରୂପେ ବ୍ୟବହୃତ ହେଉଥିଲା । ପାଖରେ ଠିଆ ହୋଇଥିବା ଯୁବ ଭକ୍ତଟି କହିଲା, "ଭଗବାନ, ଆପଣ ପତ୍ର ସିଲେଇ କରୁଛନ୍ତି । ଏହା ଅଯଥା କାମ ଓ ଆପଣଙ୍କର ସମୟର ଅପଚୟ ନୁହେଁ କି ?" ରମଣ ମହର୍ଷି ହସିଲେ ଓ କହିଲେ, "ପୁଅ, କୌଣସି କାମ ସମୟର ଅପଚୟ ନୁହେଁ, ଯଦି ତାହା ଏକ ଉତ୍ତମ ଅଭିପ୍ରାୟ ସିଦ୍ଧ କରୁଥାଏ ଏବଂ ଠିକ୍ ଭାବରେ କରାଯାଉଥାଏ । ତୁମେ କରୁଥିବା ପ୍ରତ୍ୟେକ କାର୍ଯ୍ୟରୁ ମଧ୍ୟ କିଛି ଉପଯୋଗୀ କଥା ଶିଖି ପାରିବ । ଉଦାହରଣ ସ୍ୱରୂପ, ଏହି ପତ୍ର ସିଲେଇ କଥା ଦେଖ । କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ପରିବେଷଣ କରିବା ପାଇଁ ବ୍ୟବହୃତ ହେବାବେଳେ ଏହି ପତ୍ର ଗୁରୁତ୍ୱପୂର୍ଣ୍ଣ, ଖାଦ୍ୟ ଖାଇସାରିବା ପରେ ସେଗୁଡ଼ିକୁ ଫିଙ୍ଗିଦେବା ହିଁ ସାର ହୋଇଥାଏ । ସେହିପରି ଏକ ଉତ୍ତମ ଜୀବନ ଯାପନ କରିବା ପାଇଁ ଏବଂ ଅସହାୟର ସେବା କରିବା ପାଇଁ ପ୍ରୟୋଗ କରିବା ବେଳେ ହିଁ ଆମର ଶରୀର ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କେବଳ ନିଜ ପାଇଁ ଜୀବନ ଯାପନ କରୁଥିବା ସ୍ୱାର୍ଥପର ମନୁଷ୍ୟ ତା ଜୀବନକୁ ନଷ୍ଟ କରିଥାଏ, ଯଦିଓ ସେ ହୁଏତ ଶହେ ବର୍ଷ ବଞ୍ଚିପାରେ । ସେ ମେଣ୍ଢା ବା ଛେଳି ଭଳି ଅନ୍ୟ ପଶୁମାନଙ୍କଠାରୁ ଉତ୍କୃଷ୍ଟ ନୁହେଁ ଯେଉଁମାନେ ମଧ୍ୟ ବଞ୍ଚନ୍ତି, ଖାଆନ୍ତି ଓ ବଢ଼ନ୍ତି ।"

ବ୍ୟାଜ୍

ମୁଁ ତୁମକୁ ଅଧିକାରରେ ବିଭୂଷିତ କରିବା ପାଇଁ ଏହି ବ୍ୟାଜ୍ ଦେଉନାହିଁ ।

- ବାବା

ଆଧ୍ୟାତ୍ମିକ ସାଧନା ପାଇଁ ଏକ ଆହ୍ୱାନ ରୂପେ, ଆଧ୍ୟାତ୍ମିକ ଅଭିଯାନର ଏକ ଉପକ୍ରମ ରୂପେ, ପ୍ରେମାନୁଶୀଳନର ଏକ ସାଧନା ରୂପେ ଏହି ବ୍ୟାଜ୍‌କୁ ଗ୍ରହଣ କର ।

- ବାବା

ବ୍ୟାଜ୍‌ର ବୋଝ

ମୁଁ ଆଜି ସ୍ୱେଚ୍ଛାସେବକମାନଙ୍କ ଭିତରେ ବାଣ୍ଟିବା ପାଇଁ ଯେଉଁ ବ୍ୟାଜ୍ ଆଣିଛି ତାକୁ ଦେଖି ତୁମେ ତଦ୍ୱାରା ଅଳଂକୃତ ହେବ ବୋଲି ଆନନ୍ଦିତ ହେଉଥିବ । ସମ୍ଭବତଃ ତୁମେ ଭାବୁଥିବ ଯେ ବ୍ୟାଜ୍ ପିନ୍ଧି ତୁମେ ମୋର ଏହି ଜନ୍ମଦିନ ଉତ୍ସବରେ ଅନ୍ୟମାନଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିବ ବା କଠିନ କାମରୁ ମୁକ୍ତି ପାଇବ । କିନ୍ତୁ ମୁଁ ତୁମକୁ ହାକିମି ଜାରି କରିବା ପାଇଁ ବା ମଉଜ କରିବା ପାଇଁ ଏହି ବ୍ୟାଜ ଦେଉନାହିଁ କିମ୍ବା ଏପରି ଉତ୍ସବରେ କେତେକ ସ୍ତ୍ରୀ ଓ କେତେକ ପୁରୁଷ ବ୍ୟାଜ୍ ପିନ୍ଧି ବୁଲିବା ଗୋଟିଏ ପରମ୍ପରାଗତ ଅଭ୍ୟାସ ବୋଲି ମୁଁ ତୁମକୁ ଏହି ବ୍ୟାଜ୍ ଦେଉନାହିଁ । ଏହା ତୁମ ଉପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଲଦି ଦେବ । କିନ୍ତୁ ତୁମେ ଏ ଦାୟିତ୍ୱକୁ ଯଦି ଗୋଟିଏ ବୋଝ ବୋଲି ମନେକର ତାହା ହେଲେ ଏ ବ୍ୟାଜ୍ ପାଇବାକୁ ତୁମର କୌଣସି ଅଧିକାର ନାହିଁ । ପୃଥିବୀର ଭିନ୍ନ ଭିନ୍ନ ଜାଗାରୁ ଏଠାକୁ ଆସୁଥିବା ତୁମର ଆତ୍ମୀୟବର୍ଗଙ୍କୁ ସେବା ଓ ଅଭ୍ୟର୍ଥନା କରିବାର ଅଧିକାର ଏହି ବ୍ୟାଜ୍ ତୁମକୁ ପ୍ରଦାନ କରୁଛି ।

ବ୍ୟାଜ୍ ତୁମର 'ବଡ଼ିମା' ବଢ଼ାଇବା ପାଇଁ ହୋଇନାହିଁ, ଯେଉଁମାନଙ୍କର ସେବା କରିବାକୁ ଯାଉଛ ସେମାନେ ତୁମଠାରୁ ନିମ୍ନରେ ଏବଂ ତୁମେ ସେମାନଙ୍କଠାରୁ ଊର୍ଦ୍ଧ୍ୱରେ ରହିଛ ବୋଲି ଭାବ ନାହିଁ । ତୁମେ ଅନ୍ୟମାନଙ୍କଠାରୁ ଯେ ବଡ଼ ଏପରି କେବେ ଚିନ୍ତା କରିବ ନାହିଁ । ସେବାକୁ ତୁମେ ଅନ୍ୟ ହସ୍ତରେ ଦାନ ଦେଲା ଭଳି ଦେବ ନାହିଁ । ଏହାକୁ ଅନ୍ୟମାନଙ୍କ ପାଦ ତଳେ ଅର୍ଘ୍ୟ ବୋଲି ମନେ କରିବ । ଯାହାର ସେବା କରିବ ତାହାର ଓ ତୁମ ପ୍ରକୃତିର ବିକାଶ ପାଇଁ ସେବା ଉଦ୍ଦିଷ୍ଟ ବୋଲି ମନେ କରିବ । ଆତ୍ମତତ୍ତ୍ୱ ଅନୁଯାୟୀ ତୁମେ ଦୁଇଜଣ ଏକ । ସେ ଓ ତୁମେ ଏକ ସମୁଦ୍ରର ଦୁଇଟି ଢେଉ ମାତ୍ର ।

ଏହି "ବ୍ୟାଜ୍'କୁ ତୁମର ସାଧନା ପାଇଁ ଏକ ଆହ୍ୱାନ, ତୁମର ଆଧ୍ୟାତ୍ମିକ ଜୀବନ ପାଇଁ ପ୍ରବେଶପଥ ଏବଂ ପ୍ରେମାଭ୍ୟାସ ପାଇଁ ଗୋଟିଏ ପରୀକ୍ଷା ରୂପେ ଗ୍ରହଣ କର । ବେଦ ସମସ୍ତ ଶିକ୍ଷଣୀୟ ବିଷୟ ଶିଖାଏ, ମାନବକୁ ମାଧବରେ ପରିଣତ କରିବା ପାଇଁ ଯେଉଁ ଶୃଙ୍ଖଳା ଆବଶ୍ୟକ ତାହା ଶାସ୍ତ୍ରମାନଙ୍କରୁ ମିଳେ, ତୁମର ପ୍ରତ୍ୟେକ କାର୍ଯ୍ୟର ନୂଆ ଓ ପ୍ରକୃତ ଅର୍ଥ ଉଦ୍‌ଘାଟନ କରିବା ପାଇଁ ସାଧନା ତୁମ ଭିତରେ ଚେତନା ଆଣିଦିଏ । ତୁମେ କାର୍ଯ୍ୟର ପ୍ରକୃତ ତାତ୍ପର୍ଯ୍ୟ ବୁଝିବ, ଏଥିପାଇଁ ମୁଁ ଆଗ୍ରହାନ୍ୱିତ, ଏଇଥିପାଇଁ ମୁଁ ତୁମକୁ ସାଧନା କ୍ଷେତ୍ରକୁ ଆଣିଛି । ପିଲାମାନଙ୍କର

ସ୍ୱାସ୍ଥ୍ୟ ଓ ଉନ୍ନତି ବିଷୟରେ ମା' କେବେହେଲେ ହେଳା କରିପାରିବ ନାହିଁ । ପିଲାମାନେ ମା କଥା ନ ମାନିଲେ ମଧ୍ୟ ସେ ସେମାନଙ୍କୁ ଭଲ ବାଟରେ ନେବାକୁ ଏବଂ ଭଲ ଅଭ୍ୟାସ ଶିକ୍ଷା ଦେବାକୁ ଚେଷ୍ଟା କରିବ । 'ମୁଁ' ଏବଂ 'ମୋର' ଏପରି ଅହଂଭାବର ବିନାଶ ସାଧନା ପାଇଁ ଅତୀବ ଆବଶ୍ୟକ । ମୋଟ ଉପରେ ଏହାକୁ ଆତ୍ମବିଦ୍ୟା କୁହାଯାଏ ।

ଅନ୍ୟମାନଙ୍କ ସେବା ପାଇଁ ତୁମକୁ ବହୁ ସୁଖ ସ୍ୱାଚ୍ଛନ୍ଦ୍ୟ ହରାଇବାକୁ ପଡ଼ିବ । ଏପରିକି ସେଥିପାଇଁ ତୁମେ ମୋତେ ଦର୍ଶନ କରିପାରିବ ନାହିଁ କି ମୋ ଭାଷଣ ଶୁଣି ପାରିବ ନାହିଁ । ହୃଷ୍ଟ ମନରେ ଏପରି ତ୍ୟାଗ କଲେ ଏହା ସାଧକ ହେବା ପାଇଁ ଗୋଟିଏ ବଡ଼ ଯୋଗ୍ୟତା ବୋଲି ବିବେଚିତ ହେବ । ତୁମେ ଯଦି ମନେକର "ମୋର ଅଭାବ ପ୍ରଥମେ ମେଣ୍ଟାଇ ଅନ୍ୟର ସୁବିଧା ପରେ ଦେଖିବି" ତାହାହେଲେ ତୁମେ ଯାହା କରୁଛ ତାହା ସେବା ନୁହେଁ, ତାହା ଏକ କୌଶଳ ମାତ୍ର । ତୁମେ ତୁମ ନିଜ ଜାଗା ଛାଡ଼ି ବୃଦ୍ଧ ଏବଂ ଖର୍ବ ଲୋକଙ୍କୁ ସେଠାରେ ବସାଇବା ଉଚିତ, କାରଣ ସେଥିପାଇଁ ସେମାନଙ୍କର ଆବଶ୍ୟକତା ଅଧିକ । ଯଦି ତୁମେ ତାହା କର ତାକୁ ହିଁ ପ୍ରକୃତ ସେବା କୁହାଯିବ । ଆଗରେ ବସି ମୁଁ ଯାହା କହୁଛି ସେଥିରେ ମୁଣ୍ଡ ଟୁଙ୍ଗାରିବା ଅପେକ୍ଷା ଅନ୍ୟର ସେବା କଲେ ତୁମେ ମୋର ପ୍ରସାଦ ବା ଅନୁଗ୍ରହ ଲାଭ କରିବ । ଲୋକଙ୍କୁ ଠେଲାପେଲା କର ନାହିଁ, ଧୀର ଓ ମଧୁର ଭାବରେ ସେମାନଙ୍କ ସହିତ କଥାବାର୍ତ୍ତା କର । ବୁଢ଼ା ଅକର୍ମଣ୍ୟ ଲୋକମାନଙ୍କୁ ଭଲ ଜାଗାକୁ ନେଇ ବସାଇବାକୁ କହିଲେ ସେମାନେ ତୁମ ପ୍ରତି ଭାରି କୃତଜ୍ଞ ହେବେ । ସେମାନଙ୍କୁ ଟାଣଖରାରେ ବସାଇବ ନାହିଁ, କାରଣ ସେମାନଙ୍କର ରକ୍ତଚାପ ବା ଅନ୍ୟାନ୍ୟ ରୋଗ ଥାଇପାରେ । ଖରାରେ ରହିଲେ ସେମାନଙ୍କୁ କଷ୍ଟ ହେବ । ସେମାନଙ୍କୁ ଭିଡ଼ ଭିତରୁ ଖୋଜି ବାହାର କର ଏବଂ ଭଲ ଜାଗାକୁ ନିଅ । ଗୋଟିଏ ଦୁର୍ଲ୍ଲଭ ଫୁଲ ବା ଦାମିକା ଫଳର ଯେପରି ଯତ୍ନ ନେବା କଥା ସେମାନଙ୍କର ସେହିପରି ଯତ୍ନ ନିଅ ।

ବହୁ ସ୍ୱେଚ୍ଛାସେବକ ମୋତେ କହିଛନ୍ତି, "ସ୍ୱାମୀ ମିଠା କଥା କହିଲେ ସେମାନେ ଆମ କଥା ରଖିବେ ନାହିଁ କାରଣ ସେମାନେ କଡ଼ା ବ୍ୟବହାର ଦରକାର କରନ୍ତି ।" ଏପରି ସ୍ୱେଚ୍ଛାସେବକମାନଙ୍କୁ ମୁଁ କଦାପି କ୍ଷମା କରିବି ନାହିଁ । ସବୁ ଦୋଷ ସେଇମାନଙ୍କର, ସେମାନଙ୍କ କଥାରେ, ବ୍ୟବହାରରେ ଏବଂ ଭାବ-ଭଙ୍ଗୀରେ । ସେମାନେ ତାଙ୍କ କଥା ଭଲ ଭାବରେ ବୁଝାଇ ପାରନ୍ତି ନାହିଁ । ତୁମ ଉପରେ ବର୍ତ୍ତମାନ ଯେଉଁ ଦାୟିତ୍ୱ ଦିଆଯାଉଛି ସେ ସମ୍ବନ୍ଧରେ ତୁମେ ଭଲ ଭାବରେ ଚିନ୍ତା କରିଛ କି ? ଏଠାକୁ ଯେଉଁ ଲୋକମାନେ ଆସିଛନ୍ତି ସେମାନଙ୍କଠାରୁ କେଉଁ କଥା ତୁମକୁ ଭିନ୍ନ ରୂପେ ପରିଚିତ କରାଇ ଦେବ ? ନିଶ୍ଚୟ ଏହି ବ୍ୟାଜ୍ । ତୁମକୁ ପ୍ରଶାନ୍ତି ନିଳୟମ୍‌ର ପ୍ରତିନିଧିତ୍ୱ କରିବା ପାଇଁ ଏହା ଦିଆଯାଉଛି । ତୁମର ଯେଉଁ

ଆତ୍ମୀୟ ବର୍ଗ ଆସୁଛନ୍ତି ସେମାନଙ୍କର ସତ୍କାର ପାଇଁ ତୁମକୁ ନିୟୋଜିତ କରାଯାଉଛି । ସୁତରାଂ ତୁମ ହୃଦୟରେ ପ୍ରଶାନ୍ତି ବିରାଜିତ ହେବା ଉଚିତ । ତୁମେ କେବେହେଲେ ତରବର ହୋଇ କାହାରି ଉପରେ ରାଗିବ ନାହିଁ କିମ୍ବା କ୍ଷୁବ୍ଧ ହେବ ନାହିଁ । ନିଜର ମର୍ଯ୍ୟାଦା ରକ୍ଷା କରି କାମ କରିବ । ଯେତେବେଳେ ଘରକୁ ଅତିଥି ଆସନ୍ତି, ସ୍ତ୍ରୀ ସ୍ୱାମୀକୁ କେବେ କହନ୍ତି କି, "ଆମେ ଆଗ ଖାଇବା ଏବଂ ପରେ ଅତିଥିଙ୍କୁ ଖୁଆଇବା ?" ପ୍ରଥମେ ଅତିଥିଙ୍କ ସେବା, ତା'ପରେ ଅନ୍ୟସବୁ । ବିଶେଷ ଯତ୍ନ ଓ ବିଚାର ସହ ସେମାନଙ୍କର ସେବା କରିବା ଉଚିତ । ତୁମର ନିଜ ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ନ ରଖି ତୁମେ ଆଗନ୍ତୁକ ଅତିଥିମାନଙ୍କର ସେବା ସ୍ନେହ ଓ ଯତ୍ନର ସହିତ କରିବା ବିଧେୟ । ଏହା ଦ୍ୱାରା ତୁମେ ମୋତେ ସନ୍ତୁଷ୍ଟ କରି ପାରିବ ଓ ଅନୁକମ୍ପା ପାଇବ ।

ସେମାନଙ୍କୁ ଯଥୋଚିତ ସମ୍ମାନ ଦେଖାଇବାର ପ୍ରଧାନ ଉପାୟ ହେଉଛି ସେମାନଙ୍କୁ ଭକ୍ତ, ମାନନୀୟ ବ୍ୟକ୍ତି ରୂପେ ଗ୍ରହଣ କରିବା । ଏଠାରେ ନୀରବତା ଅବଲମ୍ବନ କରିବା ବିଧେୟ ବୋଲି ନ ଜାଣି କେହି ଯଦି ପାଟି କରେ ତେବେ ହଠାତ୍ ଦୌଡ଼ିଯାଇ ତା ପାଟି ଉପରେ ହାତ ଦେଇ କଥା ବନ୍ଦ କରି ଦିଅନା । ତା ପାଖକୁ ଯାଇ ତା କାନରେ ଚୁପଚୁପ କରି କହ ଯେ ଏ ସ୍ଥାନରେ ବହୁତ ଲୋକ ଜପ ଓ ଧ୍ୟାନରେ ମଗ୍ନ ଅଛନ୍ତି ଏବଂ ନୀରବତା ଅବଲମ୍ବନ କରିବା ଏ ଜାଗାର ନିୟମ । ଆଉ ମଧ୍ୟ ବୁଝାଅ ଯେ ନୀରବତା ଦ୍ୱାରା ନିଜର ଉଚ୍ଛୃଙ୍ଖଳତା ଓ ଉଦ୍‌ଭଟ ଚିନ୍ତା ନିୟନ୍ତ୍ରିତ ହୁଏ । ଏପରି କଲେ ସେ ନିଶ୍ଚୟ ତୁମ ସାଙ୍ଗରେ ସହଯୋଗ କରି ଅନ୍ୟମାନଙ୍କୁ ମଧ୍ୟ ନୀରବତା ଅବଲମ୍ବନ କରିବାକୁ ବୁଝାଇବେ; ଶୃଙ୍ଖଳାର ମୂଲ୍ୟ ବୁଝି ପ୍ରଶାନ୍ତି ନିଳୟମ୍ ଛାଡ଼ିବା ପରେ ମଧ୍ୟ ନୀରବତା ଅଭ୍ୟାସ କରିବାକୁ ଚାହିଁବେ ।

ସ୍ୱେଚ୍ଛାସେବକ କାର୍ଯ୍ୟକୁ ତୁମେ ଗୋଟିଏ ଅସ୍ଥାୟୀ ସପ୍ତାହବ୍ୟାପୀ କାମ ବୋଲି ଭାବ ନାହିଁ । ନଗରର ସବୁଠାରୁ ବଡ ମିଥ୍ୟାବାଦୀ ନାଟକରେ ହରିଶ୍ଚନ୍ଦ୍ର ସାଜିଲା ପରି ଏ କାମ ନୁହେଁ । ଯେଉଁଠାରେ ଜୀବନ କଟାଇଲେ ମଧ୍ୟ ହରିଶ୍ଚନ୍ଦ୍ର କେବେ ହେଁ ସତ୍ୟ ପଥରୁ ଟଳି ନ ଥିଲେ, ରାଜପ୍ରସାଦରେ ହେଉ, ଜଙ୍ଗଲରେ ହେଉ ବା ଶ୍ମଶାନରେ ହେଉ । କେତେକ ଭାବନ୍ତି ଖାଲି ଏଇ ପ୍ରଶାନ୍ତିନିଳୟମ୍ ହତାରେ ଶୃଙ୍ଖଳା ରକ୍ଷା କଲେ ଯଥେଷ୍ଟ, ବାହାରେ ଯାହା ଇଚ୍ଛା ତାହା କରିହେବ । ବାହାରକୁ ଯାଇ ବୁଲିଲାବେଳେ କିମ୍ବା କଫି ଖାଇଲାବେଳେ ସେମାନେ ଗୋଳମାଳ କରନ୍ତି, ଧୂମପାନ କରନ୍ତି, ଝଗଡ଼ା କରନ୍ତି ଓ ପରର କୁତ୍ସାରଟନାରେ ମାତନ୍ତି । ଯେ କୌଣସି ଆତ୍ମସମ୍ମାନ ଥିବା ବ୍ୟକ୍ତି ପକ୍ଷରେ ଏହା ଏକ ଲଜ୍ଜାକର ଆଚରଣ । ବିଶେଷତଃ ଜଣେ ତୀର୍ଥଯାତ୍ରୀ ପକ୍ଷରେ ଏହା ଅତୀବ ଗର୍ହିତ କାର୍ଯ୍ୟ, କାରଣ ତୀର୍ଥଯାତ୍ରୀ ସର୍ବଦା ଆଧ୍ୟାତ୍ମିକ ଚିନ୍ତାରେ ରତ ହେବା ଉଚିତ । ସ୍ୱେଚ୍ଛାସେବକ ପକ୍ଷରେ ଏପରି ଆଚରଣ ଆତ୍ମଘାତୀର କାର୍ଯ୍ୟ ପରି, କାରଣ ଭଗବାନଙ୍କର ଅନୁକମ୍ପା ଓ ଆଶୀର୍ବାଦ ପାଇଁ ସେ ଜଣେ ପ୍ରାର୍ଥୀ ।

ତୁମ ପାଇଁ ସମସ୍ତ ସଂସାର ପ୍ରଶାନ୍ତି ନିଳୟମ୍ ରୂପେ ପ୍ରତିଭାତ ହେବା ଉଚିତ । ଖାଲି ଏହାର ପଥର ଓ ସିମେଣ୍ଟ ନୁହେଁ, ସମୁଦାୟ ପୃଥିବୀ ପ୍ରକୃତରେ ଗୋଟିଏ ପ୍ରଶାନ୍ତିନିଳୟମ୍ । ମନୁଷ୍ୟ ଏକଥା ବୁଝି ନ ପାରି ଜଗତକୁ ଗୋଟିଏ ପାପ ଓ ଘୃଣାର ଆଡ଼୍ଡାସ୍ଥଳୀରେ ପରିଣତ କରିଛି ।

ମୁଁ ଚାହେଁ, ତୁମ ଭିତରୁ ପ୍ରତ୍ୟେକ ଏହି ସମୟ ଭିତରେ ନିଜର ପରିବର୍ତ୍ତନ ପାଇଁ ଚେଷ୍ଟା କରିବା ଉଚିତ । ତା'ହେଲେ ତୁମେ ଯେଉଁଠାକୁ ଯିବ ସେଠାରେ ପ୍ରଶାନ୍ତି ନିଳୟମ୍ ବାତାବରଣ ବିରାଜମାନ କରିବ । ଏ ସ୍ଥାନର ଶୃଙ୍ଖଳା, ପ୍ରେମ, ନମ୍ରତା ଓ ନିୟନ୍ତ୍ରଣ ଦ୍ୱାରା ସଂଚାଳିତ ହେଉ ନ ଥିବା କୌଣସି ସ୍ଥାନ ତୁମ ପକ୍ଷରେ ସୁରମ୍ୟ ହେବ ନାହିଁ । ସୁତରାଂ ତୁମେ ଯେଉଁଠି ରହିବ ଏବଂ ଯେଉଁ ଲୋକମାନଙ୍କ ସହିତ ରହିବ ସେମାନଙ୍କୁ ଆଧ୍ୟାତ୍ମିକ କ୍ଷେତ୍ରରେ ଆଗେଇ ନେବାକୁ ପଡ଼ିବ ।

ସେବା କରିବାକୁ ଖାଲି ଆଗ୍ରହ ଥିଲେ ତାହା ଯଥେଷ୍ଟ ନୁହେଁ । ସେଥିପାଇଁ ତୁମର ବୁଦ୍ଧି ଓ କୌଶଳ ଥିବା ଦରକାର । ତାହା ହେଲେ ତୁମେ ଦକ୍ଷତାର ସହିତ ସେବା କରି ଅନ୍ୟର ହିତ ସାଧନ କରିପାରିବ । ଦକ୍ଷତାବିହୀନ ଆଗ୍ରହ ଅନେକ ସମୟରେ କ୍ଷତିକାରକ ଓ ଦୁଃଖପ୍ରଦ ହୋଇଥାଏ ।

ଏହି ବ୍ୟାଜ୍ ତୁମ ଉପରେ ବଡ଼ ବୋଝ ସଦୃଶ । ଏହା ତୁମକୁ ଲୋକମାନଙ୍କ ଆଗରେ ସ୍ପଷ୍ଟ ଭାବରେ ଉପସ୍ଥାପିତ କରିଥାଏ । ତୁମେ ଯେତେବେଳେ ଅନ୍ୟମାନଙ୍କୁ ନୀରବତା ରକ୍ଷା କରିବା ପାଇଁ କହ ସେତେବେଳେ ହଜାର ହଜାର ଆଖି ତୁମ ଆଡ଼କୁ ଲକ୍ଷ୍ୟ କରେ, ତୁମେ ନିଜେ ନୀରବତା ରକ୍ଷା କରୁଛ କି ନାହିଁ । ତୁମେ ଅଧୈର୍ଯ୍ୟ ବା କ୍ରୋଧ ପ୍ରକଟ କରିବା, ତୁମ ଗାଆଁ ବା ଅଞ୍ଚଳରେ, ତୁମ ଭାଷା କହୁଥିବା ଲୋକମାନଙ୍କ ପ୍ରତି ପକ୍ଷପାତିତା ପ୍ରଦର୍ଶନ କରିବା ଉଚିତ ନୁହେଁ କିମ୍ବା ଅନ୍ୟ ଅଂଚଳର, ଅନ୍ୟ ଭାଷା କହୁଥିବା ଲୋକମାନଙ୍କ ପ୍ରତି କୌଣସି ପ୍ରକାର ଅନାଦର ବା ଅଣହେଳା ପ୍ରଦର୍ଶନ କରିବା ଉଚିତ ନୁହେଁ । ସବୁ କ୍ଷେତ୍ରରେ କେଉଁ କାର୍ଯ୍ୟ ମୋତେ ପ୍ରସନ୍ନ କରିବ, ତାହା ଜାଣିବାକୁ ଚେଷ୍ଟା କର ଏବଂ ତାପରେ ତଦନୁସାରେ ବ୍ୟବହାର କର । କିଏ ତୁମକୁ ଲକ୍ଷ୍ୟ କରୁ ବା ନ କରୁ, ବର୍ତ୍ତମାନ ବା ପରେ, ଏଠାରେ ବା ଅନ୍ୟଠାରେ ତୁମେ ଯେ କୌଣସି ସ୍ଥାନରେ ଥିଲେ ବି ମୁଁ ତୁମ ସାଥିରେ ଥିବି । ତେଣୁ ନିଷ୍ପାପର ହୁଅ । କଦାପି ଲୁଚାଇବାକୁ କିମ୍ବା ଛଳନା ବା ପ୍ରବଞ୍ଚନା କରିବାକୁ ଚେଷ୍ଟା କର ନାହିଁ ।

ତୁମକୁ ଯେଉଁ ସେବା କାର୍ଯ୍ୟ ଦିଆଯାଇଛି, ତାହା ବୁଦ୍ଧିମତ୍ତାର ସହ ସମ୍ପାଦନ କର । ଯାହାର ସେବା କରୁଛ ସେ ହୁଏତ ସମ୍ପୂର୍ଣ୍ଣ ସନ୍ତୋଷ ଲାଭ କରି ନ ପାରେ, କିନ୍ତୁ କୌଣସି ଅନୁଗ୍ରହ ଆଶା ନ କରି ବା ମନରେ କୌଣସି ଦ୍ୱିଧା ନ ରଖି ଭଲ ଭାବରେ ସେବା କଲେ ତାହା ଯଥେଷ୍ଟ ।

ଯଦି କାହାରି ପତ୍ରରେ ଲଡ୍ଡୁଟିଏ ନ ଦେବ ତେବେ ଟୋକେଇଏ ଲଡ୍ଡୁ ଧରି ଖାଲି "ଲଡ୍ଡୁ, ଲଡ୍ଡୁ, କିଏ ଲଡ୍ଡୁ ନେବ ?" ଡାକି ଖାଉଥିବା ଲୋକଙ୍କ ଗହଣରେ ବୁଲିଲେ କି ଲାଭ ? ଖାଉଥିବା ଲୋକେ ଖାଲି ଲଡ୍ଡୁ ନାଆଁ ଶୁଣୁଥିବେ ସିନା କିନ୍ତୁ ପ୍ରକୃତରେ ଲଡ୍ଡୁ ଖାଇବାକୁ ପାଇବେ ନାହିଁ । ଆଜିକାଲି ସେବା, କାର୍ଯ୍ୟରେ ନ ହୋଇ ଖାଲି କଥାରେ ରହିଯାଉଛି, କିନ୍ତୁ ଭଗବାନଙ୍କୁ ଖାଲି କଥାରେ ଠକି ପାରିବ ନାହିଁ । ସେ ସର୍ବଜ୍ଞ ଓ ସର୍ବାନ୍ତର୍ଯ୍ୟାମୀ ।

ଅନ୍ଧ, ଦରିଦ୍ର, ତୃଷାର୍ତ୍ତ, କ୍ଷୁଧାର୍ତ୍ତ, ଖର୍ବ, ରୁଗ୍ଣ, ଗହଳି ଭିତରେ ବାପା-ମା'ଠାରୁ ବିଚ୍ଛିନ୍ନ ହୋଇଥିବା ପିଲା, ପିଲାମାନଙ୍କୁ ଖୋଜି ହେଉଥିବା ବାପା-ମା' ବା ଅନ୍ୟାନ୍ୟ ଦୁଃଖୀମାନଙ୍କୁ ଦେଖିଲେ ସେବକମାନଙ୍କର ହୃଦୟ ବିଗଳିତ ହେବା ଦରକାର । ପର୍ବ ସମୟମାନଙ୍କରେ ଚୋରି କରିବାକୁ ଆସୁଥିବା ଲୋକମାନଙ୍କ ପ୍ରତି ମଧ୍ୟ ନଜର ରଖ । ଯାତ୍ରୀମାନଙ୍କୁ ସେ ବିଷୟରେ ସାବଧାନ କରାଇ ଦିଅ । ଯେତେବେଳେ ସେମାନେ ତାଙ୍କ ଜିନିଷ ଛାଡ଼ି କୁଆଡ଼େ ଯିବେ ସେତେବେଳେ ଜିନିଷ ଯେପରି ଅପହୃତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅ । ନିରାପତ୍ତା ଓ ସୁରକ୍ଷାଭାବ ପ୍ରସାରିତ କରିବାରେ ସାହାଯ୍ୟ କର ।

ସେବା କରିବା ପାଇଁ ସୁଯୋଗ ଅନ୍ୱେଷଣ କର । ମନେକର ନାହିଁ ଯେ ତୁମର ସେବା କେବଳ କେତୋଟି କାର୍ଯ୍ୟ ମଧ୍ୟରେ ସୀମିତ ଏବଂ ତୁମେ ସେହି ସୀମା ଲଙ୍ଘନ କରିବା ଅନାବଶ୍ୟକ । ବସ୍ ପହଞ୍ଚିବା ପରେ ଯାତ୍ରୀମାନେ ସେଥିରୁ ଓହ୍ଲାଉଥିବା ବେଳେ ବିବିଧ ବିଶୃଙ୍ଖଳାର ସମ୍ମୁଖୀନ ହୁଅନ୍ତି । ମାଲପତ୍ର ବସ୍ ଉପରୁ ତଳକୁ ଆଣିଲା ବେଳେ ବିଭ୍ରାଟ ହୋଇଥାଏ । ସେତେବେଳେ ତୁମେ ସାହାଯ୍ୟ କରିବା ଦରକାର । କେଉଁଠାରେ ରହିବା ପାଇଁ ସୁବିଧା ଅଛି ସେ କଥା ବୁଝାଇ ତୁମେ ଆନନ୍ଦର ସହିତ ସେମାନଙ୍କୁ ସେସବୁ ସ୍ଥାନକୁ ନେଇଯାଅ । ତୁମକୁ ସେପରି ଦାୟିତ୍ୱ ଦିଆଯାଇନାହିଁ ବୋଲି ଅପେକ୍ଷା କରନା । ସେମାନେ ତୁମ ଜାଗାକୁ ଆସୁଛନ୍ତି, ତେଣୁ ତୁମେ ସେମାନଙ୍କୁ ଯଥାବିଧି ଅଭ୍ୟର୍ଥନା କରିବା ଆବଶ୍ୟକ । ବହୁ ବର୍ଷର ଅଭିଳାଷ ପରେ ଏବଂ ମାସ ମାସ ଧରି ପ୍ରସ୍ତୁତ ହେବା ପରେ ସେମାନେ ପ୍ରଶାନ୍ତି ନିଳୟମ୍‌କୁ ଆସୁଛନ୍ତି । ତୁମେ ସେପରି ଅବସ୍ଥାରେ ଥିଲେ ଯେଉଁ ପ୍ରକାର ସାହାଯ୍ୟ ଆଶା କରନ୍ତ ସେମାନଙ୍କୁ ଠିକ ସେହିଭଳି ସାହାଯ୍ୟ କର । ଡ୍ରାଇଭର ଓ କଣ୍ଡକ୍ଟରମାନେ ତାଙ୍କୁ ଛାଡ଼ି ଗାଡ଼ି ନେଇ ପଳାଇବେ । ଯଦି ଭିଡ ମଧ୍ୟରେ କେହି ତାର ଆସବାବପତ୍ର ହଜାଏ ତେବେ ତୁମ ଦକ୍ଷତା ଉପରେ ଏହା ଏକ ଆକ୍ଷେପ ହେବ । ତୁମେ ଯଦି ଠିକ୍ ସମୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ପହଞ୍ଚିବ ତେବେ ସେମାନେ କହିବେ, "ଯାହା ହେଉ ଜଣେ ଭଲ ବନ୍ଧୁ ଆମକୁ ମିଳିଗଲେ ଓ ଆମେ ପହଞ୍ଚିବା ମାତ୍ରେ ଆମ ଜିନିଷ ସଂଗ୍ରହ କରିବାରେ ସାହାଯ୍ୟ କଲେ ।

ସେଠାରେ ପ୍ରତ୍ୟେକ ଲୋକ ଆମ ବନ୍ଧୁ କୁଟୁମ୍ବଙ୍କ ଅପେକ୍ଷା ଅଧିକ ସ୍ନେହୀ । ଜାତି, ଧର୍ମ, ଧନ, ଓ ଅବସ୍ଥା ନିର୍ବିଶେଷରେ ଆମେ ସେହି ସ୍ଥାନରେ ସବୁ ସମୟରେ ପ୍ରେମମିଶ୍ରିତ ସେବା ଆଶା କରି ପାରିବା ।"

ମୋତେ ଲକ୍ଷ୍ୟ କର, ମୁଁ ନିଜେ ଏତେ କାମ କରି କ'ଣ ପାଉଛି ? ଯିଏ ଯେଉଁଥିପାଇଁ ଉପଯୁକ୍ତ ମୁଁ ତାକୁ ତାହା ଦେଉଛି । ଅଥଚ ତୁମେ ଦେଖିବ ସକାଳୁ ସନ୍ଧ୍ୟା ଓ ସନ୍ଧ୍ୟାରୁ ସକାଳ ଯାଏ ମୁଁ ସର୍ବଦା କାର୍ଯ୍ୟ ବ୍ୟସ୍ତ ରହୁଛି । ତୁମକୁ ସମୟର ମୂଲ୍ୟ ଶିକ୍ଷା ଦେବା ପାଇଁ ମାତ୍ର କେତେ ମିନିଟ୍‌ରେ ମୁଁ ମୋର ଭୋଜନ ଶେଷ କରୁଛି । ପ୍ରତ୍ୟେକ କାମକୁ ମୁଁ ଟିକିନିଖି ତଦାରଖ କରୁଛି, କାଳେ କେଉଁଠି କ'ଣ ତ୍ରୁଟି ହୋଇଯିବ ସେଥିପାଇଁ ତୁମକୁ ଶିଖାଇବା ଲାଗି ମୁଁ ନିଜେ ଦେଖୁଛି । ମୁଁ ଜାଣେ, ତୁମ ଭିତରୁ ଅନେକ ବାଜେ ଗପ କରି ଏବଂ ଯୁକ୍ତିତର୍କ କରି ବହୁମୂଲ୍ୟ ସମୟ ନଷ୍ଟ କରୁଛ ଏବଂ ଘଣ୍ଟା ଘଣ୍ଟା ଆଳସ୍ୟରେ କଟାଉଛ । ତୁମେ ଯଦି ଭାବିବ ଯେ ଭଗବାନ ସର୍ବତ୍ର ବିରାଜମାନ ସେ ତୁମର ସବୁ କାମ ଦେଖୁଛନ୍ତି, ସେ ସମସ୍ତଙ୍କ ଦେହରେ ରହିଛନ୍ତି, ତାହାହେଲେ ସେ ତୁମକୁ ନିଶ୍ଚୟ ଦର୍ଶନ ଦେବେ । ନିଜର ଅଜ୍ଞତା ଓ ଅବହେଳା ଯୋଗୁଁ ଏପରି ସୁବର୍ଣ୍ଣ ସୁଯୋଗ ଛାଡ଼ ନାହିଁ । ଏହି ସୁବିଧା ପାଇବା ପାଇଁ ପ୍ରସ୍ତୁତ ଥାଅ ।

ଅନୁକମ୍ପା ପାଇବାର ପ୍ରକୃତ ଉପାୟ ହେଉଛି ମୋର ପ୍ରେମାପ୍ଲୁତ ଉପଦେଶ ଶୃଙ୍ଖଳାର ସହିତ ପାଳନ କରିବା । ମୋର ଦୁଃଖ ହେଉଛି ଯେ ମୁଁ ଲୋକମାନଙ୍କର ଯେତେ ଉପକାର କରିପାରନ୍ତି ସେମାନେ ତାହା ମୋଠାରୁ ନେଇପାରୁ ନାହାନ୍ତି । ପଦ୍ମ ପୋଖରୀରେ ବହୁତ ବେଙ୍ଗ ଅଛନ୍ତି ଅଥଚ ଦୂରରୁ ଆସୁଥିବା ଭ୍ରମରମାନେ ବେଙ୍ଗମାନଙ୍କୁ ବୁଝାଇ ପାରୁନାହାନ୍ତି ଯେ ତାଙ୍କ ପାଖରେ ଥିବା ପଦ୍ମଫୁଲରେ ଅମୃତ ଭରି ରହିଛି ।

ଏଠାକୁ ଦର୍ଶନ କରିବାକୁ ଏବଂ ମୋର ଅଭିଭାଷଣ ଶୁଣିବାକୁ ଆସୁଥିବା ଲୋକଙ୍କର ପ୍ରେମପୂର୍ଣ୍ଣ ସେବା କରିପାରିଲେ ତୁମେ ବିବେକ ଓ ବୈରାଗ୍ୟ ଲାଭ କରି ତୁମର ଭକ୍ତିମାର୍ଗ ପ୍ରଶସ୍ତ କରିପାରିବ ଏବଂ ସାଇ ଯେ ସବୁ ପ୍ରାଣୀଙ୍କ ଭିତରେ ରହି ପ୍ରେରଣା ଦେଉଛନ୍ତି ତାହା ଉପଲବ୍ଧି କରିପାରିବ । ମୁଁ ତୁମର ଶୁଭ କାମନା କରୁଛି । ତୁମେ ବିନମ୍ର ମଧୁର ହୁଅ ଏବ ଆନ୍ତରିକତାର ସହିତ କାର୍ଯ୍ୟ କର ।

♦♦♦

ପ୍ରଶାନ୍ତିନିଳୟମ୍, ଜନ୍ମୋତ୍ସବ, ତା ୨୨.୧୧.୬୫

ଦୁର୍ଲ୍ଲଭ ସୁଯୋଗ

ପ୍ରଶାନ୍ତି ନିଳୟମ୍‌ରେ ସେବାକାର୍ଯ୍ୟ କଲାବେଳେ କିପରି ମନୋଭାବର ଆବଶ୍ୟକତା ରହିଛି ସେ ସମ୍ପର୍କରେ କହିବା ପାଇଁ ମୁଁ ତୁମ ସମସ୍ତଙ୍କୁ ଏଠାକୁ ଡାକିଛି ଏବଂ ଏହା ତୁମମାନଙ୍କ ପାଇଁ ଏକ ବିଶେଷ ସୁଯୋଗ । ଉପନୟନ ଓ ଶିବରାତ୍ରି ଉତ୍ସବ ପାଇଁ ହଜାର ହଜାର ସଂଖ୍ୟାରେ ଆସିଥିବା ଲୋକମାନେ ଏପରି ସୁଯୋଗ ପାଇବାକୁ ଖୁବ୍ ଆଗ୍ରହୀ ଥିବା ସ୍ଥଳେ ମୁଁ ତୁମମାନଙ୍କ ମନୋନୀତ କରିଛି । ତୁମେମାନେ ମୋ ଦୃଷ୍ଟିକୁ ଆସିଛ । ମୁଁ କହିରଖେ ଯେ ସ୍ୱେଚ୍ଛାସେବୀର କାମ କ୍ଷଣକର କାମ ନୁହେଁ । ବିନମ୍ରତା ଦୀର୍ଘଦିନର ତାଲିମ ଏବଂ ଗଭୀର ଶୃଙ୍ଖଳାବୋଧ ବ୍ୟତୀତ ଏ କାର୍ଯ୍ୟ କରାଯାଇ ପାରିବ ନାହିଁ । ହଠାତ୍ ତୁମର ଜାମାରେ ବ୍ୟାଜ୍ ମାରିଦେଇ ତୁମକୁ ଭୂମିକା ପାଇଁ ପ୍ରସ୍ତୁତ କରାଯାଇପାରିବ ନାହିଁ ।

ପ୍ରଥମତଃ ତୁମେମାନେ "ଆଜ୍ଞା"ର ମହତ୍ତ୍ୱ ବୁଝିବା ଉଚିତ । ମୋ ଦୃଷ୍ଟିରେ ଏହା ଏକ ହୁକୁମ ଅପେକ୍ଷା ବେଶୀ ପରିମାଣରେ ଗୁରୁତ୍ୱପୂର୍ଣ୍ଣ । ଗୀତା ଶ୍ରୀକୃଷ୍ଣଙ୍କ ଆଜ୍ଞା ଥିଲା । ଅବଶ୍ୟ ଏପରି ଆଜ୍ଞା କିପରି ଓ କାହିଁକି ପାଳନ କରାଯିବା ଉଚିତ୍ ସେ ବିଷୟରେ ସେ ପ୍ରାଞ୍ଜଳ ବିବରଣୀ ଦେଇଥିଲେ । ଅର୍ଜ୍ଜୁନ ସ୍ୱୀକାର କରିଥିଲେ ସେ ଅନୁଗତ, ଭଗବାନଙ୍କ ପାଖରେ ସେ ନିଜକୁ ସମର୍ପଣ କରିଥିଲେ । ସୁତରାଂ ଶ୍ରୀକୃଷ୍ଣ ଆଜ୍ଞା ସଂପର୍କରେ ବିଶ୍ୱାସ ଜନ୍ମାଇବା ପାଇଁ କୃଷ୍ଣଙ୍କ ବର୍ଣ୍ଣନାର କୌଣସି ଆବଶ୍ୟକତା ନ ଥିଲା । ତଥାପି ଅର୍ଜ୍ଜୁନ ପୂର୍ଣ୍ଣପ୍ରାଣରେ ଯୁଦ୍ଧ କରୁ ବୋଲି ଇଚ୍ଛା କରି କୃଷ୍ଣ ନିଜ ପ୍ରଦର୍ଶିତ ମାର୍ଗର ଯୁକ୍ତିଯୁକ୍ତତା ଦର୍ଶାଇଥିଲେ । କୃଷ୍ଣ ଅର୍ଜ୍ଜୁନଙ୍କ ପାଇଁ ବୁଝାଇବା ସ୍ତରକୁ ଓହ୍ଲାଇଥିଲେ । ସେହିପରି ମୁଁ ଚାହୁଁଛି ତୁମେମାନେ ନିଜେ ବୁଝିବା ଉଚିତ ଯେ ତୁମେମାନେ କାହିଁକି ଏକ ନିର୍ଦ୍ଦିଷ୍ଟ ପ୍ରକାର ବ୍ୟବହାର ଦେଖାଇବ ଏବଂ ଅନ୍ୟପ୍ରକାର ବ୍ୟବହାର ଦେଖାଇବ ନାହିଁ ବୋଲି ମୁଁ ଚାହୁଁଛି ।

ତା'ପରେ ତୁମେମାନେ ସମସ୍ତଙ୍କ ପ୍ରତି ପ୍ରେମଭାବ ପ୍ରଦର୍ଶନ କରିବା ଉଚିତ । ଭାବ ନାହିଁ ଯେ ପ୍ରଶାନ୍ତିର ସ୍ୱେଚ୍ଛାସେବୀ ଅନ୍ୟମାନଙ୍କଠାରୁ ମହତ୍ତର, ଅନ୍ୟମାନଙ୍କ ତୁଳନାରେ ଅଧିକ ଭକ୍ତିଭାବ ସମ୍ପନ୍ନ । ଅନ୍ୟମାନେ ଏଠାକୁ ଆସି ଗହଳି କରୁଛନ୍ତି ଏବଂ ତୁମମାନଙ୍କର କାମ ବଢ଼ାଉଛନ୍ତି ଭାବି ସେମାନଙ୍କ ପ୍ରତି ବିରକ୍ତିଭାବ ଦର୍ଶାଅ ନାହିଁ । ସାଇ ସମସ୍ତଙ୍କ ହୃଦୟରେ ଥିବାରୁ ତୁମେମାନେ ମୋ ପ୍ରତି ଦେଖାଉଥିବା ପ୍ରେମ ମଧ୍ୟ ଅନ୍ୟମାନଙ୍କ ପାଇଁ ପ୍ରକାଶ ପାଇବା ଉଚିତ । ତୁମେମାନେ ଭଜନରେ ଗାଇଥାଅ "ସର୍ବଂ ସାଇମୟମ୍, ଅନ୍ତା ସାଇମୟମ୍ ।"

ସୁତରାଂ ତୁମେ କେବଳ ଏହି ସାଇଙ୍କୁ ପ୍ରେମଭାବ ଦେଖାଇବ ବା କିପରି ? ପ୍ରାର୍ଥନା ଗୃହରେ ସ୍ୱାମୀଙ୍କର ଅସଂଖ୍ୟ ଛବି ରହିଛି । ପ୍ରତ୍ୟେକଟି ଛବିରେ ମୁଁ ଅଛି ଭାବି ତୁମେ ନତମସ୍ତକ ହୋଇଥାଅ । କୌଣସି ବ୍ୟକ୍ତି କୌଣସି ଫଟୋ ସମ୍ମୁଖରେ ମୋତେ କୁକଥା କହିଲେ ତୁମର ମନ ବ୍ୟସ୍ତ ହୁଏ । ନୁହେଁ କି ? ତୁମେ ଛବି ସମ୍ମୁଖରେ ଠିଆହୋଇ ବେଳେ ବେଳେ ଆନନ୍ଦରେ "ହେ ସ୍ୱାମୀ" ବୋଲି ଚିତ୍କାର କର । ମନେରଖ ଯେ ପ୍ରତ୍ୟେକ ଲୋକ ମୋର ଛବି । ମୋର ଛବି କାହିଁକି, ମୁଁ ନିଜେ । ସବୁଥିରେ ମୁଁ ଅଛି, ନୁହେଁ କି ? "ଅନନ୍ତ ସାଇମୟମ୍" ନୁହେଁ କି ? ତେଣୁ ତୁମେ କାହା ପ୍ରତି ଖରାପ ବ୍ୟବହାର କଲେ ମୋ ପ୍ରତି ଖରାପ ବ୍ୟବହାର କରୁଛ ବୋଲି ଧରିବାକୁ ହେବ । ଅନ୍ୟକୁ ଅପମାନିତ କଲାବେଳେ ତୁମେ ମୋତେ ଅପମାନିତ କରୁଛ ।

ଏହା ତୁମମାନଙ୍କର ଘର ଏବଂ ଏଠାକୁ ଆସୁଥିବା ଲୋକମାନେ ତୁମମାନଙ୍କର ଅତିଥି, ସେମାନେ ତୁମର ଆତ୍ମୀୟସ୍ୱଜନ । ପ୍ରତ୍ୟେକ ଗୃହସ୍ଥ ଛଅଟି କର୍ତ୍ତବ୍ୟ ପ୍ରତିଦିନ ପାଳନ କରିବାର କଥା । ସେଗୁଡ଼ିକ ହେଉଛି- ସ୍ନାନ, ସନ୍ଧ୍ୟା, ଜପ, ହୋମ, ପୂଜା ଓ ଅତିଥି ସତ୍କାର । ପ୍ରାତଃ ସମୟରେ ସ୍ନାନ ଓ ପୂଜା, ସକାଳେ, ଖରାବେଳେ ଓ ସନ୍ଧ୍ୟାରେ ପୂଜା, ଭଗବାନଙ୍କର ନାମଜପ, ହୋମରେ ଦ୍ରବ୍ୟ ସମର୍ପଣ, ପୂଜା, ଉପାସନା ଓ ଅତିଥି ସତ୍କାର । ତୁମମାନଙ୍କର ଦେଖିବା ଉଚିତ ଯେ ଅତିଥି ସତ୍କାରର ମନୋଭାବ ନେଇ ଆଗନ୍ତୁକମାନଙ୍କୁ ସ୍ୱାଗତ କରାଯାଉଛି । ତୁମେ ସବୁ ସେବକ, ସେବାକାର୍ଯ୍ୟ ପାଇଁ ତୁମମାନଙ୍କର ସମର୍ପଣ ଭାବ ରହିବ; ଲୋକମାନଙ୍କର ନିନ୍ଦା ଓ ପ୍ରଶଂସାର ଊର୍ଦ୍ଧ୍ୱରେ ରହି ତୁମେ ସବୁ ଆନନ୍ଦମନରେ କର୍ତ୍ତବ୍ୟ କରିଯିବ । ତୁମେ ସବୁ ତୁମମାନଙ୍କର ସେବା କରୁଛ ଅନ୍ୟମାନଙ୍କର ନୁହେଁ । ତୁମ ଉପରେ ଫୁଲତୋଡ଼ା ପଡୁ ବା ଇଟାମାଡ଼ ପଡୁ ତୁମେମାନେ ଶାନ୍ତ ମନରେ ସେମାନଙ୍କୁ ସ୍ୱାଗତ ଜଣାଅ, ନିଜକୁ ଶରୀର ସହିତ ଏକ ଓ ଅଭିନ୍ନ ଭାବୁଥିବା ବ୍ୟକ୍ତିମାନେ ଆନନ୍ଦିତ କିମ୍ବା ବ୍ୟଥିତ ହୁଅନ୍ତି । ତୁମେ ସବୁ ଅନୁଭବ କରିବା ଉଚିତ ଯେ ଯେ ତୁମେମାନେ ଦେହୀ, ଦେହ ନୁହେଁ । ଏହା ଅନ୍ୟମାନଙ୍କର ସେବା କରିବାକୁ ମାନସିକ ଶକ୍ତି ଯୋଗାଇବ ।

କାମକଲାବେଳେ ଯୁକ୍ତି କର ନାହିଁ ଯେ ଏଇଟି ତୁମ କାମର ଅନ୍ତର୍ଭୁକ୍ତ, ଅନ୍ୟଟି ବହିର୍ଭୁକ୍ତ । ନିଜକୁ ସୀମା ନିର୍ଦ୍ଧାରଣର ସଂକେତ ଲିପି କରିଦିଅ ନାହିଁ । ଆନନ୍ଦ ମନରେ ପରସ୍ପର ସହିତ ସହଯୋଗ କର । ଅନ୍ୟ ବ୍ୟକ୍ତିର କାମରେ ରହିଯାଉଥିବା ଅଭାବ ପୂରଣ କରିଦିଅ ଏବଂ ଅନ୍ୟକୁ ଶକ୍ତି, ସାହସ ଯୋଗାଅ, ଅନ୍ୟର ଶକ୍ତି ଓ ଉତ୍ସାହ ବୃଦ୍ଧିରେ ସହାୟକ ହୋଇ ଆଦର୍ଶ ସତ୍‌ସଙ୍ଗର ଭୂମିକା ନିଅ । ମୋ କହିବାର ଅର୍ଥ ନୁହେଁ ଯେ ତୁମକୁ ଦିଆଯାଇଥିବା ଦାୟିତ୍ୱରେ ଅଧିକ ଭାର ତୁମେ ବହନ କରିବାର କଥା । ଅନ୍ୟମାନଙ୍କୁ ଦିଆଯାଇଥିବା ଦାୟିତ୍ୱରେ ଅଯଥା ହସ୍ତକ୍ଷେପ କର ନାହିଁ । ଅନ୍ୟମାନଙ୍କୁ ଅଯଥା ସମାଲୋଚନା କର ନାହିଁ ।

ପ୍ରଶାନ୍ତିନିଳୟମ୍ ସହିତ ସଂପୃକ୍ତ ବ୍ୟକ୍ତି ହିସାବରେ ମାନସମ୍ମାନ ରକ୍ଷା କର । ତୁମ ହୃଦୟରେ ହିଂସା, ଅସୂୟା ଏବଂ ଏପରିକି ପ୍ରତିଯୋଗୀ ମନୋଭାବ ସ୍ଥାନ ପାଇବା ଉଚିତ ନୁହେଁ । ପ୍ରଶାନ୍ତିର ପରିବେଶ ଚାରିଆଡ଼େ ପରିବ୍ୟାପ୍ତ କର । ତରବରିଆ ଭାବରେ ଏଣେତେଣେ ଦୌଡ଼ ନାହିଁ । ତ୍ରୁଟି ନଥିବା ସ୍ଥାନରେ ତ୍ରୁଟି ବାହାର କରିବା ପାଇଁ ଅଯଥା ଆଗ୍ରହୀ ହୁଅ ନାହିଁ । ଅନୁପଯୋଗୀ ଉତ୍ସାହ ବାଞ୍ଛନୀୟ ନୁହେଁ ।

ଅନ୍ୟମାନଙ୍କର ଶାନ୍ତଭାବ ନଷ୍ଟ କର ନାହିଁ । ଶାନ୍ତି ଓ ନୀରବତାର ମହତ୍ତ୍ୱ ତୁମମାନଙ୍କୁ ବୁଝାଇବାକୁ ପଡ଼ିବ ନାହିଁ । ତୁମେ ଏସବୁ ଜାଣ ବୋଲି ମୋର ବିଶ୍ୱାସ । ଅନ୍ୟମାନେ ତୁମ ପ୍ରତି ଯେପରି ବ୍ୟବହାର କରନ୍ତୁ ବୋଲି ତୁମେ ଆଶା କର, ସେହି ଅନୁସାରେ ଅନ୍ୟମାନଙ୍କ ପ୍ରତି ଆଚରଣ କର, ଏହା ତୁମ ପ୍ରେମଭାବର ପରିମାପକ । ବୃଦ୍ଧଲୋକଟିଏ ନିଜର ଦୁର୍ବଳତା ଯୋଗୁ ଭିଡ଼ ମଧ୍ୟରେ ଆଗକୁ ଆସିନପାରି ଯେଉଁଠାରେ ଖରାରେ ବା ଅନ୍ଧକାର ମଧ୍ୟରେ ବସିଛି, ତାହା ଦେଖ । ଦେଖିପାରୁ ନ ଥିବା ଏବଂ ଭଲରୂପେ ଶୁଣିପାରୁ ନ ଥିବା ଲୋକମାନଙ୍କୁ ଠାବ କରି ଧୀରେ ଧୀରେ ସେମାନଙ୍କୁ ମଞ୍ଚ ପାଖାପାଖି ଆଣ । ଯୁବକମାନଙ୍କୁ ଅନୁରୋଧ କର ଏମାନଙ୍କ ପାଇଁ ଆସନ ଛାଡ଼ିଦେବାକୁ । ଭଜନ ଗୃହରେ କିମ୍ବା ପ୍ରେକ୍ଷାଳୟରେ ତୁମର ବ୍ୟାଜ୍ ଯୋଗୁ ତୁମେ ସ୍ୱତନ୍ତ୍ର ସୁବିଧା ଦାବି କରିବା ଅନୁଚିତ ହେବ । ପ୍ରଥମେ ଆସିଥିବା ବ୍ୟକ୍ତିମାନେ ପ୍ରଥମେ ସୁଯୋଗ ପାଆନ୍ତୁ । ଯୁକ୍ତିତର୍କ କରି ଏକ ଅପ୍ରୀତିକର ଅବସ୍ଥା ସୃଷ୍ଟି କର ନାହିଁ । ଲୋକମାନେ ଆସିଲା ପରେ ଖାଲିଥିବା ସ୍ଥାନରେ ସେମାନେ ବସିବାର ସୁଯୋଗ ପାଆନ୍ତୁ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସ୍ଥାନ ଅର୍ଜନ କରି ଦାବି କରିବା ଉଚିତ। କିନ୍ତୁ ଏ ସ୍ଥାନ ପ୍ରେକ୍ଷାଳୟରେ ନୁହେଁ, ମୋ ହୃଦୟରେ । ଇଟା, ଚୂନ ପଥରରେ ନିର୍ମିତ ହୋଇଥିବା ପ୍ରେକ୍ଷାଳୟରେ ନିଜ ପାଇଁ ସ୍ଥାନ ଦାବି କର ନାହିଁ । ପ୍ରଶାନ୍ତି ନିଳୟମ୍‌ରେ ବିଧି ଅଛି ଯେ ଭଜନ ବା ଦିବ୍ୟ ସମ୍ଭାଷଣ ଆରମ୍ଭ ହୋଇ ଯାଇଥିବା ପରେ ଆସୁଥିବା ବ୍ୟକ୍ତିମାନେ ଭଜନରେ ଓ ଦିବ୍ୟ ସମ୍ଭାଷଣରେ ମଗ୍ନ ଥିବା ବ୍ୟକ୍ତିମାନଙ୍କର ଧ୍ୟାନ ଭଙ୍ଗ କରି ଆଗଧାଡ଼ିକୁ ବା ଆଗରେ ଖାଲିଥିବା ସ୍ଥାନକୁ ଯିବା ପାଇଁ ଚେଷ୍ଟା କରିବେ ନାହିଁ । ଏସବୁ ଯେପରି କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ ହୁଏ, ତାହା ଦେଖ । କାର୍ଯ୍ୟକ୍ରମ ଆରମ୍ଭ ହେଲା ପରେ ଧ୍ୟାନ ଭଙ୍ଗ କଲା ପରି କିଛି କରାଯିବା ଉଚିତ ନୁହେଁ । ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବା ପାଇଁ ଏବଂ ନିଜକୁ ଉନ୍ନତତର କରିବା ପାଇଁ ତୁମେ ନିଜର ପରିବାରବର୍ଗଙ୍କୁ ଛାଡ଼ି ଏଠାକୁ ଆସିଛ । ସୁତରାଂ ଘୃଣା ଓ ଅହମିକାଭରା କୁପ୍ରବୃତ୍ତିକୁ ପୁଣି ଆବୋରି ନେଇ ତଳକୁ ଖସିଯିବାର କି ଆବଶ୍ୟକତା ?

ସେବାର ସୁଯୋଗ ଆସିବା ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ଅପେକ୍ଷା କରିବେ ନାହିଁ । ସଦାସର୍ବଦା ଜାଗ୍ରତ ଓ ପ୍ରସ୍ତୁତ ରହି ସେ ସବୁର ଆହ୍ୱାନ ଗ୍ରହଣ କରିବେ । ଏପରି ହେଲେ ସେବାର ସୁଯୋଗ ସବୁବେଳେ ମିଳୁଥିବ । କେବଳ ପଥର ହୃଦୟର

ଲୋକ ଅନ୍ୟମାନଙ୍କର ଦୁଃଖ କଷଣ ଦେଖି ନିଷ୍କ୍ରିୟ ରହିପାରେ ।

ପ୍ରତିବେଶୀମାନେ ଭଲ ଅଛନ୍ତି କି ନାହିଁ ଜାଣିବା ପାଇଁ ମୁଁ ପ୍ରଶାନ୍ତିରେ ବସବାସ କରୁଥିବା ବ୍ୟକ୍ତିମାନଙ୍କୁ ପରାମର୍ଶ ଦେଇଛି । ସେମାନେ ଦୈନିକ ଏ କାର୍ଯ୍ୟ କରିବା ଉଚିତ । ଏହା କେବଳ ଭଦ୍ରଜନୋଚିତ ରୁଟିନବନ୍ଧା କାମ ନୁହେଁ, ଏହା ପ୍ରକୃତ ପ୍ରେମଭାବର ପରିପ୍ରକାଶ । ଏଠାକୁ ଆସିଥିବା ହଜାର ହଜାର ଲୋକମାନଙ୍କ ମଧ୍ୟରୁ କେତେକ ଲୋକ ନିଶ୍ଚିତ ଭାବରେ ସାହାଯ୍ୟ ସହଯୋଗ ପାଇ କୃତଜ୍ଞ ରହିବେ । ଭୋଜନାଳୟକୁ ନେଇଯିବା, ମନ୍ଦିରକୁ ନେଇଯିବା, ନଦୀ, ପ୍ରେକ୍ଷାଳୟ ଓ ଆଶ୍ରୟସ୍ଥଳକୁ ନେଇଯିବାରେ କେତେ ଲୋକ ବେଶ୍ ଉପକୃତ ହେବେ । ଏପରି ସାହାଯ୍ୟ ପ୍ରାର୍ଥନା କରୁଥିବା ଲୋକଙ୍କୁ ଦେଖ । ସେମାନଙ୍କୁ କୋମଳ ଭାଷାରେ କୁହ ଏବଂ ସାହାଯ୍ୟ କର ।

ସେମାନଙ୍କ ମଧ୍ୟରେ ତୁମେମାନେ କ'ଣ ମୋତେ ଦେଖ ନାହିଁ ? ମୋତେ ଶୁଣ ନାହିଁ? ମୁଁ ଧୀରଭାବରେ କଥା କହେ, କାରଣ ମୁଁ ସେମାନଙ୍କୁ ସେମାନଙ୍କର ଦୋଷ-ଦୁର୍ବଳତା ସତ୍ତ୍ୱେ ଗଭୀରଭାବେ ଭଲପାଏ । ସୁତରାଂ ତୁମ୍ଭେମାନେ କାହିଁକି କର୍କଶ ଓ ଦୁର୍ବିନୀତ ହେବ? ଆଧ୍ୟାତ୍ମିକ ବନ୍ଧନରେ ବାନ୍ଧି ହୋଇଥିବା ଆତ୍ମୀୟତା ତୁଳନାରେ ଅନ୍ୟ କୌଣସି ଆତ୍ମୀୟତାରେ ଦୃଢ଼ ନୁହେଁ । ପାରିବାରିକ ବନ୍ଧନରେ ଲକ୍ଷ୍ୟ ଓ ଉଦ୍ୟମର ଏକତ୍ୱ ନ ଥାଏ । ତୁମ୍ଭେମାନେ ଯେଉଁ ବନ୍ଧନରେ ବନ୍ଧା ହୋଇଛ ତାହା ଅଧିକ ପ୍ରୀତିପ୍ରଦ ଓ ଚିରସ୍ଥାୟୀ । ପ୍ରଶାନ୍ତିରୁ ଫେରିଯାଇ ଲୋକମାନେ ଅନୁଭବ କରନ୍ତୁ ଯେ ସେମାନେ ତାଙ୍କର ଆତ୍ମୀୟ ସ୍ୱଜନମାନଙ୍କଠାରୁ ପାଇ ନ ଥିବା ପ୍ରୀତି ତୁମମାନଙ୍କଠାରୁ ପାଇଛନ୍ତି ।

ତୁମର ମନେରଖିବା ଉଚିତ ଯେ ମୁଁ ତୁମକୁ ଦେଇଥିବା ବ୍ୟାଜ୍ ସହଜ ଜୀବନ ପାଇଁ ପାସ୍‌ପୋର୍ଟ ନୁହେଁ । ଅବିଚ୍ଛିନ୍ନ ଶୃଙ୍ଖଳାବଦ୍ଧ କାର୍ଯ୍ୟ, ଜୀବନର ସ୍ୱାଚ୍ଛନ୍ଦ୍ୟ ବର୍ଜନ, କଠିନ ପରିଶ୍ରମ, ଅନିଦ୍ରା ଓ ତ୍ୟାଗ ଉପରେ ଏହା ପ୍ରତିଷ୍ଠିତ । ସହଜିଆ ଜୀବନ ତୁମର କାମ୍ୟ ହୋଇଥିଲେ ସ୍ୱେଚ୍ଛାସେବୀ କାମ ପାଇଁ ତୁମେ ଅନୁପଯୁକ୍ତ । ନିଜର ଚାହିଦା ସବୁକୁ ନିମ୍ନତମ ପରିମାଣରେ ରଖ । ରେଡ଼ିଓ, ଟ୍ରାଞ୍ଜିଷ୍ଟର ବା ସେହିପରି ମନୋରଞ୍ଜନଧର୍ମୀ ଜିନିଷ ଧରି ବୁଲିବାର ଲାଳସା ପରିତ୍ୟାଗ କର । ତୁମର ଟେବୁଲ, ତୁମର କୋଠରୀ ଏବଂ ତୁମର ଆଲମିରାରେ ଅଦରକାରୀ ବହୁ ଜିନିଷ ନିଜେ ପରୀକ୍ଷା କର । ଅନ୍ୟର ଅଛି ବୋଲି ତୁମେ ଏସବୁ ଜିନିଷ କିଣିଛ । ତୁମେ ଭାବିଛ ଯେ ଏସବୁ ଜିନିଷ ନ କିଣିଲେ ତୁମେ ଅନ୍ୟମାନଙ୍କ ତୁଳନାରେ ଛୋଟ ଦିଶିବ । ଆଧୁନିକତା ସହିତ ତାଳ ଦେବାର ଅବିଚାରିତ ଇଚ୍ଛା ଫଳରେ ତୁମେ ଅଯଥାଗୁଡ଼ିଏ ଜିନିଷ ହାସଲ କରିଛ । ତୁମେ ଯେଉଁସବୁ ବସ୍ତୁକୁ ଅତ୍ୟାବଶ୍ୟକ ବୋଲି ବିଚାର

କରୁଛ ତାହା ଅପେକ୍ଷା ଯଥେଷ୍ଟ କମ୍ ଜିନିଷରେ ମଣିଷ ସୁଖୀ ହୋଇ ପାରିବ । ଆଉ କିଛି ସମୟ ପାଇଁ ତୁମେ କୌଣସି ବସ୍ତୁର ଅଧିକାରୀ ହେଲେ ଭାବିବ ଯେ ଏବସ୍ତୁ ବ୍ୟତୀତ ଜୀବନଯାପନ କଷ୍ଟକର ହେବ । ରେଶମ ପୋକ ପରି ତୁମେ ତୁମ କଳ୍ପନାର ଏକ ଜାଲ ତିଆରି କରିବସ । କୌଣସି ବ୍ୟୟବହୁଳ ଅଭ୍ୟାସ ଆରମ୍ଭ କର ନାହିଁ । କେବଳ ଆର୍ଥିକ ଦୃଷ୍ଟିରୁ ବ୍ୟୟବହୁଳ କଥାଟି ମୁଁ କହୁନାହିଁ, ଆଧ୍ୟାତ୍ମିକ ଦୃଷ୍ଟିରୁ ମଧ୍ୟ ବ୍ୟୟବହୁଳ ଅଭ୍ୟାସ ବର୍ଜନୀୟ । ତୀକ୍ଷ୍ଣ ଦୃଷ୍ଟିରେ ନିଜର ପସନ୍ଦ ନାପସନ୍ଦ ବିଚାର କର ଏବଂ ତୁମର ପଥରୋଧ କରୁଥିବା ବିଷୟ ସବୁ ପରିତ୍ୟାଗ କର ।

ନିଜର ଆନନ୍ଦ ଚାରିଆଡେ ବାଣ୍ଟ । ତୁମ ନିଜ ଦୁଃଖ ଓ ଚିନ୍ତାର ବୋଝ ଅନ୍ୟ ଉପରେ ଲଦି ଦିଅ ନାହିଁ! ତୁମ ମୁହଁରେ ସ୍ମିତହସଟି ଲାଗିଥାଉ । ଅନ୍ୟମାନେ ଏ ସ୍ମିତହସର ଆକର୍ଷଣରେ ଆନନ୍ଦ ପାଆନ୍ତୁ । ଅନ୍ୟମାନଙ୍କ ପାଖରେ ତୁମେ ତୁମର ସଫଳତାର କାହାଣୀ କହିଲାବେଳେ ଅନ୍ୟମାନଙ୍କୁ ହୃଦୟରେ ଈର୍ଷା ଜାଗ୍ରତ କରିବା ତୁମର ଲକ୍ଷ୍ୟ ଥାଏ । ଅନ୍ୟମାନଙ୍କୁ ପ୍ରେମଭାବ ଦର୍ଶାଇବା ସଂଗେ ସଂଗେ ତୁମେ ଏପରି ଉତ୍ତମ ବ୍ୟବହାର କର ଯେ ସେମାନେ ମଧ୍ୟ ତୁମକୁ ଭଲ ପାଇବେ । ଅନ୍ୟମାନେ ଦୁଃଖ-ଦୁର୍ଦ୍ଦଶାରେ ପଡ଼ିଥିବାବେଳେ ସେମାନଙ୍କୁ ଶକ୍ତି, ସାନ୍ତ୍ୱନା ଓ ସାହସ ଯୋଗାଅ; ଏ ଭୂମିକା ପାଇଁ ନିଜକୁ ପ୍ରସ୍ତୁତ ରଖ । ସେପରି ଭୂମିକା ପାଇଁ ତୁମମାନଙ୍କୁ ଏଠାରେ ତାଲିମ ଦିଆଯାଉଛି । ଏଠାରେ ସ୍ୱେଚ୍ଛାସେବୀ ହେବାର ସୁଯୋଗ ଦେଇ ମୁଁ ତୁମମାନଙ୍କର ଆଧ୍ୟାତ୍ମିକ ଉନ୍ନତି ଓ ସାଧନାର ପଥ ଯୋଗାଉଛି । ହଜାର ହଜାର ଲୋକ ଏପରି ସୁବିଧା ସୁଯୋଗ ପାଇଁ ବ୍ୟାକୁଳ ଥିବା ପରିପ୍ରେକ୍ଷୀରେ ତୁମେମାନେ ଯେଉଁସବୁ ସୁବିଧା ପାଇଛ ସେଥିଲାଗି କେତେ ଭାଗ୍ୟବାନ ଓ ତୁମମାନଙ୍କର ଦାୟିତ୍ୱ କେତେ ବେଶୀ, ସେ କଥା ବିଚାର କର ।

କୌଣସି ସାଧକକୁ ନୀରବରେ ଧ୍ୟାନ କରିବାର ସୁଯୋଗ ଦେଲାବେଳେ ତୁମେ କେବଳ ସେ ବ୍ୟକ୍ତିର କୃତଜ୍ଞତାର ପାତ୍ର ନୁହେଁ, ସାଧନାର ଫଳ ମଧ୍ୟ ତୁମେ ପାଉଛ । ଉଦାହରଣ ସ୍ୱରୂପ ଜଣେ ମା' ତା'ର ଶିଶୁକୁ ଶଯ୍ୟାରେ ଛାଡ଼ିଦେଇ ସକାଳ ୬ଘ-୩୦ମି. ସମୟରେ ସମବେତ ଓଁକାର ଉଚ୍ଚାରଣ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ତରତର ହୋଇ ପ୍ରାର୍ଥନା ଗୃହକୁ ଯାଇପାରେ । ସେ ସମୟ ମଧ୍ୟରେ ଶିଶୁଟି ଉଠିପଡ଼ି ଚିତ୍କାର କରିବା ଆରମ୍ଭ କଲେ ଜଣେ ମହିଳା ସ୍ୱେଚ୍ଛାସେବୀ ତା'ର ମା'କୁ ନ ଡାକି ମା' ଫେରିବା ପର୍ଯ୍ୟନ୍ତ ଶିଶୁଟିକୁ କୋଳକୁ ନେଇ କୋମଳ ଭାବରେ ଗୀତ ଶୁଣାଇ ଶାନ୍ତ ରଖିପାରିବେ । ଆନନ୍ଦର ସହିତ ଅନ୍ୟର ସେବା କର । ବଡ଼ିମା ଦେଖାଇ କିମ୍ବା ବିରକ୍ତ ହୋଇ ସେବା କର ନାହିଁ । ସାହାଯ୍ୟ କରିବାକୁ ତୁମେ ପ୍ରକୃତରେ ଏକ ସୁଯୋଗ ମଣୁଛ ବୋଲି ଲୋକମାନେ ଜାଣନ୍ତୁ ।

♦♦♦

ହୃଦୟରେ ଅଙ୍କିତ

ପ୍ରଶାନ୍ତିନିଳୟମ୍‌ରେ ପାଳିତ ହେଉଥିବା ପ୍ରତ୍ୟେକ ଉତ୍ସବ ପୂର୍ବରୁ ସ୍ୱେଚ୍ଛାସେବୀ ଭାବରେ କେତେ ଜଣ ଲୋକଙ୍କୁ ସେବା ପାଇଁ ବାଛିବା ଓ ଅଧିକାର ଦେବା ଆବଶ୍ୟକ ହୋଇପଡ଼ିଛି । ମୁଖ୍ୟ ଅଭିପ୍ରାୟ ହେଲା ସେମାନଙ୍କୁ ବିନୟ, ତତ୍ପରତା ଓ ଶ୍ରଦ୍ଧା ମନୋଭାବରେ ନିଜକୁ ତାଲିମ ଦେବା ପାଇଁ ଏକ ସୁଯୋଗ ପ୍ରଦାନ କରିବା । ଏଗୁଡ଼ିକ ନିଜର ସୁଖ ଏବଂ ସମାଜର ନିରାପତ୍ତା ପାଇଁ ଅତି ଆବଶ୍ୟକ । ପ୍ରତିଥର ମନୋନୀତ ବ୍ୟକ୍ତିମାନଙ୍କୁ ମୁଁ ଉଦ୍‌ବୋଧନ ଦେଇ ଆସୁଛି ଯଦ୍ଦ୍ୱାରା ସେମାନଙ୍କଠାରୁ କ'ଣ ଆଶା କରାଯାଉଛି ତାହା, ବିଶେଷକରି ସେମାନଙ୍କର ସେବା କାର୍ଯ୍ୟ ପଛରେ ଥିବା ଉତ୍କଣ୍ଠା ବିଷୟରେ ସେମାନେ ଜାଣି ପାରିବେ ।

ନବଧା ଭକ୍ତି ମଧ୍ୟରେ ଚତୁର୍ଥ ଓ ସପ୍ତମ ସେବା ଭାବକୁ ପ୍ରକଟ କରନ୍ତି; ଏହାକୁ ପାଦସେବନ ଓ ଦାସ୍ୟ ଭାବରେ ସୂଚିତ କରାଯାଇଛି । ସେବା ମୂଳତଃ ଭଗବତ୍ କୃପା ଅର୍ଜନ କରିବା ପାଇଁ ଆକୁଳତାରୁ ଜାତ ହୋଇଥାଏ । ସେବା ମାଧ୍ୟମରେ ହିଁ ମନୁଷ୍ୟ ପ୍ରଭୁତ୍ୱ ହାସଲ କରିପାରେ ଏବଂ ଇନ୍ଦ୍ରିୟ ବାସନା ଓ ଲାଳସା ଉପରେ ପ୍ରଭୁତ୍ୱ ମାଧ୍ୟମରେ ମନୁଷ୍ୟ ଦିବ୍ୟତ୍ୱ ଲାଭ କରି ପାରିବ । କେବଳ ଅଜ୍ଞାନତା ଯୋଗୁଁ ମୁଣ୍ଡ ଗର୍ବ କରେ; ସତ୍ୟକୁ ଜାଣିଗଲେ ସବୁ ଲୋକମାନେ ଭର୍ତ୍ତୃହରିଙ୍କ ପରି ବିନୟୀ ହୋଇଯିବେ । ସେ ଜଣେ ସସାଗରଧରା ଶାସନକାରୀ ଶକ୍ତିଶାଳୀ ସମ୍ରାଟ ଥିଲେ । ତାଙ୍କର ଆଦେଶ ଅଲଘଂନୀୟ ଥିଲା । ତାଙ୍କର ଇଚ୍ଛା ବିଶାଳ ଜନସମୂହରେ ପରିବ୍ୟାପ୍ତ ଥିଲା । ତଥାପି ସେ ଯେତେବେଳେ ହଠାତ୍ ଉପଲବ୍ଧି କଲେ ଯେ ଜୀବନ ହେଉଛି କ୍ଷଣିକ ଅବସ୍ଥାନ ମାତ୍ର ସେ ତାଙ୍କର ସମ୍ପତ୍ତି ଓ କ୍ଷମତା ପରିତ୍ୟାଗ କଲେ ଏବଂ ଭ୍ରମଣଶୀଳ ଭିକ୍ଷୁଙ୍କର ଗେରୁଆ ବସ୍ତ୍ର ଧାରଣ କଲେ । ତାଙ୍କର ସଭାସଦ୍ ଓ ଅନୁଗତ ରାଜକୁମାରମାନେ ପ୍ରକୃତରେ ଲୁହ ଝରାଇଲେ, କାରଣ ସେମାନେ ତାଙ୍କୁ ଭଲ ପାଉଥିଲେ ଓ ଆଦର କରୁଥିଲେ । ସେ କପର୍ଦ୍ଦକଶୂନ୍ୟ ଭିକ୍ଷୁର ଛିନ୍ନ ବସ୍ତ୍ର ଧାରଣ କରିବେ ଏବଂ ଭିକ୍ଷା ଦ୍ୱାରା ଜୀବିକା ନିର୍ବାହ କରିବେ ବୋଲି ଜାଣି ସେମାନେ ବିକଳ ହେଲେ । ସେମାନେ ବିଳାପ କଲେ, "କେତେ ବଡ଼ ମୂଲ୍ୟବାନ ଅଧିକାର ଆପଣ ତ୍ୟାଗ କରିଛନ୍ତି ? ଆଉ ଆପଣ କେତେ ଦୁଃଖପୂର୍ଣ୍ଣ ଜୀବନ ଆଦରି ନେଇଛନ୍ତି ?" ଭର୍ତ୍ତୃହରି ଉତ୍ତର ଦେଲେ, "ବନ୍ଧୁଗଣ, ମୁଁ ଏକ ଅତି ଲାଭଜନକ ସ୍ଥିତିରେ ଅଛି । ଏହି ବସ୍ତ୍ର ଏତେ ମୂଲ୍ୟବାନ ଯେ ଏହା ବଦଳରେ ମୋର ସାମ୍ରାଜ୍ୟ

ମଧ୍ୟ କମ୍ ମୂଲ୍ୟ ହେବ ।" ତାହା ହେଉଛି ଭଗବତ୍ ଅଭିମୁଖୀ ଆଧ୍ୟାତ୍ମିକ ମାର୍ଗର ମହିମାର ପରିମାପ । ତ୍ୟାଗଭାବ ହିଁ ସେବକର ମୌଳିକ ଉପକରଣ । ତ୍ୟାଗଭାବର ପ୍ରେରଣା ବିନା ତୁମର ସେବା ଏକ ମିଥ୍ୟାଚାର, ଏକ ଶୂନ୍ୟ କର୍ମକାଣ୍ଡ ହେବ । ଏହା ତୁମ ହୃଦୟରେ ଅଙ୍କିତ କର । ଏହାକୁ ଗଭୀର ଓ ସ୍ପଷ୍ଟ ଭାବରେ ଅଙ୍କିତ କର । ଲେଖା ଯାଉଥିବା ପଦାର୍ଥ ଉପରେ ନିର୍ଭର କରି ଲେଖନର ଚାରୋଟି ଆଦର୍ଶ ରହିଛି । ପ୍ରଥମଟି ପାଣିରେ ଲେଖିବା, ଆଙ୍ଗୁଠି ଚାଳନା କରୁଥିବା ବେଳେ ମଧ୍ୟ ଏହା ଲିଭିଯାଏ । ତାପରେ ବାଲି ଉପରେ ଲେଖିବା । ପବନ ତାକୁ ସମତଳ କରି ନଦେବା ଯାଏ ତାହା ପଢ଼ି ହେଉଥାଏ । ତୃତୀୟଟି ଶିଳାଲେଖ; ତାହା ଶତାବ୍ଦୀ ଶତାବ୍ଦୀ ଧରି ରହିଥାଏ; କିନ୍ତୁ ଏହା ମଧ୍ୟ ସମୟର ଗତିରେ ନଷ୍ଟ ହୋଇଯାଏ । ଇସ୍ପାତ ଉପରେ ଖୋଦିତ ଲେଖନ ସମୟର ନଷ୍ଟକାରୀ ସ୍ପର୍ଶକୁ ମଧ୍ୟ ପ୍ରତିରୋଧ କରିଥାଏ । **"ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍"** – ଏହି ନୀତିବାକ୍ୟକୁ ତୁମ ହୃଦୟ ଭିତରେ ଏହିପରି ମୁଦ୍ରିତ କର । ମୁଁ ତୁମକୁ ଏଥର କୌଣସି ବ୍ୟାଜ୍ ପିନ୍ଧିବାକୁ ଦେଉନାହିଁ, କାରଣ ସାର୍ଟ ଉପରେ ବ୍ୟାଜ୍ ଏକ ମହତ୍ତ୍ୱ ଯାହା ତୁମେ ଅର୍ଜନ କରିବା ଉଚିତ, ଏହା ଦେଖେଇ ହେବା ପାଇଁ ଏକ ଅଳଙ୍କାର ନୁହେଁ ।

ଏଠାରେ ତୁମର କାମ ସରିଯିବା ପରେ ଓ ଉତ୍ସବ ଶେଷ ହୋଇଯିବା ପରେ ଏବଂ ତୁମେ ଯେତେବେଳେ ଘରକୁ ଫେରିଯାଇ ତୁମର ପୂର୍ବର ବୃତ୍ତି ଓ ପରିତ୍ୟକ୍ତ ଅଭ୍ୟାସ ପୁଣି ଆରମ୍ଭ କରିବ ସେତେବେଳେ ବ୍ୟାଜ୍‌କୁ ପକେଟରେ ରଖି ଦିଅ ନାହିଁ । ଏହା ଏକ ତିନିଦିନିଆ ତାମ୍‌ସା ନୁହେଁ । ଏହା ଏକ ଜୀବନବ୍ୟାପୀ ତୀର୍ଥଯାତ୍ରା । ବ୍ୟାଜ୍ ଜୀବନ ସାରା ତୁମ ହୃଦୟରେ ଅଙ୍କିତ ହୋଇ ରହିବା ଉଚିତ । ଯେଉଁଠାରେ ତୁମେ ଜଣେ ରୋଗୀ, ହତୋତ୍ସାହୀ, ନିରାଶ, ରୁଗ୍ଣ ଲୋକକୁ ଦେଖିବ ସେଠାରେ ହିଁ ତୁମର ସେବା କ୍ଷେତ୍ର । ପ୍ରତ୍ୟେକ ରକ୍ତକଣିକା, ପ୍ରତ୍ୟେକ ନାଡ଼ୀ ପ୍ରେମମୟ, ସେହି ପ୍ରେମକୁ ଅସହାୟଙ୍କୁ ବିତରଣ କରିବାର ଆଗ୍ରହରେ ପରିପୂର୍ଣ୍ଣ କରିବା ଉଚିତ । ହୃଦୟ ପ୍ରେମପୂର୍ଣ୍ଣ ହୋଇଯିବା ବେଳେ ତାହା ପ୍ରକୃତରେ ଦିବ୍ୟତ୍ୱରେ ରୂପାନ୍ତରିତ ହେବ, କାରଣ ଈଶ୍ୱର ହିଁ ପ୍ରେମ ଓ ପ୍ରେମ ହିଁ ଈଶ୍ୱର । ଏହି ପ୍ରେମ ଓ ଏଥିରୁ ପ୍ରବାହିତ ହେଉଥିବା କରୁଣା ହିଁ କବୀର, ତୁକାରାମ, ସନ୍ଥ ଫ୍ରାନ୍‌ସିସ, ରାମକୃଷ୍ଣ ଆଦି ଭାରତ ତଥା ଅନ୍ୟ ଦେଶମାନଙ୍କର ମହାନ୍ ସନ୍ଥମାନଙ୍କୁ ଅମର କରିଛି ।

ଅନେକ ଲୋକ ବୁଢ଼ା ବା ରୋଗୀ ହେଲେ ବି ଏକୁଟିଆ ପ୍ରଶାନ୍ତି ନିଲୟମ୍ ଆସୁଛନ୍ତି, କାରଣ ସେମାନେ ଆଉ ଜଣେ ସାଥୀ ପାଇଁ ଖର୍ଚ୍ଚ କରିବାକୁ ଖୁବ୍ ନିର୍ଦ୍ଧନ କିମ୍ବା ସାଥୀଟିଏ ପାଇବା ପାଇଁ ଅସମର୍ଥ । ତୁମକୁ ଏପରି ଲୋକମାନଙ୍କୁ ଖୋଜିବାକୁ

ହେବ ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସୁଯୋଗ ଉଣ୍ଡିବାକୁ ହେବ । ସେମାନେ ବେହୋସ ହେବା ପର୍ଯ୍ୟନ୍ତ ବା ପଡ଼ିଯିବା ପର୍ଯ୍ୟନ୍ତ ଅପେକ୍ଷା କର ନାହିଁ । ସେମାନଙ୍କୁ ଛାଇରେ ବା ଶେଡ୍ ଭିତରେ ବସାଅ ଏବଂ ଯଥାସାଧ ଓ ଯଥାଶୀଘ୍ର ସେମାନଙ୍କର କ୍ଲାନ୍ତି ବା ତୃଷା ଅପନୋଦନ କର । ଏହି ବୃଦ୍ଧ ଓ ରୁଗ୍ଣ ଲୋକମାନଙ୍କୁ ପ୍ରେରିତ କର । ଆଉ ତୁମେ ନିଜେ ଆଗ ଧାଡ଼ି ଦଖଲ କରି ଯାଅନା । ବ୍ୟାଜ୍ ତୁମକୁ ସୁବିଧା ଦିଏ ନାହିଁ; ଏହା ତୁମକୁ କେବଳ ଦାୟିତ୍ୱ ଦିଏ । ମୋତେ ପାଖରୁ ଦେଖିବା ପାଇଁ ତୁମର ଉଦ୍‌ବେଗରେ ଆଗକୁ ମାଡ଼ି ଯାଅନା । କିନ୍ତୁ ତୁମେ ଯେଉଁଠି ଥାଅନା କାହିଁକି, ସବୁଠାରୁ ଦୂରରେ ରହିଲେ ବି ତୁମେ ଯଦି ତୁମକୁ ଦିଆଯାଇଥିବା କାମକୁ ଆନନ୍ଦରେ ସମ୍ପାଦନ କରୁଥାଅ ତେବେ ମୁଁ ତୁମ ସାଥିରେ, ତୁମ ପାଖରେ ରହିବି; ଏଥିରେ ସଂଦେହ କର ନାହିଁ । ତୁମେମାନେ ବ୍ୟାଜ୍‌ରେ ମୋ ଛବି ପିନ୍ଧୁଛ; କିନ୍ତୁ ମୁଁ ସବୁବେଳେ ତୁମ ହୃଦୟ ଭିତରେ ଅଛି ।

ତୁମେ ବର୍ତ୍ତମାନ ଗୋଟିଏ ସଂକଳ୍ପ, ଗୋଟିଏ ପଦରେ ଦୀକ୍ଷିତ ହେଉଛ, ଯେଉଁଥିରେ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି । କୃଷ୍ଣ ତାଙ୍କ କପାଳରେ କସ୍ତୁରୀ ତିଳକ ଲଗାନ୍ତି, ଯାହା ଜ୍ଞାନ ଲାଭର ସୂଚକ । ସେ ତାଙ୍କ ନାକରେ ଶୁଚିତାର ମୁକ୍ତା ପିନ୍ଧନ୍ତି, ଯେଉଁ ବିନ୍ଦୁରେ ଧ୍ୟାନକୁ ଏକାଗ୍ର କରାଯାଏ । ସେ ତାଙ୍କ ହାତରେ ଚାରୋଟି ପବିତ୍ର ଲାଲ କଙ୍କଣ ଧାରଣ କରନ୍ତି, ଯାହା ସେ ଜୀବମାନଙ୍କ ପାଇଁ କରିଥିବା ସଂକଳ୍ପକୁ ସୂଚିତ କରେ- ସାଧୁମାନଙ୍କର ପରିତ୍ରାଣ, ଦୁଷ୍ଟଦଳନ, ଧର୍ମସଂସ୍ଥାପନ ଏବଂ ତାଙ୍କଠାରେ ନିଃସର୍ତ୍ତ ଭାବରେ ଶରଣ ପଶିଥିବା ଲୋକମାନଙ୍କୁ ପାପରୁ ମୁକ୍ତି ପ୍ରଦାନ । ତୁମେ ମଧ୍ୟ ଆଜି ଗୋଟିଏ ଶପଥ ଏବଂ କଙ୍କଣ ଭାବରେ ବ୍ୟାଜ୍ ପିନ୍ଧିଛ । ତୁମେ ମଧ୍ୟ ନିଳୟମ୍‌ର ଶାନ୍ତି ଭଙ୍ଗ କରୁଥିବା ଅସାମାଜିକ ଲୋକଙ୍କଠାରୁ ଅସହାୟମାନଙ୍କୁ ଉଦ୍ଧାର କରିବା ଏବଂ ଚାରିପଟେ ଶାନ୍ତି ଓ ଆନନ୍ଦ ପ୍ରସାରିତ କରିବା ଉଚିତ । ତୁମକୁ ଶାନ୍ତି, ଧୈର୍ଯ୍ୟ ଓ ପ୍ରେମର ଆଦର୍ଶ ହେବାକୁ ପଡ଼ିବ ।

♦♦♦

ପ୍ରଶାନ୍ତି ନିଳୟମ୍, ୧୧-୧୦-୧୯୬୯

ଅଦୃଶ୍ୟ ବ୍ୟାଜ୍

ଚିନ୍ତା ବଚନରେ ପ୍ରକଟ ହୁଏ, ବଚନ କର୍ମରେ ପ୍ରକଟ ହୁଏ, କର୍ମ ଅଭ୍ୟାସରେ ପରିଣତ ହୁଏ; ଅଭ୍ୟାସ ଚରିତ୍ରକୁ ଦୃଢ଼ କରେ । ତେଣୁ ଚିନ୍ତା ଓ ଏହାର ପ୍ରବାହକୁ ଲକ୍ଷ୍ୟ କର । ଏହା ସବୁ ଜୀବଙ୍କ ପ୍ରତି ଆଦରରୁ ଜାତ ପ୍ରେମରୁ ବାହାରୁ, କାରଣ ସବୁ ଜୀବମାନେ ଦେବ । ତୁମେ ସମସ୍ତେ ଦୈବସ୍ୱରୂପ । ସେହି ସତ୍ତାକୁ ଆଦୌ ଭୁଲିଯାଅ ନାହିଁ ।

ଦୁଇ ଦିନ ଧରି ତୁମେମାନେ ଆଧ୍ୟାତ୍ମିକ ସମ୍ଭାଷଣ ଶୁଣୁଛ ଓ ପବିତ୍ର ଚିନ୍ତାରେ ବୁଲୁଛ । ଏହି ସର୍ବଭାରତୀୟ ସମ୍ମିଳନୀ, ଯେଉଁଥିପାଇଁ ତୁମେମାନେ ଆସିଛ, ତାହା ତୁମକୁ ଏଠାକୁ ଆଣିବାକୁ ଏବଂ ଅଧିକ ଆଗ୍ରହ ଓ ବୁଝାମଣାର ସହ ତୁମର କର୍ତ୍ତବ୍ୟ ସମ୍ପାଦନ କରିବା ସକାଶେ ତୁମକୁ କୃପାରେ ଶାନ୍ତିମୟ କରିବାକୁ ଏକ ବାହାନା ମାତ୍ର । ତୁମେ ସଂଗଠନର ଯେଉଁ ସମିତିଗୁଡ଼ିକର କର୍ମକର୍ତ୍ତା ଅଛ ସେଗୁଡ଼ିକ ମାଧ୍ୟମରେ ତୁମେ ଭଗବାନଙ୍କର ଉପାସନା କରୁଛ ।

ବଡ଼ ପାଇଁ ଛୋଟକୁ, ସ୍ଥାୟୀ ପାଇଁ ଅସ୍ଥାୟୀକୁ ପରିତ୍ୟାଗ କରିବାକୁ ଇଚ୍ଛା ପୋଷଣ କର । ସେବାଦଳ ବ୍ୟାଜ୍ ଏକ ଅଳଙ୍କାର ନୁହେଁ, ଯାହା ବିନା ମୂଲ୍ୟରେ ମିଳିପାରିବ । ଏହା ଉଚ୍ଚ ଚରିତ୍ର, ଉଦାର ଭାବ ଓ ସ୍ଥିର ପ୍ରୟାସର ପ୍ରତୀକ । ଲୁହା ଯେପରି ଚୁମ୍ବକ ଦ୍ୱାରା ଆକର୍ଷିତ ହୁଏ ସେହିପରି ତୁମ ଭିତରେ ଦୀପ୍ତିମନ୍ତ ଏହି ଗୁଣଗୁଡ଼ିକ ଅସହାୟ, ପତିତ ଓ ଦୁଃଖୀମାନଙ୍କୁ ତୁମ ଆଡ଼କୁ ଟାଣିବ । ତୁମେ ଯଦି ଗର୍ବୀ ଓ ସ୍ୱାର୍ଥକୈନ୍ଦ୍ରିକ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧୁଥିବା ସଂପର୍କ ପ୍ରତି ଅନ୍ଧ ହୋଇଥାଅ ତେବେ ବ୍ୟାଜ୍ ଏକ ପ୍ରବଞ୍ଚନା ମାତ୍ର ।

ମଳତ୍ୟାଗ ଭୋଜନର ଅନୁସରଣ କରେ, ନିଃଶ୍ୱାସ ପ୍ରଶ୍ୱାସର ଅନୁସରଣ କରେ; ସଞ୍ଚାଳିତ ହେବା ପାଇଁ ଓ ସ୍ୱାସ୍ଥ୍ୟରକ୍ଷା କରିବା ପାଇଁ ରକ୍ତକୁ ଭିତରେ ଓ ଚାରିଆଡ଼େ ପ୍ରବାହିତ ହେବାକୁ ପଡ଼େ । ନେବା ପରେ ଦେବା ଆସିବା ଦରକାର, ସେଗୁଡ଼ିକ ଏକ ପ୍ରତିକ୍ରିୟାର ଆଗପାଖ ଓ ପଛପାଖ । ଏହା ବ୍ୟକ୍ତି, ସମାଜ, ରାଷ୍ଟ୍ର ଓ ମାନବଜାତି ପାଇଁ ସତ । ପ୍ରଗତି ଓ ଶାନ୍ତି ତ୍ୟାଗ, ବୈରାଗ୍ୟ ଓ ସେବା ଉପରେ ନିର୍ଭର କରେ ।

ତୁମେ ୟୁନିଫର୍ମ ପିନ୍ଧିବା ବା ବ୍ୟାଜ୍ ପ୍ରଦର୍ଶନ କରିବା ଦରକାର ନାହିଁ । ତୁମେ ପ୍ରାର୍ଥନାର ୟୁନିଫର୍ମ ବା କଷ୍ଟର ବ୍ୟାଜ୍ ପ୍ରଦର୍ଶନ କରିବା ଦରକାର

ନାହିଁ । ରୋଗୀ ପାଖରେ ବସ, ଯେପରି ତୁମେ ତୁମ ଭାଇ ପାଖରେ ବସନ୍ତ । ତାର ହାତ ଧର, ସହାନୁଭୂତିର ସହ ତା' ଆଖିକୁ ଚାହଁ, ତା' ହାତକୁ ପ୍ରସାଦରେ ଭରି ଦିଅ, ତୁମେ କିପରି ତାର ସାହାଯ୍ୟ କରିପାରିବ ବୋଲି ପଚାର ଏବଂ ତାର ସତେଜ ଆଖିରୁ କୃତଜ୍ଞତାର ଅଶ୍ରୁ ବହିଆସୁ । ସେହି ପୁରସ୍କାର ହିଁ ତୁମକୁ ପୁଷ୍ଟ କରିବା ଉଚିତ । ଧନ୍ୟବାଦର ଅଭିବ୍ୟକ୍ତି ନ ହେଲେ ବି, ଚୁପ୍‌ଚାପ୍ ବା ଅରୁଚିର ସହିତ ତୁମକୁ ଗ୍ରହଣ କରାଗଲେ ବି କାମ କରି ଚାଲ, କାରଣ ଦେବା ଓ କ୍ଷମା କରିବା ତୁମର ସ୍ୱଭାବ ।

ବ୍ୟାଜ୍ ତୁମକୁ ବ୍ୟାଜ୍ ନଥିବା ଲୋକମାନଙ୍କ ଆଗରେ କର୍ତ୍ତୃତ୍ୱ ଜାହିର କରିବାର ଅଧିକାରରେ ବିଭୂଷିତ କରେ ନାହିଁ । ଏହା ରୁକ୍ଷତା, ଗର୍ବ ବା ଶାସ୍ତି ଦ୍ୱାରା ଅପମାନିତ ହେବା ଉଚିତ ନୁହେଁ । ଥରେ ତୁମକୁ ଏହା ମିଳିଗଲେ ତୁମେ ଗୁଲିଖଟି ଗପ ବା ନୀଚ ଜୀବନ, ହୀନ ବ୍ୟବହାର ବା ଧୂମପାନ, ଜୁଆଖେଳ, ମଦ୍ୟପାନ ଓ ପରନିନ୍ଦା ଭଳି ଦୁରଭ୍ୟାସରେ ପ୍ରବୃତ୍ତ ହେବା ଉଚିତ ନୁହେଁ । ନେତୃତ୍ୱ ଲାଭ କରିବା ଯଦି ତୁମର ଆକାଂକ୍ଷା ହୋଇଥାଏ ତେବେ ତାହା ତୁମେ ବର୍ଷ ବର୍ଷ ଧରି ଲୋକମାନଙ୍କ ନିଷ୍ପାପର ସେବା ବିନା ପାଇପାରିବ ନାହିଁ । ସେହି ଭିତ୍ତିଭୂମିରେ ନିଜ ଜୀବନକୁ ନ ଗଢ଼ିଲେ ନେତୃତ୍ୱ ଏକ ପଞ୍ଚବର୍ଷୀୟ ମେଳା ହେବ ।

ଭଗବାନ ହେଉଛନ୍ତି ପ୍ରେମ ଏବଂ ତାଙ୍କୁ କେବଳ ପ୍ରେମର ଅନୁଶୀଳନ ଓ ପ୍ରୟୋଗ ମାଧ୍ୟମରେ ଲାଭ କରିହେବ । ତାଙ୍କୁ କୌଣସି କୌଶଳ ପ୍ରୟୋଗ କରି ଧରି ହେବ ନାହିଁ । ତାଙ୍କର ଆଦେଶ- ସମସ୍ତଙ୍କୁ ଭଲ ପାଇବା, ସମସ୍ତଙ୍କର ସେବା କରିବାର ଆଦେଶ ପାଳନ କଲେ ହିଁ ସେ କୃପା ପ୍ରଦାନ କରିବେ । ସମସ୍ତଙ୍କୁ ଭଲ ପାଇବା ବେଳେ ଓ ସମସ୍ତଙ୍କର ସେବା କରିବା ବେଳେ ତୁମେ ସବୁଠାରୁ ଅଧିକ ଭଲ ପାଉଥିବା ନିଜର ହିଁ ସର୍ବାଧିକ ସେବା କରିଥାଅ, କାରଣ ସେତେବେଳେ ଭଗବାନଙ୍କ କୃପା ତୁମକୁ ଆଚ୍ଛାଦିତ କରିଥାଏ ଏବଂ ତୁମେ ସମସ୍ତ ପୂର୍ବ ଅନୁଭୂତିର ଊର୍ଦ୍ଧ୍ୱରେ ଶକ୍ତିମନ୍ତ ହୋଇଥାଅ । ମୁଁ ତୁମ ପୋଷାକରେ ବ୍ୟାଜ୍ ଲଗାଇଦେଲେ ତୁମେ ତାହା ଶୀଘ୍ର ଖୋଲି ଦେବ; ଏହାକୁ ଜାମାରୁ କାଢ଼ିଦେଲେ ତୁମେ ଆଶ୍ୱସ୍ତ ହୁଅ ଯେ ତୁମେ ଭଲ ପାଇବା ଓ ସେବା କରିବାର ଦାୟିତ୍ୱରୁ ମୁକ୍ତ ହୋଇଛି । ତୁମେ ଏକ ନାଟକରେ ବ୍ୟାଜ୍ ପିନ୍ଧିବା ଓ ଓହ୍ଲାଇବାର ଏକ ଅସ୍ଥାୟୀ ଭୂମିକା ମାତ୍ର ଅଭିନୟ କରୁଛ । ଏହି ଗାଁରେ ଜଣେ ଯୁବକ ଥିଲା । ସେ ଥରେ ମନ୍ଦିରରେ ଗୋଟିଏ ପର୍ବ ଦିନରେ ଏକ ଲୋକନାଟକରେ ରାଜା ଭୂମିକା ଅଭିନୟ କରୁଥିଲା । ସୂର୍ଯ୍ୟୋଦୟ ବେଳକୁ ନାଟକ ଶେଷ ହୋଇଗଲା, କିନ୍ତୁ ସେ ତା' ମୁଣ୍ଡରୁ ମୁକୁଟ କାଢ଼ିଲା ନାହିଁ;

ସେ ଏବେ ବି ରାଜା ବୋଲି ଜିଦ୍ କଲା । ସେ ମାସ ମାସ ଧରି ତାର ପ୍ରଜାମାନଙ୍କୁ ଆଦେଶ ଦେଇ ଚାଲିଲା । ସେ ତାର କର୍ମଚାରୀମାନଙ୍କୁ ଦିନେ ଏ ଲୋକକୁ ଦଣ୍ଡ ଦେବାକୁ ଓ ପରଦିନ ସେ ଲୋକକୁ ଦଣ୍ଡ ଦେବାକୁ ଆଦେଶ ଦେଲା ଏବଂ ସେ ନିଜେ ଖୁବ୍ ଶୀଘ୍ର ଜରରେ ପଡ଼ି ମରିଗଲା । ଏହା ପାଗଳାମି । କିନ୍ତୁ ବ୍ୟବହାରର ସମାନ ଉପାୟ ଅଛି, ଭୁଲ ଭୂମିକାରେ ଅଭିନୟ ନ କରି ଠିକ୍ ଭୂମିକାରେ ଅଭିନୟ କରିବା । ସବୁ ସମୟରେ ଓ ସବୁ ସ୍ଥାନରେ ଭଗବାନଙ୍କର ସ୍ୱେଚ୍ଛାସେବୀର ଅଦୃଶ୍ୟ ବ୍ୟାଜ୍ ପିନ୍ଧ । ଜୀବନର ସବୁ ଦିନ ପ୍ରେମର ନିରନ୍ତର ସମର୍ପଣ ହେଉ, ଯେପରି ଦୀପ ଚାରିପଟକୁ ଆଲୋକିତ କରି ନିଜକୁ କ୍ଳାନ୍ତ କରିଦିଏ । ଶରୀରକୁ ଅବନତ କର, ଇନ୍ଦ୍ରିୟମାନଙ୍କୁ ଦମନ କର ଏବଂ ମନକୁ ନିଃଶେଷ କର– ତାହା ହିଁ 'ଅମୃତସ୍ୟ ପୁତ୍ରଃ' ପଦବୀ ଲାଭ କରିବାର ଉପାୟ । ଏହା ଉପନିଷଦରେ ମନୁଷ୍ୟମାନଙ୍କ ପାଇଁ ସଂରକ୍ଷିତ ରହିଛି ।

ଭଗବାନ ମଧୁର ସ୍ୱରୂପ । ସେ ତୁମକୁ ଯାହା ଦେଇଛନ୍ତି ତାହା ସେହି ମଧୁର ସ୍ୱରୂପଙ୍କୁ ଅର୍ପଣ କରି ତାଙ୍କୁ ଲାଭ କର । ପ୍ରଦତ୍ତ ଆଖୁକୁ ସେବାର କଳରେ ପେଡ, ତପସ୍ୟାର କଡେଇରେ ସିଝାଅ, ସମସ୍ତ ଐନ୍ଦ୍ରିୟ କୁଣ୍ଡରୁ ଏହାକୁ ରଙ୍ଗମୁକ୍ତ କର, କରୁଣାଭରା ପ୍ରେମର ମିଶ୍ରି ତାଙ୍କୁ ଅର୍ପଣ କର ।

ବ୍ୟାଜ୍ ତୁମ ଭିତରେ ଥିବା ସାଇଙ୍କର ଏକ ସଙ୍କେତ । ଏହା ତୁମକୁ ସତର୍କ କରିଦିଏ ଯେ ତୁମେ ବାସନା ଓ ଆବେଗର ଏକ ବୁଢ଼ୁଲି ନୁହଁ, ତୁମେ ଆଦୌ ଏହି ଶରୀର ନୁହଁ, ମାତ୍ର ଭଗବାନଙ୍କର ପ୍ରତିବିମ୍ବ; ସେ ହେଉଛନ୍ତି ବିମ୍ବ । ବ୍ୟାଜ୍ ଉପରେ ଓଁ ମଧ ଅଛି । ଏହାକୁ ଆଦର କର, ଏହାର ଅର୍ଥ ଉପରେ ମନନ କର, ଏହାକୁ ଏକ ଦୀକ୍ଷା ଭାବରେ ଗ୍ରହଣ କର । ତୁମେ ଶୋଇବାକୁ ଯିବା ବେଳେ ଓ ସକାଳୁ ଉଠିବା ବେଳେ ଏହାକୁ ଆଖିରେ ଲଗାଇ ପ୍ରାର୍ଥନା କର, "ହେ ପ୍ରଭୁ, ମୋର ସମସ୍ତ କର୍ମ ଶୁଦ୍ଧ ଓ ପବିତ୍ର ହେଉ ।"

ତୁମେ ଯାହା କିଛି କର ନା କାହିଁକି, ଯେଉଁଠି ଥାଅ ନା କାହିଁକି ମୁଁ ତୁମ ପାଖରେ ଅଛି ବୋଲି ମନେରଖ । ତାହା ତୁମକୁ ଦମ୍ଭ ଓ ଦୋଷରୁ ରକ୍ଷା କରିବ । ତୁମେ ସେବା କରୁଥିବା ଲୋକମାନଙ୍କ ପ୍ରତି ତୁମର ସେବାକୁ ସାର୍ଥକ କରିବ ।

♦♦♦

ପ୍ରଶାନ୍ତି ନିଳୟମ୍, ୨୬. ୬. ୧୯୬୯

ଚଳନ୍ତା ଦେବାଳୟ

ପ୍ରତ୍ୟେକ ଉତ୍ସବ ପାଇଁ ବାଛୁଥିବା ସ୍ୱେଚ୍ଛାସେବକ ଓ ସେବିକାମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଏବଂ କର୍ତ୍ତବ୍ୟପାଳନର ମନୋଭାବ ବିଷୟରେ ମୁଁ ବାରମ୍ବାର ବୁଝାଉଛି । କିନ୍ତୁ ମୋ ଉପଦେଶ ଅନୁସାରେ କାମ କରିଥିବା ଲୋକଙ୍କ ସଂଖ୍ୟା ଖୁବ୍ କମ୍ । ପ୍ରତ୍ୟେକ ନିଜର ସ୍ୱାର୍ଥାନୁକୂଳ ଯୋଜନା କରିବାରେ ଲିପ୍ତ । ପ୍ରତ୍ୟେକ ନିଜକୁ ସାହାଯ୍ୟ କରୁଛନ୍ତି, କିନ୍ତୁ ଯେଉଁମାନେ ସାହାଯ୍ୟ ଚାହୁଁଛନ୍ତି, ସେମାନଙ୍କୁ ନୁହେଁ । ଏହି ବ୍ୟାଜ୍‌ର ଅର୍ଥ ତୁମେ ଅନ୍ୟର ସେବା କରିବାକୁ ଇଚ୍ଛୁକ ବା ବ୍ୟଗ୍ର ଏବଂ ତୁମର କିଛି ସ୍ୱାର୍ଥ ନାହିଁ । ଏହା ଗୋଟିଏ ଅଳଙ୍କାର ବା ଉପହାର ନୁହେଁ । ଏହାକୁ ପାଇ ଯଦି ତୁମେ ରାସ୍ତାରେ ଏପାଖ ସେପାଖ ବୁଲ ଏବଂ ଆଡୁସାଡୁ ଗପ କର ବା ଅନ୍ୟ କୌଣସି ମନ୍ଦ ଅଭ୍ୟାସରେ ରତ ହୁଅ ତାହାହେଲେ ତୁମଠାରୁ ଯେଉଁମାନେ ସାହାଯ୍ୟ ଆଶା କରୁଛନ୍ତି ତୁମେ ସେମାନଙ୍କର ଦ୍ରୋହୀ ହେବ । ଏପରି କରିବା ଏକ ଅପରାଧ ମଧ୍ୟ ହେବ । ତୁମେ ଭକ୍ତ ବୋଲି ଆଖ୍ୟା ନେଇ ପ୍ରଣିପାତ କରୁଅଛ, ପାଦତଳେ ପଡୁଅଛ, ପ୍ରାର୍ଥନା ପ୍ରକୋଷ୍ଠ ପ୍ରଦକ୍ଷିଣ କରୁଅଛ ଏବଂ ଅନ୍ୟାନ୍ୟ ବିଧି ସଂପନ୍ନ କରୁଅଛ । ଆଉ ମଧ୍ୟ ଆଗନ୍ତୁକ ଯାତ୍ରୀଙ୍କ ଆଗରେ ତୁମେ ଭକ୍ତ ବୋଲି ନିଜକୁ ପରିଚୟ ଦେଉଅଛ, କିନ୍ତୁ ତୁମର ସ୍ୱଭାବ ସଂପୂର୍ଣ୍ଣ ବିପରୀତ ହେଉଅଛି । "ତୁମ ଆଚରଣ ପରିଷ୍କାର କରି ଦେଉଛି ଯେ ତୁମେ ଭକ୍ତ ନାମ ପାଇବାକୁ ଅଯୋଗ୍ୟ ।"

ତୁମର ଦାୟିତ୍ୱ ହେଲା ରୁଗ୍‌ଣ ଲୋକଙ୍କର ସଂଗେ ସଂଗେ ଚିକିତ୍ସା ବ୍ୟବସ୍ଥା କରିବା, ବୃଦ୍ଧ ଲୋକଙ୍କୁ ନେଇ ଛାଇରେ ବସାଇବା ଏବଂ ପିଲାମାନଙ୍କୁ ଗେଲ କରି ଶାନ୍ତ କରାଇବା । ଯେହେତୁ ବହୁ ହଜାର ଲୋକ ଏଠାରେ ପ୍ରାୟ ବାରଦିନ୍ ଓ ରାତି ଏକତ୍ରିତ ହୋଇ ରହିବେ କେତେକ ଅର୍ଥଲିପ୍ସୁ ଲୋକ ଅନ୍ୟର ସଂପତ୍ତି ଚୋରି କରିବାକୁ ହୁଏତ ଏଠାରେ ପହଞ୍ଚିଥିବେ । ଯେ କୌଣସି ସ୍ଥାନରେ ଏପରି କରିବା ଗୋଟିଏ ଅପରାଧ- ଏଠାରେ ସତ୍ୟ ବାୟୁମଣ୍ଡଳରେ ଏପରି କରିବା ଦ୍ୱିଗୁଣିତ ଅପରାଧ । ସୁତରାଂ ଯେଉଁ ଯାତ୍ରୀମାନେ ଆସୁଛନ୍ତି ସେମାନଙ୍କୁ ଚୋରଙ୍କ ଦାଉରୁ ରକ୍ଷା କରିବାକୁ ହେବ । ତୁମକୁ ସତର୍କତାର ସହିତ ଏପରି ଲୋକଙ୍କୁ ଚିହ୍ନି ସେମାନଙ୍କର କାରସାଦି ପଣ୍ଡ କରିବାକୁ ହେବ । ଏଠାରେ ଯେଉଁ ହଜାର ହଜାର ଯାତ୍ରୀ ଆସୁଛନ୍ତି ସେମାନଙ୍କର ପୂର୍ଣ୍ଣ ବିଶ୍ୱାସ ଯେ ଭଗବାନ ତାଙ୍କ କଥା ବୁଝିବେ । ଏହିସବୁ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ତୁମକୁ ଏହି ବ୍ୟାଜ୍ ଦିଆଯାଇଅଛି ।

ଏଠାରେ ଉପସ୍ଥିତ ରହିବା ହିଁ ଭଗବାନଙ୍କ ଅନୁକମ୍ପା, ପୂର୍ବ ସଂଚିତ ଧର୍ମର ଫଳ । ବ୍ୟାଜ୍ ପାଇବା ଆହୁରି ଦୁର୍ଲ୍ଲଭ ଦାନ । ଏହି ସୁବର୍ଣ୍ଣ ସୁଯୋଗର ଉପଯୁକ୍ତ ବିନିଯୋଗ କର । ତୁମେ ପୂର୍ବ ଜନ୍ମରେ ଯେଉଁ ପୁଣ୍ୟ କରିଥିଲ ସେହି ପୁଣ୍ୟବୀଜ ଏହି ବ୍ୟାଜର ଅଙ୍କୁର ରୂପେ ବାହାରି ଅଛି । ଦେଖ ଯେପରି ଏହି ଅଙ୍କୁରଟି ତୁମର ଆନ୍ତରିକ ସେବା ଦ୍ୱାରା ପାଣି ପାଇ ଗଢ଼ିଉଠେ ଏବଂ ନିଜର ଅନାଗ୍ରହ ଏବଂ ଅସାଧୁତା ଦ୍ୱାରା ନଷ୍ଟ ହୋଇ ନଯାଏ । ମନ୍ଦ ଅଭ୍ୟାସ ପରିତ୍ୟାଗ କରିବାକୁ ଏବଂ ସଦଭ୍ୟାସ ଗ୍ରହଣ କରିବାକୁ ଏହା ତୁମକୁ ଗୋଟିଏ ବଡ଼ ସୁଯୋଗ ଦେଉଅଛି । ଆତ୍ମବଡ଼ିମା ଏବଂ ଅହଂକାର ପରିତ୍ୟାଗ କରିବାକୁ ହେବ । ତାହା ହେଲେ ତୁମେ ଭଗବାନଙ୍କ ଅନୁକମ୍ପା ପାଇବ । ଉଚ୍ଚ ନୀଚ ବିଚାର ନ କରି ସମସ୍ତଙ୍କର ସେବା କରିବ । କୌଣସି ସେବାକାର୍ଯ୍ୟକୁ ବଡ଼ ଆଉ କେଉଁ କାର୍ଯ୍ୟକୁ ଛୋଟ ବୋଲି ଭାବିବ ନାହିଁ । ସବୁ ସେବାକାର୍ଯ୍ୟ ଈଶ୍ୱରଙ୍କ ଚକ୍ଷୁରେ ସମାନ । କେବଳ ସେବାକାର୍ଯ୍ୟକୁ ଆଗ୍ରହ, ଆନନ୍ଦ ଓ ଦକ୍ଷତା ତଥା କୌଶଳ ସହିତ କରିବାକୁ ପଡ଼ିବ ।

ଏଠାରେ ଯେଉଁ ଲୋକମାନେ ସମବେତ ହୋଇ ଅଛନ୍ତି ସେମାନେ ଠିକ୍ ତୁମ ପରି । ସେମାନଙ୍କର ଭାବ, ଭଙ୍ଗୀ, ଆଚାର, ବ୍ୟବହାର ତୁମ ପରି । ସେମାନେ ହସି ହସି ତୁମର ସେବା କୃତଜ୍ଞତାର ସହିତ ଗ୍ରହଣ କରିବେ । ତୁମେ ଯଦି ଏପରି ମାନବମାନଙ୍କର ସେବା ନ କରିବ ତା ହେଲେ ମାଧବ ବା ଭଗବାନଙ୍କର ସେବା କିପରି କରିବ? ଭଗବାନ ତୁମଠାରୁ ଖୁବ୍ ଉଚ୍ଚରେ, ସେ ସର୍ବଶକ୍ତିମାନ ଓ ଅପରିମେୟ, ତୁମଠାରୁ କେଡେ ଭିନ୍ନ! ମନୁଷ୍ୟର ହୃଦୟ ମଧ୍ୟରେ ଭଗବାନ ବିଦ୍ୟମାନ । ମନୁଷ୍ୟର ସେବା କରି ଭଗବାନଙ୍କର ସେବା କରିବାକୁ ଶିଖ, ମାନବସେବା ଭଗବାନଙ୍କର ପୂଜା ବୋଲି ବୁଝ । ଯଦି କୌଣସି ଲୋକ ବର୍ଷାରୁ ରକ୍ଷା ପାଇବା ଲାଗି ତୁମ ଘରକୁ ଦୌଡ଼ି ଆସେ ଏବଂ ତୁମେ ତାକୁ ସ୍ଥାନ ନ ଦେଇ ପୁଣି ରାସ୍ତା ଆଡ଼କୁ ତଡିଦିଅ, ତାହାହେଲେ ତୁମକୁ ନିତାନ୍ତ କମ୍‌ରେ ଅମଣିଷ କହିବାକୁ ହେବ । ଅନ୍ୟ ଲୋକର ଦୁଃଖ ନିବାରଣ କରିବାକୁ ଯଦି ତୁମେ ଯଥାଶକ୍ତି କାମ ନ କର ତାହାହେଲେ ତୁମେ ମନୁଷ୍ୟ ପଦବାଚ୍ୟ ନୁହେଁ । ଦେବତା ହେବାକୁ ଆକାଂକ୍ଷା ନ ଥିଲେ ଅନ୍ତତଃ ମନୁଷ୍ୟଟିଏ ହୁଅ । ମନୁଷ୍ୟ ହେବା ଅନ୍ତତଃ ପଶୁ ହେବାଠାରୁ ଭଲ । କାରଣ ପଶୁଙ୍କର ଭୂତ, ଭବିଷ୍ୟତ୍ ଜ୍ଞାନ ନାହିଁ । ପଶୁମାନେ ଜାଣି ପାରନ୍ତି ନାହିଁ କାହିଁକି ସେମାନଙ୍କ ଦ୍ୱାରା ଜମିଚାଷ କରାଯାଉଅଛି- ଚାଷକାମ ସରିଲେ ମଧ୍ୟ ଜାଣିନାହାନ୍ତି ଯେ ଜମିରେ ବିହନ ବୁଣାଯିବ ଏବଂ ଶେଷରେ ଫସଲ ପାଚିବ ।

ମନୁଷ୍ୟ ତା ମୁଣ୍ଡ ଉପରେ ଅତୀତ ଓ ଭବିଷ୍ୟତର ବୋଝ ବୋହୁଛି ଏବଂ ଭବିଷ୍ୟତ ପାଇଁ ନିଶ୍ଚିନ୍ତ ନ ଥିବାରୁ ଜୀବନବୀମା ମଧ କରୁଛି ! ମନୁଷ୍ୟର ବହୁ ଅଭିଳାଷା ଅଛି । ସେ ତାର ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ଚାହେଁ ଏବଂ ଅତୀତକୁ ଲୁପ୍ତ କରିବାକୁ ଚାହେଁ । ଅତି କ୍ଷୁଦ୍ର ଅଭିଳାଷ-ବୀଜ ଶେଷରେ ବଢ଼ି ବଢ଼ି ବିଶାଳ ତତ୍ତ୍ୱରେ ପରିଣତ ହୁଏ । ସୁତରାଂ ଅଭିଳାଷ-ବୀଜକୁ ତୁମେ ତପସ୍ୟା ରୂପକ ଅଗ୍ନିରେ ଭାଜ, ତାହେଲେ ସେ ଆଉ ଅଙ୍କୁରିତ ହେବ ନାହିଁ ।

ଅନାସକ୍ତି ରୂପକ ଅଗ୍ନି ଅଭିଳାଷ ରୂପକ ବୀଜକୁ ସଂପୂର୍ଣ୍ଣରୂପେ ପୋଡି ଧ୍ୱଂସ କରିଦେବ । କେବେ କିମିତି ଅସ୍ଥାୟୀ ବୈରାଗ୍ୟଭାବ ଦେଖାଇଲେ ସେ ବୀଜ ଅଙ୍କୁରିତ ହେବା ବନ୍ଦ ହେବ ନାହିଁ । ଅନାସକ୍ତି ପଛରେ ବିଷୟ ସଂସାରର ନିରର୍ଥକତା ବିଷୟରେ ଯଥୋଚିତ ଜ୍ଞାନ ଥିବା ଉଚିତ । ତା ନ ଥିଲେ ବ୍ୟାଜ୍ ପିନ୍ଧିବା ସମୟରେ ତୁମେ ଯେଉଁ ନମ୍ରତା ବା ଭକ୍ତି ଦେଖାଉଛ ସେଗୁଡ଼ିକ କେତେଗୁଡ଼ିଏ ଆବରଣ ମାତ୍ର । ତୁମେ ଯେତେବେଳେ ପ୍ରଶାନ୍ତି ନିଳୟମ୍‌ରୁ ଯାଇ ତାର ଫାଟକ ପାରିହେବ, ସେତେବେଳେ ସେ ଆଚରଣଗୁଡ଼ିକୁ ଫିଙ୍ଗିଦେଇ ପୁଣି ଉଦ୍ଧତ ଅହଙ୍କାରର ପୁରୁଣା ବେଶ ପିନ୍ଧି ପକାଇବ। ତୁମ ପ୍ରତି ଯଦି କେହି କଟୁଭାଷା ପ୍ରୟୋଗ କରେ ତାହା ହେଲେ ତୁମେ କ୍ରୁଧ ହୋଇ ତା ପ୍ରତି ପ୍ରତିହିଂସାମୂଳକ କଟୁଭାଷା ପ୍ରୟୋଗ କର ନାହିଁ । ତୁମର ଯଦି କୌଣସି ଗୋଟିଏ ଆଙ୍ଗୁଠି ତୁମ ଆଖିକୁ ଖେଞ୍ଚି ପକାଏ ତୁମେ ସେ ଆଙ୍ଗୁଠି ବିରୁଦ୍ଧରେ କିଛି ପ୍ରତିଶୋଧ ନିଅ କି ? ଯେଉଁ ଲୋକଟି ତୁମ ପ୍ରତି କଟୁଭାଷା ପ୍ରୟୋଗ କଲା ସେ ତୁମ ଆଙ୍ଗୁଳି ସଦୃଶ ।

ତୁମେମାନେ ଲୋକମାନଙ୍କୁ ବଡ଼ ପାଟିରେ କଥା ନ କହିବାକୁ ଏବଂ ଧୂଆଁ ନ ଖାଇବାକୁ କହିବ । ତୁମେ ଯଦି ନିଜେ ଏପରି ଭୁଲ କାର୍ଯ୍ୟ କର ତାହାହେଲେ ଅନ୍ୟମାନଙ୍କୁ ତୁମ ଉପଦେଶ ମାନିବାକୁ କିପରି ପ୍ରବର୍ତ୍ତାଇବ ? ତୁମର ଏହିସବୁ ପ୍ରବୃତ୍ତିକୁ ନିୟନ୍ତ୍ରଣ କର; ଏଗୁଡ଼ିକ ନୂଆ ଅଭ୍ୟାସ । ଏହି ସାମାନ୍ୟ ଦୋଷଗୁଡ଼ିକୁ ଯଦି ତୁମେ ଦୂରୀଭୂତ ନ କରି ପାରିବ ତାହା ହେଲେ ଲୋଭ, ଗର୍ବ, ଘୃଣା, ଈର୍ଷା ପରି ଅନ୍ୟାନ୍ୟ ଗୁରୁତର ଦୋଷଗୁଡ଼ିକ କିପରି ଦୂରୀଭୂତ କରିବ ? ଏହି ବ୍ୟାଜ୍ ସ୍ୱାମୀଙ୍କର ସ୍ନେହ ଓ ଅନୁକମ୍ପାର ନିଦର୍ଶନ । ଏହା ଗୋଟିଏ ପ୍ରେରଣା, ଶିକ୍ଷା ଏବଂ ଆଶୀର୍ବାଦ । ଏହା ଆଶା କରେ, ତୁମେ ସଚ୍ଚରିତ୍ର ହେବ ଏବଂ ଆଗ୍ରହ ଓ ଭକ୍ତିରେ ତୁମେ ସମସ୍ତଙ୍କର ଆଦର୍ଶ ହେବ ।

ଏହି ପ୍ରେରଣା ଖାଲି ଏହି ଦଶ-ବାର ଦିନ ପାଇଁ କିମ୍ବା ପ୍ରଶାନ୍ତି ନିଳୟମ୍ ନାମକ ସୀମିତ ଅଞ୍ଚଳ ପାଇଁ ନୁହେଁ । ତୁମେ ଏହି ବ୍ୟାଜ ପିନ୍ଧିଥାଅ ବା ନ ଥାଅ

ଯେକୌଣସି ସ୍ଥାନରେ ବା ଯେ କୌଣସି ସମୟରେ ଏ ବ୍ୟାଜ୍‌ର ଆଦର୍ଶରେ ତୁମର କାମ କରିବ । ଅନ୍ୟମାନଙ୍କୁ ଯଥାଶକ୍ତି ସାହାଯ୍ୟ ଯଦି ନ କରି ପାରିବ ଅନ୍ତତଃ ସେମାନଙ୍କର ଦୁଃଖ ବୁଝି କୁହ, "ଆହା ! ଏମାନେ କେତେ ଦୁଃଖ ପାଉଛନ୍ତି । ଭଗବାନ ତାଙ୍କ ଦୁଃଖ ଦୂରୀଭୂତ କରନ୍ତୁ ।" ଏହିପରି ସହୃଦୟ ପ୍ରାର୍ଥନା କର ।

ଶଙ୍କରାଚାର୍ଯ୍ୟ ଭିକ୍ଷା କରି ଜୀବିକା ନିର୍ବାହ କରୁଥିଲେ । ପୁରାତନ କାଳରେ ଏପରିକି ରାଜପୁତ୍ରମାନେ ଋଷି-ଆଶ୍ରମମାନଙ୍କରେ ଅଧ୍ୟୟନ କରି ଭିକ୍ଷା ମାଗୁଥିଲେ ଏବଂ ଭିକ୍ଷାରୁ ଯାହା ମିଳୁଥିଲା ସେହିଥିରେ ଚଳୁଥିଲେ । ନିରର୍ଥକ ଅହଂଭାବ ଦୂର କରିବା ପାଇଁ ସେମାନେ ଏପରି କରୁଥିଲେ । ତୁମେମାନେ ସତ୍‌କର୍ମରୂପକ ମନ୍ଦିରକୁ ଯାଉଥିବା ତୀର୍ଥଯାତ୍ରୀ । ମନ୍ଦିରରେ ପ୍ରବେଶ ପୂର୍ବରୁ ତୁମର ଗଣ୍ଠିଲିପତ୍ର (ଅହଂକାର) ଦୂରରେ ରଖି ଆସ; ଏହା ତୁମର ହୃଦୟକୁ ନିର୍ମଳ କରିବ । ଶରଣାଗତଙ୍କ ସିନ୍ଧୁକରେ ତୁମର ଗଣ୍ଠିଲିପତ୍ର ସମର୍ପଣ କର । ମନେରଖ, ତୁମେ ଯେଉଁମାନଙ୍କ ସେବା କରୁଛ ସେମାନେ ସବୁ ଗୋଟିଏ ଗୋଟିଏ ମନ୍ଦିର ଯେଉଁଥିରେ କି ଭଗବାନ ଅଧିଷ୍ଠିତ । ସଦ୍‌ବାକ୍ୟ, ସମୟୋଚିତ ସାହାଯ୍ୟ ଏବଂ ଜାଗ୍ରତ ଚେଷ୍ଟା ରୂପକ କୁସୁମଦ୍ୱାରା ସେମାନଙ୍କର ଅର୍ଚ୍ଚନା କର ।

♦♦♦

ପ୍ରଶାନ୍ତି ନିଳୟମ୍, ୪. ୧୦. ୧୯୭୭

ବ୍ୟାଜ୍ : ସୂକ୍ତିମାଳା

- ବ୍ୟାଜ୍ ସ୍ୱାମୀଙ୍କ ପ୍ରେମ, ସ୍ୱାମୀଙ୍କ କରୁଣାର ଏକ ନିଦର୍ଶନ ।
- ବ୍ୟାଜ୍ ତୁମ ଉପରେ ବଡ଼ ବୋଝ ଲଦିଦିଏ ।
- ବ୍ୟାଜ୍ ତୁମ ଭିତରେ ଥିବା ସାଇଙ୍କର ଏକ ସଂକେତ ।
- ବ୍ୟାଜ୍ ଲାଭ କରିବା ଏକ ଦୁର୍ଲ୍ଲଭ ଉପହାର । ଏହି ମହାନ୍ ସୁଯୋଗର ସଦୁପଯୋଗ କର ।
- ବ୍ୟାଜ୍ ତୁମକୁ କୌଣସି ସୁବିଧା ଯୋଗାଏ ନାହିଁ । ଏହା କେବଳ ତୁମ ଉପରେ ଦାୟିତ୍ୱ ଲଦିଦିଏ ।
- ବ୍ୟାଜ୍ ଏହି ସଂକେତ ଦିଏ ଯେ ତୁମେ ହେଉଛ ନିଃସ୍ୱାର୍ଥପର, ତୁମେ ସେବା କରିବାକୁ ଇଚ୍ଛୁକ ଓ ଆଗ୍ରହୀ ।
- ବ୍ୟାଜ୍ କୌଣସି ଅଳଙ୍କାର, ପୁରସ୍କାର ବା ଉପହାର ନୁହେଁ ।
- ସେବାଦଳ ବ୍ୟାଜ୍ ଏପରି ଏକ ଅଳଙ୍କାର ନୁହେଁ, ଯାହାକୁ ବିନା ମୂଲ୍ୟରେ ଲାଭ କରି ହେବ । ଏହା ଉଚ୍ଚ ଚରିତ୍ର, ଉଦାର ଭାବ ଓ ସ୍ଥିର ଉଦ୍ୟମର ପ୍ରତୀକ ।
- ପୃଥିବୀର ସବୁ ଅଞ୍ଚଳରୁ ଏଠାକୁ ଆସି ପହଞ୍ଚିଥିବା ତୁମର ଆତ୍ମୀୟ ସ୍ୱଜନମାନଙ୍କର ସ୍ୱାଗତ ଓ ସେବା କରିବା ପାଇଁ ବ୍ୟାଜ୍ ତୁମକୁ ଅଧିକାର ଦିଏ ।
- ଏଠାରେ ଭଗବାନ ଯତ୍ନ ନେବାକୁ ଅଛନ୍ତି ବୋଲି ପୂର୍ଣ୍ଣ ବିଶ୍ୱାସର ସହିତ ଏଠାକୁ ଆସୁଥିବା ହଜାର ହଜାର ଭକ୍ତମାନଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟାଜ୍ ଏକ ଆହ୍ୱାନ ।
- ବେକ ଚାରିପଟେ ସ୍କାର୍ଫ ଓ ବ୍ୟାଜ୍ ବାନ୍ଧିବା ସେହି ଆନନ୍ଦର ସୂଚନା ଯାହା ତୁମେ ପ୍ରକୃତରେ ସେବା କରିବା ବେଳେ ଲାଭ କରିଥାଅ ।

♣ ବ୍ୟାଜ୍ ପିନ୍ଧି ତୁମେ ଯଦି ଧୂମପାନ କର ତେବେ ତୁମେ ନିଜର ଓ ବ୍ୟାଜ୍‌ର ଅସମ୍ମାନ କରିବ ।

♣ ତୁମେ ବ୍ୟାଜର ଅନାଦର ବା ଅସମ୍ମାନ କରିବା ବେଳେ ତୁମେ ନିଜର ଅନ୍ତରାତ୍ମାର ଅନାଦର ଓ ଅସମ୍ମାନ କରିଥାଅ ।

♣ ତୁମେ ବ୍ୟାଜ୍ ଉପରେ ମୋ ଛବିକୁ ପିନ୍ଧିଛ; କିନ୍ତୁ ମୁଁ ସବୁବେଳେ ତୁମ ହୃଦୟ ଭିତରେ ଅଛି ।

♣ ବ୍ୟାଜ୍ ତୁମ ହୃଦୟ ଉପରେ ରହେ, ନୁହେଁ କି? ତୁମର ହୃଦୟ ଯଦି ଗର୍ବରେ ଏବଂ ଯେଉଁମାନେ ଛାତିରେ ବ୍ୟାଜ୍ ପକାଇ ନାହାନ୍ତି ସେମାନଙ୍କ ପ୍ରତି ବଡ଼ପଣିଆ ଭାବରେ ଭରିଯାଏ ତେବେ ହୃଦୟ ନିଜେ ଏହି ଅଳଙ୍କରଣ ଦ୍ୱାରା ଜାତ ହେଉଥିବା ଦୁର୍ଗୁଣରେ ସଂକ୍ରମିତ ହୋଇଯିବ ।

♣ ବ୍ୟାଜ ଏକ ପ୍ରେରଣା, ଏକ ଶିକ୍ଷା, ଏକ ଆଶୀର୍ବାଦ ।

♣ ଛାତି ଉପରେ ଥିବା ବ୍ୟାଜ୍ ଭିତରେ ମୁଣ୍ଡ ଟେକୁଥିବା ଅହଂକାରକୁ ଦୂର କରିବାରେ, ହୃଦୟକୁ ପ୍ରସାରିତ କରିବାରେ ଏବଂ ଅନ୍ତର୍ଯ୍ୟାମୀ ପ୍ରଭୁଙ୍କ ଉପରେ ସମସ୍ତ ଦୃଷ୍ଟି କେନ୍ଦ୍ରିତ କରିବାରେ ସହାୟକ ହୋଇଥାଏ ।

♣ ତୁମେ ସ୍କାର୍ଫ ବା ବ୍ୟାଜ୍ ନ ପିନ୍ଧିବା ବେଳେ ବି ଆବଶ୍ୟକ କରୁଥିବା ସାଥୀ ମନୁଷ୍ୟମାନଙ୍କର ସେବା କରିବା ପାଇଁ ଆଗ୍ରହୀ ଓ ସଜାଗ ହେବା ଉଚିତ ।

♣ ବ୍ୟାଜ୍ ତୁମକୁ ବ୍ୟାଜ୍ ନ ଥିବା ଲୋକମାନଙ୍କ ଉପରେ ହାକିମି ଦେଖାଇବାକୁ ଦିଆଯାଇନାହିଁ ।

♣ ମୁଁ ତୁମକୁ ଦେଉଥିବା ଏହି ବ୍ୟାଜ୍‌ଟି ସହଜ ଜୀବନ ପାଇଁ ଏକ ପାସପୋଟ ନୁହେଁ ।

♣ ବ୍ୟାଜ୍ ତୁମକୁ ଦୁରଭ୍ୟାସ ଦୂର କରିବାକୁ ଓ ଉତ୍ତମ ଅଭ୍ୟାସ ଲାଭ କରିବାକୁ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥାଏ ।

♣ ତୁମେ ତୁମର ବ୍ୟାଜ ଯୋଗୁଁ ମନ୍ଦିର ବା ପ୍ରେକ୍ଷାଳୟରେ ବିଶେଷ ସୁବିଧା ଦାବି କରିବା ଉଚିତ ନୁହେଁ ।

- ତୁମର ବ୍ୟାଜ୍ ଓ ସ୍କାର୍ଫ ଅଛି ବୋଲି ଗର୍ବ କରି ବୁଲ ନାହିଁ ।
- ହୃଦୟରେ ପ୍ରେମ, ବଚନରେ କୋମଳତା ଓ କର୍ମରେ ମଧୁରତା ରଖି ବିନୟର ସହିତ ଲୋକମାନଙ୍କ ଭିତରକୁ ଯାଅ ।
- ଏହା ଗୋଟିଏ ବ୍ୟାଜ୍, ଯାହାକୁ ଜଣେ ସେବକ କେବଳ ପିନ୍ଧି ପାରିବ, ଅନ୍ୟମାନଙ୍କ ଉପରେ ହାକିମାତି କରୁଥିବା ନାୟକ ନୁହେଁ ।
- ବ୍ୟାଜ ହେଉଛି ଅତୀତରେ ତୁମେ ବପନ କରିଥିବା ସତ୍‌କର୍ମର ବୀଜରୁ ମାଟି ଫଟେଇ ବାହାରିଥିବା ଚାରାଗଛ । ଲକ୍ଷ୍ୟ ରଖ, ତୁମର ସତ୍‌ସେବା ଦ୍ୱାରା ଯେପରି ଚାରାଗଛଟି ପାଣି ପାଏ ଓ ପୁଷ୍ଟ ହୁଏ; ହୃଦୟହୀନତା ଓ ଦ୍ୱିଧାର ଧୂଳିରେ ଯେପରି ଶୁଖି ନ ଯାଏ ।
- ଏହି ସ୍କାର୍ଫ ଓ ଏହି ବ୍ୟାଜ୍ ପ୍ରଶାନ୍ତି ନିଳୟମ୍ ତୁମର ଘର ବୋଲି ଘୋଷଣା କରିବାର ଅଧିକାର ତୁମକୁ ପ୍ରଦାନ କରୁଛି ।

♦♦♦

ସେବାଦଳ

ସେବାଦଳ ପ୍ରଦାନ କରୁଥିବା ସୁଯୋଗ ଦ୍ୱାରା
କଠୋରତମ ହୃଦୟ ଧୀରେ ଧୀରେ
ଲହୁଣି ପରି କୋମଳ ହୋଇଯାଏ ।

- ବାବା

ଯେଉଁ ଆଧ୍ୟାତ୍ମିକ ସାଧନା ଦ୍ୱାରା ପ୍ରତ୍ୟେକ
ବ୍ୟକ୍ତି ଭିତରେ ଦିବ୍ୟତ୍ୱ ଅଛି ବୋଲି
ସଚେତନ ହୋଇ ହୁଏ ତାହା ଛଡା
ଅନ୍ୟ କୌଣସି ଯୋଗ୍ୟତା ଦେଖି
ସେବାଦଳ ସଦସ୍ୟଙ୍କୁ ବାଛ ନାହିଁ ।

- ବାବା

ତୁମେ ସମସ୍ତେ ମୁଁ

ତୁମେମାନେ ଆମ ସଂଗଠନର ମୌଳିକ ଆଦର୍ଶ ଅନୁସାରେ ଜୀବନଯାପନ କରିବା ଉଚିତ । ଯେଉଁ ସେବା ପାଇଁ ସଂଗଠନ ତୁମକୁ ନିମନ୍ତ୍ରଣ କରୁଛି ତାହା ହେଲା ଆତ୍ମୋନ୍ନତିର ପ୍ରଥମ ସୋପାନ । ସେବା ହେଉଛି ପୁରସ୍କାର ନିର୍ବିଶେଷରେ କାମ କରିବା ପାଇଁ ତୁମର ଇଚ୍ଛାର ଅଭିବ୍ୟକ୍ତି; କାରଣ କାମ ଉପାସନା ଭାବରେ ସମର୍ପିତ । ସେହି ମନୋଭାବ ଅହଂକାରର ଦଂଶନ ଦୂର କରେ ଏବଂ ମନ ଭିତରେ ସମଗ୍ର ସୃଷ୍ଟିରେ ଅନ୍ତର୍ନିହିତ ଦିବ୍ୟତ୍ୱ ସ୍ଥାପନ କରେ । ଏହି ସଂଗଠନ ମାଧ୍ୟମରେ ହେଉ ବା ଅନ୍ୟ ପ୍ରକାରେ, ସମସ୍ତ ଆଧାତ୍ମିକ କାର୍ଯ୍ୟକଳାପର ମୂଳ ହେଉଛି ଭଗବତ୍ ବିଶ୍ୱାସ ।

ସଂଗଠନରେ ଏକ ପଦ୍ଧତି ଓ ଏକ ଶୃଙ୍ଖଳା ରହିବ – ପ୍ରତ୍ୟେକ ସମିତି ସର୍ବ ଭାରତୀୟ ପଦ୍ଧତିର ଅନୁସରଣ କରିବା ଉଚିତ । କୌଣସି ରାଜ୍ୟ ନିଜ ନିଜ ଢଙ୍ଗରେ ବ୍ୟବସ୍ଥା କରି ପାରିବେ ନାହିଁ । ମହୀଶୂର, କେରଳ, ଗୁଜୁରାଟ, ସବୁ ରାଜ୍ୟ ଏକ ପଦ୍ଧତିକୁ ସେମାନଙ୍କ ଆଗରେ ରଖିବେ ଏବଂ ପୃଥକ୍ ବ୍ୟକ୍ତିଗତ ପ୍ରକାରର ସମିତି ପାଇଁ ଅଭିଯାନ କରିବେ ନାହିଁ । ପ୍ରତ୍ୟେକ ସମିତି ବର୍ଷକୁ ବର୍ଷ ସର୍ବ ଭାରତୀୟ ସମ୍ମିଳନୀରେ ନିର୍ଦ୍ଧାରିତ ନୀତି-ନିୟମର ଆଦର ଓ ଅନୁସରଣ କରିବେ ।

ଏହି ସମ୍ମିଳନୀ ତୁମମାନଙ୍କ ପାଇଁ ଦିନେ-ଦୁଇଦିନ ସତ୍ସଙ୍ଗରେ ରହିବା ଏବଂ ଭଗବତ୍ ଅଭିମୁଖୀ ଯାତ୍ରାରେ ଅଧିକ – ଉନ୍ନତି କରିବା ପାଇଁ ତୁମେ ବ୍ୟାଟେରୀକୁ ଚାର୍ଜ କରିବାର ଏକ ସୁଯୋଗ ମାତ୍ର । ଏକରେ ଏକ ମିଶିଲେ ଦୁଇ; ଏକ ପାଖରେ ଏକ ରଖିଲେ ତାହା ହୁଏ ଏଗାର ! ତାହା ହେଉଛି ସତ୍ସଙ୍ଗର ପରିମାପ । ଏହି ସବୁ ଛୋଟ ଛୋଟ ଏକଗୁଡ଼ିକ ସେହି ଏକରେ ବିଲୀନ ହୋଇଯିବା ଉଚିତ । ତାହା ହିଁ ଚରମ ଲକ୍ଷ୍ୟ, ଯାତ୍ରାର ଶେଷ । ବେଦ ମନୁଷ୍ୟକୁ କର୍ମ ମାଧ୍ୟମରେ ଉପାସନାକୁ ଓ ଶେଷରେ ଜ୍ଞାନକୁ ବାଟ ଦେଖାଏ ।

ପ୍ରତ୍ୟେକ ସମିତିର ନେତା, ଅର୍ଥାତ୍ ଆଜିର ସଭାପତି, ସମ୍ପାଦକ ଓ ଅନ୍ୟମାନେ ନିଜେ ଠିକ୍ ବାଟରେ ଚାଲିବା ଓ ଠିକ୍ ହେବା ଉଚିତ । ସେମାନେ ସମସ୍ତେ ପ୍ରତ୍ୟୁଷରେ ଗାଆଁ ବା ସହରର ରାସ୍ତାରେ ନଗର ସଂକୀର୍ତ୍ତନରେ ଯୋଗ ଦେବା ଉଚିତ । ଯଦି ଧନୀ ଓ ପ୍ରଭାବଶାଳୀ ଲୋକମାନେ ଘରେ ବସନ୍ତି ଓ

ଅନ୍ୟମାନଙ୍କୁ ନଗର ସଂକୀର୍ତ୍ତନରେ ଅଂଶଗ୍ରହଣ କରିବାକୁ କହନ୍ତି ତେବେ ଆମର ସେପରି ସଭାପତି ବା କର୍ମକର୍ତ୍ତା ଦରକାର ନାହିଁ । ସେମାନେ ଯେତେ ଧନୀ ହେଲେ ବି ଏପରି ଲୋକମାନଙ୍କ ଉପରେ କୌଣସି ସମିତି ନିର୍ଭର କରିବା ଉଚିତ ନୁହେଁ । ଟଙ୍କା ଆସେ ଓ ଯାଏ; କିନ୍ତୁ ନୈତିକତା ଥରେ ଆସିଲେ ବଢ଼ିଚାଲେ । କତା ଥାଇ ନଡ଼ିଆ ଭାଙ୍ଗିବାକୁ ଚେଷ୍ଟା କର; ଏହା ଏକ ଅସମ୍ଭବ କାର୍ଯ୍ୟ । ତୁମକୁ କତା ଭିତରୁ ନଡ଼ିଆକୁ ବାହାର କରି ଦେବାକୁ ହେବ; ତାହେଲେ ନଡ଼ିଆକୁ ବାଡ଼େଇଲେ ଶସ ପାଇ ପାରିବ । ଐନ୍ଦ୍ରିୟ କାମନାର କତାଗୁଡ଼ିକୁ କାଢ଼ି ଦିଅ, ତାହାହେଲେ ତୁମେ ଆଧାତ୍ମିକ ଆନନ୍ଦର ଶସ ପାଇପାରିବ । ତୁମ ଭିତରୁ ଅନେକ ମୋ ଆଗରେ ମଧ୍ୟ କହୁଛ ଯେ ତୁମେ ତୁମର ସର୍ବସ୍ୱ ମୋ ଇଚ୍ଛା ନିକଟରେ ସମର୍ପି ଦେଇଛ, ଏହା କେବଳ ବାକ୍‌ଚତୁରୀ । ତୁମର ମନ ତୁମ ନିଜର ନୁହେଁ । ତୁମେ ତାହାର କଣ୍ଢେଇ ହୋଇ ତାର ଖିଆଲ ଓ ମର୍ଜି ଅନୁସାରେ ନାଚୁଛ । ତେବେ ତୁମେ ତାହା ମୋତେ ଦେଇଛ ବୋଲି କିପରି ଦାବି କରି ପାରିବ? ତୁମେ ଶରଣାପନ୍ନ ହେବା ବେଳେ ତୁମକୁ ନିଜକୁ ପୂର୍ଣ୍ଣମାତ୍ରାରେ ଦେବାକୁ ହେବ। କିଛି ଧରି ରଖିବାକୁ ହେବ ନାହିଁ । ଆଉ ତୁମେ କାହାକୁ ତୁମ ନିଜର ବୋଲି କହି ପାରିବ, ମୋତେ କ'ଣ ଦେଇ ପାରିବ ? ତୁମର ଶ୍ରଦ୍ଧାଞ୍ଜଳି କାବେରୀ ନଦୀ ଜଳକୁ କାବେରୀରେ ଅର୍ପଣ କରିବା ପରି, ସେଥିରେ କିଛି ବାହାଦୁରୀ ନାହିଁ ।

ତୁମେ ଯେଉଁ ଓଜନ ଯନ୍ତ୍ର ଉପରେ ଠିଆ ହୁଅ ଏବଂ ଗତ ଥର ଅପେକ୍ଷା ତୁମର ଓଜନ ଦଶ ପାଉଣ୍ଡ ବଢ଼ିଛି ବୋଲି ଖୁସି ହୁଅ, ସେହି ଯନ୍ତ୍ର ତୁମର ଖୁସି ଦେଖି ହସିଥାଏ । ସେ ନିଜ ଭିତରେ ପରିହାସ କରେ, "ହୁଁ ତୁମେ ମରିବା ବେଳେ ତୁମର ଶବବାହକମାନଙ୍କ ପାଇଁ ଦଶ ପାଉଣ୍ଡ ଅଧିକ ଓଜନିଆ ହୋଇଯିବ ।" ତୁମେ ପୃଥିବୀକୁ ଆସିଛ, ଏହା ଏକ ଧର୍ମକ୍ଷେତ୍ର । ତେଣୁ ଧର୍ମପରାୟଣ ହୁଅ । ତୁମର ଭାଗ୍ୟ ସୁଖର ଶିଖରରେ ପହଞ୍ଚିବା ନୁହେଁ, ମାତ୍ର ଆନନ୍ଦର ଶିଖରକୁ ଚଢ଼ିବା । କରୁଣା ଓ ନୈତିକତା ତୁମକୁ ଶିଖରରେ ପହଞ୍ଚିବା ପର୍ଯ୍ୟନ୍ତ ଉଚ୍ଚରୁ ଉଚ୍ଚକୁ ନେଇଯିବେ । ତେଣୁ ତୁମର ସବୁଠାରୁ ଛୋଟ କାମରେ ମଧ୍ୟ ଯଥାସାଧ୍ୟ ଏହି ଗୁଣଗୁଡ଼ିକ ଅଭ୍ୟାସ କର । ତୁମେ ସବୁବେଳେ କୃତାର୍ଥ କରି ପାରିବ ନାହିଁ; କିନ୍ତୁ ତୁମେ କୃତାର୍ଥ କରିବା ଭଳି କଥା କହି ପାରିବ ନାହିଁ କି ? ପାରିବ, କିନ୍ତୁ ତୁମେ କହୁନାହଁ ! ଜିଭର କ୍ଷତି ଓ ଆଘାତ କରିବାର ଏକ ଅତିରିକ୍ତ ଶକ୍ତି ଅଛି, ତେଣୁ ତୁମେ ତାହା ଉପରେ ଅତିରିକ୍ତ ନିୟନ୍ତ୍ରଣ କରିବା ଉଚିତ । ତୁମ ବଚନ ଦ୍ୱାରା କାହାରିକୁ କଷ୍ଟ ଦିଅ ନାହିଁ; ପ୍ରେମର ପ୍ରସାରଣ କର; ପ୍ରେମପୂର୍ଣ୍ଣ ହୁଅ । ତୁମେ ଯଦି

ମଣିଷକୁ ଭଲ ପାଇ ନ ପାରିବ ତେବେ ତୁମେ ଭଗବାନଙ୍କୁ ଭଲ ପାଇବାର ଆଶା କିପରି କରି ପାରିବ ?

ଧନ ବା କ୍ଷମତା ଆହରଣ ପ୍ରତି ଉଦାସୀନ ହୁଅ । ଧୃତରାଷ୍ଟ୍ର ତାଙ୍କର ରାଜ୍ୟ ଓ ତାଙ୍କର ଶହେ ପୁଅଙ୍କୁ ଜାବୁଡି ଧରିଥିଲେ; ଶେଷରେ ତାଙ୍କୁ ନିଜର ସିଂହାସନ ହରାଇବାକୁ ପଡ଼ିଲା ଏବଂ ବିନଷ୍ଟ କୁଳର ଏକମାତ୍ର ବ୍ୟକ୍ତି ଭାବରେ ଦୟନୀୟ ଜୀବନ ଯାପନ କରିବାକୁ ପଡ଼ିଲା । ଥରେ ନାରାୟଣଙ୍କ ପତ୍ନୀ ଲକ୍ଷ୍ମୀ ଓ ନାରାୟଣଙ୍କ ବୁଦ୍ଧି, ଜ୍ଞାନ ମଧ୍ୟରେ ଏକ ବଡ ବିବାଦ ହେଲା; ସେମାନେ ପରସ୍ପରକୁ ଅନ୍ୟଠାରୁ ଶ୍ରେଷ୍ଠ ବୋଲି ତର୍କ କରିବାକୁ ଆରମ୍ଭ କଲେ । ଲକ୍ଷ୍ମୀ କହିଲେ, ଧନ ଅଧିକ ଉପଯୋଗୀ; ଜ୍ଞାନ କହିଲେ, ଜ୍ଞାନ ବିନା ଧନ ବିପଜ୍ଜନକ । କିନ୍ତୁ ନାରାୟଣ ହସ୍ତକ୍ଷେପ କଲେ ଓ କହିଲେ ଯେ ଉଭୟ ମନୁଷ୍ୟର ଉପଯୋଗ ଅନୁସାରେ ଭଲ ବା ମନ୍ଦ ହୋଇଥାନ୍ତି ।

ସମିତିମାନଙ୍କରେ ତୁମେ ପାଇଥିବା ପଦବୀର ସର୍ବୋତ୍ତମ ବିନିଯୋଗ କର, ଅର୍ଥାତ୍ ତୁମ ଅହଂକାରକୁ ଅତିକ୍ରମ କର, ଅନ୍ୟମାନଙ୍କୁ ଭଗବତ୍ ଅଭିମୁଖୀ ମାର୍ଗରେ ଯିବା ପାଇଁ ପ୍ରେରିତ କର ଏବଂ ଅସହାୟକୁ ସାହାଯ୍ୟ କର । କରିବାକୁ ହେବ ବୋଲି କିମ୍ବା ନ କଲେ ଆଉ କେହି ତୁମର ପଦ ଅଧିକାର କରି ନେବ ବୋଲି ଭଜନ, ଧ୍ୟାନ ଓ ନଗର ସଂକୀର୍ତ୍ତନର ନୈମିତ୍ତିକ ଧାରାରେ ଯୋଗ ଦିଅ ନାହିଁ । ଅନ୍ୟମାନଙ୍କ ସହିତ ଏଥିରେ ଅଂଶ ଗ୍ରହଣ କର, ତୁମ ହୃଦୟର ଗଭୀରତମ ପ୍ରଦେଶରୁ କାମ କର । କେବଳ କଥାବାର୍ତ୍ତାରେ ନିୟୋଜିତ ହୁଅ ନାହିଁ । ଅନ୍ୟମାନଙ୍କୁ ତୁମେ ଯାହା କରିବାକୁ ନିର୍ଦ୍ଦେଶ ଦେଉଛ ତାହାକୁ ହିତକର ବୋଲି ଜାଣି ଅଭ୍ୟାସ କର ।

ଭଗବାନଙ୍କଠାରେ ବିଲୀନ ହୁଅ; ତୁମର ମନକୁ ଦିବ୍ୟ କାର୍ଯ୍ୟକଳାପରେ ନିୟୋଜିତ କର । ଯେଉଁଥିରେ ସମସ୍ତେ ବିଲୀନ ହୁଅନ୍ତି, ଯେଉଁଠାକୁ ସମସ୍ତେ ଅଗ୍ରଗତି କରନ୍ତି ତାହା ହେଉଛି ଲିଙ୍ଗ । ଭଗବାନଙ୍କୁ ଚିତ୍ତଚୋର ବୋଲି କୁହାଯାଏ । ସେ ଚିତ୍ତକୁ ଭଲ ପାଉଥିବାରୁ ଏପରି କରନ୍ତି ବୋଲି ତୁମେ ଜାଣିଥିବା ବେଳେ ଚିତ୍ତକୁ ନିର୍ମଳ ରଖିବା ତୁମର କର୍ତ୍ତବ୍ୟ, ଯଦ୍ଦ୍ୱାରା ସେ ତାଙ୍କର ଚୋରି ଦ୍ରବ୍ୟ ପାଇଁ ଅଧିକ ଖୁସି ହେବେ । ସେହି ଚୋର ହେଉଛନ୍ତି ତୁମର ଏକମାତ୍ର ଶୁଭେଚ୍ଛୁ । ଅନ୍ୟ ସମସ୍ତେ ତୁମେ ମଲା ପରେ କ'ଣ ଛାଡି ଯାଇଛ ସେଥିପାଇଁ ଆଗ୍ରହୀ; ସେମାନେ ତୁମର 'ଉଇଲ' ଓ 'ବୀମା କାଗଜ' ଖୋଜନ୍ତି ।

ଉଦାହରଣ ସ୍ୱରୂପ, ଅନେକ ସମିତି ଏବେ କରୁଥିବା ଦରିଦ୍ର ଭୋଜନ କଥା ବିଚାର କର । ତୁମେ ବର୍ଷକୁ ଥରେ ତୁମ ସମିତିର ବାର୍ଷିକ ଉତ୍ସବ ଦିନ ଏହି ଭୋଜନର ବ୍ୟବସ୍ଥା କରୁଛ; କିନ୍ତୁ ତାହା ଯଥେଷ୍ଟ କି ? ତାହା ସମସ୍ୟାର ସମାଧାନ କରେ କି ?

ସେମାନେ ବର୍ଷକୁ ଥରେ ଖାଆନ୍ତି କି ? ସେମାନଙ୍କୁ ତୁମ ପରି ଦିନକୁ କେତେଥର ଖାଇବାକୁ ହୁଏ । ମୁଁ ତୁମକୁ ପଚାରୁଛି - ବର୍ଷକୁ ଥରେ ଶହ ଶହ ଲୋକଙ୍କୁ ଖାଇବାକୁ ଦେବା ଅପେକ୍ଷା ପ୍ରତ୍ୟେକ ଗୃହିଣୀ ପ୍ରତିଦିନ ପରିବାର ପାଇଁ ଭାତ ରାନ୍ଧିବାକୁ ଯିବାବେଳେ ମୁଠାଏ ଚାଉଳ ସ୍ୱାମୀଙ୍କ ନୈବେଦ୍ୟ ଭାବରେ ଅଲଗା ରଖନ୍ତୁ ଆଉ ସପ୍ତାହ ଶେଷରେ ଘରେ ତିନି-ଚାରିଜଣ କ୍ଷୁଧାର୍ତ୍ତଙ୍କୁ ସେହି ନୈବେଦ୍ୟ ଚାଉଳ ଖାଇବାକୁ ଦିଆଯାଉ । ଏହା ହେଉଛି ଭାତ ମାଧ୍ୟମରେ ସନ୍ତୋଷ ପ୍ରଦାନ କରୁଥିବା ପ୍ରକୃତ ଅନ୍ନଦାନ । ନୂଆ ଲୁଗା ନ ମିଳିବା ବେଳେ ବା ତୁମର ସାଧ ବହିର୍ଭୂତ ହେବା ବେଳେ ପୁରୁଣା ଲୁଗା ସଂଗ୍ରହ କରି ଗରିବମାନଙ୍କୁ ଦିଆଯାଇପାରେ । ପିଲାମାନଙ୍କର ପୋଷାକ ଶୀଘ୍ର ଛୋଟ ହୋଇଯାଏ, ସେଗୁଡ଼ିକୁ ଅଲଗା ରଖ ଓ ଗରିବ ଅଞ୍ଚଳର ପିଲାମାନଙ୍କୁ ଦିଅ । ପ୍ରସାରଣ ହିଁ ପ୍ରେମ; ସଙ୍କୋଚନ ହେଉଛି ମୃତ୍ୟୁ ।

ସତ୍ୟସାଇ ସଂଗଠନ ଓ ଏହାର ଶାଖାଗୁଡ଼ିକ ବାହାର ଲୋକମାନଙ୍କଠାରୁ ଧନ ବା ଦ୍ରବ୍ୟ ସଂଗ୍ରହ କରିବା ଉଚିତ ନୁହେଁ । ଏହି ଆନ୍ଦୋଳନରେ ଅର୍ଥସଂଗ୍ରହ ପାଣିକୁ ନିଆଁ ପରି ବିପରୀତ ଅଟେ । ତୁମେ ଏହି କଥାରେ ମନ ଦେଲେ ଆଧ୍ୟାତ୍ମିକ ଅଗ୍ରଗତି ଧ୍ୱଂସ ହୋଇଯିବ । କେବଳ ସଦସ୍ୟମାନେ ଦିଅନ୍ତୁ; ଯେ କୌଣସି ଲୋକକୁ କିମ୍ବା ସମିତି ବା ମଣ୍ଡଳୀର ସଦସ୍ୟ ହୋଇ ନଥିବା କାହାରିକୁ ମାଗ ନାହିଁ ।

ତୁମ ଘରକୁ ମିଥ୍ୟା, ପ୍ରବଞ୍ଚନା ଓ କ୍ରୂରତାରୁ ମୁକ୍ତ କର ଏବଂ ତାପରେ ବାଳବିକାଶ ଆରମ୍ଭ କର । ନହେଲେ ପିଲାମାନେ ସଂକ୍ରମିତ ହେବେ । ଅଧିକାର ହାସଲ କରିବା ପାଇଁ ବା ଅନ୍ୟମାନଙ୍କୁ ସେହି ପଦରୁ ହଟାଇବା ପାଇଁ ରାଜନୈତିକ ବିବାଦ, ଗୋଷ୍ଠୀ ଗଠନ, କୁତ୍ସାରଟନା, ଭୋଟ ହାସଲକୁ ସତ୍ୟସାଇ ସଂଗଠନ ଭିତରକୁ ଆଣ ନାହିଁ । ଅନ୍ୟମାନଙ୍କ ଉପରେ ତୁମର ମହତ୍ତ୍ୱ ପ୍ରତିଷ୍ଠା କରିବା ସକାଶେ ଭକ୍ତମାନଙ୍କ ମଧ୍ୟରେ ବିଭାଜନ ଓ ଗୋଷ୍ଠୀ ସୃଷ୍ଟି କର ନାହିଁ । ତୁମର ନିନ୍ଦା କରାଗଲେ ବି ତୁମେ ସମତା ହରାଇବା ଉଚିତ ନୁହେଁ । ନିନ୍ଦା ଓ ଅପମାନକୁ ସହିଯାଅ । କ୍ରୋଧ ହେଉଛି ଆଧ୍ୟାତ୍ମିକ ସାଧନାରେ ପରମ ଶତ୍ରୁ, ଯାହା ବିଶ୍ୱାମିତ୍ର ଆବିଷ୍କାର କରିଥିଲେ । ଥରଟିଏ ରାଗିଲେ ତିନି ମାସର ସ୍ୱାସ୍ଥ୍ୟ ଓ ଦକ୍ଷତା ନଷ୍ଟ ହୋଇଯାଏ ।

ତୁମେ ଯାହା କର ବା କହ ନା କାହିଁକି ଭଗବାନ ଏବଂ ତାଙ୍କର ସର୍ବବ୍ୟାପୀ ପ୍ରେମ ସମ୍ବନ୍ଧରେ ସଚେତନ ହୁଅ । ମୁଁ ସେହି ସର୍ବୋତ୍ତମ ଉପଦେଶ ସେବାଦଳ ସଦସ୍ୟମାନଙ୍କୁ ଦେଇ ପାରିବି ।

♦♦♦

ସେ ମଧ୍ୟ ସେ

ଲୋକମାନେ ଦାନ ଦ୍ୱାରା ପୁଣ୍ୟ ସଂଗ୍ରହ କରିବାକୁ ଆଶା କରନ୍ତି; କେତେକ ତପଃକୁ ଶ୍ରେଷ୍ଠ ମନେ କରନ୍ତି, କେତେକ ସେମାନଙ୍କ ବିଶ୍ୱାସର ଦୃଢ଼ ଅନୁଶୀଳନ କରନ୍ତି । ସେମାନେ ଭାବନ୍ତି ଯେ ଦିବ୍ୟ କୃପା ଲାଭ ପାଇଁ ଏହା ଏକ ଶାଶ୍ୱତ ମାର୍ଗ, ଏକ ଉତ୍ତମ ମାର୍ଗ । କିନ୍ତୁ ଏସବୁ ଏବଂ ଏପରିକି ଉଚ୍ଚ ପ୍ରଶଂସିତ ସତ୍ୟ ଓ ଧର୍ମର ମାର୍ଗ ମଧ୍ୟ ତ୍ୟାଗ ମାଧ୍ୟମରେ ସେବା ମାର୍ଗ ପରି ଏତେ ଫଳପ୍ରଦ ନୁହେଁ ।

ଦିବ୍ୟାତ୍ମାସ୍ୱରୂପଗଣ !ଶିବ ସର୍ବବ୍ୟାପୀ; ସେ ସବୁ ଜୀବନର ଅନ୍ତଃପ୍ରେରକ । ସେ ସର୍ବଦା, ପବିତ୍ର, ଆମର ଅନ୍ତଃରାଜ୍ୟରେ ତଥା ଆମର ଚତୁଃପାର୍ଶ୍ୱରେ ବିଦ୍ୟମାନ । ଏହି ମୌଳିକ ସତ୍ୟକୁ ପ୍ରତ୍ୟେକ ସେବାଦଳ ସଦସ୍ୟ ଦୃଢ଼ ଭାବରେ ବିଶ୍ୱାସ କରିବା ଉଚିତ ଏବଂ ଉପଲବ୍ଧି କରି ସେ ସମସ୍ତଙ୍କ ପ୍ରତି ବିନୟୀ ଓ ଆଦରଶୀଳ ହେବା ଉଚିତ । ତୁମର ବାସନା, ଆବେଗ, ପ୍ରବୃତ୍ତି ଓ ବୌଦ୍ଧିକ ସଂଶୟ ପ୍ରଭୃତିକୁ ବିଭିନ୍ନ ବିପରୀତ ପ୍ରବାହଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ଯାହା ହେଲେ ବି ସାହସର ସହିତ ସେଗୁଡ଼ିକୁ ସହନ କର ଏବଂ ପ୍ରାର୍ଥନା ଓ ଧ୍ୟାନ ବଳରେ ସେଗୁଡ଼ିକୁ ଅତିକ୍ରମ କର ।

ତୁମର ବିଶ୍ୱାସ ଦୃଢ଼ ହୋଇଛି ଏବଂ ତୁମର ସେବାଭାବ ପୂର୍ଣ୍ଣ ସାର୍ବଜନୀନ ବୋଲି ସୁନିଶ୍ଚିତ ହେବା ପାଇଁ ପ୍ରଭୁ ମଧ୍ୟ ଅନେକ ପରୀକ୍ଷା କରିବେ । ଏହି ସେବା ସାଧନାରେ ଦୁର୍ବଳ ସାଧକମାନେ ଖୁବ୍ ଶୀଘ୍ର ଏହି ପରୀକ୍ଷାଗୁଡ଼ିକ ଦ୍ୱାରା ବିଚଳିତ ହୋଇଯାନ୍ତି; ସେମାନେ ଠିକ୍ ବାଟରୁ ଦୂରେଇ ଯାଆନ୍ତି; ସେମାନେ ନିଜ ଉପରୁ ସେମାନଙ୍କର ଅଧିକାର ହରାଇ ବସନ୍ତି । ସେଥିପାଇଁ ସେମାନଙ୍କର ଆଧ୍ୟାତ୍ମିକ ସାଧନାକୁ ନଷ୍ଟ କରିବା ପାଇଁ ଅପେକ୍ଷା କରି ରହିଥିବା ଶତ୍ରୁମାନେ ଯଥା - କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟର ଷଡରିପୁ ସେମାନଙ୍କର ଅନ୍ତଃପ୍ରବୃତ୍ତିଗୁଡ଼ିକୁ ଅଧିକାର କରି ପକାନ୍ତି ଏବଂ ସେମାନଙ୍କୁ ପାର୍ଥିବ ଓ ଭୌତିକ ପ୍ରବୃତ୍ତିର ଦାସ କରି ପକାନ୍ତି । ଏକାତ୍ମା ସର୍ବଭୂତାନ୍ତରାତ୍ମା-ଏହି ବିଶ୍ୱାସର ଆଭାରେ ଦୀପ୍ତିମନ୍ତ ସେବାଦଳ ସଦସ୍ୟ ନିଜ ପରିବାରର ସଦସ୍ୟମାନଙ୍କୁ, ପଡ଼ୋଶୀମାନଙ୍କୁ, ସେ ଚଳୁଥିବା ସମାଜକୁ ଏବଂ ତାର ସମ୍ପୂର୍ଣ୍ଣ ଦେଶକୁ ରୂପାନ୍ତରିତ କରି ଦେଇପାରେ । ତାର ପ୍ରେମ ଓ ଆଲୋକ ତାକୁ ଅଯାଚିତ ଭାବରେ ବହୁ ସମ୍ମାନଜନକ ଦୃଷ୍ଟି ପ୍ରଦାନ କରନ୍ତି ।

ସେବାର ପୂର୍ବକାର୍ଯ୍ୟ ଭାବରେ ତୁମକୁ ଚିତ୍ତଶୁଦ୍ଧି ଲାଭ କରିବାକୁ ହେବ । ତୁମେ ତୁମର ମନୋଭାବ ଓ ନୈପୁଣ୍ୟ, ତୁମର ଅଭିପ୍ରାୟ ଓ ଯୋଗ୍ୟତାକୁ ପରୀକ୍ଷା କରିବା ଉଚିତ ଏବଂ ତୁମେ ସେବା ମାଧ୍ୟମରେ କ'ଣ ହାସଲ କରିବାକୁ ଆଶା କରୁଛ ତାହା ଆବିଷ୍କାର କରିବା ଉଚିତ । ତୁମେ ଅହଙ୍କାରର ଚିହ୍ନବର୍ଣ୍ଣ କିମ୍ବା ଏପରିକି

ଯଶ ଓ ସ୍ୱାମୀଙ୍କ ନିକଟରେ ରହିପାରିବାର ଆଶା ମଧ ଦୂର କରିବା ଉଚିତ । ତୁମର ସୁଖସୁବିଧା ପାଇଁ କିଛି ବସ୍ତୁ ଅଧିକାର କରିବା ସକାଶେ କିମ୍ବା ତୁମର ବନ୍ଧୁବାନ୍ଧବ ବା ଆତ୍ମୀୟ ସ୍ୱଜନଙ୍କ ଉପରେ ବଡ଼ିମା ଦେଖାଇବା ପାଇଁ ଯଦି ତୁମର ଅଦମ୍ୟ ଲାଳସା ଥାଏ ତେବେ ତୁମେ ଶୀଘ୍ର ସେବାଦଳ ଛାଡିଦେବା ଭଲ ।

ମୁଁ ବାରମ୍ବାର ଦେଉଥିବା କେତୋଟି ମୌଳିକ ନିର୍ଦ୍ଦେଶ କଥା ତୁମେ ଶୁଣିଛ । ତୁମେ ସେଗୁଡ଼ିକ ଜୀବନ ପାଇଁ ନିର୍ଦ୍ଦେଶ ଭାବରେ ଗ୍ରହଣ କରିବାକୁ ମୁଁ ତୁମକୁ କହି ଆସୁଛି । 'କର୍ତ୍ତବ୍ୟ ହିଁ ଈଶ୍ୱର, କର୍ମ ହିଁ ଉପାସନା' । ଆଉ ଗୋଟିଏ ନୀତିବାକ୍ୟ ହେଲା, 'ବନସ୍ତରେ ମସ୍ତକ, ସମାଜରେ ହାତ' । ପବିତ୍ର ଓ ହିତକର, ଅହଂକାର ଓ ଲୋଭ ଦ୍ୱାରା ଅକଳୁଷିତ କାର୍ଯ୍ୟ କର । ଦିବ୍ୟ ଲକ୍ଷ୍ୟସ୍ଥଳ ଆଡ଼କୁ ପବିତ୍ର ତୀର୍ଥଯାତ୍ରା ଆରମ୍ଭ କର ଏବଂ ତୁମ ଜୀବନର ପ୍ରତିଟି ମୁହୂର୍ତ୍ତକୁ ପବିତ୍ର ଓ ସାର୍ଥକ କର । ତା'ହେଲେ ନିଶ୍ଚିତ ଭାବରେ ଏହି ପୃଥିବୀ ଏକ କର୍ମକ୍ଷେତ୍ର ଓ ଧର୍ମକ୍ଷେତ୍ରରେ ରୂପାନ୍ତରିତ ହେବ । ଦଳର ଜଣେ ସଦସ୍ୟ ଦ୍ୱାରା କରାଯାଇଥିବା ସେବାର ବିଚାର କରିବା ବେଳେ ପରିଣାମ ବା ବ୍ୟକ୍ତିଗତ ଘଟଣାର ସଂଖ୍ୟାରେ କିଛି ଯାଏ ଆସେ ନାହିଁ; ସେଗୁଡ଼ିକର ଆଦୌ ମୂଲ୍ୟ ନାହିଁ । ବରଂ ସେବା କରିବାର ମନୋବୃତ୍ତି, ସେବାରେ ଓତପ୍ରୋତ ଥିବା ପ୍ରେମ ଓ କରୁଣାର ଆନ୍ତରିକତାକୁ ବିଚାର କର ! ତୁମେ କୈଫିୟତ ଦେଇପାର ଯେ ତାହା ତୁମର କର୍ତ୍ତବ୍ୟ ଥିଲା, ତେଣୁ ତୁମକୁ ତାହା କରିବାକୁ ପଡ଼ିଲା । ତୁମେ କହିପାର ଯେ ଏହା ଏକ ଦାୟିତ୍ୱ ଯାହା ତୁମ ଉପରେ ସ୍କାର୍ଫ୍ ଓ ବ୍ୟାଜ୍ ଦ୍ୱାରା ଲଦି ଦିଆଯାଇଛି । କିନ୍ତୁ ସ୍ୱାମୀଙ୍କୁ ଯେଉଁ କୈଫିୟତ ଭଲ ଲାଗେ ତାହା ହେଲା ଯେ ତୁମେ ଅହଂକାରର ଚିହ୍ନବର୍ଣ୍ଣ ନ ରଖି ସେବା କରିଛ ଏବଂ ତାହା ଫଳରେ ତୁମେ ପରମ ଆନନ୍ଦ ଲାଭ କରିଛ । ଯେ କୌଣସି ସେବାର ପୂର୍ବକାର୍ଯ୍ୟ ଭାବରେ ତୁମକୁ ଅହଂକାରୀ ପ୍ରବୃତ୍ତିର ଉନ୍ମୂଳନ, ସମସ୍ତ ନିଜ ପର ଭାବନାର ପରିତ୍ୟାଗ ଏବଂ ଗରିବ ଓ ଅଭାଗାମାନଙ୍କର ସେବା କରୁଛ ବୋଲି ଗର୍ବ ଭାବନାକୁ ପୋଡି ପାଉଁଶ କରିଦେବାକୁ ହେବ । ମୁଁ ଦେଖୁଛି ଯେ ସେବାଦଳ ସଦସ୍ୟମାନେ କ୍ୱଚିତ୍ ଏହି ସ୍ତରକୁ ଉଠୁଛନ୍ତି । ସେମାନେ ସେମାନଙ୍କ ହୃଦୟରେ ଏବେ ବି ଅହଂକାରର କଣ୍ଟାବୁଦା ବଢାଉଛନ୍ତି ଏବଂ କଣ୍ଟାଗୁଡ଼ିକ ଅନ୍ୟମାନଙ୍କ ଅପେକ୍ଷା ସେମାନଙ୍କୁ ନିଶ୍ଚୟ ଅଧିକ ଆଘାତ କରିବ । ଅହଂକାର ଓ ମମକାର ଭାବନା ହିଁ ପୃଥିବୀରେ ସମସ୍ତ ଦୁର୍ଦ୍ଦଶାର ମୂଳ କାରଣ ।

ବିନମ୍ରତା ଓ ଆଜ୍ଞାନୁବର୍ତ୍ତିତା, ଶୃଙ୍ଖଳା ଓ ସହାନୁଭୂତି ଅଭ୍ୟାସ କରିବାକୁ ପାଶ୍ଚାତ୍‌ପଦ ହୁଅ ନାହିଁ । ତୁମର ମର୍ଯ୍ୟାଦା, ଧନ, ବିଦ୍ୱତ୍ତା ବା ପଦ-ପଦବୀର ଗର୍ବ

ତ୍ୟାଗ କର । "ମୁଁ ଏତେ ବଡ ଅଫିସର, ଧନୀ ବଣିକ, ମହାପଣ୍ଡିତ, ସମାଜରେ ଉଚ୍ଚ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତି ହୋଇ ଏହି ଅସହାୟ ଲୋକଟିର ଅନ୍ତରଙ୍ଗ ହେବା ଭଳି ସ୍ତରକୁ ଖସି ଆସି ପାରିବି କି ?" ଏପରି ନିର୍ବୋଧ ପ୍ରଶ୍ନ ପଚାର ନାହିଁ । ତୁମେ ଯେଉଁ ଯୋଗ୍ୟତା ପାଇଁ ଗର୍ବ କରୁଛ ସେପରି ପ୍ରତ୍ୟେକ ଲୋକ ଶୀଘ୍ର ହେଉ ବା ବିଳମ୍ବରେ, ମୃତ୍ୟୁ ସହିତ ଉଭେଇ ଯିବେ । ତୁମେ ଯେଉଁ ଆନନ୍ଦ ଦେଉଛ, ତୁମେ ଯେଉଁ ପ୍ରେମ ବାଣ୍ଟୁଛ, ଏଗୁଡ଼ିକ ହିଁ ତୁମର ସ୍ଥାୟୀ ସମ୍ପତ୍ତି ହେବ ।

ଆଧ୍ୟାତ୍ମିକ ଆକାଂକ୍ଷା ଦ୍ୱାରା ପ୍ରେରିତ ହୋଇ ନ ଥିବା ଅନ୍ୟମାନେ ତୁମକୁ ଥଟ୍ଟା କରିପାରନ୍ତି, ତୁମ କାର୍ଯ୍ୟର ପରିହାସ କରିପାରନ୍ତି ଏବଂ ଏପରିକି ତୁମ ବାଟରେ ପ୍ରତିବନ୍ଧକ ସୃଷ୍ଟି କରିପାରନ୍ତି । କିନ୍ତୁ ତୁମର ସାହସ ହରାଅ ନାହିଁ ବା ଏପରି ଲୋକଙ୍କୁ ଘୃଣା କର ନାହିଁ । କ୍ରୋଧ ପ୍ରକଟ କର ନାହିଁ । ପ୍ରତ୍ୟେକ ମନୁଷ୍ୟ ଭିତରେ ଅନ୍ତର୍ନିହିତ ଦିବ୍ୟତ୍ୱକୁ ଲକ୍ଷ୍ୟ କର; ତାହା ତୁମକୁ ଶାନ୍ତି ଓ ସହିଷ୍ଣୁତା ପ୍ରଦାନ କରିବ । ଏକ ଉପରେ ଧ୍ୟାନ ଦିଅ, ଯାହା ଅନେକର ସତ୍ୟ ଅଟେ । ତୁମେମାନେ ରାଜ୍ୟ ଅନୁସାରେ ଦଳ ଦଳ ହୋଇ ଆଲୋଚନା କରିଛ ଏବଂ ସେବାର ପ୍ରକାର ବିଷୟରେ କୌଣସି ନିଷ୍କର୍ଷରେ ପହଞ୍ଚିଛ । ଏଗୁଡ଼ିକ ବର୍ତ୍ତମାନ ଉପସ୍ଥାପିତ କରାଗଲା । ଦିଲ୍ଲୀର ରାଜେଶ ଖାନ୍ନା ଛୋଟ ପ୍ରାଥମିକ ଚିକିତ୍ସା ବାକ୍‌ସ ଦେଖାଇଲେ ଯାହା ପ୍ରତ୍ୟେକ ସେବାଦଳ ସଦସ୍ୟ ପକେଟରେ ନେଇପାରିବ, ତଦ୍ୱାରା ଯେ କୌଣସି ଅଘଟଣ ପାଇଁ ଯେ କୌଣସି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ପାରିବ । ଏହା ପ୍ରକୃତରେ ଏକ ଉତ୍ତମ ପରିକଳ୍ପନା, ଯାହା ଅନ୍ୟ ରାଜ୍ୟମାନଙ୍କ ଦ୍ୱାରା ଗ୍ରହଣ କରାଯାଇ ପାରେ । ସ୍ୱାସ୍ଥ୍ୟ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ, ସବୁ ପ୍ରକାର କାର୍ଯ୍ୟକଳାପ ପାଇଁ ପ୍ରାଥମିକ ଆବଶ୍ୟକତା । ଏହାର ବିରୁଦ୍ଧାଚରଣ କରୁଥିବା ଯେ କୌଣସି କ୍ଷତ ବା ରୋଗକୁ ପ୍ରେମପୂର୍ଣ୍ଣ ଯତ୍ନର ସହିତ ଚିକିତ୍ସା କରିବା ଉଚିତ । କିନ୍ତୁ ଏସବୁ ସାହାଯ୍ୟ ଅପେକ୍ଷା ଆଉ ଏକ ପ୍ରକାର ସେବା ବେଶୀ ଦରକାର । ଅନ୍ତରର ପକେଟ ଭିତରେ ବିବେକର କିଛି ବଟିକା, ଏକ ବା ଦୁଇ ଆଉନ୍‌ସ ଇନ୍ଦ୍ରିୟସଂଯମ ଏବଂ ପ୍ରେମ ଓ ସହିଷ୍ଣୁତାର ମିଶ୍ରଣରେ ପ୍ରସ୍ତୁତ କିଛି ପାଉଡର ପୁଡ଼ିଆଥିବା ବାକ୍‌ସଟିଏ ରଖ । ଅନ୍ୟମାନଙ୍କଠାରେ ଏବଂ ନିଜଠାରେ ସାହସ ଓ ସହାନୁଭୂତି ବପନ କରିବା ପାଇଁ ଏହି ବାକ୍‌ସର ଉପଯୋଗ କର ।

ଇନ୍ଦ୍ରିୟସଂଯମ ତୁମକୁ ରିପୁକବଳରୁ ରକ୍ଷା କରିବ । ଭାବ ନାହିଁ ଯେ ତୁମେ ସେଗୁଡ଼ିକ ଦ୍ୱାରା ବିଭୂଷିତ ହୋଇଛ, ତେଣୁ ସେମାନଙ୍କର ମୁକ୍ତ କାର୍ଯ୍ୟକଳାପ ଦ୍ୱାରା ତୁମର କିଛି କ୍ଷତି ହେବ ନାହିଁ । କାର୍‌ଟି ତୁମ ନିଜ କାମରେ ପଞ୍ଜୀକୃତ ହୋଇଛି ଓ ତୁମେ ନିଜେ ଚଳାଉଛ, କିନ୍ତୁ ତୁମେ ଯଦି ଯଥା ସମୟରେ ବ୍ରେକ୍

ପ୍ରୟୋଗ ନ କର ତେବେ ଦୁର୍ଘଟଣା ନିଶ୍ଚୟ ଘଟିବ । ତୁମ ଦେହକୁ କାର୍ ସହିତ ତୁଳନା କରାଯାଇପାରେ । ତୁମ ଆଖିଗୁଡ଼ିକ ଆଲୁଅ, ତୁମ ପେଟଟି ପେଟ୍ରୋଲ ଟାଙ୍କି, ତୁମ ପାଟିଟି ହର୍ଣ୍ଣ, ମନ ଷ୍ଟିୟରିଙ୍ଗ୍, ଚକଗୁଡ଼ିକ ହେଲା ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଟାୟାର ଭିତରେ ଥିବା ପବନ ହେଲା ବିଶ୍ୱାସ, ବୁଦ୍ଧି ହେଲା ସୁଇଚ୍ ।

ହୃଦୟ ନିର୍ମଳ ରହିଲେ ହିଁ ସେବାର ଅନ୍ୟନାମ ବ୍ୟକ୍ତି ପୂଜା ଅଳ୍ପ ଲାଭରେ କରାଯାଇପାରେ । ସେବକର ମନ ଯଦି ନିର୍ମଳ ନ ଥାଏ ତେବେ ଜଣେ ଲେଖୁଥିବା ଓ କହୁଥିବା ବିଭିନ୍ନ ପ୍ରକାର ସେବା କେବଳ ଫମ୍ପା ଶବ୍ଦ । ଆନନ୍ଦରେ ଉଦ୍‌ବେଳିତ ହୃଦୟ ଓ ପ୍ରେମରେ ଓତପ୍ରୋତ ମନର ସହିତ ଟିକିଏ ନିଃସ୍ୱାର୍ଥପର ସେବା କର । ତାହା ଗର୍ବ ଓ ଆଡମ୍ବର ସହିତ ଗ୍ରହଣ କରାଯାଇଥିବା ବିଶାଳ ପ୍ରକଳ୍ପଗୁଡ଼ିକ ଅପେକ୍ଷା ଅଧିକ କୃପା ଆନୟନ କରିବ ।

ଆଜି କାଲି ଦେବ-ଦେବୀଙ୍କ ଉପରେ ବିଶ୍ୱାସ କମିଗଲାଣି । ସେମାନେ ଲକ୍ଷ୍ୟ ଆଗରେ ଅଧସ୍ତନ ହୋଇଗଲେଣି । ସଦୁପାୟରେ ହେଉ ବା ଅସଦ୍ ଉପାୟରେ ସଫଳତା ଦରକାର; ଅସଦ୍ ଉପାୟକୁ ପ୍ରଥମେ ଗୁରୁତ୍ୱ ଦିଆଯାଉଛି । ପଦାଧିକାରର ଦୁରୁପଯୋଗ, ଅଜ୍ଞାନ ଓ ନିରୀହ ଲୋକଙ୍କୁ ବାଟ ଛାଡିଦେବା ପାଇଁ ଧମକ, ଲୋକମାନଙ୍କର ନୈତିକ ବଳର ଅବମୂଲ୍ୟନ ପାଇଁ ଭୟ ଓ ନିରାଶାର ବାତାବରଣ ସୃଷ୍ଟି କରିବା - ଏଗୁଡ଼ିକ ସମ୍ମାନଜନକ ଉପାୟ ହୋଇଯାଇଛି । ଆପତ୍ତିଜନକ ଉପାୟରେ ଲାଭ କରାଯାଇଥିବା ଜୟ ପରାଜୟ ଭଳି ଲଜ୍ଜାଜନକ; ସାଧୁ ଓ କରୁଣାପୂର୍ଣ୍ଣ ଉପାୟରେ କାମ କରିବା ବେଳେ ମିଳୁଥିବା ପରାଜୟକୁ ଜୟ ଭଳି ସ୍ୱାଗତ କରିବାକୁ ହେବ । ତୁମେ ସତ୍‌ପଥରୁ ବିଚ୍ୟୁତ ନ ହେଲେ, ସତ୍ୟକୁ ଦୃଢ଼ ଭାବରେ ଧରି ରଖିଲେ ଏବଂ ସାହସ ନ ହରାଇଲେ ତୁମର ବିଫଳତା ସଫଳତା ସହିତ ସମାନ । ସେବାଦଳ ସଦସ୍ୟମାନେ ଯନ୍ତ୍ରମନା ଓ ଯାନ୍ତ୍ରିକ ହେବା ଉଚିତ ନୁହେଁ । ସେମାନଙ୍କର ଯନ୍ତ୍ର ଉପରେ ନୁହେଁ, ମନ୍ତ୍ର ଉପରେ ବିଶ୍ୱାସ ରହିବା ଉଚିତ ଏବଂ ସେମାନେ ପ୍ରତ୍ୟେକ ମନୁଷ୍ୟକୁ ଭଗବାନଙ୍କର ମୂର୍ତ୍ତିମନ୍ତ ରୂପ ବିଚାରିବା ଉଚିତ । ତୁମେ ସଳଖ ଓ ଲମ୍ବ ବାଉଁଶଟିଏ ବାଛିଥାଅ । କିନ୍ତୁ ଆଖୁଟିଏ ବାଛିବା ବେଳେ ତୁମେ ତାହାର ମିଠା ରସ ପ୍ରତି ଧ୍ୟାନ ଦେଇଥାଅ । ସେହିପରି ପ୍ରତ୍ୟେକ ବ୍ୟକ୍ତି ଭିତରେ ଦିବ୍ୟତ୍ୱ ସମ୍ବନ୍ଧରେ ସଚେତନ ହୋଇପାରୁଥିବା ଆଧ୍ୟାତ୍ମିକ ସାଧନା ଛଡା ଅନ୍ୟ କୌଣସି ଯୋଗ୍ୟତା ଦେଖି ସେବାଦଳ ସଦସ୍ୟ ଚୟନ କର ନାହିଁ ।

ମୁଁ ଆଉ ଗୋଟିଏ ଆଦର୍ଶ ବାକ୍ୟ ଦ୍ୱାରା ମଧ୍ୟ ଉପଦେଶ ଦିଏ - "ତୁମେ କୃତାର୍ଥ କରି ନ ପାରିଲେ ମଧ୍ୟ କୃତାର୍ଥ କରିବା ଭଳି କଥା କହି ପାରିବ ।" ଏହାର

ଅର୍ଥ ତୁମର ବଚନକୁ ବ୍ୟଙ୍ଗ ଓ ବିଦ୍ରୂପରୁ ବଂଚିତ କରିବାକୁ ହେବ ଏବଂ ନିଷ୍ପାପର ଓ ମଧୁର ହେବାକୁ ପଡ଼ିବ । କାର୍ଯ୍ୟପଦ୍ଧତି ଓ କାର୍ଯ୍ୟକ୍ରମ ବିଷୟରେ ତୁମର ସହକର୍ମୀମାନଙ୍କ ସହିତ ମତଭେଦ ହୋଇପାରେ; କିନ୍ତୁ ତାହା ସେମାନଙ୍କ ହୃଦୟରେ ଦାଗ ଲଗାଇବା ଉଚିତ ନୁହେଁ । ଏହି ସଂଗଠନର କର୍ମକର୍ତ୍ତାମାନେ ନିଜେ ଆଘାତ ସହୁଥିବା ନେତା, ଅନ୍ୟମାନଙ୍କୁ ଚଳାଇବା ପାଇଁ ଚାହୁଁଥିବା ବାଟରେ ଚାଲୁଥିବା ମାର୍ଗଦର୍ଶକ ଅଟନ୍ତି । ସେମାନେ ଆଜ୍ଞା ବା ଦଣ୍ଡ ଦେବେ ନାହିଁ; ସେମାନେ କେବଳ ପ୍ରେରଣା ଓ ଉପଦେଶ ଦେଇ ପାରିବେ । ଏହି ସଂଗଠନର ପ୍ରତ୍ୟେକ ଶାଖା ସହିତ ସତ୍ୟସାଇ ନାମ ସଂଯୁକ୍ତ । ସତ୍ୟସାଇ ହିଁ ପ୍ରତ୍ୟେକ ଶାଖାର ପ୍ରତ୍ୟେକ କାର୍ଯ୍ୟକୁ ପ୍ରେରଣା ଦିଅନ୍ତି । ତୁମ ଭିତରୁ ଅନେକ ଏହି କଥାକୁ ବୁଝ ନାହିଁ, ସାଇ ପ୍ରତ୍ୟେକ କର୍ମୀର ଅନ୍ତଃପ୍ରେରଣା ଓ ଜ୍ୟୋତି । ସଦସ୍ୟ ବା କର୍ମକର୍ତ୍ତାମାନଙ୍କର ଖିଆଲ ଓ ଇଚ୍ଛା ଅନୁସାରେ ବିଭାଗଗୁଡ଼ିକ କାର୍ଯ୍ୟ କରିପାରିବେ ବୋଲି ଅନୁଭବ କରିବା ଉଚିତ ନୁହେଁ । ପ୍ରତ୍ୟେକ ଅନ୍ୟ ଉପରେ ନିର୍ଭରଶୀଳ । ପାଦରେ କଣ୍ଟା ପଶିଲେ ଆଖିରୁ ଲୁହ ଝରେ । ଦିବ୍ୟତ୍ୱ ଶରୀରରେ ଶାରୀରିକ, ମାନସିକ ଓ ବୌଦ୍ଧିକ କାର୍ଯ୍ୟକଳାପର ସଂପୂର୍ଣ୍ଣ ପ୍ରକ୍ରିୟାକୁ ଚାଳିତ ଓ ପ୍ରବର୍ତ୍ତିତ କରେ । ଭିତର ଓ ବାହାର ସବୁ ଭଗବାନଙ୍କ ଦ୍ୱାରା ଓତପ୍ରୋତ । ଗୋଟିଏ ଅଙ୍ଗ ସୁଖୀ ହେବା ବେଳେ ସମସ୍ତେ ସୁଖୀ ହୁଅନ୍ତି । ଗୋଟିଏ ଅଙ୍ଗ କ୍ଷତିଗ୍ରସ୍ତ ହେଲେ ସମସ୍ତେ ଦୁର୍ଦ୍ଦଶାଗ୍ରସ୍ତ ହୁଅନ୍ତି ।

ପ୍ରେମର ଅନୁଶୀଳନ ହିଁ ଏକ ଓ ଏକମାତ୍ର ସାଧନା, ଯାହା ତୁମକୁ ଏହି ଦୃଷ୍ଟିକୋଣ ଓ ବିଶ୍ୱାସରେ ଭୂଷିତ କରିପାରିବ । ଯଦି ସମିତି ବା ସେବାଦଳ ବା ମହିଳା ବିଭାଗରେ ସଦସ୍ୟମାନଙ୍କ ମଧ୍ୟରେ କୌଣସି ପ୍ରକାର ଦ୍ୱେଷଭାବ, ମତ ପାର୍ଥକ୍ୟ ଜନିତ ବିବାଦ ବା ଅନ୍ୟ କୌଣସି ସଦସ୍ୟ ପ୍ରତି ଈର୍ଷାଭାବ ଜାତ ହୁଏ ତେବେ ତାହାକୁ ଏକ ଗର୍ହିତ ଅପରାଧ ଭାବରେ ଦେଖ । ଏହା ସଂଗଠନ ବିରୁଦ୍ଧରେ ଏକ ଅପବିତ୍ର କାର୍ଯ୍ୟ, ଏକ ପ୍ରବଞ୍ଚନା । ଗଲା କଥା ଯାଉ । ଅତୀତକୁ ଆମେ ଫେରାଇ ଆଣିପାରିବା ନାହିଁ; ଭବିଷ୍ୟତ ଆମର ନୁହେଁ; ବର୍ତ୍ତମାନ ଦ୍ରୁତଗତିରେ ଅତୀତ ଭିତରକୁ ପଶିଯାଉଛି । ଯାହା ଆଗରୁ ଘଟିଯାଇଛି ସେଥିପାଇଁ ଚିନ୍ତା କରିବା ନାହିଁ । ଏହି ମୁହୂର୍ତ୍ତରୁ ତୁମ ହୃଦୟରୁ ଈର୍ଷା, ଗର୍ବ ଓ ଦ୍ୱେଷ ତ୍ୟାଗ କର ଏବଂ ସେଠାରେ ପ୍ରେମ ଓ ପାରସ୍ପରିକ ସାହାଯ୍ୟ ଭରିଦିଅ । ଅନ୍ୟମାନଙ୍କଠାରେ ଦୋଷ ଖୋଜିବାର ହାନିକାରକ ଅଭ୍ୟାସ ତ୍ୟାଗ କର; ତୁମ ନିଜ ଭିତରେ ଥିବା ଦୋଷ ଖୋଜ । ତୁମେ ଦୋଷ ଖୋଜୁଛ, କାରଣ ତୁମଠାରେ ସେହି ଦୋଷସବୁ ଅଛି । ନିର୍ଦ୍ଦୋଷ ଲୋକମାନେ କଦାପି ଅନ୍ୟମାନଙ୍କଠାରେ ଦୋଷ ପାଇପାରିବେ ନାହିଁ ।

ମାନବଜାତିକୁ ନୀଚ ଦୃଷ୍ଟିରେ ଦେଖି ଏବଂ ସାଇଙ୍କୁ ଉଚ୍ଚ ଦୃଷ୍ଟିରେ ଦେଖି ଅନୁଗ୍ରହ ଲାଭ କରିବାର ଆଶା କର ନାହିଁ । ଏକଥା ମଧ ମନେରଖ ଯେ ଏଥିରୁ ତୁମର ଚରିତ୍ର ଓ ଅନ୍ୟମାନଙ୍କ ପ୍ରତି ମନୋଭାବ ଜଣାପଡ଼ିବ । ଜିଭରେ ସବୁବେଳେ କୋମଳ ମଧୁର ବଚନ ରଖ; କେବଳ ପବିତ୍ର ଦୃଶ୍ୟରେ ଆଖି ପକାଅ । ସଫା ସୁତୁରା ସରଳ ପୋଷାକ ପିନ୍ଧ । ପୋଷାକ ଓ କେଶ ସଜାଇବା ବେଳେ ଅଧୁନାତନ ଶୈଳୀ ଦ୍ୱାରା ପ୍ରଲୁବ୍ଧ ଲୋକମାନଙ୍କର ଅନୁକରଣ କର ନାହିଁ । ତୁମେ ସାଧାରଣ ମନୁଷ୍ୟଠାରୁ ଏତେ ଦୂରେଇ ଗଲେ କିପରି ସେବା କରି ପାରିବ ? ମୁଁ ତୁମକୁ ପ୍ରଭୁଙ୍କ ଅନୁସରଣ କରିବାକୁ ଉପଦେଶ ଦିଏ । ପ୍ରଭୁ କହିଲେ ମୁଁ ବୁଝେ ତୁମ ଭିତରେ ଥିବା ବିବେକ, ଭଗବାନଙ୍କ ସ୍ୱର । ତା ଉପରେ ତୁମେ ଶୈତାନର ସମ୍ମୁଖୀନ ହୋଇ ପାରିବ ଏବଂ ତାର ପ୍ରଲୋଭନରୁ ଅକ୍ଷତ ଭାବରେ ଖସିଯାଇ ପାରିବ । ସେହି ପୁରୁଣା ଓ ବିଗତ ମନୋଭାବ ଯେପରି ପୁଣି ନ ଆସେ ସେଥିପ୍ରତି ତୁମେ ସଦା ସତର୍କ ହେବା ଉଚିତ । ତେଣୁ ତୃତୀୟ ନିୟମ ହେଲା 'ଶେଷ ପର୍ଯ୍ୟନ୍ତ ସଂଗ୍ରାମ କର' ଏବଂ ତା'ପରେ ସର୍ବ ଶେଷରେ ତୁମେ ଚତୁର୍ଥ ସୋପାନରେ ବିଜୟ ଲାଭ କରିପାରିବ - "ଖେଳ ଶେଷ କର ।"

ଜନ୍ମ ହେବା ବେଳଠାରୁ ତୁମର ଶ୍ୱାସ ତୁମର ସତ୍ତାର ଘୋଷଣା କରି ଚାଲିଛି; କାରଣ ଏହା ନିରନ୍ତର 'ସୋଽହମ୍' ମନ୍ତ୍ର ଜପ କରି ଚାଲିଛି - ମୁଁ ହିଁ ସେ, ମୁଁ ହିଁ ଶିବ । ଏ ବିଷୟରେ ସଚେତନ ହୁଅ, ତାହେଲେ ତୁମର କେବେ ଭୁଲ ହେବ ନାହିଁ । ତୁମେ କେବେ କାହାରି କ୍ଷତି ବା ଅପମାନ କରିବ ନାହିଁ, କାରଣ ସେ ମଧ ସେ । ଥରେ ସୋଽହମ୍ ଉଚ୍ଚାରଣ ବନ୍ଦ ହୋଇଗଲେ ମନୁଷ୍ୟ ଶବରେ ପରିଣତ ହୁଏ । ସେଥିପାଇଁ ପ୍ରେମ, କରୁଣା, ବିନୟ ଓ ସବୁ ଜୀବଙ୍କ ପ୍ରତି ଆଦର, ପୃଥିବୀ ଓ ଅନ୍ୟ ସବୁ ତତ୍ତ୍ୱ ପ୍ରତି ଆଦର ଆଦି ଦିବ୍ୟ ଗୁଣାବଳୀର ଅନୁଶୀଳନ କର । ଏହିପରି ଭାବରେ ତୁମେ ଭଗବତ୍ କୃପା ଲାଭ କରିପାରିବ ଓ ତୁମ ଜୀବନକୁ ହିତକର ଓ ସଫଳ କରିପାରିବ ।

♦♦♦

ଅନ୍ତଃଶୁଦ୍ଧି

ଏଠାରେ ଆମର ତାଲିମପ୍ରାପ୍ତ ଓ ସେବା ପାଇଁ ସମର୍ପିତ ୧୦୦୦୦ ସେବାଦଳ ସଦସ୍ୟ ଅଛନ୍ତି । ତୁମେ ସ୍ୱେଚ୍ଛା ପୂର୍ବକ ନିଜ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ଯେଉଁ କର୍ତ୍ତବ୍ୟ ଗ୍ରହଣ କରିଛ ତାହା କରିବା ବିଷୟରେ ମୋର ସନ୍ଦେହ ହେଉଛି । ତୁମେ ପଢିଥିବା ବିବରଣୀରୁ ମୁଁ ବୁଝୁଛି ଯେ ଗ୍ରାମାଞ୍ଚଳ ସେବାର ଅଂଶବିଶେଷ ଭାବରେ ତୁମେ ସମିତିଗୁଡ଼ିକର ପୋଷ୍ୟ ଗ୍ରାମମାନଙ୍କୁ ଯାଉଛ ଏବଂ ରାସ୍ତା ମରାମତି କରୁଛ, ନାଳ ସଫା କରୁଛ, କିଛି ଔଷଧ ଦେଉଛି । ଭଜନ କରୁଛ ଓ ଭାଷଣ ଦେଉଛ । ସତ୍ୟସାଇ ସେବାଦଳ ଏହି କାମ କରିବା କଥା କି? ମନେକର ତୁମ ପାଖରେ ପାଣି ପିଇବା ପାଇଁ ଗୋଟିଏ ଗିଲାସ ଅଛି । ଗିଲାସର କେବଳ ବାହାରପଟ ସଫା ହେବା ଯଥେଷ୍ଟ କି ? ଅନ୍ତଃଶୁଦ୍ଧି, ଅନ୍ତଃସ୍ୱାସ୍ଥ୍ୟ, ଅନ୍ତଃପ୍ରକାଶ - ଏଗୁଡ଼ିକ ବହୁତ ଅଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ସତ୍ୟସାଇ ସେବାଦଳ ଏହାକୁ ବଡ ଧରଣରେ ଗ୍ରହଣ କରିବା ଉଚିତ । ଖୋଜି ଦେଖ, ଉପାର୍ଜନକାରୀମାନଙ୍କର ଦୁରଭ୍ୟାସ ଯୋଗୁଁ କେତେ ପରିବାର ଦୁଃଖ ଓ ଦାରିଦ୍ର୍ୟରେ ରହିଛନ୍ତି । ମଦ୍ୟପାନ, ଜୁଆଖେଳ ଓ ଅନ୍ୟାନ୍ୟ ଦୁର୍ଗୁଣଗୁଡ଼ିକୁ ବିନୟ ଓ ପ୍ରେମ ସହିତ ଏବଂ ପ୍ରେରଣା ଓ ବ୍ୟକ୍ତିଗତ ପ୍ରୟାସ ଦ୍ୱାରା ଦମନ କରିବାକୁ ହେବ । ସରକାର ଚିକିତ୍ସାଳୟ ନିର୍ମାଣ କରନ୍ତି, ରାସ୍ତା ତିଆରି କରନ୍ତି, ଜଳ ଯୋଗାଣ ବ୍ୟବସ୍ଥା କରନ୍ତି ଏବଂ ଜୀବନର ବାହ୍ୟ ରୂପକୁ ଉନ୍ନତ କରନ୍ତି । କେବଳ ତୁମ ଭଳି ଆଧ୍ୟାତ୍ମିକ ସାଧକମାନେ ହିଁ ସେମାନଙ୍କର ଅଭ୍ୟାସ ସୁଧାରିବାରେ ଏବଂ ସେମାନଙ୍କୁ ଶାନ୍ତି, ସମୃଦ୍ଧି ଓ ସମନ୍ୱୟର ମାର୍ଗକୁ ଆଣିବାକୁ ସଫଳ ହୋଇ ପାରନ୍ତି । ମଦ୍ୟପାନ ଓ ଜୁଆଖେଳର ପ୍ରଲୋଭନକୁ ଅତିକ୍ରମ କରିବା ପାଇଁ ଗ୍ରାମବାସୀମାନଙ୍କର ନୈତିକ ସାମର୍ଥ୍ୟକୁ ଯଥେଷ୍ଟ ଦୃଢ ନ କଲେ ନିଯୁକ୍ତି ମାଧ୍ୟମରେ ଗ୍ରାମବାସୀମାନଙ୍କୁ କିଛି ଅଧିକ ପଇସା ଦେବା ପାଇଁ କରାଯିବା ସମସ୍ତ ପ୍ରୟାସ ପରିସ୍ଥିତିକୁ ଆହୁରି ଖରାପ କରିବ । ସେମାନଙ୍କୁ ଧୀର ଓ ନିଶ୍ଚିତ ଭାବରେ ଭଗବତ୍ ମାର୍ଗରେ ଚଳାଇନିଅ, ତା ହେଲେ ଏହି ଅଭ୍ୟାସଗୁଡ଼ିକ ଗୋଟିକ ପରେ ଗୋଟିଏ ଦୂର ହୋଇଯିବ ।

♦♦♦

ଆଘାତ ନୁହେଁ କି ଲମ୍ଫ ନୁହେଁ

ମନେକର ଗୋଟିଏ ଲୋକ ଗଭୀର ପାଣିରେ ପଡି ବୁଡିଯିବାକୁ ବସିଛି । ସେ ପହଁରା ଜାଣିନାହିଁ, ଏଣୁ ହତାଶ ହୋଇ ସେ ଜୀବନର ଆଶା ଛାଡ଼ିସାରିଲେଣି । ଏତିକିବେଳେ ତାକୁ ଟାଣି ଆଣିବାର କିଛି ଚେଷ୍ଟା ନ କରି କୂଳରେ ଠିଆ ହୋଇ ଜଣେ ଦର୍ଶକ ତାକୁ ପାଣିର ଗଭୀରତା କେତେ ତାହା ପାଟି କରି ପଚାରୁଛି । ଆଜିକାଲି ଅଧିକାଂଶ ଲୋକଙ୍କର ବ୍ୟବହାର ଠିକ୍ ଏହିପରି । ଲୋକମାନେ ତାମସିକତାରେ ବୁଡି ରହିଛନ୍ତି; ଏମାନେ କାଠର ମୂର୍ତ୍ତି ପରି ନିତାନ୍ତ ଜଡ, ଅତ୍ୟନ୍ତ କଠିନ ଓ ସହାନୁଭୂତି ବିହୀନ । ମନୁଷ୍ୟ ଯେତେବେଳେ ତାମସିକତାରୁ ଉପରକୁ ଉଠିବ ସେତେବେଳେ ଯାଇ ରାଜସିକତାରେ ଓ କର୍ମରେ ଭାବ, ଅନୁଭବ, ଭକ୍ତି, ପ୍ରେମ ଓ ସେବା ସଞ୍ଚାରିତ ହେବ । ପୁଣି ରାଜସିକତା ଛାଡି ସେ ଯେତେବେଳେ ସାତ୍ତ୍ୱିକ ରାଜ୍ୟରେ ପହଞ୍ଚିବ ସେତେବେଳେ ତାର ସକଳ କର୍ମ ଦିବ୍ୟାୟିତ ହୋଇ ସାଧନାରେ ପରିଣତ ହେବ ଏବଂ ଏହି ସାଧନାର ପରିଣତି ନିଶ୍ଚିତ ଭାବରେ ଅଧିକ ଆଧ୍ୟାତ୍ମିକ ପ୍ରଭାବଯୁକ୍ତ ହେବ ।

ମୁଁ ଦେଖୁଛି ଏଠାରେ ପ୍ରତ୍ୟେକ ରାଜ୍ୟରୁ ହଜାର ହଜାର ପୁଅ ଝିଅ ସେବାଦଳ ଆସି ପହଞ୍ଚିଛନ୍ତି । ଆଜି ଏହା ହେଉଛି ଶ୍ରୀ ସତ୍ୟସାଇ ସେବାଦଳର ତୃତୀୟ ଅଖିଳ ଭାରତୀୟ ସମ୍ମିଳନୀ । ତେଣୁ ଆଜି ପର୍ଯ୍ୟନ୍ତ ସେବାଦଳ କ'ଣ ସାଧନା କରିପାରିଛି ତାହା ବିଚାରିବାର ବେଳ ଆସିଛି । ସେବାଦଳ ଯେଉଁ ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ତାହା ପୂର୍ଣ୍ଣ ହୋଇ ପାରିଛି କି ନାହିଁ, ତାହା ମଧ୍ୟ ପରୀକ୍ଷା କରିବାର ଅବସର ଆସିଛି । ବିଭିନ୍ନ ରାଜ୍ୟର ସେବାଦଳମାନେ ଯେଉଁସବୁ କାମ ହାତକୁ ନେଇଛନ୍ତି ସେ ସମ୍ବନ୍ଧରେ ଆମେ ବର୍ତ୍ତମାନ ରାଜ୍ୟ ସେବାଦଳ ଆବାହକମାନଙ୍କଠାରୁ ବିବରଣୀମାନ ଶୁଣିଲେ। ମାତ୍ର ମୁଁ କହିବାକୁ ଚାହେଁ, ନୀତିନିୟମ ଦ୍ୱାରା ନିର୍ଦ୍ଧାରିତ କେତୋଟି କାମ ସେବାଦଳମାନଙ୍କ ଉପରେ ଲଦି ଦେଲେ ବା କେତୋଟି କାମ କରିଦେଲେ ତାହା ଭକ୍ତି ବୋଲି ଗ୍ରହଣ କରାଯାଇ ପାରିବ ନାହିଁ । ପ୍ରେମ ନ ଥାଇ କର୍ମ କରିବା ଦୁଃଖଦାୟକ, ପ୍ରେମ ଥାଇ କର୍ମ କରିବା ବାଞ୍ଛନୀୟ । କିନ୍ତୁ ଯେଉଁ ପ୍ରେମଯୁକ୍ତ କର୍ମ କର୍ତ୍ତବ୍ୟବୋଧରୁ ଜାତ ହୋଇଥାଏ, ତାହା ପ୍ରକୃତରେ ଦିବ୍ୟ ।

ମୁଁ ତୁମ୍ଭମାନଙ୍କୁ ଆଉ ଗୋଟିଏ କଥା କହିବାକୁ ଚାହେଁ। ପ୍ରତ୍ୟେକ ଆବାହକ ଅନ୍ୟର ବିବରଣୀର ପୁନରାବୃତ୍ତି ମାତ୍ର କଲେ । ଏସବୁ କର୍ମ ଯୋଜନାରେ ଓ

କଳ୍ପନାରେ ନିଜସ୍ୱ ବୋଲି କିଛି ନାହିଁ । ଅନ୍ୟ ସ୍ଥାନରେ କରାଯାଉଛି ବୋଲି ଆମେ କରିବା କେବଳ ଅନ୍ଧାନୁକରଣ ମାତ୍ର । ଯେଉଁ ସବୁ କାମର ଯୋଜନା କରାଯିବ, ତାହା ସ୍ଥାନୀୟ ଆବଶ୍ୟକତା, ସ୍ଥାନୀୟ ସମସ୍ୟାକୁ ପୂରଣ କରୁଥିବା ଦରକାର । ଏ ସବୁ ଯୋଜନା ପ୍ରକୃତ ଅନୁଭବରୁ ଜାଗ୍ରତ ହେବା ଉଚିତ । ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ, ଶିଳ୍ପପ୍ରଧାନ ଅଞ୍ଚଳ ହେଉ ବା କୃଷିପ୍ରଧାନ ଅଞ୍ଚଳ, ତୀର୍ଥକ୍ଷେତ୍ର ହେଉ ବା ଜନବସତି ଅଞ୍ଚଳ, ବର୍ଦ୍ଧିଷ୍ଣୁ ଅଞ୍ଚଳ ହେଉ ବା ଆର୍ଥିକ ଅନଗ୍ରସର ଅଞ୍ଚଳ, ଆଦିବାସୀ ଅଧ୍ୟୁଷିତ ସ୍ଥାନ ହେଉ ବା ପାର୍ବତ୍ୟ ନିବାସ, କର୍ମର ଯୋଜନା ସ୍ଥାନୀୟ ଆବଶ୍ୟକତାକୁ ଚାହିଁ ନିର୍ଦ୍ଦିଷ୍ଟ କରିବାକୁ ହେବ। ଯେଉଁ ବ୍ୟକ୍ତି ଅନ୍ୟ ସ୍ଥାନରୁ କିଛି ଚିନ୍ତା ଧାର କରି ଆଣି ନିଜ ଅଞ୍ଚଳରେ ତାର ପ୍ରୟୋଗ କରେ ସେ କିଛି ଗୋଟାଏ କାମ କରିପାରୁଛି ବୋଲି ହୁଏତ ଆତ୍ମସନ୍ତୋଷ ଲାଭ କରିବ । ମାତ୍ର ଯେଉଁ ଲୋକମାନଙ୍କର ଉପକାର କରିବା ପାଇଁ ସେ ଚେଷ୍ଟା କଲା ସେମାନେ କ'ଣ ଉପକୃତ ଓ ଅଧିକ ସୁଖ ଅନୁଭବ କରିବେ ? ତାହା ହିଁ ନିଜ କାମର ପରୀକ୍ଷା । କାମରେ କେତେ ଯଶ ବା ପ୍ରଶଂସା ମିଳିବ ତାହା ମାପ ନାହିଁ, ବରଂ ଦେଖ ଲୋକେ ତୁମ କାମଦ୍ୱାରା କେତେ ଉପକୃତ ହେବେ। ପ୍ରଚାର ପାଇଁ ମନରେ ଆକାଂକ୍ଷା ପୋଷଣ କର ନାହିଁ, ବରଂ ତୁମେ ଯେଉଁମାନଙ୍କର ସେବା କରୁଛ, ସେମାନଙ୍କ ମୁହଁରେ ଆନନ୍ଦ ଦେଖିବାକୁ ଆଶା କର । ସେବା ତୁମକୁ ମୋର ଅଧିକ ପାଖକୁ ଆଣିଥାଏ । ସେବାଦ୍ୱାରା ହିଁ ତୁମର ହୃଦୟପୁଷ୍ପରେ ସୁଗନ୍ଧ ଭରିଯାଏ । ଫଳରେ ତାହା ଈଶ୍ୱରଙ୍କ ଦ୍ୱାରା ଗୃହୀତ ହେବା ପାଇଁ ଅଧିକ ଯୋଗ୍ୟ ହୋଇଥାଏ। ସେ ସୁଗନ୍ଧର ରସ ହେଲା ପ୍ରେମ ।

ସେବା ମାଧ୍ୟମରେ ତୁମେ ଉପଲବ୍ଧି କରିପାର ପ୍ରତ୍ୟେକ ପ୍ରାଣୀ ଈଶ୍ୱର ମହୋଦଧିର ଗୋଟିଏ ଗୋଟିଏ ତରଙ୍ଗ । ସକଳ ପ୍ରାଣୀଙ୍କର ଏକତ୍ୱ ସମ୍ବନ୍ଧରେ ନିରବଚ୍ଛିନ୍ନ ଚିନ୍ତା କରିବା ପାଇଁ ଅନ୍ୟ କୌଣସି ସାଧନା ପ୍ରେରଣା ଯୋଗାଇ ନ ଥାଏ । ଅନ୍ୟର ଯନ୍ତ୍ରଣାକୁ ତୁମେ ନିଜର ବୋଲି ଅନୁଭବ କର; ଅନ୍ୟର ସଫଳତାକୁ ମଧ୍ୟ ନିଜର ବୋଲି ଭାବି ଖୁସି ହୁଅ । ଅନ୍ୟ ସମସ୍ତଙ୍କୁ ନିଜ ପରି ଦେଖିବା ଏବଂ ଅନ୍ୟ ସମସ୍ତଙ୍କ ମଧ୍ୟରେ ନିଜକୁ ଦେଖିବା ହିଁ ସେବା ସାଧନାର ମୂଳମନ୍ତ୍ର। ପୁଣି ସେବା ଫଳରେ ମମକାର ଖାଦ୍ୟ ନ ପାଇ କୃଶ ହୋଇଯାଏ । ଅନ୍ୟର ଦୁଃଖ ଯନ୍ତ୍ରଣାଠାରେ ଏହା ତୁମକୁ ବିନୟୀ କରିଥାଏ । ଏବଂ ଅନ୍ୟକୁ ସାହାଯ୍ୟ କରିବାକୁ ଧାଇଁ ଗଲାବେଳେ ତୁମେ ତାର ସାମାଜିକ ବା ଆର୍ଥିକ ପ୍ରତିଷ୍ଠା କମ୍ କି ବେଶୀ ତାହା ମାପିବାକୁ ଯାଅନା । ସେବାଦଳ ବ୍ୟକ୍ତିଙ୍କୁ ସେବାର ଯେଉଁ ସୁଯୋଗ ଦେଇଥାଏ, ତାହା ଦ୍ୱାରା କଠୋରତମ ହୃଦୟ ମଧ୍ୟ ଲହୁଣି ପରି କୋମଳ ହୋଇଯାଏ । ତେଣୁ

ଆତ୍ମ ଉପଲବ୍ଧିର ନଅଟି ମାର୍ଗ ମଧ୍ୟରୁ ସେବାକୁ ଗୋଟିଏ ବୋଲି ଗଣନା କରାଯାଉଛି । ତେଣୁ ତୁମକୁ ଏଥିରେ ଅତ୍ୟନ୍ତ ନିଷ୍ଠାପର ହେବାକୁ ପଡ଼ିବ । ବୃଦ୍ଧ, ବ୍ୟାଧିଗ୍ରସ୍ତ, ପଙ୍ଗୁ ବା ଦୁଃଖୀ ଲୋକଙ୍କର କିଛି ସେବା କରିବାର ସୁଯୋଗ ପାଇଲେ ଆଗ୍ରହର ସହ ତାହାକୁ ଗ୍ରହଣ କର । ହାତରେ ଫଳଟିଏ ଧରିବା ପ୍ରାଥମିକ କାମ, ଏହାକୁ ଖାଇ ହଜମ କଲେ ଯାଇ ସୁସ୍ଥ ଓ ସୁଖୀ ହୋଇପାରିବ । ସେହିପରି ବେକ ଚାରିପାଖରେ ଗୋଟିଏ ସ୍କାର୍ଫ ପକାଇବା ସେବା ମାଧ୍ୟମରେ ତୁମରି ଭିତରେ ଥିବା ଆନନ୍ଦ ସୁଲଭ ବୋଲି ସୂଚାଇ ଦେବ । ତୁମ ମନୋଭାବ ଅନୁସାରେ ତୁମ ସେବା କର୍ମର ମୂଲ୍ୟ ବିଚାର କରାଯାଇଥାଏ । ତେଣୁ ଯାହା କିଛି କାମ ତୁମକୁ କରିବାକୁ ଦିଆଯାଏ ସେ ସବୁକୁ ଉତ୍ସାହ, ବୁଝାମଣା, ସମ୍ମାନର ସହ ସମ୍ପାଦନ କର । ଏହାକୁ ସଫଳ ଭାବରେ ସଂପୂର୍ଣ୍ଣ କରିବା ନିମନ୍ତେ ତୁମର ସଂକଳ୍ପ ଓ କର୍ମ କୌଶଳ ଓ ନିଷ୍ଠା ନିୟୋଜିତ ହେଉ । ସେବାରେ କେହି ସାନ ନୁହେଁ ବା ବଡ଼ ନୁହେଁ, କାରଣ ସମସ୍ତଙ୍କ ମଧ୍ୟରେ ସାଇ ବିଦ୍ୟମାନ । ତୁମେ ଯାହାର ସେବା କଲେ ମଧ୍ୟ ସେ ସେବା ସାଇଙ୍କ ପାଖକୁ ହିଁ ଆସିଥାଏ । ମୋଠାରୁ ଦୂରରେ କୌଣସି ଗୋଟିଏ କାମ ତୁମକୁ ଦିଆଗଲା ବୋଲି ଦୁଃଖିତ ହୁଅନା । ଜାଣିରଖ, ଯିଏ ସବୁ ପ୍ରାଣୀଙ୍କ ଭିତରେ ମୋତେ ଦେଖିପାରେ ମୁଁ ତାର ନିକଟତମ ।

ସେ ପ୍ରକାରର ଅହଙ୍କାର ଦଳର ସଦସ୍ୟ ଭାବରେ ତୁମର ଦକ୍ଷତା କମାଇ ଦେଇ ପାରେ; ଏହା ନିଶ୍ଚିତ ଭାବରେ ତୁମର ଆଧ୍ୟାତ୍ମିକ ପ୍ରଗତି କ୍ଷୟ କରିବ । ଅହଙ୍କାର ଓ ମମକାର ଭାବନା ଭଗବାନଙ୍କର ମହିମା ଓ ତାଙ୍କର ଐଶ୍ୱର୍ଯ୍ୟ ସମ୍ବନ୍ଧରେ ଅଜ୍ଞତାରୁ ଜାତ ହୁଏ । କ୍ରୋଧ ଓ ଲୋଭ ଏହି ଦୁର୍ଗୁଣର ସନ୍ତାନ । ଏହି କ୍ଷତିକାରକ ସୋପାନ ହିଁ ପୃଥିବୀରେ ମନୁଷ୍ୟ ସମ୍ମୁଖୀନ ହେଉଥିବା ସବୁ ଦୁର୍ଦ୍ଦଶାର ମୂଳ ।

ମଣିଷ ଇନ୍ଦ୍ରିୟ, ବୁଦ୍ଧି, ଭାବନା, ବାସନା ଓ ବିରକ୍ତି ଆଦି ସାଧନ ଦ୍ୱାରା ବିଭୂଷିତ ହୋଇଛି, ଯଦ୍ଦ୍ୱାରା ସେ ସୁଖର ପ୍ରଲୋଭନରୁ ଦୂର ହୋଇପାରିବ ଏବଂ ନିଜର ପଡ଼ୋଶୀମାନଙ୍କର ସାହାଯ୍ୟ, ସେବା, ପୋଷଣ ଓ ରକ୍ଷା କରିବାରେ ନିଜ ଜୀବନକୁ ଅତିବାହିତ କରିପାରିବ । ତାକୁ ସେବାରେ ଜୀବନ ଯାପନ କରିବାକୁ ହେବ, ଲାଭ ପାଇଁ ନୁହେଁ । ତୁମେମାନେ ଛାତିରେ ଯେଉଁ ବ୍ୟାଜ୍ ଲଗାଇଛ ତାହା ଅହଙ୍କାରକୁ ଦୂରରେ ରଖିବାରେ, ହୃଦୟକୁ ପ୍ରଶସ୍ତ କରିବାରେ ଏବଂ ସବୁ ପ୍ରାଣୀଙ୍କ ମଧ୍ୟରେ ବିରାଜିତ ଈଶ୍ୱରଙ୍କଠାରେ ଲକ୍ଷ୍ୟ ସ୍ଥିର ରଖିବାରେ ସାହାଯ୍ୟ କରିଥାଏ । ଏହା ପିଲାକୁ ଚାଲି ଶିଖାଉଥିବା ଚକଲଗା ଶଗଡ଼ି ପରି । ତୁମେ ଏହାକୁ ଅତିକ୍ରମ କରିଯିବା ପର୍ଯ୍ୟନ୍ତ ଏବଂ ସବୁ ମନୁଷ୍ୟଙ୍କୁ ନିଜର ଆତ୍ମୀୟ ସ୍ୱଜନ ବୋଲି ଅନୁଭବ

କରିବା ପର୍ଯ୍ୟନ୍ତ ତୁମକୁ ଏହାକୁ ସମ୍ମାନ ଦେବାକୁ ହେବ । ହଠାତ୍ କ୍ରୋଧୋନ୍ମତ୍ତ ହୋଇ କିମ୍ବା ସାହାଯ୍ୟ ଚାହୁଁଥିବା ଲୋକକୁ ସାହାଯ୍ୟ ପ୍ରତ୍ୟାଖ୍ୟାନ କରି କିମ୍ବା ଖରାପ ସ୍ଥାନରେ ବୁଲାଚଲା କରି କିମ୍ବା ଲଘୁ ଏବଂ ହୀନ କଥାବାର୍ତ୍ତାରେ ମାତି କିମ୍ବା ଧୂମପାନ, ମଦ୍ୟପାନ, ଜୁଆଖେଳ ପ୍ରଭୃତି ଅହିତକର, ଅସମ୍ମାନଜନକ ଅଭ୍ୟାସର ବଶବର୍ତ୍ତୀ ହୋଇ ଏହି ପବିତ୍ର ବ୍ୟାଜ୍‌ର ଅବଜ୍ଞା କର ନାହିଁ ।

କେବଳ ଯୁକ୍ତି କରିବା ପାଇଁ ତର୍କ ବା ବିତଣ୍ଡା କର ନାହିଁ । ତୁମର ବଚନ ମିତ, ମଧୁର ଓ ମନୋରମ ହେଉ । ନିଜ ନିଜ ଭିତରେ ଆଲୋଚନା କରୁଥିବା ବେଳେ ବି ତୁମର ବଚନ ମଧୁର ଓ ମିତ ହେବ । ତୁମମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଦଳପତି ଭାବରେ ବଛାଯାଇଛି । ବିନା ଆପତ୍ତିରେ ସେମାନଙ୍କ କଥା ମାନ । ସେମାନଙ୍କର କୌଣସି ଆଦେଶ ଯଦି ଅଯଥାର୍ଥ ଓ ଆପତ୍ତିଜନକ ମନେ ହୁଏ ତେବେ ତାଙ୍କ ସହ ଏକାନ୍ତରେ ବନ୍ଧୁତ୍ୱଭାବର ସହ ଏ ସମ୍ବନ୍ଧରେ ଆଲୋଚନା କର । ମାତ୍ର ସେହି ନିର୍ଦ୍ଦେଶକୁ କଦାପି ଅମାନ୍ୟ କର ନାହିଁ ବା ବଦଳାଇ ଦିଅ ନାହିଁ । ଦଳପତିଙ୍କୁ ସଂପୂର୍ଣ୍ଣ ପରିସ୍ଥିତିର ବିଚାର କରିବାକୁ ପଡ଼ିଥାଏ, ଯାହା ହୁଏତ ତୁମ ଆଖିରେ ପଡ଼ି ନ ପାରେ । ପୃଥିବୀର ସବୁ ଆଡୁ ୪୫ଟି ଦେଶର ପ୍ରତିନିଧିମାନେ ବିଶ୍ୱ ସମ୍ମିଳନୀକୁ ଆସୁଛନ୍ତି । ଏହି ସମୟରେ ତୁମେ କର୍ତ୍ତବ୍ୟରେ ଅବହେଳା କଲେ କିମ୍ବା ତୁମ ବିଶ୍ୱାସ ଓ ନିଷ୍ଠାରେ ତ୍ରୁଟି ଦେଖାଦେଲେ ତାହା ଏହି ମହାନ୍ ରାଷ୍ଟ୍ରର ସମ୍ମାନରେ ଆଞ୍ଚ ଆଣିବ ।

ତୁମକୁ ସୁଖ ଓ ଶାନ୍ତି ଦେବା ପାଇଁ ସତ୍ୟସାଇ ସେବା ସମିତିଗୁଡ଼ିକ ଗଠନ କରାଯାଇଛି । ସେଗୁଡ଼ିକ ମୋର ବା ତୁମର ବିଜ୍ଞାପନ ପାଇଁ ବ୍ୟବହୃତ ହେବା ଉଚିତ ନୁହେଁ। ଲୋକେ ପଚାରନ୍ତି, "ଆଧ୍ୟାତ୍ମିକ ସଂଗଠନରେ ନୀତିନିୟମ କାହିଁକି ?" ମନକୁ ଶୃଙ୍ଖଳିତ ନ କଲେ ପ୍ରଗତି ହାସଲ ହେବ କିପରି ? ବ୍ୟକ୍ତିଗତ ଉନ୍ନତିରେ ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ନିୟମ, କଠୋର ନିୟମ ଆବଶ୍ୟକ । ଉଡ଼ାଜାହାଜ ଆକାଶରେ ଉଡ଼ିବା ପୂର୍ବରୁ କିଛି ବାଟ ଚକରେ ମାଟି ଉପରେ ଚାଲିଥାଏ ତୁମେ ପଚାରିପାର, "ଉଡାଜାହାଜରେ ଚକ କାହିଁକି ?'' ପାଇଲଟ ଆକାଶରେ ଉଡ଼ିବା ବେଳେ ଚକଗୁଡ଼ିକୁ ଭିତରେ ପୂରାଇଦେବା ପରି ତୁମେ ଆଧ୍ୟାତ୍ମିକ ସାଧନାର ଏକ ନିଶ୍ଚିତ ଶିଖରକୁ ଉଠିବା ପରେ ନୀତିନିୟମକୁ ବାନ୍ଧି ଦିଆଯାଇ ପାରେ । ସମିତି ମାଧ୍ୟମରେ ଅନ୍ୟମାନଙ୍କର ସେବା କରିବା ବେଳେ ତୁମ ନିଜର ଅଗ୍ରଗତି ପାଇଁ କିଛି ଆଧ୍ୟାତ୍ମିକ ସାଧନା କରିବାକୁ ଭୁଲ ନାହିଁ । ପର ସେବା ହେଉଛି ଋଣମେରୁ; ଆତ୍ମ ସେବା ହେଉଛି ଧନମେରୁ ; ଦୁହେଁ ଏକାଠି ହେଲେ ଆନନ୍ଦର ଆଲୋକ

ପ୍ରକଟ ହେବ । ଆନନ୍ଦ ସବୁ ଚିନ୍ତା, ଭୟ ଓ ଉଦ୍‌ବେଗକୁ ଓଲଟାଇ ଦିଏ । ଆଧ୍ୟାତ୍ମିକ ସାଧନା ଓ ସେବା ମାଧ୍ୟମରେ ସେହି ଶିଖରରେ ଉପନୀତ ହୁଅ । ଏହା ତୁମ ପ୍ରତ୍ୟେକଙ୍କୁ ମୋର ଆଶୀର୍ବାଦ ।

ଭାରତବର୍ଷ ପ୍ରଥମ ଦେଶ ଯେଉଁଠି ଶୃଙ୍ଖଳା-ଭକ୍ତି-କର୍ତ୍ତବ୍ୟବୋଧର ତ୍ରିଗୁଣ ସାଧନା ପ୍ରବର୍ତ୍ତିତ ହୋଇଥିଲା ଏବଂ ସବୁ ଯୁଗରେ ଏହି ଦେଶରେ ହିଁ ଏହି ତ୍ରିଗୁଣ ସାଧନାର ସର୍ବାଧିକ ଉପାସକ ରହିଛନ୍ତି । ତେଣୁ ଅତିଥିମାନଙ୍କୁ ତୁମକୁ ଦେଖାଇ ଦେବାକୁ ହେବ ଯେ ଏ ଦେଶରେ ଏବେ ମଧ୍ୟ ଏହି ଉପଦେଶ ଖୁବ୍ ବେଶୀ ସମ୍ମାନିତ ଓ ପାଳିତ ହେଉଛି । କେବଳ ସେତିକି ନୁହେଁ; ତୁମକୁ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ସୁନାମକୁ ଅବ୍ୟାହତ ରଖିବାକୁ ପଡ଼ିବ । ଗୋଟିଏ ପାଖରେ ତୁମ ଦେଶମାତୃକାର ଆହ୍ୱାନ, ଅନ୍ୟ ପକ୍ଷରେ ମାତୃସ୍ୱରୂପିଣୀ ସାଇଙ୍କର ଆଦେଶ । ଗଣେଶଙ୍କର ଦୁଇଜଣ ମାତା ଥିଲେ ଗୌରୀ ଓ ଗଙ୍ଗା । ଗୌରୀ ହିମାଳୟର କନ୍ୟା, ଗଙ୍ଗା ମଧ୍ୟ ହିମାଳୟର ଅନ୍ୟ ଏକ କନ୍ୟା । ଗୌରୀ ଶିବଙ୍କର ବାମ ଅଙ୍ଗରେ ଲଗ୍ନ ହୋଇଅଛନ୍ତି ଏବଂ ଗଙ୍ଗା ତାଙ୍କ ମସ୍ତକରେ ଜଟାଜୁଟ ମଧ୍ୟରେ ବିରାଜିତ । ତୁମର ମଧ୍ୟ ଦୁଇଜଣ ମାତା ଭାରତମାତା ଓ ସାଇମାତା । ତୁମକୁ ମଧ୍ୟ ଗଣେଶଙ୍କୁ ଅନୁକରଣ କରିବାକୁ ହେବ- ଗଣେଶଙ୍କ ପରି ଭୋଜନ ପକାଇବାରେ ନୁହେଁ, ତାଙ୍କପରି ବିନାୟକ, ବା ବିଶେଷ ଧରଣର ନାୟକ (ଦଳପତି) ହେବାରେ । ସେହିପରି ବିନାୟକ ହେବାକୁ ହେଲେ ତୁମକୁ ଅନେକ ସମୟ ଧରି ଜଣେ ନିଷ୍ଠାପର ଓ ଉତ୍ସାହୀ ସେବକ ହେବାକୁ ପଡ଼ିବ, ନିଃସ୍ୱାର୍ଥ ପ୍ରେମଯୁକ୍ତ ସେବାରେ ଲାଗିବାକୁ ହେବ । ନାୟକ ହେବାର ସର୍ବୋତ୍ତମ ତାଲିମ କେନ୍ଦ୍ର ହେଲା ସେବା । ସେହି ତାଲିମ କେନ୍ଦ୍ରରେ ଥିଲାବେଳେ ବିରକ୍ତି, କ୍ରୋଧ ଓ ଅସହିଷ୍ଣୁତା ଆଦିକୁ ମନରେ ଆଦୌ ସ୍ଥାନ ଦେବା ଉଚିତ ନୁହେଁ । ଅହଙ୍କାର ଓ ବ୍ୟକ୍ତିଗତ ମତାନ୍ଧତା ଦୁଃଖୀ ଓ ରୋଗୀଙ୍କୁ ସେବା କରୁଥିବା ବେଳେ ତୁମ ଚକରେ କାଠି ଭର୍ତ୍ତି କରିବାକୁ ଚେଷ୍ଟା କରିବେ । ମାତ୍ର ଏହି ସାଧନା ସମୟରେ ତୁମ ବାଟର ଯଥାର୍ଥତା ସମ୍ବନ୍ଧରେ ବିଶ୍ୱାସ ଆଦୌ ହରାଅ ନାହିଁ । ସ୍ମରଣ ରଖ ଯେ ତୁମେ ଜଣେ ସାଧକ ଆଉ ସାଧନାରେ ସିଦ୍ଧିଲାଭ ପାଇଁ ସେବାକୁ ତୁମେ ସର୍ବୋତ୍ତମ ମାର୍ଗ ଭାବରେ ବାଛିଛ । ଯେଉଁମାନଙ୍କର ସେବାର ମୂଲ୍ୟରେ ଗଭୀର ବିଶ୍ୱାସ ନାହିଁ କିମ୍ବା ଏହି ସମ୍ବନ୍ଧରେ ମଧୁର ଅନୁଭୂତି ନାହିଁ ସେପରି ଲୋକଙ୍କ ସହ ମିଶିଗଲାବେଳେ ତୁମେ ଏପରି କଥାବାର୍ତ୍ତା ମଧ୍ୟରେ ପଡ଼ିଯିବ ଯାହା ତୁମର ଦୃଢ଼ବିଶ୍ୱାସକୁ ଚହଲାଇ ଦେବ । ମାତ୍ର ଏସବୁ ଫମ୍ପା ବିଚାର ତୁମର ଦୃଢ଼ତାକୁ ନ୍ୟୂନ କରିବାକୁ ଛାଡ଼ ନାହିଁ । ଏପରି ସଂଘଠାରୁ ଦୂରରେ ରହ ।

ସେମାନଙ୍କର ସଂଶୟ ସେମାନଙ୍କ ସେବା-ଅନୁଭୂତିର କଷଟିପଥରରେ କଷି ହେଉ । ସେମାନଙ୍କର ଅବିଶ୍ୱାସ ପ୍ରତି ଉଦାସୀନ ହୁଅ ଏବଂ ସେମାନଙ୍କୁ ସେମାନଙ୍କର ନିଜ ଇଚ୍ଛାରେ ନିଜର ସଂଶୟ ଉପଲବ୍ଧି ଓ ଅତିକ୍ରମ କରିବାକୁ ସମୟ ଦିଅ ।

ଶୃଙ୍ଖଳାର ଅର୍ଥ ସମସ୍ତ ନୀତି, ନିୟମ ଓ ନିର୍ଦ୍ଦେଶକୁ କଠୋର ଭାବେ ପାଳନ କରିବା । ଶୃଙ୍ଖଳିତ ହେଲେ ଯାଇ କର୍ତ୍ତବ୍ୟବୋଧ ଠିକ୍ ଫଳ ପ୍ରଦାନ କରିବ । ସାଇଙ୍କ ପ୍ରତି ଏବଂ ସାଇଙ୍କ ବାର୍ତ୍ତା ପ୍ରତି ଭକ୍ତି ହିଁ ତୁମ କର୍ତ୍ତବ୍ୟବୋଧର ମୂଳଭିତ୍ତି- ଯାହା ତୁମକୁ ସର୍ବଦା ଶୃଙ୍ଖଳିତ କରି ରଖିବ । ସାମୟିକ ଭକ୍ତ ଭାବରେ ସ୍କାର୍ଫ ବେକରେ ପକାଇଥିଲାବେଳେ ଗୋଟିଏ ପ୍ରକାରର ଜୀବନ ଏବଂ ତାକୁ ବେକରୁ କାଢ଼ି ଘରେ ବା ଅବସର ବିନୋଦନ କରୁଥିଲା ବେଳେ ଅନ୍ୟ ପ୍ରକାର ଜୀବନ ଅନୁସରଣ କର ନାହିଁ । ସବୁ ସମୟରେ ସାଧକ ଓ ସେବକ ହୁଅ । ଏହା ଭୁଲି ଯାଅ ନାହିଁ, କିମ୍ବା ବଦଳାଇ ଦିଅ ନାହିଁ । ତୁମେ ଯେଉଁ ସେବା ମାର୍ଗ ଗ୍ରହଣ କରିଛ ସେଥିରେ ସଂଶୟର ଆଘାତ କିମ୍ବା ବିଚ୍ୟୁତିର ଲକ୍ଷ୍ମ ରହିବା ଉଚିତ ନୁହେଁ । ତୁମର ଲକ୍ଷ୍ୟ ଯେଉଁ ଈଶ୍ୱରକୃପା, ସେଠାରେ ଦୃଷ୍ଟି ନିବଦ୍ଧ ରଖି ଧୀରେ ଧୀରେ ସାହସର ସହ ଆଗେଇ ଚାଲ । ମନୁଷ୍ୟସୁଲଭ ମନର ଅଧିକାରୀ ହେବା ପାଇଁ ଚେଷ୍ଟା କର, ମର୍କଟ-ମନର ଅଧିକାରୀ ହୁଅ ନାହିଁ । ବିଚାରରୁ ଅବିଚାର, ସନ୍ଦେହରୁ ଅସ୍ୱୀକାରକୁ ଡେଇଁ ବୁଲ ନାହିଁ । ମଣିଷ ପରି ହୁଅ । ପଶୁ ପରି ଜଡ଼ କିମ୍ବା ମାଙ୍କଡ଼ ପରି ଅସ୍ଥିର ହୁଅନା । ସବୁଠୁ ବଡ଼କଥା ହେଲା, ପ୍ରେମ ସଂପନ୍ନ ହୁଅ, ପ୍ରେମ ପ୍ରକାଶ କର, ପ୍ରେମର ସହ ଅନ୍ୟାନ୍ୟ ସେବାଦଳ କର୍ମୀମାନଙ୍କ ସହ ଚଲାବୁଲା କର । ପ୍ରେମ ତୁମର ପ୍ରାଣ ହେଉ, ପ୍ରେମର ସୂର୍ଯ୍ୟ ତୁମ ହୃଦୟ କମଳକୁ ବିକଶିତ କରୁ । ତୁମର ସବୁ ସେବାକର୍ମରେ ସଫଳତା ଲାଭ କର । ତୁମ ପ୍ରତ୍ୟେକଙ୍କୁ ଏହା ହିଁ ମୋର ଆଶୀର୍ବାଦ ।

ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ, ୧୪ ନଭେମ୍ବର ୧୯୭୫

ତୃଷା ଶାନ୍ତ କର

ସେବାଦଳର ଦାୟିତ୍ୱ ଖୁବ୍ ଉଚ୍ଚ ସ୍ତରର । ଏହା ନିଜର କର୍ମୀମାନଙ୍କୁ ଓ ସେମାନଙ୍କ ମାଧ୍ୟମରେ ସମଗ୍ର ମାନାବଜାତିକୁ ସାଧନାର ମାର୍ଗରେ ପଥ ପ୍ରଦର୍ଶନ କରିବା ଉଚିତ । ଏହି ସାଧନା ହେଲା 'ମୁଁ' ଅବସ୍ଥାରୁ 'ଆମେ' ଅବସ୍ଥାକୁ ଯିବା । ଏହା ହିଁ ସେବାଦଳକୁ ଏହାର ପ୍ରାପ୍ୟ ଗୁରୁତ୍ୱ ପ୍ରଦାନ କରିଛି । ତୁମକୁ ପ୍ରତ୍ୟେକଟି କାମକୁ ଉପାସନାରେ ପରିଣତ କରିବାକୁ ହେବ ଏବଂ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ ସେଇ ଭାବରେ ସଞ୍ଜୀବିତ କରି ରଖିବାକୁ ପଡ଼ିବ । ତେବେ ଯାଇ ତୁମେ ଏହି ସଂଗଠନର ସଦସ୍ୟ ହେବାକୁ ଯୋଗ୍ୟ ହୋଇପାରିବ ।

କର୍ମ ମାଧ୍ୟମରେ ହିଁ ମନୁଷ୍ୟ ଆପଣାର ଚିତ୍ତଶୁଦ୍ଧି କରିପାରେ । ପ୍ରକୃତରେ କହିବାକୁ ଗଲେ କେବଳ ଏଥିପାଇଁ ହିଁ ମନୁଷ୍ୟ କର୍ମକୁ ସ୍ୱାଗତ କରିବା ଉଚିତ। ତେବେ ଚିତ୍ତଶୁଦ୍ଧି ପାଇଁ ଚେଷ୍ଟା କରିବା କ'ଣ ଦରକାର? ମନେକର ଗୋଟିଏ କୂଅରେ ମାଟିଆ, ଗୋଳିଆ ପାଣି ଭର୍ତ୍ତି ହୋଇଛି । ତାହା ହେଲେ କୂଅର ତଳେ କ'ଣ ଅଛି ଦେଖାଯିବ ନାହିଁ । ସେହିପରି ମଣିଷର ଚିତ୍ତର ଗଭୀର ତଳେ ରହିଛି ଆତ୍ମା । ମାତ୍ର ଚିତ୍ତ ନିର୍ମଳ ହେଲେ ଯାଇ ଏହି ଆତ୍ମା ଦୃଷ୍ଟିଗୋଚର ହେବ । ତୁମର କଳ୍ପନା, ଅନୁମାନ, ବିଚାର, ଅବିଚାର, ମତାନ୍ଧତା, ଭାବାବେଗ. ବାସନା, କାମନା, ଅହଙ୍କାର- ଏ ସବୁ ମନକୁ କାଦୁଆ କରିଦଏ; ଏହା ଉପରେ ମୋଟା ପ୍ରଲେପ ଦେଇ ମନକୁ ଅସ୍ପଷ୍ଟ କରିପକାଏ । ତାହାହେଲେ ମୂଳରେ ଥିବା ଆତ୍ମାକୁ ତୁମେ କିପରି ଚିହ୍ନିପାରିବ? ଆପଣାର ଅହଙ୍କାରକୁ ତୃପ୍ତ କରିବାର କୌଣସି ବାସନା ନ ରଖି ଅନ୍ୟମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଯେଉଁ ସେବା କର୍ମ କରାଯାଏ, ତାହା ଦ୍ୱାରା ଚିତ୍ତକୁ ନିର୍ମଳ କରି ଆତ୍ମଦର୍ଶନ କରିବା ସମ୍ଭବ ।

ତେଣୁ ବିଚାର କର, ତୁମେମାନେ କାହା ପାଇଁ ସେବା କରୁଛ । ତୁମେ ଆପଣାର ହିଁ ସେବା କରୁଛ । ନିଜ ଭିତରେ ଥିବା ଆତ୍ମା ସମ୍ବନ୍ଧରେ ସଚେତନ ହେବା ପାଇଁ ଅହଂକାରର ପ୍ରଲୋଭନରୁ ଆପଣାକୁ ଜାଣିବା ପାଇଁ ଏବଂ "ମୁଁ କିଏ ?" ଏହି ବେଦନାଦାୟକ ପ୍ରଶ୍ନର ଉତ୍ତର ପାଇବା ପାଇଁ ତୁମେ ସେବାକର୍ମରେ ନିୟୋଜିତ । ତେଣୁ ତୁମେ 'ଅନ୍ୟ'ର ସେବା କର ନାହିଁ, 'ନିଜ'ର ହିଁ କରିଥାଅ । ତୁମେ ପରାର୍ଥର ସେବା କରି ନ ଥାଅ । ସେବା କରିଥାଅ 'ନିଜ ସ୍ୱାର୍ଥ'ର ।

ତୁମେ ପଚାରିପାର, ସେବା ଦ୍ୱାରା କିପରି ଅହଂକାରକୁ ହ୍ରାସ କରିବା ସମ୍ଭବ । ସେବାକର୍ମକୁ ପ୍ରେମରେ ନିମଜ୍ଜିତ କରି ଉପାସନାରେ ପରିଣତ କରିହେବ ।

କର୍ମ ଯେତେବେଳେ ଈଶ୍ୱରଙ୍କଠାରେ ନିବେଦିତ ହୁଏ, ସେତେବେଳେ ତାହା ପୂଜା ପାଲଟି ଯାଏ । ଏହା କର୍ମରୁ ତୁମର ଅହଂକାରକୁ ଅଲଗା କରିଦିଏ । ଏହା କର୍ମରୁ ସଫଳତାର ଭୌତିକ ଅଭିଳାଷା ଓ ବିଫଳତାର ଭୌତିକ ଭୟକୁ ମଧ୍ୟ ଦୂର କରିଦିଏ । ତୁମେ ଅନୁଭବ କର, ଯେତେବେଳେ ତୁମେ ତୁମର କର୍ତ୍ତବ୍ୟକୁ ସର୍ବୋତ୍ତମ ସାମର୍ଥ୍ୟ ଦେଇ ସଂପନ୍ନ କର, ସେତେବେଳେ ତୁମର ପୂଜା ମଧ୍ୟ ସଂପନ୍ନ ହୋଇଛି । ଏହା ପରେ ଯିଏ ତୁମର ପୂଜା ଗ୍ରହଣ କରିଛନ୍ତି ତାଙ୍କ ଇଚ୍ଛା ଅନୁସାରେ, ସେ ଯେପରି ଚାହାନ୍ତି ସେପରି ଫଳ ପ୍ରଦାନ କରିବା ତାଙ୍କର ଦାୟିତ୍ୱ । ମନରେ ଏହି ଭାବ ଥିଲେ କର୍ମ ନିଷ୍କାମ କର୍ମରେ ପରିଣତ ହୋଇଯିବ । ଏହି ସାଧନାର ନିୟମିତ ଅଭ୍ୟାସ ଚିତ୍ତକୁ ନିର୍ମଳ ଓ ବିଶୁଦ୍ଧ କରିଦେବେ । ଏହି ଚିତ୍ତଶୁଦ୍ଧିର ପ୍ରାଥମିକ ଆୟୁଧ ନ ଥାଇ ମଣିଷ କିପରି ଆଧ୍ୟାତ୍ମିକ ଶିଖର ଆରୋହଣ କରିବାର ଆସ୍ପର୍ଦ୍ଧା କରିପାରିବ ? ଅତୀତର ସମସ୍ତ ମୁନିଋଷି ଜୀବନର ପ୍ରଥମ ବର୍ଷଗୁଡ଼ିକ ଚିତ୍ତଶୁଦ୍ଧି ନିମନ୍ତେ କଠୋର ସାଧନାରେ ଅତିବାହିତ କରିଥିଲେ । ତୁମର ବୃତ୍ତିଗତ ପାରଦର୍ଶିତା ଯେତେ ଲାଭଜନକ ହେଉ ପଛେ, ଜୀବନକୁ ସୁଖମୟ କରିବା ନିମନ୍ତେ ଉପାଦାନଗୁଡ଼ିକ ତୁମେ ଯେତେ ପ୍ରଚୁର ପରିମାଣରେ ସଞ୍ଚିତ କଲେ ମଧ୍ୟ, ନିଜ ବୁଦ୍ଧିର ପ୍ରୟୋଗରେ ସମାଜରେ ପ୍ରତିଷ୍ଠା ଓ ପ୍ରତିପତ୍ତିରେ ତୁମେ ଯେତେ ଉପରକୁ ଉଠିଲେ ମଧ୍ୟ ତୁମର କିଛି ଲାଭ ହୁଏ ନୁହେଁ । ପ୍ରତ୍ୟେକ କର୍ମ ପଛରେ ଶୁଦ୍ଧଚିତ୍ତର ପ୍ରେରଣା ନିହିତ ରହିବା ଦରକାର ।

ଏହି କଥାଟିକୁ ମୁଁ ବୁଝାଇ ଦେଉଛି । ଗୋଟିଏ ସାଧାରଣ ଲଫାଫା ନିଅ । ଏହା ଉପରେ ଚିଠି ପାଇବା ବ୍ୟକ୍ତିଙ୍କର ଠିକଣା ଖୁବ୍ ସୁନ୍ଦର ସୁନେଲି ଅକ୍ଷରରେ ଚମତ୍କାର ଭାବରେ ଲେଖ । ଲଫାଫା ଭିତରେ ଗୋଟିଏ ଅତି ରସମୟ ଚିଠି ଲେଖି ଭର୍ତ୍ତି କର । ତା'ପରେ ଚିଠିଟିକୁ ଡାକ ବାକ୍ସରେ ପକାଇ ଦିଅ । ଏହାର ଭାଗ୍ୟ କ'ଣ ହେବ ? ଚିଠିଟି ଡାକ ବାକ୍ସ ପାଖରୁ ପାଦେ ବି ଆଗକୁ ଯାଇ ପାରିବ ନାହିଁ । ଗୋଟିଏ ସାଧାରଣ ପୋଷ୍ଟକାର୍ଡ ନିଅ । ଏହା ଦେଖିବାକୁ ସେତେ ଆକର୍ଷଣୀୟ ନୁହେଁ; ଠିକଣା ଲେଖିଲାବେଳକୁ ମଧ୍ୟ ସେମିତି କିଛି ସବିଶେଷ ଯତ୍ନ ନିଅନା । ତୁମେ ଯେଉଁ ସମ୍ବାଦ ଜଣାଇବାକୁ ଚାହଁ, ତାହା କାର୍ଡଟିରେ ଏଣୁ ତେଣୁ କରି ଗାରେଇ ଦିଅ । ତା'ପରେ ଏଥିରେ ଆବଶ୍ୟକ ଡାକ ଟିକଟ ଲଗାଇ ଡାକ ବାକ୍ସରେ ପକାଇ ଦିଅ । ଏହାର ଭାଗ୍ୟ କ'ଣ ହେବ ? ସୁନ୍ଦର ରୁଚିପୂର୍ଣ୍ଣ ସୁନେଲି ଅକ୍ଷରରେ ଲେଖା ଥିବା ଡାକ ଟିକଟ ବିହୀନ ଲଫାଫାଟି ଜଡ ହୋଇ ପଡିଥିବା ବେଳେ ଏହି ସାଧାରଣ, ଅନାକର୍ଷଣୀୟ କାର୍ଡଟି ହଜାର ହଜାର ମାଇଲ ଦୂରର ବ୍ୟକ୍ତିଙ୍କ ପାଖକୁ ନିରାପଦରେ ଚାଲିଯିବ । ତେଣୁ ତୁମର ସେବାକର୍ମ ଯେତେ ଅପୂର୍ବ ଯେତେ

ଉଲ୍ଲେଖଯୋଗ୍ୟ ହେଲେ ମଧ୍ୟ ଏହା ପଛରେ ଯଦି ଚିତ୍ତଶୁଦ୍ଧି ନଥିବ, ତେବେ ଏଥିରୁ ତୁମେ କିଛି ଫଳ ପାଇବ ନାହିଁ ।

ସେବା କରିବା ପାଇଁ ତୁମ ମନର ଆକୁଳତା ଓ ସେବା କଲାବେଳେ ତୁମର ଉତ୍ସାହ ହିଁ ତୁମକୁ ରକ୍ଷା କରୁଛି । ଈଶ୍ୱର କେବଳ ସାକ୍ଷୀ ମାତ୍ର । ଆଶୀର୍ବାଦ କରିବା ପାଇଁ ତାଙ୍କର ଅଭିଳାଷା ନାହିଁ କିମ୍ବା କୌଣସି କ୍ରୋଧପରବଶ ହୋଇ ସେ ଦଣ୍ଡ ଦିଅନ୍ତି ନାହିଁ । ତୁମେ ନିଜର ଭାବ ଓ କର୍ମର ଫଳସ୍ୱରୂପ ଆଶିଷ ପାଅ ବା ଦଣ୍ଡ ପାଅ । ଯଦ୍‌ଭାବଂ ତଦ୍‌ଭବତି । ତୁମର ଭାବକୁ ହିଁ ଫଳାଫଳ ଅନୁସରଣ କରିଥାଏ । କୁ-କର୍ମରୁ ସୁଫଳ ମିଳେ ନାହିଁ; ସତ୍‌କର୍ମ କୁଫଳ ଜାତ କରେ ନାହିଁ । ନିମ୍ବ ମଞ୍ଜିରୁ ଆମ୍ବ ଜାତ ହୁଏନା, କିମ୍ବା ଆମ୍ବ ଟାକୁଆରୁ ନିମ୍ବଗଛ ଜାତ ହୁଏନା ।

ସେହିପରି ଜଣେ ବ୍ୟକ୍ତି ଜ୍ଞାନର ବିଭିନ୍ନ ବିଭାଗରେ ଖୁବ୍ ବେଶୀ ପ୍ରବୀଣ ହୋଇଥାଇ ପାରନ୍ତି, ଭୌତିକ ଜୀବନର କଳାକୌଶଳରେ ଅତ୍ୟନ୍ତ ଦକ୍ଷ ହୋଇଥାଇ ପାରନ୍ତି, ଅନେକ କିଛି ହାସଲ କରିଥାଇ ପାରନ୍ତି, ମାତ୍ର ଚିତ୍ତଶୁଦ୍ଧି ବିନା ତାଙ୍କର ମସ୍ତକ ଗୋଟିଏ ଜଳହୀନ ମରୁଭୂମି ବା ରସହୀନ ବିଶାଳ ପଥରଖଣ୍ଡ ପରି, ଏଥିରେ ପ୍ରେମ, କରୁଣା ବା ମହାନତାର ଗନ୍ଧ ସୁଦ୍ଧା ନାହିଁ ।

ଭକ୍ତିସୂତ୍ରରେ ଆତ୍ମସାକ୍ଷାତ୍‌କାର୍ ନିମନ୍ତେ ଯେଉଁ ନବଧା ମାର୍ଗ ବର୍ଣ୍ଣିତ ଅଛି, ସେଥିରୁ ସେବା ଭାବ ଶେଷ ଲକ୍ଷ୍ୟର ପ୍ରାୟ ନିକଟତମ । ଏହା ସପ୍ତମ ପାହାଚ । ଧର୍ମଶାସ୍ତ୍ର ଅଧ୍ୟୟନ, ଧନଦାନ, ନାମସ୍ମରଣ ଓ ସ୍ତୋତ୍ରପାଠ ଏସବୁ ସମୟକୁ ପବିତ୍ର ଭାବରେ କଟାଇବା ପାଇଁ ଓ ଦୁଷ୍କର୍ମରେ ଜଡ଼ିତ ହେବାର ସମ୍ଭାବନାରୁ ଉଦ୍ଧାର ପାଇବା ପାଇଁ ଉତ୍ତମ କର୍ମ ହୋଇପାରେ, ମାତ୍ର ସେସବୁ କ୍ୱଚିତ୍ ମଣିଷର ଚିତ୍ତ ନିର୍ମଳ କରିଥାନ୍ତି । ବରଂ ସେସବୁ କର୍ମ ମଣିଷର ଅହଂକାରର ସେବା କରନ୍ତି, ଅହଂକାରକୁ ସ୍ଫୀତ କରନ୍ତି । ତୁମେ ଭଜନ ମନ୍ଦିରରେ ବସି ହୁଏତ ବଡପାଟିରେ ଭଜନ ଗାଉଥିବ, ମାତ୍ର ମନ ତୁମର ଥିବ ମନ୍ଦିର ବାହାରେ ଛାଡି ଆସିଥିବା ଚପଲ ହଳକଠାରେ । ଭଜନ କରୁଥିବା ବେଳେ ତୁମ ଚପଲ କାଳେ ଚୋରି ହୋଇଯିବ ବୋଲି ଭାବୁଥିବ । ଏହା ଭଜନରେ ଭାବଚ୍ୟୁତି ଘଟାଏ ଓ ଏହାକୁ ଏକ ଶୁଷ୍କ ପ୍ରଦର୍ଶନରେ ପରିଣତ କରେ ।

ମାତ୍ର ସେବାର ସାଧନା ଏହାଠାରୁ ସଂପୂର୍ଣ୍ଣ ପୃଥକ୍ । ସେବାକର୍ମରେ ତୁମେ ନିଜର ସରଳ ସାମର୍ଥ୍ୟ ଓ ଲକ୍ଷ୍ୟ ହାତରେ ଥିବା କାମ ଉପରେ ହିଁ ନିବିଷ୍ଟ କରି ରଖିଥାଅ - କାରଣ ଏହା ସମର୍ପିତ କର୍ମ । ସେବାରେ ନିୟୋଜିତ ଥିବାବେଳେ ତୁମେ ଶରୀର ଓ ଏହାର ଦାବିକୁ ଉପେକ୍ଷା କରିଥାଅ । ସେତେବେଳେ ତୁମେ

ଅହଂକାରକୁ ମୂଳରୁ ଉପାଡି ଫିଙ୍ଗି ଦେଇଥାଅ । ସେତେବେଳେ ତୁମେ ନିଜର ପ୍ରତିପତ୍ତି, ମମକାର, ନାମ, ରୂପ ଏବଂ ବ୍ୟକ୍ତିଠାରୁ ଏମାନେ ଯାହା ଦାବି କରନ୍ତି ସେ ସମସ୍ତରୁ ମୁକ୍ତ ହୋଇଯାଅ । ଏହା ହିଁ ଚିତ୍ତକୁ ନିର୍ମଳ କରେ । ତୁମେ ଯାହା କିଛି କର୍ମ କରୁଛ, ସେଥିରେ ନିଜର ବ୍ୟକ୍ତିତ୍ୱର ଦାବିକୁ ବିସର୍ଜନ କର ଏବଂ ଏହାର ଲାଭ, କ୍ଷତି, ସୁଖ, ଦୁଃଖ ସବୁଥିରେ ଭଗବାନଙ୍କ ସହ ଭୋଗ କର । ଭଗବାନଙ୍କୁ ବାହାରୁ କେଉଁଠୁ ଆମଦାନୀ କରିବା ଦରକାର ନାହିଁ । ସେ ସବୁବେଳେ ତୁମରି ଭିତରେ ହିଁ ଅଛନ୍ତି । ଏହି ସତ୍ୟ ତୁମ ନିଜର ଆବିଷ୍କାର, ତୁମ ନିଜର ସମ୍ପଦ, ତୁମ ନିଜର ଶକ୍ତି ଦେବା ଦରକାର । ଏହା ହିଁ ସେବାଦଳର ମହତ୍ ଲକ୍ଷ୍ୟ । ସେଥିପାଇଁ ସତ୍ୟସାଇ ସଂଗଠନରେ ସେବାଦଳକୁ ଏତେ ଉନ୍ନତ ସ୍ଥାନ ଦିଆଯାଇଛି ।

ଥରେ ଜଣେ ବଡ ଧର୍ମପ୍ରାଣ ଲୋକ ଏ ବିଶାଳ ଦେଶର ଅପର ପ୍ରାନ୍ତରରୁ କାଶୀରୁ ରାମେଶ୍ୱର ଆସୁଥିଲେ । ସେ ରାମେଶ୍ୱରଠାରେ ମହୋଦଧିରେ ମିଶାଇବା ପାଇଁ କିଛି ଗଙ୍ଗାଜଳ ଧରି ଆସୁଥିଲେ । ତାହା ହେବ ତାଙ୍କର ବହୁ ତୀର୍ଥ, ବହୁ ସ୍ଥାନ ଦେଇ ବହୁ କଷ୍ଟକର ଯାତ୍ରାର ପରିସମାପ୍ତି । ଅଧବାଟରେ ସେ ଦେଖିଲେ ଗୋଟିଏ ଗଧ ତୃଷାରେ ଛଟପଟ ହୋଇ ମରଣାସନ୍ନ ହୋଇ ପଡ଼ିଛି । ସେ ତୃଷାରେ ଏପରି କାତର ହୋଇ ପଡ଼ିଛି ଯେ ପାଣି ପାଖକୁ କେତେ ପାଦ ଯିବା ପାଇଁ ମଧ୍ୟ ତାର ସାମର୍ଥ୍ୟ ନାହିଁ । ତା'ର ଶୁଖିଲା ଜିଭ ଓ ତାଳୁରେ ଖୋସି ହୋଇ ଯାଇଥିବା ଆଖି ସେ ଯେ ଅସହ୍ୟ ଯନ୍ତ୍ରଣା ଭୋଗୁଛି ତାହା ସୂଚାଇ ଦେଉଥିଲା । ତୀର୍ଥଯାତ୍ରୀ ଗଧଟିର ବିକଳ ଆଉ ସହି ନ ପାରି ସେ ଯେଉଁ ଗଙ୍ଗାଜଳ ଆଣିଥିଲେ ତାକୁ ତୃଷାର୍ତ୍ତ ପ୍ରାଣୀଟିକୁ ପିଆଇ ଦେଲେ । ଅଳ୍ପ ସମୟ ମଧ୍ୟରେ ଗଧଟି ନିଜକୁ ମୃତ୍ୟୁର କବଳରୁ ଉଦ୍ଧାର କରିବାର ଶକ୍ତି ଫେରି ପାଇଲା । ଏହା ଦେଖି ସେ ତୀର୍ଥଯାତ୍ରୀଙ୍କ ସହ ଆସୁଥିବା ଆଉ ଜଣେ ଲୋକ କହିଲା; "ଗୋସେଇଁ, ଆପଣ ଯେଉଁ ପବିତ୍ର ଗଙ୍ଗାଜଳ ଆଣିଥିଲେ ତାହା ରାମେଶ୍ୱରଠାରେ ବରୁଣଙ୍କୁ ଅର୍ପଣ କରିବା କଥା । ଏ ଅସ୍ପୃଶ୍ୟ ଘୃଣ୍ୟ ଜନ୍ତୁଟିର ମୁହଁରେ ସେତକ ଢାଳି ଦେଇ ପାପ ଅର୍ଜିଲେ କାହିଁକି ? ତୀର୍ଥଯାତ୍ରୀ ଉତ୍ତର ଦେଲେ, "ନା, ନା, ମୁଁ ତ ପବିତ୍ର ଗଙ୍ଗାଜଳକୁ ପବିତ୍ର ରାମେଶ୍ୱରଠାରେ ହିଁ ଅର୍ପଣ କରିଛି, ତୁମେ କ'ଣ ଏହା ଜାଣନା ?" ସେ ଏହା କହିବାର କାରଣ ଯେ କୌଣସି ଜୀବକୁ ଯେଉଁ ସେବା ନିବେଦନ କରାଯାଏ ତାହା ସିଧାସଳଖ ଈଶ୍ୱରଙ୍କଠାରେ ପହଞ୍ଚିଯାଏ – ଏହା କଦାପି ପାପ ହୋଇ ନ ପାରେ । ଜୀବସେବା ହିଁ ଦେବସେବା । ଏହି ବିଶ୍ୱାସରେ ସର୍ବଦା ଦୃଢ଼ ରହ ।

ଲକ୍ଷ ଲକ୍ଷ ଲୋକ କାଶୀ ଦର୍ଶନରେ ଆସନ୍ତି । ଯିଏ ଥରେ କାଶୀ ଦର୍ଶନ କରେ ତାର ଆଉ ପୁନର୍ଜନ୍ମ ନାହିଁ ବୋଲି କୁହାଯାଇଥାଏ । ଦିନେ କୈଳାସରେ

ପାର୍ବତୀ ଶିବଙ୍କୁ ପଚାରିଲେ, "ପ୍ରଭୁ, ମୁଁ ଶୁଣିଛି ଯେଉଁମାନେ କାଶୀ ଆସି ବିଶ୍ୱନାଥ ମନ୍ଦିରରେ ଆପଣଙ୍କର ପୂଜା କରନ୍ତି ସେମାନେ ସବୁବେଳେ ଆପଣଙ୍କ ପାଖରେ ରହନ୍ତି । କାଶୀକୁ ତ ଲକ୍ଷ ଲକ୍ଷ ଲୋକ ଆସୁଛନ୍ତି, ସମସ୍ତେ ଯଦି ଏଠାକୁ ଆସିବେ, କୈଳାସରେ କ'ଣ ଏତେ ଲୋକଙ୍କ ପାଇଁ ଜାଗା ହେବ ?" ଶିବ ଉତ୍ତର ଦେଲେ, "କାଶୀକୁ ଯେଉଁ ଲକ୍ଷ ଲକ୍ଷ ଲୋକ ଆସୁଛନ୍ତି ସେମାନେ ସମସ୍ତେ ଏଠାକୁ ଆସି ପାରିବେ ନାହିଁ । ମୁଁ ଗୋଟିଏ ନାଟକ ସୃଷ୍ଟି କରି ତୁମକୁ ବୁଝାଇ ଦେବି ପ୍ରକୃତରେ କେଉଁମାନେ ଏଠାକୁ ଆସିପାରିବେ । ତୁମକୁ ମଧ୍ୟ ଏଥିରେ ଅଭିନୟ କରିବାକୁ ପଡ଼ିବ । ମୁଁ ଯାହା କହୁଛି ତାହା କର ।"

ପାର୍ବତୀ ଜଣେ ଅଶୀ ବର୍ଷର ପାକଲା ବୁଢ଼ୀ ବେଶ ଧରିଲେ ଓ ଶିବ ୯୦ ବର୍ଷର ଗୋଟିଏ ରୋଗିଣା ମୁମୂର୍ଷୁ ବୁଢ଼ା ପାଲଟିଲେ । ବୁଢ଼ୀ ବୁଢ଼ାକୁ କୋଳରେ ଧରି କାଶୀ ବିଶ୍ୱନାଥଙ୍କ ମନ୍ଦିର ପାହାଚ ପାଖରେ ବସିଲା ଓ ଥର ଥର ଗଳାରେ ତୀର୍ଥଯାତ୍ରୀମାନଙ୍କୁ ନିବେଦନ କରି କହିଲା, "ଧର୍ମାତ୍ମାମାନେ, ଶୋଷରେ ମୋ ସ୍ୱାମୀଙ୍କର ତଣ୍ଟି ଶୁଖି ଯାଉଛି । ତାଙ୍କୁ ଛାଡି ମୁଁ ଗଙ୍ଗାକୁ ପାଣି ପାଇଁ ଯାଇ ପାରୁନାହିଁ । ତାଙ୍କ ମୁହଁରେ ମୁନ୍ଦିଏ ପାଣି ଦିଅ । ତାଙ୍କୁ ବଞ୍ଚାଅ ।" ତୀର୍ଥଯାତ୍ରୀମାନେ ଗଙ୍ଗାରେ ସ୍ନାନ ସାରି ଓଦା ଲୁଗାରେ ବିଶ୍ୱନାଥଙ୍କ ଦର୍ଶନ ପାଇଁ ଯାଉଥାନ୍ତି ।

ତୀର୍ଥଯାତ୍ରୀମାନଙ୍କ ମଧ୍ୟରୁ କେତେଜଣ ରୁକ୍ଷ କଣ୍ଠରେ କହିଲେ ଯେ ଏ ବୁଢ଼ାବୁଢ଼ୀଙ୍କୁ ଦେଖି ସେମାନଙ୍କ ମନର ଶାନ୍ତି ବ୍ୟାହତ ହେଲା । ସେମାନେ କହିଲେ, "ଆମେ ପ୍ରଭୁଙ୍କର ଦର୍ଶନ ପାଇଁ ଆସିଥିଲୁ ମାତ୍ର ହାୟ, ଆଖି କ'ଣ ଦେଖିଲା ! କି ଅଶୁଭ ଦୃଶ୍ୟ ?" ଏପରି କହି କହି ସେମାନେ ଚାଲିଯାଉଥାନ୍ତି । କେତେ ଜଣ ବୁଢ଼ୀର ଚିତ୍କାରକୁ ଆଦୌ ଭ୍ରୂକ୍ଷେପ ନ କରି ଚାଲିଯାଉଥାନ୍ତି । କେତେଜଣ ନାସିକା କୁଞ୍ଚନ କରି ଚାଲି ଯାଉଥାନ୍ତି, ଆଉ କେତେକ କହୁଥାନ୍ତି, "ଅପେକ୍ଷା କର, ଭିତରେ ଠାକୁରଙ୍କର ଅଭିଷେକ ସରିଲା ପରେ ଯାଇ ଗଙ୍ଗାଜଳ ଆଣିଦେବୁ ।" କେହି ହେଲେ ସେ ରୋଗୀଙ୍କ ପାଇଁ ଜଳଟିକେ ଆଣିବାକୁ ବାହାରିଲେ ନାହିଁ ।

ମାତ୍ର ମନ୍ଦିର ଭିତରେ କେତେଜଣଙ୍କର ପକେଟ୍‌ମାରୁ କରିବାକୁ ପଶିଯାଇଥିବା ଗୋଟିଏ ପୋଖତ ଚୋର ଏମାନଙ୍କ ବିକଳ ଡାକ ଶୁଣିଲା । ସେ ସେମାନଙ୍କ ପାଖରେ ଅଟକି ଯାଇ ପଚାରିଲା, "ମା, କ'ଣ ହୋଇଛି ?" ବୁଢ଼ୀ ଉତ୍ତର ଦେଲା, "ପୁଅ, ଆମେ ବିଶ୍ୱେଶ୍ୱରଙ୍କ ଦର୍ଶନ ପାଇଁ ଏଠାକୁ ଆସିଥିଲୁ । ମାତ୍ର ଶେଷରେ ବୁଢ଼ାଙ୍କର ତଣ୍ଟି ଶୁଖିଗଲା ଆଉ ସେ ତଳେ ପଡିଗଲେ । କିଏ ଯଦି ପାଣି ମୁନ୍ଦିଏ ଆଣି ତାଙ୍କ ପାଟିରେ ଦିଅନ୍ତା, ତେବେ ତାଙ୍କ ପ୍ରାଣ ରହି ଯାଆନ୍ତା । ତାଙ୍କୁ

ଏଠି ଛାଡି ମୁଁ ଯାଇ ପାରିବି ନାହିଁ । ପୁଅ, ମୋତେ ଟିକେ ସାହାଯ୍ୟ କରନ୍ତୁ ବୋଇଲେ ତୋର ବହୁତ ପୁଣ୍ୟ ହୁଅନ୍ତା ।” ଚୋରଟିର ମନରେ ଦୟା ହେଲା । ତା’ ପାଖରେ ଥିବା ଗୋଟିଏ ଶୁଖିଲା ଲାଉତୁମ୍ବାରେ କିଛି ପାଣି ଥିଲା । ସେ ନଇଁ ପଡି ବୁଢା ପାଟିରେ ପାଣିତକ ଢାଳିବାକୁ ବସିଲା । ମାତ୍ର ଏତିକିବେଳେ ବୁଢୀଟି କହିଲା, “ପୁଅ ପାଟିରେ ଗଙ୍ଗାପାଣି ପଡୁ ପଡୁ ବୁଢାଙ୍କର ପ୍ରାଣ ଉଡି ଯାଇପାରେ । ତାଙ୍କ ଜୀବନର ଶେଷ ଅବସ୍ଥା ଆସିଗଲାଣି । ଏଣୁ ପଦେ ସତକଥା ତାଙ୍କ କାନରେ କହି ପାଣି ଢାଳି ଦେ । କାନରେ ମିଛ କହିବୁନି ବାପ ।” ବୁଢୀ କ’ଣ କହୁଛି ଚୋରଟି ବୁଝିପାରିଲା ନାହିଁ । ସେ ବୁଢୀକୁ ଚାହିଁ ପଚାରିଲା, “ଏ କି କଥା, ମା ?” ସେ ବୁଝାଇ କହିଲା, “ପୁଅ, ତୁ ଜୀବନରେ କରିଥିବା ଗୋଟିଏ ପୁଣ୍ୟ କର୍ମ ତାଙ୍କ କାନରେ କହିଦେଇ ପାଟିରେ ପାଣି ଦେ ।” ତାହା ସେ ପକେଟ୍‌ମାରୁଠାରେ ଗୋଟିଏ ସମସ୍ୟା ସୃଷ୍ଟି କଲା । ତାର ବୁଦ୍ଧି ହଜିଗଲା । ସେ କ’ଣ କରିବ ବୁଝିପାରିଲା ନାହିଁ । ଚୋରଟି ଉତ୍ତର ଦେଲା, “ମା, ସତ କହିଲେ, ମୁଁ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ଭଲ କାମ କର ନାହିଁ । ଏହି ତୃଷାର୍ତ୍ତ ଲୋକକୁ ପାଣି ଦେବା ହିଁ ମୋ ଜୀବନର ପ୍ରଥମ ଭଲ କାମ ।” ଏହା କହି ସେ ତୁମ୍ବାଟିକୁ ବୁଢା ପାଟିରେ ଦେଇ ପାଣି ଢାଳିଲା ।

ହଠାତ୍ ସେଇ ମୁହୂର୍ତ୍ତରେ ବୁଢ଼ା ବୁଢୀ ଉଭେଇ ଗଲେ ଓ ସେଠାରେ ଆବିର୍ଭୂତ ହେଲେ ଶିବ-ପାର୍ବତୀ । ଉଭୟେ ଚୋରଟିକୁ ଆଶୀର୍ବାଦ କଲେ । ଶିବ କହିଲେ, “ବତ୍ସ, ଜୀବନକୁ ଅନ୍ୟମାନଙ୍କ ସେବାରେ ଲଗାଇବାକୁ ହେବ । ଏହାକୁ କେବଳ ନିଜ ସ୍ୱାର୍ଥରେ ବ୍ୟବହାର କରିବା ଅନୁଚିତ । ତୁ ଆଜି ପର୍ଯ୍ୟନ୍ତ ଯେତେ କୁକର୍ମ କରିଥିଲେ ମଧ୍ୟ ମାନବସେବା ହିଁ ମାଧବସେବା ବୋଲି ବୁଝିପାରିଥିବାରୁ ଏବଂ ତୋର ସମୟ ଓ ଲକ୍ଷ୍ୟ, ଅନ୍ୟ ଦିଗରେ ବ୍ୟବହାର କରି ନିଜର ଅଭିଳାଷ ପ୍ରତି ଶିଥିଳତା ପ୍ରକାଶ କରି ଗଙ୍ଗାପାଣି ତୃଷାର୍ତ୍ତ ମୁହଁରେ ଦେଇଥିବାରୁ ଏବଂ ସତ କହିଥିବାରୁ ଆମେ ତୋତେ ଦିବ୍ୟ ଦର୍ଶନ ପ୍ରଦାନ କଲୁ । ମନେରଖ, ସତ୍ୟଠାରୁ ବଡ ନୀତି ଆଉ କିଛି ନାହିଁ । ସେବାଠାରୁ ବଡ ପ୍ରାର୍ଥନା ଆଉ କିଛି ନାହିଁ ।”

ଆତ୍ମ ଦର୍ଶନ ମାର୍ଗରେ ତିନୋଟି ସ୍ତର ଅଛି ବୋଲି ଆମ ଶାସ୍ତ୍ରମାନଙ୍କରେ କୁହାଯାଇଛି, କର୍ମଜିଜ୍ଞାସା, ଧର୍ମଜିଜ୍ଞାସା, ବ୍ରହ୍ମଜିଜ୍ଞାସା । କର୍ମଜିଜ୍ଞାସା ପୂର୍ଣ୍ଣ ହୋଇ ତା’ର ଚିତ୍ତ ବିଶୁଦ୍ଧ ହୋଇ ସାରିବା ପରେ ଯାଇ ଜଣେ ବ୍ୟକ୍ତି ବ୍ରହ୍ମଜିଜ୍ଞାସା ନିମନ୍ତେ ଯୋଗ୍ୟ ହୋଇପାରିବ । ଯିଏ କୌଣସି କର୍ମ କରିବା ଆଗରୁ ତା’ର ଭଲମନ୍ଦ କଥା ଉତ୍ତମ ରୂପେ ବିଚାର କରେ ତା’ର ବିଚାର ବ୍ୟବହାର ଅବଶ୍ୟ ସତ୍ ଓ ଧର୍ମାନୁମୋଦିତ

ହେବ । ସତ୍‌କର୍ମ ସ୍ୱାଭାବିକ ଭାବରେ ସତ୍‌-ଧର୍ମ ଆଡ଼କୁ ବାଟ କଢ଼ାଇ ନେବ । ଉଦାହରଣ ସ୍ୱରୂପ, ଖାଇବା ପାଇଁ ଆମେ ଘରେ ବ୍ୟବହାର କରୁଥିବା ନଡ଼ିଆ ଚଟଣୀ କଥା ବିଚାର କର । ଏହା ଉତ୍ତମ ରୂପେ ବଟା ହୋଇଥିଲେ ଯାଇ ଖାଇବାକୁ ଭଲ ଲାଗେ, ନୁହେଁ ? ଚାଖିଲାପରେ ଯାଇ ତୁମେ ଜାଣିପାର ଏଥିରେ ଲୁଣ ପଡ଼ିଛି କି ନାହିଁ, ମାତ୍ର ଚାଖିବା ଆଗରୁ ନୁହେଁ । ଲୁଣ ଯଦି କମ୍ ଥାଏ, କିମ୍ୱା ଆଦୌ ପଡି ନ ଥାଏ, ତେବେ ତୁମେ ସେଥିରେ ଟିକିଏ ଲୁଣ ମିଶାଇ ଖାଅ । ଚାଖିବା ଆଗରୁ ତୁମେ ଏଥିରେ ଲୁଣ ମିଶାଇଥାଅ କି ? ତେଣୁ ଉପରୋକ୍ତ ତିନୋଟି ସ୍ତରକୁ ଏହା ସହ ତୁଳନା କରି କହିପାରିବା, ପ୍ରଥମ ସ୍ତରଟି ବଟାବଟି କରି ଚଟଣୀ କରିବା, ଦ୍ୱିତୀୟ ସ୍ତରଟି ଚାଖିବା ଏବଂ ତୃତୀୟ ସ୍ତରଟି ହେଲା ଆବଶ୍ୟକ ପରିମାଣର ଲୁଣ ମିଶାଇବା । ପ୍ରସ୍ତୁତି ହେଲା କର୍ମ, ଚାଖିବା ଧର୍ମ ଏବଂ ଏହାକୁ ଅଧିକ ସ୍ୱାଦୁଯୁକ୍ତ କରିବା ପାଇଁ ଟିକିଏ ଲୁଣ ମିଶାଇବା ହେଲା ବ୍ରହ୍ମ । କର୍ମ କର, ଉତ୍ସର୍ଗ କର ଏବଂ ଆରାଧନା କର । ଏହା ହିଁ ଚିତ୍ତଶୁଦ୍ଧିର ମାର୍ଗ ।

ସକଳ ଭୂତରେ ଥିବା ନାରାୟଣଙ୍କୁ କୌଣସି ଗୋଟିଏ କର୍ମ ନିବେଦନ କରିବା ହେଉଛି ସର୍ବୋତ୍ତମ ସେବା । ଅବତାରମାନେ ସେବାରେ ନିୟୋଜିତ ଥାଆନ୍ତି, ସେବା କରିବା ନିମନ୍ତେ ହିଁ ଅବତାର ଆସିଥାନ୍ତି । ତେଣୁ ତୁମେ ସେବା କର୍ମରେ ନିଜକୁ ଉତ୍ସର୍ଗ କର । ତୁମେ ଯେତେବେଳେ ମାନବର ସେବା କରିବ, ଅବତାର ତୁମ ପ୍ରତି ନିଶ୍ଚୟ ସନ୍ତୁଷ୍ଟ ହେବେ ଓ ତୁମେ ତାଙ୍କର କୃପା ଲାଭ କରିବ । ସତ୍ୟସାଇ ସେବାଦଳର କର୍ମୀ ଭାବରେ ତୁମେମାନେ ଏହି ପରମ ସୁଯୋଗ ଲାଭ କରିଛ । ମୁଁ ଆଶା କରୁଛି, ତୁମେମାନେ ଏହି ପରମ ସୁଯୋଗର ସଦ୍‌ବ୍ୟବହାର କରିବ । ଏଥିପାଇଁ ତୁମମାନଙ୍କୁ ମୁଁ ଆଶୀର୍ବାଦ କରୁଛି ।

ବୃନ୍ଦାବନ, ୬.୩.୧୯୭୭

ସେବାଦଳ

ସେବା :

ସେବା ହେଉଛି ସମଗ୍ର ବିଶ୍ୱରେ ବହୁବିଧ ରୂପ ଓ ଆବାସ ଥିବା ପ୍ରଭୁଙ୍କର ଉପାସନା । ବେଦରେ ତାଙ୍କୁ **"ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍"** ବୋଲି ବର୍ଣ୍ଣନା କରାଯାଇଛି । ଉତ୍ସବ ପାଇଁ ଏଠାକୁ ଆସିଥିବା ହଜାର ହଜାର ହାତ, ଆଖି ଓ ପାଦ ସବୁ ତାଙ୍କର, ପ୍ରଭୁଙ୍କର । ତାଙ୍କର ଉପାସନା କର; ତାହା ହିଁ ତୁମ ସେବାର ଅଭିପ୍ରାୟ । ଆଉ ସେ ତୁମର ଆତ୍ମା ଛଡା କେହି ନୁହନ୍ତି । ବ୍ୟକ୍ତିକୁ କେବଳ ଜଣେ ବ୍ୟକ୍ତି ଭାବରେ ହିସାବ କର ନାହିଁ; ତା' ଭିତରେ ନିଜର ସତ୍ତା ରୂପରେ ଭଗବାନ ଅଛନ୍ତି । ସେ ବିଷୟରେ ସଚେତନ ହୁଅ ।

ଦଳ :

ତୁମେ ବହନ କରିଥିବା ଦଳ ନାମଟିର ଆଉ ଏକ ମହାନ୍ ତାତ୍ପର୍ଯ୍ୟ ରହିଛି । ଦଳ ଅର୍ଥ ଫୁଲର ପାଖୁଡା । ପଦ୍ମର ସହସ୍ର ଦଳ ଅଛି । ସେସବୁ କେନ୍ଦ୍ରୀୟ ବୀଜକୋଷରୁ ବାହାରନ୍ତି । ପ୍ରତ୍ୟେକ ପାଖୁଡା ବୀଜକୋଷରୁ ଶକ୍ତି, ସୃଷ୍ଟି, ରଙ୍ଗ, ସୁଗନ୍ଧ ଓ ସୌନ୍ଦର୍ଯ୍ୟ ଆହରଣ କରେ । ଜୀବକୋଷରୁ ବାହାରି ଗଲେ ପାଖୁଡା ରହି ପାରିବ ନାହିଁ । ଦଳ ସାଇଙ୍କ ଆଦର୍ଶ ଓ ସାଇ ଶିକ୍ଷା ସହିତ ଲାଗି ରହିଲେ ହିଁ ସେହି ଅନୁରକ୍ତି ଓ ସେହି ସ୍ନେହ ଲାଭ କରି ହେବ । ତୁମମାନଙ୍କ ପ୍ରତି ମୋର ସନ୍ଦେଶରେ ତୁମେ ଯେଉଁମାନଙ୍କର ସେବା କରୁଛ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ବା ଭିନ୍ନତା ଦେଖିବାର କୌଣସି ସୁଯୋଗ ନାହିଁ ।

ନିଃସ୍ୱାର୍ଥପର କାର୍ଯ୍ୟ

(ଏହା ଆବ୍ରାହମ ଲିଙ୍କନଙ୍କ ଜୀବନରେ ନିଃସ୍ୱାର୍ଥପର କାର୍ଯ୍ୟର ଏକ ସୁନ୍ଦର ଉଦାହରଣ । ବାବାଙ୍କ ଅନୁମତି ନେଇ ଏହି ଘଟଣାକୁ ଏହି ପୁସ୍ତକରେ ସଂଯୋଗ କରାଯାଇଛି)

ଥରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ କାଦୁଅରେ ଗଳି ପଡ଼ିଥିବା ଗୋଟିଏ ଘୁଷୁରିଛୁଆକୁ ଉଦ୍ଧାର କରିଥିଲେ । ଏପରି କରିବା ଦ୍ୱାରା ତାଙ୍କର ଶରୀର ଓ ଲୁଗାପଟା ଅତି ଅସନା ହୋଇଗଲା । ଗୋଟିଏ ସାଧାରଣ ଘୁଷୁରି ଛୁଆକୁ ରକ୍ଷା କରିବା ପାଇଁ ଏତେ ବଡ ଦେଶର ରାଷ୍ଟ୍ରପତି ହୋଇ ସେ କାହିଁକି ନିଜକୁ ଅସନା କଲେ ବୋଲି ଦର୍ଶକମାନେ ପଚାରିଲେ । ସେ ଉତ୍ତର ଦେଲେ, "ମୁଁ ଏହି କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲି ଘୁଷୁରିଛୁଆର କଷ୍ଟ ଦୂର କରିବା ପାଇଁ ନୁହେଁ, ମାତ୍ର ଘୁଷୁରିଛୁଆକୁ ଦେଖି ମୁଁ ଯେଉଁ କଷ୍ଟ ଅନୁଭବ କଲି ସେଥିରୁ ନିଜକୁ ମୁକ୍ତ କରିବା ପାଇଁ । ମୁଁ ଏହା କେବଳ ନିଜର ମାନସିକ ଶାନ୍ତି ପାଇଁ କରିଛି ।" ଲିଙ୍କନ ସେତେବେଳେ ଯାହା କହିଥିଲେ ତାହା ଘଟଣାଟିର ବ୍ୟାବହାରିକ ସତ୍ୟ ଥିଲା । ଏହି ଆତ୍ମ-ସନ୍ତୋଷ, ନିଜର ଆନନ୍ଦ ହିଁ ସବୁ ପ୍ରକାର ନିଃସ୍ୱାର୍ଥପର କାର୍ଯ୍ୟ ପଛରେ ଲୁକ୍‌କାୟିତ ପ୍ରେରଣା ରୂପେ ରହିଛି । ଏହାକୁ କୌଣସିମତେ ମନା କରି ହେବ ନାହିଁ । ଆବ୍ରାହମ ଲିଙ୍କନ ବିଶ୍ୱାସ କରୁଥିଲେ ଯେ ମନୁଷ୍ୟ ପ୍ରତି ପ୍ରେମର ସହିତ କରାଯାଉଥିବା ସେବା ହିଁ ମାଧବସେବା । ଆମେରିକୀୟମାନେ କୃଷ୍ଣକାୟ ନିଗ୍ରୋମାନଙ୍କୁ କ୍ରୀତଦାସ ରୂପେ କାମ କରାଯାଉଥିବାର ଦେଖି ସେ ଦୁଃଖୀ ହୋଇଥିଲେ । ସେଥିପାଇଁ ଏହି କ୍ରୀତଦାସ ପ୍ରଥା ବନ୍ଦ କରିବା ସକାଶେ ସେ ନିଜ ଦେଶବାସୀଙ୍କ ସହିତ ଲଢ଼େଇ କରିଥିଲେ ଏବଂ ଶେଷରେ ସେମାନଙ୍କୁ ମୁକ୍ତି ଦେଇଥିଲେ । ସେଥିପାଇଁ ନିଗ୍ରୋ ଓ ଅନେକ ଆମେରିକୀୟ ମଧ୍ୟ କହନ୍ତି, "ସ୍ୱର୍ଗରେ ଭଗବାନ ଓ ପୃଥିବୀରେ ଆବ୍ରାହମ୍ ଲିଙ୍କନ୍ । କେବଳ ଏହି ଦୁଇଜଣ ଆମର ଯତ୍ନ ନେବାକୁ ଅଛନ୍ତି ।"

ସେବାଦଳ : ସୂକ୍ତିମାଳା

♣ "ଏକାତ୍ମା ସର୍ବଭୂତାନ୍ତରାତ୍ମା"-ଏହି ବିଶ୍ୱାସର ଆଭାରେ ଦୀପ୍ତିମନ୍ତ ସେବାଦଳ ସଦସ୍ୟ ନିଜ ପରିବାରର ସଦସ୍ୟମାନଙ୍କୁ, ନିଜର ପଡ଼ୋଶୀମାନଙ୍କୁ, ସେ ବାସ କରୁଥିବା ସମାଜକୁ ରୂପାନ୍ତରିତ କରିପାରେ ।

♣ ସେବାଦଳ ସଦସ୍ୟମାନେ ଯନ୍ତ୍ରମନା ଓ ଯାନ୍ତ୍ରିକ ହେବା ଉଚିତ ନୁହେଁ ।

♣ ପ୍ରେମର ଅନୁଶୀଳନ କର, ପ୍ରେମର ଅଭିବ୍ୟକ୍ତି କର, ଅନ୍ୟ ସେବାଦଳ ସଦସ୍ୟମାନଙ୍କ ସହିତ ପ୍ରେମରେ ବିଚରଣ କର ।

♣ କରୁଣା, ପ୍ରେମ, ବ୍ୟକ୍ତିଗତ ସୁଖ ତ୍ୟାଗ କରିବାକୁ ପ୍ରସ୍ତୁତି ଓ ଧୈର୍ଯ୍ୟ ରଖ, ତାହେଲେ ତୁମେ ସଫଳ ସେବାଦଳ ସଦସ୍ୟ ହୋଇ ପାରିବ ।

♣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଦିବ୍ୟତ୍ୱ ସମ୍ବନ୍ଧରେ ସଚେତନ ହୋଇ ପାରୁଥିବା ଆଧ୍ୟାତ୍ମିକ ସାଧନା ଛଡା ଅନ୍ୟ କୌଣସି ଯୋଗ୍ୟତା ଦେଖି ସେବାଦଳ ସଦସ୍ୟ ଚୟନ କର ନାହିଁ ।

♣ ସେବାଦଳର ଦାୟିତ୍ୱ ଅତି ଉଚ୍ଚ ସ୍ତରର ।

♣ ସେବାଦଳର ସଦସ୍ୟମାନେ ପ୍ରତ୍ୟେକ ମନୁଷ୍ୟକୁ ଭଗବାନଙ୍କର ମୂର୍ତ୍ତିମନ୍ତ ରୂପ ମନେ କରିବା ଉଚିତ ।

♣ ତୁମେ ଅହଂକାରର ଚିହ୍ନବର୍ଣ୍ଣ କିମ୍ବା ଏପରିକି ଯଶ ଓ ସ୍ୱାମୀଙ୍କ ପାଖରେ ରହିବାକୁ ସକ୍ଷମ ହେବାର ଆଶା ତ୍ୟାଗ କରିବା ଉଚିତ ।

♣ ସେବାଦଳ ସଦସ୍ୟମାନେ ନୀତି-ନିୟମ ଦ୍ୱାରା ବାଧ୍ୟ ହୋଇ ସେବା କରିବା ଉଚିତ ନୁହେଁ ।

♣ ଜଣେ ସେବାଦଳ ସଦସ୍ୟ ବା ସଦସ୍ୟା କଲେଜ ବା ଅଫିସକୁ ଯାଉଥିବାବେଳେ ଜଣେ ଲୋକକୁ ରାସ୍ତାରେ ବେହୋସ ହୋଇ ପଡ଼ିଥିବାର କିମ୍ବା ବା ଯନ୍ତ୍ରଣାରେ ଛଟପଟ ହେଉଥିବାର ଦେଖିଲେ ତା'ର କଷ୍ଟ ଦୂର କରିବା ପାଇଁ ଯଥାସାଧ୍ୟ ସାହାଯ୍ୟ କରିବା ତାର କର୍ତ୍ତବ୍ୟ । ତାକୁ ଉପେକ୍ଷା କରି ଚାଲିଯାଅ ନାହିଁ ।

♣ ଦଳ ସେବା କରିବାକୁ ଆଗ୍ରହୀ ଓ ତାଲିମପ୍ରାପ୍ତ ହେବା ଉଚିତ । କାରଣ ଯେଉଁମାନେ ମୋର ନାମ ନେଇ ସେବା କରୁଛନ୍ତି ତାହା ବୁଦ୍ଧିମାନ ଓ ନିଷ୍ପାପର ସେବା ହେବା ଉଚିତ ।

♣ ସେବାକାର୍ଯ୍ୟରୁ ନିଜ ପାଇଁ ମିଳୁଥିବା ଲାଭ ବିଷୟରେ ଚିନ୍ତା ଦୂର କରିବା ଏବଂ ଅନ୍ୟମାନଙ୍କର ହିତ ପାଇଁ କରାଯାଉଥିବା ସେବାକୁ ପ୍ରକୃତରେ ନିଃସ୍ୱାର୍ଥପର ସେବା ମନେ କରିବା ସେବାଦଳ ସଦସ୍ୟର ପ୍ରଥମ କର୍ତ୍ତବ୍ୟ ।

♣ ସେବାଦଳ ସଦସ୍ୟମାନେ ନିଜ-ପର ଭାବନାକୁ ଅତିକ୍ରମ କରିବା ଉଚିତ । ସେମାନେ ସେବାକାର୍ଯ୍ୟରେ ପ୍ରବୃତ୍ତ ହେବା ବେଳେ ଅନ୍ୟମାନଙ୍କର ସେବାକୁ ଏକ ସୁଯୋଗ ମନେ କରିବା ଉଚିତ ଏବଂ ଏହାକୁ ଭଗବାନଙ୍କ ଉପାସନାର ଏକ ରୂପ ଭାବେ ଦେଖିବା ଉଚିତ । ସେମାନେ ସମାଜସେବାକୁ ଜୀବନରେ ଆତ୍ମ-ପୂର୍ତ୍ତିର ସାଧନ ରୂପେ ଦେଖିବା ଉଚିତ ।

♣ ସତ୍ୟସାଇ ସଂଗଠନ ସେବାକୁ ଏକ ଆଧ୍ୟାତ୍ମିକ ସାଧନା ଭାବରେ ଗ୍ରହଣ କରିବା ଉଚିତ, ମୋତେ ସର୍ବାନ୍ତର୍ଯ୍ୟାମୀ ଭାବରେ ଦେଖିବା ଉଚିତ ଏବଂ ଉପାସନା ଭାବନେଇ ସେବା କରିବା ଉଚିତ ।

ଲୋକଦେଖାଣିଆ ସେବା ନୁହେଁ

ସମାଜ ସେବା

ସେମାନେ ସେବା କରୁଛନ୍ତି କି ଟଙ୍କା ଖର୍ଚ୍ଚ
କରୁଛନ୍ତି ତାହା ବୁଝି ହୁଏ ନାହିଁ ।

- ବାବା

ସେବକ ହୁଅ, ମାଲିକ ନୁହେଁ ।

- ବାବା

ଅତ୍ୟଧିକ ଖାଇ ସାରିଥିବା ଲୋକକୁ କାହିଁକି ଖୁଆଇବା ?

- ବାବା

ସେବା ହୃଦୟରୁ ଆସିବା ଉଚିତ

ତୁମ ପ୍ରତ୍ୟେକଙ୍କୁ ଜିଲ୍ଲା ସଭାପତି ଭାବରେ ନାମିତ କରାଯାଇଛି; ତୁମକୁ ତୁମର ଅନୁମୋଦନ ଦ୍ୱାରା ସ୍ଥାପିତ ହୋଇଥିବା ଭଜନ ମଣ୍ଡଳୀ, ମହିଳା ବିଭାଗ, ବାଳ ବିହାର, ପାଠଚକ୍ର, ସେବା ସମିତି, ସେବାଦଳଗୁଡ଼ିକୁ ଦିଗ୍‌ଦର୍ଶନ ଓ ସାହାଯ୍ୟ ଦେବାକୁ ହେବ । ସେଗୁଡ଼ିକ ସର୍ବଦା ସାଇ ସନ୍ଦେଶମାନଙ୍କରେ ନିର୍ଦ୍ଧାରିତ ଆଦର୍ଶକୁ ଦୃଷ୍ଟିରେ ରଖି ଏବଂ ସ୍ୱାମୀଙ୍କ ଆଶୀର୍ବାଦ ସହିତ ସମ୍ମିଳନୀମାନଙ୍କରେ ନିର୍ଦ୍ଧାରିତ ହୋଇଥିବା ସୀମା ଓ ନୀତି-ନିୟମ ମଧ୍ୟରେ ଠିକ୍ ଭାବରେ କାର୍ଯ୍ୟ କରୁଛନ୍ତି କି ନାହିଁ ଲକ୍ଷ୍ୟ କର । ଅବଶ୍ୟ ତୁମେ ନିଜେ ସମ୍ମିଳନୀମାନଙ୍କରେ ବର୍ଷକୁ ବର୍ଷ ନିର୍ଦ୍ଧାରିତ ହେଉଥିବା ନୀତି-ନିୟମ ଓ ଶୃଙ୍ଖଳାର ଅନୁସରଣ କରୁଛ କି ନାହିଁ ତାହା ଲକ୍ଷ୍ୟ କରିବା ଉଚିତ୍ ।

ଅନେକ ଲୋକ ଅଛନ୍ତି ଯେଉଁମାନେ ସମାଜସେବା ପାଇଁ ଡାକରା ପଡ଼ିଲେ ଧାଇଁ ଆସନ୍ତି; କିନ୍ତୁ ଅଧିକାଂଶ ପ୍ରଚାର ପାଇଁ ଲାଳାୟିତ, ଅନ୍ୟମାନଙ୍କର ସେବା କରୁଥିବା ବେଳେ ଫଟୋଗ୍ରାଫରକୁ ଖୋଜନ୍ତି ଏବଂ ଖବରକାଗଜରେ ସେମାନଙ୍କର ଉଲ୍ଲେଖ କରା ନ ଗଲେ ଅତି ହତୋତ୍ସାହିତ ହୋଇ ପଡ଼ନ୍ତି । ଏପରି ଲୋକମାନେ ଜନତା ଆଗରେ ସେମାନଙ୍କର ମହତ୍ତ୍ୱ ପ୍ରଦର୍ଶନ କରିବା ପାଇଁ ହିଁ ନିଜକୁ ଆଗକୁ ଠେଲିଥାନ୍ତି ଏବଂ ପଦାଧିକାର ଆରୋହଣ କରିଥାନ୍ତି । ସେମାନେ ଏକଥା ଭୁଲି ଯାଆନ୍ତି ଯେ ସେବା ହେଉଛି ଉପାସନା । ପ୍ରତ୍ୟେକ ସେବାକାର୍ଯ୍ୟ ଅହଂକାରରେ କଳୁଷିତ ହେବା ଅର୍ଥ ପୁଷ୍ପ କୀଟ ଦ୍ୱାରା ଦଂଶିତ ହେବା । କିଏ ଏପରି ହୀନ ନୈବେଦ୍ୟ ଦ୍ୱାରା ପାଦପଦ୍ମକୁ ସଂକ୍ରମିତ କରିବ ? ତୁମ ଜିଲ୍ଲାର ଲୋକମାନଙ୍କର ସେବା କରିବା ବେଳେ କୌଣସି ପ୍ରକାର ଅହଂକାର ରଖ ନାହିଁ । ସେମାନଙ୍କର ଆଧ୍ୟାତ୍ମିକ ସାଧନାରେ ପଥପ୍ରଦର୍ଶକ ହୁଅ । ସେ ଅଂଚଳରେ ଭଗବତ୍ ବିଶ୍ୱାସ ବଢ଼ାଅ; ସେହି ବିଶ୍ୱାସ ଉପରେ ତୁମେ ଯେ କୌଣସି ପ୍ରକାର ଆଧ୍ୟାତ୍ମିକ ସଂଗଠନ ଗଢ଼ିପାରିବ ।

କେନାଲ କୂଳରେ ବଢୁଥିବା ଗଛଗୁଡ଼ିକ ପତ୍ର ଓ ଫଳରେ ଗହଳିଆ ହୋଇ ବଢ଼ନ୍ତି । ସେହିପରି ମୂଳରେ ଭଗବତ୍ ବିଶ୍ୱାସ ରହିଲେ ଏହି ସଂଗଠନର ଭଜନ ମଣ୍ଡଳୀ ଓ ଅନ୍ୟାନ୍ୟ ସଂସ୍ଥା ଉନ୍ନତି କରିବେ ।

ଆଡ଼ମ୍ବର ଓ ଜାକଜମକ ଅପେକ୍ଷା ସରଳତା ଓ ଆନ୍ତରିକତା ଉପରେ ଅଧିକ ଗୁରୁତ୍ୱ ଦିଅ । ମନକୁ ମନ୍ଦିର କର । ମନାଳୟ କର, ଦେବାଳୟ ନୁହେଁ ।

ମନ୍ଦିର ଓ ଭବନ ନିର୍ମାଣ କରିବାକୁ ନିରୁତ୍ସାହିତ କର; ପୂର୍ବରୁ ଥିବା ମନ୍ଦିର ଓ ଭବନଗୁଡ଼ିକର ଉପଯୋଗ କରିବାକୁ ଚେଷ୍ଟା କର । ତୀର୍ଥଯାତ୍ରୀଶୂନ୍ୟ ହୋଇଯାଉଥିବା ମନ୍ଦିରଗୁଡ଼ିକ ପୁଣି ଆଧ୍ୟାତ୍ମିକ ସ୍ପନ୍ଦନର କେନ୍ଦ୍ରରେ ପରିଣତ ହେଉ । ସାଜସଜା ଓ ବାଣଫୁଟା ମନକୁ ଅସଲ କଥାରୁ ଦୂରେଇ ନିଅନ୍ତି; ଲୋକମାନେ ନିଜକୁ ଦେଖେଇ ହେବାକୁ ଏବଂ ଜନସାଧାରଣରେ ନିଜର ମହତ୍ତ୍ୱ ପ୍ରଦର୍ଶନ କରିବାକୁ ସବୁ କାର୍ଯ୍ୟରେ ନିମଜ୍ଜିତ ହୋଇଥାନ୍ତି । ଉତ୍ସବ ଓ ପର୍ବପର୍ବାଣିମାନଙ୍କରେ କିମ୍ବା ଦୈନନ୍ଦିନ ଜୀବନରେ ଲୋକମାନେ ଦେଖାଣିଆ ପ୍ରଦର୍ଶନରେ ସଂପୃକ୍ତ ହେବା ଉଚିତ ନୁହେଁ । ଟଙ୍କା ଦୃଶ୍ୟପଟକୁ ଆସିଲେ, ତାହା କୁରୂପ ଓ ହୀନ ହୋଇଯାଏ । ତୁମେମାନେ ସଂଗଠନର ନିୟମ ପାଳନ ଉପରେ ଗୁରୁତ୍ୱ ଦେବା ଉଚିତ, କାରଣ ସେଗୁଡ଼ିକ ପ୍ରେମବଶତଃ ନିର୍ଦ୍ଧାରିତ ହୋଇଛି, କଷ୍ଟ ଦେବା ପାଇଁ ନୁହେଁ । ସେଗୁଡ଼ିକ ବନ୍ୟାଜଳକୁ ନିରାପଦ ଭାବରେ ସମୁଦ୍ରକୁ ପ୍ରବାହିତ ହୋଇ ଯିବା ପାଇଁ ନଦୀକୂଳମାନଙ୍କରେ ନିର୍ମାଣ କରାଯାଇଥିବା ବନ୍ଧ ପରି । ଦିବ୍ୟ କର୍ତ୍ତବ୍ୟ ମନେ କରି ଭକ୍ତମାନଙ୍କୁ ବାଟ ଦେଖାଅ; ସାଂସାରିକ ବ୍ୟାପରର ସ୍ୱାଦହୀନ ଜଳରେ ଈଶ୍ୱର ରୂପକ ଚିନିକୁ ଭଲ କରି ଗୋଳାଅ; ତାହା ମାଧ୍ୟମରେ ତୁମେ ସ୍ୱାମୀଙ୍କର ପୂଜା କରୁଛ । ତାହେଲେ ଏହା ଆଧ୍ୟାତ୍ମିକ ସାଧନାରେ ପରିଣତ ହେବ, ଯାହା ମାଧ୍ୟମରେ ତୁମେ କୃପା ଲାଭ କରି ପାରିବ ।

ତେଲୁଗୁରେ ଗୋଟିଏ ପ୍ରବାଦ ଅଛି, ଯେଉଁଥିରେ ବଡ଼ ଲୋକଙ୍କୁ ଏପରି କୁହାଯାଇଛି- "ସେମାନଙ୍କର ସଂସ୍କୃତି ନାହିଁ, ସେମାନେ ଶାଗୁଣା ପରି ।" ସେମାନେ ଉପରକୁ ଉଡ଼ନ୍ତି କେବଳ ପଚାସଢ଼ା ଶବ ଦେଖିବା ପାଇଁ । ଗୁରୁଜନମାନେ ଯଦି ପ୍ରକୃତରେ ଲୋକମାନଙ୍କର ସେବା କରିବାକୁ ଆଗ୍ରହୀ ହୋଇଥାନ୍ତେ ତେବେ ପୃଥିବୀ ବହୁ ପୂର୍ବରୁ ସୁବର୍ଣ୍ଣ ଯୁଗରେ ପ୍ରବେଶ କରିଥାଆନ୍ତା ।

ଆଜି ଯେ ପ୍ରଧାନମନ୍ତ୍ରୀ ହୋଇଥିବ ତାକୁ ରେଳଷ୍ଟେସନରେ ଶହ ଶହ ଫୁଲମାଳରେ ସ୍ୱାଗତ କରାଯିବ ଏବଂ ଶହ ଶହ କାର୍ ତାକୁ ଅପେକ୍ଷା କରି ରହିଥିବ । ଅନେକ ଲୋକ ତା' ସହିତ କୌଣସି ନା କୌଣସି କାର୍‌ରେ ବସି ଯିବା ପାଇଁ ଆଗ୍ରହୀ ଥିବେ । କିନ୍ତୁ ପଦାଧିକାର ଯିବା ମାତ୍ରେ ରିକ୍‌ସାବାଲା ବି ତାକୁ ରିକ୍‌ସାଭଡ଼ା ଦେବାକୁ କହିବ । ଏହାର ଅର୍ଥ ହେଉଛି ଯେ ତୁମେ ଯଦି ନିର୍ବୋଧ ଭାବରେ ତୁମର ପଦାଧିକାର ଦ୍ୱାରା କୌଣସି ପ୍ରକାର ମର୍ଯ୍ୟାଦା ଓ ସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଥାଅ ତେବେ ସେହି ମର୍ଯ୍ୟାଦା ଓ ସମ୍ପର୍କ ଦୀର୍ଘସ୍ଥାୟୀ ହେବ ନାହିଁ । ଅପର ପକ୍ଷରେ ତୁମେ ଯଦି ଆତ୍ମିକ ସମ୍ପର୍କ ପ୍ରତିଷ୍ଠା କର ତେବେ ତାହା ସ୍ଥାୟୀ ଓ ପ୍ରକୃତ ସମ୍ପର୍କ ହେବ । ଏ ପ୍ରକାର ସମ୍ପର୍କ ମଧ୍ୟ ପ୍ରକୃତ ଭକ୍ତିର ରୂପ ନେବ । ଏହା

ପ୍ରକୃତରେ ପବିତ୍ର ଏବଂ କେହି ଏହାକୁ ମୂଲ୍ୟ ଦେଉ ବା ନ ଦେଉ ଏହା ହୃଦୟର ଅନ୍ତରତମ ପ୍ରଦେଶରୁ ଆସିଥାଏ । ତୁମର ହୃଦୟ ଭିତରୁ ଜଣେ ବ୍ୟକ୍ତିର ସେବାରେ ତୁମ ଘରର ଗୁରୁଜନମାନେ ତୁମକୁ ବାଧା ଦେଲେ ବି ତୁମେ ଖାତିର କରିବା ଉଚିତ ନୁହେଁ । ଦୁର୍ଭାଗ୍ୟକୁ ଆଜି ଆମ ଦେଶରେ ସମାଜସେବା ବିଷୟରେ ବିଭିନ୍ନ ପ୍ରକାରେ କୁହାଯାଇଛି । ଏ ପ୍ରକାର ସେବା ବହୁଧା 'ସମାଜ ସେବା' ନୁହେଁ ମାତ୍ର 'ଦେଖାଣିଆ ସେବା' ନାମ ବହନ କରିବାକୁ ଯୋଗ୍ୟ । ଅନେକ ନେତା ସମାଜସେବା କରିବାକୁ ଚାହୁଁଛନ୍ତି । ସେମାନେ ଝାଡୁ ଧରି ରାସ୍ତା ଓଳାଉଛନ୍ତି, ଫଟୋଗ୍ରାଫରକୁ ଡାକି ସେମାନେ ଝାଡୁ ଧରିଥିବାର ଫଟୋ ଉଠାଉଛନ୍ତି ଏବଂ ସେହି ଫଟୋ ଖବରକାଗଜରେ ବାହାରିବା ବିଷୟରେ ଯତ୍ନବାନ ହେଉଛନ୍ତି । କଦାପି ଏ ପ୍ରକାର ପ୍ରଚାର ପାଇଁ ଯିବା ଉଚିତ ନୁହେଁ । କଦାପି ଏ ପ୍ରକାର ଅହଙ୍କାର ବଢ଼ାଇବା ଉଚିତ ନୁହେଁ । ସବୁ ସେବା ତୁମର ହୃଦୟ ଭିତରୁ ଆସିବା ଦରକାର । ଦଶଜଣଙ୍କୁ ଖାଇବାକୁ ଦେବାରେ ଦଶ ଟଙ୍କା ଖର୍ଚ୍ଚ କରି ଯେଉଁମାନେ ପ୍ରଚାର ଚାହାନ୍ତି ସେମାନେ ଫଟୋଗ୍ରାଫର ଓ ପ୍ରକାଶନରେ ଆଉ କୋଡ଼ିଏ ଟଙ୍କା ଖର୍ଚ୍ଚ କରନ୍ତି । ସେମାନେ ଯଦି ଗରିବମାନଙ୍କୁ ଖାଇବାକୁ ଦେବାରେ ଏହି କୋଡ଼ିଏ ଟଙ୍କା ଖର୍ଚ୍ଚ କରିପାରନ୍ତେ ତେବେ କେତେ ଭଲ ନ ହୁଅନ୍ତା । ରୋଟାରୀ କ୍ଲବ୍, ଲାୟନ୍ସ କ୍ଲବ୍ ବା ଏପରି ଅନ୍ୟ କ୍ଲବ୍‌ମାନଙ୍କର ସଦସ୍ୟମାନେ ସେବା କରୁଛନ୍ତି ବୋଲି କହନ୍ତି । ସେମାନେ ସେବା କରୁଛନ୍ତି କି ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ଜାଣିହୁଏ ନାହିଁ । ଏହି ସଦସ୍ୟମାନେ ବହୁଧା ପରସ୍ପରକୁ କ'ଣ କରିବା ବୋଲି ପଚାରନ୍ତି । ସେମାନେ ଧନୀଲୋକ ଏବଂ ସେମାନେ ମାସକୁ ଥରେ ଗରିବ ଲୋକମାନଙ୍କୁ ଖାଇବାକୁ ଦେଲେ ଠିକ୍ ହେବ । ଅପର ପକ୍ଷରେ ସେମାନେ ସାପ୍ତାହିକ ଭୋଜି କରୁଛନ୍ତି ଏବଂ ପ୍ରତି ଭୋଜିରେ ଜଣକ ପିଛା କୋଡ଼ିଏ ଟଙ୍କାରୁ ଅଧିକ ଖର୍ଚ୍ଚ କରୁଛନ୍ତି । ଏହି ଖର୍ଚ୍ଚର ହିସାବ ହେଲା ଭୋଜନ ପାଇଁ ପାଞ୍ଚ ଟଙ୍କା, ମାଂସ ପାଇଁ ପାଞ୍ଚ ଟଙ୍କା ଓ ମଦ ପାଇଁ ଆଉ ଦଶ ଟଙ୍କା । ଏପରି ହିସାବରେ ଏହି ଖର୍ଚ୍ଚକୁ ସମାଜସେବା ନାମ ଦିଆଯାଉଛି । ଏହି କୋଡ଼ିଏ ଟଙ୍କା ଗରିବ ଲୋକଙ୍କୁ ଖାଇବାକୁ ଦେବାରେ ଖର୍ଚ୍ଚ କରାଗଲେ କେତେ ଭଲ ନ ହୁଅନ୍ତା । ଭବିଷ୍ୟତରେ ତୁମେ ପ୍ରତ୍ୟେକ ଏପରି କ୍ଲବ୍‌ମାନଙ୍କର ସଦସ୍ୟ ହେବ ଏବଂ ତୁମେ ଏସବୁ କଥା ମନେରଖିବା ଓ ପ୍ରକୃତ ସେବା କ'ଣ ତାହା ଜାଣିବା ଉଚିତ । ତଦ୍ଦ୍ୱାରା ତୁମେ ଏପରି ଭୁଲ୍ ପରିହାର କରିପାରିବ । ରୋଗୀ, ଦୁଃଖୀ ଓ ଅସହାୟ ଲୋକମାନେ ହିଁ ତୁମର ପ୍ରକୃତ ବନ୍ଧୁ । ତୁମେ ଏପରି ଲୋକମାନଙ୍କୁ ସାହାଯ୍ୟ କରିବା ଉଚିତ । ଏହାକୁ ତୁମେ ତୁମର ପ୍ରାଥମିକ କର୍ତ୍ତବ୍ୟ ରୂପେ ଗ୍ରହଣ

କରବା ଉଚିତ । ଧନୀ ଲୋକମାନଙ୍କର ବନ୍ଧୁ ହେବାରେ ବହୁତ ଅସୁବିଧା ଅଛି । ଏ କଥା ସତ ଯେ ତୁମେ ସମସ୍ତଙ୍କ ସହିତ ବନ୍ଧୁତାର ଅନୁଶୀଳନ କରିବା ଉଚିତ, କିନ୍ତୁ ତୁମେ ଯଦି ଜଣେ ଧନୀ ଲୋକକୁ ନିଜର ବନ୍ଧୁ କର ତେବେ ତୁମେ ତାକୁ ଉଧାର ମାଗିବାକୁ ପ୍ରଲୁବ୍ଧ ହେବ ଏବଂ ତାହା ତୁମର ବନ୍ଧୁତା ଛିନ୍ନ କରିବ, କାରଣ ତୁମେ ଡରିବ ଯେ ସେ ତୁମକୁ ଯେତେବେଳେ ଦେଖିଲେ ଟଙ୍କା ଫେରାଇବାକୁ କହିବ । ତୁମେ ସମସ୍ତଙ୍କ ସହିତ ବନ୍ଧୁଭାବାପନ୍ନ ହେବା ଉଚିତ, କିନ୍ତୁ ପ୍ରକୃତ ବନ୍ଧୁ ବାଛିବାରେ ତୁମେ ଯତ୍ନବାନ ହେବା ଉଚିତ । ତୁମର ପ୍ରକୃତ ବନ୍ଧୁ ହେଉଛନ୍ତି ସେହିମାନେ, ଯେଉଁମାନେ ତୁମର ସେବା ଗ୍ରହଣ କରିବାକୁ ପ୍ରସ୍ତୁତ । ତୁମର ସେବା ତୁମକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବ । ସେବା କରିବା ବେଳେ ତୁମର ସାମର୍ଥ୍ୟ ବିଷୟରେ ଗର୍ବ ବଢ଼ାଅ ନାହିଁ । ବିନୟୀ ହୁଅ ଏବଂ ଭଗବାନ ତୁମକୁ ସେବା କରିବାର ଏହି ସୁଯୋଗ ଦେଇଛନ୍ତି ବୋଲି ଭାବ । ତୁମେ ଅନ୍ୟମାନଙ୍କ ପ୍ରତି ଯାହା କରନା କାହିଁକି ତୁମେ ନିଜର ହିଁ ସେବା କରୁଛ, ତାହା ତୁମ ନିଜ ପାଇଁ ହିଁ କରୁଛ । ଆଜି ଜଣେ ବନ୍ଧୁ ତୁମ ଘରକୁ ଆସିଲେ ତୁମେ ତାଙ୍କୁ କଫି ଦେଉଛ । ତୁମର ଏହି ଉତ୍ତମ ବ୍ୟବହାର ତାଙ୍କ ହୃଦୟରେ ମୁଦ୍ରିତ ହୋଇଯିବ । ତୁମେ ତାଙ୍କ ଘରକୁ ଗଲେ ସେ ତୁମକୁ ଆଦରରେ ସ୍ୱାଗତ କରିବେ ଓ ତୁମକୁ କଫି ଦେବେ । ଏହିପରି ଭାବରେ ତୁମେ ଆଜି କରିଥିବା ସେବା ଭବିଷ୍ୟତରେ ତୁମ ପାଖକୁ ଫେରି ଆସିବ । ଆଉ ଗୋଟିଏ ପ୍ରସଙ୍ଗ ଦେଖ, ଯଦି ପ୍ରତ୍ୟକ୍ଷ ସାହାଯ୍ୟ ପାଉ ନଥିବା ତୁମର ଜଣେ ବନ୍ଧୁ ଚିକିତ୍ସାଳୟକୁ ଯାଆନ୍ତି ଏବଂ ତୁମେ ତାଙ୍କୁ ସାହାଯ୍ୟ କର, ସେ ଏହା ବଦଳରେ ତୁମର ଆବଶ୍ୟକତା ବେଳେ ତୁମକୁ ସାହାଯ୍ୟ କରିବେ । ତେଣୁ ତୁମେ ଯେଉଁ ଭଲ କାମ କରୁଛ ତାହାକୁ ଭବିଷ୍ୟତ ପାଇଁ ତୁମର ସଂରକ୍ଷଣ ଭାବରେ ଦେଖିବା ଉଚିତ । ତୁମେ ଭଲ ବା ମନ୍ଦ ଯାହା କିଛି କର ନା କାହିଁକି ତାହା ଯଦି ନିଜ ପାଇଁ କରୁଛ ବୋଲି ଭାବନା ରଖି କର ତେବେ ତୁମେ କଦାପି ନିଜର କ୍ଷତି କରିବ ନାହିଁ । ଏହି ଗ୍ରୀଷ୍ମ ଶିକ୍ଷା ଶ୍ରେଣୀରେ ପ୍ରତି ରବିବାର ଦିନ ସମାଜସେବା କରିବାର କାର୍ଯ୍ୟକ୍ରମ ଅଛି । ତୁମେ ଯେଉଁଠି ଥିଲେ ବି ସମାଜସେବା ଯେ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତାହା ମନେ ରଖିବା ଉଚିତ । ତୁମେ ଏପରି ସେବା କରି ନିଜର ଦେହ ଓ ମନକୁ ପବିତ୍ର କରିବା ଉଚିତ । ତୁମେ ଏପରି ପବିତ୍ର ଓ ନିଃସ୍ୱାର୍ଥପର ଆଦର୍ଶ ବିକଶିତ କର ବୋଲି ମୁଁ ଆଶା ଓ ଆଶୀର୍ବାଦ କରୁଛି ।

◆◆◆

ହୃଦୟର ହୃଦୟ ସହିତ ମିଳନ

ଭାରତରେ ରୋଟାରିୟାନ୍‌ମାନଙ୍କର ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଦାୟିତ୍ୱ ଅଛି, କାରଣ ଏହି ଦେଶ ଅତି ପ୍ରାଚୀନ କାଳରୁ ମୁନି-ଋଷିଙ୍କ ଭାଷାରେ କର୍ମଭୂମି, ଯୋଗଭୂମି, ଜ୍ଞାନଭୂମି ଓ ତ୍ୟାଗଭୂମି ହେବା ପାଇଁ ପ୍ରୟାସ କରି ଆସୁଛି । ବସ୍ତୁତଃ ହଜାର ହଜାର ବର୍ଷ ପୂର୍ବେ ଏ ଦେଶର ଲୋକମାନଙ୍କୁ ଋଷିମାନେ ଉପଦେଶ ଦେଇଥିଲେ ଯେ **"ନ ମେଧୟା ନ ପ୍ରଜୟା ଧନେନ ତ୍ୟାଗନୈକେ ଅମୃତତ୍ୱଂ ଆନଶୁଃ ।"** ଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ଦେବତାମାନେ ମଧ୍ୟ ଏହି ଦେଶରେ ଜନ୍ମହେବାକୁ ଆଗ୍ରହୀ ଯଦ୍ଦ୍ୱାରା ସେମାନେ ହିତକର କାର୍ଯ୍ୟରେ ନିୟୋଜିତ ହୋଇପାରିବେ । ସେଥିପାଇଁ ଏହାକୁ କର୍ମଭୂମି ବୋଲି କୁହାଯାଇଛି । ପୁରାକାଳରୁ ଏଠାରେ ଯୋଗ ବିଜ୍ଞାନ ବିକଶିତ ହୋଇଛି । ପ୍ରତି ଯୁଗରେ ହଜାର ହଜାର ଲୋକ ଏହା ସଫଳତାର ସହିତ ଅଭ୍ୟାସ କରି ଏହାର ଫଳ ଆତ୍ମୋପଲବ୍ଧି ହାସଲ କରିଛନ୍ତି । ଏହି ଆତ୍ମୋପଲବ୍ଧିର ଗୋଟିଏ ପରିଣାମ ହେଉଛି ପ୍ରତ୍ୟେକ ଏକର ପ୍ରତିବିମ୍ବ ବୋଲି ଉପଲବ୍ଧି - ମାନବଜାତିର ଏକତ୍ୱର ପ୍ରକୃତ ଆଧାର ।

ଏପରି ଏକ ପ୍ରାଚୀନ ଦେଶରେ ଏହି ସବୁ ଆଦର୍ଶ ଓ ଆକାଂକ୍ଷାରେ ଓତପ୍ରୋତ ଲୋକମାନଙ୍କ ଭିତରେ ରହି ରୋଟାରିୟନ୍‌ମାନେ ଅନ୍ୟସବୁ ସ୍ଥାନ ଅପେକ୍ଷା ଏଠାରେ ସେମାନଙ୍କର କାର୍ଯ୍ୟକଳାପକୁ ଅଧିକ ସ୍ୱାଗତଯୋଗ୍ୟ ବୋଲି ଅନୁଭବ କରିବେ । ପ୍ରାଚୀନ ଜ୍ଞାନ ଯେଉଁ ଶିକ୍ଷା ଦିଏ ତାହା ହେଲା ଏକ ବିଶ୍ୱଶରୀର, ଭଗବାନଙ୍କଠାରେ ସବୁ ଜୀବ, ସମଗ୍ର ମାନବଜାତିର ଏକତ୍ୱ । 'କିଏ କାହାର' ବୋଲି ପ୍ରଶ୍ନଟି ଭାରତୀୟ ଚିନ୍ତାଧାରାର ବିପରୀତ । ସମସ୍ତେ ସମସ୍ତଙ୍କର, ସମସ୍ତେ ଏକର - ଆଦିକାଳରୁ ଏହା ଭାରତର ଦୈନନ୍ଦିନ ଆଦର୍ଶ ହୋଇ ରହିଛି । ମଣିଷ ଭୀଷଣ ପେଟବଥାରେ ପୀଡ଼ିତ ହେବାବେଳେ ତା' ଆଖିରୁ ଲୁହ ବହେ ! କାରଣ ଗୋଟିଏ ଚେତନା ଶରୀରର ସବୁ ଅଙ୍ଗରେ ପରିବ୍ୟାପ୍ତ ଓ କ୍ରିୟାଶୀଳ ଏବଂ ପ୍ରତ୍ୟେକ ସ୍ଥାନରେ ଯଥୋଚିତ ପ୍ରତିକ୍ରିୟା ସୃଷ୍ଟି କରେ । ସେହିପରି ପୃଥିବୀ ମଧ୍ୟ ଗୋଟିଏ ଶରୀର ଏବଂ ଯେ କୌଣସି ସ୍ଥାନରେ କଷ୍ଟ ସ୍ୱାଭାବିକ ଭାବରେ ଅନ୍ୟ ସ୍ଥାନଗୁଡ଼ିକୁ ପ୍ରଭାବିତ କରେ । କୌଣସି ଅଂଶ ଯେତେ ଦୂରସ୍ଥ, ଯେତେ ମହତ୍ତ୍ୱହୀନ ହେଲେ ବି କଷ୍ଟ ପାଇବା ବେଳେ ଅନ୍ୟ କୌଣସି ଅଂଶ ସୁଖୀ ହୋଇ ପାରିବ ନାହିଁ । ମୁଁ ଦେଖୁଛି ଯେ ତୁମେ ତୁମ ସଂସ୍ଥାକୁ ଆନ୍ତର୍ଜାତୀୟ ସଂସ୍ଥା ବୋଲି କହୁଛ । ଆନ୍ତଃର ସୂଚିତ କରୁଛି ଯେ ଏକ

ଅନ୍ତଃସଂଯୋଗ, ଅନ୍ତଃସମ୍ପର୍କ, ସମସ୍ତଙ୍କୁ ବିଜୁଳି ଶକ୍ତି ଯୋଗାଉଥିବା ଏକ ତାର, ଏକ ଅନ୍ତଃଚାଳନ ରହିଛି ଯାହା ବ୍ୟକ୍ତିର ବାସସ୍ଥାନ, କେବଳ ଶରୀରରେ ନୁହେଁ, ମାତ୍ର ଭଗବାନଙ୍କ ମନ୍ଦିର, ବିଶ୍ୱରେ ପ୍ରତ୍ୟେକ ଅଂଶ ବା ଅଙ୍ଗକୁ ଚାଳିତ ଓ ନିରୀକ୍ଷଣ କରୁଛି । ପ୍ରଭୁ ଗୀତାରେ ନିଜକୁ ସବୁ ଜୀବଙ୍କର ଅନ୍ତରାତ୍ମା ବୋଲି କହିଛନ୍ତି । ଭଗବାନଙ୍କଠାରେ ଏହି ଏକତାର ଚେତନାରେ ସର୍ବଦା ରହିବାକୁ ଚେଷ୍ଟା କର । ଏହି ଏକ ସତ୍ୟକୁ ଦେଖିବାକୁ, ଅନୁଭୂତି କରିବାକୁ ଏବଂ ଘୋଷଣା କରିବାକୁ ହେବ । ଏହା ହିଁ ବ୍ୟକ୍ତି ଓ ସାମାଜିକ ଜୀବନର ଉତ୍କୃଷ୍ଟ ଆଧାର, ଏହା ତୁମର ଆନ୍ତର୍ଜାତୀୟ ଦୃଷ୍ଟିକୋଣ ପାଇଁ ଏକ ଅଟଳ ଭିତ୍ତିଭୂମି ରୂପେ କାର୍ଯ୍ୟ କରିବ ।

ରୋଟାରୀ ଆନ୍ତର୍ଜାତୀୟର ଆଦର୍ଶ କ'ଣ ବୋଲି ମୁଁ ତୁମ ସଭାପତିଙ୍କୁ ପଚାରିଲି ଏବଂ ସେ ମୋତେ କହିଲେ ଯେ ତାହା ଗୋଟିଏ ଶବ୍ଦରେ ହେଉଛି 'ପରୋପକାର' । ଏହି ଆଦର୍ଶ ପାଇଁ ଭାରତ ଅତି ଅନୁକୂଳ ସ୍ଥାନ, କାରଣ ତୁମେ ପରୋପକାର ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରତିଭା, ନୈପୁଣ୍ୟ ଓ ଉତ୍ସାହର ପ୍ରୟୋଗ କରିବା ସକାଶେ ଯଥେଷ୍ଟ ସୁଯୋଗ ଏବଂ ଲୋକମାନଙ୍କଠାରୁ ସହଯୋଗ ପାଇବ । କିନ୍ତୁ ମୁଁ ତୁମକୁ କହି ଦେଉଛି ଯେ ତୁମଠାରୁ ଅନୁଗ୍ରହ ପାଇବା ପାଇଁ ପର ବୋଲି କେହି ନାହିଁ । ପରମାନେ ହିଁ ତୁମ ନିଜର ଆତ୍ମା । ସମୁଦ୍ର ଉପରେ ଉଠୁଥିବା ଓ ପଡୁଥିବା, ଆଗକୁ ଆସୁଥିବା ଓ ପଛକୁ ଫେରୁଥିବା ସବୁ ଲହଡ଼ି ସମୁଦ୍ରର ହିଁ ଅବିଚ୍ଛେଦ୍ୟ ଅଙ୍ଗ । ସାହାଯ୍ୟକାରୀ ହାତ କାହାର ? ସବୁ ସାହାଯ୍ୟ ନିଜଠାରୁ ନିଜ ପାଇଁ, ଅନ୍ୟ ଜଣେ ଯେଉଁ କଷ୍ଟ ଭୋଗୁଛି ତାହା ପ୍ରକୃତରେ ତୁମ ନିଜର କଷ୍ଟ, ତୁମେ ତାର କଷ୍ଟ ବନ୍ଦ କରିବା ବେଳେ ତୁମର କଷ୍ଟ ବନ୍ଦ ହୁଏ । ମୁଁ ଓ ମୋର ଭାବନା ସ୍ଥାନରେ ଭଗବାନ ଓ ଭଗବାନଙ୍କର ଭାବନା ଆସିଲେ ହିଁ ସେବା ସାର୍ଥକ ହୋଇ ପାରିବ । ତୁମର ଦୃଷ୍ଟି ଦେହ ଓ ଏହାର ଆବଶ୍ୟକତା ଦ୍ୱାରା ଅଗ୍ରାଧିକାର ଲାଭ କଲେ ଅହଂକାରର ଶକ୍ତି ବଢ଼ିବ । ତୁମେ ତୁମର ଦୃଷ୍ଟିକୁ ଅନ୍ତରାତ୍ମା, ଭଗବାନଙ୍କ ଆଡ଼କୁ ନିର୍ଦ୍ଦେଶ କଲେ ତୁମେ ଏକ ଭଗବାନଙ୍କୁ ସମସ୍ତଙ୍କ ଭିତରେ ଦେଖିବ ଏବଂ ଏକ ଆଦରର ପ୍ରବାହ ତୁମକୁ ଭରିଦେବ ଓ ତୁମର ପ୍ରତ୍ୟେକ କର୍ମକୁ ସାର୍ଥକ କରିବ । ଦୃଷ୍ଟିକୁ ଦେହରୁ ଅନ୍ତରାତ୍ମାଙ୍କ ଆଡ଼କୁ ଚାଳିତ କରିବା ପାଇଁ ଆଧ୍ୟାତ୍ମିକ ସାଧନା ଆବଶ୍ୟକ ।

ଦିନ ଶେଷ ହେବା ବେଳକୁ ସବୁ ଜୀବ ପୂର୍ବରୁ ଫୁଟୁଥିବା ଓ ମଉଳି ଯାଉଥିବା ଫୁଲ ପରି, କିନ୍ତୁ ମୁଁ ଭିତରକୁ ଆସିବାବେଳେ ତୁମେ ମୋତେ ଦେଇଥିବା ଏହି ଫୁଲମାଳ ପରି ସେମାନେ ବ୍ରହ୍ମସୂତ୍ର ନାମକ ଏକ ନିତ୍ୟ ଅବିନଶ୍ୱର ସୂତାରେ ଗୁନ୍ଥା ହୋଇଛନ୍ତି । ତୁମ ମନ ଭିତରେ ଏହି ଅଦ୍ୱୈତ ଭାବ ପ୍ରତିଷ୍ଠା କର । ଏହା ତୁମର ସେବାକୁ ଗ୍ରହୀତା ପାଇଁ ଅଧିକ ଉପଭୋଗ୍ୟ, ସାର୍ଥକ, ମଧୁର ଓ ସୁଖକର

କରିବ । ସେହି ମନୋଭାବ ବିନା ପରୋପକାର ବଡ଼ବଡ଼ିଆ ଲୋକଙ୍କ ଦ୍ୱାରା ଗରିବ ଲୋକମାନଙ୍କର ସାହାଯ୍ୟ କରିବା ପରି ହେବ । ଏ ପ୍ରକାର ସାହାଯ୍ୟ ସନ୍ଦେହ ଓ ପ୍ରତିରୋଧ ସୃଷ୍ଟି କରିବ; ଏହା ମୂଳକୁ ତଥା ଲକ୍ଷ୍ୟକୁ ସଂକ୍ରମିତ ହୋଇଯିବ । ଅବଶ୍ୟ ଜଣେ ସମସ୍ତଙ୍କ ସହିତ ସମାନ ବ୍ୟବହାର କରିବା, ସମସ୍ତଙ୍କ ପାଇଁ ସମାନ ନିର୍ଦ୍ଦେଶ ଦେବା ଉଚିତ ନୁହେଁ । ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ସାହାଯ୍ୟ ଦ୍ୱାରା ଲାଭାନ୍ୱିତ ହେବାର ସାମର୍ଥ୍ୟ ଅନୁସାରେ ସେବା କର । ଅନ୍ତରାତ୍ମା ସମସ୍ତଙ୍କ ଭିତରେ ସମାନ, କିନ୍ତୁ ତୁମେ ଜଣେ ପାଗଳା ଲୋକ ହାତରେ ଛୁରୀ ବା ପିଲାକୁ ସୁନା ହାର ଦେବା ଉଚିତ ନୁହେଁ । ପିଲାଟି ତାହା ଫିଙ୍ଗି ଦେବ; ପାଗଳଟି ତାହା କାହା ବେକରେ ଲଗାଇ ଦେଇପାରେ ।

ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ହେଉଛି ମାନସିକ ଶାନ୍ତି ଏବଂ ଏହା ଗୋଟିଏ ଜିନିଷ ଯାହା ତୁମ ପାଖରେ ଥିଲେ ବି ତୁମେ ଦେଇ ପାରିବ ନାହିଁ । ପ୍ରତ୍ୟେକକୁ ଏହା କଠୋର ପରିଶ୍ରମ କରି ହାସଲ କରିବାକୁ ହେବ । କିନ୍ତୁ କେଉଁ ସାଧନା ବଳରେ ମାନସିକ ସ୍ଥିରତା ଓ ଶାନ୍ତି ଲାଭ କରି ହେବ, ତାହା ତୁମେ ଲୋକମାନଙ୍କୁ ବତାଇ ପାରିବ । ଏହା ଉଚ୍ଚମାନର ଜୀବନ, ବୁଶ୍ ସାର୍ଟ, ଟ୍ରାଞ୍ଜିଷ୍ଟର, ସୋଫା, ଏୟାର କଣ୍ଡିସନ୍‌ର ଆଦି ଦ୍ୱାରା ମିଳିପାରିବ ନାହିଁ । ଏହା ଧନ ବଳରେ, କ୍ଷମତା ଓ ଅଧିକାର ଆହରଣ ଦ୍ୱାରା, ଶାରୀରିକ ଶକ୍ତି ଓ ସାମର୍ଥ୍ୟ ବଢ଼ାଇବା ଦ୍ୱାରା ମିଳି ପାରିବ ନାହିଁ । ତୁମେ ସେବା ପାଇଁ ଯୋଜନା କରିବା ବେଳେ ତୁଳନାତ୍ମକ ମୂଲ୍ୟର ଏହି ହିସାବକୁ ମନେରଖ । ଧନୀ, ସୁସ୍ଥ, ଦୃଢ଼, ଶକ୍ତିଶାଳୀ, ପ୍ରଭାବଶାଳୀ - ସମସ୍ତେ ଅସନ୍ତୋଷ, ବ୍ୟସ୍ତତା, ଭୟ ଓ ଉଦ୍‌ବେଗ ଦ୍ୱାରା ପୀଡ଼ିତ । ସେମାନଙ୍କର ମାନସିକ ଶାନ୍ତି ନାହିଁ ।

ଶାନ୍ତି ଅନ୍ତର ଭିତରୁ ଆସେ, ସନ୍ତୋଷ ଏକ ମାନସିକ ଅବସ୍ଥା । ସାଂସାରିକ ସୁଖ ପ୍ରତି ଆସକ୍ତିର ମୂଳକୁ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଦିଅ ନାହିଁ । ତାହା କେବଳ ଭୟ ଓ ଉଦ୍‌ବେଗ ବଢ଼ାଇବ; ତାହା କଦାପି ମନୁଷ୍ୟର ଅନ୍ତରତମ ଅଭିଳାଷା ପୂରଣ କରି ପାରିବ ନାହିଁ । ତାହାକୁ ଭକ୍ତି ଓ ଉତ୍ସର୍ଗର ମାର୍ଗରେ ଚଳାଅ; ତାହା ତୃପ୍ତି ଓ ଆନନ୍ଦର ମାର୍ଗ ହେବ । ବିଶ୍ୱାତ୍ମା ତତ୍ତ୍ୱ ଉପରେ ଗୁରୁତ୍ୱ ଦିଅ; ପ୍ରାର୍ଥନା, ଧ୍ୟାନ, ପ୍ରକୃତିରେ ପ୍ରତିବିମ୍ବିତ ପ୍ରଭୁଙ୍କର ମହିମା ଓ ଯଶ ଉପରେ ମନନ, ପ୍ରଭୁଙ୍କ ନାମ ଜପକୁ ଉତ୍ସାହିତ କର; ଅନ୍ତର୍ନିରୀକ୍ଷଣ ଏବଂ ମନୁଷ୍ୟ ଭିତରେ ଅନ୍ତର୍ନିହିତ ଆନନ୍ଦର ଉତ୍ସ ସହିତ ସମ୍ପର୍କ ପାଇଁ ନୀରବତା ଓ ଏକାନ୍ତକୁ ଉତ୍ସାହିତ କର ।

ତୁମେ ସମସ୍ତେ ଶିକ୍ଷିତ, ଅନେକ କ୍ଷେତ୍ରରେ ଅନୁଭୂତିସମ୍ପନ୍ନ, ଅନେକ ଦକ୍ଷତା ଓ ସାମର୍ଥ୍ୟରେ ବିଭୂଷିତ । ଅନ୍ୟମାନଙ୍କୁ ସାହାଯ୍ୟ କରିବାର ପ୍ରକୃତ ଉତ୍ସାହ

ଦ୍ୱାରା ତୁମେ ଋଦ୍ଧିମନ୍ତ, ସମାଜର ହିତ ସାଧନ କରୁଥିବା ଅନେକ ଯୋଜନା ଗ୍ରହଣ କରିବା ପାଇଁ ତୁମେ ଅନ୍ୟ କ୍ଲବ୍‌ମାନଙ୍କର ଆଦର୍ଶ ଦ୍ୱାରା ଉତ୍ସାହିତ । ଏଗୁଡ଼ିକ ମହାନ ସମ୍ପତ୍ତି । ହୃଦୟକୁ ହୃଦୟ ସହିତ ମିଳିତ କରିବାକୁ ହେବ, ଯଦ୍ଦ୍ୱାରା ସେବା ସଫଳ ହୋଇପାରିବ । କୋମଳ ଓ ମଧୁର ବଚନ କହ; କୋମଳ ଓ ମଧୁର ହୁଅ । ଛଳନା ଓ କୃତ୍ରିମତା ନ ରଖି ସହାନୁଭୂତିର ସହିତ କଥା କହ । ସେବା କରିବାର ଇଚ୍ଛା ଓ ସେବା କରିବାର ଦକ୍ଷତାକୁ ସଂକ୍ରମିତ କରୁଥିବା ସମସ୍ତ ଅସତ୍ ଶ୍ରବଣ, ଅସତ୍ କର୍ମ, ଅସତ୍ ବଚନ, ଅସତ୍ ଚିନ୍ତାରୁ ଦୂରରେ ରହ ।

ସେବାଭାବର ଅନୁଶୀଳନ କର ଏବଂ ଏହି ସହରର ବସ୍ତି ଅଞ୍ଚଳରେ ଏବଂ ଜେଲଖାନା ଓ ଚିକିତ୍ସାଳୟମାନଙ୍କରେ କେତେକ ସେବା କାର୍ଯ୍ୟକ୍ରମରେ ନିୟୋଜିତ ହୁଅ । ବନ୍ଦୀମାନଙ୍କ ପ୍ରତି ଦୟାଭାବ ରଖ; ତାହା ହିଁ ସେମାନଙ୍କୁ ଉତ୍ଥାନ କରିବାର ସର୍ବୋତ୍ତମ ଉପାୟ । ସେମାନେ ବିଶ୍ୱାସରେ ବଢ଼ନ୍ତୁ- ମାନବଜାତିର ଉତ୍ତମତା ଉପରେ ବିଶ୍ୱାସ । ତାହେଲେ ସେମାନେ ନିଜକୁ ଅସାମାଜିକ କାର୍ଯ୍ୟରେ ନିୟୋଜିତ କରିବେ ନାହିଁ । ଶିଶୁ ମଇଳାକୁ, ତାର ନିଜର ମଳ ଓ ମୂତ୍ରକୁ ଘୃଣା କରେ ନାହିଁ । କିନ୍ତୁ ସେ ବଡ଼ ହେବା ସଙ୍ଗେ ସଙ୍ଗେ ଘୃଣାଭାବ ବଢ଼େ ଓ ରହେ । ସେହିପରି ଅପରାଧୀ ତାର ନିର୍ମମତାକୁ ଅତିକ୍ରମ କରିବ ଏବଂ ନିଜ ବ୍ୟବହାର ପ୍ରତି ବିରକ୍ତ ହେବାକୁ ଶିଖିବ । ଯେଉଁମାନଙ୍କୁ ଦୟାର୍ଦ୍ର, ସାନ୍ତ୍ୱନାପୂର୍ଣ୍ଣ କଥା କହିବାକୁ କେହି ନାହିଁ, ଚିକିତ୍ସାଳୟରେ ସେପରି ରୋଗୀମାନଙ୍କ ଶଯ୍ୟା ପାଖକୁ ତୁମେ ସହାନୁଭୂତିର ଆଲୋକ ବହନ କରିନେଲେ ସେମାନେ କୃତଜ୍ଞତାର ସହିତ ଅଶ୍ରୁସିକ୍ତ ହେବେ । ସେମାନଙ୍କ ପାଇଁ ଚିଠି ଲେଖିଦିଅ; ସେମାନଙ୍କୁ ଗପ କହ; ସେମାନେ ପଢ଼ିବା ପାଇଁ ଭଲ ବହି ଦିଅ; ସେମାନଙ୍କୁ ଫଳ ଓ ଫୁଲ ଦିଅ । ସେମାନଙ୍କର ବାତାବରଣକୁ ଉଜ୍ଜ୍ୱଳ କର, ସେମାନଙ୍କୁ ହସ ହସ ମୁହଁରେ ଚାହଁ । ତାହା ଏକ ମୂଲ୍ୟବାନ ଔଷଧ, ଯାହା ଆରୋଗ୍ୟକୁ ତ୍ୱରାନ୍ୱିତ କରିବ । ସମାଜ (Social) ସେବା ପ୍ରଚାର ପାଇଁ ବା କ୍ୟାମେରାକୁ ଦୃଷ୍ଟିରେ ରଖି କରାଯାଉଥିବା ମନ୍ଥର (Slow-cial) କାମ ହେବା ଉଚିତ ନୁହେଁ । ଯୋଗ୍ୟ ଲୋକର ଉତ୍ତମ ସେବା କରୁଥିବା ବେଳେ ମନ୍ଥରତା କାହିଁକି ? ଯେତେ ଦୂର ପାରୁଛ, ଯେତେ ଶୀଘ୍ର ପାରୁଛ, କର । ତୁମେ କୌଣସି ଭଲ କାମ କରି ନ ପାରିଲେ ଅନ୍ତତଃ କ୍ଷତି କରିବା, କିମ୍ବା ସେବା କରୁଥିବା ଲୋକମାନଙ୍କର ଦୋଷ ଖୋଜିବାରୁ ନିବୃତ୍ତ ହୁଅ । ଏଥିପାଇଁ ମଧ୍ୟ ତୁମେ ଧନ୍ୟବାଦର ପାତ୍ର ହେବ ।

ସେବକ ହୁଅ, ଭଗବାନଙ୍କର ସେବକ - ତାହେଲେ ସବୁ ଶକ୍ତି ଓ ଆନନ୍ଦ ଲାଭ କରିବ । ନାୟକ ହେବାକୁ ଚେଷ୍ଟା କଲେ ତୁମ ଚାରିପଟେ ଥିବା ପ୍ରତ୍ୟେକଙ୍କ ଭିତରେ ଈର୍ଷା, ଦ୍ୱେଷ, କ୍ରୋଧ ଓ ଲୋଭ ସୃଷ୍ଟି କରିବ । ତୁମେ ତାଙ୍କ ହାତର ଏକ

ଉପକରଣ ବୋଲି ଭାବ; ସେ ତୁମକୁ ସଜାଡ଼ନ୍ତୁ ଓ ବ୍ୟବହାର କରନ୍ତୁ, କାରଣ ସେ କ'ଣ ସର୍ବୋତ୍ତମ, ତାହା ଜାଣନ୍ତି । ଆଜିକାଲି ସମାଜସେବା କରୁଥିବା ବିଭିନ୍ନ ସଂସ୍ଥାମାନ ଅଛି, କିନ୍ତୁ ସେବା ଯେହେତୁ ହୃଦୟକୁ ଉଷ୍ମ କରେ ନାହିଁ, ଏହା ସାଧାରଣ ଥଣ୍ଡାଲିଆ କାମ ଭାବରେ କିମ୍ବା ବଡ଼ ଜାକଜମକର ସହିତ ଏକ ଲୋକଦେଖାଣିଆ (Show-cial) କାର୍ଯ୍ୟ ଭାବରେ କରାଯାଏ । ଏହି ସଂସ୍ଥାଗୁଡ଼ିକୁ ଏହି ଦେଶକୁ ତା'ର ବର୍ତ୍ତମାନର ଦୟନୀୟ ଦଶାରେ ପହଞ୍ଚାଇଛନ୍ତି ।

ତୁମମାନଙ୍କ ଆନନ୍ଦରେ ମୋତେ ଅଂଶଗ୍ରହଣ କରିବାକୁ ଏହି ସୁଯୋଗ ଦେଇଥିବାରୁ ମୁଁ ଆନନ୍ଦିତ । ତୁମମାନଙ୍କୁ ମୋର ଆନନ୍ଦ ବିତରଣ କରିବାର ଏହି ସୁଯୋଗ ପାଇଥିବାରୁ ମୁଁ ଆନନ୍ଦିତ । ମୁଁ ଆଶା ଓ ଆଶୀର୍ବାଦ କରୁଛି ଯେ ତୁମେ ଅନ୍ୟମାନଙ୍କର ଦୁଃଖକୁ ନିଜର ଦୁଃଖ ବୋଲି ଅନୁଭବ କରିବ ଏବଂ ତାହା କମାଇବାକୁ ଚେଷ୍ଟା କରିବ । ମୁଁ ଆଶା ଓ ଆଶୀର୍ବାଦ କରୁଛି ଯେ ତୁମେ ଅନ୍ୟମାନଙ୍କର ସୁଖକୁ ନିଜର ବୋଲି ମଣିବ ଏବଂ ସେଥିରେ ଅଂଶ ଗ୍ରହଣ କରିବାକୁ ଏବଂ ତାହା ବଢ଼ାଇବାକୁ ଚେଷ୍ଟା କରିବ ।

♦♦♦

ହାତୀ ଓ ସିଂହ

ଏହି ଦେଶର ମୂଲ୍ୟବାନ୍ ସଂସ୍କୃତିର ପୁନରୁତ୍‌ଥାନ ପାଇଁ ନିଜ ନିଜ ଶକ୍ତି ଓ ଆଦର୍ଶ ଅନୁସାରେ କାମ କରୁଥିବା ବ୍ୟକ୍ତି ଓ ସଂସ୍ଥାମାନଙ୍କର ଅଭାବ ଆଜି ଭାରତରେ ନାହିଁ । ସେମାନେ ଅର୍ଥନୈତିକ ପ୍ରଗତି, ନୈତିକ ଉନ୍ନତି ବା ମାନସିକ ସଂହତି, ସମାଜ କଲ୍ୟାଣ, ରାଜନୈତିକ ଅଗ୍ରଗତି ବା ଆଧାତ୍ମିକ ଅଭ୍ୟୁଦୟ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟ ପାଇଁ ପ୍ରେରିତ କରୁଥିବା ଲକ୍ଷ୍ୟ ଓ ଆଦର୍ଶ ପ୍ରଶଂସନୀୟ ଓ ବାଞ୍ଛନୀୟ ଅଟେ । କିନ୍ତୁ ସମସ୍ତେ ନୈରାଶ୍ୟ ଓ ଅବସାଦ, ପ୍ରବାହ ଓ ଆଳସ୍ୟ ଦ୍ୱାରା ପୀଡ଼ିତ, କାରଣ ସାଧନାଗୁଡ଼ିକ ଭୁଲ ବା ଅନୁପଯୁକ୍ତ ଅଟେ ।

ପ୍ରଥମେ ସେମାନେ ସେମାନଙ୍କର କାର୍ଯ୍ୟର ପରିସର ନିର୍ଦ୍ଧାରିତ କରିବା ଉଚିତ ଏବଂ ସେହି କ୍ଷେତ୍ରରେ ସେମାନଙ୍କର କର୍ତ୍ତବ୍ୟକୁ ପରିଭାଷିତ କରିବା ଉଚିତ । କର୍ତ୍ତବ୍ୟ ଅଧିକାର ନୁହେଁ । ଯାହା ସାଧାରଣତଃ ଘଟେ ତାହା ହେଲା ପ୍ରତ୍ୟେକ ବ୍ୟକ୍ତି, ଏପରିକି ସଂସ୍ଥା ଅନ୍ୟର କ୍ଷେତ୍ର ଭିତରେ ଅନୁପ୍ରବେଶ କରିଯାଏ । ନିଜର ସହକର୍ମୀ ସହିତ ପ୍ରତିଯୋଗିତା କରେ ଏବଂ ଭଲରେ ହେଉ ବା ମନ୍ଦରେ, ନିଜର ଉତ୍କର୍ଷ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରେ । କ୍ଷମତା ଓ ଅଧିକାର ପାଇଁ କାମନା କରିବା ପୂର୍ବରୁ ସେଥିପାଇଁ ଯୋଗ୍ୟ ହେବାକୁ ପଡ଼ିବ । ଯେଉଁମାନେ ଅନ୍ୟମାନଙ୍କର ସେବା କରିବାକୁ ଏବଂ ସେମାନଙ୍କର ରୋଗ ଆରୋଗ୍ୟ କରିବାକୁ ଶପଥ କରନ୍ତି, ସେମାନେ ରୋଗର ନିଦାନ କରିବାକୁ ଓ ଔଷଧ ନିର୍ଦ୍ଧାରଣ କରିବାକୁ ଯୋଗ୍ୟତା ସମ୍ପନ୍ନ ହୋଇଥିବା ଦରକାର । ସେବା ଏକ କଷ୍ଟକର ଓ ବିବେକୀ ପ୍ରକ୍ରିୟା ଅଟେ, କେବଳ ସୌଖୀନ ଆଗ୍ରହ ପ୍ରଗତି ବଢ଼ାଇବା ଅପେକ୍ଷା କ୍ଷତି କରିପାରେ । ସେବା କରିବାର କୌଶଳ ଶିକ୍ଷା କରିବା ସେବା କରିବା ପାଇଁ ଆବେଗର ଅନୁଶୀଳନ କରିବା – ଏଗୁଡ଼ିକ ବ୍ୟକ୍ତିକୁ ନେତୃତ୍ୱରେ ବିଭୂଷିତ କରିବାର ସୋପାନ ।

କ୍ଲବ୍‌ର ସୁନାମ ଏହି ସଦସ୍ୟମାନଙ୍କ ଦ୍ୱାରା ଗଢ଼ିଉଠିଥାଏ; ପ୍ରତ୍ୟେକ ସଦସ୍ୟ ରଜ୍ଜୁର ଏକ ଗୁଣ ଭାବରେ ସଂସ୍ଥାର ସାମର୍ଥ୍ୟ ନିର୍ମାଣ କରିଥାଏ । ସଦସ୍ୟ ଯଦି ଅସନ୍ତୁଷ୍ଟ ହୁଏ ଓ ଅସନ୍ତୋଷ ପ୍ରକଟ କରେ କ୍ଲବ୍ ଉଦ୍‌ବେଗ ମୁକ୍ତ ହୋଇପାରିବ ନାହିଁ । ଲାୟନ୍‌ସ କ୍ଲବ୍ ସେବା ପାଇଁ ସମର୍ପିତ ଏକ ସଂସ୍ଥା । ଏହା ଅମେରିକାରୁ ଭାରତକୁ ଆସିଛି, କିନ୍ତୁ ଏହା ଏ ଦେଶକୁ କୌଣସି ନୂତନ ସନ୍ଦେଶ ଆଣିନାହିଁ । ଏହାର ଆହ୍ୱାନ ଏ ଦେଶରେ ଶତାବ୍ଦୀ ଶତାବ୍ଦୀ ଧରି ଲକ୍ଷ ଲକ୍ଷ ଲୋକଙ୍କ ହୃଦୟରେ ପ୍ରତିଧ୍ୱନିତ ହୋଇଛି । ଏ ଦେଶର ସାଧୁ-ସନ୍ଥମାନେ, ଏପରିକି ଏ ଦେଶରେ ଆବିର୍ଭୂତ ହୋଇଥିବା ଭଗବାନଙ୍କ ଅବତାରମାନେ ମାନବସେବାକୁ ଆଦର୍ଶ ରୂପେ ଘୋଷଣା ଓ ଅଭ୍ୟାସ କରିଛନ୍ତି । ପାଣ୍ଡବମାନଙ୍କର ଭାଗ୍ୟ ଖଣ୍ଡାଧାରରେ ଝୁଲୁଥିବା ବେଳେ

କୃଷ୍ଣ ଅର୍ଜ୍ଜୁନଙ୍କ ରଥ ଚଳାଇଥିଲେ । ବିଶ୍ୱେଶ୍ୱର ଅର୍ଜ୍ଜୁନଙ୍କ ଘୋଡ଼ାର ଲଗାମ ଧରିଥିବା କଥା କଳ୍ପନା କର ! ହନୁମାନ ରାମଙ୍କ ଦାସ ପଦବୀକୁ ଉଠିବାବେଳେ କେତେ ଆହ୍ଲାଦିତ ହୋଇଥିଲେ ଲକ୍ଷ୍ୟ କର ।

ତୁମମାନଙ୍କ ମଧ୍ୟରୁ ଯେଉଁମାନେ ତୁମର ଅଭାଗା ଭାଇ ଓ ଭଉଣୀମାନଙ୍କର ସେବା କରିବେ ସେମାନେ ମୁଁ ବର୍ତ୍ତମାନ ଯାହା କହୁଛି, ତାହାର ସାକ୍ଷ୍ୟ ଭାବରେ ଦଣ୍ଡାୟମାନ ହେବେ । ଅହଙ୍କାରର ଦମନ କରିବା ପାଇଁ ଏବଂ ହୃଦୟକୁ ପ୍ରକୃତ ଆନନ୍ଦରେ ଭରିଦେବା ପାଇଁ ସେବାର ସମକକ୍ଷ ସାଧନା ଆଉ କିଛି ନାହିଁ । ସେବାକୁ ହୀନ ଓ ନିକୃଷ୍ଟ ବୋଲି ନିନ୍ଦା କରିବା ଅର୍ଥ ଏସବୁ ଲାଭ ପରିତ୍ୟାଗ କରିବା । ଜଗତକୁ ପ୍ରେମମୟ କରିଦିଅ । ତୁମେ ନିଜେ ଯାହା କରିବାକୁ ଅନିଚ୍ଛୁକ ତାହା କରିବା ପାଇଁ ଆଉ ଜଣକୁ ଉପଦେଶ ଦେବା ବିରୁଦ୍ଧରେ ସେବା ତୁମକୁ ସତର୍କ କରି ଦେବ; ତୁମେ ମିଥ୍ୟାରେ ରହିଛ ବୋଲି ତୁମର ବିବେକ ତୁମକୁ କହିବ । ତେଣୁ ନିଜକୁ ସେବା ପାଇଁ ସମର୍ପିତ ଏକ କ୍ଲବ୍‌ର ସଦସ୍ୟ କରିବା ପୂର୍ବରୁ ପ୍ରଥମେ ନିଜ ମନକୁ ପରୀକ୍ଷା କର । ଏହା ଯେପରି ସନ୍ଦେହର ବୁଢ଼ୀଆଣୀ ଜାଲ ଓ ବାସନାର ଧୂଳି ଦ୍ୱାରା ପ୍ରଦୂଷିତ ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଅ । ଏଥିପାଇଁ ଯୋଗ ଦିଅ ନାହିଁ ଯେ କେହି ଜଣେ ଆଗରୁ ସେଠାରେ ଅଛି କିମ୍ୱା ଏହା ତୁମର କାରବାର ବଢ଼ାଇବ କିମ୍ୱା ଏହା ତୁମ ସମ୍ମାନ ବଢ଼ାଇବ । ନିୟମ ଅନୁସାରେ ତୁମକୁ କରିବାକୁ ହେବ ବୋଲି ବୈଠକ ଡକାଅ ନାହିଁ । ପ୍ରେରଣା ଓ ନିର୍ଦ୍ଦେଶର ବିନିମୟ ପାଇଁ ଏକାଠି ହେବାର ପ୍ରକୃତ ଆବଶ୍ୟକତା ଦେଖାଯାଉ । ଭୋଜିଭାତରେ ପଇସା ଅପବ୍ୟୟ କରିବାକୁ ମଧ୍ୟ ଆଗ୍ରହୀ ହୁଅ ନାହିଁ; ଅତ୍ୟଧିକ ଭୋଜନ କରିଥିବା ଲୋକକୁ ପୁଣି ଖୁଆଇବ କାହିଁକି ? କ୍ଷୁଧାର୍ତ୍ତମାନଙ୍କୁ, ଯେଉଁମାନେ ପୂର୍ଣ୍ଣ ଭୋଜନର ଆନନ୍ଦ ଲାଭ କରି ନାହାନ୍ତି, ସେମାନଙ୍କୁ ଖାଇବାକୁ ଦିଅ ।

ତୁମ କ୍ଲବ୍‌ର ଗୋଟିଏ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ନାମ ଅଛି । ତୁମେ ଲୋକମାନଙ୍କର ଉତ୍ତମ ସେବା କରୁଛ । କିନ୍ତୁ ତୁମେମାନେ ଏଥିରୁ ଆଶାନୁରୂପ ସନ୍ତୋଷ ପାଉନାହିଁ ବୋଲି ମୁଁ ଜାଣେ । ସିଂହ ପଶୁମାନଙ୍କର ରାଜା, ବଣର ସମ୍ରାଟ । ମଣିଷ ମଧ୍ୟ ବିଲୁଆ, ଚିତାବାଘ, ଓ ସିଂହ ପରି ଏକ ପଶୁ । ହାତୀ ପଶୁମାନଙ୍କ ମଧ୍ୟରେ ସବୁଠାରୁ ବିଶାଳକାୟ; ତାହାର ପାଦଚିହ୍ନ ଅନ୍ୟ ସମସ୍ତଙ୍କଠାରୁ ବଡ଼ । ହାତୀ ଚାଲିବା ବେଳେ ତା'ର ପାଦକୁ ଏତେ ପ୍ରଶସ୍ତ ଭାବରେ ଓ ଜୋରରେ ପକାଏ ଯେ ବନର ଆଉ ସବୁ ପଶୁ ଓ ଅଧିବାସୀ ଆତଙ୍କିତ ହୋଇଯାଆନ୍ତି । ଆଉ ସିଂହ ଓ ହାତୀ ପରସ୍ପରର ବଡ଼ ଶତ୍ରୁ । ଏହା ମାଧ୍ୟମରେ ପ୍ରକୃତି ତୁମକୁ ଏକ ଗଭୀର ଶିକ୍ଷା ଦିଏ; ମନ ହେଉଛି କୌଣସି ନିୟମକାନୁନ ନ ମାନି ଜୀବନ ଜଙ୍ଗଲରେ ବୁଲୁଥିବା ନିର୍ଭୀକ ହାତୀ । କିନ୍ତୁ ହାତୀ ସିଂହକୁ ଖୁବ୍ ଭୟ କରେ । ସିଂହକୁ ଦେଖିବା ମାତ୍ରେ ହାତୀ ଡରିଯାଏ, କାରଣ ସିଂହ ବୁଦ୍ଧିର ପ୍ରତୀକ । ବୁଦ୍ଧି ତୁମକୁ ରାଜା ଭାବରେ ଅଭିଷିକ୍ତ କରେ । ସର୍ବୋଚ୍ଚ ଆନନ୍ଦ ପ୍ରଦାନ କରୁଥିବା ବୁଦ୍ଧିର ସିଂହାସନ ଆଗରେ

ସମସ୍ତଙ୍କୁ ନଇଁବାକୁ ହୁଏ । ବୁଦ୍ଧିର ନିର୍ଦ୍ଦେଶ ଆଗରେ ମନ ମୂକ ହୋଇଯାଏ; କିନ୍ତୁ ଇନ୍ଦ୍ରିୟ ଓ ଏଗୁଡ଼ିକର ଦାବି ନିକଟରେ ଏହା ପ୍ରେରକ ଭାବରେ କାମ କରେ । ମନକୁ ବୁଦ୍ଧିର ବଶବର୍ତ୍ତୀ କର; ତାହେଲେ ଭଗବାନଙ୍କ ନିକଟକୁ ମଣିଷର ମାର୍ଗ ସଳଖ ଓ ସମତଳ ହେବ । ଲାୟନ୍‌ସ ଭାବରେ ତୁମେମାନେ ସୁଧାରିବାକୁ ଚାହୁଁଥିବା ଦୋଷଗୁଡ଼ିକର କାରଣ ଅନୁସନ୍ଧାନ କରିବା ଉଚିତ, ଆରୋଗ୍ୟ କରିବାକୁ ଚେଷ୍ଟା କରୁଥିବା ରୋଗଗୁଡ଼ିକର ନିଦାନ କରିବା ଉଚିତ ଏବଂ ତାପରେ ପ୍ରକୃତ ସେବାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଚିକିତ୍ସାର ସର୍ବୋତ୍ତମ ଉପାୟ ବିଷୟରେ ଆଲୋଚନା କର ।

କେତେକ ସଂସ୍ଥାର ସଦସ୍ୟମାନେ ସଦସ୍ୟତାର ଦାୟିତ୍ୱ ଉପରେ ଏତେ କମ୍ ଦୃଷ୍ଟି ଦିଅନ୍ତି ଯେ ସେମାନେ ଲକ୍ଷ୍ୟ ଓ ଅଭିପ୍ରାୟ ମଧ୍ୟ ଜାଣି ନ ଥାନ୍ତି । ସେମାନେ କେବଳ ନାମମାତ୍ରକୁ ସଦସ୍ୟ ଥାଆନ୍ତି । ଏପରି ହେବା ଉଚିତ ନୁହେଁ । ପ୍ରତ୍ୟେକ ନିଜର କର୍ତ୍ତବ୍ୟ, ସୀମା ଓ କାର୍ଯ୍ୟପଦ୍ଧତି ବିଷୟରେ ପୂର୍ଣ୍ଣ ଅବଗତ ହେବା ଉଚିତ ଏବଂ ସେ ଆଖି ଖୋଲି ପ୍ରବେଶ କରିବା ଉଚିତ । ସେହିସବୁ କର୍ତ୍ତବ୍ୟ ସମ୍ପାଦନରେ ପ୍ରତ୍ୟେକ ପୂର୍ଣ୍ଣ ଭାବରେ ଅଂଶ ଗ୍ରହଣ କରିବା ଉଚିତ । ତୁମର ଆଦର୍ଶ ହେଉଛି ସେବା, ତେଣୁ ପ୍ରତ୍ୟେକ ବ୍ୟକ୍ତି ପୂର୍ଣ୍ଣ ଆନ୍ତରିକତାର ସହ ସେବାକାର୍ଯ୍ୟରେ ସହଯୋଗ କରିବା ଉଚିତ ।

ମୁଁ ପୂର୍ବ ଆଫ୍ରିକା ଓ ଭାରତର ଅନେକ ନଗରର ଲାୟନ୍‌ସମାନଙ୍କର କାମ ଲକ୍ଷ୍ୟ କରିଛି । ଦରିଆପାରି ଦେଶମାନଙ୍କରେ ଲାୟନ୍‌ସମାନେ ଭଲ କାମ କରୁଛନ୍ତି, ଶିକ୍ଷାର ଅଭିବୃଦ୍ଧି କରୁଛନ୍ତି ଓ ରୋଗ ନିରାକରଣ କରୁଛନ୍ତି । ଆମ ଲୋକମାନଙ୍କ ଭୟଙ୍କର ଦାରିଦ୍ର୍ୟ ଏହି ସେବା ଯୋଜନାଗୁଡ଼ିକୁ ଅପେକ୍ଷାକୃତ ଅତ୍ୟଧିକ ବ୍ୟୟବହୁଳ ଓ କଷ୍ଟକର କରି ପକାଉଛି; କିନ୍ତୁ ନିରୁତ୍ସାହିତ ହୁଅ ନାହିଁ, ଆମର ବିଭବ ଅନୁସାରେ ସାହସର ସହିତ ଆଗେଇ ଚାଲ । କରୁଣା ସେହି ଲକ୍ଷ୍ୟ ହାସଲ କରି ପାରିବ, ଯେଉଁଠି କେବଳ ଟଙ୍କା ପହଞ୍ଚି ପାରିବ ନାହିଁ । ଉପହାର ଓ ଚାନ୍ଦା ଅପେକ୍ଷା ଆଗ୍ରହ ଓ ଉତ୍ସାହ ସେବା ପାଇଁ ଅଧିକ ସାର୍ଥକ ଉପକରଣ । ସେଗୁଡ଼ିକ ଜଣେ ଲୋକକୁ ଦଶଜଣଙ୍କର ଶକ୍ତି ଦିଅନ୍ତି ।

ତୁମମାନଙ୍କ ମଧ୍ୟରେ ଉଭୟ ଓକିଲ ଓ ଡାକ୍ତର ଅଛନ୍ତି । ସେମାନେ ବସ୍ତି ଅଞ୍ଚଳକୁ ଯାଇ ପାରିବେ ଏବଂ ସେଠିକାର ବାସିନ୍ଦାମାନଙ୍କୁ ଭେଟି ଭେଷଜ ଓ ଆଇନଗତ ସହାୟତା ଦେଇ ପାରିବେ । କାଗଜପତ୍ରର ଭୁଲ ଉପସ୍ଥାପନା ଯୋଗୁଁ ଆଇନଗତ ସାହାଯ୍ୟ ଲାଭ ପାଇଁ ଚେଷ୍ଟା କରିବା ବେଳେ ଗ୍ରାମବାସୀମାନେ ବହୁତ ହଇରାଣ ହୁଅନ୍ତି । ସେମାନେ ଟାଉଟର ଓ ମିଥ୍ୟା ଚିକିତ୍ସକଙ୍କ ଉପରେ ନିର୍ଭର କରନ୍ତି ଏବଂ ଭୁଲ ଉପଦେଶ ପାଇଛନ୍ତି ବୋଲି ବହୁ ବିଳମ୍ବରେ ଜାଣନ୍ତି । ବର୍ତ୍ତମାନ ଦିଗ୍‌ଦର୍ଶନ ଦେବାକୁ କେହି ନଥିବା ସ୍ଥାନ ଓ ଲୋକମାନଙ୍କ ଆଡ଼କୁ ତୁମର କାର୍ଯ୍ୟକଳାପକୁ ସଂପ୍ରସାରିତ କର । ସରକାରଙ୍କ ମାଧ୍ୟମରେ ସେବା ପାଉଥିବା ବର୍ଗ ପାଇଁ କାହିଁକି ତୁମର ଶକ୍ତି ଅପଚୟ କରିବ ?

ସଦସ୍ୟମାନଙ୍କର ସଂଖ୍ୟାବୃଦ୍ଧି ଦ୍ୱାରା ପ୍ରଗତି ମପାଯାଏ ନାହିଁ । କାମକୁ ମାତ୍ରା ଓ ଗୁଣ ଦ୍ୱାରା ବିଚାର କରାଯାଏ । ମୁଁ ଆଉ ଗୋଟିଏ କଥା ପ୍ରତି ତୁମର ଦୃଷ୍ଟି

ଆକର୍ଷଣ କରିବି । ଅନେକ ଲୋକ ଧର୍ମକୁ ଦେଶରେ ଅଶାନ୍ତିର କାରଣ ବୋଲି କହନ୍ତି ଏବଂ ଉପାୟ ଭାବରେ ଧର୍ମହୀନତାର ପ୍ରଚାର କରନ୍ତି । ଦୋଷ ସର୍ବଦା ଆତ୍ମସଂଯମ ଓ ସଦ୍‌ଭାବନା, ଭ୍ରାତୃତ୍ୱ ଓ ସେବା ଉପରେ ଗୁରୁତ୍ୱ ଦେଉଥିବା ଧର୍ମରେ ନାହିଁ, ମାତ୍ର ଲୋଭ ଓ କାମ ଦ୍ୱାରା କଳୁଷିତ ମାନବ ହୃଦୟରେ ଅଛି ।

ଭାରତର ପ୍ରାଚୀନ ଧର୍ମମାନଙ୍କର ଲକ୍ଷ୍ୟ ଓ ଅଭିପ୍ରାୟ ହେଲା ମାନବ ହୃଦୟରେ ପ୍ରେମର ବୀଜ ବପନ କରିବା, ଯଦ୍ୱାରା ସେଗୁଡ଼ିକ ସହିଷ୍ଣୁତାର ଚାରାଗଛ ହୋଇ ଉଠିବ, ଧୈର୍ଯ୍ୟର ଫୁଲ ଫୁଟାଇବ ଓ ଶେଷରେ ଶାନ୍ତିର ଫଳ ଧରିବ । ଭାରତୀୟ ଚିନ୍ତନର ଶିଖର ହେଉଛି ଅଦ୍ୱୈତବାଦ, ଏକର ଅନୁଭୂତି, ଦ୍ୱୈତର ଅବଜ୍ଞା । କେତେକ ଦେଶ ବ୍ୟକ୍ତିଗତ ସ୍ୱାଧୀନତାର ଆଦର୍ଶ ଆଡ଼କୁ ଅଗ୍ରସର ହୁଅନ୍ତି, ଅନ୍ୟମାନେ ଦେଶର ସାର୍ବଭୌମତା ଓ ବ୍ୟକ୍ତିର ସ୍ୱାଧୀନତାର ଅଧିକାର ଦମନ କରିବାକୁ ଲକ୍ଷ୍ୟ କରନ୍ତି । କିନ୍ତୁ ଭାରତ ଅନାଦି କାଳରୁ ବ୍ୟକ୍ତିକୁ ଏହି ଶିକ୍ଷା ଦେଇ ଆସିଛି ଯେ ସେ ସମସ୍ତଙ୍କ ସହିତ ଏକ ଅନୁଭବ କଲେ ହିଁ ମୁକ୍ତିଲାଭ କରିପାରିବ– ସମସ୍ତେ କହିଲେ ତା ନିଜ ଦେଶ ବା ଭାଷାଭାଷୀ ବା ବର୍ଣ୍ଣ ବା ଜାତିର ଲୋକ ନୁହଁନ୍ତି, ମାତ୍ର ସମଗ୍ର ମାନବଜାତି, ସବୁ ଜୀବ -ସଜୀବ ଓ ନିର୍ଜୀବ । ପ୍ରସାରଣ ହିଁ ସୁଖର ଚାବିକାଠି ଏବଂ ପ୍ରେମ ହେଉଛି ପ୍ରସାରଣର ଅବ୍ୟର୍ଥ କୁଞ୍ଜି । ମନୁଷ୍ୟ ସମସ୍ତଙ୍କର ଆତ୍ମୀୟ, ତାହା ହିଁ ପ୍ରାଚୀନ ଜ୍ଞାନର ଶିକ୍ଷା । ଆତ୍ମୀୟ ଭାବନା ସେବା ପାଇଁ ମହାନ୍ ପ୍ରେରଣା ଅଟେ । ଆତ୍ମୀୟ ଭାବନା ଉପରେ ଗୁରୁତ୍ୱ ଦିଅ, ତୁମର ସମାଜସେବା ଆଗେଇ ଚାଲିବ । ବିଶ୍ଳେଷଣ କରି ଦୋଷ ଦିଅ ନାହିଁ; ସଂଶ୍ଳେଷଣ କରି ପ୍ରେମର ବର୍ଷା କର । ସେବା କର ତୁମ ହୃଦୟର ପୀଡ଼ା ଦୂର କରିବା ପାଇଁ । ଏଥିପାଇଁ ନୁହେଁ ଯେ ତୁମ କ୍ଲବ୍‌ର ସଂବିଧାନରେ ସଦସ୍ୟମାନଙ୍କୁ ସେବା କରିବାକୁ କୁହାଯାଇଛି, ଏଥିପାଇଁ ନୁହେଁ ଯେ ଏହା ତୁମକୁ ସମ୍ମାନ ପ୍ରଦାନ କରିବ କିମ୍ୱା ଏଥିପାଇଁ ନୁହେଁ ଯେ ଏହା ସ୍ୱଚ୍ଛଳ ଲୋକମାନଙ୍କର କର୍ତ୍ତବ୍ୟ । ସେବା କର, କାରଣ ସେବା ନ କଲେ ତୁମେ ଶାନ୍ତି ପାଇ ପାରିବ ନାହିଁ । ଆତ୍ମୀୟତା ଲାଭ ପାଇଁ ଏହା ଏକ ଅନ୍ତଃପ୍ରବୃତ୍ତି ।

ଭାରତୀୟ ସଂସ୍କୃତି ଯଥାର୍ଥ ମାର୍ଗ ଉପରେ ଗୁରୁତ୍ୱ ଦେଇଛି ଯେଉଁଥିରେ ନିଜର ଶକ୍ତି ଓ ଅର୍ଥକୁ ଅସହାୟ, ରୁଗ୍ଣ, କ୍ଷୁଧାର୍ତ୍ତ, ନିରକ୍ଷର, ଗୃହହୀନ, ନିର୍ବସ୍ତ୍ରମାନଙ୍କ ସେବାରେ ବ୍ୟୟ କରାଯିବା ଉଚିତ । ଏହା ଜାକଜମକ, ପ୍ରତିଶୋଧ, ବିବାଦ, ଭୌତିକ ବିଜୟ ପାଇଁ ଶକ୍ତି ଓ ଅର୍ଥର ଅପଚୟକୁ ନିନ୍ଦା କରେ । ଧନ ଉପରେ ଆସ୍ଥା ରଖିବାକୁ ହେବ ଏବଂ ମନୁଷ୍ୟର ଭ୍ରାତୃତ୍ୱ ଓ ଭଗବାନଙ୍କର ପିତୃତ୍ୱର ବିକାଶ ପାଇଁ ବିନିଯୋଗ କରିବାକୁ ହେବ । ଭଗବତ୍ ବିଶ୍ୱାସ ବା ଆତ୍ମ-ବିଶ୍ୱାସର କ୍ଷତି କରିବା ଭଳି କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ ବୋଲି ମଧ୍ୟ ଏହି ସଂସ୍କୃତି ନିର୍ଦ୍ଦେଶ ଦେଇଛି । ବିଶ୍ୱାସ ଏକ କୋମଳ ଚାରାଗଛ ପରି ଏବଂ ଏହା ତୁମଠାରୁ ଯଥାସାଧ୍ୟ ଲାଳନ-ପାଳନ ଆବଶ୍ୟକ କରେ ।

♦♦♦

ଆଜି ଜଗତର ଯାହା ଦରକାର

ଆଜିର ପୃଥିବୀ ପରସ୍ପରକୁ ଘୃଣା ଓ ଅନାଦର କରୁଥିବା ଶ୍ରେଣୀ ଓ ବର୍ଗରେ ଖଣ୍ଡ ଖଣ୍ଡ ହୋଇଯାଇଛି । ନିଜର ଶତ୍ରୁର ବିନାଶକୁ ଲକ୍ଷ୍ୟ କଲେ କୌଣସି ଉପାୟ ଅତ୍ୟଧିକ କ୍ରୂର ମନେ ହେଉନାହିଁ । କେହି ଅନ୍ତର୍ନିହିତ ଏକତ୍ୱ, ପୃଥିବୀରେ ପ୍ରତ୍ୟେକ ବ୍ୟକ୍ତିକୁ ସକ୍ରିୟ କରୁଥିବା ଦିବ୍ୟତ୍ୱର ଚିରସ୍ରୋତ ବିଷୟରେ ସଚେତନ ନୁହେଁ । ବର୍ତ୍ତମାନ ତୁମର ଭୂମିକା ହେଉଛି ଏହି କଥା ପ୍ରଦର୍ଶନ କରିବା ଯେ ସବୁ କିଛି ନଷ୍ଟ ହୋଇଯାଇନାହିଁ, ଏବେ ବି ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମରେ ବିଶ୍ୱାସ କରୁଥିବା ଲୋକମାନେ ଅଛନ୍ତି, ବିନୟ ଓ ଆଦରର ସହିତ କରାଯାଉଥିବା ପ୍ରେମପୂର୍ଣ୍ଣ ସେବାକାର୍ଯ୍ୟ ଲୋକମାନଙ୍କୁ ସୁଖ ଦେଉଛି ଏବଂ ସେହିଦିନ ପାଖେଇ ଆସୁଛି ଯେତେବେଳେ ମନୁଷ୍ୟର ଭ୍ରାତୃତ୍ୱ ଓ ଭଗବାନଙ୍କର ପିତୃତ୍ୱ ଉଜ୍ଜ୍ୱଳ ଓ ସୁନ୍ଦର ଭାବରେ ଦୀପ୍ତିମନ୍ତ ହେବ ।

ବର୍ତ୍ତମାନ ସମସ୍ତ ପ୍ରୟାସ ଅଧିକ ଖାଦ୍ୟ ଉତ୍ପାଦନ, ଅଧିକ ଗୃହ ନିର୍ମାଣ ଓ ଅଧିକ ବସ୍ତ୍ର ବୟନ ଉପରେ କେନ୍ଦ୍ରିତ ହୋଇଛି । କିନ୍ତୁ ଆଜି ଯାହା ସବୁଠାରୁ ବେଶୀ ଦରକାର ତାହା ହେଲା ଅଧିକ ସହନଶୀଳତା, ବିନୟ, ଭ୍ରାତୃତ୍ୱ, ଦୟା ଏବଂ ପ୍ରତ୍ୟେକଙ୍କ ହୃଦୟ ଭିତରେ ଥିବା ଆନନ୍ଦ ଓ ଶାନ୍ତିର ଝରଣା ସମ୍ବନ୍ଧରେ ଗଭୀର ଚେତନା ପ୍ରଦର୍ଶନ କରିବା ପାଇଁ ପୂର୍ଣ୍ଣ ପ୍ରୟାସ କରିବା । ଏହି ଦେଶ ଭାରତ ଏହି ଆଧ୍ୟାତ୍ମିକ ଅଭିଯାନର ପୂର୍ବଭାଗରେ ରହିବା ଉଚିତ ।

ପ୍ରେମ କଠୋରତମ ହୃଦୟ ପାଇଁ ଦ୍ରାବକ ପଦାର୍ଥ ସଦୃଶ । ମୁକ୍ତ, ପୂର୍ଣ୍ଣ ଓ ନିଃସ୍ୱାର୍ଥପର ପ୍ରେମ ବିନା କୌଣସି ଆଧ୍ୟାତ୍ମିକ ସାଧନା ସଫଳ ହୋଇପାରିବ ନାହିଁ । ଏହା ବିନା ଭଜନ ଶ୍ୱାସର ଅପଚୟ, ସତ୍‌ସଙ୍ଗ ସମୟର ଅପଚୟ ଓ ଧ୍ୟାନ ଆତ୍ମ-ପ୍ରବଞ୍ଚନା । ଭଜନ, ସତ୍‌ସଙ୍ଗ ଓ ଧ୍ୟାନ ପ୍ରେମସିକ୍ତ ମନରେ କରାଗଲେ ଶାନ୍ତି, ଆନନ୍ଦ ଓ ଜ୍ଞାନ ମିଳିପାରିବ । ବର୍ଷାବିନ୍ଦୁ ପଡ଼ିବା ବେଳେ ତାହା ସମୁଦ୍ରର ନାମ, ରୂପ ଓ ସ୍ୱଭାବ ଲାଭ କରେ । ସେହିପରି ବ୍ୟକ୍ତି ବିଶାଳ ମାନବ ସମୁଦାୟ ଭିତରେ ବିଲୀନ ହୋଇଗଲେ ଏବଂ ସମସ୍ତଙ୍କ ସହିତ ଏକ ଅନୁଭବ କଲେ ସେ ଦିବ୍ୟତ୍ୱର ନାମ, ରୂପ ଓ ସ୍ୱଭାବ ଆହରଣ କରେ । ତୁମେ ସେବା ଭାବରେ ଯାହା କିଛି କର ନା କାହିଁକି ଏହା ସେହି ବ୍ୟକ୍ତିଠାରେ ଥିବା ଭଗବାନଙ୍କ ପାଖରେ ପହଞ୍ଚେ ବୋଲି ବିଶ୍ୱାସ କର । ଭଗବାନ ସବୁ ଜୀବ ଭିତରେ ଅଛନ୍ତି । ତେଣୁ ତାହା ଭଗବାନଙ୍କୁ ନୈବେଦ୍ୟ ଅଟେ ।

ଭଲ ପାଅ ଓ ସେବା କର

ରାଜନୈତିକ, ଅର୍ଥନୈତିକ ଓ ଭୌତିକ କ୍ଷେତ୍ରମାନଙ୍କରେ ଦେଶର କଲ୍ୟାଣ ଅଭିବୃଦ୍ଧି କରିବା ଅଭିପ୍ରାୟରେ ଅନେକ ସଂଗଠନ ଏ ଦେଶରେ ପ୍ରତିଷ୍ଠିତ ହୋଇଛି । ଅନେକଙ୍କର ସାମାଜିକ ଓ ଧାର୍ମିକ ସମ୍ବନ୍ଧ ରହିଛି । କିନ୍ତୁ କାର୍ଯ୍ୟକଳାପ ପୃଷ୍ଠଭାଗରେ ଆଧ୍ୟାତ୍ମିକ ଉତ୍ସାହର ଝରଣା, ଭଗବତ୍ ବିଶ୍ୱାସ ଦ୍ୱାରା ଋଦ୍ଧିମନ୍ତ ଆଗ୍ରହ ନ ରହିଲେ ସେମାନେ ହାତରେ ଶିଖା ନ ଥିବା ପ୍ରଦୀପ ଧରି ଅନ୍ଧାରରେ ଅଣ୍ଡାଳି ହେଉଥିବେ । ମନୁଷ୍ୟ ପାଇଁ ପ୍ରକୃତରେ ସହାୟକ ହେବା ସକାଶେ ଏତେ ଆବଶ୍ୟକ ଆଲୋକ ଓ ପ୍ରେମ ଆଧ୍ୟାତ୍ମିକ ଆତ୍ମୀୟତାର ସ୍ୱୀକୃତିରୁ ଆସିବା ଉଚିତ ।

ମୁଁ ଦେଖୁଛି ଯେ ରୋଟାରୀ କ୍ଳବର ଲକ୍ଷ୍ୟ ହେଉଛି ଅନ୍ୟମାନଙ୍କର ସେବା, ମୁଖ୍ୟତଃ ଦାରିଦ୍ର୍ୟ ଦୂରୀକରଣ, ରୋଗ ନିରାକରଣ ଓ ଶିକ୍ଷାର ଉନ୍ନତି । ମୁଁ ଭାରତରେ ଓ ସମୁଦ୍ର ସେପଟେ ପୂର୍ବ ଆଫ୍ରିକାରେ ବହୁସଂଖ୍ୟକ ରୋଟାରୀ କ୍ଳବ ଓ ଲାୟନ୍ସ କ୍ଳବ୍‌କୁ ଯାଇଛି । ମୁଁ ଲକ୍ଷ୍ୟ କରିଛି ଯେ ସେଗୁଡ଼ିକରେ ସଦସ୍ୟ ରୂପେ ସାହସିକ ବ୍ୟକ୍ତି, ବିଶେଷଜ୍ଞ, ଧନୀ, ଆଇନ, ଚିକିତ୍ସା, ଇଞ୍ଜିନିୟରିଂ, ଶିଳ୍ପକଳା, ବାଣିଜ୍ୟ ଆଦି ବିଭିନ୍ନ ବୃତ୍ତିର ଉଚ୍ଚ ଶିକ୍ଷିତ ଲୋକମାନେ ଅଛନ୍ତି ।

ମୁଁ ଦେଖୁଛି ଯେ ତୁମେମାନେ ବୁଭୁକ୍ଷୁ ଲୋକମାନଙ୍କ ପ୍ରତି ପ୍ରେମର ବହିଃ ପ୍ରସାରଣ କରିବା ଅପେକ୍ଷା ନିଜ ନିଜ ମଧ୍ୟରେ ବନ୍ଧୁତା ବଢାଇବା ଉପରେ ଅଧିକ ଦୃଷ୍ଟି ଦେଉଛ । ତୁମେମାନେ ଭୋଜିଭାତ ଆୟୋଜନ କରୁଛ, ଯେଉଁଠାରେ ସଦସ୍ୟମାନଙ୍କୁ କ୍ଷୁଧା ଶାନ୍ତ କରିବା ଅପେକ୍ଷା ସାମାଜିକ ଚଳଣିର ଅଂଶବିଶେଷ ରୂପେ ମହାର୍ଘ ଭୋଜନ ଦିଆଯାଉଛି । ଏହା ନିହାତି ଲୋକଦେଖାଣିଆ ଓ ପ୍ରଦର୍ଶନ ମନୋଭାବ । ବରଂ ମୁଁ ତୁମକୁ କିଛି କ୍ଷୁଧାର୍ତ୍ତ ଲୋକଙ୍କୁ ସ୍ୱାଦିଷ୍ଟ ଭୋଜନ ଦେବା ପାଇଁ କହିବି ଯେଉଁମାନେ ସେମାନଙ୍କ ଜୀବନରେ କେବେହେଲେ ପେଟପୂରା ଖାଇବାର ଆନନ୍ଦ ପାଇନାହାନ୍ତି, ମହାର୍ଘ ଭୋଜନ ତ ଦୂରର କଥା । ଦୃଷ୍ଟିକୋଣ ବହୁଧା ବିକୃତ ହୋଇଯାଉଛି; ଯେଉଁ ଦିଗରେ ଚିନ୍ତା ପ୍ରବାହିତ ହେଉଛି ତାହା ହେଲା ମୁଁ ଏସବୁରୁ କେତେ ଲାଭ ପାଇବି, ସଦସ୍ୟ ହେଲେ ମୋତେ କ'ଣ ଲାଭ ମିଳିବ, ମୋର ମର୍ଯ୍ୟାଦା, ବୃତ୍ତି, ସମ୍ପର୍କ ପାଇଁ ଏହା କେତେଦୂର ହିତକର ହେବ । ଏହାକୁ ପୂରାପୂରି ବଦଳାଇବାକୁ ହେବ । ସମସ୍ୟା ଏପରି ହେବା ଦରକାର – ମୁଁ ଏହି ସଦସ୍ୟତା ବଳରେ ମୋର ପ୍ରତିବେଶୀଙ୍କୁ କେତେ ଲାଭ ଦେଇ ପାରିବି ? ଏହାର ଆଦର୍ଶ ପୂରଣ କରିବା ଦିଗରେ ମୁଁ କି ଅବଦାନ ଦେଇପାରିବି ବା ମୁଁ ପାରିବି କି ?

ସମସ୍ତେ ନେବା ପାଇଁ ଆଗ୍ରହୀ, କେହି ଦେବା ବିଷୟରେ ନିଷ୍ଠାପର ନୁହନ୍ତି । କାରଣ ହେଉଛି ପ୍ରେମର ଅଭାବ, ମନୁଷ୍ୟମାନଙ୍କ ମଧ୍ୟରେ ମନୁଷ୍ୟ ଦ୍ୱାରା ନିର୍ମିତ ଜାତି, ବର୍ଣ୍ଣ ମତବାଦର ପ୍ରାଚୀରକୁ ଅତିକ୍ରମ କରୁଥିବା ପ୍ରେମର ଅଭାବ । ହୃଦୟକୁ ପ୍ରେମରେ ଭରିଦିଅ ଏବଂ ସେହି ପ୍ରେମ ସମସ୍ତଙ୍କୁ ବିତରଣ କର । ପ୍ରେମର ପ୍ରତିଟି ନିବେଦନରେ ପ୍ରେମ ବଢିଚାଲେ; ପ୍ରେମ ଅଜାଡୁଥିବା ହୃଦୟ ସର୍ବଦା ପୂର୍ଣ୍ଣ ଥାଏ । ଭଗବାନ ସେଠାରେ ପ୍ରେମ ରୂପରେ ଅଛନ୍ତି ଏବଂ ତୁମେ ଅନ୍ୟମାନଙ୍କୁ ପ୍ରେମ ବିତରଣ କରିବା ବେଳେ କେବଳ ତାଙ୍କୁ ହିଁ କାଢୁଛ ।

ପ୍ରସାରଣ ହିଁ ପ୍ରେମ, ଜୀବନ । ସଙ୍କୋଚନ ହେଉଛି ଦ୍ୱେଷ, ମୃତ୍ୟୁ । ସମସ୍ତଙ୍କର କଲ୍ୟାଣ ପାଇଁ ପ୍ରାର୍ଥନା କର; ସମସ୍ତଙ୍କର ସମୃଦ୍ଧି ପାଇଁ ଅଭିଳାଷା କର, ଜଣେ ବ୍ୟକ୍ତି ଦଳ ବା ଦେଶ ପାଇଁ ନୁହେଁ । କୌଣସି ଜଣେ ବ୍ୟକ୍ତିକୁ କଷ୍ଟ ଦେଲେ ବି କ୍ଷମତା ପାଇଁ ଲାଳସା ଏକ ଉନ୍ମାଦକୁ ଅଧଃପତିତ ହୁଏ ଏବଂ ଏଥିସହିତ ବଡ ଦ୍ୱନ୍ଦ୍ୱ ଓ ବିପତ୍ତି ଆଣିଥାଏ । ସେବକ ହୁଅ, ନାୟକ ନୁହେଁ । ନିଜର ବ୍ୟକ୍ତିଗତ ସୁବିଧା ସକାଶେ ଆଉ ଜଣକର ଅବମାନନା କରି କିପରି ଜଣେ ସୁଖୀ ହୋଇ ପାରିବ, ତାହା ମୁଁ ବୁଝି ପାରୁନାହିଁ । ଏହି ଦୁଃଖଦାୟୀ କାମକୁ ଯଥାସମ୍ଭବ ପରିହାର କରିବାକୁ ଚେଷ୍ଟା କର ।

ଏଦେଶର ଲୋକମାନେ ଦାରିଦ୍ର୍ୟ, ରୋଗ ଓ ଉପଯୁକ୍ତ ଶିକ୍ଷାର ଅଭାବ ଭୋଗୁଛନ୍ତି । ଏପରି କ୍ଲବଗୁଡ଼ିକ ଉପଯୁକ୍ତ ସାହାଯ୍ୟ, ଖାଦ୍ୟ ଓ ଔଷଧ ଦେଇ ପାରିବେ । ତୁମେମାନେ ବର୍ତ୍ତମାନ ପାନୀୟ ଜଳ ଯୋଗାଣର ଯଥେଷ୍ଟ ସୁବିଧା ନଥିବା ଗାଆଁମାନଙ୍କରେ କୂଅର ବ୍ୟବସ୍ଥା କରୁଥିବା କଥା ମଧ୍ୟ ମୁଁ ଦେଖୁଛି । ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସେବାର ପୁନରାବୃତ୍ତି ନ କରି ଯେଉଁ ଅଞ୍ଚଳରେ ସରକାରୀ କାର୍ଯ୍ୟ କରାଯାଉନାହିଁ ସେ ଅଞ୍ଚଳଗୁଡ଼ିକୁ ତୁମେମାନେ ବାଛିଲେ ମୁଁ ଖୁବ୍ ଖୁସି ହେବି । ଏପରି କାମ ମଧ୍ୟ ବାଛ, ଯାହା ବିଶେଷ ଭାବରେ ତୁମର ଅଟେ, ଯେଉଁଠି ତୁମର ଅବଦାନକୁ କୃତଜ୍ଞତାର ସହ ଗ୍ରହଣ କରାଯିବ ।

ଭାରତ ବର୍ତ୍ତମାନ ଖାଦ୍ୟ ଭଳି ଦୈନନ୍ଦିନ ଆବଶ୍ୟକତା ପାଇଁ ମଧ୍ୟ ଅନ୍ୟ ଦେଶମାନଙ୍କ ଦ୍ୱାରଦେଶରେ ଭିକ୍ଷାପାତ୍ର ଧରି ଠିଆ ହେଉଛି । କେତେଦିନ ଯାଏ ଗୋଟିଏ ଦେଶ ଭିକ୍ଷା କରି ଚଳି ପାରିବ ? ଏହି ଦେଶରେ ଆଉ ଏକ ପ୍ରକାର ଖାଦ୍ୟ ଶସ୍ୟ ମଧ୍ୟ ଅଛି, ଯାହା ଟଙ୍କା ରୋଜଗାର କରିବାର ଧାଁ-ଧପଡ଼ରେ ଉପେକ୍ଷିତ ହୋଇ ଯାଇଛି । ତାହା ହେଲା ଉପନିଷଦ, ଗୀତା ଓ ଭାଗବତ । ଏଗୁଡ଼ିକ ଉପେକ୍ଷିତ ହୋଇଛି; ମଣିଷ ସେଗୁଡ଼ିକର କର୍ଷଣ କରୁନାହିଁ ଏବଂ ତା' ଭିତରେ ଶସ୍ୟାଗାରକୁ ଶାନ୍ତି ଓ ଆନନ୍ଦରେ ଭରି ଦେଉଥିବା ଫସଲ ଅମଳ କରୁନାହିଁ ।

ବେଦ ଓ ଶାସ୍ତ୍ର ଭାରତମାତାର ଦୁଇଟି ଆଖି । ଉପେକ୍ଷା ଯୋଗୁଁ ଆଖି ବର୍ତ୍ତମାନ ନ ଥିବା ପରି । ସେ ଏବେ ଆମେରିକୀୟ ଆଖି ବା ରୁଷୀୟ ଆଖି ବା ଚୀନା ଆଖି ଦ୍ୱାରା ଦେଖିବାକୁ ସଂଘର୍ଷ କରୁଛି । ଆତ୍ମା ମାଧ୍ୟମରେ, ଆତ୍ମା କ୍ରିୟାଶୀଳ କରୁଥିବା ଆଖି ମାଧ୍ୟମରେ ଦେଖ, କାରଣ ଆତ୍ମା ତୁମର ସର୍ବାଧିକ ଆବଶ୍ୟକତାକୁ ଭଲ ଭାବରେ ଜାଣେ ।

କ୍ଲବ ଓ ସେହିପରି ସଂସ୍ଥାମାନଙ୍କରେ ସଭାପତି ବା ଅଧ୍ୟକ୍ଷ ହେଉଛନ୍ତି ହୃଦୟ ଏବଂ ସଦସ୍ୟମାନେ ହେଲେ ଶରୀର । ହୃଦୟ ଉତ୍ସାହ ସଞ୍ଚାଳିତ କରିବା ଉଚିତ ଏବଂ ଶରୀର ତାହାକୁ ଉପଯୋଗୀ କାର୍ଯ୍ୟରେ ପରିଣତ କରିବା ଉଚିତ । ପୂର୍ଣ୍ଣ ସହଯୋଗ ଓ ବିଶ୍ୱାସ ରହିବା ଉଚିତ । ଡାକ୍ତର ସଦସ୍ୟମାନେ ସପ୍ତାହକୁ ଥରେ ବସ୍ତି ଅଞ୍ଚଳକୁ ଯିବା ଉଚିତ; ସେମାନେ ପ୍ରତି ସପ୍ତାହରେ ପରାମର୍ଶ କେନ୍ଦ୍ରରେ ମଧ୍ୟ ରହିବା ଉଚିତ । ସମୟାନୁବର୍ତ୍ତୀ ଓ ନିୟମିତ, ମଧୁର ଓ ସୌଜନ୍ୟପୂର୍ଣ୍ଣ ହୁଅ । ତୁମେ ହସି ହସି କଥା କହିଲେ ବଟିକା ଅଧିକ ଫଳପ୍ରଦ ହେବ । ଓକିଲମାନେ ନିୟମାନୁସାରେ କାଗଜପତ୍ର କାମ କରି ଦେଇ ସେମାନଙ୍କୁ ସାହାଯ୍ୟ କରି ପାରିବେ; ବର୍ତ୍ତମାନ ଅଧିକାଂଶ ବିବାଦର କାରଣ ହେଉଛି ଦୋଷାବହ ପତ୍ରାଚାର । କିପରି ବିଭିନ୍ନ ପ୍ରକାର ସରକାରୀ ସୁବିଧା ମିଳୁଛି ସେ ବିଷୟରେ ମଧ୍ୟ ସେମାନେ ଗ୍ରାମବାସୀ ଓ ଗରିବମାନଙ୍କୁ ବୁଝାଇ ପାରିବେ । ସେହି ସାହାଯ୍ୟ ପାଇବାର ଉପାୟ ସେମାନେ ସେମାନଙ୍କୁ ବତାଇ ପାରିବେ । ମିଳୁଥିବା ସାହାଯ୍ୟ ବିଷୟରେ ଅଜ୍ଞତା ଅନେକ ଅନୁଦାନକୁ ଅତିକ୍ରାନ୍ତ ହୋଇ ଯିବାକୁ ଦେଉଛି ଏବଂ ଅନେକ ଉତ୍ତମ ଉଦ୍ଦେଶ୍ୟ ଉଡି ଯାଉଛି ।

ଏହି ଜନାଖଣ୍ଡିକର ଏତେ ଶକ୍ତି ଅଛି, କାରଣ ବହୁତଗୁଡ଼ିଏ ସରୁ ସୂତା ଜନା ନାମକ ଏକ ନୂଆ ସତ୍ତାରେ ପରିଣତ ହେବାର ଶୃଙ୍ଖଳିତ ସଂକଳ୍ପ ନେଇ ବିଧିବଦ୍ଧ ଭାବରେ ସଂଯୁକ୍ତ ହୋଇଛନ୍ତି । ଖଣ୍ଡିଏ ସୂତା ପିମ୍ପୁଡିକୁ ସମ୍ଭାଳି ପାରିବ ନାହିଁ, କିନ୍ତୁ ଏକାଠି ହେଲେ ମତ୍ତ ହସ୍ତୀକୁ ମଧ୍ୟ ଅଟକାଇ ପାରିବ । ବିଶୃଙ୍ଖଳା, ବିବାଦ ଓ ଦୋଷାରୋପ ଏ ଦେଶରେ ସବୁ ସଂସ୍ଥା ପାଇଁ ଅନିଷ୍ଟକର । ଯୋଗ୍ୟ ହେଉ ବା ନ ହେଉ ପ୍ରତ୍ୟେକ ନିଜର୍ ସ୍ୱାର୍ଥସିଦ୍ଧି ପାଇଁ ଯୋଜନା କରୁଛନ୍ତି । ତୁଚ୍ଛତା ଓ ନିଜର ପୂର୍ବାଗ୍ରହ ବଖାଣିବା ପାଇଁ ବଡ ବଡ ଲୋକଙ୍କୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବିଦ୍ୱାନ ଓ ଅନୁଭୂତିସମ୍ପନ୍ନ ଲୋକମାନଙ୍କଠାରୁ ଆଧ୍ୟାତ୍ମିକ ପ୍ରବଚନ ଶୁଣିବା ପାଇଁ ମୁଁ ତୁମମାନଙ୍କୁ ପରାମର୍ଶ ଦେଉଛି । ସେଗୁଡ଼ିକ ତୁମକୁ ଶାନ୍ତିର ରହସ୍ୟ, ମାନସିକ ଭାରସାମ୍ୟ ଓ ପ୍ରଶାନ୍ତି ଲାଭ କରିବାର ଉପାୟ ଏବଂ ନିର୍ବିକଳ୍ପ ଆନନ୍ଦ ଉପଭୋଗ

କରିବାର ସାଧନ ବତାଇ ପାରିବେ । ସମୟର ଗତିପଥରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିବ; ତାହା ତୁମକୁ ଦକ୍ଷତା ଓ ଶକ୍ତି ପ୍ରଦାନ କରିବ । ମୁଁ ମଧ୍ୟ ଚାହୁଁଛି ଯେ ତୁମେମାନେ ସଦସ୍ୟମାନଙ୍କୁ ସାତ୍ତ୍ୱିକ ଆହାର ପାଇଁ ଓ ମଦ୍ୟପାନ ପରିହାର ପାଇଁ ଉତ୍ସାହିତ କର । ଏହା ମନୁଷ୍ୟର ଉଚ୍ଚ ଭୂମିକାର ଅଧଃପତନ କରାଉଛି । ମଣିଷକୁ ନିଶାଗ୍ରସ୍ତ ଦେଖିବା ଅତି ଦୟନୀୟ କଥା । କୋମଳ ମନଗୁଡ଼ିକୁ ନୈତିକ ଓ ଶାରୀରିକ ଦୁଃଖ ଆଡ଼କୁ ଘେନି ରାସ୍ତାକୁ ନିଅ ନାହିଁ । ଦୁଧ ବା ଦହି ପାନ କର; ଫଳ ଓ ବାଦାମ ଆଦି ଖାଅ । ତାହା ରଚନାତ୍ମକ, ସତ୍, ଆଧ୍ୟାତ୍ମିକ ଚିନ୍ତା ଜାତ କରେ ।

ତୁମେ କୁନି କୁନି ପିଲା ଓ ବାଳକମାନଙ୍କ ପାଇଁ ସାଂସ୍କୃତିକ କେନ୍ଦ୍ର , ବାଳବିହାର ଆରମ୍ଭ କର ବୋଲି ମୁଁ ପ୍ରସ୍ତାବ ଦେଉଛି । ସେମାନଙ୍କୁ ଏହି ପ୍ରାଚୀନ ଦେଶର ସଂସ୍କୃତିକୁ ବୁଝିବାକୁ ଓ ତଦନୁସାରେ ଜୀବନଯାପନ କରିବାକୁ ପ୍ରେରଣା ଦିଅ । ସଂପ୍ରତି ବିଦ୍ୟାଳୟଗୁଡ଼ିକ ଏ କାମ କରିବାକୁ ଆଗ୍ରହୀ ବା ଇଚ୍ଛୁକ ନୁହନ୍ତି । ତେଣୁ ପିଲାମାନେ ମୂଳରୁ ଶୁଷ୍କ ଓ ନୀରସ ହୋଇ ବଢ଼ୁଛନ୍ତି । ସେମାନେ ଜ୍ୟାକ୍ ଓ ଜିଲ ଗୀତ ବୋଲୁଛନ୍ତି, ରାମ ଓ ସୀତା ନୁହେଁ । ସେମାନେ ରବିନ୍ ଓ ରୋଭେନ୍ ଜାଣୁଛନ୍ତି, କାଉ ଓ ମୟୂର ନୁହେଁ । ପିଲାମାନେ ବ୍ରେକ୍ ନଥିବା କାର ପରି ଘୂରି ବୁଲୁଛନ୍ତି । ବାଳକ-ବାଳିକାମାନେ ଶୃଙ୍ଖଳା ପ୍ରତି ପ୍ରତିକ୍ରିୟା ପ୍ରକାଶ କରି ଏବଂ ଗୁରୁଜନମାନଙ୍କୁ ହୀନ ଦୃଷ୍ଟିରେ ଦେଖି ବଢ଼ୁଛନ୍ତି । ସେବା ମାଧ୍ୟମରେ କି ଆନନ୍ଦ ମିଳି ପାରିବ, ତାହା ପିଲାମାନଙ୍କୁ ଦେଖେଇ ଦିଅ । ସେମାନେ ଯଥାସମୟରେ ସେବା କରିବାର କଳା ଶିଖନ୍ତୁ ଏବଂ ରୋଗୀ ଓ ବୃଦ୍ଧମାନେ ବିଶେଷ ଯତ୍ନ ଆବଶ୍ୟକ କରୁଥିବା ବନ୍ୟା, ଘରପୋଡ଼ି, ଦୁର୍ଭିକ୍ଷ ଓ ମେଳା ଆଦି ସମୟରେ, ଯେଉଁଠି ଆବଶ୍ୟକ ପଡ଼ିଲେ ବି ସେବା କରିବାକୁ ସେମାନେ ପ୍ରସ୍ତୁତ ରହନ୍ତୁ । ଏ ପ୍ରକାର ପ୍ରେମପୂର୍ଣ୍ଣ ସେବା ପାଇଁ ତରୁଣମାନଙ୍କୁ ତାଲିମ ଦେବାରେ ଖର୍ଚ୍ଚ ହେଉଥିବା ଅର୍ଥ ସଦୁପଯୁକ୍ତ ଅଟେ ।

ମୋତେ ଉପଦେଶ ଦେଉଥିବା ଜଣେ ଅପରିଚିତ ବ୍ୟକ୍ତି ବୋଲି ଭାବ ନାହିଁ । ଯେଉଁମାନେ ସେବା କରୁଛନ୍ତି ଓ ଯେଉଁମାନେ ସେବା ପାଉଛନ୍ତି, ସମସ୍ତେ ମୋର । ମୁଁ ସମସ୍ତଙ୍କର । ଅନେକ ପ୍ରକାର, ରଙ୍ଗ ଓ ଗନ୍ଧର ଫୁଲ ପରି ତୁମେମାନେ ଭଗବାନଙ୍କର ଉପାସନା ସକାଶେ ଗୋଟିଏ ଫୁଲ ହାର କରିବା ପାଇଁ ଏକାଠି ହୋଇଛ । ସେହି ମହାନ୍ ବ୍ରତକୁ ପୂର୍ଣ୍ଣ କର । ତାହା ତୁମମାନଙ୍କୁ ଆଜି ମୋର ଆଶୀର୍ବାଦ ।

-ଅନନ୍ତପୁର, ୧୮-୧-୧୯୭୧

ନାରାୟଣ ସେବା

ସର୍ବୋତ୍ତମ ପ୍ରେମ ହେଉଛି କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ ।

- ବାବା

ତୁମେ ଦାନ କରୁନାହିଁ, ତୁମେ କେବଳ ମନୁଷ୍ୟ ରୂପରେ ଏହି ଦେବତାମାନଙ୍କୁ ଅନ୍ନ ଦେବା ଦ୍ୱାରା ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛ ।

- ବାବା

ତୁମେମାନେ ଭୋଜିଭାତ ଓ ବଣଭୋଜି କରୁଛ, ଯେଉଁଠାରେ ସଦସ୍ୟମାନଙ୍କୁ କ୍ଷୁଧା ଶାନ୍ତି କରିବା ଅପେକ୍ଷା ସାମାଜିକ ଚଳଣିର ଅଂଶବିଶେଷ ରୂପେ ମହାର୍ଘ ଭୋଜନ ଦିଆଯାଉଛି । ଏହା ନିହାତି ଲୋକଦେଖାଣିଆ ଓ ପ୍ରଦର୍ଶନ ମନୋଭାବ । ବରଂ ମୁଁ ତୁମକୁ କିଛି କ୍ଷୁଧାର୍ତ୍ତ ଲୋକଙ୍କୁ ସ୍ୱାଦିଷ୍ଟ ଭୋଜନ ଦେବା ପାଇଁ କହିବି ଯେଉଁମାନେ ସେମାନଙ୍କ ଜୀବନରେ କେବେ ହେଲେ ପେଟପୂରା ଭୋଜନ କରିବାର ଆନନ୍ଦ ପାଇନାହାନ୍ତି; ମହାର୍ଘ ଭୋଜନ ତ ଦୂରର କଥା ।

- ବାବା

ମାଧବ ଭାବ ସହ ମାନବର ସେବା କର । କ୍ଷୁଧାର୍ତ୍ତଙ୍କୁ ଅନ୍ନ ଦିଅ, ଯେଉଁ ଅନ୍ନ ହେଉଛି ପ୍ରକୃତି ମାତାଙ୍କ ଉପହାର । ତାହା ପ୍ରେମ ଓ ବିନୟ ସହକାରେ ଦିଅ; ତାହାକୁ ପ୍ରଭୁନାମରେ ମଧୁର କରି ଦିଅ ।

- ବାବା

ନାରାୟଣ ସେବା

ଅନ୍ନଦାନ ହିଁ ସବୁଠାରୁ ମହତ୍ ଦାନ । ତୁମେମାନେ ଆଜି ବହୁସଂଖ୍ୟକ ଲୋକଙ୍କୁ ଭୋଜନ ଦେବାର ବ୍ୟବସ୍ଥା କରିଛ ଏବଂ ତଦ୍ଵାରା ଏହି ଗାଆଁର ନାମକୁ ସାର୍ଥକ କରିଛ । ମଣିଷକୁ ଦିଆଯାଇଥିବା ଆୟୁ ବହୁତ କମ୍, ସେ ଯେଉଁ ଜଗତରେ ବାସ କରୁଛି ତାହା ବହୁ ପ୍ରଶସ୍ତ; ସମୟ ବହୁ ପଛକୁ ଓ ବହୁ ଆଗକୁ ପ୍ରସାରିତ ହୋଇ ରହିଛି । ଛୋଟିଆ ମଣିଷଟିକୁ ଏଠାରେ ଯାହା କରିବାକୁ ହେବ ତାହା ଶୀଘ୍ର, ନିର୍ଦ୍ଦିଷ୍ଟ ସ୍ଥାନ ଓ ନିର୍ଦ୍ଧାରିତ ସମୟ ଭିତରେ କରିବାକୁ ପଡ଼ିବ । ଆଉ ମଣିଷ ଆଗରେ ଏପରି ଏକ ଭୀଷଣ କାମ ରହିଛି; ତାହା ପୂରଣ କରିବା ପାଇଁ ହିଁ ସେ ଅନେକ ପୂର୍ବଜନ୍ମମାନଙ୍କରେ ଆହରଣ କରିଥିବା ସବୁ ପୁଣ୍ୟର ବିନିମୟରେ ଏହି ମନୁଷ୍ୟ ଶରୀରରେ ଆସିଛି । କାମଟି ମନୁଷ୍ୟ ଭିତରେ ଅନ୍ତର୍ନିହିତ ଦିବ୍ୟତ୍ୱର ପରିପ୍ରକାଶଠାରୁ କୌଣସି ଗୁଣରେ କମ ନୁହେଁ । ଏହା ସମ୍ପାଦନ କରିବା ପାଇଁ ସବୁଠାରୁ ସହଜ ଓ ସୁଖକର ଉପାୟ ହେଉଛି ସେବା – ଉତ୍ସର୍ଗ ଓ ଭକ୍ତି ଭାବର ସହିତ କରାଯାଉଥିବା ମାନବସେବା । ଆଉ ଏପରି ଗାଆଁରେ ସେବା ହେଉଛି ସାର୍ଥକ ଲାଭପ୍ରଦ ସାଧନା । ସର୍ବୋତ୍ତମ ସେବା ହେଉଛି କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ । ଏହି ସାଧନାରେ ପ୍ରଥମ ସୋପାନ ହେଉଛି ବାସିନ୍ଦାଙ୍କ ମଧ୍ୟରେ ସେବାକାର୍ଯ୍ୟ ପାଇଁ ପାରସ୍ପରିକ ସହାୟତା ଓ ସହଯୋଗ ପ୍ରତିଷ୍ଠା କରିବା । ଏହା ଗାଆଁର ଶାନ୍ତି, ନିରାପତ୍ତା ଓ ସମୃଦ୍ଧି ସୁନିଶ୍ଚିତ କରିବ ।

ଗୋଟିଏ ଘରରେ ଗାଆଁ ହୋଇପାରିବ ନାହିଁ; ଗାଆଁ ଗଢ଼ିବା ସକାଶେ ଅନେକ ଲୋକ ଏକାଠି ହୋଇ ଗୋଟିଏ ପରିବାର ଭଳି ଚଳନ୍ତି । ଆଉ ତୁମେ କରୁଥିବା ଏପରି ସେବା ପାଇଁ ପ୍ରତ୍ୟେକ ପରିବାର ଏବଂ ତାହାର ପ୍ରତ୍ୟେକ ସଦସ୍ୟଙ୍କୁ ସାହାଯ୍ୟକାରୀ ହସ୍ତ ପ୍ରସାରିତ କରିବାକୁ ହେବ ଏବଂ ସାଧାରଣ ଅଭିଯାନରେ ସଫଳତା ହାସଲ କରିବାକୁ ହେବ । ଯୋଜନାକୁ ସଫଳ କରିବା ପାଇଁ ଶାରୀରିକ ଶକ୍ତି, ଆର୍ଥିକ ସମ୍ବଳ, ବୁଦ୍ଧିକୁ ଏକାଠି କରିବାକୁ ହେବ । ଏହି ଫୁଲହାରଟି ଗୋଟିଏ ଫୁଲରେ ହୋଇନାହିଁ; ଅନେକ ରଙ୍ଗ ଓ ଗନ୍ଧର ଫୁଲ, ଛବି ବା ବ୍ୟକ୍ତିଙ୍କୁ ସଜାଇବାର ସାଧାରଣ ଲକ୍ଷ୍ୟ ନେଇ ଗୋଟିଏ ସୂତାରେ ଏକାଠି ହୋଇଛନ୍ତି । ଗାଆଁରେ କେହି ଅଲଗା ଠିଆହୋଇ କହିପାରିବ ନାହିଁ, "ଏହା ମୋର କାମ ନୁହେଁ; ଏହା ଏହି ଲୋକ ବା ଏହି ଦଳର ଦାୟିତ୍ୱ ।"

ଆଜି ନଗରଗୁଡ଼ିକ ଦ୍ୱନ୍ଦ୍ୱ ଓ ବିବାଦ ଆଡ଼କୁ ମୁହାଁଇଛନ୍ତି; ସେଠାରେ ଶାନ୍ତି, ନିରାପତ୍ତା, ସ୍ଥିରତା ନାହିଁ । ସବୁଆଡେ ଉତ୍ତେଜନା, ଉଦ୍‌ବେଗ, ଭୟ, ବିବାଦ ଓ ସନ୍ଦେହ ।

ଜଣେ ବାପ ତା' ପୁଅକୁ କିଛି ଫଳ ଆଣିବା ପାଇଁ ପଇସା ଦେଇ ବଜାରକୁ ପଠାଇଲା । ଫଳ ଆଣି ଆସିବା ବେଳେ ପୁଅ ରାସ୍ତାରେ କିଛି ଭିକାରୀଙ୍କୁ ଦେଖିଲା ଓ ସେମାନଙ୍କର ଚିତ୍କାର ଶୁଣିଲା । ସେ ଉପଲବ୍ଧି କଲା ଯେ ସେମାନେ ଖୁବ୍ ଭୋକିଲା ଏବଂ ସେମାନଙ୍କ ପାଇଁ ଖାଦ୍ୟ ନିହାତି ଜରୁରୀ । ତେଣୁ ସେ ଫଳଗୁଡ଼ିକୁ ସେମାନଙ୍କୁ ଦେଇ ଦେଲା ଓ ଖାଲି ହାତରେ ଘରକୁ ଫେରିଲା । ବାପା ଗାଳି ଦେବାରୁ ପୁଅ ଉତ୍ତର ଦେଲା, "ମୁଁ ତୁମ ପାଇଁ ଅଦୃଶ୍ୟ ଫଳ ଆଣିଛି, ଯାହା ଅଧିକ ମଧୁର ଓ ଦୀର୍ଘସ୍ଥାୟୀ ।" ହଁ, ସତ୍‌ପାତ୍ରରେ ଦାନର ଫଳ ପ୍ରକୃତରେ ଅଧିକ ମଧୁର ଓ ସ୍ଥାୟୀ । ଏପରି ସତ୍‌କର୍ମ କରିବା ପାଇଁ ସୁଯୋଗ ଖୋଜିବୁଲ ।

ଭଗବତ୍ ଭକ୍ତିର ଅନୁଶୀଳନ ପାଇଁ ସର୍ବଦା ସତ୍‌ସଙ୍ଗ କରିବାକୁ ପ୍ରୟାସ କର, ବ୍ରାହ୍ମ ମୁହୂର୍ତ୍ତରେ ନିରବଚ୍ଛିନ୍ନ ଭାବରେ ପ୍ରଭୁଙ୍କ ନାମ ଜପ କର, ପ୍ରଭୁଙ୍କ ନାମ ସଂକୀର୍ତ୍ତନ କରି ଆନନ୍ଦରେ ଆହ୍ଲାଦିତ ହୋଇ ରାସ୍ତାରେ ଯାଉଥିବା ନଗର ସଂକୀର୍ତ୍ତନ ଦଳରେ ଯୋଗ ଦିଅ ।

ତୁମେ ଖାଇବାକୁ ଦେବାକୁ ଅନ୍ନଦାନ କହୁଛ । କିନ୍ତୁ ଯାହା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି ତାହା ଦାନ କରିବା ବା ସେଥିପାଇଁ ଗର୍ବ କରିବା କିମ୍ବା କିଛି ଦାନ କରିଛି ବୋଲି ଭାବିବାର ଅଧିକାର କାହାର ନାହିଁ । ଭଗବାନ ବର୍ଷା ଦେଇଛନ୍ତି, ଭଗବାନ ଚାରାଗଛଗୁଡ଼ିକୁ ବଢ଼ାଇଛନ୍ତି ଏବଂ ଭଗବାନ ଶସ୍ୟକୁ ପରିପକ୍ୱ କରିଛନ୍ତି; ତାହାକୁ ତୁମର ବୋଲି କହିବା ଏବଂ ଦାନ ଆକାରରେ ଦେବାର କି ଅଧିକାର ତୁମର ଅଛି ? ତୁମେ ଦାନ କରୁନାହଁ, ତୁମେ କେବଳ ଭଗବାନଙ୍କ ପ୍ରତି କୃତଜ୍ଞତା ନିବେଦନ କରୁଛ । ତୁମେ ଅମଳ କରିଥିବା ଫସଲକୁ ଖାଦ୍ୟ ରୂପରେ ପ୍ରସ୍ତୁତ କରି ଏହି ନରରୂପୀ ନାରାୟଣମାନଙ୍କୁ ଦେବା ଦ୍ୱାରା ତୁମେ କେବଳ ତାହାକୁ ପବିତ୍ର କରୁଛ । ଏହାକୁ ନାରାୟଣ ସେବା କହ ! ତାହା ଠିକ୍ କଥା । ସେ ଯାହା ହେଉ, ତୁମେ ଏହା ପ୍ରେମ ଓ ବିନୟର ସହିତ ଦିବ୍ୟ ଉପାସନା ଭାବରେ କରୁଥିବାରୁ ମୁଁ ତୁମକୁ ଆଶୀର୍ବାଦ କରିବା ପାଇଁ ତୁମ ଗାଆଁକୁ ଆସିଛି । ଗୋଟିଏ କମିଟି ବା ଦଳ ଉପରେ ସବୁ ଦାୟିତ୍ୱ ଲଦି ଦିଅ ନାହିଁ; ପୂର୍ଣ୍ଣ ହୃଦୟରେ ସେମାନଙ୍କ ସହିତ ଯୋଗ ଦିଅ ଏବଂ ଦାୟିତ୍ୱରେ ଅଂଶ ଗ୍ରହଣ କର । ସମସ୍ତେ ଏହି ନାରାୟଣ ସେବାରେ ଯୋଗ ଦିଅନ୍ତୁ ବୋଲି ମୁଁ ଚାହୁଁଛି ଏବଂ ତାହା ମଧ୍ୟ ବର୍ତ୍ତମାନ ପରି ମାସକୁ ଥରେ ନୁହେଁ ମାତ୍ର ଅନେକ ଥର ହେବା ଉଚିତ ।

ସେବାଭାବ ବପନ କରିବାର ଏକ ବ୍ୟାବହାରିକ ଉପାୟ ହେଉଛି ଏଇୟା - ଏକଥା ତୁମ ଜିଲ୍ଲାରେ ମଣ୍ଡଳୀମାନଙ୍କୁ କହ । ପ୍ରତିଦିନ ଗୃହସ୍ୱାମିନୀ ରୋଷେଇ କରିବା ପାଇଁ ଚାଉଳ ମାପିବା ବେଳେ ମୁଠାଏ ଚାଉଳ 'ନାରାୟଣଙ୍କ ପାଇଁ' ବୋଲି କହି ଏହି ଅଭିପ୍ରାୟରେ ଅଲଗା ପାତ୍ରରେ ରଖନ୍ତୁ । ସପ୍ତାହ ଶେଷରେ ସେ ସେହି ଚାଉଳକୁ ଅଲଗା ରୋଷେଇ କରନ୍ତୁ ଏବଂ ପରିମାଣକୁ ଦେଖି ତାହା ଗରିବ ଲୋକମାନଙ୍କୁ ଦିଅନ୍ତୁ । ତାହା ଉତ୍ସର୍ଗୀକୃତ ସେବାର ଏକ ଦୈନନ୍ଦିନ କାର୍ଯ୍ୟ ହେବ ।

କାମ କରିବାରେ ଆନ୍ତରିକ ଭାବକୁ ହିଁ ଭଗବାନ ମହତ୍ତ୍ୱ ଦିଅନ୍ତି । ଅବଦୁଲ୍ଲା ମକ୍‌କାର ଗୋଟିଏ ମସଜିଦ୍‌ର କୋଣରେ ଶୋଇଥିଲା । ତା' ମୁଣ୍ଡ ଉପରେ ଦୁଇଜଣ ପରୀଙ୍କ କଥାବାର୍ତ୍ତାରେ ତାର ନିଦ ଭାଙ୍ଗିଗଲା । ସେମାନେ ସୌଭାଗ୍ୟଶାଳୀ ଲୋକମାନଙ୍କର ଏକ ତାଲିକା ପ୍ରସ୍ତୁତ କରୁଥିଲେ । ଜଣେ ପରୀ କହୁଥିଲା ଯେ ସିକନ୍ଦର ନଗରର ମେହବୁବ୍ କଦାପି ପବିତ୍ର ନଗରୀକୁ ତୀର୍ଥଯାତ୍ରାରେ ଆସି ନ ଥିଲେ ବି ସେ ପ୍ରଥମ ସ୍ଥାନ ପାଇବାକୁ ଯୋଗ୍ୟ । ଏ କଥା ଶୁଣି ଅବଦୁଲ୍ଲା ସିକନ୍ଦର ନଗରକୁ ଗଲା ଏବଂ ଦେଖିଲା ଯେ ମେହେବୁବ ଲୋକମାନଙ୍କର ଜୋତା ମରାମତି କରୁଥିବା ମୋଚିଟିଏ । ସେ ଅନାହାରରେ ରହୁଥିଲା ଓ ଗରିବ ଥିଲା; କାରଣ ତାର ରୋଜଗାର ତାର ଜୀବନ ଧାରଣ ପାଇଁ ଯଥେଷ୍ଟ ନଥିଲା । ସେ ବହୁ ତ୍ୟାଗ କରି ଏତେ ବର୍ଷ ଭିତରେ କିଛି ତାମ୍ରମୁଦ୍ରା ସଞ୍ଚୟ କରିଥିଲା । ଦିନେ ସେ ତାର ଗର୍ଭବତୀ ପତ୍ନୀକୁ ଏକ ବିସ୍ମୟକର ଉପହାର ଦେବା ସକାଶେ ସବୁଯାକ ପଇସା ଖର୍ଚ୍ଚ କରି ଏକ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କଲା । ସେ ଉପହାର ଧରି ଘରକୁ ଯିବା ବେଳେ ଜଣେ ଭୋକିଲା ଭିକାରୀର ଚିତ୍କାର ଶୁଣିଲା, ଯେ କି ଅତିଶୟ କ୍ଷୁଧାରେ ପୀଡ଼ିତ ମନେହେଉଥିଲା । ମେହବୁବ୍ ଆଉ ଆଗକୁ ଯାଇ ପାରିଲା ନାହିଁ; ସେ ମହାର୍ଘ ବ୍ୟଞ୍ଜନ ଥିବା ପାତ୍ରଟିକୁ ସେହି ଲୋକକୁ ଦେଇଦେଲା ଏବଂ ତା ପାଖରେ ବସି ତାର କୋରଡ଼ିଆ ମୁହଁରୁ ସନ୍ତୋଷ ଫୁଟି ଉଠୁଥିବାର ଦେଖି ଖୁସି ହେଲା । ସେହି କାର୍ଯ୍ୟ ତାକୁ ସୌଭାଗ୍ୟଶାଳୀମାନଙ୍କ ତାଲିକାରେ ରହିବାର ସମ୍ମାନ ଦେଇଥିଲା, ଯାହା ମକ୍‌କାର ତୀର୍ଥଯାତ୍ରୀମାନେ ଲକ୍ଷ ଲକ୍ଷ ଦିନାର ଦାନ କରି ପାଇପାରି ନ ଥିଲେ । ଭଗବାନ କାମ ପଛରେ ଥିବା ଭାବକୁ ଦେଖନ୍ତି, ଆଡମ୍ବର ଓ ଜାକଜମକକୁ ନୁହେଁ ।

ନାରାୟଣ ସେବା ହେଉଛି ଆଦର ଓ ବିନମ୍ରତାର ସହ କ୍ଷୁଧାର୍ତ୍ତମାନଙ୍କୁ ଭୋଜନ ଦେବା; ଆଉ ଏହି ସେବା ଆଜି ବହୁତ ଜରୁରୀ । ସବୁଆଡେ ଖାଦ୍ୟ ପାଇଁ ଚିତ୍କାର ଶୁଭୁଛି; ଯଦିଓ ପ୍ରତ୍ୟେକ ଲୋକ କଠିନ ପରିଶ୍ରମ କଲେ ଏହି ସମସ୍ୟା ଦେଖାଦେବ ନାହିଁ । ଆମେ ପେଟ ପୂରା କରିବା କଥା କହୁଛୁ, କିନ୍ତୁ ପୃଥିବୀରେ ପ୍ରତ୍ୟେକ ପେଟ ଦୁଇଟି ହାତ ନେଇ ଆସୁଛି । ସେହି ହାତଗୁଡ଼ିକ ଅଳସୁଆ ବା ନିଷ୍କ୍ରିୟ ରହିଲେ ପେଟ ପାଇଁ ଖାଦ୍ୟ ଯୋଗାଡ କରିବାର କାମ କରିପାରିବେ ନାହିଁ । କଠୋର ପରିଶ୍ରମ କର – ତାହା ହିଁ ସନ୍ଦେଶ । ଆଉ ତଜ୍ଜନିତ ଲାଭରେ ଅନ୍ୟମାନଙ୍କୁ ଭାଗ ଦିଅ । ତୁମେ ଯେତେ ଅଧିକ କଠୋର ପରିଶ୍ରମ କରିବ ସେତେ ଅଧିକ ଲାଭ ପାଇବ, ସେତେ ଅଧିକ ବିତରଣ କରିପାରିବ । କଠୋର ପରିଶ୍ରମ କର । ଆହୁରି ବଡ କଥା ହେଉଛି ଅନ୍ୟମାନଙ୍କ ସହିତ ଏକାଠି ପ୍ରେମପୂର୍ଣ୍ଣ ଭାବରେ କାମ କର ।

ନାରାୟଣ ସେବା କହିଲେ, ମାଧବସେବା ନୁହେଁ ମାନବସେବା ।

♦♦♦

ସୋର ହୁନିସ ଗ୍ରାମ, ୨୮.୧.୧୯୭୫

ନିର୍ଦ୍ଧନ ଧନୀ ବାଳିକା

ଥରେ ଭଗବାନ ବୁଦ୍ଧ ଭ୍ରମଣ କରୁଥିଲେ ଏବଂ ସାହାଯ୍ୟ ଓ ଆରୋଗ୍ୟର ସନ୍ଦେଶ ପ୍ରଚାର କରୁଥିଲେ । କାଶୀରେ ଓ ଏହାର ଚାରିପଟେ ଦୁର୍ଭିକ୍ଷ ପଡ଼ିଛି ବୋଲି ଖବର ବ୍ୟାପିଗଲା । ବୁଦ୍ଧ ତାଙ୍କର ସବୁ ଶିଷ୍ୟମାନଙ୍କୁ ଡାକିଲେ ।

"ଏହା ହେଉଛି ସେବା କରିବା ଓ ଆଶୀର୍ବାଦ ପାଇବାର ସମୟ ।" ଏହା କହି ସେ ଚାରିଆଡକୁ ଚାହିଁଲେ । ତାଙ୍କର ଦୃଷ୍ଟି ସେମାନଙ୍କ ମଧ୍ୟରେ ଥିବା ଜଣେ ଧନୀ ଲୋକଠାରେ ନିବଦ୍ଧ ହେଲା ।

ଧନୀ ଲୋକଟି କହିଲା, "ପ୍ରଭୁ ! ମୁଁ ମୋର ସବୁ ସମ୍ପତ୍ତି ଦେଇ ଦେବାକୁ ପ୍ରସ୍ତୁତ ଅଛି । କିନ୍ତୁ ଆପଣ ଜାଣନ୍ତି ଯେ ମୋର ସବୁ ସମ୍ପତ୍ତି ଦ୍ୱାରା ଏତେ କ୍ଷୁଧାର୍ତ୍ତଙ୍କୁ ଭୋଜନ ଦେଇ ହେବ ନାହିଁ ।"

ବୁଦ୍ଧ ତାଙ୍କର ଅନ୍ୟ ଶିଷ୍ୟମାନଙ୍କ ଆଡକୁ ଚାହିଁଲେ । ଗୋଟିଏ କୋଣରୁ ଏକ ଧୀର କିନ୍ତୁ ଦୃଢ ସ୍ୱର ଶୁଭିଲା, "ପ୍ରଭୁ ! ମୁଁ ଗୋଟିଏ ଗରିବ ଦୋକାନୀର ଝିଅ । ମୋତେ ଆଶୀର୍ବାଦ କର ପ୍ରଭୁ! ମୁଁ କ୍ଷୁଧାର୍ତ୍ତମାନଙ୍କୁ ଖାଇବାକୁ ଦେବି ।"

"ତୁ ?" ସମସ୍ତଙ୍କ ମୁହଁରୁ ପ୍ରାୟ ଏକ ସଙ୍ଗେ ଏହି ପ୍ରଶ୍ନ ବାହାରିଲା ।

ବାଳିକାଟି ଶାନ୍ତ କିନ୍ତୁ ଦୃଢ ଭାବରେ ଉତ୍ତର ଦେଲା, "ହଁ ! ଭାଇମାନେ, ମୁଁ ତୁମମାନଙ୍କ ମଧ୍ୟରେ ସବୁଠାରୁ ଗରିବ, କିନ୍ତୁ ମୁଁ ସବୁଠାରୁ ଧନୀ ନୁହେଁ କି ? ତୁମମାନଙ୍କ ମଧ୍ୟରେ ଥିବା ସବୁଠାରୁ ବିତ୍ତଶାଳୀ ଲୋକର ସମ୍ପତ୍ତିରେ ମୋର ଭାଗ ନାହିଁ କି? ମୁଁ ପ୍ରତ୍ୟେକ ଘରକୁ ଯାଇ କହିବି । "ଗରିବମାନଙ୍କର ସେବା ପାଇଁ ମୋତେ ମୋର ଭାଗଦିଅ ।"

କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ସମସ୍ତେ ଦରିଦ୍ରମାନଙ୍କୁ ଭୋଜନ ଦେବା ସକାଶେ ପ୍ରଚୁର ପରିମାଣରେ ଦାନ କଲେ ।

ନିର୍ଦ୍ଧନ ଧନୀ ବାଳିକାଟିର ପ୍ରୟାସ, ସାହସ ଓ ବିଶ୍ୱାସ ଦ୍ୱାରା ଦୁର୍ଭିକ୍ଷ ଅପସରିଗଲା ।

♦♦♦

ବଡଦିନ

ପ୍ରେମ ସେବା ରୂପରେ ଅଭିବ୍ୟକ୍ତ ହେବା ଉଚିତ ।

ସେବା କ୍ଷୁଧାର୍ତ୍ତ ପାଇଁ ଭୋଜନ, ଅସହାୟ ପାଇଁ ସାନ୍ତ୍ୱନା, ରୋଗୀ ପାଇଁ ଉପଶମର ରୂପ ଗ୍ରହଣ କରିବା ଉଚିତ । ଯୀଶୁ ଏପରି ସେବାରେ ନିଜକୁ ଅଭିବ୍ୟକ୍ତ କରୁଥିଲେ ।

ଦୟାର୍ଦ୍ର ହୃଦୟ ଭଗବାନଙ୍କର ମନ୍ଦିର । ଯୀଶୁ ଦୟାର ପ୍ରଚାର କରିଥିଲେ । ଦୟା ଥିଲା ତାଙ୍କର ସନ୍ଦେଶ । ସେ ଗରିବ ଲୋକଙ୍କୁ ଦେଖିଲେ ଦୁଃଖ ଅନୁଭବ କରୁଥିଲେ ।

ଆଜି ଯୀଶୁଙ୍କର ଉପାସନା କରାଯାଉଛି, କିନ୍ତୁ ତାଙ୍କର ଉପଦେଶକୁ ଉପେକ୍ଷା କରାଯାଉଛି । ସାଇଙ୍କର ଉପାସନା କରାଯାଉଛି, କିନ୍ତୁ ତାଙ୍କର ଉପଦେଶ ଉପେକ୍ଷିତ ହେଉଛି । ସବୁଆଡେ ଆଡମ୍ବର, ପାଣ୍ଡିତ୍ୟ, ଫମ୍ପା ପ୍ରଦର୍ଶନ । ଭାଷଣ ! ଭାଷଣ ! କାମ ନାହିଁ, ପ୍ରେମ ନାହିଁ, ସେବା ନାହିଁ । ଯାହା କୁହାଯାଇଛି, ଭାଷଣ ଦେବାରେ ବୀର (Hero) ତାହା ଅଭ୍ୟାସ କରିବାର ଶୂନ୍ୟ (Zero) ।

ଯୀଶୁଙ୍କଠାରେ କରୁଣା ଥିଲା । କରୁଣା ମାନବ ରୂପରେ ଆସିଥିଲା । ସେ କରୁଣା ଭାବ ପ୍ରସାରିତ କରିଥିଲେ ଏବଂ ଦୁଃଖୀ ଓ ରଙ୍କିଙ୍କୁ ସାନ୍ତ୍ୱନା ଦେଇଥିଲେ । ଜେରୁଜେଲମ୍‌ର ମନ୍ଦିରରେ ପକ୍ଷୀ ଓ ପଶୁଙ୍କର ଯନ୍ତ୍ରଣା ଦେଖି ସେ ବିକ୍ରେତାମାନଙ୍କୁ ଭର୍ତ୍ସନା କରିଥିଲେ ଓ ସେମାନଙ୍କୁ ମନ୍ଦିର ପରିସରରୁ ବାହାର କରି ଦେଇଥିଲେ । ସେ ନିଜ ଉପରକୁ ପୁରୋହିତମାନଙ୍କ କ୍ରୋଧକୁ ଡାକି ଆଣିଥିଲେ । ଭଲ କାମ ସବୁବେଳେ ଦୁଷ୍ଟମାନଙ୍କୁ ଉତ୍‌କ୍ଷିପ୍ତ କରେ । କିନ୍ତୁ ପ୍ରତିବନ୍ଧକ ଆସିବା ବେଳେ କେହି ହାରିଯିବା ବା ଭୟ କରିବା ଉଚିତ ନୁହେଁ । ଆହ୍ୱାନ ଆନନ୍ଦ ଦିଏ; ଏହା ଶକ୍ତିର ଲୁକ୍‌କାୟିତ ଉତ୍ସକୁ ଜାଗ୍ରତ କରେ; ଏହା ପ୍ରୟାସକୁ ଋଦ୍ଧିମନ୍ତ କରିବା ପାଇଁ କୃପାକୁ ତଳକୁ ଖସାଇ ଆଣେ ।

ଦୟାଭାବ ବଢାଅ । ପ୍ରେମରେ ବାସ କର । ଭଲ ହୁଅ; ଭଲ କର ଓ ଭଲ ଦେଖ ।

ଏହା ହିଁ ଭଗବାନଙ୍କ ନିକଟକୁ ବାଟ ।

ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ, ୧୯୮୧

ନାରାୟଣ ସେବା : ସୂକ୍ତିମାଳା

- ସର୍ବୋତ୍ତମ ସେବା ହେଉଛି କ୍ଷୁଧାର୍ତ୍ତଙ୍କୁ ଭୋଜନ ଦେବା ।
- ଭୋଜିଭାତରେ ଅର୍ଥ ଅପଚୟ କରିବାକୁ ଆଗ୍ରହୀ ହୁଅ ନାହିଁ; ଅତିଭୁକ୍ତଙ୍କୁ ଭୋଜନ ଦେବ କାହିଁକି ?
- କ୍ଷୁଧାର୍ତ୍ତଙ୍କୁ ଭୋଜନ ଦିଅ, ଯେ ପେଟପୂରା ଭୋଜନରୁ ମିଳୁଥିବା ଆନନ୍ଦ କେବେ ପାଇ ନାହିଁ ।
- ଯାହା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ହୋଇଛି ତାହା ଦାନ କରିବା ବା ସେଥିପାଇଁ ଗର୍ବ କରିବା କିମ୍ବା କିଛି ଦାନ କରିଛି ବୋଲି ଭାବିବାର ଅଧିକାର କାହାର ନାହିଁ ।
- ଭଗବାନ ବର୍ଷା ଦେଇଛନ୍ତି, ଭଗବାନ ଚାରାଗଛ ବଢାଇଛନ୍ତି ଏବଂ ଭଗବାନ ଶସ୍ୟକୁ ପରିପକ୍ୱ କରିଛନ୍ତି । ତାହାକୁ ନିଜର ବୋଲି କହିବା ଓ ତାହା ଦାନ କରିବାରେ ତୁମର କି ଅଧିକାର ଅଛି ।
- ତୁମେ ଯାହା କରୁଛ ତାହା ଦାନ ନୁହେଁ; ତୁମେ କେବଳ ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛ । ଏହି ନରରୂପୀ ନାରାୟଣମାନଙ୍କୁ ଖାଦ୍ୟ ଅର୍ପଣ କରିବା ଦ୍ୱାରା ତୁମେ ଅମଳ କରୁଥିବା ଶସ୍ୟକୁ ପବିତ୍ର କରୁଛ ।
- ସେବକ ହୁଅ, ଭଗବାନଙ୍କର ସେବକ; ତାହେଲେ ତୁମେ ସବୁ ଶକ୍ତି ଓ ଆନନ୍ଦ ଲାଭ କରିବ । ମାଲିକ ହେବାକୁ ଚେଷ୍ଟା କଲେ ତୁମେ କେବଳ ତୁମ ଚାରିପଟେ ପ୍ରତ୍ୟେକଙ୍କଠାରେ ଈର୍ଷା, ଦ୍ୱେଷ, କ୍ରୋଧ ଓ ଲୋଭ ସୃଷ୍ଟି କରିବ ।
- ନିଜକୁ ତାଙ୍କ ହାତରେ ଏକ ଉପକରଣ ବୋଲି ଭାବ, ସେ ତୁମକୁ ଆକାର ଦିଅନ୍ତୁ ଓ ତୁମର ସର୍ବୋତ୍ତମ ଉପଯୋଗ କରନ୍ତୁ ।
- ବର୍ତ୍ତମାନ ଅନେକ ସଂସ୍ଥା କରୁଥିବା ଦରିଦ୍ର ଭୋଜନ କଥା ବିଚାର କର । ତୁମେ ବର୍ଷକୁ ଥରେ ଭୋଜନ ବ୍ୟବସ୍ଥା କରୁଛ, କିନ୍ତୁ ତାହା ଯଥେଷ୍ଟ କି ? ତୁମେ ବର୍ଷକୁ ଥରେ ଖାଅ କି ?
- ନାରାୟଣ ସେବା ବର୍ଷକୁ ଥରେ ବା ମାସକୁ ଥରେ ନୁହେଁ, ମାତ୍ର ଅଳ୍ପ ସମୟ ବ୍ୟବଧାନରେ କରାଯିବା ଉଚିତ ।
- ସେମାନଙ୍କୁ ନର ଭାବରେ ଦେଖ ନାହିଁ; ସେମାନଙ୍କୁ ସ୍ୱୟଂ ନାରାୟଣ ଭାବରେ ଦେଖ ।
- ତୁମେ ଅନ୍ୟଲୋକର କଷ୍ଟ ଉପଶମ କରୁନାହଁ ତୁମେ ସେହି ଶରୀରରେ ସେହି ରୂପରେ ଭଗବାନଙ୍କର ଉପାସନା କରୁଛ ।

ପ୍ରଶାନ୍ତି ନିଳୟମ୍

ତୁମର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେବା କରି ଚାଲ ।
(ବିଶ୍ୱ ସେବାଦଳ ସମ୍ମିଳନୀ, ୨୦.୧୧.୧୯୮୪)

-ବାବା

ଏହା ସମଗ୍ର ବିଶ୍ୱ ପାଇଁ ଆଧ୍ୟାତ୍ମିକ ଅଭ୍ୟୁତ୍ଥାନ କେନ୍ଦ୍ର ।

-ବାବା

ଏହା ନିରାଶ୍ରୟମାନଙ୍କର ଆଶ୍ରୟ ସ୍ଥଳ ।

-ବାବା

ଏହା ଏକ କର୍ମଶାଳା ଯେଉଁଠିକୁ ଭଙ୍ଗାରୁଜା
ମନ ଓ ହୃଦୟ ସଜଡ଼ା ବା ମରାମତି ହେବାକୁ ଆସନ୍ତି ।

-ବାବା

ପ୍ରଶାନ୍ତି ନିଳୟମ୍

ପ୍ରଶାନ୍ତି ନିଳୟମ୍‌ରେ ପ୍ରତିଦିନ ହେଉଛି ଏକ ଉତ୍ସବ ଦିନ; ପ୍ରତିଦିନ ଏକ ପବିତ୍ର ଦିନ । କଥା ଅଛି ଏହା "ନିତ୍ୟ ଆନନ୍ଦ, ନିତ୍ୟ ହରିତ ।"

ଏହି ନିଳୟ ହେଉଛି ପ୍ରଶାନ୍ତି ନିଳୟ । ଏହା ପ୍ରଶାନ୍ତିର ନିଳୟ । ବସ୍ତୁତଃ ତୁମେ ପ୍ରତ୍ୟେକ ହେଉଛ ପ୍ରଶାନ୍ତିର ନିଳୟ । ସେଥିପାଇଁ ମୁଁ ବହୁଧା ତୁମକୁ "ଶାନ୍ତି ସ୍ୱରୂପୁଲାରା" ଭାବରେ ସମ୍ବୋଧନ କରିଥାଏ । ମୋର ଲକ୍ଷ୍ୟ ହେଉଛି ତୁମକୁ ଏକଥା ମନେ ପକାଇ ଦେବା ଯେ ତୁମର ପ୍ରକୃତ ସ୍ୱଭାବ ହେଉଛି ଶାନ୍ତି, ସମତା, ଅନାସକ୍ତି । ତୁମ ଭିତରେ ଯାହା ନାହିଁ ତାହା ତୁମେ ପ୍ରକଟ କରି ପାରିବ ନାହିଁ, ନୁହେଁ କି ? ସେଥିପାଇଁ ତୁମର ଅନ୍ତର ଭିତରେ ଶାନ୍ତି ନିଶ୍ଚୟ ଥିବ । ତାହା ହେଉଛି ଫଳର ପକ୍ୱତା, ପକ୍ୱ ଫଳରେ ଭରି ରହିଥିବା ମଧୁରତା ।

ଏହି ପ୍ରଶାନ୍ତି ନିଳୟମ୍‌ର ପାଚେରୀ ନାହିଁ ବୋଲି ତୁମେ ଲକ୍ଷ୍ୟ କରିଥିବ । ଏହା ଏପରି ହେବା ଉଚିତ; ଲୋକମାନେ ଭଗବାନଙ୍କ ପାଖକୁ ଯେ କୌଣସି ଦିଗରୁ ନିର୍ବିଘ୍ନରେ ଆସି ପାରିବେ । କିନ୍ତୁ ଆମର ଫାଟକ ଅଛି । ନିଳୟମ୍‌କୁ ଆସୁଥିବା ରାସ୍ତାରେ ଚାଲୁଥିବା ଲୋକମାନେ ଅନ୍ୟ ସମସ୍ତଙ୍କ ପରି ସେମାନଙ୍କର ବ୍ୟକ୍ତିତ୍ୱରେ ସ୍ୱାଭାବିକ ଆବେଗ ଓ ଅର୍ଜିତ ଚାପ ଓ ବିକୃତି ଦ୍ୱାରା ଭାରାକ୍ରାନ୍ତ । ସେମାନେ କାମନା ଦ୍ୱାରା ଚାଳିତ ଏବଂ ବାସନାର ଷଡରିପୁ ଦ୍ୱାରା ଉତ୍ସାହିତ । ସେମାନେ ତମୋଗୁଣ ଦ୍ୱାରା ଆଉ ଅଭିଭୂତ ନ ହେବା ବେଳେ, ଅର୍ଥାତ୍ ମାୟାର ପରଦାକୁ ଟିକିଏ ଆଡ଼େଇ ଦେବା ବେଳେ ହିଁ ଫାଟକରେ ପ୍ରବେଶ କରିଥାନ୍ତି । ସେଠାରୁ ସେମାନେ ନିଳୟମ୍ ଆଡ଼କୁ ଆସନ୍ତି ଏବଂ ଦ୍ୱିତୀୟ ଫାଟକ ଅତିକ୍ରମ କରନ୍ତି, ଯେଉଁଠାରେ ସେମାନେ ସୁଦୃଶ୍ୟ ଭବନ, ଅଳିନ୍ଦ, ସାମନାରେ ଥିବା ମୂର୍ତ୍ତି, ଅପେକ୍ଷାକୃତ ଉନ୍ନତ ଗୁଣର ବାସନା ଦ୍ୱାରା ଆକର୍ଷିତ ହୁଅନ୍ତି । ସେମାନେ ହଲ୍ ଭିତରେ ପ୍ରବେଶ କରିବା ବେଳେ ତାହା ମଧ୍ୟ ଦୂର ହୋଇଯାଏ, ସେଠାରେ ସତ୍ତ୍ୱଗୁଣ ମନକୁ ଛବି, ବିଗ୍ରହ, ଭଜନ, ନାମାବଳୀ ଆଦି ଦ୍ୱାରା ଅଭିଭୂତ କରେ ।

ପ୍ରଶାନ୍ତି ନିଳୟମ୍ ସମଗ୍ର ବିଶ୍ୱ ପାଇଁ ଆଧ୍ୟାତ୍ମିକ ଅଭ୍ୟୁତ୍ଥାନ କେନ୍ଦ୍ର ଅଟେ; ସାରା ପୃଥିବୀର ଭକ୍ତମାନେ ଏଠାରେ ଅଛନ୍ତି, ତେଣୁ ତୁମେ ଟିକିଏ ଦୋଷ ବା ଭୁଲ କଲେ ତାହା ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ହେବ । ତୁମର ବ୍ୟବହାର ଆଦର୍ଶସ୍ଥାନୀୟ ହେବା ଉଚିତ; ପ୍ରତ୍ୟେକ ଦେଶ ତୁମଠାରୁ ଶିକ୍ଷା କରିବା ଉଚିତ ।

ମୂଳଦୁଆ ଦୁର୍ବଳ ହେବା ଉଚିତ ନୁହେଁ; ତୁମେ ଦୃଢ ଓ ସ୍ଥିର, ନିଷ୍ପାପର ଓ ସରଳ ହେବା ଉଚିତ । ତୁମେ ଅନ୍ୟମାନଙ୍କ ଉପରେ ହାକିମାତି ଦେଖେଇବାକୁ ବଛା ଯାଇଛ ବୋଲି ଭାବି ଗର୍ବ କରିବା ଉଚିତ ନୁହେଁ । ସବୁ ବୟସ, ସ୍ୱାସ୍ଥ୍ୟ ଓ ସମ୍ପଦର ସବୁ ଅବସ୍ଥା, ବିଦ୍ୟା ଓ ବୁଦ୍ଧିର ବିଭିନ୍ନ ସ୍ତରର ଲୋକମାନେ ପ୍ରଶାନ୍ତି ନିଳୟମ୍ ଆସନ୍ତି । ଏହି ପ୍ରଶାନ୍ତି ନିଳୟମ୍ ମଧ୍ୟ ନିରାଶ୍ରୟମାନଙ୍କର ଆଶ୍ରୟସ୍ଥଳ । କାହାରିକୁ ପର ବୋଲି ଭାବ ନାହିଁ । ମନେରଖ, ମୁଁ ସମସ୍ତଙ୍କର ଅଭିଭାବକ ଓ ସମର୍ଥକ ଭାବରେ ଅଛି । କାହାରି ପ୍ରତି ବା କାହାରି ଆଗରେ କ୍ରୋଧ, ମାତ୍ସର୍ଯ୍ୟ, ଈର୍ଷା ବା ଗର୍ବ ଦେଖାଅ ନାହିଁ । ବିନୟୀ ହୁଅ; ମାନବୀୟ ଗୁଣ ଉପରେ ଆସ୍ଥା ରଖ ।

ବସ୍ତୁତଃ ବିଶ୍ୱ ମୂଳତଃ ଏକ ପ୍ରଶାନ୍ତି ନିଳୟମ୍ । ମୁଁ ଚାହୁଁଛି, ତୁମେ ପ୍ରତ୍ୟେକ ଏହି ଅବଧି ଭିତରେ ନିଜକୁ ଏପରି ରୂପାନ୍ତରିତ କରି ନିଅ ଯେପରି ତୁମେ ଯେଉଁଠିକୁ ଗଲେ ବି ପ୍ରଶାନ୍ତି ନିଳୟମ୍‌ର ବାତାବରଣକୁ ବହନ କରି ଯିବ, କାରଣ ତୁମେ ପ୍ରେମ ଓ ବିନୟ, ଶୃଙ୍ଖଳା ଓ ସଂଯମରେ ସୁଗନ୍ଧିତ ନଥିବା କୌଣସି ବାତାବରଣରେ ସୁଖରେ ରହି ପାରିବ ନାହିଁ । ତୁମେ ସ୍ୱାଭାବିକ ଭାବରେ ନିଜେ ରହୁଥିବା ସ୍ଥାନ ଓ ତୁମ ଚାରିପଟର ଲୋକମାନଙ୍କୁ ପୂର୍ବାପେକ୍ଷା ଟିକିଏ ଅଧିକ୍ ଆଧ୍ୟାତ୍ମିକ କରିବାକୁ ଚେଷ୍ଟା କରିବ ।

ଏହି ନିଳୟମ୍‌କୁ କମ୍ ଆଦରରେ ଦେଖାଯିବା ଉଚିତ ନୁହେଁ । ଏଠାରେ ତୁମର ଅବସ୍ଥାନର ସର୍ବୋତ୍ତମ ଉପଯୋଗ କର । ଏହି ସୁଯୋଗକୁ ହାଲୁକା ଭାବରେ ନିଅ ନାହିଁ । ତୁମେ ବହୁତ ପଇସା ଖର୍ଚ୍ଚ କରି ଆସିଛ ଏବଂ ଏଠାରେ ପହଞ୍ଚିବା ପାଇଁ ବହୁ କଷ୍ଟ ସ୍ୱୀକାର କରିଛ, କିନ୍ତୁ ତୁମେ କେବଳ ଆଧ୍ୟାତ୍ମିକ ମାର୍ଗକୁ ଶିକ୍ଷା କରିବା ଦ୍ୱାରା ପ୍ରଭୁଙ୍କ ପାଦ ତଳେ ସୁଗନ୍ଧିତ ନୈବେଦ୍ୟ ଭାବରେ ପ୍ରସ୍ଫୁଟିତ ହେଉନାହଁ । ଇନ୍ଦ୍ରିୟମାନଙ୍କୁ ଆତ୍ମାର ଆଜ୍ଞାକାରୀ ସେବକ ଭାବରେ ଦମନ କରିବାକୁ ହେବ । ଉଦାହରଣ ସ୍ୱରୂପ, ମୁଁ ନୀରବତା ଉପରେ ଗୁରୁତ୍ୱ ଦିଏ । କମ୍ କଥା କହ, ନିହାତି ଦରକାର ପଡ଼ିଲେ ଧୀର ସ୍ୱରରେ କହ । ନିଜର ଦୁଃଖ, ଆବଶ୍ୟକତା, ସମସ୍ୟା କଥା ଅନ୍ୟମାନଙ୍କ କାନରେ ପକାଅ ନାହିଁ, ଯେଉଁମାନେ ନିଜ ନିଜର ଏତାଦୃଶ ବୋଝ ନେଇ ଏଠାକୁ ଆସିଛନ୍ତି । ସେମାନେ ତୁମ କଥା ଶୁଣିବାକୁ, ତୁମକୁ ଆଶ୍ୱାସନା ଦେବାକୁ ଆସିଛନ୍ତି କି ? ଉଚ୍ଚ ସ୍ୱରରେ କଥା କହି ଧ୍ୟାନ କରୁଥିବା ବା ପଢୁଥିବା ବା ପ୍ରଭୁଙ୍କର ନାମ ଲେଖୁଥିବା ଲୋକମାନଙ୍କୁ ହଇରାଣ କର ନାହିଁ ।

ସମ୍ଭବ ହେଲେ ତୁମେ ଏକୁଟିଆ ଧ୍ୟାନ କର; ପାରିଲେ ଆଧ୍ୟାତ୍ମିକ ବହି ପଢ, ଚୁପଚାପ ପ୍ରଭୁଙ୍କ ନାମ ଲେଖ । ତୁମେ ଏସବୁ କରି ନ ପାରିଲେ ଅନ୍ତତଃ

ଏସବୁ କରୁଥିବା ଲୋକମାନଙ୍କୁ ବିଚଳିତ କର ନାହିଁ । ଦିବ୍ୟ ପଥରେ ଅଗ୍ରସର ହେବା ପାଇଁ ପରସ୍ପରକୁ ଉତ୍ସାହିତ କର ।

ତୁମେ ଏହି ପ୍ରଶାନ୍ତି ନିଳୟମ୍ ପରିସରରେ ରହିପାର; କିନ୍ତୁ ତୁମେ ଯଦି ଜପ ଓ ଧ୍ୟାନ ଅପେକ୍ଷା ତୁମର ଶାରୀରିକ ସୁଖ ଓ ସୁବିଧା ବିଷୟରେ ଅଧିକ ଚିନ୍ତିତ ହୁଅ ତେବେ ତୁମର ଅବସ୍ଥାନ ଏକ ଅପଚୟ । ତୁମେ ଆଦୌ ପ୍ରଗତି କର ନାହିଁ । ଭଜନ ଶେଷରେ କର୍ପୂର ଆରତୀ ତୁମକୁ ସ୍ମରଣ କରାଇ ଦିଏ ଯେ ତୁମର ଇନ୍ଦ୍ରିୟ ଲାଳସା କୌଣସି ଚିହ୍ନ ନ ରଖି ଭସ୍ମ ହୋଇଯିବା ଉଚିତ ଏବଂ ତୁମେ ଭଗବାନଙ୍କ ମହିମାରେ ଲୀନ ହୋଇଯିବା ପାଇଁ ତାଙ୍କଠାରେ ନିଜକୁ ସମର୍ପି ଦେବା ଉଚିତ ।

ଏହି ପ୍ରଶାନ୍ତିନିଳୟମ୍‌ରେ ମଧ୍ୟ କେତେକ ସୀମା ନିର୍ଦ୍ଧାରିତ ହୋଇଛି, ସମୟର ସଦୁପଯୋଗ କରିବା ପାଇଁ କେତେକ ଉପାୟ ମୋ ଦ୍ୱାରା ସୁପାରିଶ କରାଯାଇଛି । ଦୀର୍ଘ ଦିନର ହୁଅନ୍ତୁ ବା ନବାଗତ, ଏଠାକୁ ଆସୁଥିବା ସମସ୍ତଙ୍କୁ ସେଗୁଡ଼ିକୁ ପାଳନ କରିବାକୁ ହୁଏ । ତୁମେ ମୋତେ ଦେଖିଛ ଏବଂ ଏଠାରେ ରହିଛ ଓ ଏସବୁ ସମ୍ଭାଷଣ ଶୁଣିଛ । ମୁଁ ପଚାରୁଛି, ଏଥିରୁ ଲାଭ କ'ଣ ମିଳିଲା ? ତୁମେ ଅପରିବର୍ତ୍ତିତ, ଅପ୍ରଭାବିତ ହୋଇ ଫେରି ଯାଉଛ କି ? କୁକୁରମାନେ ଆଖୁ ଚୁଚୁମନ୍ତି ନାହିଁ, ବରଂ ସେମାନେ ହାଡ ଖୋଜନ୍ତି । ଭଗବାନ, ସଦାଚାର, ଆଧ୍ୟାତ୍ମିକ ସାଧନା ଓ ଆତ୍ମୋପଲବ୍ଧି ବିଷୟରେ ଆଲୋଚନା ହେବା ବେଳେ ଦୁର୍ଭାଗା ଲୋକମାନେ ଘୁଞ୍ଚିଯାଆନ୍ତି ।

କିନ୍ତୁ ତୁମେ ନିଜକୁ ଆଧ୍ୟାତ୍ମିକ ଜୀବନର ବିଶୁଦ୍ଧ ବାୟୁରେ ରଖିବା ଉଚିତ; ଗଳି-କନ୍ଦିରୁ ଦୂରେଇ ଯାଅ ଏବଂ ଭଗବତ୍ ଅଭିମୁଖୀ ରାଜପଥରେ ଯାତ୍ରା କର । ସର୍ବଦା ଭଗବାନଙ୍କ ମହିମା ସ୍ମରଣ କର, ତାହେଲେ ତୁମେ ସେହି ମହିମାରେ ଦୀପ୍ତିମନ୍ତ ହେବ । ସତ୍ୟାନୁଶୀଳନ କର; ତାହା ହିଁ ତୁମ ହୃଦୟର ଭୟ ଦୂର କରିବାର ନିଶ୍ଚିତ ଉପାୟ । ପ୍ରେମ କେବଳ ସତ୍ୟସିଞ୍ଚିତ ହୃଦୟରେ ବଢ଼ିପାରିବ ।

ନିଳୟମ୍‌ରେ ଏପରି ଲୋକମାନେ ଅଛନ୍ତି, ଯେଉଁମାନେ ଏଠାରେ ୧୦,୧୫,୨୦ ବର୍ଷ ବା ଏହିପରି ଦୀର୍ଘ ସମୟ ରହିଲେଣି; କେବଳ ସେମାନଙ୍କର ଶରୀର ବଢ଼ିଛି; ସେମାନଙ୍କର ସେବା-ଆକାଂକ୍ଷା ବଢ଼ିନାହିଁ । ପ୍ରଶାନ୍ତିନିଳୟମ୍‌ରେ ଜୀବନ ମୁକ୍ତି ପାଇଁ ସେବା ମାର୍ଗରେ ବିଶ୍ୱାସ ଗଭୀର କରିବା ଉଚିତ । ମନୋଭାବ ହିଁ ଗୁରୁତ୍ୱପୂର୍ଣ୍ଣ । ସେବାର ନିର୍ଦ୍ଦିଷ୍ଟ କାମଟି କ୍ଷୁଦ୍ର ହୋଇପାରେ । ତୁମେ ଲକ୍ଷ ଲକ୍ଷ ଲୋକ ଲାଭାନ୍ୱିତ ହେବା ଭଳି ସେବାର ବିଶାଳ ଯୋଜନାରେ ଅଂଶଗ୍ରହଣ କରିବାର ସୁଯୋଗ ନ ପାଇପାର; ତୁମେ ଗୋଟିଏ ଛୋଟ ମେଣ୍ଢାକୁ ଧଡ଼ା ପାର କରାଇ

ଦେଇପାର କିମ୍ବା ଅନ୍ଧ ପିଲାକୁ ଗହଳି ରାସ୍ତାରେ ଆଉ ପାଖକୁ ନେଇଯାଇ ପାର । ତାହା ମଧ୍ୟ ନିଳୟମ୍‌ରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରିବା ପରି ଏକ ଉପାସନା ଅଟେ ।

ଛଳନା କର ନାହିଁ ବା ବଡପଣିଆ ଦେଖାଅ ନାହିଁ । ତୁମେ ଯଦି ଖାଲି "ପାଟି କର ନାହିଁ" ବୋଲି କହ ବା ଏପରି କିଛି ନିର୍ଦ୍ଦେଶ ଦିଅ ତେବେ ତୁମେ ବଡପଣିଆ ଦେଖାଉଛ ଓ ଲୋକମାନଙ୍କୁ ହୀନ ଦୃଷ୍ଟିରେ ଦେଖୁଛ । ସେମାନଙ୍କୁ କାରଣ କୁହାଯିବା ଦରକାର । ସେମାନଙ୍କୁ କହ ଯେ ନୀରବତା ହେଉଛି ଆଧ୍ୟାତ୍ମିକ ସାଧନାର ସିଡ଼ିରେ ପ୍ରଥମ ସୋପାନ; ତାହା ହିଁ ପ୍ରଶାନ୍ତି ନିଳୟମ୍‌ର ପରିଚୟ ଚିହ୍ନ; ସେମାନେ ଯେଉଁଠି ଥିଲେ ବି ପ୍ରତ୍ୟେକ ସ୍ଥାନକୁ ପ୍ରଶାନ୍ତି ନିଳୟମ୍ କରିବାକୁ ଶିଖିବା ଉଚିତ; ଉଚ୍ଚ ସ୍ୱରରେ କଥାବାର୍ତ୍ତା କଲେ ଭଗବାନଙ୍କ ନାମସ୍ମରଣ ବା ଧ୍ୟାନ ବା ଜପ କରୁଥିବା ଲୋକମାନଙ୍କର ବ୍ୟାଘାତ ହେବ; ଶବ୍ଦ ଅଧିକ ଶବ୍ଦ ସୃଷ୍ଟି କରେ ।

ଐନ୍ଦ୍ରିୟ ଲାଳସା ଓ ଅନେକ ତୃଷ୍ଣା ଜାତ କରୁଥିବା ସାଂସାରିକ ବସ୍ତୁ ପ୍ରତି ଅତ୍ୟଧିକ ଆସକ୍ତି ବଢାଅ ନାହିଁ । ଗୋଟିଏ ମୁହୂର୍ତ୍ତ ଆସୁଛି ଯେତେବେଳେ କଷ୍ଟରେ ସଂଗ୍ରହ କରିଥିବା ଓ ଗର୍ବର ସହିତ ନିଜର ବୋଲି କହୁଥିବା ସବୁକୁ ଛାଡି ତୁମକୁ ଶୂନ୍ୟହସ୍ତରେ ବିଦାୟ ନେବାକୁ ପଡ଼ିବ । ପ୍ରଶାନ୍ତି ନିଳୟମ୍‌ରେ ରହୁଥିବା ଏବଂ ଅଳ୍ପଦିନ ରହଣି ପାଇଁ ଏଠାକୁ ଆସୁଥିବା ଲୋକମାନଙ୍କର ଡଜନ ଡଜନ ବ୍ୟାଗ୍, ବାକ୍ସ ଓ ପୋଟଳା, ବହୁ ପରିମାଣରେ ବିଭିନ୍ନ ଆକାରର ବାସନ, ବସ୍ତୁତଃ ଟ୍ରକ୍ ବୋଝେଇ ହାଣ୍ଡିମାଠିଆ ଅଛି; କିନ୍ତୁ ଏଠାରେ ଥିବା ଆମେରିକୀୟ ଭକ୍ତମାନଙ୍କୁ ଦେଖ । ସେମାନେ ସମୁଦ୍ର ଓ ମହାଦେଶ ଅତିକ୍ରମ କରି ହଜାର ହଜାର ମାଇଲ ଦୂରରୁ ଖଣ୍ଡିଏ ବ୍ୟାଗ୍, କମ୍ବଳ ଓ ପାତ୍ର ଧରି ଆସିଛନ୍ତି । ତୁମେ ଅଧିକାଂଶ ସମୟ ତୁମ ଚାରିପଟେ ଜମାଇଥିବା ଜିନିଷପତ୍ର ପାଇଁ ଚିନ୍ତିତ ।

ମୁଁ ପ୍ରଶାନ୍ତି ନିଳୟମ୍‌ର ସ୍ଥାୟୀ ବାସିନ୍ଦାମାନଙ୍କ ପାଇଁ ପଞ୍ଚବିଧ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଛି । ମୁଁ ସେ ବିଷୟରେ ତୁମମାନଙ୍କୁ କହିବି, କାରଣ ତୁମର ଘର ଓ ଗାଆଁମାନଙ୍କୁ ମଧ୍ୟ ପ୍ରଶାନ୍ତି ନିଳୟମ୍‌ରେ ରୂପାନ୍ତରିତ କରିବାକୁ ହେବ । ସେଗୁଡ଼ିକ ହେଲା-(୧) ନୀରବତା - ଏହା ଆଧ୍ୟାତ୍ମିକ ସାଧନାରେ ପ୍ରଥମ ସୋପାନ । ଏହା ପରବର୍ତ୍ତୀ ସୋପାନକୁ ସହଜ କରିଦିଏ । ଏହା ଆତ୍ମସଂଯମ ବଢାଏ; ଏହା କ୍ରୋଧ, ମାତ୍ସର୍ଯ୍ୟ, ଲୋଭ ଓ ଗର୍ବର ସୁଯୋଗ ହ୍ରାସ କରେ । ଏହା ଛଡା ମନରେ ନୀରବତା ବିରାଜମାନ ହେଲେ ହିଁ ତୁମେ ତାଙ୍କର ପଦଧ୍ୱନି ଶୁଣିପାରିବ । (୨) ପରିଚ୍ଛନ୍ନତା - ଏହା ଦିବ୍ୟତ୍ୱର ଦ୍ୱାରଦେଶ । ତୁମେ ଯଦି ତୁମର ହୃଦୟ ଭିତରେ ଭଗବାନଙ୍କୁ ପ୍ରତିଷ୍ଠା କରିବାକୁ ଚାହୁଁଥାଅ ତେବେ ଆନ୍ତରିକ ଓ ବାହ୍ୟ ପରିଚ୍ଛନ୍ନତା

ଆବଶ୍ୟକ । (୩) ସେବା - ସେବା ତୁମକୁ ଅନ୍ୟଜଣଙ୍କର ଦୁଃଖ ଦେଖି ଜାତ ହେଉଥିବା ବେଦନାରୁ ରକ୍ଷା କରେ, ଏହା ତୁମର ଦୃଷ୍ଟିକୁ ପ୍ରଶସ୍ତ କରେ, ଚେତନାକୁ ପ୍ରସାରିତ କରେ, ଦୟାକୁ ଗଭୀରତର କରେ । ସବୁ ତରଙ୍ଗ ଏକ ସମୁଦ୍ର ଉପରେ ଥାଆନ୍ତି । ଏକ ସମୁଦ୍ରରୁ ଜାତ ହୁଅନ୍ତି, ଏକ ସମୁଦ୍ରରେ ବିଲୀନ ହୋଇ ଯାଆନ୍ତି । ସେବା ତୁମକୁ ଜ୍ଞାନରେ ଦୃଢ ହେବାକୁ ଶିକ୍ଷା ଦିଏ । (୪) ପ୍ରେମ - ପ୍ରତିଦାନ, ପରିଣାମ ବା ପୁରସ୍କାରର ଅନୁଶୀଳନ ବା ହିସାବ କର ନାହିଁ । ପ୍ରେମ ଆହ୍ୱାନ କରେ, ପ୍ରେମ ପ୍ରତ୍ୟୁତ୍ତର ଦିଏ । ପ୍ରେମ ହିଁ ଈଶ୍ୱର, ପ୍ରେମରେ ବାସ କର । (୫) ଅଦ୍ୱେଷ - କାହାରିକୁ ଗୌଣ, ନିକୃଷ୍ଟ, ମହତ୍ତ୍ୱହୀନ ବା ଅଦରକାରୀ ମନେ କରିବା ଉଚିତ ନୁହେଁ । ସର୍ବଶକ୍ତିମାନଙ୍କ ଦ୍ୱାରା ପ୍ରକଳ୍ପିତ ନାଟକରେ ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ ଭୂମିକା ଅଛି । କାହାରିକୁ ନିନ୍ଦା, ଅପମାନ ବା ଆଘାତ କର ନାହିଁ, କାରଣ ସେ ପ୍ରତ୍ୟେକଙ୍କ ଭିତରେ ଅଛନ୍ତି ଏବଂ ତୁମେ ନିନ୍ଦା କଲେ ତାହା ପାପରେ ପରିଣତ ହୁଏ । କେତେକ ଭାବନ୍ତି ଯେ ପ୍ରଶାନ୍ତି ନିଳୟମ୍‌ର ଶୃଙ୍ଖଳା ଭୌଗୋଳିକ ସୀମା ଭିତରେ ଆବଦ୍ଧ, ତେଣୁ ସେମାନେ ଫାଟକ ବାହାରକୁ ଚାଲିଗଲେ ସେଗୁଡ଼ିକର ଅବଜ୍ଞା କରି ପାରିବେ ।

ଏହି ପଥର ଓ ସିମେଣ୍ଟର ଘର କେବଳ ନୁହେଁ, ମାତ୍ର ସମଗ୍ର ପୃଥିବୀ ପ୍ରଶାନ୍ତି ନିଳୟମ୍ ପରି ହେବା ଉଚିତ । ବସ୍ତୁତଃ ପୃଥିବୀ ମୂଳତଃ ଏକ ପ୍ରଶାନ୍ତି ନିଳୟମ୍; କେବଳ ମନୁଷ୍ୟ ନିଜର ଅଜ୍ଞତା ଓ ପ୍ରାତିକୂଲ୍ୟ ଯୋଗୁଁ ଏହାକୁ ଅପରାଧ ଓ ଘୃଣାର ଉଇହୁଙ୍କାରେ ପରିଣତ କରି ପକାଇଛି ।

ଏହି କାରଣରୁ ପ୍ରଶାନ୍ତି ନିଳୟମ୍‌ରେ ଆମର କେତେକ ଶୃଙ୍ଖଳା ରହିଛି, ଯାହା ତୁମେମାନେ ଅନୁସରଣ କରିବ ବୋଲି ଆଶା କରାଯାଏ । ସାଧନାର ପ୍ରଥମ ସୋପାନ ଭାବରେ ତୁମେ ଏଠାରେ ଶିକ୍ଷା କରୁଥିବା ଏବଂ ଅନ୍ୟ ଯେଉଁଠିକୁ ଗଲେ ବି ଅଭ୍ୟାସ କରୁଥିବା ନୀରବତା ରକ୍ଷା ଏହି ନିୟମଗୁଡ଼ିକ ମଧ୍ୟରେ ଅନ୍ୟତମ । ଧ୍ୟାନ, ଜପ ବା ଚୁପ୍‌ଚାପ୍ ଭଗବାନଙ୍କ ନାମସ୍ମରଣରେ ସମୟ ଅତିବାହିତ କରିବା ପାଇଁ ତୁମକୁ ଉପଦେଶ ଦିଆଯାଏ, କାରଣ ସୁଖ ଓ ଶାନ୍ତି ବାହ୍ୟ ପ୍ରକୃତିରେ ମିଳେ ନାହିଁ; ସେଗୁଡ଼ିକ ମନୁଷ୍ୟର ଅନ୍ତଃରାଜ୍ୟରେ ଲୁକ୍‌କାୟିତ ଥିବା ରତ୍ନ; ଥରେ ସେଗୁଡ଼ିକୁ ପାଇଗଲେ ମନୁଷ୍ୟ ଆଉ କଦାପି ଦୁଃଖୀ ବା ଉଦ୍‌ବିଗ୍ନ ହେବ ନାହିଁ ।

ଯେଉଁମାନେ ପ୍ରଶାନ୍ତି ନିଳୟମ୍‌ରେ ରହିବାକୁ ଚାହୁଁଛ ସେମାନେ ନିର୍ଦ୍ଧାରିତ ଶୃଙ୍ଖଳା - ନିୟମଗୁଡ଼ିକୁ ଭଲ ଭାବରେ ଅଧ୍ୟୟନ କର । ଏହି ନିୟମଗୁଡ଼ିକ ତୁମ ନିଜର ଭଲ ପାଇଁ । ତୁମେ ଯେଉଁଠି ଥିଲେ ବି ସେହି ସ୍ଥାନକୁ ପ୍ରଶାନ୍ତି ନିଳୟମ୍ କରି

ପାରିବ । ମୋ ଇତିହାସରେ ଅଂଶୀଦାର ହୁଅ । ମୋଠାରୁ ଦୂରେଇ ଯାଅ ନାହିଁ । ତୁମେ ବହୁ ଜନ୍ମର ସୌଭାଗ୍ୟକୁ ସଞ୍ଚୟ କରି ଏହି ସାମୀପ୍ୟ ଲାଭ କରିଛି । ତୁମେ ଏହି ସମ୍ପର୍କ ଛିନ୍ନ କରି ଦୂରେଇ ଗଲେ ସମୟ ଆସିବ ଯେତେବେଳେ ତୁମେ ଭିତରକୁ ପଶିବା ପାଇଁ ଫାଟକ ବାହାରେ ବିକଳ ହୋଇ କାନ୍ଦିବ । ତୁଚ୍ଛ ମାୟା ସଂଶୟରୁ ମୁକ୍ତ ହୁଅ, ଆଉ ମୁଁ ତୁମକୁ ମୋ ଭିତରକୁ ନେଇଯିବି ।

ପ୍ରଶାନ୍ତି ନିଳୟମ୍‌କୁ ପୃଥିବୀର ସବୁ ଅଞ୍ଚଳରୁ, ସବୁ ସ୍ତରର, ସବୁ ପ୍ରକାର ସମସ୍ୟା ସହିତ, ସବୁ ପ୍ରକାର ଦୁଃଖ ବା କଷ୍ଟରେ ପୀଡ଼ିତ, ସବୁ ପ୍ରକାର ପ୍ରରୋଚନା ଦ୍ୱାରା ପ୍ରେରିତ ଲୋକମାନେ ଆସିଥାନ୍ତି । ଏହା ଗୋଟିଏ କର୍ମଶାଳା ପରି ଯେଉଁଠାରେ ଖରାପ ହୋଇଥିବା ମନ ଓ ହୃଦୟକୁ ସଜାଡିବା ବା ମରାମତି କରିବା ପାଇଁ ଅଣାଯାଇଥାଏ । କର୍ମଶାଳାରେ ହାତୁଡ଼ିର ମାଡ, ଚକର ଶବ୍ଦ, ଇଞ୍ଜିନର ଘର୍ଘର ଓ ଚେନ୍‌ର କେଁ କେଁ ଶବ୍ଦ ଶୁଭିଥାଏ । ଏହି କର୍ମଶାଳାରେ କେବଳ ଭଗବାନଙ୍କ ନାମର ଧୀର ଶବ୍ଦ ଶୁଭେ । ନୂଆ ଯନ୍ତ୍ରପାତି ଯୋଡାଯିବା ପରେ ନୂଆ ରଙ୍ଗ ହେବା ପରେ କାରଗୁଡ଼ିକ ନୂଆ ପରି କର୍ମଶାଳାରୁ ବାହାରିଯାନ୍ତି ଏବଂ ଭଲ ଭାବରେ ବିନା ଅସୁବିଧାରେ ମାଇଲ ମାଇଲ ଚାଲନ୍ତି । ଯେଉଁମାନେ ଯାତ୍ରାରେ କ୍ଳାନ୍ତ ହୋଇ ପଡ଼ିଛନ୍ତି କିମ୍ବା ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି ସେମାନଙ୍କ ପାଇଁ ଏହି ସ୍ଥାନକୁ ଏକ କର୍ମଶାଳା ରୂପରେ ଦେଖାଯାଇ ପାରେ ।

ତେଣୁ ଏହି ପବିତ୍ର ବାତାବରଣ, ଏହି ଅପୂର୍ବ ସୁଯୋଗ, ଏହି ମୂଲ୍ୟବାନ ସମୟର ପୂର୍ଣ୍ଣ ଉପଯୋଗ କର । ପ୍ରତିଟି ପ୍ରଶ୍ୱାସରେ ପ୍ରଭୁଙ୍କ ନାମ ଉଚ୍ଚାରଣ କର । ପ୍ରତିଟି ନିଃଶ୍ୱାସରେ ପ୍ରଭୁଙ୍କ ନାମ ଉଚ୍ଚାରଣ କର । ଭଗବାନଙ୍କ ଭିତରେ, ତାଙ୍କ ପାଇଁ, ତାଙ୍କ ସାଥିରେ ବାସ କର ।

ତେଲୁଗୁରେ ଏକ ଲୋକୋକ୍ତି ଅଛି, "ବୃନ୍ଦାବନ ସମସ୍ତଙ୍କର, ଗୋବିନ୍ଦ ସମସ୍ତଙ୍କର ।" ସେହିପରି ପ୍ରଶାନ୍ତି ନିଳୟମ୍ ସମସ୍ତଙ୍କର, ବାବା ସମସ୍ତଙ୍କର ।

♦♦♦

ସୂକ୍ତିମାଳା

↑ ଲୋକମାନେ ଜନ୍ମ ହୁଅନ୍ତି, ମରନ୍ତି; ମଝିରେ ସେମାନେ ବଢନ୍ତି ଓ ମଉଳି ଯାଆନ୍ତି । ବୃଦ୍ଧିର ଲକ୍ଷଣ ହେଉଛି ସେବା ମାଧ୍ୟମରେ ଅଭିବ୍ୟକ୍ତ ପାରସ୍ପରିକ ପ୍ରେମ ।

↑ ଧନୀ ଓ ଉଚ୍ଚ ପଦସ୍ଥମାନଙ୍କର ସେବା କରିବାକୁ ଅନେକ ଲୋକ ଅଛନ୍ତି । ଯେଉଁମାନଙ୍କର ସେବା କରିବାକୁ କେହି ନାହାନ୍ତି ତୁମେ ସେମାନଙ୍କର ସେବା କରିବା ଉଚିତ ।

↑ ସେବା କରିବାର ପ୍ରୟାସ ଅନ୍ୟମାନଙ୍କର କଷ୍ଟ ଯୋଗୁ ଜାତ ବେଦନାରୁ ଆସିବା ଉଚିତ ଏବଂ ସେବା ସେହି ବେଦନାରୁ ମୁକ୍ତ ହେବା ପାଇଁ ଅକୃତ୍ରିମ ପ୍ରୟାସ ହେବା ଉଚିତ । ଲୁହଭରା ଆଖି, ଦୁଃଖପୂର୍ଣ୍ଣ ହୃଦୟକୁ ଖୋଜିବୁଲ ।

↑ ତୁମେ ୟୁନିଫର୍ମ ପିନ୍ଧିବା ବା ବ୍ୟାଜ ପ୍ରଦର୍ଶନ କରିବା ଦରକାର ନାହିଁ; ତୁମେ ପ୍ରାର୍ଥନାର ୟୁନିଫର୍ମ ପିନ୍ଧିବା ବା କଷ୍ଟର ବ୍ୟାଜ୍ ପ୍ରଦର୍ଶନ କରିବା ଦରକାର ନାହିଁ । ରୋଗୀକୁ ହାତରେ ଧର, ଦୟାର ସହିତ ତା' ଆଖିକୁ ଚାହଁ, ପ୍ରସାଦରେ ତାର ଆଞ୍ଜୁଳିକୁ ଭରିଦିଅ, ତୁମେ ତାର କିପରି ସାହାଯ୍ୟ କରି ପାରିବ୍ ବୋଲି ପଚାର; ଆଉ ତାର ସୁସ୍ଥ ଆଖିରୁ କୃତଜ୍ଞତାର ଅଶ୍ରୁ ଝରିଯାଉ । ତାହା ହିଁ ପୁରସ୍କାର, ଯାହା ତୁମେ ପାଇବା ଉଚିତ । ଧନ୍ୟବାଦ ନ ମିଳିଲେ ବି, ନୀରବତା ବା ଅରୁଚି ମଧ୍ୟରେ ତୁମକୁ ଗ୍ରହଣ କରାଗଲେ ବି ଆଗେଇ ଚାଲ, କାରଣ ତୁମର ସ୍ୱଭାବ ହେଉଛି ଦେବା ଓ କ୍ଷମା କରିବା ।

↑ ଯେତେବେଳେ ତୁମେ ଜଣେ ରୋଗୀ, ହତୋତ୍ସାହୀ, ଅସହାୟ, ରୁଗ୍ଣ ଲୋକକୁ ଦେଖ, ତାହା ହିଁ ତୁମର ସେବାର କ୍ଷେତ୍ର । ପ୍ରତ୍ୟେକ କୋଷ, ପ୍ରତ୍ୟେକ ଶିରା-ପ୍ରଶିରା ପ୍ରେମରେ, ସେହି ପ୍ରେମକୁ ଅସହାୟଙ୍କୁ ବିତରଣ କରିବାର ଔତ୍ସୁକ୍ୟରେ ଉବୁଟୁବୁ ହେବା ଉଚିତ ।

↑ ଭୋକିଲା ଶିଶୁକୁ କ୍ଷୀର, ରାସ୍ତା କଡ଼ରେ ଥରୁଥିବା ଭାଇକୁ କମ୍ବଳଟିଏ

ଦେବା ବେଳେ ତୁମେ ଭଗବାନଙ୍କର ଗୋଟିଏ ଉପହାରକୁ ଭଗବାନଙ୍କର ଆଉ ଗୋଟିଏ ଉପହାର ହାତରେ ଅର୍ପଣ ମାତ୍ର କରିଥାଅ । ତୁମେ ଭଗବାନଙ୍କ ଉପହାରକୁ ଦିବ୍ୟତତ୍ତ୍ୱର ଭଣ୍ଡାରରେ ରଖିଥାଅ । ଭଗବାନ ସେବା କରନ୍ତି; ତୁମେ ସେବା କରିଛ ବୋଲି ଦାବି କରିବାକୁ ସେ ତୁମକୁ ଅନୁମତି ଦିଅନ୍ତି । ତାଙ୍କ ଇଚ୍ଛା ବିନା ଘାସ ପତ୍ରଟିଏ ବି ପବନରେ ହଲି ପାରିବ ନାହିଁ । ପ୍ରତି ମୁହୂର୍ତ୍ତକୁ ସବୁ ଉପହାରର ଦାତା ଓ ଗ୍ରହୀତାଙ୍କ ପ୍ରତି କୃତଜ୍ଞତାରେ ଭରିଦିଅ ।

↑ ବସ୍ତିବାସିନ୍ଦା, କୁଡ଼ିଆଘରେ ରହୁଥିବା ଗରିବ, ଅବହେଳିତଙ୍କ ପାଖକୁ ଯାଅ ଏବଂ ପ୍ରଚୁର ପରିମାଣରେ ପ୍ରେମ ଓ ଆଲୋକ ସେମାନଙ୍କ ପାଖକୁ ନିଅ । "ଭଗବାନ ନିରାଶ୍ରୟର ଆଶ୍ରୟ" ବୋଲି ଏକ ପ୍ରବାଦ ଅଛି । ଏପରି ଲୋକମାନେ ଥିବା ସ୍ଥାନକୁ ଯାଅ ଏବଂ ସେମାନଙ୍କ ହୃଦୟକୁ ଆଶା ଓ ସାମର୍ଥ୍ୟର ସନ୍ଦେଶ ବହନ କରି ନିଅ । ସେମାନେ ତୁମକୁ ସ୍ୱାଗତ କରିବା ବେଳେ ଏବଂ ତୁମକୁ ସେମାନଙ୍କର ସେବା କରିବାର ସୁଯୋଗ ଦେବା ବେଳେ ସେମାନଙ୍କ ପ୍ରତି କୃତଜ୍ଞ ହୁଅ ।

↑ ଚିକିତ୍ସାଳୟରେ ପଦେ ଆଶ୍ୱାସନାପୂର୍ଣ୍ଣ ବଚନ କହିବାକୁ କେହି ନଥିବା ରୋଗୀମାନଙ୍କର ଶଯ୍ୟା ପାଖକୁ ତୁମେ ସହାନୁଭୂତିର ଆଲୋକ ବହନ କରି ନେଲେ ସେମାନେ କୃତଜ୍ଞତାରେ ଅଶ୍ରୁପୂର୍ଣ୍ଣ ହୋଇଯିବେ ।

↑ ଭଗବାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଆଖି ଖୋଲି ମଣିଷ ଭାଇର ସେବା କରିବାକୁ ହେବ । ସେ ହେଉଛି ଭଗବାନଙ୍କ ଅବତାର, ଯାହାକୁ ହୃଦୟଭରା ଉପାସନା ଓ ଆଦର କରି ହେବ ।

↑ ଅନ୍ୟଜଣକର ଆନନ୍ଦ ବଢାଇବା ବେଳେ ଯେଉଁ ଆନନ୍ଦ ମିଳେ ତାହା ଅତୁଳନୀୟ । ଅନ୍ୟ ଲୋକର ଦୁର୍ଦ୍ଦଶା ଦେଖିବା ବେଳେ ତୁମର ହୃଦୟ ତରଳିଯିବା ଉଚିତ । ତାହା ହିଁ ସାତ୍ତ୍ୱିକ, ପୁଣ୍ୟାତ୍ମା ବ୍ୟକ୍ତିର ଲକ୍ଷଣ । ତମୋଗୁଣୀ ବ୍ୟକ୍ତି ଉଦାସୀନ ହେବ, ସେ ପ୍ରଭାବିତ ହେବା ପାଇଁ ଖୁବ୍ ମାନ୍ଦା, ଖୁବ୍ ନିସ୍ତେଜ; ରଜୋଗୁଣୀ ବ୍ୟକ୍ତି ଦୁର୍ଦ୍ଦଶା ଘଟାଇଥିବା ଲୋକକୁ ଦଣ୍ଡ ଦେବା ପାଇଁ ବାହାରି ପଡ଼ିବ ଏବଂ ହୁଏତ ଦୁଃଖୀ ବ୍ୟକ୍ତିର ଦୁର୍ଦ୍ଦଶା ଉପଶମ କରିବା କଥା ଭୁଲିଯିବ । କଠୋରତା ହିଁ ସମସ୍ତ ନିଷ୍ଠୁରତାର ମୂଳ କାରଣ, ଯାହା ପୃଥିବୀର ସବୁ ଦେଶରେ ମନୁଷ୍ୟର ଦିବ୍ୟ ସ୍ୱଭାବକୁ ବିକୃତ କରେ ।

↑ ଅନ୍ଧ ବ୍ୟକ୍ତି ଅନ୍ୟମାନଙ୍କର କଷ୍ଟ ଦେଖି ପାରିବ ନାହିଁ କିମ୍ବା ବଧିର ବ୍ୟକ୍ତି

ଦୁଃଖୀ ଲୋକର ବିଳାପରେ ବିଚଳିତ ହୋଇ ପାରିବ ନାହିଁ । ଦୁର୍ଦ୍ଦଶାର ଦୃଶ୍ୟ ହୃଦୟକୁ କୋମଳ କରେ ।

↑ ତୁମେ କେବଳ ନିଜର ସୁଖ-ଦୁଃଖ ବିଷୟରେ ସଚେତନ ହେବା ବେଳେ ଅନ୍ୟମାନଙ୍କର ସୁଖ-ଦୁଃଖ ପ୍ରତି ଅନ୍ଧ ହୋଇ ଯାଇଥାଅ; ତୁମର ଆଖି ବନ୍ଦ ହୋଇ ଯାଇଥାଏ । ତୁମେ ଅଲଗା ଥାଅ, ଅନ୍ୟମାନେ ଦୂରରେ ଥାଆନ୍ତି । ଏକ ନ ଥାଏ ।

↑ ସେବା "ତାହା ଓ ଏହା ଏକ"ର ଦୃଢ଼ ଭିତ୍ତିଭୂମିରେ ଭଲ ଭାବେ ନିର୍ମିତ ହୋଇଥାଏ; ତାହା ହିଁ ଏହା; ଏହା ହିଁ ତାହା । ଅନ୍ୟ ବୋଲି କିଛି ନାହିଁ; କେବଳ ଏକ ଅଛି । ରୋଗୀ ଓ ଦୁଃଖୀଙ୍କୁ ତୁମେ ଦେଉଥିବା ଉପଶମ ଓ ଆନନ୍ଦ ମୋ ପାଖରେ ପହଞ୍ଚିଥାଏ । କାରଣ ମୁଁ ସେମାନଙ୍କର ହୃଦୟରେ ଅଛି ଏବଂ ମୋତେ ହିଁ ସେମାନେ ଡାକ ପକାଇ ଥାଆନ୍ତି । ଭଗବାନ ତୁମର ସେବା ଦରକାର କରନ୍ତି ନାହିଁ । ପୁଣ୍ୟାତ୍ମାମାନଙ୍କର ସେବା କର; ଭଗବାନଙ୍କର ଦାସାନୁଦାସ ହୁଅ ।

↑ ପଥର ହୃଦୟ ହିଁ ଅନ୍ୟମାନେ ସହୁଥିବା କଷ୍ଟ ପ୍ରତି ଆଖିକୁ ଅନ୍ଧ କରିଦିଏ ।

↑ ତୁମ ପାଖରେ ବସିଥିବା ଲୋକଟି ଦୁଃଖରେ ବୁଡ଼ି ଯାଉଥିବା ବେଳେ ତୁମେ ସୁଖୀ ହୋଇ ପାରିବ କି ? ହୋଇପାରେ ଯେ ପିଲାଟି ଅତି ବିକଳ ଭାବରେ କାନ୍ଦୁଥିବାର ତୁମେ ଶୁଣିବ । ସମବେଦନାରେ ତୁମର ଆଖି ଛଳଛଳ ହୋଇଯିବ । କାହିଁକି ? ଦୁହିଁଙ୍କ ମଧ୍ୟରେ ଏକ ଅଦୃଶ୍ୟ ବନ୍ଧନ ଅଛି । କେବଳ ମଣିଷଠାରେ ହିଁ ସହାନୁଭୂତିର ଗୁଣ ଅଛି; ଅନ୍ୟମାନେ ସୁଖୀ ହେବା ବେଳେ ସେ ସୁଖୀ ହୋଇ ପାରିବ ଏବଂ ଅନ୍ୟମାନେ ଦୁଃଖୀ ହେବା ବେଳେ ସେ ଦୁଃଖୀ ହେବ। ସେଥିପାଇଁ ହିଁ ସେ ସୃଷ୍ଟିର ମୁକୁଟ, ପ୍ରାଣୀଜଗତର ସର୍ବୋଚ୍ଚ ଶିଖର ।

↑ ସ୍ୱେଚ୍ଛାସେବୀର ହୃଦୟ ଅନ୍ଧ, ଦରିଦ୍ର, କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ, ଭିଡ଼ରେ ପିତାମାତାଙ୍କଠାରୁ ଅଲଗା ହୋଇଯାଇଥିବା ପିଲା, ହଜି ଯାଇଥିବା ପିଲାମାନଙ୍କୁ ଖୋଜୁଥିବା ପିତାମାତା, ରୋଗୀ, ଅକ୍ଷମ ଓ ହଇରାଣ ହେଉଥିବା ସମସ୍ତଙ୍କ ପ୍ରତି ଦୟାରେ ତରଳି ଯିବା ଉଚିତ ।

↑ ଅସହାୟ, ରୁଗ୍ଣ, ଦୁଃଖୀ, ନିରକ୍ଷର ଓ ନିଃସ୍ୱମାନଙ୍କର ସେବା କରାଯିବା ଉଚିତ । ସେବା ଲୋକଦେଖାଣିଆ ହେବା ଉଚିତ ନୁହେଁ; ଏହା କୌଣସି ପୁରସ୍କାର ଆଶା କରିବା ଉଚିତ ନୁହେଁ, କୃତଜ୍ଞତା ବା ଟଙ୍କା ମଧ୍ୟ ନୁହେଁ,

କାରଣ ଜୀବନ ଅଧିକ ମୂଲ୍ୟବାନ ।

↑ ସବୁ ସମୟରେ ତୁମ ଚାରିପଟେ, ଏପରିକି ତୁମକୁ ଦିଆଯାଇଥିବା କାମର ପରିସର ବାହାରେ ଅତିରିକ୍ତ ସୁଯୋଗ ଖୋଜୁଥାଅ । ସେବା କର, କାରଣ ତୁମେ କରିବା ଉଚିତ, କାରଣ ତୁମର ଅନ୍ତଃକରଣ ତୁମକୁ ତାହା କରିବାକୁ ପ୍ରେରିତ କରୁଛି, କାରଣ ତୁମେ ସେଥିରୁ ଆନନ୍ଦ ପାଉଛ ।

↑ ତୁମ ହୃଦୟର ପୀଡ଼ା ଦୂର କରିବା ପାଇଁ ସେବା କର ।

↑ ତୁମେ ଦେଉଥିବା ସବୁ ସାହାଯ୍ୟ ତୁମ ନିଜ ପାଇଁ ହିଁ ପ୍ରଦତ୍ତ ସାହାଯ୍ୟ ଅଟେ; ସବୁ ସେବା କେବଳ ଆତ୍ମା ପାଇଁ । ଆଉ ଜଣେ ଦୁଃଖରେ ଥିବାବେଳେ ତୁମେ ସୁଖୀ ହୋଇପାରିବ ନାହିଁ; ଆଉ ଜଣେ ଗରିବ ଥିବାବେଳେ ତୁମେ ଧନୀ ହୋଇପାରିବ ନାହିଁ । ଏକା ଶକ୍ତି ସମସ୍ତଙ୍କ ପାଖରେ ପ୍ରବାହିତ ହେଉଛି ଓ ସମସ୍ତଙ୍କୁ ସକ୍ରିୟ କରୁଛି । ଏ ସବୁ ଭଗବାନ, ଏ ସବୁ ବାସୁଦେବ ।

↑ ତୁମକୁ ଅହଂକାରୀ ପ୍ରବୃତ୍ତିର ସନ୍ତୁଳନ କରିବାକୁ ହେବ, ସମସ୍ତ ନିଜ-ପର ଭାବନାରୁ ମୁକ୍ତ ହେବାକୁ ପଡ଼ିବ ଏବଂ ତୁମେ କୌଣସି ଗରିବ ବା ଅଭାଗାର ସେବା କରୁଛ ବୋଲି ଭାବନାରୁ ଆସୁଥିବା ଗର୍ବକୁ ପୋଡ଼ି ପାଉଁଶ କରିଦିଅ । ଅହଙ୍କାର ଓ ମମକାର ହିଁ ପୃଥିବୀରେ ସବୁ ଦୁର୍ଦ୍ଦଶାର ମୂଳ ।

↑ କୌଣସି ଲୋକ କଷ୍ଟ ଭୋଗୁଥିବା ବେଳେ ତା' ପାଖକୁ ଯାଅ ଏବଂ ମଧୁର ଓ ସାନ୍ତ୍ୱନାପୂର୍ଣ୍ଣ ସ୍ୱରରେ କହ, "ମୁଁ ତୁମ ପାଇଁ କ'ଣ ଆଣିବି ? କିଛି ବ୍ୟସ୍ତ ହୁଅ ନାହିଁ , ଆମେ ତୁମର ଯତ୍ନ ନେବୁ ।" ସେହି ପ୍ରେମପୂର୍ଣ୍ଣ ବଚନ ତାର କଷ୍ଟ ଲାଘବ କରିବ । କୃତଜ୍ଞତାରେ ଭରିଯିବ ।

↑ ଦୁଃଖୀ ଓ ରଙ୍କିଙ୍କୁ ଭଲ ପାଉଥିବା ଭଗବାନଙ୍କର କିପରି ଜଣେ ଚିନ୍ତନ କରି ପାରିବ ଓ ତତ୍ ସହିତ ନିଜ ଚାରିପଟେ ଗରିବ ଓ ଦୁଃଖୀଙ୍କୁ ଦେଖି ଚୁପ୍ ହୋଇ ରହିପାରିବ ?

↑ ପରମ ଆଦର ଓ ବୁଦ୍ଧିମତ୍ତାର ସହିତ ଦୁଃଖୀ, ରୋଗୀ, ବୃଦ୍ଧ, ଅସହାୟ ଓ ଶିଶୁମାନଙ୍କର ସେବା କର ।

↑ ଯେଉଁ ଔଷଧ ଦ୍ୱାରା ରୋଗୀ ଆରୋଗ୍ୟ ହୋଇପାରିବ ତାହା କିଣିବା ତା ପକ୍ଷରେ ସମ୍ଭବ ନ ହେଲେ ଏବଂ ତାହା ତାର ଜୀବନ ରକ୍ଷା କରିବା ପାଇଁ ଅତି ଜରୁରୀ ଓ ଆବଶ୍ୟକ ବୋଲି ଡାକ୍ତର କହିଲେ ଟଙ୍କା ଧାର

ମାଗିବାକୁ ବା ଦେବାକୁ ପଶ୍ଚାତ୍‌ପଦ ହୁଅ ନାହିଁ, କାରଣ ତା'ର ଜୀବନ ଅଧିକ ମୂଲ୍ୟବାନ ।

↑ ଅତି ଆବଶ୍ୟକ ସମୟରେ ସେବା ହିଁ ସବୁଠାରୁ ହିତକର ।

↑ ଚିକିତ୍ସାଳୟରେ ଅବହେଳିତ ହୋଇ ପଡ଼ିଥିବା ଗରିବମାନଙ୍କର ସେବା କର । ଭଗବାନ ଦୟାପୁଷ୍ପରେ ଉପାସିତ ହେବାକୁ ପସନ୍ଦ କରନ୍ତି ।

↑ ତୁମେ ଯଦି ଦୟା ଓ କରୁଣା ପ୍ରଦର୍ଶନ କରିପାରିବ ନାହିଁ ତେବେ ତୁମର ଜନ୍ମ ତୁମ ମାତାଙ୍କର ସ୍ୱାସ୍ଥ୍ୟହାନି ଘଟାଇବା ପାଇଁ ଉଦ୍ଦିଷ୍ଟ ।

↑ କାହାରିକୁ ଦୁଃଖ ବା କଷ୍ଟରେ ପୀଡ଼ିତ ହେବାର ଦେଖିଲେ ଖାଲି ଚାହିଁ ରହ ନାହିଁ। ଯଥାସମ୍ଭବ କଷ୍ଟ ଲାଘବ କର ଏବଂ ଦୁଃଖୀକୁ ସାନ୍ତ୍ୱନା ଦିଅ ।

↑ ଲୋକମାନଙ୍କୁ ଟଣାଓଟରା କର ନାହିଁ । କୋମଳ ଓ ମଧୁର ଭାବରେ କଥା କହ । ବୃଦ୍ଧ ଓ ଅକ୍ଷମମାନଙ୍କୁ ଅଧିକ ସୁବିଧାଜନକ ସ୍ଥାନକୁ ନେଇଯିବ ବୋଲି କହ । ତାହେଲେ ସେମାନେ ତୁମ ପ୍ରତି ଅତିଶୟ କୃତଜ୍ଞ ହେବେ । ଦେଖ ଯେପରି ସେମାନେ ଖରାରେ ନ ବସନ୍ତି, କାରଣ ସେମାନଙ୍କର ରକ୍ତଚାପ ଓ ଅନ୍ୟ ଅକ୍ଷମତା ଥାଇପାରେ ଏବଂ ସେମାନେ କ୍ଷତିଗ୍ରସ୍ତ ହୋଇପାରନ୍ତି । ଭିଡ଼ ଭିତରୁ ସେମାନଙ୍କୁ ସାହାଯ୍ୟ କର । ଏକ ଦୁର୍ଲଭ ଫୁଲ ବା ମୂଲ୍ୟବାନ ଫଳ ପରି ସେମାନଙ୍କ ସହିତ ବ୍ୟବହାର କର ।

↑ ତୁମର ପ୍ରତ୍ୟେକ କାର୍ଯ୍ୟକୁ ପ୍ରେମପୂର୍ଣ୍ଣ କର । ତୁମର ଚିନ୍ତା, ବଚନ ବା କର୍ମ ଯୋଗୁଁ ଯେପରି କେହି ଟିକିଏ ହେଲେ କଷ୍ଟ ନ ପାଏ । ଏହା ତୁମର ଆଧ୍ୟାତ୍ମିକ ସାଧନା ହେଉ । ଏହା ନିଶ୍ଚିତ ଭାବରେ ତୁମକୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ।

↑ ସେବାରେ ଖାଲି ସମ୍ବେଦନା ଓ ସହାନୁଭୂତିର କିଛି ଉପଯୋଗିତା ନାହିଁ; ସେଗୁଡ଼ିକ ବୁଦ୍ଧି ଦ୍ୱାରା ନିୟମିତ ହେବା ଉଚିତ । ଦୁଃଖୀକୁ ଆନନ୍ଦ ଦିଅ, ଯେଉଁମାନେ ବାଟବଣା ହୋଇଛନ୍ତି ସେମାନଙ୍କୁ ଆରାମ ଦିଅ, ଅନ୍ୟମାନଙ୍କର ଦୋଷ ପ୍ରତି ତୁମର ଆଖି ବୁଜି ଦିଅ, କିନ୍ତୁ ତୁମ ନିଜର ଦୋଷ ଖୋଜିବା ପାଇଁ ସେଗୁଡ଼ିକୁ ଖୋଲା ରଖ । ଏ ସବୁ କଠିନ କାମ ।

↑ ପୃଥିବୀରେ ମାନବ ଜୀବନର ପରିପୂର୍ଣ୍ଣତା ନିଜକୁ ଭଗବତ୍ ପ୍ରେମରେ ଭରି ଦେବାରେ ଏବଂ ସେହି ପ୍ରେମକୁ ସେବା, ଭଗବତ୍ ସ୍ୱରୂପ ମନୁଷ୍ୟର ସେବାରେ

ରୂପାନ୍ତରିତ କରିବାରେ ନିହିତ । ମଣିଷଠାରେ ଯଦି ପ୍ରେମ ନ ଥାଏ ଏବଂ ସେ ଯଦି ତାହା ଅନ୍ୟମାନଙ୍କୁ ନ ଦିଏ ତେବେ ସେ ପୃଥିବୀ ପାଇଁ ଏକ ବୋଝ ।

↑ ପ୍ରତ୍ୟେକଙ୍କୁ ଦିବ୍ୟସ୍ୱରୂପ ଭାବରେ ଦେଖ ଏବଂ ପ୍ରେମ, ବୁଝାମଣା ଓ ସେବା ଅର୍ପଣ କରି ସେହିପରି ଭାବରେ ପ୍ରତ୍ୟେକଙ୍କର ଉପାସନା କର । କେବଳ ଅନ୍ଧ ଅନ୍ୟମାନଙ୍କର ଦୁର୍ଦ୍ଦଶା ପ୍ରତି ଉଦାସୀନ ରହିବ; କେବଳ ବଧିର ଅନ୍ୟମାନଙ୍କର ଚିତ୍କାର ଦ୍ୱାରା ଅପ୍ରଭାବିତ ରହିବ । ବସ୍ତୁତଃ ଅନ୍ୟ ବୋଲି କେହି ନାହିଁ । ତୁମେ ସମସ୍ତେ ଭଗବାନଙ୍କ ଶରୀରର ଜୀବକୋଷ, ପ୍ରତ୍ୟେକ ତାଙ୍କର ଇଚ୍ଛାର ପୂରଣ ପାଇଁ କାମ କରୁଛନ୍ତି ।

↑ ସେବା ଏକ ସାଧାରଣ ବ୍ୟବହୃତ ଶବ୍ଦ ହୋଇଯାଇଛି; କିନ୍ତୁ ଏହାର ମୂଲ୍ୟ ପ୍ରୟୋଗକାରୀମାନଙ୍କ ଯୋଗୁଁ ବହୁତ ହ୍ରାସ ପାଇଛି । ପ୍ରକୃତରେ କହିବାକୁ ଗଲେ ଦୁଃଖ ଓ କଷ୍ଟ, ଦୁର୍ଦ୍ଦଶା ବା ରୋଗ ଦେଖି ଯେଉଁମାନେ ସମାନ ଯନ୍ତ୍ରଣା ଭୋଗ କରୁଛନ୍ତି କେବଳ ସେହିମାନଙ୍କର ହିଁ ସେବା କରିବାର ଅଧିକାର ଅଛି, କାରଣ ସେମାନେ ଅନ୍ୟମାନଙ୍କର ସେବା କରୁନାହାନ୍ତି, ସେମାନେ ନିଜର ସେବା କରୁଛନ୍ତି; ସେମାନେ ଯଥାସାଧ୍ୟ ଶୀଘ୍ର ଓ ବୁଦ୍ଧିମତ୍ତାର ସହ ନିଜର ପୀଡ଼ା ଦୂର କରିବା ପାଇଁ ସେବା କରୁଛନ୍ତି ।

↑ ଅଜ୍ଞତା, ରୋଗ ବା ଅଭାବର କୁଣ୍ଡଳୀରେ ଛନ୍ଦି ହୋଇଥିବା ଲୋକମାନଙ୍କୁ ଦେଖି ଯେଉଁ ହୃଦୟ ତରଳେ ନାହିଁ ତାକୁ ଅସୁର ହୃଦୟ ବୋଲି କୁହାଯିବା ଉଚିତ; ତାକୁ ପଶୁହୃଦୟ ବୋଲି କହିବା ପଶୁମାନଙ୍କ ପାଇଁ ଏକ ଅପମାନ ।

↑ ମନେରଖ, ପ୍ରତିଟି ପ୍ରେମ ଓ ସେବା କାର୍ଯ୍ୟରେ ତୁମେ ଦିବ୍ୟ ଉପସ୍ଥିତି ଆଡ଼କୁ ପାଖେଇ ଯାଉଛ ।

↑ ତୁମେ ମନୁଷ୍ୟକୁ ଭଲ ନ ପାଇଲେ ତୁମର ହୃଦୟ ଭଗବାନଙ୍କୁ ଭଲ ପାଇବ ନାହିଁ । ମଣିଷଭାଇକୁ ଘୃଣା କରି ତୁମେ ତତ୍ ସହିତ ଭଗବାନଙ୍କର ଉପାସନା କରି ପାରିବ ନାହିଁ । ତୁମେ ସେପରି କଲେ ଭଗବାନ ସେହି ମିଥ୍ୟାଚାରକୁ ଗ୍ରହଣ କରିବେ ନାହିଁ । ଭଗବାନ ପ୍ରତ୍ୟେକଙ୍କ ହୃଦୟନିବାସୀ; ତେଣୁ ଯାହାର ସେବା କଲେ ବି ସେହି ସେବା ତା ଭିତରେ ଥିବା ଭଗବାନଙ୍କଠାରେ ପହଞ୍ଚିଥାଏ; ଏହା ତୁମ ପାଇଁ ଭଗବତ୍ କୃପା ଆନୟନ କରେ ।

↑ ଜୀବେଦୟା ମନୁଷ୍ୟମାନଙ୍କର ଅନ୍ୟତମ ମହତ୍ତ୍ୱପୂର୍ଣ୍ଣ ଗୁଣ । ମାନବ ଶବ୍ଦ ହିଁ ଦୟାକୁ ସୂଚିତ କରିଥାଏ ।

↑ କେବଳ ମନୁଷ୍ୟ ସେବା କରିବାକୁ ଯୋଗ୍ୟ; ତାହା ତାର ବିଶେଷ ଗୌରବ ଓ ଅନନ୍ୟ ଦକ୍ଷତା ।

↑ ତୁମେ ମାନବସେବା କଲେ ଅବତାର ସ୍ୱାଭାବିକ ଭାବରେ ପ୍ରୀତ ହେବେ ଏବଂ ତୁମେ ଅନୁଗ୍ରହ ଲାଭ କରିପାରିବ ।

↑ ଦୁର୍ବଳ, ଅସହାୟ, ଦୁଖୀ ଓ ରଙ୍କିଙ୍କ ପ୍ରତି ପ୍ରେମପୂର୍ଣ୍ଣ ସେବାରେ ଜୀବନ ଯାପନ କରିବାକୁ ସଂକଳ୍ପ କର । ସହିଷ୍ଣୁତା ଓ ଧୈର୍ଯ୍ୟ, ବଦାନ୍ୟତା ଓ ମହାନତାର ଅନୁଶୀଳନ କର ।

↑ ମୁଁ ତୁମକୁ କିଛି କ୍ଷୁଧାର୍ତ୍ତ ଲୋକଙ୍କୁ ସ୍ୱାଦିଷ୍ଟ ଭୋଜନ ଦେବା ପାଇଁ କହିବି, ଯେଉଁମାନେ ସେମାନଙ୍କ ଜୀବନରେ କେବେହେଲେ ପେଟପୂରା ଭୋଜନ କରିବାର ଆନନ୍ଦ ପାଇଁ ନାହାନ୍ତି; ମହାର୍ଘ ଭୋଜନ ତ ଦୂରର କଥା ।

↑ ଅନ୍ନଦାନ ହିଁ ସବୁଠାରୁ ମହତ୍ ଦାନ ।

♦♦♦

ଗୀତା କହେ

ସବୁ ହାତ ତାଙ୍କର
ସବୁ ପାଦ, ସବୁ ଆଖି, ସବୁ ମୁଖ
ସବୁ ପାଟି ତାଙ୍କର ।

ସେ ସବୁ ହାତରେ କାମ କରନ୍ତି,
ସେ ସବୁ ପାଦରେ ଚାଲନ୍ତି
ସେ ସବୁ ଆଖିରେ ଦେଖନ୍ତି
ସେ ସବୁ ପାଟିରେ ଖାଆନ୍ତି
ଓ
କଥା କହନ୍ତି
ସବୁ କିଛି ସେ,
ସବୁ କିଛି ତାଙ୍କର ।
ପ୍ରତ୍ୟେକ ଚାହାଣି,
ପ୍ରତ୍ୟେକ ବଚନ,
ପ୍ରତ୍ୟେକ କର୍ମ
ତାଙ୍କର ।

ଏହି ଶିକ୍ଷା
ସେବା ପ୍ରଦାନ କରିଥାଏ ।

♦♦♦